# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଏପ୍ରିଲ ୨୪/୨୦୨୪ (୧୬ ପୃଷ୍ଠା) | Bhubaneswar, Wednesday, April 24/2024 | Page 16 | ₹ 7.00

୫୦ଶ ଭାଗ ୧୫୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 150 | ମୂଲ୍ୟ ₹୭/-




## ଜୋକୋଭିଚ୍‌ଙ୍କୁ ଲୌରିଅସ ପୁରସ୍କାର

ରେକର୍ଡ ୫ମ ଥର ଲୌରିଅସ ପୁରସ୍କାର ଜିତି ରୋଜର ଫେଡରରଙ୍କ ସମକକ୍ଷ ହୋଇଛନ୍ତି ନୋଭାକ ଜୋକୋଭିଚ୍।


୧୩



୦୨


## ସେଲ୍ସ ଗର୍ଲ ହେଲେ ଶ୍ରଦ୍ଧା

ଅଭିନେତ୍ରୀ ଶ୍ରଦ୍ଧା କପୁର ଇନ୍‌ଷ୍ଟାଗ୍ରାମରେ ଏକ ଭିଡିଓ ପୋଷ୍ଟ କରିଛନ୍ତି। ଏଥିରେ ସେ ଜଣେ ସେଲ୍ସ ଗର୍ଲଙ୍କ ପରି ଗ୍ରାହକଙ୍କୁ ଅଳଙ୍କାର ବିକ୍ରି କରୁଛନ୍ତି।



## ବିମାନରେ ଛୋଟ ପିଲାଙ୍କୁ ଅଭିଭାବକଙ୍କ ପାଖରେ ବସାଇବା ବାଧ୍ୟତାମୂଳକ

**ନୂଆଦିଲ୍ଲୀ, ୨୩।୪**

ବିମାନରେ ୧୩ ବର୍ଷରୁ କମ୍ ବୟସର ପିଲାମାନେ ଯେପରି ସେମାନଙ୍କ ମାଆବାପା କିମ୍ବା ଅଭିଭାବକଙ୍କ ପାଖ ସିଟ୍‌ରେ ବସନ୍ତି, ତାହା ସୁନିଶ୍ଚିତ କରିବାକୁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଏୟାରଲାଇନ୍ସଗୁଡ଼ିକୁ ନିର୍ଦ୍ଦେଶ ଦେଇଛି। ଅନେକ ସମୟରେ ଛୋଟ ପିଲା ସେମାନଙ୍କ ଅଭିଭାବକଙ୍କ ପାଖ ସିଟ୍‌ରେ ବସୁ ନ ଥିବା ନଜରକୁ ଆସିବା ପରେ ଡିଜିସିଏ ପକ୍ଷରୁ ଉପରୋକ୍ତ ନିର୍ଦ୍ଦେଶନାମା ଜାରି ହୋଇଛି। ଉକ୍ତ ନିର୍ଦ୍ଦେଶନାମା ଅନୁଯାୟୀ ୧୨ ବର୍ଷ ବୟସ ପର୍ଯ୍ୟନ୍ତ ଯେଉଁ ପିଲା ସେମାନଙ୍କ ମାଆବାପା କିମ୍ବା ଅଭିଭାବକଙ୍କ ମଧ୍ୟରୁ ଜଣକ ସହ ସମାନ ପିଏନ୍‌ଆର୍ (ପାସେଞ୍ଜର ନେମ୍ ରେକର୍ଡ)ରେ ଯାତ୍ରା କରୁଥିବେ, ସେମାନଙ୍କୁ ସିଟ୍ ମଞ୍ଜୁର କରାଯିବ ଏବଂ ଏହାର ରେକର୍ଡ ରଖାଯିବ ବୋଲି ଡିଜିସିଏ ପ୍ରେସ୍ ନୋଟ୍‌ରେ କୁହାଯାଇଛି। ସଂଶୋଧିତ ଏୟାର ଟ୍ରାନ୍ସପୋର୍ଟ ସର୍କୁଲାର ଅନୁଯାୟୀ ବିନା ବ୍ୟାଗେଜ୍, ପସନ୍ଦ ଅନୁଯାୟୀ ସିଟ୍ ବ୍ୟବସ୍ଥା, ଖାଦ୍ୟ/ସ୍ନାକ୍ସ/ପାନୀୟ ଦେୟ ଓ ମ୍ୟୁଜିକାଲ ଉପକରଣ ପରିବହନ ଆଦି ସେବା ଦେୟକୁ ଅନୁମତି ଦିଆଯାଇଛି।



ଆସନ୍ତା ଚନ୍ଦନ ଯାତ୍ରା ପାଇଁ ପୁରୀ ନରେନ୍ଦ୍ର ପୁଷ୍କରିଣୀରେ ବୁଡ଼ାଇ ରଖାଯାଇଥିବା ଡଙ୍ଗାଗୁଡ଼ିକୁ ମଙ୍ଗଳବାର ଚୈତ୍ର ପୂର୍ଣ୍ଣିମାରେ ଭୋଇ ସେବକମାନେ ବାହାର କରୁଛନ୍ତି। **(ଫଟୋ: ଯଜ୍ଞେଶ୍ୱର ମହାନ୍ତି)**

## ପାରାଦୀପରେ ଜାହାଜରୁ ମିଳିଲା ମୃତଦେହ

**ପାରାଦୀପ, ୨୩।୪ (ଶରତ ରାଉତ)**

ପାରାଦୀପ ବନ୍ଦରର ନିଷିଦ୍ଧାଞ୍ଚଳରେ ଥିବା ଏକ ଜାହାଜ ମଧ୍ୟରୁ ମଙ୍ଗଳବାର ସକାଳେ ଜଣେ ଯୁବକଙ୍କ ମୃତଦେହ ମିଳିଛି। ସେ ହେଲେ କଟକ ଜିଲା ବଡ଼ମ୍ବା ଅଞ୍ଚଳର ବିଭୂତି ବାରିକ। ସେ ଓଏସ୍‌ଏଲ କମ୍ପାନୀର ଭାରିଯାନ ଅପରେଟର ଭାବେ କାର୍ଯ୍ୟରତ ଥିଲେ। ସକାଳେ ବନ୍ଦରର ଏସ୍‌କ୍ୟୁ ବର୍ଥରେ ଲାଗିଥିବା ଏମ୍‌ଭି ଥ୍ରାସିଭୋଲୋସ ଜାହାଜର ହାର୍ଜ (ଖଣି) କଭର ପକାଇବାବେଳେ ଅସାବଧାନତାବଶତଃ ତା'ଭିତରେ ରହିଯାଇଥିବା କୁହାଯାଉଛି। ସେଠାରେ ଅଣନିଃଶ୍ୱାସୀ ହୋଇ ତାଙ୍କ ମୃତ୍ୟୁ ଘଟିଥାଇପାରେ ବୋଲି ଆଶଙ୍କା କରାଯାଉଛି। ଏହାପରେ ବିଭୂତିଙ୍କ ମୃତଦେହ ପୋର୍ଟ ହସ୍ପିଟାଲରେ ରଖାଯାଇଛି। ପାରାଦୀପ ଆଦର୍ଶ ଥାନା ପୋଲିସ ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅପରାହ୍ନରେ ବିଭୂତିଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଏନେଇ ଆଦର୍ଶ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

# ଆଇଏମ୍‌ଏକୁ ସୁପ୍ରିମ୍‌କୋର୍ଟଙ୍କ ଭର୍ତ୍ସନା

**ନୂଆଦିଲ୍ଲୀ, ୨୩।୪**

ପତଞ୍ଜଳି ଆୟୁର୍ବେଦର ବିଜ୍ଞାପନ ମାମଲାରେ ସୁପ୍ରିମକୋର୍ଟ ମଙ୍ଗଳବାର ଇଣ୍ଡିଆନ୍ ମେଡିକାଲ ଆସୋସିଏଶନ୍ (ଆଇଏମ୍‌ଏ)କୁ ଭର୍ତ୍ସନା କରିଛନ୍ତି। ଔଷଧ ଏବଂ ଫାଷ୍ଟ ମୁଭିଂ କଞ୍ଜ୍ୟୁମର ପ୍ରଡକ୍ଟ (ଏଫ୍‌ଏମ୍‌ସିଜି) ପ୍ରେସ୍‌କ୍ରାଇବ୍ କରିବା ସମୟରେ ଆଇଏମ୍‌ଏ ଦୋମୁହାଁ ନୀତି ଅବଲମ୍ବନ କରୁଛି। ଆସୋସିଏଶନ୍‌ର ଡାକ୍ତରମାନେ ଅନାବଶ୍ୟକ ଭାବେ ଦାମୀ ଓ ଅଣଜରୁରୀ ଔଷଧ ଲେଖୁଛନ୍ତି, ଯାହାକି ଅନୈତିକ କାର୍ଯ୍ୟ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଉକ୍ତ ଡାକ୍ତରମାନଙ୍କ ବିରୋଧରେ କ'ଣ ପଦକ୍ଷେପ ଗ୍ରହଣ କରିଛ ବୋଲି ଆଇଏମ୍‌ଏକୁ ଜଷ୍ଟିସ୍ ହିମା କୋହଲି ଏବଂ ଅହସାନୁଦ୍ଦିନ୍ ଅମାନୁଲ୍ଲାହଙ୍କୁ ନେଇ ଗଠିତ ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ଆଇଏମ୍‌ଏକୁ ଖଣ୍ଡପୀଠ କହିଛନ୍ତି ଯେ, ତୁମ ଆଡ଼କୁ ୪ଟି ଅଙ୍ଗୁଳି ରହିଛି, ତୁମେ କାହାକୁ ଅଙ୍ଗୁଳି ଦେଖାଉଛ। ଏଭଳି ଅନୈତିକ କାର୍ଯ୍ୟ ଜାରି ରହିଲେ ତୁମକୁ କାହିଁକି ପ୍ରଶ୍ନ କରାଯିବ ନାହିଁ। ଆଇଏମ୍‌ଏ ବିରୋଧରେ ଅନୈତିକ କାର୍ଯ୍ୟଶୈଳୀ ଆପଣାଇବା ନେଇ ବହୁ ଅଭିଯୋଗ ରହିଛି। ଅନେକ ଏଫ୍‌ଏମ୍‌ସିଜି କମ୍ପାନୀ ନିଜର ଉତ୍ପାଦକୁ ନେଇ ଭୁଲ୍ ଦାବି କରିଆସୁଛନ୍ତି। ଏଭଳି ଉତ୍ପାଦଗୁଡ଼ିକର ବିଜ୍ଞାପନ ଗଣମାଧ୍ୟମକୁ ଆସୁଛି, ଯାହାର ବ୍ୟବହାର ଫଳରେ ଛୋଟପିଲା, ସ୍କୁଲ ଛାତ୍ରୀଛାତ୍ର, ବରିଷ୍ଠ ନାଗରିକଙ୍କ ଉପରେ ଖରାପ ପ୍ରଭାବ ପଡୁଛି। ଏ ମାମଲାରେ ସମସ୍ତ ରାଜ୍ୟର ଲାଇସେନ୍ସ ପ୍ରଦାନକାରୀ କର୍ତ୍ତୃପକ୍ଷଙ୍କୁ ମଧ୍ୟ ପକ୍ଷଭୁକ୍ତ କରାଯିବା ଉଚିତ ବୋଲି ଖଣ୍ଡପୀଠ କହିଛନ୍ତି। ମାମଲାର ଶୁଣାଣିବେଳେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ମଧ୍ୟ ସମାଲୋଚନା କରିଛନ୍ତି। ଗତ ୩ ବର୍ଷ ମଧ୍ୟରେ ବିଭ୍ରାନ୍ତିକର ବିଜ୍ଞାପନ ଉପରେ ଅଙ୍କୁଶ ଲଗାଇବା ପାଇଁ କ'ଣ ପଦକ୍ଷେପ ନିଆଯାଇଛି ଅଦାଲତ ପ୍ରଶ୍ନ କରିଛନ୍ତି। ଲୋକଙ୍କ ଉପରେ ପରୀକ୍ଷାମୂଳକ ଭାବେ ଔଷଧଗୁଡ଼ିକର ପ୍ରୟୋଗ କରାଯାଇପାରିବ ନାହିଁ। ଏନେଇ କେନ୍ଦ୍ର ନିଜେ ତତ୍ପର ହେବାକୁ ପଡ଼ିବ। ସବୁକଥା ଉପରେ ଆମେ ନଜର ରଖୁଛୁ। ପିଲା ଓ ମହିଳାମାନେ ବ୍ୟବହାର କରୁଥିବା ଉତ୍ପାଦକୁ ନେଇ ମିଛ ପ୍ରଚାର କରାଯାଉଛି। ସରକାର ସଜାଗ ହେବା ଆବଶ୍ୟକ। ଏହାକୁ ହାଲୁକା ଭାବେ ନିଆଯିବ ନାହିଁ ବୋଲି ଖଣ୍ଡପୀଠ ଚେତାଇଛନ୍ତି। ଗଣମାଧ୍ୟମରେ ବିଜ୍ଞାପନ ପ୍ରକାଶ ଏବଂ ଇଲେକ୍ଟ୍ରୋନିକ୍ ମିଡିଆରେ ଏହାର ପ୍ରସାରଣ ବିରୋଧରେ ଡ୍ରଗ୍ସ ଆଣ୍ଡ କସ୍‌ମେଟିକ୍ସ ରୁଲ୍ସ, ୧୯୪୫ର ରୁଲ୍ ୧୭୦ ଅନୁସାରେ କାର୍ଯ୍ୟାନୁଷ୍ଠାନ ନେଇ ନ ଥିବାରୁ ଦୁଇଜଣିଆ ଖଣ୍ଡପୀଠ କେନ୍ଦ୍ରକୁ ସମାଲୋଚନା କରିଛନ୍ତି। ସୂଚନାଥାଉ କି, ପତଞ୍ଜଳି ନିଜ ବିଜ୍ଞାପନରେ ଏଲୋପାଥି ମେଡିସିନକୁ ନ୍ୟୂନ ଦର୍ଶାଇଥିବା ଆଇଏମ୍‌ଏ ଅଭିଯୋଗ ଆଣିଥିଲା। ଏହାର ଶୁଣାଣି ବେଳେ ସର୍ବୋଚ୍ଚ ଅଦାଲତ ଉପଭୋକ୍ତାଙ୍କ କଲ୍ୟାଣର ମହତ୍ତ୍ୱ ଏବଂ ବିଜ୍ଞାପନର ସତ୍ୟନିଷ୍ଠତା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି। ନିର୍ଭୁଲ୍ ତଥ୍ୟ ପାଇବା ଜନସାଧାରଣଙ୍କ ଅଧିକାର ବୋଲି ଖଣ୍ଡପୀଠ କହିଛନ୍ତି। ଏଥିସହ ପତଞ୍ଜଳିର ପରିଚାଳନା ନିର୍ଦ୍ଦେଶକ ଆଚାର୍ଯ୍ୟ ବାଲକ୍ରିଷ୍ଣା ଏବଂ ସହପ୍ରତିଷ୍ଠାତା ଯୋଗଗୁରୁ ରାମଦେବଙ୍କୁ ୨ ଦିନ ମଧ୍ୟରେ ୬୭ରୁ ଊର୍ଦ୍ଧ୍ୱ ଖବରକାଗଜରେ କ୍ଷମା ପ୍ରାର୍ଥନା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପତଞ୍ଜଳି ଖବରକାଗଜଗୁଡ଼ିକରେ ଯେଉଁ ଆକାରର ବିଜ୍ଞାପନ ଛାପୁଥିଲା, ସେହି ଆକାରରେ କ୍ଷମାପ୍ରାର୍ଥନା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୩୦ରେ ହେବ।

## ବିକ୍ରି କରାଯାଇଥିବା ଶିଶୁପୁତ୍ର ଉଦ୍ଧାର

**ଯାଜପୁର, ୨୩।୪ (ହର୍ଷବର୍ଦ୍ଧନ ବେହେରା)**

ଭାରତରେ ଗରିବ ଲୋକଙ୍କ ସଂଖ୍ୟା କମିଛି ବୋଲି ସରକାର କହୁଛନ୍ତି। କିନ୍ତୁ ଏବେ ବି ଏତେ ଗରିବ ଲୋକ ଅଛନ୍ତି ଯେ, ମା'ବାପା ନିଜର ନବଜାତ ଶିଶୁପୁତ୍ରକୁ ଘରକୁ ନ ଆଣି ଡାକ୍ତରଖାନାରେ ବିକ୍ରି କରି ଦେଉଛନ୍ତି। ଏଭଳି ଏକ ଘଟଣା ଯାଜପୁର ଜିଲା ବିଞ୍ଝାରପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦଶରଥପୁର ବ୍ଲକ ବିହାରୀ ପଞ୍ଚାୟତର ସାଉଣ୍ଡି ଅଞ୍ଚଳରେ ଏକ ଅନୁସୂଚିତ ଜାତି(ଏସସି) ପରିବାରରେ ଦେଖିବାକୁ ମିଳିଛି। ଅର୍ଥାଭାବରୁ ମା'ବାପା ଗତ ୧୮ ତାରିଖରେ ସେମାନଙ୍କ ନବଜାତ ଶିଶୁପୁତ୍ରକୁ ମଧ୍ୟସ୍ଥିଙ୍କ ଜରିଆରେ ଅଳକୁଣ୍ଡ ଥାନା ରଘୁନାଥପୁର ଗ୍ରାମର ଜଣେ ବ୍ୟକ୍ତିଙ୍କୁ ୫୦ ହଜାର ଟଙ୍କାରେ ବିକ୍ରି କରିଥିଲେ। ଏନେଇ ଧରିତ୍ରୀରେ ଗତ ୨୧ ତାରିଖରେ ସବିଶେଷ ଖବର ପ୍ରକାଶ ପାଇବା ପରେ ମଙ୍ଗଳବାର ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇ ଶିଶୁପୁତ୍ରକୁ ରଘୁନାଥପୁର ଗ୍ରାମର ଭୂୟାଁ ମଲିକଙ୍କ ଘରୁ ☞ ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଖୋଜିଲେ ଖୋଜିବେ**

## ନୁଡୁଲ୍ସ ପ୍ୟାକେଟ୍‌ରୁ ୨ କୋଟିର ହୀରା ଜବତ

**ମୁମ୍ବାଇ, ୨୩।୪**

ସୀମାଶୁଳ୍କ ବିଭାଗ ଅଧିକାରୀମାନେ ମୁମ୍ବାଇ ବିମାନବନ୍ଦରରୁ ୬.୪୬ କୋଟି ଟଙ୍କାର ସୁନା ଓ ହୀରା ଜବତ କରିଛନ୍ତି। ଜଣେ ଯାତ୍ରୀ ନୁଡୁଲ୍ସ ପ୍ୟାକେଟରେ ହୀରାକୁ ଲୁଚାଇଥିବାବେଳେ ଅନ୍ୟମାନେ ନିଜ ଶରୀର ଏବଂ ବ୍ୟାଗେଜ୍‌ରେ ସୁନା ରଖିଥିଲେ। ଜବତ ସୁନାର ପରିମାଣ ୬.୮ କିଲୋଗ୍ରାମ ଓ ଦାମ୍ ୪.୪୪ କୋଟି ଟଙ୍କା ହେବ। ସେହିପରି ଜବତ ହୀରା ମୂଲ୍ୟ ୨.୦୨ କୋଟି ଟଙ୍କା ବୋଲି ଜଣାପଡ଼ିଛି। ଏହି ମାମଲାରେ



୪ ଜଣ ଯାତ୍ରୀଙ୍କୁ ଗିରଫ କରାଯାଇଛି। ମୁମ୍ବାଇରୁ ବ୍ୟାଙ୍କକ୍ ଯାଉଥିବା ଜଣେ ଭାରତୀୟ ଯାତ୍ରୀଙ୍କୁ ଅଟକାଯାଇ ତଲାସି କରାଯିବାବେଳେ ତାଙ୍କଠାରୁ ହୀରା ଜବତ କରାଯାଇଥିଲା। ସେ ତାଙ୍କ ଟ୍ରଲି ବ୍ୟାଗ୍ ଭିତରେ କେତେକ ନୁଡୁଲ୍ସ ପ୍ୟାକେଟ୍‌ରେ ଉକ୍ତ ହୀରାକୁ ଲୁଚାଇଥିଲେ। ସେହିପରି କଲମ୍ବୋରୁ ମୁମ୍ବାଇ ଆସିଥିବା ଜଣେ ବିଦେଶୀ ଯାତ୍ରୀଙ୍କଠାରୁ ୩୨୧ ଗ୍ରାମ ସୁନା ଜବତ ହୋଇଛି। ଉକ୍ତ ମହିଳା ଯାତ୍ରୀ ଜଣକ ତାଙ୍କ ଅନ୍ତଃବସ୍ତ୍ରରେ ଏହାକୁ ଲୁଚାଇଥିଲେ। ଏହା ବ୍ୟତୀତ ୧୦ ଜଣ ଭାରତୀୟ ଯାତ୍ରୀଙ୍କଠାରୁ ମୋଟ ୬.୧୯୯ କିଲୋଗ୍ରାମ ସୁନା ମିଳିଛି। ସେମାନେ ଶରୀର ଭିତରେ, ମଳଦ୍ୱାରରେ ଏବଂ ବ୍ୟାଗେଜ୍‌ରେ ସେଗୁଡ଼ିକୁ ଲୁଚାଇଥିଲେ। ସେମାନଙ୍କ ମଧ୍ୟରୁ ଦୁବାଇ ଓ ଆବୁଧାବିରୁ ୨ ଜଣ ଲେଖାଏ ଆସିଥିବାବେଳେ ବାହାରିନ୍, ଦୋହା, ରିୟାଧ, ମସ୍କାଟ, ବ୍ୟାଙ୍କକ୍ ଏବଂ ସିଙ୍ଗାପୁରରୁ ଜଣେ ଲେଖାଏ ଯାତ୍ରୀ ଅଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଗିରଫ କରାଯାଇଛି।

## ଟିଡିପିର ଗୁଣ୍ଟୁର ପ୍ରାର୍ଥୀ ସବୁଠୁ ଧନୀ

**ଅମରାବତୀ, ୨୩।୪**

ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ସଂସଦୀୟ କ୍ଷେତ୍ରରୁ ଟିଡିପି ପ୍ରାର୍ଥୀ ହୋଇଥିବା ପି. ଚନ୍ଦ୍ରଶେଖର ବର୍ତ୍ତମାନ ସୁଦ୍ଧା ସବୁଠୁ ଧନୀ ପ୍ରାର୍ଥୀ। ସେ ଦାଖଲ କରିଥିବା ନିର୍ବାଚନୀ ସତ୍ୟପାଠ ଅନୁଯାୟୀ ତାଙ୍କ ପରିବାରର ମୋଟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ପରିମାଣ ୫,୭୮୫ କୋଟି ଟଙ୍କା। ଚନ୍ଦ୍ରଶେଖରଙ୍କ ବ୍ୟକ୍ତିଗତ ସମ୍ପତ୍ତି ୨,୪୪୮.୯୨ କୋଟି ଟଙ୍କା ହୋଇଥିବାବେଳେ ତାଙ୍କ ସ୍ତ୍ରୀ ଶ୍ରୀରତ୍ନା କୋନେରୁଙ୍କ ସମ୍ପତ୍ତି ୨,୩୪୩.୭୮ କୋଟି ଟଙ୍କା



ପି. ଚନ୍ଦ୍ରଶେଖର

ଏବଂ ପିଲାମାନଙ୍କ ସମ୍ପତ୍ତି ପରିମାଣ ପାଖାପାଖି ୧,୦୦୦ କୋଟି ଟଙ୍କା ବୋଲି ସତ୍ୟପାଠରେ ଦର୍ଶାଯାଇଛି। ତାଙ୍କ ପରିବାର ନାଁରେ ଆମେରିକାର ଜେପି ମୋର୍ଗାନ ଚେଜ୍ ବ୍ୟାଙ୍କରେ ୧,୧୩୮ କୋଟି ଟଙ୍କାର ଋଣ ରହିଛି। ଆନ୍ଧ୍ରପ୍ରଦେଶ ବୁରିପାଲେମ ଗ୍ରାମରେ ଜନ୍ମିତ ଚନ୍ଦ୍ରଶେଖର ଆମେରିକାର ଜନ୍ସ ହପ୍‌କିନ୍ସ ୟୁନିଭର୍ସିଟି ସିନାଇ ହସ୍ପିଟାଲରେ ଜଣେ ପ୍ରଫେସର ଭାବେ କାର୍ଯ୍ୟରତ। ଜଣେ ଡାକ୍ତର, ଉଦ୍ୟୋଗପତି ତଥା ରାଜନେତା ଭାବେ ପରିଚିତ ଏହି ପ୍ରବାସୀ ଭାରତୀୟ ୨୦୧୦ରୁ ଟିଡିପିର ଏନ୍‌ଆର୍‌ଆଇ ଶାଖା ତରଫରୁ ବିଭିନ୍ନ କଲ୍ୟାଣମୂଳକ କାର୍ଯ୍ୟକ୍ରମ ପାଇଁ କାମ କରୁଛନ୍ତି।



ତେଲଙ୍ଗାନାର ପେଦ୍ଦାପଲ୍ଲୀରେ ସୋମବାର ରାତିରେ ଭାଙ୍ଗି ଯାଇଥିବା ନିର୍ମାଣାଧୀନ ବ୍ରିଜ୍।

## ପବନକୁ ସମ୍ଭାଳି ପାରିଲାନି ବ୍ରିଜ୍

**ହାଇଦ୍ରାବାଦ୍, ୨୩।୪**

ତେଲଙ୍ଗାନାର ପେଦ୍ଦାପଲ୍ଲୀରେ ସୋମବାର ରାତି ୯ଟା ୪୫ରେ ଏକ ନିର୍ମାଣାଧୀନ ବ୍ରିଜ୍ ପବନକୁ ସମ୍ଭାଳି ନ ପାରି ଭୁଶୁଡ଼ିପଡ଼ିଛି। ଉକ୍ତ ବ୍ରିଜ୍‌ର ଏକ ଅଂଶ ଭାଙ୍ଗିଯାଇଛି। ୧୦୦ ଫୁଟ୍ ଉଚ୍ଚତାର ଏହି ବ୍ରିଜ୍ ତଳେ ୨ଟି ପିଲାର ଥିବାବେଳେ ୫ଟି ସ୍ଲାବ୍ ରହିଥିଲା। ରାତିରେ ହଠାତ୍ ପବନ ହେବାରୁ ୨ଟି ବ୍ରିଜ୍ ଭାଙ୍ଗିଯାଇଥିଲା। ଅବଶିଷ୍ଟ ୩ ସ୍ଲାବ ମଧ୍ୟ ଖୁବ୍‌ଶୀଘ୍ର ଭାଙ୍ଗିଯିବ ବୋଲି ସ୍ଥାନୀୟ ଲୋକେ ଆଶଙ୍କା ବ୍ୟକ୍ତ କରିଛନ୍ତି। ତେବେ ବ୍ରିଜ୍ ଭୁଶୁଡ଼ିବାର ୧ ମିନିଟ ପୂର୍ବରୁ ଏହା ତଳ ମାଟିରାସ୍ତା ଦେଇ ଏକ ବରଯାତ୍ରୀ ବସ୍ ଯାଇଥିଲା। ବସ୍‌ରେ ୬୦ ବରଯାତ୍ରୀ ଥିଲେ। ମାନାଇର ନଦୀ ଉପରେ ନିର୍ମିତ ଏହି ବ୍ରିଜ୍ ପାଇଁ ୨୦୧୬ରେ ୪୯ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ସ୍ଥାନୀୟ ବିଧାୟକ ତଥା ତେଲଙ୍ଗାନା ବିଧାନସଭା ବାଚସ୍ପତି ଏସ୍. ମଧୁସୂଦନ ଚାରୀ ଏହାର ଶୁଭଦେଇଥିଲେ। ବର୍ଷେ ଭିତରେ ଏହାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ତେଲୁକୁମଣ୍ଡାର ଗମ୍ଭୀରାପଲ୍ଲୀ ଏବଂ ପେଣ୍ଡାପାଲିର ଗମ୍‌ଜଭି ଅନ୍ତର୍ଗତ ପନତ୍‌ଭୂପାପାଲ ଏବଂ ଓଡଠି ମଧ୍ୟରେ ପ୍ରାୟ ୫୦ କି.ମି. ଦୂରତା ହ୍ରାସ ପାଇଥା'ନ୍ତା। ତେବେ ସରକାରୀ ଚାପ ଯୋଗୁ ଠିକାଦାର ବ୍ରିଜ୍ ନିର୍ମାଣ କାର୍ଯ୍ୟ ବନ୍ଦ କରିଦେଇଥିଲେ।




## ସଂକ୍ଷେପରେ

### ୧୦ ଆନାକୋଣ୍ଡା ନେଉଥିବା ବିମାନଯାତ୍ରୀ ଗିରଫ

ବେଙ୍ଗାଲୁରୁ,୨୩।୪

ବେଙ୍ଗାଲୁରୁର କେମ୍ପେଗୌଡ଼ା ଅନ୍ତର୍ଜାତୀୟ ବିମାନବନ୍ଦରରେ ଜଣେ ଯାତ୍ରୀଙ୍କ ବ୍ୟାଗ୍ ଯାଞ୍ଚ ବେଳେ ୧୦ଟି ହଳଦିଆ ରଙ୍ଗର ଆନାକୋଣ୍ଡା ମିଳିଛି। ବନ୍ୟପ୍ରାଣୀ ବେଆଇନ ଚୋରାଚାଲାଣ ଅଭିଯୋଗରେ ଉକ୍ତ ଯାତ୍ରୀଙ୍କୁ ଗିରଫ କରାଯାଇଛି। ଯାତ୍ରୀ ଜଣକ ବ୍ୟାଙ୍କକ୍‌ରୁ ଆସିଥିବାବେଳେ ତାଙ୍କୁ ଅଟକାଯାଇ ବ୍ୟାଗ୍ ଯାଞ୍ଚ କରାଯାଇଥିଲା। ବନ୍ୟପ୍ରାଣୀ ଚୋରାଚାଲାଣକୁ ବରଦାସ୍ତ କରାଯିବ ନାହିଁ ବୋଲି ବେଙ୍ଗାଲୁରୁ ସୀମାଶୁଳ୍କ ବିଭାଗ ପକ୍ଷରୁ ଏକ୍ସ'ରେ ପୋଷ୍ଟ କରାଯାଇଛି। ଜଳଭାଗରେ ରହୁଥିବା ଏହି ସାପ ସାଧାରଣତଃ ପାରାଗୁଏ, ବଲିଭିଆ, ବ୍ରାଜିଲ, ଉତ୍ତରପୂର୍ବ ଆର୍ଜେଣ୍ଟିନା ଏବଂ ଉତ୍ତର ଉରୁଗୁଏରେ ଦେଖାଯାଇଥାନ୍ତି। ଗତବର୍ଷ ବେଙ୍ଗାଲୁରୁ ବିମାନବନ୍ଦରରୁ ଏକ କଙ୍ଗାରୁ ଛୁଆ ସମେତ ୨୩୪ଟି ବନ୍ୟପ୍ରାଣୀଙ୍କୁ ଜବତ କରାଯାଇଥିଲା।

#### ସଲ୍‌ମାନଙ୍କ ଘରକୁ ଗୁଳିମାଡ଼

### ତାପି ନଦୀରୁ ମିଳିଲା ପିସ୍ତଲ, ଗୁଳି

ମୁମ୍ବାଇ,୨୩।୪

ବଲିଉଡ୍ ସୁପରଷ୍ଟାର ସଲ୍‌ମାନ ଖାନ୍‌ଙ୍କ ବାନ୍ଦ୍ରା ବାସଭବନ ବାହାରେ ଗୁଳିକାଣ୍ଡରେ ବ୍ୟବହୃତ ଦୁଇଟି ପିସ୍ତଲ, ୩ ମାଗାଜିନ ଏବଂ ୧୩ଟି ଗୁଳି ଗୁଜରାଟର ତାପି ନଦୀରୁ ମିଳିଛି। ମୁମ୍ବାଇ ପୋଲିସ୍‌ର କ୍ରାଇମ୍ ବ୍ରାଞ୍ଚ୍ ପକ୍ଷରୁ ସୋମବାର ତଲାସି ଅଭିଯାନ ବେଳେ ଉକ୍ତ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ବରିଷ୍ଠ ପୋଲିସ ଇନ୍ସପେକ୍ଟର ତଥା ଏନ୍‌କାଉଣ୍ଟର ସ୍ପେଶାଲିଷ୍ଟ ଦୟା ନାୟକଙ୍କ ସମେତ ୧୨ ଜଣିଆ ପୋଲିସ ଟିମ୍ ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି। ସ୍କୁବା ଡାଇଭରଙ୍କ ସହାୟତାରେ ନଦୀରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଗିରଫ ୨ ଅଭିଯୁକ୍ତ ଭିକି ଗୁପ୍ତା ଏବଂ ସାଗର ପାଲ୍ ଗତ ୧୪ ତାରିଖରେ ସଲ୍‌ମାନଙ୍କ ଗାଲାକ୍ସି ଆପାର୍ଟମେଣ୍ଟ ବାହାରେ ଗୁଳି ଚଳାଇ ବାଇକ୍‌ରେ ଫେରାର ହୋଇଯାଇଥିଲେ। ସେମାନଙ୍କୁ ୧୬ ତାରିଖରେ ଗୁଜରାଟରୁ ଗିରଫ କରାଯାଇଥିଲା।

### ରାମଙ୍କ ଫଟୋ ଥିବା ପ୍ଲେଟ୍‌ରେ ବିରିଆନି ପରିବେଷଣକୁ ନେଇ ଉତ୍ତେଜନା

ନୂଆଦିଲ୍ଲୀ,୨୩।୪

ଦିଲ୍ଲୀର ଜାହାଙ୍ଗୀରପୁରୀ ଅଞ୍ଚଳରେ ଭଗବାନ ରାମଙ୍କ ଫଟୋ ଥିବା ପ୍ଲେଟ୍‌ରେ ବିରିଆନି ପରିବେଷଣକୁ ନେଇ ଉତ୍ତେଜନା ଦେଖାଦେଇଛି। ଏକ ବିରିଆନି ଦୋକାନରେ ରାମଙ୍କ ଫଟୋ ଥିବା ଡିସ୍‌ପୋଜେବଲ୍ ପ୍ଲେଟ୍ ସ୍ଥାନୀୟ ହିନ୍ଦୁ ସଂଗଠନର ଦୃଷ୍ଟିକୁ ଆସିବା ପରେ ଘଟଣା ପ୍ରଘଟ ହୋଇଛି। ଏହି ପ୍ରସଙ୍ଗରେ ଦୋକାନୀଙ୍କୁ ପଚରାଉଚରା କରାଯାଉଛି। ପୋଲିସ ପହଞ୍ଚି ୪ ପ୍ୟାକେଟ୍ ପ୍ଲେଟ୍ ଜବତ କରିବା ସହ ତଦନ୍ତ ଜାରି ରଖିଛି।

#### ୪ ରାଜ୍ୟରେ ଗ୍ରୀଷ୍ମ ଲହରି

# ମତଦାନ କମିବା ଆଶଙ୍କା



ନୂଆଦିଲ୍ଲୀ,୨୩।୪

ଲୋକ ସଭା ନିର୍ବାଚନରେ ବିଜୟୀ ହୋଇ ଭାଜପା ତୃତୀୟ ଥର ସରକାର ଗଢ଼ିବାକୁ ଲକ୍ଷ୍ୟ ରଖିଥିବାବେଳେ ଏହାକୁ ଅଟକାଇବା ପାଇଁ ଇଣ୍ଡିଆ ମେଣ୍ଟ ଜୋର୍‌ଦାର ଉଦ୍ୟମ ଚଳାଇଛି। ଏହାକୁ ନେଇ କେବଳ ରାଜନୈତିକ ତାତି ବଢ଼ିନାହିଁ ବରଂ ଅଧିକାଂଶ ରାଜ୍ୟରେ ଗ୍ରୀଷ୍ମ ଲହରୀ ଲାଗିରହିଥିବାରୁ ମତଦାନ ହ୍ରାସ ପାଇବା ଆଶଙ୍କା କରାଯାଉଛି। ଗତ ୧୯ ତାରିଖ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ମଧ୍ୟ ଗ୍ରୀଷ୍ମ ଲହରି ଯୋଗୁ ପ୍ରଭାବିତ ହୋଇଥିଲା। ୨୦୧୯ ସାଧାରଣ ନିର୍ବାଚନରେ ପ୍ରଥମ ପର୍ଯ୍ୟାୟ ମତଦାନ ହାର ୬୯.୯ ପ୍ରତିଶତ ଥିଲାବେଳେ ଏଥର ତାହା ୪.୪ ପ୍ରତିଶତ ହ୍ରାସ ପାଇ ୬୫.୫ ପ୍ରତିଶତ ରହିଛି। ଆସନ୍ତା ଶୁକ୍ରବାର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ୧୩ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ହେବାକୁ ଥିବାବେଳେ ସେଥିରୁ ଅନ୍ୟୁନ ୪ ରାଜ୍ୟ ପଶ୍ଚିମବଙ୍ଗ, ବିହାର, ଉତ୍ତରପ୍ରଦେଶ ଓ କର୍ଣ୍ଣାଟକରେ ସେଦିନ ପ୍ରବଳ ଗ୍ରୀଷ୍ମ ଅନୁଭୂତ ହେବାକୁ ଥିବାରୁ ବିଶେଷଜ୍ଞ ଏବଂ ନିର୍ବାଚନ କମିଶନଙ୍କ ଚିନ୍ତା ବଢ଼ାଇଛି। ଆଉ ୬ ପର୍ଯ୍ୟାୟ ନିର୍ବାଚନ ବାକି ଥିବାବେଳେ ଅଧିକ ଦିନ ଗ୍ରୀଷ୍ମ ଲହର ଜାରି ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପୂର୍ବାନୁମାନ କରିଛି। ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ଓ ଅନ୍ୟ ନିର୍ବାଚନ କମିଶନରଙ୍କ ସହ ଆଇଏମ୍‌ଡି ମୁଖ୍ୟଙ୍କ ଉଚ୍ଚସ୍ତରୀୟ ବୈଠକ ବସି ସ୍ଥିତି ଅନୁଧ୍ୟାନ କରାଯାଇଛି। ରାଜ୍ୟ ନିର୍ବାଚନ ଅଧିକାରୀମାନଙ୍କ ସହ ମଧ୍ୟ ବୈଠକ ବସିବା ଯୋଜନା ରହିଛି। ଏହି ବୈଠକରେ ଭୋଟଗ୍ରହଣ କେନ୍ଦ୍ରଗୁଡ଼ିକରେ ଛାମୁଡ଼ିଆ, ପାନୀୟ ଜଳ, ଫ୍ୟାନ୍ ଆଦି ଜରୁରୀ ସୁବିଧାର ସମୀକ୍ଷା କରାଯିବ। ପଶ୍ଚିମବଙ୍ଗରେ ଆଗାମୀ ୩ ଦିନ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ନେଇ ରେଡ୍ ଆଲର୍ଟ ଜାରି ହୋଇଥିବାବେଳେ ବିହାରରେ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ସେହିପରି ଉତ୍ତରପ୍ରଦେଶର ପୂର୍ବ ଭାଗରେ ୨୪ ଘଣ୍ଟା ପରେ ଏବଂ ପଶ୍ଚିମ ଉତ୍ତରପ୍ରଦେଶରେ ୨ ଦିନ ପରେ ଗ୍ରୀଷ୍ମ ଲହର ପ୍ରବାହିତ ହେବ ବୋଲି ଆଇଏମ୍‌ଡି କହିଛି।

### ସାମ୍ପ୍ରଦାୟିକ ହିଂସା ଘଟିଥିବା ଆସନରେ ନିର୍ବାଚନକୁ ଅନୁମତି ଦିଅନାହିଁ

#### ଇସିଙ୍କୁ ହାଇକୋର୍ଟଙ୍କ ପ୍ରସ୍ତାବ

କୋଲକାତା,୨୩।୪

ପଶ୍ଚିମବଙ୍ଗର ମୁର୍ଶିଦାବାଦରେ ଗତ ୧୭ ତାରିଖରେ ରାମନବମୀ ଶୋଭାଯାତ୍ରା ବେଳେ ସାମ୍ପ୍ରଦାୟିକ ସଂଘର୍ଷ ଘଟିଥିଲା। ଉକ୍ତ ଅଞ୍ଚଳରେ ନିର୍ବାଚନ କରାଯିବା ଉଚିତ ନୁହେଁ ବୋଲି କାଲ୍‌କାଟା ହାଇକୋର୍ଟ ନିର୍ବାଚନ କମିଶନ (ଇସି)ଙ୍କୁ ପ୍ରସ୍ତାବ ଦେଇଛନ୍ତି। ହିଂସା ରୋକିବାରେ ବିଫଳ ହୋଇଥିବାରୁ ରାଜ୍ୟ ପୋଲିସ ଏବଂ କେନ୍ଦ୍ରୀୟ ବଳକୁ ଅଦାଲତ ସମାଲୋଚନା କରିଛନ୍ତି। ରାମନବମୀ ଶୋଭାଯାତ୍ରା ସମୟରେ ହିଂସାକୁ ନେଇ ମଙ୍ଗଳବାର ହାଇକୋର୍ଟରେ ଶୁଣାଣି ଚାଲିଥିବାବେଳେ ମୁଖ୍ୟ ବିଚାରପତି ଟି.ଏସ୍. ସିବଗ୍‌ନାନମ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ଯଦି ଲୋକେ ଶାନ୍ତି ଓ ସଦ୍‌ଭାବନାର ସହ ରହିପାରୁ ନାହାନ୍ତି, ତେବେ ଉକ୍ତ ଜିଲାରେ ନିର୍ବାଚନ କମିଶନ ସଂସଦୀୟ ନିର୍ବାଚନ କରାଇପାରିବେ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାବେଳେ ଯଦି ଦୁଇ ଗୋଷ୍ଠୀର ଲୋକେ ଏଭଳି ସଂଘର୍ଷ କରନ୍ତି, ତେବେ ସେମାନେ ପ୍ରତିନିଧି ନିର୍ବାଚନ କରିବାକୁ ଯୋଗ୍ୟ ନୁହନ୍ତି ବୋଲି ଅଦାଲତ କହିଛନ୍ତି।

### କେଜ୍‌ରିୱାଲ, କବିତାଙ୍କ ହାଜତ ମିଆଦ ୧୪ ଦିନ ବଢ଼ିଲା

ନୂଆଦିଲ୍ଲୀ,୨୩।୪



ଅରବିନ୍ଦ କେଜ୍‌ରିୱାଲ    କେ. କବିତା

ଲୋକ ସଭା ନିର୍ବାଚନ ପୂର୍ବରୁ ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ଗତ ମାସରେ ଗିରଫ ହୋଇଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏବଂ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ନେତ୍ରୀ କେ. କବିତାଙ୍କ ବିଚାର ବିଭାଗୀୟ ହାଜତ ମିଆଦକୁ ଅଦାଲତ ଆଉ ୧୪ ଦିନ ବଢ଼ାଇ ଦେଇଛନ୍ତି। ଉଭୟ ଦିଲ୍ଲୀର ତିହାର ଜେଲରେ ମେ' ୭ ପର୍ଯ୍ୟନ୍ତ ରହିବେ। ଅବକାରୀ ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ମାର୍ଚ୍ଚ ୨୧ରେ ଗିରଫ ହୋଇଥିବା କେଜ୍‌ରିୱାଲ ତାଙ୍କ ଗିରଫଦାରିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଆସନ୍ତା ୨୯ ତାରିଖରେ ଏହାର ପରବର୍ତ୍ତୀ ଶୁଣାଣି ହେବ। ପୂର୍ବରୁ ଦିଲ୍ଲୀ ହାଇକୋର୍ଟ ଆପ୍ ନେତାଙ୍କ ଆବେଦନକୁ ଖାରଜ କରିଦେଇଥିଲେ। ପଞ୍ଜାବ ଓ ଗୋଆରେ ନିର୍ବାଚନ ପ୍ରଚାର ଲାଗି ଆମ୍ ଆଦ୍‌ମୀ ପାର୍ଟି ତତ୍କାଳୀନ ଅବକାରୀ ନୀତି ଆଧାରରେ ୧୦୦ କୋଟି ଟଙ୍କା ଲାଞ୍ଚ ଗ୍ରହଣ କରିଥିବାର ତଥ୍ୟପ୍ରମାଣ ଇଡି କୋର୍ଟରେ ଉପସ୍ଥାପନ କରିଥିଲା। ଲାଞ୍ଚ ଦେଇଥିବା ଦକ୍ଷିଣ ଭାରତୀୟ ମଦ ଲବିରେ ବିଆର୍‌ଏସ୍ ନେତ୍ରୀ କବିତା ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା। ଏମ୍‌ସ ଡାକ୍ତରଙ୍କ ପରାମର୍ଶକ୍ରମେ କେଜରିୱାଲଙ୍କୁ ଜେଲରେ ମଙ୍ଗଳବାର ଇନ୍‌ସୁଲିନ୍ ଦିଆଯାଇଛି। ଟାଇପ୍-୨ ଡାଇବେଟିସରେ ପୀଡିତ କେଜରିୱାଲଙ୍କୁ ଜେଲ କର୍ତ୍ତୃପକ୍ଷ ଇନ୍‌ସୁଲିନ ଦେଉ ନଥିବା ଅଭିଯୋଗ ହୋଇଥିଲା।

### ୨ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ: ୧୦ ମୃତ



କୁଆଲାଲମ୍ପୁର, ୨୩।୪

ମାଲେସୀୟ ରୟାଲ ନାଭିର ୨ଟି ହେଲିକପ୍ଟର ମଙ୍ଗଳବାର ଅଭ୍ୟାସ କରୁଥିବା ସମୟରେ ପରସ୍ପର ସହ ଧକ୍କା ହୋଇ ଦୁର୍ଘଟଣା ଘଟିଛି। ଏଥିରେ ମାଲେସୀୟ ନୌସେନାର ୧୦ କ୍ରିଉ ସଦସ୍ୟଙ୍କର ମୃତ୍ୟୁ ଘଟିଛି। ପଶ୍ଚିମ ମାଲେସୀୟ ରାଜ୍ୟ ପେରାକ୍‌ସ୍ଥିତ ଲୁମୁଟ ନାଭାଲ ବେଶ୍‌ଠାରେ ଏହି ଦୁର୍ଘଟଣା ଘଟିଛି। ୨ ହେଲିକପ୍ଟରରେ ୧୦ ଜଣ କ୍ରିଉ ସଦସ୍ୟ ଥିବାବେଳେ ସମସ୍ତଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ତେବେ ଦୁର୍ଘଟଣାର କାରଣ ନେଇ ତଦନ୍ତ ଚାଲିଥିବା ମାଲେସୀୟ ନୌସେନା ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତା ଶନିବାର ରୟାଲ ମାଲେସିଆନ ନାଭିର ୯୦ତମ ବାର୍ଷିକ ଉତ୍ସବ ଅବସରରେ ହେବାକୁ ଥିବା ପରେଡ ପାଇଁ ଏହି ୨ ନୌସେନା ହେଲିକପ୍ଟର ଅଭ୍ୟାସ କରୁଥିଲେ ବୋଲି ମାଲେସିଆ ପ୍ରତିରକ୍ଷା ମନ୍ତ୍ରୀ ମହମ୍ମଦ ଖଲିଦ କହିଛନ୍ତି।

### ଇରାନ ରାଷ୍ଟ୍ରପତିଙ୍କ ସମର୍ଥନ ହାସଲରେ ପାକିସ୍ତାନ ବିଫଳ

#### କଶ୍ମୀର ପ୍ରସଙ୍ଗ

ନୂଆଦିଲ୍ଲୀ,୨୩।୪

ଇସ୍‌ଲାମାବାଦ ଗସ୍ତରେ ଆସିଥିବା ଇରାନ ରାଷ୍ଟ୍ରପତି ଇବ୍ରାହିମ୍ ରାଇସିଙ୍କ ସହ ପାକ୍ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କର ଦ୍ୱିପାକ୍ଷିକ ସମ୍ପର୍କକୁ ନେଇ ଆଲୋଚନା ହୋଇଛି। ତେବେ ମିଳିତ ଖବରଦାତା ସମ୍ମିଳନୀରେ ଶେହବାଜ କଶ୍ମୀର ପ୍ରସଙ୍ଗ ଉଠାଇ ରାଇସିଙ୍କ ସମର୍ଥନ ହାସଲ କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ଏଥିରେ ବିଫଳ ହୋଇଛନ୍ତି। ଏଭଳି ପ୍ରସଙ୍ଗରେ ଆଲୋଚନା କରିବାକୁ ରାଇସି ମନା କରିଦେଇଥିଲେ। ଖବରଦାତା ସମ୍ମିଳନୀରେ ଶେହବାଜ ଗାଜା ସହ କଶ୍ମୀର ସ୍ଥିତି ଉପରେ ଇରାନର ଆଭିମୁଖ୍ୟକୁ ଯୋଡ଼ିବା ପାଇଁ ଚାହିଁଥିଲେ। ତେବେ ଇରାନ ରାଷ୍ଟ୍ରପତି ଶେହବାଜଙ୍କ ମନ୍ତବ୍ୟକୁ ସ୍ୱୀକୃତି ନ ଦେଇ ଆଲୋଚନା କାଳରେ ଉକ୍ତ ପ୍ରସଙ୍ଗଠାରୁ ଦୂରେଇ ରହିଥିଲେ। ଏହା ବଦଳରେ ପାଲେଷ୍ଟାଇନ୍‌ରେ ଅତ୍ୟାଚାର ବିରୋଧରେ ଲଢୁଥିବା ଦେଶଗୁଡ଼ିକୁ ଇରାନର ସମର୍ଥନ ଉପରେ ସେ ଫୋକସ୍ କରିଥିଲେ। ଭାରତ-ପାକିସ୍ତାନ ବିବାଦରେ ଇରାନର ସମର୍ଥନ ହାସଲ କରିବାରେ ବିଫଳ ହୋଇଥିବାରୁ ଏହା ଶେହବାଜଙ୍କୁ ଶକ୍ତ ଧକ୍କା ହୋଇଛି।

### ଭାଜପାରେ ଯୋଗଦେଇପାରନ୍ତି ସୁରଟ କଂଗ୍ରେସ ପ୍ରାର୍ଥୀ

**ସୁରଟ,୨୩।୪:** ଗୁଜରାଟର ସୁରଟ ଆସନର କଂଗ୍ରେସ ପ୍ରାର୍ଥୀ ନିଲେଶ କୁମ୍ଭାନୀଙ୍କ ନାମାଙ୍କନ ପତ୍ର ଖାରଜ ହେବା ପରେ ଭାଜପା ପ୍ରାର୍ଥୀ ମୁକେଶ ଦଲାଲ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ଏହା ପରଠାରୁ ନିଲେଶ ନିଖୋଜ ଅଛନ୍ତି । ସେ ଭାଜପାରେ ଯୋଗଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ନିଲେଶଙ୍କ ନାମାଙ୍କନପତ୍ର ଖାରଜ ପଛରେ ଷଡ଼ଯନ୍ତ୍ର ରହିଥିବା ସନ୍ଦେହ କରାଯାଉଥିଲା।

### ନିଜ୍ଜର ହତ୍ୟା ଉପରେ ରିପୋର୍ଟ କରିବାରୁ ଅଷ୍ଟ୍ରେଲୀୟ ଖବରଦାତା ଭାରତରୁ ବିଦା

ନୂଆଦିଲ୍ଲୀ,୨୩।୪



ଅଭାନି ଦିଆସ୍

୨୦୨୩ ଜୁନ୍ ୧୮ରେ ଶିଖ୍ ବିଚ୍ଛିନ୍ନତାବାଦୀ ହରଦୀପ ସିଂ ନିଜ୍ଜରଙ୍କୁ କାନାଡାର ସରେଠାରେ ହତ୍ୟା କରାଯାଇଥିଲା। ଏହି ହତ୍ୟାରେ ଭାରତ ସରକାରଙ୍କ ସମ୍ପୃକ୍ତି ଥିବା କାନାଡା ଅଭିଯୋଗ କରିଆସୁଛି। ଏହା ଉପରେ ରିପୋର୍ଟିଂ କରିବାରୁ ନୂଆଦିଲ୍ଲୀ ଅଷ୍ଟ୍ରେଲୀୟ ଖବରଦାତା ଅଭାନି ଦିଆସ୍‌ଙ୍କୁ ଭାରତ ଛାଡ଼ିବାକୁ ପଡ଼ିଛି। ଭାରତ ଛାଡ଼ିବାର ୪ ଦିନ ପରେ ଅଭାନି ଏନେଇ ଏକ୍ସ'ରେ ପୋଷ୍ଟ କରିଛନ୍ତି।

ନୂଆଦିଲ୍ଲୀରେ ଅଷ୍ଟ୍ରେଲିଆନ୍ ବ୍ରଡ୍‌କାଷ୍ଟିଂ କର୍ପୋରେଶନ୍ (ଏବିସି)ର ଦକ୍ଷିଣ ଏସିଆ ବ୍ୟୁରୋ ଚିଫ୍ ଭାବେ ଅଭାନି କାର୍ଯ୍ୟ କରୁଥିଲେ। ସେ ସରକାରୀ କଟକଣା ନ ମାନି ନିଜ୍ଜର ହତ୍ୟା ଉପରେ ରିପୋର୍ଟିଂ କରିଥିବାରୁ ତାଙ୍କ ଭିଜା ଅବଧି ଅନୁମତି ଦିଆଯାଇ ନାହିଁ। ଗତ ୧୯ରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଦିନ ଭାରତ ଛାଡ଼ି ଚାଲିଯାଇଛନ୍ତି। ତେବେ ଏହା ଉପରେ ଭାରତ ସରକାରଙ୍କ କୌଣସି ମନ୍ତବ୍ୟ ଆସିନାହିଁ। ପ୍ରକାଶ ଯେ, ଅଭାନି ନିଜ୍ଜର ହତ୍ୟା ସମ୍ପର୍କରେ ଏକ ଏପିସୋଡ୍ ପ୍ରସ୍ତୁତ କରିଥିଲେ, ଯାହାକୁ ୟୁଟ୍ୟୁବ୍ ଇଣ୍ଡିଆ ବ୍ଲକ୍ କରିଦେଇଛି।

### ଏସିଆ ବିଶ୍ୱର ସବୁଠାରୁ ବିପର୍ଯ୍ୟୟ ପ୍ରବଣ

ଜେନେଭା, ୨୩।୪



#### ଗତବର୍ଷ ୨ ହଜାର ବ୍ୟକ୍ତି ପ୍ରାଣ ହରାଇଛନ୍ତି

ଜଳବାୟୁ ପରିବର୍ତ୍ତନର ପ୍ରଭାବ ଉପରେ ସାରା ବିଶ୍ୱର ନଜର ରହିଛି। ତେବେ ଗତ କିଛି ବର୍ଷ ଧରି ଏହାର ସର୍ବାଧିକ ପ୍ରଭାବ ବିଭିନ୍ନ ଏସୀୟ ଦେଶ ଉପରେ ପଡୁଥିବା ବିଶ୍ୱ ପାଣିପାଗ ସଂଗଠନ(ଡବ୍ଲ୍ୟୁଏମ୍‌ଓ) ସ୍ପଷ୍ଟ କରିଛି। ଗତବର୍ଷ ଏସିଆ ବିଶ୍ୱର ସବୁଠାରୁ ବିପର୍ଯ୍ୟୟ ପ୍ରଭାବିତ ମହାଦେଶ ହୋଇଥିବା ଡବ୍ଲ୍ୟୁଏମ୍‌ଓର 'ଷ୍ଟେଟ ଅଫ୍ ଦି କ୍ଲାଇମେଟ୍ ଇନ୍ ଏସିଆ-୨୦୨୩' ରିପୋର୍ଟରେ ପ୍ରକାଶ ପାଇଛି। ବନ୍ୟା, ବାତ୍ୟା, ଭୂକମ୍ପ, ମରୁଡ଼ି ଆଦି କାରଣରୁ ଗତ କିଛି ବର୍ଷ ଧରି ଏସିଆ ମହାଦେଶ ବହୁଳ ଭାବେ କ୍ଷତିଗ୍ରସ୍ତ ହେବା ସହ ଏଠାରେ ଅନେକ ସଂଖ୍ୟାରେ ଲୋକଙ୍କର ପ୍ରାଣହାନି ଘଟୁଛି। ଉତ୍ତର-ପଶ୍ଚିମ ପ୍ରଶାନ୍ତ ମହାସାଗରରେ ଜଳର ତାପମାତ୍ରା ରେକର୍ଡ ସ୍ତରକୁ ବଢିବାକୁ ଲାଗିଛି। ସେହିପରି ଆର୍କଟିକ ଅଞ୍ଚଳରେ ମଧ୍ୟ ସାମୁଦ୍ରିକ ଗରମ ପବନ ପ୍ରବାହିତ ହେଉଛି। ଏହି କାରଣରୁ ଗତବର୍ଷ ଏସିଆ ମହାଦେଶର ଅଧିକାଂଶ ଦେଶରେ ରେକର୍ଡ ସ୍ତରର ତାତି ଅନୁଭୂତ ହୋଇଥିବା ଡବ୍ଲ୍ୟୁଏମ୍‌ଓ ମୁଖ୍ୟ ସେଲେଷ୍ଟେ ସାଉଲୋ ବୟାନ ଦେଇଛନ୍ତି। ଜଳବାୟୁ ପରିବର୍ତ୍ତନ ଯୋଗୁ ବିଭିନ୍ନ ଏସୀୟ ଦେଶରେ ବିପର୍ଯ୍ୟୟର ପରିମାଣ ବହୁଗୁଣିତ ହୋଇଥିବା ସେ କହିଛନ୍ତି। ଫଳରେ ଏହି ସବୁ ଦେଶଗୁଡ଼ିକୁ ଆର୍ଥିକ କ୍ଷତି ସହିବାକୁ ପଡୁଥିବାବେଳେ ଏଠାରେ ପରିବେଶର ସ୍ତର ନିମ୍ନଗାମୀ ହୋଇଚାଲିଛି। ଡବ୍ଲ୍ୟୁଏମ୍‌ଓର ଏହି ରିପୋର୍ଟ ଅନୁଯାୟୀ ଗତବର୍ଷ ଏସିଆ ମହାଦେଶରେ ୭୯ଟି ପ୍ରାକୃତିକ ବିପର୍ଯ୍ୟୟ ଘଟିଥିବାବେଳେ ଏଥିରେ ୨୦୦୦ରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଥିଲା। ସେହିପରି ଗତବର୍ଷ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଏଠାରେ ୭୦ ଲକ୍ଷରୁ ଅଧିକ ଲୋକ କ୍ଷତିଗ୍ରସ୍ତ ହୋଇଥିଲେ। ତେବେ ଏଥିମଧ୍ୟରୁ ୮୦ ପ୍ରତିଶତ ବିପର୍ଯ୍ୟୟ କେବଳ ବନ୍ୟା ଓ ବାତ୍ୟା ଦ୍ୱାରା ହୋଇଥିବା ରିପୋର୍ଟରେ ପ୍ରକାଶ ପାଇଛି। ବିଭିନ୍ନ ଏସୀୟ ଦେଶରେ ଗତବର୍ଷ ତାପମାତ୍ରା ମଧ୍ୟ ବୃଦ୍ଧି ପାଇଥିଲା। ୧୯୯୧ରୁ ୨୦୨୦ ମଧ୍ୟରେ ରହିଥିବା ହାରାହାରି ତାପମାତ୍ରାଠାରୁ ଗତବର୍ଷ ଏଠାକାର ତାପମାତ୍ରା ୦.୯୧ ଡିଗ୍ରୀ ସେଲସିୟସ ଅଧିକ ଥିଲା। ସେହିପରି ୧୯୬୧ରୁ ୧୯୯୦ ପର୍ଯ୍ୟନ୍ତ ରହିଥିବା ହାରାହାରି ତାପମାତ୍ରାଠାରୁ ଗତବର୍ଷ ଏଠାକାର ତାପମାତ୍ରା ୧.୮୭ ଡିଗ୍ରୀ ସେଲସିୟସ ଅଧିକ ଥିଲା।

#### ଜାତୀୟ ପଞ୍ଚାୟତିରାଜ ଦିବସ

# ଗାଁ ଦେଶର ମେରୁଦଣ୍ଡ

ଭାରତ ହେଉଛି ବିବିଧତାର ଦେଶ। ଯେତେବେଳେ ଦେଶର ସମଗ୍ର ବିକାଶ ବିଷୟରେ କଥା ଉଠେ, ସେତେବେଳେ ତୃଣମୂଳସ୍ତରରୁ ତାହା ଆରମ୍ଭ ହୋଇଥାଏ। କେବଳ କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାର ଏହି ଦେଶକୁ ସମ୍ପୂର୍ଣ୍ଣ ଭାବେ ଚଳାଇବାକୁ ସକ୍ଷମ ନୁହନ୍ତି। ଏଥିଲାଗି ଏକ ସ୍ୱତନ୍ତ୍ର ବ୍ୟବସ୍ଥା ଆବଶ୍ୟକ। ଏଥିଲାଗି ଦେଶର ପ୍ରତ୍ୟେକ କୋଣରେ ଗଣତନ୍ତ୍ରକୁ ସ୍ଥାପନା କରିବା ଉଦ୍ଦେଶ୍ୟରେ ପଞ୍ଚାୟତି ରାଜ ବ୍ୟବସ୍ଥା ଆରମ୍ଭ ହୋଇଛି। ଗ୍ରାମୀଣ ଅଞ୍ଚଳର ଲୋକେ ନିଜର ରାୟ ରଖିବା ସହ ବିକାଶ ଏବଂ ସଶକ୍ତିକରଣର ଅଂଶ ହେବା ଏହି ବ୍ୟବସ୍ଥା ପ୍ରଣୟନର ଉଦ୍ଦେଶ୍ୟ।

ପ୍ରତିବର୍ଷ ୨୪ ଏପ୍ରିଲରେ ପଞ୍ଚାୟତିରାଜ ଦିବସ ପାଳନ କରାଯାଇଥାଏ। ଚଳିତ ବର୍ଷ ଏହା ବୁଧବାରରେ ପଡ଼ିଛି। ତେବେ ୨୦୧୦ରେ ପ୍ରଥମ ପଞ୍ଚାୟତି ରାଜ ଦିବସ ପାଳନ ହୋଇଥିଲା। ଏହାକୁ ୧୯୯୩ରେ ୭୩ତମ ସାମ୍ବିଧାନିକ ସଂଶୋଧନ ଅଧିନିୟମ ଅନୁଯାୟୀ ପଞ୍ଚାୟତି ରାଜ ବ୍ୟବସ୍ଥା ପ୍ରଣୟନ କରାଯାଇଥିଲା। ପଞ୍ଚାୟତି ରାଜ ମନ୍ତ୍ରଣାଳୟ ପକ୍ଷରୁ ପ୍ରତିବର୍ଷ ୨୪ ଏପ୍ରିଲକୁ ଜାତୀୟ ପଞ୍ଚାୟତି ରାଜ ଦିବସ ଭାବରେ ପାଳନ କରିଥାଏ। ପଞ୍ଚାୟତି ରାଜ ବ୍ୟବସ୍ଥା ମୁତାବକ ଗ୍ରାମ ସ୍ତରରେ ଗ୍ରାମସଭା, ବ୍ଲକ ସ୍ତରରେ ମଣ୍ଡଳ ପରିଷଦ ଏବଂ ଜିଲା ସ୍ତରରେ ଜିଲା ପରିଷଦ ରହିଛି। ଏହି ସମସ୍ତ ସଂସ୍ଥା ପାଇଁ ନିର୍ବାଚିତ ସଦସ୍ୟ ତୃଣମୂଳସ୍ତରରେ ଶାସନକୁ ସମ୍ଭାଳିଥାନ୍ତି। ଏହା ଦ୍ୱାରା ଶାସନ ବ୍ୟବସ୍ଥା ତୃଣମୂଳସ୍ତରରେ ପହଞ୍ଚି ପାରିଛି। ଗ୍ରାମଗୁଡିକୁ ନିଜସ୍ୱ କାର୍ଯ୍ୟକଳାପ କରିବା ପାଇଁ ଏହି ବ୍ୟବସ୍ଥା ଦାୟିତ୍ୱ ପ୍ରଦାନ କରିଥାଏ। ବଲୱନ୍ତ ରାୟ ମେହେଟ୍ଟା ଗ୍ରାମ ପଞ୍ଚାୟତର ବିକେନ୍ଦ୍ରୀକରଣ ପାଇଁ ପ୍ରସ୍ତାବ ଦେଇଥିଲେ। ଏଥିପାଇଁ ତାଙ୍କୁ ପଞ୍ଚାୟତିରାଜ ବ୍ୟବସ୍ଥାର ଜନକ ମଧ୍ୟ କୁହାଯାଇଥାଏ। ଏହି ଦିନ ଦେଶର ପଞ୍ଚାୟତଗୁଡିକର ବିଭିନ୍ନ ପ୍ରତିନିଧିମାନେ ଆୟୋଜିତ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରି ଏନେଇ ସଚେତନତା ସୃଷ୍ଟିର ଉଦ୍ୟମ କରିଥାନ୍ତି।



୨୪ ଏପ୍ରିଲ ୨୦୧୦ରେ ଏହି ଦିବସ ପ୍ରଥମ ଥର ପାଇଁପାଳନ କରାଯାଇଥିଲା। ୭୩ ତମ ସଂଶୋଧନ ଅଧିନିୟମ ୧୯୯୨ ଅନୁଯାୟୀ, ତୃଣମୂଳ ସ୍ତରର କ୍ଷମତା ବିକେନ୍ଦ୍ରୀକରଣ କରାଯାଇ ପଞ୍ଚାୟତିରାଜ ନାମରେ ପରିଚିତ ଅନୁଷ୍ଠାନର ମୂଳଦୁଆ ଆରମ୍ଭ ହୋଇଥିଲା। ଏହାସହିତ ପଞ୍ଚାୟତିରାଜ ମନ୍ତ୍ରଣାଳୟର କାର୍ଯ୍ୟ ପରିସରକୁ ଏକ ବ୍ୟବସ୍ଥିତ ଆଧାର ପ୍ରଦାନ କରିଥିଲା। ୧୯୫୭ରେ ଏନେଇ କମିଟି ଗଠନ ହେବା ପରେ ପଞ୍ଚାୟତିରାଜ ଭାବନା କାର୍ଯ୍ୟକାରୀ ହୋଇଥିଲା। ୧୯୫୯ରେ ରାଜସ୍ଥାନ ପ୍ରଥମ ରାଜ୍ୟ ଭାବରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଦେଶକୁ ଆଣିଥିଲା।ଏହି ବିଲ ୨୨ ଡିସେମ୍ବର ୧୯୯୨ରେ ଲୋକ ସଭା ଏବଂ ୨୩ ଡିସେମ୍ବର ୧୯୯୨ରେ ରାଜ୍ୟ ସଭା ଦ୍ୱାରା ଗୃହୀତ ହୋଇଥିଲା। ପରେ ଏହା ୧୭ଟି ରାଜ୍ୟ ବିଧାନସଭା ଦ୍ୱାରା ଅନୁମୋଦିତ ହୋଇଥିଲ। ୧୯୯୩ ଏପ୍ରିଲ ୨୩ରେ ଏହା ରାଷ୍ଟ୍ରପତିଙ୍କ ସ୍ୱୀକୃତି ଲାଭ କରିଥିଲା। ଏହି ନିୟମ ୨୪ ଏପ୍ରିଲ ୧୯୯୩ରୁ କାର୍ଯ୍ୟକାରୀ ହୋଇଥିଲା। ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ୨୪ ଏପ୍ରିଲ ୨୦୧୦ରେ ପ୍ରଥମ ଜାତୀୟ ପଞ୍ଚାୟତିରାଜ ଦିବସ ଘୋଷଣା କରିଥିଲେ।

#### ଫୁର୍‌ସତ୍

### ସେଲ୍ସ ଗର୍ଲ ହେଲେ ଶ୍ରଦ୍ଧା



**ମୁମ୍ବାଇ:** ବଲିଉଡ୍‌ର ପ୍ରତିଭାବାନ୍ ଅଭିନେତ୍ରୀ ଶ୍ରଦ୍ଧା କପୁର ସୋସିଆଲ ମିଡିଆରେ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି। ସେ ନିଜ ଇନ୍‌ଷ୍ଟାଗ୍ରାମରେ ଏକ ଭିଡିଓ ପୋଷ୍ଟ କରିଛନ୍ତି, ଯାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଏହି ଭିଡିଓରେ ଶ୍ରଦ୍ଧା ଏକ ଜୁଏଲେରୀ ଦୋକାନରେ ଗ୍ରାହକଙ୍କୁ ଅଳଙ୍କାର ବିକ୍ରି କରୁଥିବା ଦେଖିବାକୁ ମିଳିଛି। ପୁନେର ଏକ ଜୁଏଲେରୀ ଦୋକାନରେ କୌଣସି ସେଲ୍ସ ଗର୍ଲଙ୍କ ପରି ଶ୍ରଦ୍ଧା ଗୋଟିଏ ନୂଆ ଅଳଙ୍କାର ବ୍ରାଣ୍ଡକୁ ବିକ୍ରି କରିବା ପାଇଁ ଚେଷ୍ଟା କରୁଥିବା ଭିଡିଓରୁ ଜଣାପଡୁଛି। ପ୍ରଥମେ ସେ ଦୋକାନର ଫାଟକ ନିକଟରେ ଠିଆହୋଇ ଗ୍ରାହକଙ୍କୁ ସ୍ୱାଗତ କରୁଛନ୍ତି। ଏହାସହ ସେ ଗ୍ରାହକଙ୍କୁ ଅଳଙ୍କାର କିଣିବାରେ ସାହାଯ୍ୟ ମଧ୍ୟ କରୁଛନ୍ତି। କେଉଁ ଅଳଙ୍କାର କିଣିବା ଉଚିତ ଏବଂ କେଉଁ ପୋଷାକ ସହ କେଉଁ ଅଳଙ୍କାର ଉପଯୁକ୍ତ ହେବ, ଏନେଇ ଶ୍ରଦ୍ଧା ଉପସ୍ଥିତ ଗ୍ରାହକଙ୍କୁ ପରାମର୍ଶ ଦେଉଛନ୍ତି। ଶ୍ରଦ୍ଧାଙ୍କ ଏହି ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେଉଛି। ତାଙ୍କର ସେଲ୍ସ ଗର୍ଲ ରୂପ ଦେଖି ଅନେକ ପ୍ରଶଂସକ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ସେଲ୍ସ ଗର୍ଲ ଭାବେ କାର୍ଯ୍ୟ କରୁଥିବା ମହିଳାଙ୍କ କାମ କେଡ଼େ କଷ୍ଟ ତାହା ଜଣାଇବାକୁ ଏହି ଭିଡିଓ କରିଥିବା ଶ୍ରଦ୍ଧା କହିଛନ୍ତି। ପ୍ରଥମଥର ପାଇଁ ସେ ଜଣେ ସେଲ୍ସ ଗାର୍ଲ ଭାବେ କାର୍ଯ୍ୟ କରିଥିବା ବେଳେ ଏହା ଆଦୌ ସହଜ ହୋଇ ନ ଥିବା ଶ୍ରଦ୍ଧା କହିଛନ୍ତି। ଆଦିତ୍ୟ ରାୟ କପୁରଙ୍କ ସହ 'ଆଶିକୀ ୨' ଚଳଚ୍ଚିତ୍ରରୁ ଶ୍ରଦ୍ଧା ବଲିଉଡ୍‌ରେ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ଗତବର୍ଷ ରିଲିଜ୍ ହୋଇଥିବା 'ତୁ ଝୁଟି ମେଁ ମକ୍କାର' ଫିଲ୍ମରେ ଶ୍ରଦ୍ଧାଙ୍କୁ ଶେଷଥର ପାଇଁ ଦେଖିବାକୁ ମିଳିଥିଲା। ଏହି ଚଳଚ୍ଚିତ୍ରରେ ସେ ରଣବୀର କପୁରଙ୍କ ସହ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ଆଗାମୀ ଦିନରେ ଶ୍ରଦ୍ଧା ରାଜକୁମାର ରାଓଙ୍କ ସହ 'ସ୍ତ୍ରୀ ୨' ଫିଲ୍ମରେ ନଜର ଆସିବେ। ଏହି ଚଳଚ୍ଚିତ୍ର ଆସନ୍ତା ଅଗଷ୍ଟ ୩୦ରେ ରିଲିଜ ହେବ।

# ମେ’ ୬ରୁ ଓଜେଇଇ

ଭୁବନେଶ୍ୱର, ୨୩।୪(ଅସମାପିକା ସାହୁ)

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ୨୦୨୪ ମେ’ ୬ରୁ ଆରମ୍ଭ ହେବ। ସିବିଟି ମୋଡ୍‌ରେ ହେବାକୁ ଥିବା ଏହି ପରୀକ୍ଷା ମେ ୧୦ ପର୍ଯ୍ୟନ୍ତ ଚାଲିବ। ପ୍ରତିଦିନ ତିନୋଟି ସିଫ୍ଟରେ ଦୁଇଘଣ୍ଟା ବ୍ୟବଧାନରେ ପରୀକ୍ଷା ଅନୁଷ୍ଠିତ ହେବ। ପ୍ରଥମ ସିଫ୍ଟ ସକାଳ ୮ଟା ୩୦ରୁ ୧୦ଟା ୩୦, ଦ୍ୱିତୀୟ ସିଫ୍ଟ ଅପରାହ୍ନ ୧୨ଟା ୩୦ରୁ ୨ଟା ୩୦ ଏବଂ ତୃତୀୟ ସିଫ୍ଟ ୪ଟା ୩୦ରୁ ସନ୍ଧ୍ୟା ୬ଟା ୩୦ ପର୍ଯ୍ୟନ୍ତ ରହିଛି। ୬ ତାରିଖରେ ଏଲ୍‌ଇ ଟେକ୍(ଡିପ୍ଲୋମା) ପରୀକ୍ଷା ଥିବା ବେଳେ ୭ରେ ଏଲ୍‌ଇ ଟେକ୍(ଡିପ୍ଲୋମା), ଇଣ୍ଟିଗ୍ରେଟେଡ୍ ଏମ୍‌ବିଏ(ଏକଘଣ୍ଟା) ଏବଂ ଏଲ୍‌ଇ ଟେକ୍ ବିଏସ୍‌ସି(ଏକଘଣ୍ଟା)ର ପରୀକ୍ଷା ରହିଛି। ସେହିଭଳି ୮ ତାରିଖରେ ଏମ୍‌ବିଏ, ବି.କ୍ୟାଟ୍(ସିନେମାଟୋଗ୍ରାଫି / ସାଉଣ୍ଡ୍ ରେକର୍ଡିଂ ଏବଂ ଡିଜାଇନ-ଏକଘଣ୍ଟା) ଓ ଏଲ୍‌ଇ ଫାର୍ମ(ଏକଘଣ୍ଟା) ଏବଂ ୯ରେ ବି.ଫାର୍ମର ପରୀକ୍ଷା ଥିବାବେଳେ ୧୦ତାରିଖରେ ଏମ୍‌ସିଏ, ବି.କ୍ୟାଟ୍(ଫିଲ୍ମ ଏଡିଟିଂ-ଏକଘଣ୍ଟା), ଏମ୍.ଫାର୍ମ(ଏକଘଣ୍ଟା), ଏମ୍.ଆର୍କ, ଏମ୍.ପ୍ଲାନ ଓ ଏମ୍.ଟେକ୍ ପରୀକ୍ଷା ରହିଛି। ଛାତ୍ରୀଛାତ୍ର ଆସନ୍ତା ୨୭ ତାରିଖରୁ ଆଡ୍‌ମିଟ୍‌କାର୍ଡ ଡାଉନ୍‌ଲୋଡ୍ କରିପାରିବେ। ଏ ନେଇ ଓଜେଇଇ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।



ଚୈତ୍ରପୂର୍ଣ୍ଣିମା ଅବସରରେ ମଙ୍ଗଳବାର କଟକ ଚୌଧୁରୀ ବଜାର ଗୋପାଳଜୀଉ ଲେନ୍ ମଠସାହିଠାରେ ମାନସିକଧାରୀ ଝାମୁନିଆଁରେ ଚାଲୁଛନ୍ତି।

# ଠକେଇ ମାମଲାରେ ପ୍ରଦୀପ ପାଣିଗ୍ରାହୀଙ୍କୁ ଝଟକା

## ସ୍ଥଗିତାଦେଶ ହଟାଇଲେ ହାଇକୋର୍ଟ

କଟକ,୨୩।୪ (କାର୍ତ୍ତିକ ସାହୁ)

ଟାଟା ମୋଟର୍ସରେ ଚାକିରି କରାଇଦେବାକୁ କହି ଲକ୍ଷାଧିକ ଟଙ୍କା ଠକିବା ଅଭିଯୋଗ ମାମଲାରେ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ ବଡ଼ ଝଟ୍‌କା ଲାଗିଛି। ହାଇକୋର୍ଟ ତାଙ୍କ ଉପରୁ ସମସ୍ତ ସ୍ଥଗିତାଦେଶ ହଟାଇବା ସହ ଏଣିକି ନିୟମିତ କୋର୍ଟରେ ହାଜର ହେବେ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟଙ୍କ ଆଦେଶକୁ ପ୍ରଦୀପ ଅବମାନନା କରିବା ସହ କୋର୍ଟରେ ହାଜର ହେଉ ନ ଥିବା ଅଭିଯୋଗ ହୋଇଥିଲା। ତେବେ ହାଇକୋର୍ଟ ସ୍ଥଗିତାଦେଶ ହଟାଇବା ପରେ ପ୍ରଦୀପଙ୍କ ସହ ଅନ୍ୟ ଅଭିଯୁକ୍ତମାନେ ବି କୋର୍ଟରେ ହାଜର ହେବେ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ପ୍ରଦୀପ ଏବେ ଭାଜପାରୁ ବ୍ରହ୍ମପୁର ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ପ୍ରଦୀପ ପାଣିଗ୍ରାହୀ ଟାଟା ମୋଟର୍ସର ପାସେଞ୍ଜର ଡିଭିଜନ୍‌ରେ ଚାକିରି କରାଇଦେବାକୁ କହି ବହୁ ଲୋକଙ୍କ ଠାରୁ ଲକ୍ଷାଧିକ ଟଙ୍କା ନେଇଥିଲେ। ଏନେଇ ଟାଟା ମୋଟର୍ସର ପାସେଞ୍ଜର ଡିଭିଜନ୍ ପକ୍ଷରୁ ଦାଏର ଅଭିଯୋଗ ଆଧାରରେ ପ୍ରଦୀପଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା।

# ବିଜେଡି ଛାଡ଼ିଲେ ରାସେଶ୍ୱରୀ ପାଣିଗ୍ରାହୀ



ସମର୍ଥକଙ୍କସହ ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ।

## ‘ସମ୍ବଲପୁରର ଅସ୍ମିତା ଓ ସ୍ୱାଭିମାନ ପାଇଁ ଇସ୍ତଫା କହିଲେ

ସମ୍ବଲପୁର,୨୩।୪(ପ୍ରମୋଦ ବହିଦାର)

ସମ୍ବଲପୁର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟିକ ଡା. ରାସେଶ୍ୱରୀ ପାଣିଗ୍ରାହୀ ମଙ୍ଗଳବାର ବିଜେଡିରୁ ଇସ୍ତଫା ଦେଇଥିବା କହିଛନ୍ତି। ସମ୍ବଲପୁରର ଅସ୍ମିତା ଓ ସ୍ୱାଭିମାନ ପାଇଁ ସେ ଏଭଳି କଠିନ ନିଷ୍ପତ୍ତି ନେଇଛନ୍ତି। ତେବେ ଆଗକୁ ସେ ଜନସେବା ଜାରି ରଖିବେ। ବିଜେଡିରୁ ଇସ୍ତଫା ଦେବା ଅବସରରେ ଏହିଭଳି ଢଙ୍ଗରେ ଗଣମାଧ୍ୟମକୁ କହିଛନ୍ତି ଡା. ପାଣିଗ୍ରାହୀ। ସେ ତାଙ୍କ ଇସ୍ତଫା ପତ୍ର ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ମାର୍ଫତରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ପ୍ରେରଣ କରିଛନ୍ତି। ଏଥିରେ ସେ ଦଳର ପ୍ରାଥମିକ ସଦସ୍ୟତା ପଦରୁ ଇସ୍ତଫା ଦେଇଥିବା ଉଲ୍ଲେଖ କରିଛନ୍ତି। ଡା. ପାଣିଗ୍ରାହୀଙ୍କ ସହିତ ବିଜେଡି ସମ୍ବଲପୁର ନଗର ସଭାପତି ସତୀଶ ବିଶିଙ୍କ ସହିତ ଦଳର ବିଭିନ୍ନ ପଦପଦବୀରେ ଥିବା ତାଙ୍କର କେତେକ ଦୃଢ଼ ସମର୍ଥକ ମଧ ଦଳରୁ ଇସ୍ତଫା ଦେଇଥିବା ସୂଚନା ମିଳିଛି। ଡା. ପାଣିଗ୍ରାହୀଙ୍କ ଇସ୍ତଫା ସମ୍ବଲପୁର ବିଜେଡି ରାଜନୀତିରେ ହଟଚମଟ ସୃଷ୍ଟି କରିଛି।

ବିଜେଡିରୁ ଇସ୍ତଫା ଦେଲା ପରେ ଡା. ପାଣିଗ୍ରାହୀ କହିଛନ୍ତି, ସମ୍ବଲପୁରର ଅସ୍ମିତା ଓ ସମ୍ବଲପୁରବାସୀଙ୍କ ସ୍ୱାର୍ଥ ହିଁ ତାଙ୍କ ଇସ୍ତଫାର କାରଣ। ବିଜେଡିରେ ନୀତି ଆଦର୍ଶର ଅଭାବ ରହିଛି। ଯେଉଁମାନେ ସମ୍ବଲପୁର ପ୍ରାର୍ଥୀଙ୍କୁ ଦିନେ ଅପାରଗ ଆଖ୍ୟା ଦେଇଥିଲେ, ସେଇମାନେ ହିଁ ଆଜି ତାଙ୍କୁ ଏଠାରୁ ପ୍ରାର୍ଥୀ କରିଛନ୍ତି। ଏହା ସମ୍ବଲପୁରର ସ୍ୱାର୍ଥ ଓ ସ୍ୱାଭିମାନ ପ୍ରତି କୁଠାରାଘାତ। ରାଜ୍ୟର ଦ୍ୱିତୀୟ ରାଜଧାନୀ ତଥା ପଶ୍ଚିମ ଓଡ଼ିଶା ପ୍ରାଣକେନ୍ଦ୍ର କୁହାଯାଉଥିବା ସମ୍ବଲପୁରର ସ୍ୱାଭିମାନକୁ ବିଜେଡି ପକ୍ଷରୁ ଅଣଦେଖା କରାଯାଇଛି। ଏଠାରେ ନେତାଙ୍କ ଅଭାବ ଥିବା ଭଳି ଜଣେ ବାହାରିଆ ବ୍ୟକ୍ତିଙ୍କୁ ସମ୍ମାନଜନକ ସମ୍ବଲପୁର ଆସନରେ ପ୍ରାର୍ଥୀ କରିଛି ବିଜେଡି। ବିଜେଡିର ଜଣେ ଶୃଙ୍ଖଳିତ କର୍ମୀ ଭାବେ ସେ ଦୀର୍ଘଦିନ ହେଲା ଲୋକଙ୍କ ସେବା ସହ ଦଳୀୟ ସଂଗଠନ ପାଇଁ କାର୍ଯ୍ୟ କରି ଆସୁଛନ୍ତି। ୨୦୧୪ ମସିହାରେ ବିଜେଡି ତାଙ୍କୁ ସୁଯୋଗ ଦେବାରୁ ବିଧାୟିକାଭାବେ ଜନସେବାକୁ ଆହୁରି ତ୍ୱରାନ୍ୱିତ କରି ପାରିଥିଲେ। ୨୦୧୯ରେ ସେ ବିଧାୟିକା ନଥାଇ ମଧ ଦଳ ପାଇଁ କାମ କରିବା ସହ ଲୋକଙ୍କ ସେବା ଜାରି ରଖିଥିଲେ। ଆଗକୁ ସେ ଅନ୍ୟ କୌଣସି ରାଜନୈତିକ ଦଳରେ ସାମିଲ ହେବେନାହିଁ। ତାଙ୍କ ଟ୍ରଷ୍ଟ ମାଧ୍ୟମରେ ଗରିବ ପିଲାଙ୍କ ପଢ଼ାଠାରୁ ଆରମ୍ଭ କରି ସମାଜର ଦୁଃସ୍ଥ ଓ ଅବହେଳିତ ଲୋକଙ୍କୁ ଚିକିତ୍ସା ସେବା ଯୋଗାଇ ଦେବେ। ଏପରିକି ତାଙ୍କ ସମସ୍ତ ସମ୍ପତ୍ତି ଉକ୍ତ ଟ୍ରଷ୍ଟକୁ ଦାନ କରିଦେବେ ବୋଲି କହିଛନ୍ତି। ତାଙ୍କ ଶୁଭେଚ୍ଛୁ ସମର୍ଥକମାନଙ୍କ ବିଷୟରେ ସେ କହିଛନ୍ତି ଯେ, ସେମାନେ ସମସ୍ତେ ସ୍ୱୟଂ ସମ୍ପୂର୍ଣ୍ଣ ଓ ନିଜ ନିଷ୍ପତ୍ତି ନେବାକୁ ସକ୍ଷମ। ତେଣୁ ସେମାନେ ବିଜେଡିରେ ରହିବେ ନା ଅନ୍ୟ କୌଣସି ଦଳରେ ସାମିଲ ହେବେ ସେ ନିଷ୍ପତ୍ତି ସେମାନେ ନିଜେ ସ୍ୱାଧୀନ ଭାବେ ନେବେ ବୋଲି ରାସେଶ୍ୱରୀ କହିଛନ୍ତି।

# ସୀମାନ୍ତ ଅଞ୍ଚଳରେ ଯାଞ୍ଚ କଡ଼ାକଡ଼ି

## ପୋଲିସ, ଅବକାରୀ ଓ ବନ ବିଭାଗ ସାମିଲ




ତନଖି ଫାଟକରେ ଯାଞ୍ଚ କରାଯାଉଛି।

ନୂଆପଡ଼ା,୨୩।୪ (ମକାରୁ ବେମାଲ)

୨୦୨୪ ସାଧାରଣ ନିର୍ବାଚନକୁ ସ୍ୱଚ୍ଛ, ଅବାଧ ଓ ଶାନ୍ତିଶୃଙ୍ଖଳାର ସହ କରିବା ପାଇଁ ପ୍ରଶାସନିକ ସ୍ତରରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଭୋଟ ଗ୍ରହଣ ପୂର୍ବରୁ ବା ଭୋଟ ଗ୍ରହଣ ସମୟରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହେବା ପାଇଁ ନୂଆପଡ଼ା ଜିଲା ପ୍ରଶାସନ ସଜାଗ ହୋଇ ରହିଛି। ଆଗୁଆ ପଦକ୍ଷେପ ସ୍ୱରୂପ ଜିଲା ଭିତରକୁ ଅବାଧ କାରବାର ରୋକିବା ପାଇଁ ସୀମାନ୍ତ ରାସ୍ତାରେ ଟିକିନିଖି ଯାଞ୍ଚ ଚାଲିଛି। ପୋଲିସ, ଅବକାରୀ ଓ ବନ ବିଭାଗ ମିଳିତ ଭାବେ ଜିଲା ସହିତ ସଂଲଗ୍ନ ରାସ୍ତାଗୁଡିକରେ ଯାନବାହନ ଯାଞ୍ଚ କରୁଛନ୍ତି। ଜିଲାର ଉତ୍ତର-ପଶ୍ଚିମ ଭାଗକୁ ଛତିଶଗଡ ରାଜ୍ୟ ରହିଥିବା ବେଳେ ପୂର୍ବ-ଦକ୍ଷିଣ ଭାଗକୁ କଳାହାଣ୍ଡି, ବଲାଙ୍ଗୀର ଓ ବରଗଡ ଜିଲା ରହିଛି । ଆନ୍ତଃ ରାଜ୍ୟ ଛତିଶଗଡ ସୀମାନ୍ତକୁ ସଂଯୋଗ କରୁଥିବା ଦୁଇଟି ରାସ୍ତା ଖରିଆର ରୋଡ୍ ଜୋଙ୍କ ନଦୀ କୂଳରେ ୨୪ ଘଣ୍ଟା ପୋଲିସ ପହରା ଦେଇ ସମସ୍ତ ଗାଡିମୋଟର ଯାଞ୍ଚ କରୁଛି। ସିନାପାଲି ଥାନା କୁସୁମଯୋର ଦେଇ ଛତିଶଗଡକୁ ସଂଯୋଗ କରୁଥିବା ରାସ୍ତା, ବେଲଟୁକୁରି ଥାନା ଦେଇ ବରଗଡ ଜିଲାକୁ ସଂଯୋଗ କରୁଥିବା ରାସ୍ତା, ସାଇପହା ଦେଇ ବରଗଡକୁ ସଂଯୋଗ କରୁଥିବା ରାସ୍ତା, କୋମନା ଥାନା ଦେଇ ସେମେଲପାଲି, ସିଙ୍ଗାରି, ପେଣ୍ଡରାବନ ଗାଁ ଦେଇ ଯାଇଥିବା ବଲାଙ୍ଗୀର ରାସ୍ତା, ଟୁକଲା, ଚାନ୍ଦତରା ଦେଇ କଳାହାଣ୍ଡିକୁ ସଂଯୋଗ କରୁଥିବା ସୀମାନ୍ତରେ ଯାନବାହନ ଯାଞ୍ଚ ଚାଲିଛି। ୧୩ଟି ଆନ୍ତଃ ଜିଲା ଓ ରାଜ୍ୟକୁ ସଂଯୋଗ କରୁଥିବା ରାସ୍ତା ମଧ୍ୟରୁ ୫ଟି ମାଓବାଦୀ ପ୍ରବଣ ଅଞ୍ଚଳ ରହିଛି। ବିଶେଷ କରି ସିନାପାଲି ଥାନା ଘାଟମାଳ, ନଙ୍ଗଲବୋର୍ଡ, ଚିତାରମା, ବୋଡେନ ଥାନା କାଟଫାର, ପାଟପାଣି, ଗର୍ଜନପାଣି, ଭଇଁଷାଦାନି, କୋମନା ଥାନା ଝରଲାଆମ, ଶିବନାରାୟଣପୁର, ଭାଓସିଲ, ଖଡାଙ୍ଗ, ଦାତୁନାମା, ଥାଳିପାଣି, ଧରମବନ୍ଧା ଥାନା କଟିଙ୍ଗପାଣି, ଭରୁଆମୁଣ୍ଡା ଆଦି ଅଞ୍ଚଳରେ ମାଓବାଦୀ ଗତିବିଧି ସକ୍ରିୟ ଥିବା ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ବିଭାଗ ପକ୍ଷରୁ ୨୪ ଘଣ୍ଟା ପହରା ଚାଲିଛି । ଏ ସମ୍ପର୍କରେ ନୂଆପଡା ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଲା ରେଡ୍ଡି ରାଘବେନ୍ଦ୍ର କହିଛନ୍ତି, ସାଧାରଣ ନିର୍ବାଚନ ଥିବାରୁ ସୀମାନ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋରଦାର କରାଯିବ। ସୁରକ୍ଷା ବାହିନୀ ପକ୍ଷରୁ ନକ୍ସଲ ବିରୋଧୀ ଅପରେଶନ ଆରମ୍ଭ ହୋଇଛି । ସୁନାବେଡା ଅଭୟାରଣ୍ୟ, ପାଟଦର୍ହା ଅଞ୍ଚଳରେ ସିଆର୍‌ପିଏଫ୍, ଏସ୍‌ଓଜି, ଡିଭିଏଫ୍ ଯବାନଙ୍କ ମିଳିତ ଅପରେଶନ ଚାଲିଥିବା ସେ କହିଛନ୍ତି ।

## ୧.୫ଲକ୍ଷ ଟଙ୍କା ଜବତ

ବରଗଡ଼,୨୩।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅମ୍ବାଭୋନା ଥାନା ପୋଲିସ ମଙ୍ଗଳବାର ଛତିଶଗଡ଼ ସୀମାନ୍ତ ରୁଚିଦା ନାକାପୋଷ୍ଟରେ ଯାଞ୍ଚବେଳେ ୧ ଲକ୍ଷ ୫୦ହଜାର ଟଙ୍କା ଜବତ କରିଛି। ଛତିଶଗଡ଼ ଚିରରା ଗ୍ରାମର ବିଜୟ ସାହଙ୍କଠାରୁ ତାହା ଜବତ ହୋଇଛି। ତେବେ ଜବତ ଟଙ୍କା ସହିତ ନିର୍ବାଚନର କିଛି ସମ୍ପର୍କ ରହିଛି କି ନାହିଁ, ସେ ଦିଗରେ ପୋଲିସ ଅଧିକ ତଦନ୍ତ କରୁଛି। ବିଜୟ ଏକ ବାଇକ୍ ଯୋଗେ ଛତିଶଗଡ଼ରୁ ଅମ୍ବାଭୋନା ପଟକୁ ଆସୁଥିଲେ। ଏହି ସମୟରେ ପୋଲିସ ଯାଞ୍ଚ କରି ଟଙ୍କା ଜବତ କରିଥିଲା। ଯାଞ୍ଚବେଳେ ଅମ୍ବାଭୋନା ଥାନା ଅଧିକାରୀ ବିପିନ ବାଗଙ୍କ ନିର୍ଦ୍ଦେଶରେ ଏସଆଇ ସତ୍ୟାନନ୍ଦ ଭୋଇ ଏବଂ ଅନ୍ୟ ପୋଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ମୃତକଙ୍କ ପରିବାରକୁ ୫ ଲକ୍ଷ କ୍ଷତିପୂରଣ ନିର୍ଦ୍ଦେଶ

## ଭେଡେନ୍ ଥାନା ହାଜତ ମୃତ୍ୟୁ ମାମଲା

- କ୍ଷତିପୂରଣ ରାଶି ଭରଣା ହେବ ଦୋଷୀ ପୋଲିସ ଅଧିକାରୀଙ୍କ ଦରମାରୁ
- ନିମ୍ନ ଅଦାଲତରେ ବିଚାରାଧୀନ ମାମଲାର ତ୍ୱରିତ ଶୁଣାଣି କରି କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

କଟକ,୨୩।୪ (କାର୍ତ୍ତିକ ସାହୁ)

ବରଗଡ଼ ଜିଲା ଭେଡେନ୍ ଥାନା ହାଜତ ମୃତ୍ୟୁ ମାମଲାର ସିବିଆଇ ତଦନ୍ତ ପାଇଁ ରୁଜୁ ମାମଲାରେ ହାଇକୋର୍ଟ ମୃତକ ମାଖୁନ୍ ବାଗ୍‌ଙ୍କ ପରିବାରକୁ ୫ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ବିଜୁ ବାଗ୍‌ଙ୍କ ପକ୍ଷରୁ ରୁଜୁ ମାମଲାର ରାୟ ପ୍ରକାଶ କରି ହାଇକୋର୍ଟ ବିଚାରପତି ଡ. ଏସ୍. କେ. ପାଣିଗ୍ରାହୀ ୬ ସପ୍ତାହ ମଧ୍ୟରେ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କ୍ଷତିପୂରଣ ଅର୍ଥରାଶିକୁ ଦୋଷୀ ଅଧିକାରୀଙ୍କ ଦରମାରୁ ଭରଣା କରିବାକୁ ମଧ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କୁ ମାମଲା ଖର୍ଚ୍ଚ ପ୍ରଦାନ ସହ ଦୋଷୀ ଅଧିକାରୀଙ୍କ ବିରୋଧରେ ନିମ୍ନ ଅଦାଲତରେ ବିଚାରାଧୀନ ମାମଲାର ତ୍ୱରିତ ଶୁଣାଣି କରି ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହାଇକୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୧୫ ଜୁଲାଇ ୧୭ ତାରିଖର ଘଟଣା। ଏକ ବଳାତ୍କାର ଅଭିଯୋଗ ମାମଲାରେ ଫେରାର ଥିବା ନିଜ ପୁଅ ସମ୍ପର୍କରେ ଜାଣିବା ପାଇଁ ବରଗଡ଼ ଜିଲା ଡେକୁଲ୍‌ବା ଗ୍ରାମର ମାଖୁନ୍ ବାଗ୍(୫୪) ଭେଡେନ୍ ଥାନାର ତତ୍କାଳୀନ ଅଫିସର୍ ଇନ୍‌ଚାର୍ଜ ସୁଶୀଲ୍ କୁମାର ନାୟକଙ୍କୁ ଦେଖା କରିବାକୁ ଯାଇଥିଲେ। ମାତ୍ର ସେ ଆଉ ଘରକୁ ଫେରି ନ ଥିଲେ କି ତାଙ୍କ ସମ୍ପର୍କରେ କୌଣସି ସୂଚନା ମିଳି ନ ଥିଲା। ଏହି ଘଟଣାରେ ପୋଲିସ୍‌ର ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ଫଳରେ ମାଖୁନ୍ ବାଗ୍‌ଙ୍କ ସ୍ତ୍ରୀ ସାହେବାଣୀ ବାଗ୍ ୨୦୧୫ ସେପ୍ଟେମ୍ବର ୪ରେ ବରଗଡ଼ ଏସ୍‌ପିଙ୍କୁ ଭେଟିଥିଲେ। ମାଖୁନ୍ ଭେଡେନ୍ ଥାନାକୁ ଆସି ଆଉ ଘରକୁ ଫେରି ନ ଥିବା ନେଇ ସେ ଅଭିଯୋଗ କରିଥିଲେ। ହେଲେ ଏଥିରେ କିଛି ସୁଫଳ ମିଳି ନ ଥିଲା। ଫଳରେ ମାଖୁନ୍‌ଙ୍କ ପରିବାର ସଦସ୍ୟ ଓ ଗ୍ରାମବାସୀ ଭେଡେନ୍ ଥାନା ଘେରାଉ କରିବା ସହ ନିଖୋଜ ମାଖୁନ୍‌ଙ୍କୁ ତୁରନ୍ତ ଖୋଜିବାକୁ ଦାବି କରିଥିଲେ। ଖୋଜିବା ପାଇଁ ପୋଲିସ ପ୍ରତିଶ୍ରୁତି ଦେବାର ୮ ଦିନ ପରେ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ଅନ୍ତର୍ଗତ ମେଟକାଣୀ ମନ୍ଦିର ନିକଟ ଜଙ୍ଗଲରେ ଏକ ମୃତଦେହ ପଡିଥିବା ଖବର ମିଳିଥିଲା। ସେଠାରେ ପଡିଥିବା ଲୁଗାପଟାରୁ ଏହା ମାଖୁନ୍‌ଙ୍କ ମୃତଦେହ ବୋଲି ତାଙ୍କ ପରିବାର ଲୋକେ ଚିହ୍ନଟ କରିଥିଲେ। ମୃତଦେହର ଡିଏନ୍‌ଏ ପରୀକ୍ଷା ରିପୋର୍ଟରୁ ମଧ ଏହା ପ୍ରମାଣିତ ହୋଇଥିଲା। ୨୦୧୫ ସେପ୍ଟେମ୍ବର ୨୪ରେ ମୃତକଙ୍କ ପରିବାର ପକ୍ଷରୁ ଉଲୁଣ୍ଡା ଥାନାରେ ଭେଡେନ୍ ପୋଲିସ୍ ବିରୋଧରେ ଅଭିଯୋଗ ହୋଇଥିଲା। ଭେଡେନ୍ ଥାନା ହାଜତରେ ମାଖୁନ୍‌ଙ୍କୁ ପୋଲିସ ମାରିଦେବା ପରେ ଉପରୋକ୍ତ ଜଙ୍ଗଲରେ ଫିଙ୍ଗି ଦେଇଥିବା ନେଇ ଅଭିଯୋଗପର୍ଦ୍ଦରେ ଦର୍ଶାଯାଇଥିଲା। ଏନେଇ ପୋଲିସ ଆଇପିସିର ଦଫା ୩୦୨,୨୦୧ ଅନୁଯାୟୀ ଏକ ମାମଲା ରୁଜୁ ହୋଇଥିଲା। ପରେ ଉଲୁଣ୍ଡା ପୋଲିସ୍ ଏହି ମାମଲାର ତଦନ୍ତ କରି ଭେଡେନ୍ ଥାନାର ଅଧିକାରୀ ନିର୍ମଳ କୁମାର ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ପୋଲିସ ବିରୋଧରେ ପୋଲିସର ତଦନ୍ତକୁ ଭରସା କରି ନ ପାରି ମୃତକଙ୍କ ପରିବାର ପକ୍ଷରୁ ମାମଲାର ସିବିଆଇ ତଦନ୍ତ ସହ ୨୦ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ହାଇକୋର୍ଟରେ ମାମଲା ରୁଜୁ କରାଯାଇଥିଲା।

# ଅପରାଜିତାଙ୍କ ବିରୋଧରେ ସିଇଓଙ୍କୁ ଫେରାଦ ହେଲା ବିଜେଡି

## ରାଲିରେ ପିଲାଙ୍କୁ ନିୟୋଜିତ

ଭୁବନେଶ୍ୱର,୨୩।୪(ଅନିଲ ଦାସ)

ଭାଜପାର ଭୁବନେଶ୍ୱର ଲୋକ ସଭା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ବାରମ୍ବାର ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରୁଛନ୍ତି। ପିଲାଙ୍କୁ ନିର୍ବାଚନ ପ୍ରଚାରରେ ନିୟୋଜିତ କରୁଛନ୍ତି। ଏ ନେଇ ବହୁବାର ଅଭିଯୋଗ ପରେ ମଧ ସେ ଅଭ୍ୟାସ ବଦଳାଉନାହାନ୍ତି। ଏ ନେଇ ମଙ୍ଗଳବାର ବିଜେଡିର ଏକ ପ୍ରତିନିଧି ଦଳ ପୁଣି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ ନିକଟରେ ଫେରାଦ ହୋଇଛନ୍ତି। କିଛିଦିନ ତଳେ ଖୋର୍ଦ୍ଧା ଏବଂ ଭୁବନେଶ୍ୱରରେ ଅପରାଜିତା ପ୍ରଚାର କରିବା ବେଳେ ଛୋଟ ପିଲାଙ୍କ ବେକରେ ଭାଜପା ଉତ୍ତରୀୟ ପକାଇ ବୁଲାଇଥିଲେ। ନିର୍ବାଚନରେ ଛୋଟପିଲାଙ୍କୁ ବ୍ୟବହାର କରିବାକୁ କଡ଼ାକଡ଼ି ବାରଣ କରାଯାଇଛି। ଏହା ସତ୍ତ୍ୱେ ସେ ଛୋଟପିଲାଙ୍କୁ ନିର୍ବାଚନ ପ୍ରଚାରରେ ବାରମ୍ବାର ବ୍ୟବହାର କରୁଛନ୍ତି। ଜଟଣୀ ଅଞ୍ଚଳରେ ଏଭଳି ଦେଖିବାକୁ ମିଳିଥିଲା। ଅପରାଜିତା ପିଲାଙ୍କୁ ପ୍ରଚଣ୍ଡ ଖରାରେ ନିର୍ବାଚନ ପ୍ରଚାରରେ ବୁଲାଇଥିଲେ। ଏହାର ଫଟୋ ବିଜେଡି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରିଛି। ଅପରାଜିତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବିଜେଡି ଦାବି କରିଛି।

# ଯୋଡ଼ିଶଙ୍ଖ ଭିଡିଓ ଧର୍ମେନ୍ଦ୍ରଙ୍କ ନିଦ ହଜାଇ ଦେଲାଣି: ବିଜେଡି

ଭୁବନେଶ୍ୱର,୨୩।୪(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ବାଚନ ମଇଦାନକୁ ଓହ୍ଲାଇ ନାହାନ୍ତି, ହେଲେ କିଛି ଲୋକ ତାଙ୍କୁ ଈର୍ଷା କଲେଣି। ଯୋଡ଼ିଶଙ୍ଖ ଭିଡିଓ ଦେଖି ସେମାନଙ୍କ ରାତି ନିଦ ହଜିଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଯୋଡ଼ିଶଙ୍ଖର ଭିଡିଓ ଏତେ ଲୋକପ୍ରିୟ ହୋଇଛି ଯେ ଇନ୍‌ଷ୍ଟାଗ୍ରାମ୍‌ରେ ସବୁ ରେକର୍ଡ କାଟିଦେଇଛି। ୨୪ ଘଣ୍ଟାରୁ କମ୍ ସମୟରେ ୪ ନିୟୁତ ଲୋକ ଏହି ଭିଡିଓ ଦେଖିସାରିଲେଣି । ମୁଖ୍ୟମନ୍ତ୍ରୀଙ୍କ ଏହି ଲୋକପ୍ରିୟତା ହିଁ ବିରୋଧୀ ଦଳର ନେତା ବିଶେଷକରି ଧର୍ମେନ୍ଦ୍ର ପ୍ରଧାନଙ୍କୁ ଈର୍ଷାନ୍ୱିତ କରିଦେଇଛି ବୋଲି କହିଛନ୍ତି ବିଜେଡି ମୁଖପାତ୍ର ତଥା ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର। ମଙ୍ଗଳବାର ଗଣମାଧ୍ୟମକୁ ସସ୍ମିତ କହିଛନ୍ତି ଯେ କେନ୍ଦ୍ରମନ୍ତ୍ରୀ ଈର୍ଷା ଏବଂ କ୍ରୋଧରେ ହିତାହିତ ଜ୍ଞାନ ହରାଇ ମୁଖ୍ୟମନ୍ତ୍ରୀ ପିନ୍ଧିଥିବା ସମ୍ବଲପୁରୀ ଲୁଙ୍ଗିକୁ ସମାଲୋଚନା କରିଛନ୍ତି। ଅନେକ ବୁଣାକାର ଯେଉଁମାନେ ଏହାକୁ ତିଆରି କରିଛନ୍ତି, ଓଡ଼ିଶାର ଅନେକ ଲକ୍ଷ ଲୋକ ଯେଉଁମାନେ ଏହାକୁ ପିନ୍ଧୁଛନ୍ତି, ସେମାନଙ୍କୁ ସେ ଅପମାନିତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଯେଉଁ ଲୁଙ୍ଗି ପିନ୍ଧିଥିଲେ, ତାହା ହେଉଛି ସମ୍ବଲପୁରୀ ଲୁଙ୍ଗି, ଯାହାପଛରେ ଅନେକ ବୁଣାକାରଙ୍କ ଶ୍ରମ ରହିଛି। ଧର୍ମେନ୍ଦ୍ର ବୁଣାକାରଙ୍କ ପରମ୍ପରାକୁ ଅପମାନିତ କରିଥିବାରୁ କ୍ଷମାପ୍ରାର୍ଥନା କରନ୍ତୁ ବୋଲି ସସ୍ମିତ କହିଛନ୍ତି ।

# ଆହୁରି ୬ ଡିଗ୍ରୀ ଯାଏ ବଢ଼ିବ ତାତି

## ଗୁଳୁଗୁଳି, ଝାଞ୍ଜିରେ ଛଟପଟ ସାରା ଓଡ଼ିଶା

ଭୁବନେଶ୍ୱର, ୨୩।୪
(ଅସମାପିକା ସାହୁ)

ରାଜ୍ୟରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଗରମରେ ସାରା ରାଜ୍ୟ ଛଟପଟ ହେଉଛି। ମଙ୍ଗଳବାର ରାଜ୍ୟରେ ତାପମାତ୍ରା ସାମାନ୍ୟ ହ୍ରାସ ପାଇଥିଲେ ମଧ ଗୁଳୁଗୁଳି ସହିତ ଝାଞ୍ଜି ପବନରେ ମଣିଷଠାରୁ ପଶୁପକ୍ଷୀ କଲବଲ ହେଉଛନ୍ତି। ତେବେ ୨୬ରୁ ଏହି ସ୍ଥିତି ଆହୁରି ଭୟଙ୍କର ହେବ। ଆଗାମୀ ୫ଦିନ ମଧ୍ୟରେ ରାଜ୍ୟର ଅନେକ ସ୍ଥାନରେ ଦିନ ତାପମାତ୍ରାରେ ୪ରୁ ୬ଡିଗ୍ରୀ ଯାଏ ବୃଦ୍ଧି ପାଇବାର ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ପାଣିପାଗ କେନ୍ଦ୍ରର ରିପୋର୍ଟ ଅନୁସାରେ, ମଙ୍ଗଳବାର ୧୮ ସହରରେ ଦିନ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ କରାଯାଇଥିବାବେଳେ ୪୨.୮ଡିଗ୍ରୀ ସହ ପାରଳାଖେମୁଣ୍ଡି ରାଜ୍ୟର ଉତ୍ତପ୍ତ ସହର ରହିଥିଲା। ସେହିପରି ନୟାଗଡ଼ରେ ୪୨.୨, ଭୁବନେଶ୍ୱର ୪୧.୮, ବଲାଙ୍ଗୀର ୪୧.୮, ଅନୁଗୋଳ ୪୧.୭, ମାଲକାନଗିରି ୪୧.୫, ବାରିପଦା ଓ ନୂଆପଡ଼ାରେ ୪୧.୨, ଟିଟିଲାଗଡ଼ ୪୧, ବୌଦ୍ଧ ୪୦.୭, ଭବାନୀପାଟଣା ୪୦.୬, ଚାନ୍ଦବାଲି ୪୦.୪, ବାଲେଶ୍ୱର ୪୦.୩, ଝାରସୁଗୁଡ଼ା ୪୦.୨, ତାଳଚେର, ସୋନପୁର, ଯାଜପୁର ଓ କେନ୍ଦ୍ରାପଡ଼ାରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ରହିଥିଲା। ତେବେ ସବୁବେଳେ କମ୍ ତାପମାତ୍ରା ରହୁଥିବା ପାରାଦୀପରେ ମଙ୍ଗଳବାର ୩୮.୮ ଡିଗ୍ରୀ ରେକର୍ଡ କରାଯାଇଛି। ଏହା ଏପ୍ରିଲରେ ଉକ୍ତ ସହର ପାଇଁ ଦ୍ୱିତୀୟ ସର୍ବୋଚ୍ଚ ଦିନ ତାପମାତ୍ରା ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ପୂର୍ବରୁ ଏହି ମାସରେ ପାରାଦୀପର ସର୍ବୋଚ୍ଚ ତାପମାତ୍ରା ୪୦.୭ ଡିଗ୍ରୀ ଛୁଇଁଥିଲା। ଏହା ପୂର୍ବରୁ ଅର୍ଥାତ୍ ୧୯୮୯ ଏପ୍ରିଲ ୮ରେ ଏହି ବନ୍ଦର ନଗରୀରେ ସର୍ବୋଚ୍ଚ ତାପମାତ୍ରା ୩୮.୨ ଡିଗ୍ରୀ ରହିଥିଲା।

ପାଣିପାଗ କେନ୍ଦ୍ରର ଆକଳନ ଅନୁସାରେ, ବୁଧବାର ଓ ଗୁରୁବାର ବାଲେଶ୍ୱର, ଖୋର୍ଦ୍ଧା, ଗଞ୍ଜାମ, ଗଜପତି, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଏବଂ ନୂଆପଡ଼ା ଜିଲାକୁ ଗ୍ରୀଷ୍ମ ପ୍ରବାହ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। କିନ୍ତୁ ଶୁକ୍ରବାରରୁ ତାତି ଆହୁରି ବଢ଼ିବ। ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଓ ଖୋର୍ଦ୍ଧାକୁ ପ୍ରବଳ ଗ୍ରୀଷ୍ମ ପ୍ରବାହ ନେଇ ଅରେଞ୍ଜ ୱାର୍ନିଂ ଜାରି କରିଛି ପାଣିପାଗ କେନ୍ଦ୍ର।

**ଆଜିର ମନ୍ତବ୍ୟ**

"ଏଥର ଲୋକ ସଭା ନିର୍ବାଚନ ଏକଚ୍ଛତ୍ରବାଦ ଓ ଗଣତନ୍ତ୍ର ମଧ୍ୟରେ ହେଉଛି। ଦେଶରେ କେଉଁ ଶାସନ ଚାଲିବ ସେହି ନିଷ୍ପତ୍ତି ଭୋଟର ନେବେ।
– ଉଦ୍ଧବ ଠାକ୍‌ରେ, ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଭକ୍ତକବି ଦୀନକୃଷ୍ଣ ଦାସଙ୍କ ଜୟନ୍ତୀ ପାଳନ, ସ୍ଥାନ: ଏଜି ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀ, ସମୟ: ସକାଳ ୮ଟା।
- ଭାରତୀୟ ଜନତା ପାର୍ଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ଏଚ୍‌ଏଚ୍‌ଆଇ, ଖାରବେଳ ନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ମିଶ୍ରଣ ପର୍ବ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଓଡ଼ିଶା ଓଣ୍ଡର ୱିମେନ୍ସ କନ୍‌ଭେନଶନ–୨୦୨୪, ସ୍ଥାନ: ହୋଟେଲ ତାଜ୍ ଭିଭାନ୍ତା, ପାତ୍ରପଡ଼ା, ସମୟ: ଅପରାହ୍ନ ୨ଟା ୩୦।
- ଦୟଣା ଚୋରି ମେଳନ, ସ୍ଥାନ: ବକ୍ରେଶର ମହାଦେବଙ୍କ ସମ୍ମୁଖ ପଡ଼ିଆ, ଭିଙ୍ଗାରପୁର, ବାଲିଅନ୍ତା, ସମୟ: ଅପରାହ୍ନ ୪ଟା।
- ସ୍ମୃତି ସାନ୍ତ୍ୱନା ପତ୍ରିକାର ତ୍ରୟୋଦଶତମ ବିଷୁବ ମିଳନ ସମାରୋହ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ଅପରାହ୍ନ ୪ଟା ୧୫।
- ସିଭିଲ ସୋସାଇଟି ଫୋରମ୍ ଅନ୍ ହ୍ୟୁମାନ ରାଇଟ୍ସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଶ୍ରମିକ ଭବନ, ଖାରବେଳ ନଗର, ସମୟ: ଅପରାହ୍ନ ୫ଟା।
- ସଂଭାବନା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସୂଚନା ଭବନର ପ୍ରଦର୍ଶନୀ କକ୍ଷ, ସମୟ: ଅପରାହ୍ନ ୫ଟା ୩୦।
- ରାମଲୀଳା ନାଟକ ଉତ୍ସବ, ସ୍ଥାନ: ପତିତପାବନ ମନ୍ଦିର ନିକଟ ରାମଲୀଳା ପଡ଼ିଆ, କାକରୁଦ୍ରପୁର, ବାଲିଅନ୍ତା, ସମୟ: ରାତି ୧୧ଟା ୩୦।
- ରାମଲୀଳା ନାଟକ ଉତ୍ସବ, ସ୍ଥାନ: ଶ୍ରୀରାମ ମନ୍ଦିର ସମ୍ମୁଖସ୍ଥ ରାମଲୀଳା ପଡ଼ିଆ, ବେଣ୍ଣୁପୁର, ବାଲିଅନ୍ତା, ସମୟ: ରାତି ୧୧ଟା ୩୦।
- ରାମଲୀଳା ପରିବେଷଣ, ସ୍ଥାନ: ଇଚୁଆ ଛକ ଓ ଗୋଡ଼ଲବିନ୍ଧାର ସୀତା ରାମେଶ୍ୱର ମନ୍ଦିର ପରିସର, ବାଲିଅନ୍ତା, ସମୟ: ରାତି ୧୧ଟା ୩୦।

## କଟକ

- ସରଳାଦେବୀ–ଭାଗିରଥୀ ମହାପାତ୍ର ଟ୍ରଷ୍ଟ ପକ୍ଷରୁ ଭାଗିରଥୀ ମହାପାତ୍ରଙ୍କ ୧୩୨ତମ ଜୟନ୍ତୀ ସମାରୋହ, ସ୍ଥାନ: କଟକ ସ୍ୱରାଜ ଆଶ୍ରମ, ସମୟ: ସନ୍ଧ୍ୟା ୫ଟା ୩୦।
- ସାରଳା ସାହିତ୍ୟ ସଂସଦ ପକ୍ଷରୁ ପ୍ରଫେସର ଶ୍ରୀଧର ଦାସ ସାରସ୍ୱତ ସନ୍ଧ୍ୟା ଓ ସମ୍ମାନ ପ୍ରଦାନ ସମାରୋହ, ସ୍ଥାନ: କଟକ ସାରଳା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ନୂଆପୋଖରୀ ମେଳଣ, ସ୍ଥାନ: ନିମାପଡ଼ା ଦଳେଇ ସାହି, ସମୟ: ପ୍ରାତଃ ୫ଟା।
- ସର୍ବଭାରତୀୟ ଟେନିସ ଚାମ୍ପିୟନଶିପ୍, ସ୍ଥାନ: ପୁରୀ କ୍ଲବ ପରିସର, ସମୟ: ସକାଳ ୭ଟା।
- ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ କର୍ମୀ ସମାବେଶ, ସ୍ଥାନ: ସତ୍ୟବାଦୀ ବ୍ଲକ ଛକ ନିକଟ, ସମୟ: ପୂର୍ବାହ୍ନ ୧୦ଟା।
- ପୁରୀ ସାହିଯାତ ଅବସରରେ ବାଲିସାହି ପକ୍ଷରୁ ସେତୁବନ୍ଧ ପ୍ରତିଷ୍ଠା ନୀତି, ସ୍ଥାନ: ଜଗନ୍ନାଥବଲ୍ଲଭ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ଶ୍ରୀରାମ ନବମୀ ନାଟକ ଉତ୍ସବ, ସ୍ଥାନ: ରଘୁନାଥ ଦେବଙ୍କ ପୀଠ, ବାଘମାରୀ ତଳସାହି(ବେଗୁନିଆ), ସ୍ଥାନ: ସନ୍ଧ୍ୟା ୭ଟା।
- ରାମଲୀଳା ନାଟକ ଉତ୍ସବ, ସ୍ଥାନ: ରଘୁନାଥ ଦେବଙ୍କ ପୀଠ, କଡ଼ାମଲ୍ଲ, ବେଗୁନିଆ ଉପକଣ୍ଠ, ସମୟ: ସନ୍ଧ୍ୟା ୭ଟା।
- ରାମଲୀଳା ନାଟକ ପରିବେଷଣ, ସ୍ଥାନ: ଛତ୍ରପଡ଼ା, ବେଗୁନିଆ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ, ସ୍ଥାନ: ମଚ୍ଛୁଆ ସାହି, ବାଲେଶ୍ୱର, ସମୟ: ସକାଳ ୭ଟା ୩୦।
- ବିଜେଡିର ମିଶ୍ରଣ କାର୍ଯ୍ୟକ୍ରମ, ସ୍ଥାନ: ପରମାନନ୍ଦପୁର, କୁରାଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ଆମେ–୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର କର୍ମକର୍ତ୍ତା ସମାବେଶ ଓ ମିଶ୍ରଣ ପର୍ବ, ସ୍ଥାନ: ଯାତ୍ରା ପଡ଼ିଆ ମୋରଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ

- ଭଦ୍ରକ ଜିଲାର ୫ କଂଗ୍ରେସ ପ୍ରାର୍ଥୀଙ୍କ ଆଖଣ୍ଡଳମଣି ଦର୍ଶନ, ସ୍ଥାନ: ଆରଡ଼ି, ସମୟ: ସକାଳ ୯ଟା।
- କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ଆରଡ଼ି, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ବୈଶାଖୀ ମିଳନ, ସ୍ଥାନ: ଭାଗବତ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ: ମଧ୍ୟାହ୍ନ ୧୨ଟା।
- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ଗୋବିନ୍ଦପୁର, ବନ୍ତ, ସମୟ: ଅପରାହ୍ନ ୪ଟା।
- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ଷେଣ୍ଡତିରା, ବନ୍ତ, ସମୟ: ଅପରାହ୍ନ ୫ଟା।
- ସ୍ୱର୍ଗତ ରବୀନ୍ଦ୍ର ଜେନାଙ୍କ ଏକାଦଶାହରେ ସ୍ମୃତିସଭା, ସ୍ଥାନ: ନିମପଲ୍ଲୀ, ବନ୍ତ, ସମୟ: ଅପରାହ୍ନ ୫ଟା।

## ବ୍ରହ୍ମପୁର

- ବ୍ରହ୍ମପୁର କଂଗ୍ରେସ ଏମ୍‌ପି ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ଦାଖଲ, ସ୍ଥାନ:ଛତ୍ରପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ,ସମୟ:ପୂର୍ବାହ୍ନ ୧୧ଟା।
- ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘର ଆନୁଆଲ ଫିଷ୍ଟ–୨୦୨୪, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମୟ: ଅପରାହ୍ନ ୧ଟା।

## ଗଞ୍ଜାମ

- କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଭଞ୍ଜନଗର ବ୍ଲକ ରାଇଗୋଛା,ସମୟ: ସକାଳ ୯ ଟା।
- ଜଳ ଛତ୍ର ଉଦ୍‌ଘାଟନ, ସ୍ଥାନ:ଭଞ୍ଜନଗର ଓମ ଶାନ୍ତି କାର୍ଯ୍ୟାଳୟ ସମ୍ମୁଖ, ସମୟ: ସକାଳ ୯ ଟା।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ:ଆଲପୁର ପଞ୍ଚାୟତ, ଖଲ୍ଲିକୋଟ, ସମୟ:ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀଙ୍କ ସାଧାରଣ ନିର୍ବାଚନ ସଭା, ସ୍ଥାନ:ଚକ୍ଷୁ ଚିକିତ୍ସାଳୟ,ସମରଝୋଲ, ହିଞ୍ଜିଳିକାଟୁ ବ୍ଲକ, ଗଞ୍ଜାମ,ସମୟ: ପୂର୍ବାହ୍ନ ୧୦ଟା୩୦।
- ପାରାୟଣ ସମାପ୍ତ, ପୂର୍ଣ୍ଣାହୁତି ,ସ୍ଥାନ:ଲଛମନ ବାଲାଜୀ ହନୁମାନ ମନ୍ଦିର, ଗଞ୍ଜାମ, ସମୟ:ସନ୍ଧ୍ୟା ୬ଟା।

## କନ୍ଧମାଳ

- ଶଙ୍କରାଖୋଲ ତାଳବଣଠାରେ ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ଶଙ୍କରାଖୋଲ ତାଳବଣଠାରେ, ସମୟ: ପୂର୍ବାହ୍ନ ୧୦ଟା।

## ଗଜପତି

- ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀର ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ ପକ୍ଷରୁ ନିର୍ବାଚନୀ ରାଲି, ସ୍ଥାନ:ନୂଆ ବଷ୍ଟାଣ୍ଡରୁ ଆରମ୍ଭ,ସମୟ:ପୂର୍ବାହ୍ନ୧୦ଟା।
- ମୋହନାରେ ବିଜେଡି ପ୍ରାର୍ଥୀଙ୍କ ନିର୍ବାଚନୀ ରାଲି, ସ୍ଥାନ: ପ୍ରାର୍ଥୀଙ୍କ ବାସଭବନଠାରୁ ଆରମ୍ଭ, ସମୟ: ପୂର୍ବାହ୍ନ ୧୧ ଟା।
- ମୋହନାରେ ଭାଜପାର ନିର୍ବାଚନୀ ରାଲି, ସ୍ଥାନ: ନାରାୟଣପୁରଠାରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ରାୟଗଡ଼ା

- ଗୁଣପୁର ବିଧାନ ସଭା ଆସନ ପାଇଁ ବିଜେଡି ପ୍ରାର୍ଥୀଙ୍କ ଶୋଭାଯାତ୍ରା, ନାମାଙ୍କନ ପତ୍ର ଦାଖଲ, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ, ଗୁଣପୁର, ସମୟ: ସକାଳ ୯ଟା।
- କାର୍ତ୍ତିକ ପାଣ୍ଡିଆନଙ୍କ ଗସ୍ତ ପୂର୍ବରୁ ରାୟଗଡ଼ା ଏସ୍‌ପିଙ୍କ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କାର୍ଯ୍ୟକ୍ରମ, ସ୍ଥାନ: ମିନି ଷ୍ଟାଡିୟମ, ବିଷମ କଟକ, ସମୟ: ପୂର୍ବାହ୍ନ ୧୦ ଟା।
- ବିଷମକଟକ ବିଧାନସଭା ଆସନ ପାଇଁ ଭାଜପା ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ରାୟଗଡ଼ା ବିଧାନସଭା ଆସନ ପାଇଁ ଭାଜପା ପ୍ରାର୍ଥୀଙ୍କ ଶୋଭାଯାତ୍ରା, ନାମାଙ୍କନ ଦାଖଲ, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ବିଷମକଟକ ବିଧାନସଭା ଆସନ ପାଇଁ ସ୍ୱାଧୀନ ପ୍ରାର୍ଥି ନୀଳମାଧବ ଉଲାକାଙ୍କ ନାମାଙ୍କନ ପତ୍ର ଦାଖଲ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଗୁଣପୁର ବିଧାନ ସଭା ଆସନ ପାଇଁ ଭାଜପା ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ, ଗୁଣପୁର, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ଶୋଭାଯାତ୍ରାରେ ଯାଇ ବିଜେଡି ଏମ୍‌ପି, ବିଧାୟକ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ, ସ୍ଥାନ: ନବରଙ୍ଗପୁର ଚାଉଁରିଆଗୁଡ଼ାରୁ ମାଝିଗୁଡ଼ାସ୍ଥିତ ଜିଲାପାଳଙ୍କ କାଯ୍ୟାଳୟ ପର୍ଯ୍ୟନ୍ତ, ସମୟ ପୂର୍ବାହ୍ନ ୧୦ଟା।
- ନବରଙ୍ଗପୁର ଭାଜପା ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ଦାଖଲ, ସ୍ଥାନ: ନବରଙ୍ଗପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୧ଟା।

## କୋରାପୁଟ

- ଭାଜପା କୋରାପୁଟ ବିଧାନସଭା ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ, ସ୍ଥାନ: କୋରାପୁଟ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପାର ଲକ୍ଷ୍ମୀପୁର ବିଧାୟକ ପ୍ରାର୍ଥୀଙ୍କ ପାର୍ଥିପତ୍ର ଦାଖଲ, ସ୍ଥାନ: ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ ଟା।
- ଭାଜପା କୋରାପୁଟ ଲୋକସଭା ପାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ, ସ୍ଥାନ: କୋରାପୁଟସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।
- ପଟ୍ଟାଙ୍ଗି ଲାଗି ଭାଜପା ପାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ, ସ୍ଥାନ: କୋରାପୁଟ ଉପଜିଲାପାଳ କାର୍ଯ୍ୟାଳୟ ପରିସର, ସମୟ: ମଧ୍ୟାହ୍ନ ୧୨ଟା।
- ନିଳାବାଡ଼ିଆଣି ବୁଢ଼ୀ ଠାକୁରାଣୀଙ୍କ ମନ୍ଦିର ବାହୁଡ଼ା ଯାତ୍ରା, ସ୍ଥାନ: ସୁନାବେଡା–୧, ଶାନ୍ତି ନଗର, ସମୟ: ଅପରାହ୍ନ ୧ଟା।

## ମାଲକାନଗିରି

- ମାଲକାନଗିରି ନିର୍ବାଚନମଣ୍ଡଳୀ ବିଜେଡି ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ ଶୋଭାଯାତ୍ରା, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରି, ସମୟ: ପୂର୍ବାହ୍ନ ୧୧ଟା।
- ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ସିପିଆଇ(ଏମ୍) ବିଧାୟକ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ଦାଖଲ, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରି, ପୂର୍ବାହ୍ନ: ୧୧ଟା ୩୦।
- ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ବିଜେଡି ବିଧାୟକ ପ୍ରାର୍ଥୀଙ୍କ ନାମାଙ୍କନ, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରି, ମଧ୍ୟାହ୍ନ: ୧୨ଟା।

## ସମ୍ବଲପୁର

- ଶ୍ରୀରାମଙ୍କ ବେଶ କାର୍ଯ୍ୟକ୍ରମ, ସ୍ଥାନ : କମଲିବଜାର ରାମଜୀ ମନ୍ଦିର, ସମୟ: ସକାଳ ୯ଟା୩୦।
- ରାମଲୀଳା ମହୋତ୍ସବ, ସ୍ଥାନ: ବିଶାଖିଣ୍ଡା ଗ୍ରାମ, ସମୟ : ରାତି ୯ଟା।
- ଶ୍ରୀରାମ ନବମୀରେ ରାମଲିଳା ନାଟକ, ସ୍ଥାନ: କବରାପାଲି ଗ୍ରାମ, ସମୟ: ରାତି ୧୦ଟା୩୦।

## ବଲାଙ୍ଗୀର

- ଅସିଚାଳନା ଗ୍ରୀଷ୍ମ ଶିବିରର ପଞ୍ଚମ ଦିନ ତାଲିମ, ସ୍ଥାନ: ଆର.ଏନ୍. ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ ,ବଲାଙ୍ଗୀର, ସମୟ: ସକାଳ ୬ଟା।
- ଜଗନ୍ନାଥପଡା ପ୍ରସିଦ୍ଧ ରାମଲୀଳା ଷଷ୍ଠ ରଜନୀ, ସ୍ଥାନ: ଜଗନ୍ନାଥ ମନ୍ଦିର, ଜଗନ୍ନାଥପଡା, ବଲାଙ୍ଗୀର, ସମୟ: ରାତି ୧୦ଟା ୩୦।

## ସୁବର୍ଣ୍ଣପୁର

- ଡୁଙ୍ଗୁରିପାଲିରେ ସୋନପୁର ବିଜେଡି ବିଧାୟକ ପ୍ରାର୍ଥୀଙ୍କ ନିର୍ବାଚନ ପ୍ରଚାର ଶୁଭାରମ୍ଭ, ସ୍ଥାନ: ଶ୍ରୀରାମ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀରାମ ନବମୀର ଅଷ୍ଟମ ଦିବସ, ସ୍ଥାନ: ମୁର୍ଚ୍ଛୁଣ୍ଡି,ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା୩୦।
- ସଙ୍କୀର୍ତ୍ତନ ଓ ସତ୍‌ସଙ୍ଗ କାର୍ଯ୍ୟକ୍ରମର ଏକାଦଶ ଦିବସ, ସ୍ଥାନ : ଭାଲୁଡୁଙ୍ଗୁରି ସ୍ଥିତ ଶୃଙ୍ଗଦର ମଠ, ବୀରମହାରାଜପୁର, ସମୟ: ଅପରାହ୍ନ ୪ ଟା।
- ବହଳପଦର ସରକାରୀ ୟୁପି ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ସମୟ: ଅପରାହ୍ନ ୫ଟା୩୦।
- ଶ୍ରୀରାମଲୀଳାରେ ସୀତା ଠାବ ଲୀଳା ନାଟକ ପରିବେଷଣ, ସ୍ଥାନ: ଚମ୍ପାମାଳ, ବୀରମହାରାଜପୁର, ସମୟ: ରାତି୧୧ଟା।
- ଶ୍ରୀରାମ ଲୀଳା ନାଟକରେ ଲଙ୍କା ପୋଡ଼ି ପରିବେଷଣ, ସ୍ଥାନ: ଯୁବରାଜପୁର, ବୀରମହାରାଜପୁର, ସମୟ: ରାତି ୧୧ଟା।
- ରାମଲୀଳା ନାଟକରେ ବାଳିବଧ ପରିବେଷଣ, ସ୍ଥାନ: ଡିକୁଡା,ଉଲୁଣ୍ଡା, ସମୟ : ରାତି ୧୧ଟା।

## ରାଉରକେଲା

- ଫାଇନ୍ ଆର୍ଟ ଏକାଡମୀ ପକ୍ଷରୁ ବାର୍ଷିକ ଉତ୍ସବ, ସ୍ଥାନ: କନ୍ୟକା ମଣ୍ଡପ, ବାସନ୍ତୀ କଲୋନୀ, ସମୟ: ସକାଳ ୬ଟା ୩୦।
- ସନ୍ଥ ନିରଙ୍କାରୀ ମିଶନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଅଗ୍ରସେନ ନିକଟସ୍ଥ ମିଶନ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ଗୋପବନ୍ଧୁ ମାର୍କେଟ କମିଟି ପକ୍ଷରୁ ଜଳଛତ୍ର ଉଦ୍‌ଘାଟିତ, ସ୍ଥାନ: ଜେଲରୋଡ, ଡିଏଭି ଛକ, ସମୟ: ସକାଳ ୯ଟା।
- ପ୍ରଥମ ରୟାଲ କରାଟେ ଚାମ୍ପିୟନଶିପ୍‌ର ଖବରଦାତା ସମ୍ମିଳନୀ, ସ୍ଥାନ: ଗଙ୍ଗୁରାମ ହୋଟେଲ, ସେକ୍ଟର–୧୯, ସମୟ: ସକାଳ ୯ଟା ୧୫।

## ସୁନ୍ଦରଗଡ଼

- ବଡ଼ଗାଁ ରାମଲୀଳା ଯାତ୍ରାର ମୁଖ୍ୟ ଆକର୍ଷଣ ସୀତା ଚୋରି ମଞ୍ଚସ୍ଥ, ସ୍ଥାନ: ବଡ଼ଗାଁ ଦେବ ମଣ୍ଡପ, ସମୟ: ରାତି ୧୧ ଟା।

## ବରଗଡ଼

- ପପଙ୍ଗା ପାହାଡ଼ ମହୋତ୍ସବ ଅବସରରେ କଳସଯାତ୍ରା, ସ୍ଥାନ: ପପଙ୍ଗା ପାହାଡ଼, ଭେଡ଼େନ, ସମୟ: ସକାଳ ୮ଟା।
- ପରବ ଚଇତି–୨୦୨୪ରେ ମା' ସମଲେଇଙ୍କ ପୂଜା, ସ୍ଥାନ: ସମଲେଇଟିକିରା, ସରକଣ୍ଡା, ବରଗଡ଼, ସମୟ: ସକାଳ ୯ଟା।
- ଏସ୍‌ପି ଏଣ୍ଟରଟେନମେଣ୍ଟର ଖବରଦାତା ସମ୍ମିଳନୀ, ସ୍ଥାନ: ଗାନ୍ଧୀ ପାଠାଗାର, ବରଗଡ଼, ସମୟ: ଅପରାହ୍ନ ୪ଟା।
- ପରବ ଚଇତି–୨୦୨୪ରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସମଲେଇଟିକିରା, ସରକଣ୍ଡା, ବରଗଡ଼, ସମୟ: ରାତି ୮ଟା।

## କଳାହାଣ୍ଡି

- ଭାଜପା ଜୁନାଗଡ଼ ବିଧାନସଭା ପ୍ରାର୍ଥୀଙ୍କ ନାମାଙ୍କନ, ସ୍ଥାନ: ଧର୍ମଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ ୧୧ଟା।
- କଂଗ୍ରେସ ଲୋକ ସଭା ପ୍ରାର୍ଥୀ, ନର୍ଲା ବିଧାନସଭା ପ୍ରାର୍ଥୀ, ଭବାନୀପାଟଣା ବିଧାନସଭା ପ୍ରାର୍ଥୀ, ଲାଞ୍ଜିଗଡ଼ ବିଧାନସଭା ପ୍ରାର୍ଥୀଙ୍କ ନାମାଙ୍କନ, ସ୍ଥାନ: ଭବାନୀପାଟଣା ଜିଲାପାଳ ଓ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀରାମ ନବମୀ ପୂଜା ଉପଲକ୍ଷେ ପ୍ରବଚନ, ସ୍ଥାନ: କେସିଙ୍ଗା ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀରାମ ନବମୀ ପୂଜା ଉପଲକ୍ଷେ ପୁରାଣ ପଠନ, ସ୍ଥାନ: କେସିଙ୍ଗା ବ୍ଲକ ବାଲସି ଗ୍ରାମର ଘୋଡ଼ାବାହାଳି, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଖଇରାନି ପଞ୍ଚାୟତ ପିପଲଛଣ୍ଡି ଗାଁ, ସମୟ: ଅପରାହ୍ନ ୨ଟା।
- ବିଜେଡି ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ, ସ୍ଥାନ: ନୂଆପଡ଼ା ଉପଜିଲାପାଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ସମାଜବାଦୀ ପାର୍ଟି ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ, ସ୍ଥାନ: ନୂଆପଡ଼ା ଉପଜିଲାପାଳ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।
- ବହୁଜନ ସମାଜପାର୍ଟି ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ, ସ୍ଥାନ: ନୂଆପଡ଼ା ଉପଜିଲାପାଳ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୨ଟା।

## ବୌଦ୍ଧ

- ବହିରାରେ ଶ୍ରୀରାମଲୀଳା ଉତ୍ସବର ଅଷ୍ଟମ ସନ୍ଧ୍ୟାରେ ନାଟକ ବାଳୀବଧ,
- ସ୍ଥାନ: ବହିରା ରାମଲୀଳା ମଣ୍ଡପ, ବୌଦ୍ଧ, ସମୟ: ରାତି ୯ଟା।
- ଘଣ୍ଟାପଡା ଶ୍ରୀରଘୁନାଥ ନାଟ୍ୟ ସଂସଦର ରାମାୟଣ ପାରାୟଣ ଅଷ୍ଟମ ଦିବସ ନାଟକ ସୀତା ଚୋରି, ସ୍ଥାନ: ଘଣ୍ଟାପଡା ରଘୁନାଥଜୀଉ ମନ୍ଦିର, କଣ୍ଟାମାଳ , ସମୟ: ରାତି ୯ଟା।
- ଘଣ୍ଟାପଡାର ଶ୍ରୀ ଜଗନ୍ନାଥ ନାଟ୍ୟ ସଂସଦର ଅଷ୍ଟମ ଦିବସ ନାଟକ ବାଳୀବଧ, ସ୍ଥାନ: ଘଣ୍ଟାପଡା ଶ୍ରୀରାମ ମଣ୍ଡପ,କଣ୍ଟାମାଳ, ସମୟ : ରାତି ୯ଟା।
- ବରଗାଁ ପଞ୍ଚାୟତ ମଲିକୁଦର ରାମାୟଣ ନାଟକର ଅଷ୍ଟମ ଦିବସ ନାଟକ ଲଙ୍କାପୋଡି, ସ୍ଥାନ: ମଲିକୁଦ ରାମଲୀଳା ମଣ୍ଡପ,କଣ୍ଟାମାଳ, ସମୟ: ରାତି ୯ଟା।
- ବୌଦ୍ଧ ସହରର ଶ୍ରୀ ରାମଲୀଳା ଯାତ୍ରାର ଅଷ୍ଟମ ଦିବସର ନାଟକ ସେତୁ ବନ୍ଧ ପ୍ରତିଷ୍ଠା, ସ୍ଥାନ: ଶ୍ରୀ ରଘୁନାଥଜୀଉ ମନ୍ଦିର ପ୍ରାଙ୍ଗଣ, ବୌଦ୍ଧ, ସମୟ : ରାତି ୧୦ଟା
- ବଡିଙ୍ଗା ଶ୍ରୀରାମ ନବମୀ ଯାତ୍ରା ମହୋତ୍ସବର ଅଷ୍ଟମ ଦିବସ, ସ୍ଥାନ: ବଡିଙ୍ଗା ରଘୁନାଥ ମନ୍ଦିର,ବୌଦ୍ଧ ବ୍ଲକ, ସମୟ: ରାତି ୧୦ଟା।
- ବାଉଁଶୁଣୀ ରାମଲୀଳା ମହୋତ୍ସବର ଅଷ୍ଟମ ଦିବସର ନାଟକ ବାଳୀବଧ, ସ୍ଥାନ: ବାଉଁଶୁଣୀ ଛକ , ବୌଦ୍ଧ, ସମୟ: ରାତି ୧୦ଟା।

## ଦେବଗଡ଼

- ରାମ ନବମୀ ମହୋତ୍ସବ ସପ୍ତମ ଦିବସ ଅବସରରେ ଭଜନ, ସ୍ଥାନ: ଗୋପାଳଜି ମନ୍ଦିର ଦେବଗଡ, ସମୟ: ସନ୍ଧ୍ୟା ୬ଟା।
- ମା' ସରଣୀପାଟ ଯାତ୍ରା ଉପଲକ୍ଷେ ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ରିଆମାଳ ବ୍ଲକ ପାଇକନଗର, ସମୟ: ସନ୍ଧ୍ୟା ୭ଟା ୩୦।
- ସମ୍ବଲପୁର ବିଜେଡି ଲୋକ ସଭା ପ୍ରାର୍ଥୀଙ୍କ କର୍ମୀ ସମ୍ମିଳନୀ, ସ୍ଥାନ: ରିଆମାଳ ବ୍ଲକ ପଲସମା, ସମୟ: ପୂର୍ବାହ୍ନ ୧୧ଟା।

## ଝାରସୁଗୁଡ଼ା

- ହନୁମାନ ଜୟନ୍ତୀ ଅବସରରେ ପୂଜା ଅର୍ଚ୍ଚନା, ସ୍ଥାନ: ଝାରସୁଗୁଡା ସଦର ବ୍ଲକ ବୁଢ଼ାପଡ଼ା ହନୁମାନ ମନ୍ଦିର, ସମୟ: ସକାଳ ୭ଟା
- ନାମ ସଂକୀର୍ତ୍ତନ ଆରମ୍ଭ, ସ୍ଥାନ ଝାରସୁଗୁଡା ସଦର ବ୍ଲକ ଭୁର୍ଖାମୁଣ୍ଡା ମଣ୍ଡପ, ସମୟ ସକାଳ ୮ଟା।
- ନାମ ସଂକୀର୍ତ୍ତନ ଆରମ୍ଭ, ସ୍ଥାନ: ଝାରସୁଗୁଡା ସଦର ବ୍ଲକ ଗୁରୁପାଲି କୀର୍ତ୍ତନ ମଣ୍ଡପ, ସମୟ: ସକାଳ ୯ଟା ୩୦।

## ଢେଙ୍କାନାଳ

- ଶ୍ରମିକ ସମାବେଶ,ସ୍ଥାନ: କାମାକ୍ଷାନଗର ବାଲିଗୋରଡ ସାପୁଆ ଡ୍ୟାମ ପିସ୍ୱଳା ଆମ୍ବତୋଟା, ସମୟ: ସକାଳ ୯ଟା।
- ଜିଲା କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ଦେବକନ୍ୟା ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ମା ସିଦ୍ଧ ବାଶେଳୀ ଦେବୀଙ୍କ ଚୈତ୍ର ମହୋତ୍ସବର ଉଦ୍‌ଯାପନ ଉତ୍ସବ, ସ୍ଥାନ: ଢେଙ୍କାନାଳ ଭାଗୀରଥି ସାଗର ପୂର୍ବତଟ, ସମୟ: ସନ୍ଧ୍ୟା ୭ଟା।

## ଅନୁଗୋଳ

- ନିର୍ବଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଅନୁଗୋଳ ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ନିର୍ବାଚନ ଜନିତ ସମୀକ୍ଷା, ସ୍ଥାନ: ଅନୁଗୋଳ ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୯ ଟା।
- କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତ, ସ୍ଥାନ: ଆଠମଲ୍ଲିକ, ସମୟ: ସକାଳ ୯ଟା। ସ୍ଥାନ: କିଆକଟା, ସମୟ: ପୂର୍ବାହ୍ନ ୧୧ଟା ୩୦।

## ଜଗତ୍‌ସିଂହପୁର

- ପୂରଣଓଡ଼ପଡା ପଞ୍ଚାୟତରେ ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୂରଣଓଡ଼ପଡା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସକାଳ ୭ଟା।
- ସୂର୍ଯ୍ୟ ପୂଜା, ଗୋପୂଜା, ଯଜ୍ଞ ଆହୁତି, ଆଧ୍ୟାତ୍ମିକ କବିତା ଆସର, ସ୍ଥାନ: କାଠୁଆପଟଣାସ୍ଥିତ ଉଦାସ ଆଶ୍ରମ ପରିସର, ସମୟ: ସକାଳ ୭ଟା।
- ଯୁକ୍ତ ୨ ଜୁନିଅର କଲେଜରେ ଜାତୀୟ ସାମାଜିକ ସେବା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ରଘୁନାଥପୁର ବ୍ଲକ କୁର୍ତ୍ତାଙ୍ଗସ୍ଥିତ ସ୍ୱାମୀ ଅରୁପାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ସକାଳ ୯ଟା ୩୦।
- ଖାମୁଯାତ୍ରା ମହୋତ୍ସବ ସମାପନ ଉତ୍ସବ, ସ୍ଥାନ: ମା'ମଙ୍ଗଳା ପୀଠ, ବୃନ୍ଦାବନ କଲୋନୀ, ମଧୁବନ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ପୂଜ୍ୟପୂଜା ସମାରୋହ, ସ୍ଥାନ: ମେଣ୍ଡପୁର ଗ୍ରାମ ପଞ୍ଚାୟତ ଉଚ୍ଚବିଦ୍ୟାଳୟ, ଆଳି, ସମୟ: ସକାଳ ୯ଟା୩୦।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: କଖାରୁଣି ପଞ୍ଚାୟତ ଓଷଙ୍ଗରା ଗ୍ରାମ, ପଟ୍ଟାମୁଣ୍ଡାଇ, ସମୟ: ଅପରାହ୍ନ ୦୪ଟା୩୦।

## ଯାଜପୁର

- ହିଙ୍ଗୁଳା ଦେବୀଙ୍କ ୯୪ ତମ ବିଶ୍ୱଶାନ୍ତି ମହାଯଜ୍ଞ, ୫୬ ତମ ନାମଯଜ୍ଞୋତ୍ସବ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କୋରେଇ ବ୍ଲକ ଶଙ୍ଖଚିଲା ମନ୍ଦିର ପରିସର, ସମୟ: ସକାଳ ୬ଟା।
- ଷଣ୍ଢପୁର ହିଙ୍ଗୁଳା ଯଜ୍ଞୋତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜେନାପୁର ଷଣ୍ଢପୁର ହିଙ୍ଗୁଳା ମନ୍ଦିର ପରିସର, ସମୟ: ସକାଳ ୬ଟା।
- ବିଜେଡିର କର୍ମୀ ସମ୍ମିଳନୀ,ସ୍ଥାନ : ଯାଜପୁର ବ୍ଲକ ଅନ୍ତର୍ଗତ ମାର୍କଣ୍ଡପୁର ପଞ୍ଚାୟତ କଲେଜ ପଡ଼ିଆ, ସମୟ: ଅପରାହ୍ନ ୫ଟା।

## ନୟାଗଡ଼

- ସିଦ୍ଧ ବାସେଳୀଙ୍କ ଚଇତି ପର୍ବର ୨ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ଫକୀର ଅଟବୁଦ୍ଧି ପାଟଣା ବରୁଣଦେବ ମନ୍ଦିର ପ୍ରାଙ୍ଗଣ, ସମୟ:ପୂର୍ବାହ୍ନ ୧୧ଟା୩୦।
- ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ମ୍ୟାଚର ଦଶମ ଦିବସ,ସ୍ଥାନ: ନୂଆଗାଁ ବ୍ଲକ ନୂଆଗାଁ କଲେଜ ଖେଳ ପଡ଼ିଆ, ସମୟ:ଅପରାହ୍ନ ୩ଟା।
- ଭାରତ ପ୍ରସିଦ୍ଧ ଐତିହାସିକ ଲଙ୍କାପୋଡ଼ି ଯାତ୍ରାର ଅଷ୍ଟମ ଦିବସରେ ସୀତା ହରଣ, ସ୍ଥାନ: ଦଶପଲ୍ଲା ମହାବୀରଙ୍କ ପୀଠ, ସମୟ:ରାତି ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଗଜକେଶରୀ ଯୋଗ ପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଅର୍ଜନ କରିବେ। ପ୍ରତ୍ୟୁଷ ଯାତ୍ରା, ବ୍ୟବସାୟ, ପରିବହନ, କଳା, ସାହିତ୍ୟ, ସଙ୍ଗୀତାଦି ପ୍ରତି ରୁଚି ବୃଦ୍ଧି ପାଇବ। ରାଜନୈତିକ କ୍ଷେତ୍ରରେ ସାଂଗଠନିକ ସ୍ଥିତି ସୁଦୃଢ଼ ହେବାର ଆଶା ରହିଛି। ଆତ୍ମୀୟମାନେ ଅସୁବିଧାରେ ପକାଇବାକୁ ଚେଷ୍ଟା କରିପାରନ୍ତି।

**ବୃଷ**
ଗୁରୁଦୃଷ୍ଟ ତୃତୀୟାଧିପ ଯୋଗୁ ଅନ୍ୟମାନଙ୍କୁ ମନେଇ କାମ ହାସଲରେ ସମର୍ଥ ହେବେ। ଆଜି ଯାହା କରନ୍ତୁନା କାହିଁକି ପ୍ରତ୍ୟେକ କ୍ଷେତ୍ରରେ ଅସୁବିଧା ରହିବ ନାହିଁ। ଭଲ ସମ୍ପର୍କ ନ ଥିବା ଲୋକଙ୍କ ପ୍ରରୋଚନାରେ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିପାରେ। ଆଜିର ଯାତ୍ରା ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**ମିଥୁନ**
କର୍ମସ୍ଥ ଗ୍ରହଜନିତ ଆପଣଙ୍କ ଚିନ୍ତାଧାରା ଅନୁଯାୟୀ କାମ ଠିକ୍ ଠିକ୍ ଚାଲିବ। ବନ୍ଧୁଙ୍କ କାର୍ଯ୍ୟକୁ ନେଇ ଅସନ୍ତୋଷ ପ୍ରକାଶଜନିତ କଳହ ଲାଗିପାରେ। କ୍ରୀଡ଼ା, ଚଳଚ୍ଚିତ୍ର, ସଙ୍ଗୀତ କ୍ଷେତ୍ରରୁ ସମ୍ମାନ ମିଳିବା ସହ ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ମଧ୍ୟ ପାଇବେ। ସଭାସମିତି, ଜମିଜମା ବିବାଦକୁ ନେଇ ମାନସିକ ସ୍ଥିତି ବିପନ୍ନ ହୋଇପାରେ।

**କର୍କଟ**
ଅନୁକୂଳ ଗ୍ରହ ପ୍ରଭାବରେ ଧୀରେ ଧୀରେ ସମସ୍ୟା ଦୂରେଇ ଯାଉଥିବାର ଅନୁଭବ କରିବେ। ପଛରୁ ଶତ୍ରୁତା କରୁଥିବା ଲୋକମାନେ କ୍ରମଶଃ ସାହାଯ୍ୟ ନ କଲେ ମଧ୍ୟ ବିରୋଧ କରିବେ ନାହିଁ। କର୍ମକ୍ଷେତ୍ରରେ ଆନୁଷଙ୍ଗିକ ସହଯୋଗ ସହ ସୁଖ ସମ୍ମାନ ପାଇ ଖୁସି ହେବେ। ସାମୟିକ ଭାବରେ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିପାରେ।

**ସିଂହ**
ପାପଗ୍ରହଯୁକ୍ତ ଶୁକ୍ରଜନିତ ସହକର୍ମୀଙ୍କ ସହ ସମ୍ପର୍କ ହ୍ରାସ ପାଉଥିବା ଅନୁଭବ କରିପାରନ୍ତି। ବନ୍ଧୁଙ୍କ ଖାପଛଡ଼ା କଥା ଓ ବିବାଦୀୟ ମନ୍ତବ୍ୟ ଦୁଶ୍ଚିନ୍ତା ସୃଷ୍ଟି କରିବ। କର୍ମକ୍ଷେତ୍ରରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ସୂଚନା ଦେଖାଦେଇପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଏବଂ ନୂତନ କର୍ମାରମ୍ଭରେ ପ୍ରତିବନ୍ଧକ ଦୂରେଇଯିବ।

**କନ୍ୟା**
ଲାଭାଧିପତି ଧନସ୍ଥାନରେ ଥିବାରୁ ବନ୍ଧୁଙ୍କ ଆଦର, ବକେୟା ଟଙ୍କା, ସୁସ୍ୱାଦୁ ଭୋଜନର ସୁଯୋଗ ପାଇବେ। ପ୍ରତ୍ୟେକ କ୍ଷେତ୍ରରେ ଅସୁବିଧା ନ ରହିଲେ ମଧ୍ୟ ସବୁ ସୁବିଧା ପାଇବେ ନାହିଁ। କେତେକ ଅଧୁରା କାମ ଓ ପାରିବାରିକ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। କର୍ମକ୍ଷେତ୍ରରେ ଉଚ୍ଚ ବର୍ଗର ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସାହାଯ୍ୟ ଲାଭ କରିବେ।

**ତୁଳା**
କର୍ମାଧିପତି ଚନ୍ଦ୍ର ରାଶିସ୍ଥ ଯୋଗୁ ନୂଆ ଯୋଜନାକୁ ବାସ୍ତବ ରୂପ ଦେବେ। ଆଜିର ଯାତ୍ରା ଶୁଭପ୍ରଦ ହେବ ମାତ୍ର ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। କଳା, ସାହିତ୍ୟ, ସାମ୍ବାଦିକତା, ନିର୍ମାଣ ଓ ଯାତ୍ରା ପ୍ରଭୃତି ପାଇଁ ବହୁତ ଭଲ ରହିବ। ଆର୍ଥିକ ସ୍ଥିତି ମନ୍ଦ ହେବନି। ଜମିଜମା ସମ୍ବନ୍ଧୀୟ ସମସ୍ୟା ପ୍ରାୟତଃ ନିୟନ୍ତ୍ରଣାଧୀନ ରହିବ।

**ବିଛା**
ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣାର ଅଭାବ ହେତୁ କୌଣସି କାମ ଶୃଙ୍ଖଳିତ ନ ହୋଇପାରେ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରି ସଫଳତା ହାତେଇବେ। ବ୍ୟବସାୟକୁ ଆଗକୁ ବଢାଇବା ପାଇଁ ପଦକ୍ଷେପ ଗ୍ରହଣ କରିପାରନ୍ତି। ଗ୍ରହମାନଙ୍କ ଅନୁକୂଳତାରୁ ଆଇନ, କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର ପ୍ରଭୃତିରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ**
ଶନିଦୃଷ୍ଟ ରାଶ୍ୟାଧିପ ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ମନ ପସନ୍ଦର କାମକୁ ପ୍ରାଥମିକତା ଦେଇ ନିଜ ଲୋକଙ୍କ ବିରାଗର କାରଣ ହେବେ। ଅଜଣା ଲୋକଙ୍କ ଉପରେ ବିଶ୍ୱାସ କରି ହଇରାଣରେ ପଡ଼ିବେ। ସନ୍ତାନଙ୍କ ବୈବାହିକ କର୍ମ ସକାଶେ ପ୍ରସ୍ତାବରେ ଅଗ୍ରଗତି ଘଟିବା ସୂଚନା ରହିଛି। ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ।

**ମକର**
ଗ୍ରହ ପ୍ରଭାବରୁ ଅଯଥା ଖର୍ଚ୍ଚ, ବୃଥା ଭ୍ରମଣ, ବିରକ୍ତିପୂର୍ଣ୍ଣ ବ୍ୟବହାର ଦ୍ୱାରା ଭର୍ତ୍ସିତ ହୋଇପାରନ୍ତି। ପରିବାରରେ ଭୁଲ୍ ବୁଝାମଣା ଓ ମନରେ ଅଶାନ୍ତ ଭାବନା ସୃଷ୍ଟି ହୋଇପାରେ। ଯାତ୍ରା ସମୟରେ ଠିକଣା ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପଡ଼ିବେ। କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କୁମ୍ଭ**
ପାପଗ୍ରହ ମଧ୍ୟସ୍ଥ ଚନ୍ଦ୍ର ହେତୁ ମିତ୍ରମାନେ ବିରୋଧାତ୍ମକ ସ୍ୱର ଉତ୍ତୋଳନ କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ, ରାଜନୈତିକ ସ୍ତରରେ ପଦମର୍ଯ୍ୟାଦା ବଢ଼ିବା ସହ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପର ହେବେ। ଭ୍ରମଣ କିମ୍ବା ଅନିଦ୍ରାଜନିତ ଶିରପୀଡ଼ାଜନିତ ଅସୁସ୍ଥତା ଦେଖାଦେବ। ଆକସ୍ମିକଭାବରେ ଦୂରସ୍ଥାନକୁ ଯିବାର ସୌଭାଗ୍ୟ ଲାଭ କରିପାରନ୍ତି।

**ମୀନ**
ରାଶିରେ ଚତୁଃଗ୍ରହ ରାଜଯୋଗ ସୃଷ୍ଟି କରୁଥିବାରୁ ଲୋକପ୍ରିୟତା ସହ ସାମାଜିକ ସମ୍ମାନ ପାଇବେ। କିନ୍ତୁ ପୂର୍ବଭାଦ୍ରବ ବାସ୍ତବତାକୁ ପରିହାର କରି କାଳ୍ପନିକତା ମାଧ୍ୟମରେ ଆନନ୍ଦ ଅନୁଭବ କରିପାରନ୍ତି। ସକାଳୁ ସକାଳୁ ଖୁସି ଖବରଟିଏ ପାଇବେ, ଯାହା କି ମନରେ ଉତ୍ସାହ ଭରିଦେବ।

ଆଜି ଏପ୍ରିଲ ୨୪ ତାରିଖ, ମାନବ ଏକତା ଦିବସ, ବୈଶାଖ କୃଷ୍ଣ ପ୍ରତିପଦା ବୁଧବାର, ବୈଶାଖ ବ୍ରତାରମ୍ଭ, ସତ୍ୟସାଇ ବାବାଙ୍କ ତିରୋଧାନ ଦିବସ। ରାଶିନକ୍ଷତ୍ର–ସ୍ୱାତୀ/ତୁଳା, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୨୫ମି. ଗତେ ଘ.୦୭.୦୬ମି. ମଧ୍ୟେ, ଘ.୧୦.୧୦ମି. ଗତେ ଘ.୧୧.୧୯ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୪୪ମି. ଗତେ ଘ. ୦୧.୧୯ମି. ମଧ୍ୟେ ରାହୁକାଳ।

# କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କ ସହ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ବୈଠକ

ଭୁବନେଶ୍ୱର,୨୩।୪(ସୁନିତ୍ ମିଶ୍ର)

କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କର ସାଧାରଣ ନିର୍ବାଚନ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ମଙ୍ଗଳବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ସାଧାରଣ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ଯୋଗେନ୍ଦ୍ର ତ୍ରିପାଠୀ(ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ), ପୋଲିସ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ରଜନୀକାନ୍ତ ମିଶ୍ର(ଅବସରପ୍ରାପ୍ତ ଭାରତୀୟ ପୋଲିସ ସେବା ଅଧିକାରୀ), ସ୍ୱତନ୍ତ୍ର ବ୍ୟୟ ପର୍ଯ୍ୟବେକ୍ଷକ ହିମାଳିନୀ କାଶ୍ୟପ(ଅବସରପ୍ରାପ୍ତ ଭାରତୀୟ ରାଜସ୍ୱ ସେବା ଅଧିକାରୀ) ବୈଠକରେ ଯୋଗ ଦେଇଥିଲେ। ବୈଠକରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ପ୍ରାରମ୍ଭିକ ବକ୍ତବ୍ୟ ରଖି ସମସ୍ତ ପର୍ଯ୍ୟବେକ୍ଷକଙ୍କୁ ସ୍ୱାଗତ କରିବା ସହ ଓଡ଼ିଶାରେ ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ସବିଶେଷ ତଥ୍ୟ ରଖିଛନ୍ତି। ପିପିଟି ପ୍ରେଜେଣ୍ଟେଶନ ମାଧ୍ୟମରେ ରାଜ୍ୟ ପୋଲିସ ନୋଡ଼ାଲ ଅଧିକାରୀ ତଥା ଅତିରିକ୍ତ ଡିଜି ସଞ୍ଜୟ କୁମାର, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଏନ୍. ତିରୁମାଲା ନାୟକ ପର୍ଯ୍ୟବେକ୍ଷକଙ୍କୁ ସମସ୍ତ ବିଷୟରେ ସୂଚନା ଦେଇଛନ୍ତି। ପର୍ଯ୍ୟବେକ୍ଷକମାନେ ବିଭିନ୍ନ ପ୍ରସଙ୍ଗରେ ନିଜ ନିଜର ମତ ରଖିବା ସହ ଅନେକ ପ୍ରସ୍ତାବ ମଧ୍ୟ ଦେଇଛନ୍ତି। ବୈଠକରେ ପ୍ରଚଣ୍ଡ ରୌଦ୍ରତାପରେ ନିର୍ବାଚନ ପରିଚାଳନାର ଆହ୍ୱାନ ଓ ସାମାଜିକ ଗଣମାଧ୍ୟମ ବିଷୟରେ ବିଶେଷ ଆଲୋଚନା ହୋଇଥିବା ଜଣାପଡିଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର, ମିହିର ମହାନ୍ତି ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

**ପ୍ରଥମ ପୃଷ୍ଠାରୁ...**

## ବିକ୍ରି କରାଯାଇଥିବା...

ଉଦ୍ଧାର କରାଯାଇଛି। ଏହାପରେ ଉକ୍ତ ଶିଶୁଙ୍କୁ ଜିଲା ଶିଶୁ ମଙ୍ଗଳ କମିଟିରେ ହାଜର କରାଯାଇ ଯାଜପୁର ଉତ୍କଳ ବାଳାଶ୍ରମର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣକାରୀ ସଂସ୍ଥା ନିକଟରେ ଲାଳନପାଳନ ପାଇଁ ଦିଆଯାଇଛି। ଏହାବାଦ୍ ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ତପନ କୁମାର ନାୟକ ଯାଜପୁର ଥାନାରେ ଶିଶୁପୁତ୍ରର ମା'ବାପାଙ୍କ ନାମରେ ଆବଶ୍ୟକ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଲିଖିତ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ଶିଶୁର ବାପା ଜଣେ ଦିନ ମଜୁରିଆ। ତାଙ୍କ ଦୈନିକ ଆୟ ଉପରେ ପରିବାରର ଅନ୍ୟ ସଦସ୍ୟମାନେ ନିର୍ଭର କରିଥାନ୍ତି। ତାଙ୍କର ପୂର୍ବରୁ ଏକ ୩ ବର୍ଷ ବୟସର ଶିଶୁ ପୁତ୍ର ଅଛି। କଷ୍ଟେମଷ୍ଟେ ଏକ କଚ୍ଚା ଘରେ ସେମାନେ ଜୀବନ ନିର୍ବାହ କରିଥାନ୍ତି। ସରକାରୀ ସହାୟତା ବାବଦକୁ ସେମାନଙ୍କୁ ବିପିଏଲ ଚାଉଳ ମିଳୁଛି। ଅଭାବ ଅନଟନରେ ସଢୁଥିବା ଏହି ପରିବାର ୫୦ ହଜାର ଟଙ୍କାର ଲୋଭରେ ପଡ଼ି ନବଜାତକକୁ ବିକ୍ରି କରିଦେଇଥିଲେ। ଧରିତ୍ରୀରେ ଏ ସମ୍ପର୍କରେ ଖବର ପ୍ରକାଶ ପରେ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଦଶରଥପୁର ସିଡିପିଓ ଶାନ୍ତିଲତା ସେଠୀ ଘଟଣାର ତଦନ୍ତ କରି ଜିଲା ଶିଶୁ ସୁରକ୍ଷା ୟୁନିଟ ନିକଟରେ ରିପୋର୍ଟ ପ୍ରଦାନ କରିଥିଲେ। ତାହାକୁ ଭିତ୍ତିକରି ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଅଳକୁଣ୍ଡ ପୋଲିସ ସହାୟତାରେ ଉକ୍ତ ଶିଶୁଟିକୁ ଉତ୍ତଙ୍ଗରା ପଞ୍ଚାୟତ ଅନ୍ତର୍ଗତ ରଘୁନାଥପୁର ଗ୍ରାମର ଭୂୟାଁ ମଲିକଙ୍କ ଘରୁ ଉଦ୍ଧାର କରାଯାଇଛି। ଜିଲା ଶିଶୁ ସୁରକ୍ଷା ୟୁନିଟର ସଦସ୍ୟା ଜ୍ୟୋତିର୍ମୟୀ ମିଶ୍ର ଓ ମିହିର ଜେନା ଏହି ଉଦ୍ଧାର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏ ସଂକ୍ରାନ୍ତରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କୁ ପଚାରିବାରୁ ସେ କହିଛନ୍ତି, ଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ଆଇନ ଅନୁସାରେ ଉକ୍ତ ଶିଶୁପୁତ୍ରକୁ ଉଦ୍ଧାର କରାଯାଇଛି। ଏହାସହ କିଶୋର ନ୍ୟାୟ ଅଧୀନରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ପଦକ୍ଷେପ ଗ୍ରହଣ କରାଯାଉଛି। ପୋଲିସ ତଦନ୍ତ କରି ଶିଶୁପୁତ୍ର ବିକ୍ରି କରିଥିବା ଦମ୍ପତିଙ୍କ ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଶାଶୁ ଦୁର୍ଦ୍ଦଣ୍ଡ, ନଣନ୍ଦ ଖର,**
**ଖୋଜୁଥାଏ ବୋହୂ ପଡ଼ିଆ ଘର ।**

ଅନେକ ସମୟରେ ବୋହୁ ଶାଶୁ ଘରେ ନାନା ଗଞ୍ଜଣା ଶୁଣି ପଡ଼ି ରହିଥାଏ । ପରନ୍ତୁ ଏଥିରେ ଅତିଷ୍ଠ ହୋଇପଡ଼ିଲେ ବା ସହିବାର ସୀମା ଟପିଗଲେ ସେ ଅନ୍ୟ ବିକଳ୍ପକୁ ଆପଣେଇ ନେଇଥାଏ । ଫଳସ୍ୱରୂପ ଶାନ୍ତିରେ ରହିବା ପାଇଁ ସେ ଅନ୍ୟ ଏକ ସ୍ଥାନ ଅନ୍ୱେଷଣ କରିବସୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଶୁଣ୍ଠି, ସଇନ୍ଧବ, ହରିଡ଼ା, ଜୁଆଣି**
**ଖାଇ ପିଉଥିଲେ ଉଷୁମ ପାଣି,**
**ତେବେ ନ ଯିବଟି ବଇଦ ଆଣି ।**

ସାଧାରଣତଃ ଶୁଣ୍ଠି, ସଇନ୍ଧବ, ହରିଡ଼ା ଓ ଜୁଆଣି ପାଣି ସ୍ୱାସ୍ଥ୍ୟ ପକ୍ଷେ ହିତକର ହୋଇଥାଏ । ଉପରୋକ୍ତ ଉପାଦାନକୁ ଅଭ୍ୟାସ କରି ନିୟମିତ ସେବନ କଲେ ସ୍ୱାସ୍ଥ୍ୟାବସ୍ଥା ଠିକ୍ ରହିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




## ଛୁଟିଦିନ ପାଇଁ ପିଲାଙ୍କୁ ମିଳିବ ଶୁଖିଲା ରାଶନ

**ଭୁବନେଶ୍ୱର, ୨୩।୪(ଅସମାପିକା ସାହୁ)**

ଛୁଟିଦିନ ପାଇଁ ଛାତ୍ରୀଛାତ୍ରଙ୍କୁ ପିଏମ୍ ପୋଷଣ ଯୋଜନାରେ ଚାଉଳ ଏବଂ ଅନ୍ୟାନ୍ୟ ସାମଗ୍ରୀ ଦିଆଯିବ । ମୋଟ ୧୨ଦିନର ମଧ୍ୟାହ୍ନ ଭୋଜନ ବାବଦକୁ ଶୁଖିଲା ରାଶନ ମିଳିବ । ଏନେଇ ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖାଯାଇ ଅବଗତ କରାଯାଇଛି । ସୂଚନାଯୋଗ୍ୟ, ଗ୍ରୀଷ୍ମ ପ୍ରବାହ ପାଇଁ ରାଜ୍ୟ ସରକାର ଗତ ୧୮ରୁ ୨୦ ତିନିଦିନ ସ୍କୁଲ ଛୁଟି କରିଥିଲେ ଏବଂ ଆସନ୍ତା ୨୫ରୁ ଆଗୁଆ ଗ୍ରୀଷ୍ମ ଛୁଟି ଘୋଷଣା କରିଛନ୍ତି । ଶିକ୍ଷା କ୍ୟାଲେଣ୍ଡର ଅନୁଯାୟୀ, ଏପ୍ରିଲ ୨୫ରୁ ମେ' ୪ (୯ଦିନ) ହେଉଛି କାର୍ଯ୍ୟ ଦିବସ । ତେଣୁ ଏହି କାର୍ଯ୍ୟ ଦିବସ ପାଇଁ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ପାଇଁ ଶୁଖିଲା ରାଶନ ଦିଆଯିବ । ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ(ପ୍ରଥମରୁ ଅଷ୍ଟମ ଶ୍ରେଣୀ) ଛାତ୍ରୀଛାତ୍ରଙ୍କ ପାଇଁ ପ୍ରଧାନଶିକ୍ଷକଙ୍କ ଦ୍ୱାରା ଶୁଖିଲା ରାଶନ ସେମାନଙ୍କ ଅଭିଭାବକଙ୍କୁ ଦିଆଯିବ । ସେହିପରି ଅନ୍ୟାନ୍ୟ ସାମଗ୍ରୀ(ରନ୍ଧନ) ମୂଲ୍ୟ ସିଧାସଳଖ ଡିବିଟି ମୋଡ୍‌ରେ ସ୍କୁଲ ଛାତ୍ରୀଛାତ୍ର, ଅଭିଭାବକଙ୍କ ଆକାଉଣ୍ଟରେ ଅର୍ଥ ପୈଠ କରାଯିବ । ଜଟିଳ ପରିସ୍ଥିତିରେ ଯେଉଁଠାରେ ଆକାଉଣ୍ଟ ସ୍ଥାନାନ୍ତର ସମ୍ଭବ ନୁହେଁ, ସେଠାରେ ଏକ ନିର୍ଦ୍ଦିଷ୍ଟ ରେଜିଷ୍ଟର ମାଧ୍ୟମରେ ଦେୟ ପ୍ରଦାନ କରାଯିବ । ସମସ୍ତ ଅଭିଭାବକଙ୍କୁ ଶୁଖିଲା ରାଶନ ଏବଂ ସାମଗ୍ରୀ(ରନ୍ଧନ)ର ମୂଲ୍ୟ ବଣ୍ଟନ ୧୫ ଦିନ ମଧ୍ୟରେ ଶେଷ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର ।

# ରାଜଧାନୀରେ ନକଲି ପୋଲିସ

**ଧରାପଡିଲା ମଧ୍ୟପ୍ରଦେଶର ଇରାନି ମୁସଲିମ୍ ଗ୍ୟାଙ୍ଗ**

**ଭୁବନେଶ୍ୱର,୨୩।୪ (ସୂର୍ଯ୍ୟକାନ୍ତ ବେହେରା)**

ରାଜଧାନୀ ଭୁବନେଶ୍ୱରରେ ମାତିଛନ୍ତି ରାଜ୍ୟ ବାହାରର ଅପରାଧୀ ଗ୍ୟାଙ୍ଗ । ପୋଲିସ ପରିଚୟ ଦେଇ ସହାୟତା ଓ ପରାମର୍ଶ ବାହାନାରେ ଲୁଟୁଛନ୍ତି । ପୁଣି କେତେବେଳେ ସିବିଆଇ, କଷ୍ଟମ୍ ବିଭାଗର ଅଧିକାରୀ ବେଶରେ ସୁନା, ଟଙ୍କା ନେଇଯାଉଛନ୍ତି । ଗତ ୩ ମାସ ଧରି ଏଭଳି ତରିକାରେ ଲୁଟୁଥିବା ଏକ ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗକୁ ଧରିଛି କମିଶନରେଟ ପୋଲିସ । ଗ୍ୟାଙ୍ଗ ମୁଖ୍ୟଙ୍କ ସମେତ ୭ଜଣଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତମାନେ ହେଲେ ମଧ୍ୟପ୍ରଦେଶର ଇରାନି ମୁସଲିମ୍ ଗ୍ୟାଙ୍ଗ ମୁଖ୍ୟ ସଦେଖ ହୁସେନ, ସଦସ୍ୟ ସବିର ଅଲ୍ଲି, ଫୟାଜ ହୁସେନ, ହାସନ ଅଲ୍ଲୀ, ଆବୁଜାର ଅଲ୍ଲୀ, ଜାହିର ଅଲ୍ଲୀ ଓ କାର୍ ଚାଳକ ରାଜେନ୍ଦ୍ର କୁମାର କୁଶବାହା । ସେମାନଙ୍କଠାରୁ ନଗଦ ୩.୫ ଲକ୍ଷ ଟଙ୍କା, ସୁନା ଅଳଙ୍କାର, ଗୋଟିଏ କାର, ୨ଟି ମୋଟରସାଇକେଲ, ନକଲି ଆଇଡି କାର୍ଡ, ୬ ମୋବାଇଲ ଫୋନ ସମେତ ଅନ୍ୟାନ୍ୟ ଜିନିଷ ଜବତ ହୋଇଛି । ତେବେ ଅଭିଯୁକ୍ତମାନେ ଓଡିଶାର ବିଭିନ୍ନ ଜିଲା ସହ ଭୁବନେଶ୍ୱରରେ ୧୧ଟି ମାମଲାରେ ସଂପୃକ୍ତ ଥିବା ତଦନ୍ତରୁ ଜଣାପଡିଛି । ତେଣୁ ଏମାନେ ଆଉ କେଉଁ ମାମଲାରେ ସମ୍ପୃକ୍ତ ଅଛନ୍ତି, ତାହାର ତଥ୍ୟ ଜାଣିବା ପାଇଁ ରିମାଣ୍ଡରେ ଆଣି ଅଧିକ ପଚରାଉଚରା କରାଯିବ ବୋଲି ମଙ୍ଗଳବାର ପୋଲିସ ସେବା ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ସଞ୍ଜୀବ ପଣ୍ଡା ସୂଚନା ଦେଇଛନ୍ତି । କେବଳ ଓଡ଼ିଶା ନୁହେଁ, ଦେଶର ବିଭିନ୍ନ ରାଜ୍ୟରେ ମଧ୍ୟ ଏମାନଙ୍କ ନାମରେ ମାମଲା ରହିଛି । ପୂର୍ବରୁ ଏମାନେ କେତେକ ମାମଲାରେ ଉତ୍ତରପ୍ରଦେଶର



ଜେଲରେ ଥିଲେ । ଆପରାଧିକ ରେକର୍ଡ ଯାଞ୍ଚ ପାଇଁ ଉତ୍ତରପ୍ରଦେଶ ପୋଲିସକୁ କମିଶନରେଟ ପୋଲିସ ଯୋଗାଯୋଗ କରିବ ବୋଲି ପଣ୍ଡା କହିଛନ୍ତି ।

### ଦିନରେ ବୁଲି ବୁଲି ରତ୍ନପଥର, ଚଷମା ବିକ୍ରି କରନ୍ତି

ଗ୍ୟାଙ୍ଗ ସଦସ୍ୟମାନେ ଦିନରେ ବୁଲି ବୁଲି ଚଷମା ଓ ରତ୍ନ ପଥର ବିକ୍ରି କରନ୍ତି । ଏହି ସମୟରେ ସେମାନେ ସୁଯୋଗ ଦେଖି ଲୁଟ୍ ଓ ଚୋରି କରିଥାନ୍ତି । ଚୋରି ଜିନିଷରୁ ମିଳୁଥିବା ଟଙ୍କାକୁ ଜୁଆରେ ଲଗାଇଥାନ୍ତି । ଅଭିଯୁକ୍ତମାନେ ଗିରଫଦାରିରୁ ବର୍ତ୍ତିବା ଲାଗି ଗୋଟିଏ କି ଦୁଇଟି ଅପରାଧ ଘଟାଇ କାର ଯୋଗେ ଗୋଟିଏ ରାଜ୍ୟରୁ ଆଉ ଏକ ରାଜ୍ୟକୁ ଫେରାର ହୋଇଯାଆନ୍ତି । ଆଉ ସମସ୍ତ ଜିନିଷ କାର ଡିକିରେ ରଖି ହୋଟେଲ, ଢାବା, ଅପରାଧ ଘଟାଇଥିବା ସ୍ଥାନଠାରୁ କିଛି ଦୂରକୁ ଚାଲି ଯାଇ ବିଶ୍ରାମ ନିଅନ୍ତି ଓ ବାରମ୍ବାର ଠିକଣା ପରିବର୍ତ୍ତନ କରିଥାନ୍ତି । ଚୋରି ଜିନିଷକୁ ମଧ୍ୟପ୍ରଦେଶର ଥିବା ସେମାନଙ୍କ ଏଜେଣ୍ଟଙ୍କ ସହାୟତାରେ ବିକ୍ରି କରିଦେଇଥାନ୍ତି ।

### ଗ୍ୟାଙ୍ଗର ନାଁ ପଛର କାହାଣୀ

ଅଭିଯୁକ୍ତମାନଙ୍କର ପୂର୍ବ ପୁରୁଷମାନେ ଇରାନ ବାସିନ୍ଦା ହୋଇଥିବାବେଳେ ଏମାନଙ୍କର ବଂଶ ଓଡିଶାର ନୂଆପଡା, ଛତିଶଗଡ଼ର ରାୟପୁର, ବିଳାସପୁର ଓ ମଧ୍ୟପ୍ରଦେଶର ଭୋପାଳ, ମୁମ୍ବାଇ, ଗୁଜରାଟ, ବିହାର ଓ କର୍ନାଟକରେ ରହିଛନ୍ତି । ଏମାନେ ସାଧାରଣତଃ ମୁସଲିମ ସମ୍ପ୍ରଦାୟର । ଏହି ସମ୍ପ୍ରଦାୟର କେତେଜଣ ଅପରାଧୀ ଗ୍ୟାଙ୍ଗ୍ ଗଢ଼ି ସାରା ଦେଶରେ ଚୋରି, ଲୁଟ୍ ଆଦି ଅପରାଧ ଘଟାଉଛନ୍ତି । ତେଣୁ ଏହି ଗ୍ୟାଙ୍ଗର ନାମ ଇରାନି ମୁସଲିମ ଗ୍ୟାଙ୍ଗ ଭାବେ ବିଭିନ୍ନ ରାଜ୍ୟରେ ଜଣାଶୁଣା ବୋଲି ପୋଲିସ କହିଛି ।

### ମହିଳା, ବୃଦ୍ଧାବୃଦ୍ଧ, ରାସ୍ତାକଡ଼ ବ୍ୟବସାୟୀଙ୍କୁ ଟାର୍ଗେଟ କରୁଥିଲେ

ସକାଳ ଓ ସନ୍ଧ୍ୟାରେ ଏକୁଟିଆ ଚାଲିବା ପାଇଁ ଯାଉଥିବା ମହିଳା, ବୃଦ୍ଧାବୃଦ୍ଧଙ୍କୁ ଟାର୍ଗେଟ କରୁଥିଲେ ଇରାନୀ ଗ୍ୟାଙ୍ଗ୍ । ଅଭିଯୁକ୍ତମାନେ ସେମାନଙ୍କ ନିକଟତର ହେବା ପରେ ପାଖରେ ରଖିଥିବା ନକଲି ଆଇଡି କାର୍ଡ ଦେଖାଇ ପୋଲିସ, ଭିଜିଲାନ୍ସ ଅଧିକାରୀ ପରିଚୟ ଦେଉଥିଲେ । ରାଜଧାନୀରେ ଲୁଟ୍‌ପାଟ୍, ଚୋରି ହେଉଥିବା କଥା କହି ସେମାନଙ୍କୁ ଭୟଭୀତ କରାଇବା ସହ ସତର୍କ କରାଇ ସୁନା ଅଳଙ୍କାର ନ ପିନ୍ଧିବାକୁ କହୁଥିଲେ । ସୁନା ଅଳଙ୍କାରକୁ କାଗଜ କିମ୍ବା ଶାଢ଼ିରେ ଗୁଡ଼ାଇ ରଖିବାକୁ କହି ସହଯୋଗ ବାହାନାରେ ପକେଟରେ ରଖିଥିବା କାଗଜ ବଢ଼ାଇ ଦେଉଥିଲେ । ଲୋକେ ପିନ୍ଧିଥିବା ସୁନା ଅଳଙ୍କାର ସେହି କାଗଜରେ ରଖିବା ସମୟରେ ଅଭିଯୁକ୍ତମାନେ ସେମାନଙ୍କୁ ଅନ୍ୟ ମନସ୍କ କରାଇ ପୂର୍ବରୁ ଅନ୍ୟ କାଗଜରେ ଗୁଡାଇ ରଖିଥିବା ନକଲି ଅଳଙ୍କାର ଓ ପଥର ଦେଇ ଚମ୍ପଟ ମାରୁଥିଲେ । ଯେଉଁମାନେ ଜାଣିପାରି ବିରୋଧ କରୁଥିଲେ ଅଭିଯୁକ୍ତମାନେ ଆକ୍ରମଣ କିମ୍ବା ଛୁରି ଦେଖାଇ ସୁନା ଓ ଟଙ୍କା ଛଡାଇ ନେଇଥାନ୍ତି । ସେହିପରି ରାସ୍ତା କଡରେ ଦୋକାନ କରିଥିବା ବ୍ୟବସାୟୀଙ୍କୁ ମଧ୍ୟ ନାନା ଭାବେ ଭୟଭୀତ କରାଇ ଟଙ୍କା ଲୁଟି ନେଇଥାନ୍ତି ବୋଲି ତଦନ୍ତବେଳେ ଜଣାପଡିଥିବା ପୋଲିସ କମିଶନର ପଣ୍ଡା ସୂଚନା ଦେଇଛନ୍ତି ।

**୩.୫ ଲକ୍ଷ ଟଙ୍କା, ସୁନା ଅଳଙ୍କାର, କାର, ବାଇକ୍, ନକଲି ଆଇଡି କାର୍ଡ, ମୋବାଇଲ ଜବତ**

## ବିଜେଡିରେ ବିଭିନ୍ନ ଆଦିବାସୀ ସଂଘ ନେତା

**ଭୁବନେଶ୍ୱର,୨୩।୪(ଅନିଲ ଦାସ)**

କଳାହାଣ୍ଡି ଜିଲା ଆଦିବାସୀ ସଂଘ ସଭାପତି ଦ୍ରୋଣାଚାର୍ଯ୍ୟ ମାଝି ଓ ଜିଲାର ବିଭିନ୍ନ ଆଦିବାସୀ ସଂଘର ନେତା ଓ କର୍ମକର୍ତ୍ତା ମଙ୍ଗଳବାର ଶଙ୍ଖଭବନଠାରେ ରାଜ୍ୟ ସଭା ସଦସ୍ୟ ଡକ୍ଟର ସସ୍ମିତ ପାତ୍ର ଓ କଳାହାଣ୍ଡି ଜିଲା ବିଜେଡି ପର୍ଯ୍ୟବେକ୍ଷକ ତଥା ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ ହୋଇଥିବା ସମସ୍ତ ନେତା ଓ କର୍ମକର୍ତ୍ତାଙ୍କୁ ଉଭୟେ ଉପଢ଼ୌକନ ଦେଇ ସ୍ୱାଗତ କରିଛନ୍ତି । ବିଭିନ୍ନ ଆଦିବାସୀ ସଂଘର କର୍ମକର୍ତ୍ତାଙ୍କ ଯୋଗଦାନ ଫଳରେ କଳାହାଣ୍ଡି ଜିଲାରେ ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ପାତ୍ର ଓ ବଳବନ୍ତରାୟ କହିଛନ୍ତି । ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଛୁ । ନୂତନ ଓ ବିକଶିତ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଯାହା ଦାୟିତ୍ୱ ଦେବେ ତାକୁ ସୁଚାରୁରୂପେ ତୁଲାଇବେ ବୋଲି ଦ୍ରୋଣାଚାର୍ଯ୍ୟ କହିଛନ୍ତି । ଦଳରେ ଗ୍ରହଣ କରିଥିବାରୁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏହି ମିଶ୍ରଣ ପର୍ବରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ପଦ୍ମସିଂହ ମାଝି, କନ୍ଧ ସମାଜର ପୂର୍ବତନ ସଭାପତି ଦୁର୍ଯ୍ୟୋଧନ ମାଝି, ପୂର୍ବତନ ସରପଞ୍ଚ ଜଗବନ୍ଧୁ ଭୋଇ, ମିର୍ଧା ସମାଜ ସଭାପତି ସ୍ୱମ୍ବର ମିର୍ଧା, ଗଣ୍ଡ ମହାସଭା ସଭାପତି ପଦ୍ମନ ପାତ୍ର, ଲୋଚନ ଧାରୁଆ, ସହଦେବ ଧାରୁଆ, ସମ୍ପଦ ବରିହା ଓ ସୁରୁ ବରିହାଙ୍କ ସମେତ ବହୁ କର୍ମକର୍ତ୍ତା ବିଜେଡିରେ ସାମିଲ ହୋଇଛନ୍ତି ।

## କୂଅରେ ପଡ଼ିଲା ହାତୀ

**୩ ଘଣ୍ଟା ପରେ ଉଦ୍ଧାର କଲା ବନ ବିଭାଗ**

**ମୋରଡ଼ା,୨୩।୪(ସ୍ମାରକ ମାଜୀ)**

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ରେଞ୍ଜ ଅଞ୍ଚଳରେ କୂଅରେ ପଡ଼ିଥିବା ଏକ ହାତୀ ୩ ଘଣ୍ଟା ପରେ ଉଦ୍ଧାର ହୋଇଛି । ରେଞ୍ଜର ଘନଶ୍ୟାମ ସିଂଙ୍କ ସୂଚନା ଅନୁଯାୟୀ, ସୋମବାର ରାତି ୧୦ଟା ସମୟରେ ଅମର୍ଦା ରିଜର୍ଭ ଫରେଷ୍ଟ ଅଞ୍ଚଳରେ ଥିବା ଏକ ବଡ଼ କୂଅରେ ଗୋଟିଏ ହାତୀ ପଡ଼ିରହିଥିବା ନେଇ ସ୍ଥାନୀୟ ଗ୍ରାମବାସୀ ବନ ବିଭାଗକୁ ଖବର ଦେଇଥିଲେ । ରେଞ୍ଜର ସିଂ ଓ ତାଙ୍କ ଷ୍ଟାଫ ଘଟଣାସ୍ଥଳରେ ପହଞ୍ଚି ୩ ଘଣ୍ଟା ପରେ ହାତୀଟିକୁ କୂଅରୁ ଉଦ୍ଧାର କରିଥିଲେ । ହାତୀଟିର ବୟସ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ । ଉଦ୍ଧାର ପରେ ତାକୁ ଜଙ୍ଗଲରେ ଛାଡ଼ି ଦିଆଯାଇଛି । ବର୍ତ୍ତମାନ ୬୨ଟି ହାତୀ ନାକିଚୁଆ ଜଙ୍ଗଲରେ ଥିବା ରେଞ୍ଜର ସିଂ କହିଛନ୍ତି ।



କୂଅରେ ପଡ଼ିଥିବା ହାତୀ ।

# ଗ୍ରୀଷ୍ମଛୁଟିରେ ରୋଷ୍ଟର ଡ୍ୟୁଟି କରିବେ ଶିକ୍ଷକ

**ଭୁବନେଶ୍ୱର, ୨୩।୪(ଅସମାପିକା ସାହୁ)**

ରାଜ୍ୟରେ ଆସନ୍ତା ୨୫ ତାରିଖଠାରୁ ଗ୍ରୀଷ୍ମ ଛୁଟି ଆରମ୍ଭ ହେବ । ସମସ୍ତ ସରକାରୀ ଏବଂ ଅନୁଦାନପ୍ରାପ୍ତ ସ୍କୁଲଗୁଡ଼ିକ ଆଗୁଆ ଗ୍ରୀଷ୍ମ ଛୁଟି କରିବାକୁ ସରକାର ଘୋଷଣା କରିଛନ୍ତି । ତେବେ ଏହି ସମୟରେ ସ୍କୁଲର ସମସ୍ତ କାର୍ଯ୍ୟ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳନା କରାଯିବ । ଅନ୍ୟପକ୍ଷରେ ଗ୍ରୀଷ୍ମ ଛୁଟି ପାଇଁ ଗଣଶିକ୍ଷା ବିଭାଗ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଛି । ଏ ନେଇ ମଙ୍ଗଳବାର ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ଚିଠି କରାଯାଇଛି । ଗ୍ରୀଷ୍ମ ଛୁଟିରେ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ବିଷୟଭିତ୍ତିକ କାର୍ଯ୍ୟ ତଥା ନିଜର ଦକ୍ଷତା ଓ କୌଶଳର ଅଭିବୃଦ୍ଧି ପାଇଁ ଅବକାଶକାଳୀନ ଗୃହକାର୍ଯ୍ୟ (ହଲିଡେ ହୋମ୍‌ୱର୍କ) ଦିଆଯିବ । ଏହି ଅବକାଶକାଳୀନ ଗୃହକାର୍ଯ୍ୟକୁ ରିସୋର୍ସ ଟିଚର ପ୍ରସ୍ତୁତ କରିବେ ଏବଂ ପ୍ରଧାନଶିକ୍ଷକ ସମସ୍ତ ଛାତ୍ରୀଛାତ୍ରଙ୍କୁ ବଣ୍ଟନ କରିବେ । ଛାତ୍ରୀଛାତ୍ରଙ୍କର କୌଣସି ବିଷୟରେ ଦ୍ୱନ୍ଦ୍ୱ ଥିଲେ ସେମାନେ ବିଷୟଭିତ୍ତିକ ଶିକ୍ଷକ ବା ଶ୍ରେଣୀ ଶିକ୍ଷକଙ୍କୁ ଟେଲିଫୋନ ଯୋଗେ ସେମାନଙ୍କର ସନ୍ଦେହ ଦୂର କରିପାରିବେ । ଗ୍ରୀଷ୍ମ ଛୁଟି ସମୟରେ ଛାତ୍ରୀଛାତ୍ର କିପରି ସେଲ୍ଫଷ୍ଟଡି କରିବେ ସେଥିପାଇଁ ବିଷୟଭିତ୍ତିକ ଶିକ୍ଷକ ବା ଶ୍ରେଣୀ ଶିକ୍ଷକମାନେ ଛାତ୍ରୀଛାତ୍ର/ଅଭିଭାବକଙ୍କ ସହ ଆଲୋଚନା କରିବେ । ପୂରା ଗ୍ରୀଷ୍ମ ଛୁଟିରେ ଶିକ୍ଷକ, ଜୁନିଅର ଆସିଷ୍ଟାଣ୍ଟ ଏବଂ ପିଅନମାନେ ରୋଷ୍ଟର ଡ୍ୟୁଟି କରିବେ ଓ ଏଥିପାଇଁ ଏକ ରେଜିଷ୍ଟର କରାଯିବ । ବର୍ତ୍ତମାନ ସ୍କୁଲରେ ନାମଲେଖା ଚାଲିଛି । ଏହି ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ସକାଳ ସାଢ଼େ ୬ଟାରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ଅଫିସ ଖୋଲା ରହିବ । ସ୍କୁଲର ସମ୍ପତ୍ତି ଯେପରିକି ଲାଇବ୍ରେରି, ସ୍ମାର୍ଟ କ୍ଲାସରୁମ ଇତ୍ୟାଦି ଉପରେ ରୋଷ୍ଟର ଡ୍ୟୁଟିରେ ଥିବା କର୍ମଚାରୀମାନେ ନଜର ରଖିଥିବେ । କୌଣସି ପ୍ରାକୃତିକ ବିପତ୍ତି(କାଳବୈଶାଖୀ ଇତ୍ୟାଦି) ହେଲେ ରୋଷ୍ଟର ଡ୍ୟୁଟିରେ ଥିବା କର୍ମଚାରୀ ସ୍କୁଲ ଯାଇ ତଦାରଖ କରିବେ । ସ୍କୁଲ ଖୋଲିବା ପୂର୍ବରୁ ପ୍ରଧାନଶିକ୍ଷକ ଓ ଅନ୍ୟ କର୍ମଚାରୀମାନେ ସ୍କୁଲର ପରିମଳ ଏବଂ ସୁରକ୍ଷା ଦିଗ ପ୍ରତି ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ମୋକିମ୍‌ଙ୍କୁ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି

**ଓଆର୍‌ଏଚ୍‌ଡିସି ଋଣ ଦୁର୍ନୀତି ମାମଲା**

**କଟକ,୨୩।୪(କାର୍ତ୍ତିକ ସାହୁ)**

ଓଡ଼ିଶା ରୁରାଲ୍ ହାଉସିଂ ଡେଭଲପ୍‌ମେଣ୍ଟ କର୍ପୋରେଶନ୍ (ଓଆର୍‌ଏଚ୍‌ଡିସି) ଋଣ ଦୁର୍ନୀତି ମାମଲାରେ ମେଟ୍ରୋ ବିଲ୍‌ଡର୍ସର ପରିଚାଳନା ନିର୍ଦ୍ଦେଶକ ତଥା ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ୍‌ଙ୍କୁ ମଙ୍ଗଳବାର ସୁପ୍ରିମକୋର୍ଟରୁ ଆଶ୍ୱସ୍ତି ମିଳିଛି । ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଦେଇଥିବା ୩ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ହଜାର ଟଙ୍କା ଜରିମାନା ରାୟ ବିରୋଧରେ ମୋକିମ୍ ସୁପ୍ରିମ କୋର୍ଟରେ କରିଥିବା ସ୍ପେଶିଆଲ୍ ଲିଭ୍ ପିଟିଶନ୍(ଏସ୍‌ଏଲ୍‌ପି) ଦାଖଲ କରିଥିଲେ । ଏହାର ଶୁଣାଣି କରି ବିଚାରପତି ସୂର୍ଯ୍ୟକାନ୍ତ ଏବଂ ଦୀପଙ୍କର ଦତ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶେଷ ପର୍ଯ୍ୟନ୍ତ ଭିଜିଲାନ୍ସ ଅଦାଲତର ଦଣ୍ଡାଦେଶକୁ ଖାରଜ (ସସ୍‌ପେଣ୍ଡ) କରିବା ସହ ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି । ମୋକିମ୍‌ଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ୨୦୨୨ ସେପ୍ଟେମ୍ବର ୨୯ରେ ଦେଇଥିବା ଦଣ୍ଡାଦେଶକୁ ଗତ ୧୦ତାରିଖରେ



ମହମ୍ମଦ ମୋକିମ

ଓଡ଼ିଶା ହାଇକୋର୍ଟ କାଏମ୍ ରଖିଥିଲେ । ଏହି ରାୟକୁ ଚ୍ୟାଲେଞ୍ଜ କରି ମୋକିମ୍ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

ପ୍ରକାଶ ଯେ, ମେଟ୍ରୋ ବିଲଡର୍ସ ପକ୍ଷରୁ ଭୁବନେଶ୍ୱରରେ ୫୦ଟି ଫ୍ଲାଟ୍ ତିଆରି କରିବା ପାଇଁ ଓଆର୍‌ଏଚ୍‌ଡିସିରୁ ୨୦୦୦ ଅଗଷ୍ଟ ୨୮ ତାରିଖରେ ୧.୫୦କୋଟି ଟଙ୍କାର ଋଣ କରାଯାଇଥିଲା । ଓଆର୍‌ଏଚ୍‌ଡିସିର ତତ୍କାଳୀନ ପରିଚାଳନା ନିର୍ଦ୍ଦେଶକ ଆଇଏଏସ୍ ଅଧିକାରୀ ବିନୋଦ କୁମାର ମେଟ୍ରୋ ବିଲ୍‌ଡର୍ସର ନଥିପତ୍ର ଠିକ୍ ରୂପେ ଯାଞ୍ଚ ନ କରି ବେଆଇନ ଭାବେ ଋଣ ଆବେଦନକୁ ମଞ୍ଜୁର କରିଥିଲେ । ଓଆର୍‌ଏଚ୍‌ଡିସିରୁ ମେଟ୍ରୋ ବିଲ୍‌ଡର୍ସକୁ ୩ଟି କିସ୍ତିରେ ମୋଟ ଋଣ ରାଶି ପ୍ରଦାନ କରାଯାଇଥିଲା । ପ୍ରଥମ କିସ୍ତିରେ ୧କୋଟି, ୨ୟ କିସ୍ତିରେ ୩୦ ଲକ୍ଷ ଓ ୩ୟ କିସ୍ତିରେ ୨୦ ଲକ୍ଷ ଟଙ୍କା ମେଟ୍ରୋ ବିଲଡର୍ସ ଋଣ ଗ୍ରହଣ କରିଥିଲା । ମାତ୍ର ପରବର୍ତ୍ତୀ ସମୟରେ ମେଟ୍ରୋ ବିଲ୍‌ଡର୍ସ ପକ୍ଷରୁ ଋଣ ପରିଶୋଧ କରା ନ ଯିବାରୁ ୨୦୦୭ ଅକ୍ଟୋବର ୩୦ବେଳକୁ ଋଣ ପରିମାଣ ୬କୋଟି ୨୨ଲକ୍ଷ ୨୫ ହଜାରରେ ପହଞ୍ଚିଥିଲା । ଯଦ୍ୱାରା ଓଆର୍‌ଏଚ୍‌ଡିସିକୁ ଏକ ବିରାଟ କ୍ଷତିର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଓଆର୍‌ଏଚ୍‌ଡିସି ପକ୍ଷରୁ ଏହି ଘଟଣାରେ ତତ୍କାଳୀନ ପରିଚାଳନା ନିର୍ଦ୍ଦେଶକ ବିନୋଦ କୁମାର, କମ୍ପାନୀ ସେକ୍ରେଟାରି ସ୍ୱସ୍ତିରଞ୍ଜନ ମହାପାତ୍ର, ମେଟ୍ରୋ ବିଲ୍‌ଡର୍ସର ପରିଚାଳନା ନିର୍ଦ୍ଦେଶକ ମହମ୍ମଦ୍ ମୋକିମ୍, ନିର୍ଦ୍ଦେଶକ ପୀୟୂଷଧାରୀ ମହାନ୍ତିଙ୍କ ନାମରେ ମାମଲା ରୁଜୁ ହୋଇଥିଲା ।




କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ବାହାକୁଦ ଘାଟରେ ମଙ୍ଗଳବାର ଡଙ୍ଗାରେ ଭୋଟରମାନଙ୍କୁ ଜୁନ ୧ ତାରିଖରେ ଭୋଟ ଦେବାକୁ ଜିଲା ପ୍ରଶାସନିକ ଅଧିକାରୀ ଓ ପିଲାମାନେ ସଚେତନ କରୁଛନ୍ତି ।

# ଖୋଜିଲେ ଖୋଜିବେ

ଭାରତରେ ମାନବ ଅଧିକାର ଓ ନାଗରିକ ସ୍ୱାଧୀନତା ଉପରେ ୟୁରୋପୀୟ ଦେଶ, କେତେକ ଅନ୍ତଃରାଷ୍ଟ୍ରୀୟ ସୂଚକାଙ୍କ ତଥା ଆମେରିକା ତୀକ୍ଷ୍ଣ ନଜର ରଖିଛନ୍ତି । ନିକଟରେ ୟୁନାଇଟେଡ୍ ଷ୍ଟେଟ୍‌ସ ଡିପାର୍ଟମେଣ୍ଟ ଅଫ୍ ଷ୍ଟେଟ୍‌ସ (ଆମେରିକା ପରରାଷ୍ଟ୍ର ବିଭାଗ) ଦ୍ୱାରା ପ୍ରକାଶିତ ୟୁଏସ୍ ମାନବ ଅଧିକାର ୨୦୨୩ ରିପୋର୍ଟ ଅଧିକ ଗୁରୁତ୍ୱ ବହନ କରେ । ପାଖାପାଖି ୨୦୦ଟି ଦେଶର ମାନବ ଅଧିକାର ଉପରେ ୟୁଏସ୍ ଷ୍ଟେଟ୍ ଡିପାର୍ଟମେଣ୍ଟ ଦ୍ୱାରା ପ୍ରକାଶିତ ଏହି ରିପୋର୍ଟରେ ମୁଖ୍ୟତଃ ଭାରତର ମଣିପୁରରେ ହୋଇଥିବା ସଶସ୍ତ୍ର ସଂଘର୍ଷ, ବଳାତ୍କାର ଏବଂ ଆକ୍ରମଣ ସମ୍ପର୍କରେ ଦର୍ଶାଯାଇଛି । ଏହା ସାମ୍ବାଦିକଙ୍କ ବିରୋଧରେ ନିର୍ଯାତନା ଏବଂ ବେଆଇନ ଗିରଫକୁ ସାମ୍ନାକୁ ଆଣିଛି । ଏହି ରିପୋର୍ଟ ବିବିସି ଉପରେ ଟ୍ୟାକ୍ସ ରେଡ୍ ଓ ଶିଖ ଆକ୍ଟିଭିଷ୍ଟ ହରଦୀପ ସିଂହ ନିଜ୍ଜରଙ୍କ ହତ୍ୟାକୁ ସୂଚିତ କରିଛି । ଏ ସମ୍ପର୍କରେ ଭାରତର ବହିଃ ବ୍ୟାପାର ମନ୍ତ୍ରଣାଳୟ କୌଣସି ପ୍ରତିକ୍ରିୟା ପ୍ରକାଶ କରିନଥିଲେ ବି ଗତବର୍ଷର ରିପୋର୍ଟକୁ ମିଥ୍ୟ ଓ ତ୍ରୁଟିପୂର୍ଣ୍ଣ ଦର୍ଶାଇଥିଲା । ଭାରତରେ ଧର୍ମୀୟ ସଂଖ୍ୟାଲଘୁ ଭେଦଭାବ ଉପରେ ୟୁଏସ୍ ରିପୋର୍ଟ ମଧ୍ୟ ଗୁରୁତ୍ୱ ଦେଇଛି । ଏହା ବ୍ୟତୀତ ସୂଚନା ପ୍ରଦାନ ସ୍ୱାଧୀନତାର ସୁରକ୍ଷା ଉପରେ କାର୍ଯ୍ୟ କରୁଥିବା ସଂସ୍ଥା ରିପୋର୍ଟର୍ସ ୱିଦାଉଟ ବର୍ଡର (ଆର୍‌ଡବ୍ଲୁବି) ତା'ର ୨୦୨୩ ଗଣମାଧ୍ୟମ ସ୍ୱାଧୀନତା ସୂଚକାଙ୍କରେ ୧୮୩ଟି ଦେଶ ମଧ୍ୟରେ ଭାରତକୁ ୧୬୧ରେ ସ୍ଥାନିତ କରିଛି, ଯାହା ଦେଶର ଇତିହାସରେ ସବୁଠୁ ଖରାପ ସ୍ଥିତି । ତେବେ ୟୁଏସ୍ ମାନବ ଅଧିକାରର ରିପୋର୍ଟକୁ ଲକ୍ଷ୍ୟ କଲେ ଭାରତରେ ତାହାର ବାସ୍ତବତା ଉପଲବ୍ଧି କରିହୁଏ । ଉଲ୍ଲେଖନୀୟ ଯେ, ମେ ୨୦୨୩ରେ ମଣିପୁରରେ ଆରମ୍ଭ ହୋଇଥିବା ହିଂସା ପରିସ୍ଥିତି ଆଜି ମଧ୍ୟ ଜୀବିତ ଅଛି ।

> ବୁଝିବାକୁ ହେବ ଯେ, ଯେତେବେଳେ ଗୋଟିଏ ଦେଶ ବିଦେଶୀ ପୁଞ୍ଜି ଖୋଜୁଛି, ସେତେବେଳେ ସେହି ଦେଶର ରାଜନୈତିକ ଏବଂ ଅର୍ଥନୈତିକ ବ୍ୟବସ୍ଥା ସହ ସାମାଜିକ ଦୋଷତ୍ରୁଟି ମଧ୍ୟ ବିଦେଶୀ ସଂସ୍ଥାମାନେ ଖୋଜିବେ ।

ଆମେରିକା ସଂସ୍ଥା ଫ୍ରିଡମ୍ ହାଉସ୍‌ର ୨୦୨୪ ରିପୋର୍ଟରେ ପାକିସ୍ତାନ, ବାଂଲାଦେଶ ସହ ଭାରତକୁ 'ଆଂଶିକ ସ୍ୱାଧୀନ' ବୋଲି ଦର୍ଶାଯାଇଛି । ଅର୍ଥାତ୍ ଭାରତରେ ନାଗରିକଙ୍କ ସ୍ୱାଧୀନତା ଅବରୁଦ୍ଧ । ଯଦି ବେଆଇନ ଗିରଫ କଥାକୁ ଦେଖିବା, ତେବେ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଦିଲ୍ଲୀ, ଝାଡ଼ଖଣ୍ଡ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଗିରଫ କରି ଜେଲରେ ରଖିବା ଗଣତାନ୍ତ୍ରିକ ଅଧିକାରକୁ କ୍ଷୁଣ୍ଣ କରିଛି । ଫ୍ରିଡମ୍ ହାଉସ୍ ରିପୋର୍ଟ ଅନୁଯାୟୀ, ରାଜନୈତିକ ବିରୋଧୀଙ୍କ ବିରୋଧରେ ସରକାରୀ ସଂସ୍ଥାଗୁଡ଼ିକୁ ଅତ୍ୟଧିକ ବ୍ୟବହାର କରାଯାଉଛି । ଏକ ବିରୋଧୀମୁକ୍ତ ବ୍ୟବସ୍ଥା ସୃଷ୍ଟି କରିବାକୁ ଏହା ପ୍ରୟାସ ବୋଲି କୁହାଯାଇପାରେ । କାରଣ ଯେଉଁ ଦେଶରେ ବିରୋଧୀ କିମ୍ବା ଭିନ୍ନ ମତ ଶୁଣିବାର ବ୍ୟବସ୍ଥା ରହେ ନାହିଁ, ସେହି ଦେଶକୁ ଗଣତାନ୍ତ୍ରିକ ବୋଲି କହିଦେବ ନାହିଁ ।

କେବଳ ଏତିକି ନୁହେଁ, ବିଗତ ଏକ ଦଶନ୍ଧି ମଧ୍ୟରେ ଅଭିବ୍ୟକ୍ତି, ସଙ୍ଗଠନ ଏବଂ ଶାନ୍ତିପୂର୍ଣ୍ଣ ସମାବେଶର ସ୍ୱାଧୀନତା ଉପରେ କଟକଣା ଅଣାଯାଇଛି । ବହୁ ସମୟରେ ଆଲୋଚକଙ୍କ ମୁହଁ ବନ୍ଦ କରିବା ଲାଗି କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାଗୁଡ଼ିକ ଦ୍ୱାରା କଠୋର ପଦକ୍ଷେପ ନିଆଯାଉଛି । କଶ୍ମୀରରେ ୩୭୦ ଧାରା ଉଚ୍ଛେଦ ପରେ ସେଠାରେ ଗଣମାଧ୍ୟମ ଉପରେ ପ୍ରତିବନ୍ଧକ ଲଗାଯିବା ଓ ଇଣ୍ଟରନେଟ ବନ୍ଦ କରାଯିବା ଘଟଣା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି । ସୁଇଡେନ୍‌ର ଗୋଥେନ୍‌ବର୍ଗ ବିଶ୍ୱବିଦ୍ୟାଳୟର ଭି-ଡେମ ରିପୋର୍ଟ ଅନୁଯାୟୀ ନାଗରିକ ସମାଜ, ଅଭିବ୍ୟକ୍ତି, ଗଣମାଧ୍ୟମ ସ୍ୱାଧୀନତାରେ ଭାରତ ଉଭୟ ବାଂଲାଦେଶ ଏବଂ ନେପାଳ ତୁଳନାରେ ଖରାପ ସ୍ଥିତିରେ ରହିଛି । ୨୦୧୯ରେ ଭାରତରେ ଏକ ଭେଦଭାବପୂର୍ଣ୍ଣ ନାଗରିକତ୍ୱ ଆଇନ (ସିଏଏ) ଅଣାଯାଇଥିଲା । ପ୍ରବଳ ପ୍ରତିବାଦ ଯୋଗୁ ଏହାକୁ ଏଯାବତ୍ କାର୍ଯ୍ୟକାରୀ କରାଯାଇ ନାହିଁ । ୟୁରୋପୀୟ ସଂସଦ ଏହା ବିରୋଧରେ ନିନ୍ଦନୀୟ ଅଭିମୁଖ୍ୟ ମଧ୍ୟ ଗ୍ରହଣ କରିଥିଲା । ଦେଖିବାକୁ ଗଲେ ଆମେ ଯାହାକୁ ଆମର ଆଭ୍ୟନ୍ତରୀଣ ବ୍ୟାପାର ବୋଲି ଭାବୁଛୁ, ଅନ୍ୟ ଦେଶ ବା ସଂସ୍ଥାଗୁଡ଼ିକ କାହିଁକି ତା' ପ୍ରତି ଆଗ୍ରହୀ ହୋଇଛନ୍ତି ତାହା ବିଚାର କରିବା କଥା । ଏଭଳି ଭାରତୀୟ ବ୍ୟବସ୍ଥାକୁ ସମାଲୋଚନା କରୁଥିବା ରିପୋର୍ଟକୁ ଭାରତର କେତେକ ମହଲରୁ ତୀବ୍ର ନିନ୍ଦା କରାଯାଉଛି । ତେବେ ଆଧୁନିକ ଜଗତରେ ଯେତେବେଳେ ଦେଶ ତାହାର ନିଜସ୍ୱ ଚାହିଦା ମେଣ୍ଟାଇବା ଲାଗି ବାହ୍ୟ ବା ବିଦେଶୀ ପୁଞ୍ଜି ଲଗାଣକାରୀ ସଂସ୍ଥା ଏବଂ ବ୍ୟକ୍ତି ବିଶେଷଙ୍କୁ ଅର୍ଥ ଲୋଭ ପାଇଁ ନିମନ୍ତ୍ରଣ କରୁଛି, ସେତେବେଳେ ବିଦେଶୀ ପରୀକ୍ଷଣ ପାଇଁ ମଧ୍ୟ ସେହି ଦେଶ ବା ସମାଜ ନିଜକୁ ସ୍ୱଚ୍ଛ ଏବଂ ଖୋଲା ରଖିବା ପାଇଁ ବାଧ୍ୟ । ଅପରପକ୍ଷରେ ଉତ୍ତରକୋରିଆ ଭଳି ଦେଶ, ଯିଏ କେବେ ବିଦେଶୀ ପୁଞ୍ଜିଲଗାଣକାରୀଙ୍କୁ ନିମନ୍ତ୍ରଣ କରେ ନାହିଁ, ସେଭଳି ଦେଶରେ ଗଣତାନ୍ତ୍ରିକ ବ୍ୟବସ୍ଥାର ସ୍ୱଚ୍ଛତା କାହାରିକୁ ପ୍ରମାଣ ଦେବାକୁ ପଡ଼େନାହିଁ । ଏଥିରୁ ବୁଝିବାକୁ ହେବ ଯେ, ଯେତେବେଳେ ଗୋଟିଏ ଦେଶ ବିଦେଶୀ ପୁଞ୍ଜି ଖୋଜୁଛି, ସେତେବେଳେ ସେହି ଦେଶର ରାଜନୈତିକ ଏବଂ ଅର୍ଥନୈତିକ ବ୍ୟବସ୍ଥା ସହ ସାମାଜିକ ଦୋଷତ୍ରୁଟି ମଧ୍ୟ ବିଦେଶୀ ସଂସ୍ଥାମାନେ ଖୋଜିବେ ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | 2 | | | | 3 | | |
| 9 | | | 4 | | | | | 7 |
| | | 3 | | | | | | 4 |
| | | 6 | | | 4 | | | |
| | | | 3 | | | 1 | 9 | |
| 7 | | | | | | | | 2 |
| 8 | | 7 | | | | | 2 | |
| | | | 1 | 8 | | | | |
| 1 | 4 | | 5 | | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 6 | 5 | 2 | 4 | 9 | 1 | 7 | 8 | 3 |
| 7 | 3 | 8 | 2 | 5 | 6 | 9 | 4 | 1 |
| 4 | 9 | 1 | 7 | 3 | 8 | 5 | 2 | 6 |
| 1 | 4 | 7 | 3 | 6 | 9 | 8 | 5 | 2 |
| 3 | 2 | 6 | 8 | 4 | 5 | 1 | 7 | 9 |
| 9 | 8 | 5 | 1 | 2 | 7 | 6 | 3 | 4 |
| 8 | 7 | 4 | 9 | 1 | 3 | 2 | 6 | 5 |
| 2 | 6 | 9 | 5 | 8 | 4 | 3 | 1 | 7 |
| 5 | 1 | 3 | 6 | 7 | 2 | 4 | 9 | 8 |

ଗତକାଲିର ଉତ୍ତର

# ଦୁବାଇ ବନ୍ୟା ଓ ଜଳବାୟୁ



ଡ. ଜୟକୃଷ୍ଣ ପାଣିଗ୍ରାହୀ

ଭୟଙ୍କର ମରୁଝଡ଼ ଓ ବନ୍ୟାର ପ୍ଲାବନରେ ସୌନ୍ଦର୍ଯ୍ୟମୟୀ ଦୁବାଇ ସହର ଏପ୍ରିଲ ୧୬ରେ ନିମିଷକ ମଧ୍ୟରେ ଅନୁଭବ କଲା ଧ୍ୱଂସର ତାଣ୍ଡବ । ନଭଶ୍ଚୁମ୍ବୀ ଅଟ୍ଟାଳିକା ଏବଂ ବିଳାସପୂର୍ଣ୍ଣ ଭିତ୍ତିଭୂମି ପାଇଁ ପ୍ରସିଦ୍ଧ ଏହି ସହର ଅପ୍ରତ୍ୟାଶିତ ଭାବେ ପ୍ରଚଣ୍ଡ ବର୍ଷାର ପ୍ରଭାବରେ ବିପର୍ଯ୍ୟସ୍ତ ବନ୍ୟା ପରିସ୍ଥିତିର ସମ୍ମୁଖୀନ ହେଲା । କ୍ଷିପ୍ର ବେଗରେ ଦୌଡୁଥିବା ସହରର ଗତିବିଧି ହଠାତ୍ ଏକ ବିଭୀଷିକାମୟ ପରିବେଶ ମଧ୍ୟକୁ ଠେଲି ହୋଇଗଲା । ଗୃହଠାରୁ ଅଫିସ ଏବଂ ରାସ୍ତାଘାଟ ସବୁକିଛି ବନ୍ୟାରେ କବଳିତ ହୋଇ ବହୁଳ କ୍ଷୟକ୍ଷତିର ସମ୍ମୁଖୀନ ହେଲା, ଘରଛାତରୁ ବର୍ଷାଜଳ ଝରିବାକୁ ଲାଗିଲା ଏବଂ ଲୋକେ ଜଳବନ୍ଦୀ ଜୀବନ ଯାପନ କଲେ । ସହରର ଚତୁର୍ଦ୍ଦିଗରେ ବନ୍ୟାର କରାଳ ରୂପ ମଧ୍ୟରେ ମନୁଷ୍ୟର ନିଃସହାୟତା ବାରି ହୋଇପଡୁଥିଲା, ଯେତେବେଳେ ଅତି ମୂଲ୍ୟବାନ, ସୌଖୀନ ଯାନ ସବୁ କାଗଜଡଙ୍ଗା ପରି ବନ୍ୟାସ୍ରୋତରେ ଭାସମାନ ଅବସ୍ଥାରେ ଥିଲେ । ବିଶ୍ୱର ଦ୍ୱିତୀୟ ବ୍ୟସ୍ତବହୁଳ ବିମାନବନ୍ଦରର ମାନ୍ୟତା ହାସଲ କରିଥିବା ଦୁବାଇ ଏଆରପୋର୍ଟରେ ବିମାନ ଉଡ଼ାଣ ବହୁମାତ୍ରାରେ ବାଧାପ୍ରାପ୍ତ ହେଲା । ୟୁଏଇର ଲୋକମାନେ ଅକଥନୀୟ ଦୁର୍ଦ୍ଦଶାର ଶିକାର ହେବା ସହିତ ପଡ଼ୋଶୀରାଷ୍ଟ୍ରମାନ ଏବଂ ସାଉଦିଆରବ ମଧ୍ୟ ଏହି ବିଭୀଷିକାରେ ଅନେକାଂଶରେ ପ୍ରଭାବିତ ହେଲେ । ବିପୁଳ ସମ୍ପତ୍ତି ଓ ଭିତ୍ତିଭୂମି ନଷ୍ଟ ହେବା ସହ ଉଭୟ ଓମାନ ଓ ୟୁଏଇରେ ୨୦ରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଛି । ଏକ ପ୍ରାକୃତିକ ବିପର୍ଯ୍ୟୟ ଯେ କେତେ ବିଧ୍ୱଂସକାରୀ ହୋଇପାରେ, ତାହା ଦୁବାଇ ବନ୍ୟା ମାନବଜାତିକୁ ପୁଣିଥରେ ଚେତାଇ ଦେଇଛି ।

ଉଷ୍ମ ଏବଂ ଶୁଷ୍କ ଅଞ୍ଚଳ ରୂପେ ପରିଗଣିତ ୟୁଏଇରେ ହାରାହାରି ବର୍ଷାର ପରିମାଣ ହେଉଛି ବାର୍ଷିକ ୧୪୦ରୁ ୨୦୦ ମିଲିମିଟର (ମିମି) । ଏପ୍ରିଲ ୧୬ରେ ଅଲ ଆଇନ୍ ସହରରେ ୨୫୦ମିମିର ସର୍ବାଧିକ ବର୍ଷା ରେକର୍ଡ ହୋଇଥିଲାବେଳେ ଦୁବାଇ ସହରରେ ଏହା ଥିଲା ୧୫୨ମିମି । ଏପରି ଆକସ୍ମିକ, ପ୍ରଚୁର ବର୍ଷାର ଜଳକୁ ଠିକ୍ ଭାବରେ ନିଷ୍କାସିତ କରିବା ନିମନ୍ତେ ସହରରେ ଉପଲବ୍ଧ ନିଷ୍କାସନ ବ୍ୟବସ୍ଥାଗୁଡ଼ିକୁ ସଂଘର୍ଷ କରିବାକୁ ପଡ଼ିବ । କଂକ୍ରିଟ ଜଙ୍ଗଲର ଏହି ସହରରେ ପିଚୁ ଓ ପକ୍କା ସ୍ଥାନରେ ଭରପୂର ଭୂପୃଷ୍ଠ ମାଧ୍ୟମରେ ଜଳ ଭୂତଳ ମଧ୍ୟକୁ ପ୍ରବେଶ କରିବାର ସମ୍ଭାବନା କମିବାରୁ ରାସ୍ତା ଉପରେ ପର୍ଯ୍ୟାପ୍ତ ପରିମାଣର ଜଳ ପ୍ରବାହିତ ହେବାକୁ ଲାଗିଲା । ଗତ କିଛିବର୍ଷ ମଧ୍ୟରେ ଏହି ଉପସାଗରୀୟ ରାଷ୍ଟ୍ରରେ ବୃଷ୍ଟିପାତରେ ବୃଦ୍ଧିଘଟିଛି ଏବଂ ଆଗାମୀ ବର୍ଷମାନଙ୍କରେ ଏହା ୩୦ ଶତାଂଶ ପର୍ଯ୍ୟନ୍ତ ବୃଦ୍ଧିପାଇବାର ସମ୍ଭାବନା ରହିଛି । ପାରମ୍ପରିକ ଭାବେ ମରୁଭୂମି ଜଳବାୟୁ ଏବଂ



ଅଭାବୀ ବର୍ଷାଦ୍ୱାରା ବର୍ଣ୍ଣିତ ହେଉଥିବା ୟୁଏଇ ଏବେ ଜଳବାୟୁ ପରିବର୍ତ୍ତନର ଶିକାର ହେଉଛି ବୋଲି ବିତର୍କର ଏକ ନୂତନ ଦିଗନ୍ତ ଉନ୍ମୋଚିତ ହୋଇଛି । ଦେଢ଼ବର୍ଷର ବର୍ଷାର ପରିମାଣ ଗୋଟିଏ ଦିନରେ ବର୍ଷିବା ଏହି ମତବାଦକୁ ଶକ୍ତିଶାଳୀ କରୁଛି । ଅନ୍ୟ ଏକ ଅଭିଯୋଗ ହେଉଛି ଯେ, ୟୁଏଇରେ ସମୟ ସମୟରେ କୃତ୍ରିମ ବର୍ଷା ସୃଷ୍ଟି ନିମନ୍ତେ ପୋଟାସିୟମ ଆୟୋଡାଇଡ, ସୋଡିୟମ ଫ୍ଲୋରାଇଡ ପରି ଲବଣ କିମ୍ବା ଶୁଷ୍କ ବରଫ ମେଘ ଉପରକୁ ସିଞ୍ଚନ କରାଯାଏ । ତେବେ, ୟୁଏଇ ପାଣିପାଗ କେନ୍ଦ୍ର ଏହି ଭୟଙ୍କର ଝଡ଼ବର୍ଷା ଓ ବଜ୍ରପାତର ତାଣ୍ଡବ ପୂର୍ବରୁ ଏପରି କିଛି ପଦକ୍ଷେପ ଗୃହୀତ ହୋଇ ନ ଥିବାର ପ୍ରକାଶ କରିଛି ।

ପାଣିପାଗ ବିଶେଷଜ୍ଞଙ୍କ ମତରେ ଦେଶ ମଧ୍ୟକୁ ଆରବ ସାଗରରୁ ଉଷ୍ମ ଏବଂ ଆର୍ଦ୍ରବାୟୁର ଏକ ବିଶାଳ ପ୍ରବାହ ଘଟିଥିଲା, ଯାହା ଉତ୍ତର-ପଶ୍ଚିମଦିଗରୁ ପ୍ରବାହିତ ଶୀତଳ ବାୟୁ ସଂସ୍ପର୍ଶରେ ଆସି ପ୍ରବଳ ଝଡ଼ବର୍ଷାରେ ରୂପାନ୍ତରିତ ହୋଇଥିଲା । ତେବେ ଇତିହାସରେ ରେକର୍ଡ ସୃଷ୍ଟିକାରୀ ଏହି ବିପର୍ଯ୍ୟୟର ପୃଷ୍ଠଭୂମିରେ ଜଳବାୟୁ ପରିବର୍ତ୍ତନର ଭୂମିକା ଯେ ନିଃସନ୍ଦେହ ଏହା ବୈଜ୍ଞାନିକ ମହଲରେ ଆଲୋଚନାର ବିଷୟବସ୍ତୁ ପାଲଟିଛି । ବିଗତ ଦଶନ୍ଧିମାନଙ୍କରେ କୋଇଲା, ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ପରି ଜୀବାଶ୍ମ ଇନ୍ଧନର ବହୁଳ ବ୍ୟବହାରରେ ମାତ୍ରାଧିକ ପରିମାଣର ଅଙ୍ଗାରକାମ୍ଳ ଓ ଅନ୍ୟସବୁ ଜଗୃହବାଷ୍ପ ବାୟୁମଣ୍ଡଳକୁ ନିର୍ଗତ ହେବା ଏବଂ ପ୍ରତିଫଳରେ ବିଶ୍ୱ ତାପମାତ୍ରା ବୃଦ୍ଧିହେବା ଘଟଣା ଏପରି ବିପର୍ଯ୍ୟୟର ମୂଳକାରଣ । ଉଚ୍ଚ ତାପମାତ୍ରାରେ ଉଭୟ ସ୍ଥଳଭାଗର ଜଳଉତ୍ସରୁ ଏବଂ ମହାସାଗରରୁ ଜଳର ବାଷ୍ପୀକରଣ ତ୍ୱରାନ୍ୱିତ ହୁଏ ଏବଂ ଏପରି ଉଷ୍ମବାତାବରଣ ଅଧିକ ଆର୍ଦ୍ରତା ଧାରଣ କରେ । ଏକ ଅଧ୍ୟୟନ ପ୍ରକାଶ କରେ ଯେ ହାରାହାରି ତାପମାତ୍ରାରେ ପ୍ରତି ଏକ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇ ବାୟୁମଣ୍ଡଳ ପ୍ରାୟ ୭ ଶତାଂଶ ଅଧିକ ଆର୍ଦ୍ରତା ଧାରଣ କରିପାରେ । ଏହି କାରଣରୁ ବୃଷ୍ଟିପାତର ତୀବ୍ରତା, ଅବଧି କିମ୍ବା ବାରମ୍ବାରତାରେ ବୃଦ୍ଧି ଘଟିଥାଏ, ଯାହା ପରିଶେଷରେ ପ୍ରବଳ ବନ୍ୟା ପରିସ୍ଥିତି ସୃଷ୍ଟି କରିପାରେ । ଭାରତର ଥର୍ ମରୁଭୂମି ଏବଂ ଅଷ୍ଟ୍ରେଲିଆର କେତେକ ମରୁଭୂମି ଅଞ୍ଚଳରେ ହୋଇଥିବା ଅଧ୍ୟୟନରୁ ପ୍ରତୀୟମାନ ହୁଏ ଯେ ଜଳବାୟୁ ପରିବର୍ତ୍ତନ ଏସବୁ ସ୍ଥାନରେ ଅଧିକ ବର୍ଷାର କାରକ ସାଜୁଛି । ପୁନଶ୍ଚ, ୧୮୫୦ ପରଠାରୁ ପୃଥିବୀର ହାରାହାରି ତାପମାତ୍ରା ଏପର୍ଯ୍ୟନ୍ତ ଅତିକ୍ରମରେ ୧.୧ ଡିଗ୍ରୀ ବୃଦ୍ଧି ପାଇଥିଲାବେଳେ ୟୁଏଇରେ ବିଗତ ୬୦ବର୍ଷରେ ପ୍ରାୟ ଦେଢ଼ ଡିଗ୍ରୀ ସେଲସିୟସ ବୃଦ୍ଧି ଘଟିଛି ।

ଏବେ ସବୁଠାରୁ କଷ୍ଟସାଧ ଆହ୍ୱାନ ହେଉଛି ଯେ ୟୁଏଇ ବନ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟ ମାନବ-ପ୍ରବର୍ତ୍ତିତ ଜଳବାୟୁ ପରିବର୍ତ୍ତନ ଅଥବା ପ୍ରକୃତିର ପରିବର୍ତ୍ତନଶୀଳ ପ୍ରକ୍ରିୟା ଦ୍ୱାରା ସଂଘଟିତ ହେଉଛି, ତାକୁ ନିଶ୍ଚିତରୂପେ ନିର୍ଣ୍ଣୟ କରିବା । କିନ୍ତୁ ଏହା ମଧ୍ୟ ସତ୍ୟ ଯେ 'ଏଲନିନୋ' ଏବଂ 'ଲାନିନା' ପରି ପ୍ରାକୃତିକ ଜଳବାୟୁ ବ୍ୟାଘାତକାରୀ ଘଟଣାଗୁଡ଼ିକରେ କ୍ରମଶଃ ବୃଦ୍ଧିଘଟୁଛି । ଏଥିରେ ମାନବ-ପ୍ରବର୍ତ୍ତିତ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଏକ ଉତ୍ତେଜକ କାରକର ଭୂମିକା ନିର୍ବାହ କରୁଛି । ସମ୍ପ୍ରତି ପୃଥିବୀର ଜଳବାୟୁ ପ୍ରଣାଳୀରେ ମାନବିକ ହସ୍ତକ୍ଷେପ ପୂର୍ବାପେକ୍ଷା ଅଧିକ ଦୃଶ୍ୟମାନ ହେଉଛି, କିନ୍ତୁ ଏସବୁର ପରିଣାମ ବିଷୟରେ ପୂର୍ବାନୁମାନ କରିବା ସେତିକି କଷ୍ଟସାଧ ବୋଧ ହେଉଛି । ସାରାବିଶ୍ୱରେ ଏପରି ଉତ୍ତପ୍ତ ପରିବେଶରେ ଜଳବାୟୁରେ ଯେଉଁ ନକାରାତ୍ମକ ପରିବର୍ତ୍ତନ ଘଟୁଛି, ତାହା ତୀବ୍ର ଗ୍ରୀଷ୍ମ ଲହରି, ଭାରି ବର୍ଷା, ବନ୍ୟା, ବାତ୍ୟା, ଭୂସ୍ଖଳନ, ମରୁଡ଼ି, ବଜ୍ରପାତ ଏବଂ ବନାଗ୍ନି ପରି ପ୍ରାକୃତିକ ବିପର୍ଯ୍ୟୟ ରୂପରେ ପ୍ରକଟିତ ହେଉଛି । ଏଥିରେ ବହୁ ଧନଜୀବନ ହାନି ହେବା ସହ ଭିତ୍ତିଭୂମି ବିପର୍ଯ୍ୟସ୍ତ ଏବଂ ଅର୍ଥନୀତି ପ୍ରଭାବିତ ହେଉଛି, ବିଶେଷ ଭାବରେ ଗରିବ ରାଷ୍ଟ୍ରମାନଙ୍କରେ ଏହି ପ୍ରଭାବ ଅତ୍ୟନ୍ତ କ୍ଷତିକାରକ ସାବ୍ୟସ୍ତ ହେଉଛି । ଜଳବାୟୁ ପ୍ରଦୂଷଣ ନିର୍ଗମନକୁ ହ୍ରାସ କରିବା ପାଇଁ ପର୍ଯ୍ୟାପ୍ତ ବିଶ୍ୱସ୍ତରୀୟ ପ୍ରତିବଦ୍ଧତାର ଅଭାବରେ ଆଗାମୀ ଭବିଷ୍ୟତରେ ଜଳବାୟୁ ସଙ୍କଟ ଅଧିକ ଘନୀଭୂତ ହେବାର ସମ୍ଭାବନା ସୃଷ୍ଟି ହେଉଛି ।

ଦୁବାଇ ବନ୍ୟାର ବିଭୀଷିକାକୁ ଜଳବାୟୁ ପରିବର୍ତ୍ତନର ସଦ୍ୟତମ ମନ୍ଦ ସଙ୍କେତ ଓ ଚେତାବନୀ ରୂପେ ଗ୍ରହଣ କରି ମାନବ ଜାତି ସକାରାତ୍ମକ ପରିବର୍ତ୍ତନର ସ୍ରୋତକୁ ତ୍ୱରାନ୍ୱିତ କରିବା ଏକାନ୍ତ ଅପରିହାର୍ଯ୍ୟ । ଉତ୍ତାପବୃଦ୍ଧିକୁ ୨୦୧୫ର ପ୍ୟାରିସ ରାଜିନାମା ଅନୁଯାୟୀ ଦେଢ଼ଡିଗ୍ରୀ ମଧ୍ୟରେ ସୀମିତ ରଖିବା ନିମନ୍ତେ ଏବେଠାରୁ ୨୦୩୦ ପର୍ଯ୍ୟନ୍ତ ପ୍ରତିବର୍ଷ ଅଙ୍ଗାରକ ନିର୍ଗମନକୁ ଅତିକ୍ରମେ ୭.୬ ଶତାଂଶ ହ୍ରାସକରିବା ଆବଶ୍ୟକ । ଏଥିସହ ଉଭୟ ସ୍ଥଳୀୟ ଏବଂ ଜଳୀୟ ପ୍ରାକୃତିକ ପରିସଂସ୍ଥାମାନଙ୍କର ସଂରକ୍ଷଣ ଏବଂ ପୁନରୁଦ୍ଧାରକୁ ଗୁରୁତ୍ୱ ପ୍ରଦାନ କରିବା ଏକ ଜରୁରୀ ଆବଶ୍ୟକତା । ମାନବ ସମସ୍ୟା ସବୁର ପ୍ରକୃତି-ଭିତ୍ତିକ ସମାଧାନ ନିମନ୍ତେ ଅଧିକ ପ୍ରତିବଦ୍ଧତା ଓ ବିନିଯୋଗ ହେଲେ ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ସୀମିତ ହେବା ସହ ଏକ ସୁରକ୍ଷିତ ଭବିଷ୍ୟତର ଦୃଢ଼ ମୂଳଦୁଆ ସ୍ଥାପିତ ହୋଇପାରିବ ।

**ସମ୍ପାଦକ, ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର**
**ମୋ: ୯୪୩୭୦୭୬୧୦୦**

# ଏକ ଦିବ୍ୟ ପ୍ରତିଶ୍ରୁତିର ସ୍ମାରକୀ



ବିମଳ ପ୍ରସନ୍ନ ଦାସ

ଦିବ୍ୟଜନନୀ ଶ୍ରୀମା ୨୯ ମାର୍ଚ୍ଚ, ୧୯୧୪ରେ ତପୋଭୂମି ପଣ୍ଡିଚେରୀରେ ପ୍ରଥମେ ପଦାର୍ପଣ କରି ସେହିଦିନ ଅପରାହ୍ଣ ପ୍ରାୟ ୩.୩୦ ମିନିଟ୍ ସମୟରେ ତାଙ୍କର ଆରାଧ୍ୟ ତଥା ବହୁ ଆକାଂକ୍ଷିତ ପରମପ୍ରଭୁ ଋଷି ଶ୍ରୀଅରବିନ୍ଦଙ୍କୁ ଦର୍ଶନ କଲେ, ଇତିହାସର ବିଡମ୍ବନା ଯେ, ପ୍ରଥମ ମହାଯୁଦ୍ଧ ହେତୁ ତାଙ୍କୁ ଫେରିଯିବାକୁ ପଡ଼ିଲା, କିନ୍ତୁ ୧୯୧୪ରୁ ୧୯୨୦ ପାଞ୍ଚ ବର୍ଷ ମା' ଜାପାନରେ ଅବସ୍ଥାନ କଲେ ଏବଂ ୧୯୨୦ ଏପ୍ରିଲ ୨୪ରେ ଏକଦା ଋଷି ଅଗସ୍ତ୍ୟଙ୍କ ତପୋକ୍ଷେତ୍ର ପଣ୍ଡିଚେରୀକୁ ପ୍ରତ୍ୟାବର୍ତ୍ତନ କଲେ । ଏହି ପବିତ୍ର ଅବସରରେ ମା'ଙ୍କ ଅନୁପମ ଉକ୍ତି "ମୋର ପଣ୍ଡିଚେରୀ ପ୍ରତ୍ୟାବର୍ତ୍ତନ ହିଁ ସକଳ ଅପଶକ୍ତି ଉପରେ ଅପ୍ରତିହତ ବିଜୟର ସ୍ମାରକୀ", ନୂତନ ଜୀବନ ଓ ଜଗତର ରୂପକାର ମହାଯୋଗୀ ଶ୍ରୀଅରବିନ୍ଦ ତାଙ୍କ ରଚିତ ମହାକାବ୍ୟ ସାବିତ୍ରୀରେ କହିଛନ୍ତି "ଏକଇ ହୃଦୟ ତାଙ୍କୁ ଦେଇପାରେ ସାରା ଜଗତେ ଆଶ୍ରୟ" (ସାବିତ୍ରୀ-୧୫ ପୃଷ୍ଠା) ସାମ୍ପ୍ରତିକ ସମାଜରେ ଅନ୍ୟାୟ, ଅତ୍ୟାଚାର, ଅବିଚାର ଓ ଅନ୍ଧକାର ଘନୀଭୂତ ହେଉଥିବାବେଳେ କରୁଣାମୟୀ ବିଶ୍ୱଜନନୀଙ୍କର ବାଣୀ ଜଗତକୁ ଅମୃତାୟିତ କରିବା ଦିଗରେ ଏକ ପ୍ରେରଣାମୟୀ ଉଦ୍‌ଘୋଷଣା ।

୧୯୧୪ ମସିହା ମାର୍ଚ୍ଚ ୨୯ ଅପରାହ୍ଣରେ ଯେଉଁ ସାକ୍ଷାତ ସମ୍ଭବପର ହୋଇଥିଲା ତାହା ଅତୀତରେ ଅନୁରୂପ ଅନ୍ୟ ଅନେକ ସାକ୍ଷାତ ତାଲିକାରେ ମହମ ସଂଯୋଜନ । ଏତାଦୃଶ ସାକ୍ଷାତ୍‌ର କେତୋଟି ବିରଳ ଦୃଷ୍ଟାନ୍ତ ହେଉଛି ରାମ- ପରଶୁରାମ ସାକ୍ଷାତ, ମଗଧର ନନ୍ଦରାଜ ଶାସନ ଦ୍ୱାରା ଅପମାନିତ ଯୁବକ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ସହ ଅକସ୍ମାତ ନନ୍ଦ-ବିରୋଧୀ ବୃଦ୍ଧ ବ୍ରାହ୍ମଣ ଚାଣକ୍ୟଙ୍କ ଭେଟ । ଏହାର ପରବର୍ତ୍ତୀ ପରିଣାମ ଇତିହାସରେ ଲିପିବଦ୍ଧ କିନ୍ତୁ ସୁଦୂର ପ୍ୟାରିସରୁ ଆସି ମା'ଙ୍କର ଶ୍ରୀଅରବିନ୍ଦଙ୍କ ସାକ୍ଷାତର ପରିଣାମ ମା' ଯାହା ହୃଦୟଙ୍ଗମ କରିଥିଲେ ତାହା ହେଲା ପୃଥିବୀର ଅସଂଖ୍ୟ ଲୋକ ଅଜ୍ଞାନ ତିମିରରେ ରହି ଥାଆନ୍ତୁ ନା କାହିଁକି ଭୂପୃଷ୍ଠରେ ଶ୍ରୀଅରବିନ୍ଦଙ୍କ ଉପସ୍ଥିତି ହିଁ ଦିନେ ସେ ଅଜ୍ଞାନ ଆଲୋକରେ ରୂପାନ୍ତରିତ ହେବ ଏବଂ ଦିବ୍ୟ ଯୁଗର ଆଗମନରେ ନିଶ୍ଚିତ ପ୍ରତିଶ୍ରୁତି । ବିଶ୍ୱାସର ଏ ଦଲିଲ ଅନନ୍ୟ । ସେହି ମୁହୂର୍ତ୍ତରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ସ୍ୱରୂପ ନିର୍ଣ୍ଣୟ କରିପାରିଲେ ବୋଲି ଆମେ ଆଜି ତାହା ଜାଣୁଛୁ ।

ପ୍ରଫେସର ମନୋଜ ଦାସଙ୍କ ଭାଷାରେ "ବିଧାତାର ପଞ୍ଜିକାରେ ସେହି ମୁହୂର୍ତ୍ତରେ ସ୍ପଷ୍ଟ ହୋଇ ଉଠିଥିବା ଶ୍ରୀମାଙ୍କ ଭୂମିକା- ଶ୍ରୀଅରବିନ୍ଦଙ୍କ ଯୋଗଯଜ୍ଞରେ ସେ ହେବେ ପୁରୋହିତ, ଦେବେ ଆହୁତି, ଚେତନାର ରହସ୍ୟାଲୋକରେ ସେ ନିଜକୁ ସମର୍ପଣ କରିବେ ଯୋଗେଶ୍ୱରଙ୍କ ଦୁଃସହ ପରୀକ୍ଷା ନିରୀକ୍ଷାର କଦବା ଆଧାର । କଦବା ସହଯୋଗୀ, କଦବା ସହକାରୀ, କଦବା ନିରୀକ୍ଷକ ଏବଂ କଦବା ଧାତ୍ରୀ ରୂପେ ଶ୍ରୀମାଙ୍କୁ ଇତିହାସର ବିଡମ୍ବନା ହେତୁ ପ୍ରତ୍ୟାବର୍ତ୍ତନ କରିବାକୁ ପଡ଼ିଲା ସତ, କିନ୍ତୁ ସେ ଯୋଗଯଜ୍ଞର ସୂତ୍ରପାତ ହୋଇ ସାରିଥିଲା । ୧୯୨୦ ଏପ୍ରିଲ ୨୪ରେ ତାଙ୍କ ପୁନରାଗମନ ଉତ୍ତାରୁ ତାହା ଯେଉଁ ଯୁଗ୍ମ ତପସ୍ୟାର ରୂପ ନେଲା, ଆମ ମନ ବୁଦ୍ଧିର ମାଧ୍ୟମ ଯୋଗେଶ୍ୱର ଆକଳନ ଅସମ୍ଭବ କିନ୍ତୁ ଅକାଶକୁ ମାପି ନ ପାରିଲେ ମଧ୍ୟ ମହାଶୂନ୍ୟକୁ



ଦୃଷ୍ଟିପାତ କଲେ ତା'ର ଅସୀମତାର ଧାରଣା କରିହୁଏ । ସେହି ରୀତିରେ ମାତୃବିଭୂତି ପ୍ରତି ଆସ୍ଥାଶୀଳ ହୋଇ ତାଙ୍କ ପ୍ରତି ଉନ୍ମୁଖ ହେଲେ ସେ ଅଭୂତପୂର୍ବ ତପସ୍ୟାର ଉଣାଧିକ ଉତ୍ତାପ ଅନୁଭୂତ କରିହୁଏ, ଅନୁଭୂତିକୁ ଅନ୍ୟ କୌଣସି ଉପଯୁକ୍ତ ଶବ୍ଦ ଅଭାବରୁ ଏ ଲେଖକ ଉତ୍ତାପ ବୋଲି କହୁଛି । ତାହା ସୌମ୍ୟ ଉତ୍ତାପ, ବିନା ପ୍ରବାସରେ ତାହା ଆମ ଶୀତଳ ଚେତନାରେ ସଞ୍ଚାର କଲେ ସଞ୍ଜୀବନୀର ଉଷ୍ମତା ଶ୍ରୀମାଙ୍କ ସ୍ଥାୟୀ ଆଗମନ ପୂର୍ବରୁ ଆଶ୍ରମ ନ ଥିଲା । କେତେଜଣ ଏକାନ୍ତ ବିଶ୍ୱସ୍ତ ଓ ଅନୁରକ୍ତ ସେବକଙ୍କ ଗହଣରେ ଶ୍ରୀଅରବିନ୍ଦ ଥିଲେ ଯୋଗମଗ୍ନ । ସେମାନେ ଅତ୍ୟନ୍ତ ଭଦ୍ର, ବିବେକୀ ଓ ବୁଦ୍ଧିଦୀପ୍ତ ହେଲେ ମଧ୍ୟ ସେମାନଙ୍କ ସ୍ୱାଭିମାନ ଥିଲା ଖୁବ୍ ଉଗ୍ର । ପରିବର୍ତ୍ତନଶୀଳ ପୃଥିବୀ ସମ୍ପର୍କରେ ଯଥେଷ୍ଟ ଉପଲବ୍ଧି ଥିବା ସତ୍ତ୍ୱେ ସଂସ୍କାରରେ ସେମାନେ ଥିଲେ ଅତ୍ୟନ୍ତ ରକ୍ଷଣଶୀଳ । ଶ୍ରୀଅରବିନ୍ଦଙ୍କର ପ୍ରଥମ ପର୍ଯ୍ୟାୟର ଜୀବନୀକାର ପ୍ରମୁଖ ଶିଷ୍ୟ ଆମ୍ବାଭାଇ ପୁରାଣୀ ଲେଖିଛନ୍ତି, "ଶ୍ରୀମାଙ୍କର ଆଗମନ ଆମ ନିବାସରେ ଗୋଟାଏ ଚାଞ୍ଚଲ୍ୟ ସୃଷ୍ଟିକଲା । ପରବର୍ତ୍ତୀ ସମୟରେ ସେହି ଅନୁଗତମାନେ ନିଜ ନିଜର ସ୍ମୃତିକଥାରେ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି ନିଜସ୍ୱ ବହୁ ମୂଲ୍ୟବାନ ଉପଲବ୍ଧି, ଯାହା ଆମର ଚେତନାକୁ ବହୁ ବିସ୍ମୟ ଓ ପୁଲକରେ ଅଭିଭୂତ କରେ । ଶ୍ରୀମାଙ୍କ ଜନନୀସୁଲଭ ସ୍ନେହ, ସୌହାର୍ଦ୍ଦ୍ୟ ସହ ନମ୍ରତା ସେମାନଙ୍କ ଅଜାଣତରେ ହିଁ ତାଙ୍କ ଆଗରେ ସେମାନଙ୍କୁ ହୃଦ୍‌ବୋଧ କରାଇଲେ -ଯେଉଁ ନିରାଭିମାନୀ ସରଳ ଅନ୍ତେବାସୀ ଶ୍ରୀଅରବିନ୍ଦଙ୍କୁ ସେମାନଙ୍କ ନିଜର ସଖା, ଦିଗ୍‌ଦର୍ଶକ ରୂପେ ଧରିନେଇଛନ୍ତି - ସେ ସେତିକିଠାରୁ ବହୁତ- ବହୁତ- ଅଧିକ ମହୀୟାନ, ଦିବ୍ୟ ଜନନୀଙ୍କ ଶ୍ରଦ୍ଧାମୟ ଉପସ୍ଥିତିର ପ୍ରଭାବରେ ଅନୁଗତମାନଙ୍କ ସଂଖ୍ୟା ବୃଦ୍ଧି ହେବାକୁ ଲାଗିଲା । ଶ୍ରୀଅରବିନ୍ଦ ତାଙ୍କ ତପସ୍ୟାର ଦୂରଗମ୍ୟ ପର୍ବତରେ ନିମଜ୍ଜିତ ରହି ୧୯୨୬ ମସିହା ୨୪ ନଭେମ୍ବରରୁ ଅନୁଗତମାନଙ୍କ ଦୃଷ୍ଟିର ଅନ୍ତରାଳକୁ ଚାଲିଯିବା ପରଠାରୁ ଏ ସମାବେଶ ଶ୍ରୀମାଙ୍କ କରୁଣାର ଆଲୋକରେ ପ୍ରତି ପର୍ଯ୍ୟାୟରେ ତାଙ୍କ ସାଙ୍ଗଠନିକ ବ୍ୟବସ୍ଥା ଅନୁସାରେ କେମିତି ହେବାକୁ ଲାଗିଲା । ଏହା ହେଲା ବିଧିବଦ୍ଧ ଆଶ୍ରମରେ ପରିଣତ । ଅନ୍ତେବାସୀଙ୍କ ସଂଖ୍ୟା ଥିଲା ଆଜିର ଆଶ୍ରମରେ ନିହାତି ନଗଣ୍ୟ- ମାତ୍ର ୨୫ (ପଚିଶ)

ଶ୍ରୀଅରବିନ୍ଦ ତପସ୍ୟାଜନିତ ଅନ୍ତରାଳକୁ ଚାଲିଯିବା ପୂର୍ବରୁ ବୁଦ୍ଧିଦୀପ୍ତ ଅନୁଗତମାନେ ବାରମ୍ବାର ଯେଉଁ ପ୍ରଶ୍ନବାଣରେ ତାଙ୍କୁ ଜର୍ଜରିତ କଲେ । ସେ ପ୍ରଶ୍ନ ଥିଲା "ଆପଣ ଯେଉଁ ମା'ଙ୍କ ଆସିବା ସମ୍ପର୍କରେ ଅନେକ ଥର କହୁଥିଲେ ଇଏ କ'ଣ ସେହି ମା' ? ଶେଷରେ ଶ୍ରୀଅରବିନ୍ଦ କେତେଖଣ୍ଡ କାଗଜରେ ଶ୍ରୀମା'ଙ୍କ ସମ୍ପର୍କରେ ଲେଖିଲେ, ଯାହାକି ପରେ ପୁସ୍ତକର ରୂପ ନେଲା । ତାହାହିଁ ଆଜି ପୂର୍ଣ୍ଣଯୋଗ ସାଧନାର ମୂଳମନ୍ତ୍ର- ଗୀତାର ସ୍ୱରୂପ - ମା' କ୍ଷୁଦ୍ର ପୁସ୍ତିକାଟିଏ ।

ଏଥିରେ ଶ୍ରୀମାଙ୍କର ଚାରୋଟି ଶକ୍ତି ସହିତ ଶ୍ରୀଅରବିନ୍ଦ ଆମମାନଙ୍କୁ ପରିଚିତ କରାଇଥିଲେ ମଧ୍ୟ ଆହୁରି ଆଠଗୋଟି ଶକ୍ତି ଅପ୍ରକାଶିତ ରହିଛି । ତାଙ୍କର ରୂପ ଚତୁଷ୍ଟୟୀ ହେଉଛନ୍ତି ମହେଶ୍ୱରୀ, ମହାକାଳୀ, ମହାଲକ୍ଷ୍ମୀ ଓ ମହାସରସ୍ୱତୀ । ସଂକ୍ଷେପରେ କହିଲେ ଜ୍ଞାନ, ବଳ, ସଂହତି ଓ ପରିପୂର୍ଣ୍ଣତା ହିଁ ଏ ଶକ୍ତି ଚତୁଷ୍ଟୟୀ ଅଭିବ୍ୟକ୍ତି । ଏ ସୃଷ୍ଟିକୁ ସର୍ବାଙ୍ଗ ସୁନ୍ଦର କରିବାକୁ ଯଦି ଅନନ୍ତକାଳ ପର୍ଯ୍ୟନ୍ତ ପରିଶ୍ରମ କରିବାକୁ ପ୍ରୟୋଜନ ହୁଏ, ତାହା ସକାଶେ ସେ ପ୍ରସ୍ତୁତ । ମା'ଙ୍କର ସମସ୍ତ ଶକ୍ତି ମଧ୍ୟରେ ମନୁଷ୍ୟର ସମସ୍ତ ତ୍ରୁଟିକୁ ସେ ସର୍ବାପେକ୍ଷା ଅଧିକ ଧୈର୍ଯ୍ୟ ସହ ସହ୍ୟ କରି ଆସିଛନ୍ତି । ଦୟା ଓ ସ୍ମିତହାସ୍ୟ ସହ ଆମ ପାଖେ ପାଖେ ରହିଛନ୍ତି ଓ ସର୍ବଦା ସାହାଯ୍ୟ କରୁଛନ୍ତି । ଏହାହିଁ ଶ୍ରୀଅରବିନ୍ଦଙ୍କ ଉକ୍ତି ।

**ମୋ: ୯୪୩୮୧୮୬୨୨୬**

## ଏଇ ଭାରତରେ

ପୋଲିସ ଚାକିରିର ବ୍ୟବସ୍ଥା ଭିତରୁ ସମୟ ବାହାର କରି ଦିଲ୍ଲୀର କନ୍‌ଷ୍ଟେବଲ ଥାନ୍ ସିଂ ଗରିବ ପିଲାମାନଙ୍କୁ ମାଗଣାରେ ପଢାଉଛନ୍ତି । ପ୍ରଥମେ ସେ ଏଭଳି ୫ ଜଣ ପିଲାଙ୍କୁ ପଢ଼ାଇବା ଆରମ୍ଭ କରିଥିଲେ । ଏବେ ସେ ୧୦୫ ଜଣ ପିଲାଙ୍କୁ ପଢ଼ାଉଛନ୍ତି । ସିଂ ୯ ବର୍ଷ ହେଲା ଏହି କାର୍ଯ୍ୟ କରି ଆସୁଛନ୍ତି । ଦିଲ୍ଲୀ ଲାଲକିଲା ପରିସରରେ 'ଥାନ ସିଂ କି ପାଠଶାଳା' ନାମକ ସ୍କୁଲରେ ସେ ପିଲାମାନଙ୍କୁ ପଢ଼ାଉଛନ୍ତି । ୨୦୧୫ରେ ଥାନ୍ ଲାଲକିଲା ନିକଟରେ ଥିବା ରାସ୍ତାରେ ବୋତଲ ବିକୁଥିବା ଓ ଜରି ଗୋଟାଉଥିବା ପିଲାମାନଙ୍କୁ ଦେଖି ସେମାନଙ୍କୁ ଶିକ୍ଷାର ମୁଖ୍ୟଧାରାକୁ ଆଣିବାକୁ ନିଷ୍ପତ୍ତି ନେଇଥିଲେ । କାରଣ ସେମାନଙ୍କୁ ପଢାଇବା ଲାଗି ସେମାନଙ୍କ ମାତାପିତାଙ୍କ ପାଖରେ ସମ୍ବଳ ନ ଥିଲା । ସେହି ପିଲାମାନେ ମଧ୍ୟ ଗୁଟ୍‌ଖା ଖାଉଥିଲେ । ତେବେ ସେମାନଙ୍କୁ ପଢ଼ାଇବା ଆରମ୍ଭ କରିବା ପରେ ଏହି ସବୁ ଅଭ୍ୟାସ ଦୂର ହେବା ସହ ସେମାନେ ନିୟମିତ ସ୍କୁଲକୁ ଆସୁଛନ୍ତି । ସେମାନଙ୍କ ବ୍ୟବହାରରେ ମଧ୍ୟ ପରିବର୍ତ୍ତନ ହୋଇଛି ବୋଲି କହନ୍ତି କନଷ୍ଟେବଲ ସିଂ ।

## ୫୦ ବର୍ଷ ତଳର ଧରିତ୍ରୀ

**୨୪ ଏପ୍ରିଲ ୧୯୭୫**

- ଶିଳ୍ପମନ୍ତ୍ରୀ ଓ ବିଭାଗୀୟ ସେକ୍ରେଟାରୀଙ୍କ ସହ ଆଲୋଚନା ପରେ କଟକ ଇଞ୍ଜିନିୟରିଂ ସ୍କୁଲ ଛାତ୍ର ଧର୍ମଘଟ ପ୍ରତ୍ୟାହୃତ ।
- ସିକିମ୍‌କୁ ଭାରତର ଅଙ୍ଗରାଜ୍ୟ କରିବା ପାଇଁ ଲୋକ ସଭାରେ ବିଲ୍ ଗୃହୀତ ।
- ଭାରତ ଓ ସୋଭିଏତ ରୁଷିଆ ମଧ୍ୟରେ ମହାକାଶ ଗବେଷଣା ସଂକ୍ରାନ୍ତୀୟ ଦ୍ୱିତୀୟ ପର୍ଯ୍ୟାୟ ରାଜିନାମା ସ୍ୱାକ୍ଷରିତ ।

## ଚିରନ୍ତନୀ

ନିକଟେ ନିକଟେ ଆଉ
ଧୀରେ ସେ କୋମଳ ବାହୁ
ଜଡ଼ାଅ ତପତ ଅଙ୍ଗେ ମୋର,
ନିବିଡ଼ ଅତି ନିବିଡ଼
କରି ମୋର ବକ୍ଷ ଭିଡ଼
ଦିଅ ଆଲିଙ୍ଗନ ଦୃଢ଼ତର ।
-(ଆଶ୍ଲେଷ ସ୍ୱର୍ଗ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମାଙ୍କଡ଼ଙ୍କ ଉତ୍ପାତ

ମହାଶୟ,

ଭୁବନେଶ୍ୱର ଉପକଣ୍ଠ ଶିଖରଚଣ୍ଡୀ ପାହାଡ଼ ପରିବେଶ, ସ୍ୱାସ୍ଥ୍ୟ ଏବଂ ଚିତ୍ତ ବିନୋଦନ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଧାର୍ମିକ ବିଶ୍ୱାସକୁ ପାଥେୟ କରି ମା' ଶିଖରଚଣ୍ଡୀଙ୍କୁ ଦର୍ଶନ କରିବା ଲାଗି କାହିଁ କେତେ ଦୂରରୁ ଭକ୍ତମାନେ ମଧ୍ୟ ବିଭିନ୍ନ ସମୟରେ ଆସିଥାଆନ୍ତି । ବର୍ଷର ବାରମାସରେ ପ୍ରାୟତଃ ଏଠାରେ ଭୋଜିଭାତର ଆସର । ଏଠାକାର ପରିବେଶ, ଗଛଲତା ତଥା ଖାଦ୍ୟପେୟର ସୁବିଧା ହେତୁ ମାଙ୍କଡ଼ମାନଙ୍କ ପାଇଁ ଏହା ଯେମିତି ଏକ ଅଭୟାରଣ୍ୟ । ଅନେକ ସମୟରେ ମାଙ୍କଡ଼ମାନଙ୍କର ମନୁଷ୍ୟୋଚିତ ବ୍ୟବହାର ଯାତ୍ରୀମାନଙ୍କୁ ଆକର୍ଷିତ କରିଥାଏ । ଯଦିଓ କେତେକ ସମୟରେ ଲୋକମାନଙ୍କୁ ସେମାନେ ହଇରାଣ କରିଥାଆନ୍ତି, ତଥାପି ଏହା ନିୟନ୍ତ୍ରଣାଧୀନ । ଦୁଃଖର ବିଷୟ, ଗତ କିଛି ମାସ ହେଲା ଉକ୍ତ ପାହାଡ଼ର ସୌନ୍ଦର୍ଯ୍ୟକରଣ ପାଇଁ ଏଠାରେ ନିର୍ମାଣ କାର୍ଯ୍ୟ ଚାଲିବା ସହିତ ଗଛ ପତ୍ର କଟାଯାଇଛି । ଏଣୁ ମାଙ୍କଡ଼ମାନେ ସେମାନଙ୍କର ବସତିକୁ ଅସୁରକ୍ଷିତ ମନେକରି ନିକଟବର୍ତ୍ତୀ ଗାଆଁ ତଥା ବିଭିନ୍ନ କୋଠାବାଡ଼ିକୁ ଆସି ଉତ୍ପାତ କରୁଛନ୍ତି ।

**-ଡ. ସୀତାକାନ୍ତ ତ୍ରିପାଠୀ, ଅର୍ଣ୍ଣପାଳ, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଆଜି ହିଞ୍ଜିଳିରୁ ପ୍ରଚାର ଆରମ୍ଭ କରିବେ ନବୀନ

## ଏଥର ଯୋଡ଼ି ଶଙ୍ଖ ପ୍ରଚାର

ହିଞ୍ଜିଳିକାଟୁ/ଶେରଗଡ଼ ୨୩।୪ (ଦ୍ୱିତୀକୃଷ୍ଣ ପଣ୍ଡା/ ସୂର୍ଯ୍ୟନାରାୟଣ ଦାଶ)

ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ବୁଧବାର ନିଜ ନିର୍ବାଚନମଣ୍ଡଳୀ ହିଞ୍ଜିଳିରୁ ନିର୍ବାଚନ ପ୍ରଚାର ଆରମ୍ଭ କରିବେ। ହିଞ୍ଜିଳିକାଟୁ ବ୍ଲକ ସମରଝୋଳ ଛକ ଓ ଶେରଗଡ଼ ବସ୍‌ଷ୍ଟାଣ୍ଡ ନିକଟରେ ୨ଟି ଦଳୀୟ ସଭାରେ ଉଦବୋଧନ ଦେବେ। ନବୀନଙ୍କ ଏହି ଗସ୍ତକୁ ନେଇ ଦଳୀୟ ନେତା ଓ କର୍ମୀଙ୍କ ମହଲରେ ଉତ୍ସାହ ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ସହ ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ମଧ୍ୟ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଉଭୟ କାର୍ଯ୍ୟକ୍ରମ ନିମନ୍ତେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଯୋଡି ଶଙ୍ଖରେ ଭୋଟ ପ୍ରଚାର ଆରମ୍ଭ ବେଶ୍ ପ୍ରଭାବ ବିସ୍ତାର କରିବ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ଦେବାନନ୍ଦ ମହାପାତ୍ର କହିଛନ୍ତି।

# ପାନଦୋକାନ କରି ଅଭିନବ ଉପାୟରେ ପ୍ରତିବାଦ କଲା କଂଗ୍ରେସ

ଭୁବନେଶ୍ୱର, ୨୩।୪(ସୁନିତ୍ ମିଶ୍ର)




- ବିଜେଡି-ଭାଜପାର ମହାଦୁର୍ନୀତିକୁ ମନେପକାଇବା ପାଇଁ କାର୍ଯ୍ୟକ୍ରମ: ଅଜୟ କୁମାର
- ପାନ ବାଣ୍ଟିଲେ କଂଗ୍ରେସ ନେତା

କଂଗ୍ରେସ ପକ୍ଷରୁ ମଙ୍ଗଳବାର ଏକ ଅଭିନବ ଉପାୟରେ ବିଜେଡି ଏବଂ ଭାଜପା ବିରୋଧରେ ପ୍ରତିବାଦ କରାଯାଇଛି। ପ୍ରଦେଶ କଂଗ୍ରେସ ପକ୍ଷରୁ କଂଗ୍ରେସ ଭବନ ସମ୍ମୁଖରେ ଏକ ବିଶାଳ ପାନଦୋକାନ ଖୋଲାଯାଇ ସେଠାରେ ପଦଚାରୀ ଏବଂ ସାଧାରଣ ଲୋକଙ୍କୁ ପାନ ବଣ୍ଟନ କରାଯାଇଥିଲା। ଏହି ପାନ ଦୋକାନରେ 'ପିଏଏନ୍' ବୋଲି ଉଲ୍ଲେଖ ହୋଇଥିଲା। 'ପିଏଏନ୍' ଅର୍ଥ ଭାବେ ପି ଅର୍ଥ ପାଣ୍ଡିଆନ୍, ଏ ଅର୍ଥ ଅମିତ ଶାହା, ଏ ଅର୍ଥ ଅଶ୍ୱିନୀ ବୈଷ୍ଣବ, ଏନ୍ ଅର୍ଥ ନରେନ୍ଦ୍ର ମୋଦି ଏବଂ ଏନ୍ ଅର୍ଥ ନବୀନ ପଟ୍ଟନାୟକ ଉଲ୍ଲେଖ କରାଯାଇଥିଲା। ଏହି ଦୋକାନରେ ଆହୁରି ଉଲ୍ଲେଖ ଥିଲା ଯେ, କେନ୍ଦ୍ରରେ ଦୀର୍ଘ ୧୦ ବର୍ଷ ଓ ରାଜ୍ୟରେ ଦୀର୍ଘ ୨୪ ବର୍ଷ ଏମାନେ ଶାସନ କରିଛନ୍ତି। ଏପରିକି ରାଜ୍ୟରେ ବିଜେଡି ଓ ଭାଜପା ଏକାଠି ୯ ବର୍ଷ ଶାସନ କରିଛନ୍ତି। ଏମାନଙ୍କର କୁଶାସନ ସମୟରେ ରାଜ୍ୟରେ ଯେଉଁ ମହାଦୁର୍ନୀତି ହୋଇଛି ତାହାର ଏକ ତାଲିକା ଏହି ପାନଦୋକାନରେ ଉଲ୍ଲେଖ ହୋଇଥିଲା।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ କଂଗ୍ରେସର ଓଡ଼ିଶା ପ୍ରଭାରୀ ଅଜୟ କୁମାର କହିଛନ୍ତି, ଏହି ନିର୍ବାଚନ ମହାପର୍ବରେ ଓଡ଼ିଶାର ସାଧାରଣ ଜନତାଙ୍କୁ ବିଜେଡି-ଭାଜପାର ମହାଦୁର୍ନୀତିକୁ ମନେପକାଇ ଦେବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ନିର୍ବାଚନରେ ଏହି ଦୁର୍ନୀତିରୁ ଅର୍ଜିତ ଅର୍ଥ ଖର୍ଚ୍ଚ ହେବ। ସାଧାରଣ ଭୋଟରଙ୍କୁ ଅର୍ଥର ପ୍ରଲୋଭନ ଦେଇ ଭୋଟ ହାତେଇବା ପାଇଁ ଶାସକ ଦଳ ପକ୍ଷରୁ ଅପଚେଷ୍ଟା କରାଯାଉଛି। ସାଧାରଣ ଭୋଟର ମନେରଖିବା ଉଚିତ ଦୁର୍ନୀତିରେ ଉବୁଟୁବୁ ହୋଇ ହଜାର ହଜାର କୋଟି ଟଙ୍କାର ଅର୍ଥ ଲୁଟକରି ଏହି ଦୁଇ ଦଳ ନିର୍ବାଚନ ଲଢ଼ନ୍ତି। ଯେଉଁ ଅର୍ଥ କି ସାଧାରଣ ଜନତାଙ୍କର। ଗୋଟିଏ ପଟେ ଓଡ଼ିଶାକୁ ଲୁଟକରି ଅନ୍ୟପଟେ ନିର୍ବାଚନରେ ଜିତିବା ପାଇଁ ଏହି ଅର୍ଥ ଖର୍ଚ୍ଚ ହେଉଛି। ଏହି ଜନବିରୋଧୀ ଶାସକଙ୍କ ଅମଳରେ ସେମାନଙ୍କ ଦଳ ସମୃଦ୍ଧ ହୋଇଛି ମାତ୍ର ଓଡ଼ିଶା ରସାତଳଗାମୀ ହୋଇଛି। ଯେତିକି ଅର୍ଥ ହରିଲୁଟ ହୋଇଛି ସେତିକି ଅର୍ଥରେ ଓଡ଼ିଶାରେ ଦୃଷ୍ଟାନ୍ତମୂଳକ ବିକାଶ ହୋଇପାରିଥାନ୍ତା। ଏଣୁ ପରିବର୍ତ୍ତନ ପାଇଁ ଓଡ଼ିଶାର ସାଧାରଣ ଜନତା ମାନସିକ ସ୍ତରରେ ପ୍ରସ୍ତୁତ ହେବାପାଇଁ ଅଜୟ କୁମାର ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ମାନସ ଚୌଧୁରୀ, ୟାସିର ନୱାଜ, ବିଶ୍ୱଜିତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ମା'ବାପା, ଭାଇଙ୍କୁ ହତ୍ୟା ପାଇଁ ୬୫ ଲକ୍ଷ

ନୂଆଦିଲ୍ଲୀ, ୨୩।୪

କର୍ଣ୍ଣାଟକର ଗଡ଼ଗ ଅଞ୍ଚଳରେ ସମ୍ପତ୍ତି ବିବାଦକୁ ନେଇ ଜଣେ ବ୍ୟକ୍ତି ତାଙ୍କ ମା'ବାପା ଓ ସାବତ ଭାଇଙ୍କୁ ହତ୍ୟା କରିବା ପାଇଁ ୬୫ ଲକ୍ଷ ଟଙ୍କା ସୁପାରି ଦେଇଥିଲେ। ହେଲେ ସୁପାରି କିଲର ଭୁଲ୍‌ବଶତଃ ଉକ୍ତ ପରିବାରର ୩ ସମ୍ପର୍କୀୟଙ୍କ ସମେତ ୪ ଜଣଙ୍କୁ ହତ୍ୟା କରିଛନ୍ତି। ସୁପାରି ଦେଇଥିବା ଅଭିଯୁକ୍ତ ବିନାୟକ ବକାଲେଙ୍କ ସମେତ ୮ ଜଣଙ୍କୁ ପୋଲିସ ଗିରଫ କରିବା ପରେ ହତ୍ୟା ରହସ୍ୟ ଉନ୍ମୋଚିତ ହୋଇଛି। ପୋଲିସ କହିବା ଅନୁଯାୟୀ ଗଡ଼କ-ବେଟଗେରି ପୌର ପରିଷଦର ଉପାଧ୍ୟକ୍ଷ ସୁନନ୍ଦା ବକାଲେ ଏବଂ ପ୍ରକାଶ ବକାଲେଙ୍କ ପୁଅ କାର୍ତ୍ତିକ ବକାଲେ ଏବଂ ହାଦିମାନି ପରିବାରର ୩ ଜଣ ସଦସ୍ୟ ବକାଲେଙ୍କ ଘରକୁ ଯାଇଥିଲେ। ଶୁକ୍ରବାର ରାତି ୨ଟା

### ୩ ଅତିଥିଙ୍କୁ ମାରିଦେଲେ ସୁପାରି କିଲର

୩୦ରେ ସେମାନେ ଶୋଇଥିଲାବେଳେ ସୁପାରି କିଲର ପ୍ରଥମ ମହଲା ଝରକା ଦେଇ ଘରେ ପଶି ୩ ହାଦିମାନି ପରିବାର ସଦସ୍ୟଙ୍କୁ ଗଳାକାଟି ହତ୍ୟା କରିଥିଲେ। ସୁପାରି ଦେଇଥିବା ବିକାଶ ହେଉଛନ୍ତି ପ୍ରକାଶଙ୍କ ପ୍ରଥମ ସ୍ତ୍ରୀଙ୍କ ପୁଅ ଏବଂ କାର୍ତ୍ତିକ ଦ୍ୱିତୀୟ ସ୍ତ୍ରୀ ସୁନନ୍ଦାଙ୍କ ପୁଅ। ପ୍ରକାଶ, ସୁନନ୍ଦା ଏବଂ କାର୍ତ୍ତିକଙ୍କୁ ହତ୍ୟା ପାଇଁ ସୁପାରି ଦିଆଯାଇଥିଲା। ଏହା ବଦଳରେ ହତ୍ୟାକାରୀ ପର୍ଶୁରାମ ହାଦିମାନ, ତାଙ୍କ ସ୍ତ୍ରୀ ଲକ୍ଷ୍ମୀବାଇ ଓ ଝିଅ ଆକାଂକ୍ଷାଙ୍କୁ ହତ୍ୟା କରିଥିବା ପୋଲିସ କହିଛି। ସେମାନଙ୍କ ଚିତ୍କାର ଶୁଣି କାର୍ତ୍ତିକ ସେଠାକୁ ଯିବାରୁ ସେ ମଧ୍ୟ ହତ୍ୟାର ଶିକାର ହୋଇଥିଲେ।

# ଇଂଲିଶ ଚ୍ୟାନେଲ ପାର ହେବାବେଳେ ୫ ମୃତ

ପ୍ୟାରିସ, ୨୩।୪

ବେଆଇନ ଭାବେ ବ୍ରିଟେନରେ ପ୍ରବେଶ କରିଥିବା ଦେଶାନ୍ତରୀମାନଙ୍କୁ ରୁଆଣ୍ଡା ଫେରାଇ ଦେବା ପାଇଁ ବିଲ୍‌କୁ ବ୍ରିଟିଶ ସରକାର ଅନୁମୋଦନ କରିଛନ୍ତି। ଏହାର କିଛି ଘଣ୍ଟା ପରେ ଇଂଲିଶ ଚ୍ୟାନେଲ ପାର ହେଉଥିବା ୫ ଦେଶାନ୍ତରୀଙ୍କ ମୃତ୍ୟୁ ଘଟିଛି। ବେଆଇନ ଦେଶାନ୍ତରୀମାନେ ଏକାଧିକ ବୋଟ୍ ଯୋଗେ ପଳାଇଯିବାକୁ ଉଦ୍ୟମ କରୁଥିବାବେଳେ ଫ୍ରାନ୍ସ ନୌସେନା ସେମାନଙ୍କୁ ସହାୟତା କରିବାକୁ ଆଗେଇ ଆସିଥିଲା। ଅନେକ ଦେଶାନ୍ତରୀଙ୍କୁ ଉଦ୍ଧାର କରାଯାଇଥିବାବେଳେ ଜଣେ ଶିଶୁଙ୍କ ସମେତ ୫ ଜଣ ଇଂଲିଶ ଚ୍ୟାନେଲରେ ବୁଡ଼ି ପ୍ରାଣ ହରାଇଛନ୍ତି।

# ବିଜେଡି ସାଂସ୍କୃତିକ ସଂଯୋଜକ ଫ୍ରଣ୍ଟ ଗଠିତ

ଭୁବନେଶ୍ୱର, ୨୩।୪(ଅନିଲ ଦାସ)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ସାଂସ୍କୃତିକ ସମନ୍ୱୟ ଫ୍ରଣ୍ଟ ପାଇଁ ରାଜ୍ୟ କମିଟି ଓ ଜିଲା ସଂଯୋଜକ ନିଯୁକ୍ତ ହୋଇଛନ୍ତି। ରାଜ୍ୟ କମିଟିରେ ସମରେନ୍ଦ୍ର କୁମାର ପଣ୍ଡା, ଚୈତନ୍ୟ ପାଇକ, ରମେଶ ଚନ୍ଦ୍ର ନାୟକ, ଶିବରାମ ପ୍ରଧାନ ଏବଂ ସୁବାଶିଷ ବେହେରା ସଦସ୍ୟ ରହିଛନ୍ତି। ସେହିପରି ୩୦ ଜିଲାରେ ସଂଯୋଜକ ନିଯୁକ୍ତି ଦିଆଯାଇଛି। ବରଗଡ଼ ପାଇଁ ଅନିରୁଦ୍ଧ ପାଇକ, ଝାରସୁଗୁଡ଼ା ଶଙ୍କର ପୋଡ଼, ରାୟଗଡ଼ା ଜେ. ସୁକାନ୍ତ, ଢେଙ୍କାନାଳ ରାଜେନ୍ଦ୍ର ମୋହନ ପତି, ଜଗତ୍‌ସିଂହପୁର ହୃଷୀକେଶ ମିଶ୍ର, ପୁରୀ ସ୍ୱାଧୀନ ଭାରତ ଜେନା, କୋରାପୁଟ ଦାମୋଦର ନାୟକ, କନ୍ଧମାଳ ପ୍ରତାପ ରୁଦ୍ର ପାତ୍ର, ବାଲେଶ୍ୱର ଅଧିକାନ୍ତ ନାୟକ, ଗଞ୍ଜାମ ବ୍ରଜ ସୁନ୍ଦର ମଲ୍ଲିକ, ନୟାଗଡ଼ ପ୍ରମୋଦ କୁମାର ବେହେରା, ଗଜପତି ଲିଙ୍ଗରାଜ ପାଣିଗ୍ରାହୀ, ଭଦ୍ରକ ଶୁଭେନ୍ଦୁ ଲେଙ୍କା, କଟକ ଅସୀତ କୁମାର ଜେନା, ମୟୂରଭଞ୍ଜ

### ରାଜ୍ୟ କମିଟି ପାଇଁ ୫ ସଦସ୍ୟ, ୩୦ ଜିଲା ପାଇଁ ସଂଯୋଜକ ନିଯୁକ୍ତ

ଅନୀତା ମିଶ୍ର ଏବଂ ସୁନ୍ଦରଗଡ଼ ରୋଶନ ସାହୁଙ୍କୁ ଜିଲା ସଂଯୋଜକ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି କେନ୍ଦ୍ରାପଡ଼ା ଜିଲା ପାଇଁ ସଂଯୋଜକ ଭାବେ ମନୋଜ ବାରିକଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ବଲାଙ୍ଗୀର ଧୀରେନ୍ଦ୍ର ପଣ୍ଡା, ନବରଙ୍ଗପୁର ଉମ୍ବରୁଧର ମହାଲିକ, ବୌଦ୍ଧ ଦିବ୍ୟଶଙ୍କର ରାଉତ, ନୂଆପଡ଼ା ପୁରୁଷୋତ୍ତମ ସଗରିଆ, ଯାଜପୁର ଗୋପାଳ ଚରଣ ବାରିକ, ଖୋର୍ଦ୍ଧା ବିଜୟ କୁମାର ବିଶ୍ୱାଳ, ମାଲକାନଗିରି ରାମ ମାଡକାମି, ଅନୁଗୋଳ ଡେଜିରାଣୀ ସ୍ୱାଇଁ, କଳାହାଣ୍ଡି ବେଦବର ଡଙ୍ଗରି, ସୋନପୁର ନିରାକାର ବେହେରା, କେନ୍ଦୁଝର କିଶୋର ଚନ୍ଦ୍ର ମହାନ୍ତି, ସମ୍ବଲପୁର ସୁଶାନ୍ତ ଶେଖର ଦୁବେ ଏବଂ ଦେବଗଡ଼ ଜିଲା ପାଇଁ ପ୍ରଗତି ଲକ୍ଷ୍ମୀ ଦାସଙ୍କୁ ଜିଲା ସଂଯୋଜକ ଭାବେ ନିଯୁକ୍ତି ଦିଆଯାଇଛି।

# ପାଲେଷ୍ଟାଇନକୁ ସମର୍ଥନ କରି ଆମେରିକାରେ ପ୍ରତିବାଦ




ନ୍ୟୁୟର୍କ, ୨୩।୪

ପାଲେଷ୍ଟାଇନ ସମର୍ଥନରେ ଆମେରିକାରେ ଚାଲିଥିବା ପ୍ରତିବାଦ ଧୀରେ ଧୀରେ ବିଭିନ୍ନ ବିଶ୍ୱବିଦ୍ୟାଳୟକୁ ବ୍ୟାପିବାରେ ଲାଗିଛି। ପ୍ରଥମେ ନ୍ୟୁୟର୍କର କଲମ୍ବିଆ ବିଶ୍ୱବିଦ୍ୟାଳୟରେ ଆରମ୍ଭ ହୋଇଥିବା ଏହି ପ୍ରତିବାଦ ଏବେ ଦେଶର ଅନ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକୁ ବ୍ୟାପିବାରେ ଲାଗିଛି। ମଙ୍ଗଳବାର ଆମେରିକାର ୫ ପ୍ରଦେଶର ହାବାର୍ଡ଼, ଏମ୍ଆଇଟି, ୟାଲେ ଭଳି ଏକ ଡଜନରୁ ଅଧିକ ବିଶ୍ୱ ବିଦ୍ୟାଳୟରେ ପ୍ରତିବାଦ କରାଯାଇଛି। ପାଲେଷ୍ଟାଇନ ସମର୍ଥିତ ଛାତ୍ରୀଛାତ୍ରମାନେ ବିଶ୍ୱବିଦ୍ୟାଳୟ ପରିସରରେ ଟେଣ୍ଟ ବାନ୍ଧି ପ୍ରତିବାଦ କରିଛନ୍ତି। ତେବେ କଲମ୍ବିଆ ବିଶ୍ୱବିଦ୍ୟାଳୟରେ ପ୍ରତିବାଦକାରୀ ଛାତ୍ରୀଛାତ୍ର ଦିଲ୍ଲୀର ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ(ଜେଏନ୍‌ୟୁ) ଭଳି 'ଆଜାଦୀ' ସ୍ଲୋଗାନ ଦେଇଛନ୍ତି। ଗତବର୍ଷ ଅକ୍ଟୋବର ୭ ପରଠାରୁ ଇସ୍ରାଏଲ ପକ୍ଷରୁ ଗାଜାରେ କରାଯାଉଥିବା ଆକ୍ରମଣ ବିରୋଧରେ ଆମେରିକାର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ପାଲେଷ୍ଟାଇନ ସମର୍ଥିତ ଛାତ୍ରୀଛାତ୍ରମାନେ ଗତ କିଛି ଦିନ ଧରି ପ୍ରତିବାଦ କରିଆସୁଛନ୍ତି।

# 'କ୍ରିଷ୍ଟଲ ମେଜ୍ ୨' ମିଶାଇଲର ସଫଳ ପରୀକ୍ଷଣ

ପୋର୍ଟବ୍ଲେୟାର, ୨୩।୪

୨୫୦ କିଲୋମିଟରରୁ ଅଧିକ ଦୂରତା ପର୍ଯ୍ୟନ୍ତ ସଫଳ ଭାବେ ଟାର୍ଗେଟ କରିପାରୁଥିବା 'କ୍ରିଷ୍ଟଲ ମେଜ୍ ୨' ମିଶାଇଲର ମଙ୍ଗଳବାର ସଫଳ ପରୀକ୍ଷଣ ହୋଇଛି। ଆଣ୍ଡାମାନରୁ ଭାରତୀୟ ବାୟୁସେନା ଦ୍ୱାରା ଏହି ବାଲିଷ୍ଟିକ ମିଶାଇଲ ସଫଳ ପରୀକ୍ଷଣ କରାଯାଇଛି। ଇସ୍ରାଏଲଠାରୁ ହାସଲ କରାଯାଇଥିବା ଏହି ମିଶାଇଲ ଦ୍ୱାରା ଭରତୀୟ ବାୟୁସେନାର ଶକ୍ତି ବୃଦ୍ଧି ହେବ ବୋଲି କୁହାଯାଉଛି। ଏହି ମିଶାଇଲ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଦ୍ୱାରା ସୁରକ୍ଷିତ ଥିବା ସ୍ଥଳକୁ ମଧ୍ୟ ଟାର୍ଗେଟ କରିପାରିବ। ସୂଚନାଯୋଗ୍ୟ, ମେକ୍ ଇନ୍ ଇଣ୍ଡିଆ ମାଧ୍ୟମରେ ଭାରତୀୟ ବାୟୁସେନା ବହୁ ସଂଖ୍ୟାରେ ଇସ୍ରାଏଲୀ କ୍ଷେପଣାସ୍ତ୍ର ହାସଲ କରିବାକୁ ଯୋଜନା ପ୍ରସ୍ତୁତ କରିଛି।

# ମୋଦିଙ୍କୁ ଗାଳିଦେଲେ ଘରକୁ ଫେରିବନି

## ବିରୋଧୀ ନେତାଙ୍କୁ ରାଣେଙ୍କ ଧମକ



ନାରାୟଣ ରାଣେ

ମୁମ୍ବାଇ, ୨୩।୪(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି କେହି ଅପଶବ୍ଦ ବ୍ୟବହାର କଲେ, ତାଙ୍କୁ ଘରକୁ ଫେରିବାକୁ ଦିଆଯିବ ନାହିଁ ବୋଲି କେନ୍ଦ୍ରମନ୍ତ୍ରୀ ନାରାୟଣ ରାଣେ ଧମକ ଦେଇଛନ୍ତି। ସିନ୍ଧୁଦୁର୍ଗରେ ବିରୋଧୀ ନେତାମାନଙ୍କ ରାଲି ପୂର୍ବରୁ ଭାଜପାର ରତ୍ନଗିରି-ସିନ୍ଧୁଦୁର୍ଗ ପ୍ରାର୍ଥୀ ଏଭଳି ଧମକ ଦେଇ ବିବାଦ ଘେରକୁ ଆସିଛନ୍ତି। ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକ୍‌ରେ ଏବଂ ଦଳୀୟ ଏମ୍‌ପି ସଞ୍ଜୟ ରାଉତ କ'ଣ କହୁଛନ୍ତି, ତାହା ବୁଝି ନ ପାରି ମୋଦିଙ୍କୁ ସମାଲୋଚନା କରୁଛନ୍ତି। ସୂଚନାଯୋଗ୍ୟ, ଉଦ୍ଧବଙ୍କ ସହ ମତଭେଦରୁ ରାଣେ ଶିବସେନା ଛାଡ଼ି ଭାଜପାରେ ଯୋଗ ଦେଇଥିଲେ।

**ଦ.ପୂ. ରେଳପଥ ଟେଣ୍ଡର**

**ଟେଣ୍ଡର ବିଜ୍ଞପ୍ତି ନଂ.: (୧) ୧୧୪-ଇଏଲ୍‌ସି-ଜି-କେଜିପି-୨୩-୨୪-୪୮ଆର୍‌୧, (୨) ୧୧୪-ଇଏଲ୍‌ସି-ଜି-କେଜିପି-୨୩-୨୪-୪୫ଆର୍‌୨, ତାରିଖ: ୨୨।୦୪।୨୦୨୪।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଜି), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶିତ ତାରିଖର **୧୨.୦୦ ଘଟିକା ପୂର୍ବରୁ** ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। **କ୍ର.ସଂ., କାର୍ଯ୍ୟର ବର୍ଣ୍ଣନା: (୧)** ବାଙ୍ଗିରିପୋଷିଠାରେ (i) ପାଣିଟାଙ୍କିର ଷ୍ଟେଜିଂ ନିର୍ମାଣ, (ii) ଗୋଟିଏ ନଳକୂପର ବ୍ୟବସ୍ଥା, (iii) ୩୦୦ ମିମି x ୨୦୦ ମିମି ଆକାରର ଡି.ଟି. କୂପର ବ୍ୟବସ୍ଥା - ୧ ଗୋଟି, (iv) ବସିବାର ବନ୍ଦୋବସ୍ତ କରିବା, (v) ପିଏଫ୍ ଶେଲ୍ଟରର ନିର୍ମାଣ - ୪ ଗୋଟି, (vi) ଷ୍ଟେଶନ ଆପ୍ରୋଚ୍ ରୋଡ଼ର ବିକାଶ, (vii) ସର୍କୁଲେଟିଂ ଏରିଆର ବିକାଶ (୩୦ ମି x ୨୦ ମି), (viii) ଷ୍ଟେଶନ ସୀମା ପାଚେରି ନିର୍ମାଣ (୧୦୦୦ ମିଟର), (ix) ପମ୍ପ ହାଉସ ନିର୍ମାଣ ନିମନ୍ତେ ବୈଦ୍ୟୁତିକ କାର୍ଯ୍ୟ। **(୨)** ଭଞ୍ଜପୁରଠାରେ (i) ପାଣି ଟାଙ୍କିର ଷ୍ଟେଜିଂ ନିର୍ମାଣ, (ii) ଗୋଟିଏ ନଳକୂପର ବ୍ୟବସ୍ଥା, (iii) ୩୦୦ ମିମି x ୨୦୦ ମିମି ଆକାରର ଡି.ଟି. କୂପର ବ୍ୟବସ୍ଥା - ୧ ଗୋଟି, (iv) ବସିବାର ବନ୍ଦୋବସ୍ତ କରିବା, (v) ପାଇପ୍‌ଲାଇନ୍ କାମର ଉନ୍ନତୀକରଣ, (vi) ପିଏଫ୍ ଶେଲ୍ଟରର ନିର୍ମାଣ - ୪ ଗୋଟି, (vii) ଷ୍ଟେଶନ ସୀମା ପାଚେରି ନିର୍ମାଣ, (viii) ଷ୍ଟେଶନ ଆପ୍ରୋଚ୍ ରୋଡ଼ର ବିକାଶ, (ix) ସର୍କୁଲେଟିଂ ଏରିଆର ବିକାଶ (୩୦ ମି x ୨୦ ମି) ନିମନ୍ତେ ବୈଦ୍ୟୁତିକ କାର୍ଯ୍ୟ। **ଟେଣ୍ଡର ମୂଲ୍ୟ:** ପ୍ରତ୍ୟେକ ପାଇଁ ₹୨୨,୫୬,୮୯୬.୪୭। **ବିଡ୍ ଅମାନତ/ଇଏମ୍‌ଡି:** ପ୍ରତ୍ୟେକ ପାଇଁ ₹୪୫,୧୦୦/-। **ଟେଣ୍ଡର କାଗଜପତ୍ର ମୂଲ୍ୟ:** ପ୍ରତ୍ୟେକ ପାଇଁ ଶୂନ୍ୟ। **ସମାପ୍ତି ଅବଧି:** ପ୍ରତ୍ୟେକ ପାଇଁ ସ୍ୱୀକୃତି ପତ୍ର ଜାରି ହେବା ତାରିଖରୁ ୬ ମାସ। **ଦାଖଲର ଶେଷ ତାରିଖ:** ପ୍ରତ୍ୟେକ ପାଇଁ ତା୧୫।୦୫।୨୦୨୪ରିଖ ୧୨.୦୦ ଘଟିକା ପର୍ଯ୍ୟନ୍ତ। **ଖୋଲାଯିବା ତାରିଖ:** ପ୍ରତ୍ୟେକ ପାଇଁ ତା୧୫।୦୫।୨୦୨୪ରିଖ। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ଦ୍ରଷ୍ଟବ୍ୟ:** ସମ୍ଭାବ୍ୟ ବିଡରମାନେ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବେ **"www.ireps.gov.in"** ପରିଦର୍ଶନ କରିପାରନ୍ତି। **(PR-71)**

सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
**cmpdi** A Mini Ratna Company
**CENTRAL MINE PLANNING & DESIGN INSTITUTE LIMITED**
(A Subsidiary of Coal India Limited) (कोल इण्डिया लिमिटेड की एक अनुषंगी कंपनी)
Gondwana Place, Kanke Road, Ranchi-834 031, Jharkhand, INDIA

**NOTICE**

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in**/respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurment Portal **https://eprocure.gov.in** In addition, procurement is also done through GeM portal **https://gem.gov.in**".

# ଆଉ ୫ ଯୋଡ଼ା ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍ ଚାଲିବ

ଭୁବନେଶ୍ୱର, ୨୩।୪(ଅନୁରାଧା ମହାରଣା)

ଗ୍ରୀଷ୍ମଋତୁ ସମୟରେ ଯାତ୍ରୀ ଭିଡ଼କୁ ଏଡ଼ାଇବା ପାଇଁ ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ୨୧ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରୁଛି। ବର୍ତ୍ତମାନ ଆଉ ୫ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ପାଇଁ ନିଷ୍ପତ୍ତି ହୋଇଛି। ଏହି ଟ୍ରେନ୍‌ଗୁଡିକ ମଧ୍ୟରେ ସମ୍ବଲପୁରରୁ ଏରୋଡ୍, ପୁରୀରୁ ଉଧନା (ସୁରଟ) ଏବଂ ନୂଆଦିଲ୍ଲୀ ଓ ବିଶାଖାପାଟଣାରୁ ବେଙ୍ଗାଲୁରୁ, ଚେନ୍ନାଇ ଏବଂ ହଟିଆକୁ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିବ। ପୂର୍ବରୁ ପୁରୀ, ଭୁବନେଶ୍ୱର, ବିଶାଖାପାଟଣା, ସମ୍ବଲପୁର, କଟକ ଏବଂ ବ୍ରହ୍ମପୁର ଭଳି ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେଶନରୁ ଦେଶର ବିଭିନ୍ନ ପ୍ରାନ୍ତକୁ ଚଳାଚଳ ପାଇଁ ଯୋଜନା କରାଯାଇଥିଲା। ଏହିସବୁ ଟ୍ରେନ ବ୍ୟତୀତ ଦେଶର ଗୁରୁତ୍ୱପୂର୍ଣ୍ଣ ଗନ୍ତବ୍ୟସ୍ଥଳ ମଧ୍ୟରେ ପୂର୍ବତଟ ରେଳପଥ ପରିସୀମା ମଧ୍ୟଦେଇ ୧୩ ଯୋଡ଼ା ଦୂରଗାମୀ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍ ମଧ୍ୟ ଚଳାଚଳ କରୁଛି। ଏହି ଟ୍ରେନଗୁଡିକ ମଧ୍ୟରେ ସିକନ୍ଦରାବାଦ-ଡିବ୍ରୁଗଡ-ସିକନ୍ଦରାବାଦ, ସିକନ୍ଦରାବାଦ-ଅଗରତାଲା-ସିକନ୍ଦରାବାଦ, ଚେନ୍ନାଇ-ସାନ୍ତ୍ରାଗଛି-ଚେନ୍ନାଇ, ନାଗେରକୋଏଲ-ଡିବ୍ରୁଗଡ-ନାଗେରକୋଏଲ, କୋଚୁଭେଲି-ଶାଲିମାର-କୋଚୁଭେଲି, ବେଙ୍ଗାଲୁରୁ-ଖଡ଼ଗପୁର-ବେଙ୍ଗାଲୁରୁ, ସାନ୍ତ୍ରାଗଛି-ସିକନ୍ଦରାବାଦ-ସାନ୍ତ୍ରାଗଛି, ସିକନ୍ଦରାବାଦ-ଶାଲିମର-ସିକନ୍ଦରାବାଦ, ବେଙ୍ଗାଲୁରୁ-ମାଲଦା ଟାଉନ-ବେଙ୍ଗାଲୁରୁ, ମହୀଶୂର-ମୁଜାଫରପୁର-ମହୀଶୂର, ନ୍ୟୁ ତିନସୁକିଆ-ବେଙ୍ଗାଲୁରୁ-ନ୍ୟୁ ତିନ୍‌ସୁକିଆ ଏବଂ ହାୱଡା-ଯଶୋବନ୍ତପୁର-ହାଓଡା ସ୍ୱତନ୍ତ୍ର ଟ୍ରେନ୍ ରହିଛି।

# ବଣ, ପାହାଡ଼ ଉପର ଗଛ ଜଳୁଛି



ଦଶପଲ୍ଲା, ୨୩।୪(ପ୍ରକାଶ କୁମାର ପାଣି)

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଚିନ୍ତା ବଢ଼ାଇଥିବାବେଳେ ଦଶପଲ୍ଲା ବ୍ଲକର ବିଭିନ୍ନ ବଣ, ପାହାଡ଼ରେ ନିଆଁ ଲାଗିଛି। ବନ ବିଭାଗ ନିଆଁ ଲିଭାଇବାକୁ ଯେତିକି ଗୁରୁତ୍ୱ ଦେଉଛି ତା'ଠାରୁ ଅଧିକ ସୁରକ୍ଷା କର୍ମକର୍ତ୍ତାମାନେ ଲାଗିଛନ୍ତି। ସେମାନେ ବିଭିନ୍ନ ଜଙ୍ଗଲ ଜଗିବା ସହ ନିଆଁ ଲିଭାଉଛନ୍ତି। ପାହାଡ଼ ଉପରେ ଥିବା ଗଛଲତାରେ କେହି ନିଆଁ ଲଗାଇ ଦେଉଥିବା ଯୋଗୁ ତାହା ବ୍ୟାପିବାରେ ଲାଗିଛି। ମଙ୍ଗଳବାର ଦଶପଲ୍ଲା ବ୍ଲକ ମଧ୍ୟଖଣ୍ଡ ନିକଟରେ ଥିବା ପାହାଡ଼ ଉପରେ ନିଆଁ ଜଳୁଥିବା ଦେଖାଯାଇଥିଲା। ତାହା ଧିରେ ଧିରେ ବ୍ୟାପକ ହେଉଛି। ଦଶପଲ୍ଲା ଏବଂ ଗଣିଆ ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହୋଇଛି।

**NOTICE UNDER ORDER 5 RULE 20 C.P.C**
**IN THE HIGH COURT OF ORISSA**
**M.A.C.A. Nos. 914 of 2003**
(ARISING OUT OF MAC Case No. 73/365 of 1993/90 at 4TH MACT, Puri)
THE DIVISIONAL MANAGER, THE ORIENTAL INSURANCE COMPANY LTD. ....APPELLANT
-VERSUS-
SMT. CHHABINI PRUSTY & OTHERS ....RESPONDENTS
To,
R-5(A) **PUSPALATA MOHANTY,** WIFE OF LATE AMBARISH MOHANTY @ GUNIA, C/O:- AMRIT MOHANTY, HADAGADIA, PURI.

Take notice that the above Appeal has been presented in this Court by Mr. G.P. Dutta, Advocate against the order passed in Misc. Case No. 73/365 of 1993/90, by the Learned 4th MACT, Puri.

The appeal notice on you could not be served in spite of several attempts.

You are hereby directed to appear before the Hon'ble Court at **10.30 A.M.** on **26.04.2024** in person or through your pleader or by law authorized to act for you in this appeal and in case of failure to appear on the date and time fixed it will be heard and decided exparte on your absence according to law.

Given under my hand and seal of the Court this the **12th day of April, 2024.**

HIGH COURT OF ORISSA, CUTTACK
By order of this Court
Sd/- REGISTRAR,
Orissa High Court, Cuttack

**TPWODL**
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following packages :

1. **TPWODL/SD/O/SER/04: RC for General Civil Works.**
2. **TPWODL/SD/O/SER/05:RC for Supply & Installation of Office Furniture under Various Circles at TPWODL Area.**

IInterested bidders to submit Tender Participation Fee and Authorization Letter through email on or before **3rd May 2024, 15:00Hrs,** respectively, after which link from e-Tender system shall be shared.

For detailed tender documents of the above-mentioned tender, please visit Tender section on website **www.tpwesternodisha.com.** Further details for participating in tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

**Sd /- Chief-Contracts and tores**

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**REQUIREMENT**
Required experience **Diploma Civil Engineer** having experience in survey with civil construction work for various projects in odisha. (Salary 20 to 25 Thousand per month) Office - Swarnapuri Road, Patia, Bhubaneswar- 751024
**Cont - 9437027982**

**Requirement**
Required for Sai Krupa Spa
Lady Expert Therapist and Receptionist.
Contact : 8984068077, 7848011468

**REQUIREMENT**
**Welder**- 4nos **Helper** - 4nos
Salary ₹7000/- to ₹13000/-
(Free accommodation and Fooding) . OT available
SAURASHAKTI ENTERPRISES
Nayapalli Bhubaneswar.
Contact : 91-7735716146.

**ଆବଶ୍ୟକ**
ଆମକୁ ଏକ ଦମ୍ପତି ଦରକାର, ଯେଉଁମାନେ ରନ୍ଧନ ଏବଂ ବାସନ ସଫା କରିବା ଦାୟିତ୍ୱ ସମ୍ଭାଳି ପାରିବେ। ଆମେ ଦମ୍ପତି କିମ୍ବା ମହିଳାଙ୍କୁ ପସନ୍ଦ କରୁ ଯିଏ ଭୁବନେଶ୍ୱରରେ ରହିବାକୁ ଇଚ୍ଛୁକ। ରହିବା ପାଇଁ ଏକ ପୃଥକ ସୁସଜ୍ଜିତ କ୍ୱାର୍ଟର୍ ଉପଲବ୍ଧ।
**9132933333, 9132460000**
ରେ ଆମ ସହିତ ଯୋଗାଯୋଗ କରନ୍ତୁ

**JRG EDUCATIONAL TRUST**
Radhakrishna Institute of Technology & Engineering (RITE)
Krypton Science Higher Secondary School (KSHSS),JRG College of Pharmacy (JRGCP)
IDCO Plot No.-1, IDCO Industrial Estate, Barunei, Khordha-752057
Ref. No.:JRG/HR/Advt./2024-25/01

**RECRUITMENT OF FACULTY & STAFF (RITE, BBSR)**
Applications are invited from eligible & experienced candidates for following positions; at- **career@riteindia.edu.in**
**01. Professor/ Associate Professor/ Assistant Professor/ Lab Assistant:-**
MBA/MCA/B.Tech (CSE/CIVIL/ME/EE/Comp. Engg./BASIC SCIENCE)
**02. Non-Teaching Staff Positions:**
IT Administrator/Office Assistant/Driver(Heavy & Light Vehicle)/Attendant/ Placement Officer

**RECRUITMENT OF FACULTY & STAFF (JRGCP, BBSR)**
Applications are invited from eligible & experienced candidates for following positions; at- **jrgpharmacy@gmail.com**
**01. Professor/ Associate Professor / Asst. Professor :**
Pharmacology, Pharmacognosy, Pharmaceutical Chemistry, Pharmaceutical Analysis, Pharmaceutics.
**02. Non-Teaching Staff Positions:**
Lab Technician, Lab Attendant, Librarian, Hostel Warden (Boys & Girls), Marketing Executive, Peon

**RECRUITMENT OF TEACHERS (KSHSS, BBSR)**
Applications are invited from eligible & experienced candidates for following positions; at- **kryptonshss.jrg@gmail.com**
**01. Post: PGT**
English, Mathematics, Physics, Chemistry, Zoology, Botany, Comp. Science
**02. Non-Teaching Staff Positions:**
PET, Tele-Caller
**Eligibility**: M.A./ M.Sc with B.Ed Qualified. (Minimum 5 years of experience)

The authority reserves the right to reject any or all applications without assigning any reason.
-SD-
CHAIRMAN JRGET

Interested candidates need to email their detailed CV along with a cover letter specifying the position applied for and highlighting their relevant qualifications, experience, Photograph, Copy of Pan, Copy of Aadhar Card & Testimonial within 7days of Publication of this Advertisement to respective E-mail IDs.

## ସଂକ୍ଷେପରେ

### ୧୦୦ ରେଳ ଷ୍ଟେଶନରେ ସୁଲଭ ମୂଲ୍ୟରେ ଖାଦ୍ୟ ବ୍ୟବସ୍ଥା



ଭୁବନେଶ୍ୱର,୨୩।୪(ଅନୁରାଧା ମହାରଣା)

ଗ୍ରୀଷ୍ମଋତୁରେ ରେଳଯାତ୍ରୀଙ୍କୁ ବିଶେଷ ସୁବିଧା ପ୍ରଦାନ ପାଇଁ ଭାରତୀୟ ରେଳପଥ ପକ୍ଷରୁ ସ୍ୱତନ୍ତ୍ର ରେଳ ଚଳାଚଳ ସହ ବିଭିନ୍ନ ପଦକ୍ଷେପ ନିଆଯାଉଛି। ବିଶେଷକରି ଖାଦ୍ୟ ଓ ପାନୀୟ ପାଇଁ ଯେପରି ଯାତ୍ରୀ ଅସୁବିଧାରେ ନ ପଡ଼ନ୍ତି ସେଥିପ୍ରତି ଦୃଷ୍ଟି ଦିଆଯାଉଛି। ଷ୍ଟେଶନଗୁଡ଼ିକରେ ପାନୀୟ ଜଳର ପର୍ଯ୍ୟାପ୍ତ ଯୋଗାଣ ପାଇଁ ଜୋନାଲ ରେଳପଥ ଓ ରେଳମଣ୍ଡଳଗୁଡ଼ିକୁ ପୂର୍ବରୁ ରେଳ ମନ୍ତ୍ରଣାଳୟ ନିର୍ଦ୍ଦେଶ ଜାରି କରିଥିବାବେଳେ ବର୍ତ୍ତମାନ ସୁଲଭ ମୂଲ୍ୟରେ ଖାଦ୍ୟ ଯୋଗାଣ ବ୍ୟବସ୍ଥାକୁ ଆହୁରି ବ୍ୟାପକ କରାଯାଇଛି। ପ୍ଲାଟ୍‌ଫର୍ମରେ ଥିବା ଜେନେରାଲ ସେକେଣ୍ଡ କ୍ଲାସ୍ (ଜିଏସ) କୋଚ୍ ନିକଟ କାଉଣ୍ଟରରେ ଏହି ଖାଦ୍ୟ ଉପଲବ୍ଧ ହେଉଛି। ଗତବର୍ଷ ପ୍ରାୟ ୫୧ଟି ଷ୍ଟେଶନରେ ଏହି ସେବା ଆରମ୍ଭ କରାଯାଇଥିଲା। ତାହାର ସଫଳତାକୁ ଆଧାରକରି ରେଳପଥ ଏବର୍ଷ ଦେଶର ୧୦୦ରୁ ଅଧିକ ଷ୍ଟେଶନରେ ଥିବା ପ୍ରାୟ ୧୫୦ କାଉଣ୍ଟରରେ ସୁଲଭ ମୂଲ୍ୟରେ ଖାଦ୍ୟ ଉପଲବ୍ଧ କରାଇଛି। ଭାରତୀୟ ରେଳପଥ କ୍ୟାଟରିଂ ଆଣ୍ଡ୍ ଟୁରିଜମ୍ କର୍ପୋରେଶନ (ଆଇଆର୍‌ସିଟିସି) ସହିତ ଭାରତୀୟ ରେଳ ବିଶେଷକରି ଅଣସଂରକ୍ଷିତ କୋଚ୍‌ରେ ଥିବା ଯାତ୍ରୀଙ୍କୁ ସ୍ୱଚ୍ଛ ଭୋଜନ ପ୍ରଦାନ କରିବା ପାଇଁ ଏହି ପଦକ୍ଷେପ ଗ୍ରହଣ କରିଛି। ଜଳଖିଆ ୨୦ ଟଙ୍କାରେ ଉପଲବ୍ଧ ହେଉଥିବାବେଳେ ମିଲ୍ ଦାମ୍ ୫୦ ଟଙ୍କା ରହିଛି। ଆଗକୁ ଆହୁରି ଅଧିକ ଷ୍ଟେଶନକୁ ଅନ୍ତର୍ଭୁକ୍ତ କରିବାକୁ ଯୋଜନା କରାଯାଇଥିବା ସୂଚନା ଦିଆଯାଇଛି।

### ଧର୍ମପରାୟଣ ମହିଳାଙ୍କ ପରଲୋକ

ଭୁବନେଶ୍ୱର, ୨୩।୪ (ବନ୍ଦନା ସେଠୀ)



ଧରିତ୍ରୀ ସର୍କ୍ୟୁଲେଶନ ବିଭାଗରେ କାର୍ଯ୍ୟରତ ରସାନ୍ତ ଚନ୍ଦ୍ର ବେହେରାଙ୍କ ଜେଜେ ମା' ସରଧା ବେଓ୍ୱାଙ୍କର ସୋମବାର ରାତିରେ ପରଲୋକ ହୋଇଯାଇଛି। ସେ ଜଣେ ପରୋପକାରୀ ଓ ମେଳାପୀ ମହିଳା ଥିଲେ। ସମସ୍ତଙ୍କୁ ଆଦର ସ୍ନେହ କରିବା ସହ ବିଭିନ୍ନ ଧାର୍ମିକ କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ବଡ଼ପୁଅ ନୀଳମଣି ବେହେରା, ମଝିଆ ପୁଅ ନାରାୟଣ ବେହେରା, ରାମଚନ୍ଦ୍ର ବେହେରା, ସାନପୁଅ ଲକ୍ଷ୍ମୀଧର ବେହେରା, ଚାରି ବୋହୂଙ୍କ ସହ ଅନ୍ୟ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ସାନପୁଅ ଲକ୍ଷ୍ମୀଧର ମୁଖାଗ୍ନି ଦେଇଥିଲେ।

### କିଶୋର ଚନ୍ଦ୍ରଙ୍କ ବିୟୋଗରେ ଶୋକ

ପୁରୁଣା ଭୁବନେଶ୍ୱର, ୨୩।୪ (ସୁବାସ ଚନ୍ଦ୍ର ପ୍ରଧାନ)

ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତିଙ୍କ ଶ୍ୱଶୁର କିଶୋର ଚନ୍ଦ୍ର ମହାନ୍ତିଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୮୩ ବର୍ଷ ହୋଇଥିଲା। ସ୍ୱର୍ଗତ ମହାନ୍ତି ଜଣେ ବନ୍ଧୁବତ୍ସଳ, ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ନିଜଗ୍ରାମ କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ କଟରପଡ଼ା ଗ୍ରାମରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ସ୍ୱର୍ଗତ ମହାନ୍ତିଙ୍କ ବିୟୋଗରେ ଦୀପକ ମହାନ୍ତି, ଫକୀର ଚରଣ ନାୟକ, ରଞ୍ଜନ ମହାନ୍ତି, ବୀରେନ କୁମାର ମହାନ୍ତି, ପ୍ରସନ୍ନ କୁମାର ଦାସ, ବୀରଞ୍ଚି ନାରାୟଣ ମହାନ୍ତି, ରାମଚରଣ ଦାସ, ଜୟନ୍ତ କୁମାର ଦାସ ପ୍ରମୁଖ ଶୋକପ୍ରକାଶ କରିଛନ୍ତି।

# ଚାଷ, ବଲ୍ବ ତିଆରିରେ ଦକ୍ଷ ହେଲେ କଏଦୀ

## ଝାରପଡ଼ା ଜେଲରେ ଧନ୍ଦାମୂଳକ ତାଲିମ ଶିବିର ସରିଲା

ଭୁବନେଶ୍ୱର,୨୩।୪ (ସୂର୍ଯ୍ୟକାନ୍ତ ବେହେରା)

ରାଜ୍ୟର ଅନ୍ୟତମ ପ୍ରମୁଖ ଝାରପଡା ଜେଲରେ ବିଚାରାଧୀନ କଏଦୀଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଗତ ୧୮ ତାରିଖରୁ ଆରମ୍ଭ ହୋଇଥିବା ଧନ୍ଦାମୂଳକ ତାଲିମ ଶିବିର ମଙ୍ଗଳବାର ଶେଷ ହୋଇଛି। ଭୁବନେଶ୍ୱର ସରକାରୀ ଆଇଟିଆଇ କଲେଜ ଓ ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ଆତ୍ମନିର୍ଭରଶୀଳ ତାଲିମ କେନ୍ଦ୍ର (ଆରଏସଇଟିଆଇ)ର ମିଳିତ ଉଦ୍ୟମରେ ଏଲ୍‌ଇଡି ବଲ୍ବ ତିଆରି ଓ ମରାମତି କାର୍ଯ୍ୟ ସହ ଜିଆ ଖତ ଓ ଆଧୁନିକ ପ୍ରଣାଳୀରେ ଚାଷ କାର୍ଯ୍ୟ, ଗଛ କଲମୀକରଣ ଉପରେ ଅନ୍ତେବାସୀଙ୍କୁ ଗତ ୬ଦିନ ଧରି ପ୍ରଶିକ୍ଷଣ ଦିଆଯାଇଥିଲା। ତେବେ ଚାଷ କାର୍ଯ୍ୟ ପ୍ରଶିକ୍ଷଣ ପାଇଁ ୩୪ ଅନ୍ତେବାସୀଙ୍କୁ ଆର୍‌ଏସ୍‌ଇଟିଆଇର ନିର୍ଦ୍ଦେଶକ ଅରକ୍ଷିତ ଦାସ, ଜେଲ ସୁପରିଣ୍ଟେଣ୍ଡେଣ୍ଟ ସତ୍ୟପ୍ରକାଶ ସ୍ୱାଇଁ ଓ ଜେଲର ପ୍ରସନ୍ନ ସାହୁଙ୍କ ଉପସ୍ଥିତିରେ ସାର୍ଟିଫିକେଟ ପ୍ରଦାନ କରିଥିଲେ। ସେହିପରି ଏଲ୍‌ଇଡି ବଲ୍ବ ତିଆରି ଓ ମରାମତି ପାଇଁ ୩୦ଜଣଙ୍କୁ ପ୍ରଶିକ୍ଷଣ ଦିଆଯାଇଥିବା ଜେଲର ପ୍ରସନ୍ନ ସାହୁ କହିଥିଲେ।



ସାର୍ଟିଫିକେଟ ପ୍ରଦାନ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ତାଲିମପ୍ରାପ୍ତ ଅନ୍ତେବାସୀ।

# ମିଶନ ଶକ୍ତିକୁ ବନ୍ଦ ପାଇଁ ଷଡ଼ଯନ୍ତ୍ର କରୁଛନ୍ତି ଧର୍ମେନ୍ଦ୍ର: ବିଜେଡି

ଭୁବନେଶ୍ୱର,୨୩।୪(ଅନିଲ ଦାସ)

ରାଜ୍ୟର ୭୦ ଲକ୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ୬ ଲକ୍ଷ ମିଶନ ଶକ୍ତି ଏସ୍‌ଏଚ୍‌ଜି ସାରା ଓଡ଼ିଶାର ଅନେକ ଲକ୍ଷ ମହିଳାଙ୍କ ଜୀବନରେ ପରିବର୍ତ୍ତନ ଆଣିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟାମାନଙ୍କର କେବଳ ଜାତୀୟ ସ୍ତରରେ ନୁହେଁ, ଅନ୍ତର୍ଜାତୀୟ ସ୍ତରୀୟ ବ୍ୟବସାୟ ପରିଦର୍ଶନ ଓ ଦୂରଦୃଷ୍ଟି ରହିବା ଆବଶ୍ୟକ ବୋଲି ଅନୁଭବ କରିଥିବା ବିଜେଡି ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ କହିଛନ୍ତି।

ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି ଯେ ମିଶନ ଶକ୍ତିର ବିଶ୍ୱସ୍ତରୀୟ ସଫଳତା ଏବଂ ଏହା ମାଧ୍ୟମରେ ଓଡ଼ିଶାର ଅନେକ ଲକ୍ଷ ମହିଳାଙ୍କ ସଶକ୍ତୀକରଣରେ ଅସହିଷ୍ଣୁ ଓ ଈର୍ଷା ପରାୟଣ ହୋଇପଡ଼ିଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମିଶନଶକ୍ତିର ଏହି ମହିଳା ସଦସ୍ୟାମାନେ ୨୦୨୪ ଏପ୍ରିଲରେ କିଭଳି ଦୁବାଇକୁ ଯାଇ ନ ପାରିବେ ସେଥିପାଇଁ ଷଡ଼ଯନ୍ତ୍ର କରିଥିବା ସୁଲତା ଅଭିଯୋଗ କରିଛନ୍ତି । ଏବେ ତାଙ୍କର ପରବର୍ତ୍ତୀ ଲକ୍ଷ୍ୟ ହେଉଛି ମିଶନ ଶକ୍ତିକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଏବଂ ସେମାନଙ୍କ ମଧ୍ୟରେ ଫାଟ ସୃଷ୍ଟି କରିବା, ଯିଏ କି ୭୦ ଲକ୍ଷ ମହିଳାଙ୍କ ଜୀବନକୁ ପରିବର୍ତ୍ତନ କରିବାରେ ବିପ୍ଳବ ସାଜିଛନ୍ତି । ସେ ମହିଳାଙ୍କ ସଶକ୍ତୀକରଣକୁ ବରଦାସ୍ତ କରିପାରିବେ ନାହିଁ ବୋଲି ସୁଲତା କହିଛନ୍ତି ।



ସୁଲତା ଦେଓ ବିବୃତି ରଖୁଛନ୍ତି।



ଚୈତ୍ର ମାସର ଶେଷ ମଙ୍ଗଳବାର ଜଗନ୍ନାଥ ନଗରଠାରେ ମହିଳାମାନେ ମା' ମଙ୍ଗଳାଙ୍କ ପୂଜାର୍ଚ୍ଚନା କରୁଛନ୍ତି।

### ନାଳରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ

ଯାଁଳା,୨୩।୪(ବୁଲା ବାରିକ)

ଭୁବନେଶ୍ୱର ଉପକଣ୍ଠ ଇନ୍‌ଫୋଭ୍ୟାଲି ଥାନା ଅଧୀନ ଯାଁଳା ପଞ୍ଚାୟତ ପେଟ୍ରୋଲ ପମ୍ପ ସମ୍ମୁଖ ନାଳରୁ ମଙ୍ଗଳବାର ପୋଲିସ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ ହୋଇଛି। ତେବେ ତାଙ୍କ ପରିଚୟ ମିଳିପାରି ନାହିଁ। ଉକ୍ତ ନାଳର କିଛି ଅଂଶ ମୁକୁଳା ଥିବାରୁ ବ୍ୟକ୍ତି ଜଣଙ୍କ କୌଣସି କାରଣରୁ ଖସିପଡ଼ି ମୃତ୍ୟୁବରଣ କରିଥିବା ଅନୁମାନ କରାଯାଉଛି। ତେବେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# କେନ୍ଦ୍ରମନ୍ତ୍ରୀଙ୍କୁ ବିଜେଡି ମୁଖପାତ୍ର ଦେଇଥିବା ଯୁକ୍ତି ଅମୂଳକ: ଭାଜପା

ଭୁବନେଶ୍ୱର, ୨୩।୪(ସୁନିତ୍ ମିଶ୍ର)

ଯେବେଠାରୁ ଭାଜପା ଚଳିତ ନିର୍ବାଚନରେ ଓଡ଼ିଆ ଅସ୍ମିତା ଓ ଓଡ଼ିଆ ସ୍ୱାଭିମାନକୁ ପ୍ରମୁଖ ପ୍ରସଙ୍ଗ କରିବା ପାଇଁ ନିଷ୍ପତ୍ତି ନେଲା, ସେବେଠୁ ବିଜେଡି ଏହାର ମୁକାବିଲା କିଭଳି କରିବ ସେଥିପାଇଁ ରାସ୍ତା ପାଉନାହିଁ। ବିଜେଡି ପ୍ରତିଦିନ କିଛି ନା କିଛି ମିଥ୍ୟା ପ୍ରସଙ୍ଗକୁ ଆଣି ଗଣମାଧ୍ୟମର ମୂଲ୍ୟବାନ୍ ସମୟ ନଷ୍ଟ କରୁଛି। ବିଜେଡି ଶାସନ ସମୟରେ ରାଜ୍ୟରେ ସରକାରୀ ସ୍ତରରେ ଚାଲୁଥିବା ସମସ୍ତ ଟେକ୍ସଟାଇଲ ମିଲ୍, ସ୍ପିନିଂ ମିଲ୍, ଗିନିଂ ମିଲ୍ ବନ୍ଦ ହୋଇ ତାଲାପଡିଛି। ବିଜୁବାବୁ ଆରମ୍ଭ କରିଥିବା ଓଟିଏମ୍ ବିଜେଡି ସରକାର ସମୟରେ ବନ୍ଦ ହୋଇଗଲା ବୋଲି ଭାଜପା ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି। ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଅନିଲ କହିଛନ୍ତି, ବିଜେଡି ସରକାରର ଚକ୍ରାନ୍ତ କାରଣରୁ ବର୍ତ୍ତମାନ ଓଡ଼ିଶାର ଅନେକ ଲକ୍ଷ କୌଳିକ ବୁଣାକାର ପରିବାର ସେମାନଙ୍କ ଜୀବିକା ହରାଇଛନ୍ତି। ଏଭଳି ସ୍ଥିତିରେ ବିଜେଡିର ଦୁଇ ମୁଖପାତ୍ର ଲୁଙ୍ଗି ପ୍ରସଙ୍ଗ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦେଇଥିବା ଯୁକ୍ତି ସମ୍ପୂର୍ଣ୍ଣ ଭାବେ ଅମୂଳକ, ଅପ୍ରାସଙ୍ଗିକ । ବିଜେଡିର କ୍ଷମତା କେନ୍ଦ୍ରକୁ ଖୁସି କରିବା ପାଇଁ ବିଜେଡି ମୁଖପାତ୍ର ଏଭଳି ଉପାୟ ଆପଣାଇଛନ୍ତି। ବିଜେଡି ନେତା କାହିଁକି ତାମିଲନାଡୁରେ ତିଆରି ହୋଇଥିବା ଲୁଙ୍ଗି ପିନ୍ଧି ଓଡ଼ିଶାର ବୁଣାକାର ପରିବାରମାନଙ୍କୁ ଅପମାନିତ କରିଛନ୍ତି ତାହାର ଉତ୍ତର ବିଜେଡି ଆଗ ଦେଉ ବୋଲି ଅନିଲ କହିଛନ୍ତି।

# ମା' ମଙ୍ଗଳାଙ୍କ ଝାମୁଯାତ୍ରା ଉଦ୍‌ଯାପିତ

କାକଟପୁର,୨୩।୪(ଶୁଭଦର୍ଶନ ମିଶ୍ର)

### ମା'ଙ୍କ ରାଜରାଜେଶ୍ୱରୀ ବେଶ ଦର୍ଶନ କଲେ ଶ୍ରଦ୍ଧାଳୁ



ଶ୍ରୀଜଗନ୍ନାଥ ସଂସ୍କୃତି ସହ ଜଡ଼ିତ କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ପ୍ରସିଦ୍ଧ ଝାମୁଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଭକ୍ତମାନେ ମା'ଙ୍କ ରାଜରାଜେଶ୍ୱରୀ ବେଶ ଦର୍ଶନ କରିଥିଲେ। ଚଳିତବର୍ଷ ଝାମୁଯାତ୍ରାର ବିଶେଷତ୍ୱ ରହିଛି। ପ୍ରତ୍ୟେକ ବର୍ଷ ବୈଶାଖ ମାସର ପ୍ରଥମ ମଙ୍ଗଳବାରକୁ ପଞ୍ଚମ ପାଳି ଝାମୁଯାତ୍ରା ଭାବେ ପାଳନ କରାଯାଉ ଥିବାବେଳେ ଚଳିତବର୍ଷ ଚୈତ୍ର ମାସରେ ପାଞ୍ଚଟି ଯାକ ମଙ୍ଗଳବାର ପଡ଼ିଛି। ତେଣୁ ଏହି ପାଳିରେ ପ୍ରାୟ ୭୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ ଓ କାକଟପୁର ପୋଲିସ ପକ୍ଷରୁ ବ୍ୟାରିକେଡ ଲଗାଇ ଶୃଙ୍ଖଳିତ ଦର୍ଶନ ଏବଂ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ସୋମବାର ରାତ୍ର ୧ଟା ୩୦ରୁ ଦ୍ୱାରଫିଟା ଓ ମଙ୍ଗଳ ଆଳତି, ସ୍ନାନ, ମାର୍ଜନା, ବେଶ, ଚନ୍ଦନଲାଗି, ସୂର୍ଯ୍ୟପୂଜା, ବଲ୍ଲଭ ଧୂପ ଏବଂ ସକାଳ ଧୂପ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ସକାଳ ୫ଟା ୩୦ରେ ସାହାଣମେଲା ପରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ଅପରାହ୍ନ ୧ଟା ୩୦ରୁ ୨ଟା ମଧ୍ୟରେ ଘଣ୍ଟ ପାଟୁଆ ନୃତ୍ୟ ସହ ଝାମୁ ଶେଷ ହୋଇଥିଲା। ପ୍ରବଳ ରୌଦ୍ରତାପ ସତ୍ତ୍ୱେ ଭକ୍ତଙ୍କ ପ୍ରବଳ ଭିଡ଼ ଜମିଥିଲା। ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ମାଗଣା ଅନ୍ନପ୍ରସାଦ ବଣ୍ଟନ ଏବଂ ଅବଢ଼ା ମିଶ୍ରିତ ଜଳଛତ୍ରର ବ୍ୟବସ୍ଥା କରି ଯାତ୍ରୀମାନଙ୍କୁ ଆପ୍ୟାୟିତ କରିବା ସହିତ ମା'ଙ୍କ ଆଶୀର୍ବାଦ ଭିକ୍ଷା କରୁଥିବା ଦେଖିବାକୁ ମିଳିଥିଲା।

### ମା' ଭଗବତୀଙ୍କ ଆଶୀର୍ବାଦ ନେଲେ ଅରୂପ, ରଘୁ

ଖୋର୍ଦ୍ଧା, ୨୩।୪ (ପ୍ରଭାତ ପାଣିଗ୍ରାହୀ)

ପୁରୀ ଲୋକ ସଭା ବିଜେଡି ପ୍ରାର୍ଥୀ ଅରୂପ ପଟ୍ଟନାୟକ ଏବଂ ଚିଲିକା ବିଧାୟକ ପ୍ରାର୍ଥୀ ରଘୁନାଥ ସାହୁ ମଙ୍ଗଳବାର ବାଣପୁରର ଆରାଧ୍ୟା ମା'ଭଗବତୀଙ୍କ ଆଶୀର୍ବାଦ ନେଇ ଚିଲିକା ନିର୍ବାଚନ ମଣ୍ଡଳୀରେ ପ୍ରଚାର ଆରମ୍ଭ କରିଛନ୍ତି। ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ ଉପସ୍ଥିତ ଥିଲେ।

# ପଦପଦବୀ ଅପେକ୍ଷା ସମ୍ମାନ, ବିଶ୍ୱାସ ବଡ଼

ଖୋର୍ଦ୍ଧା,୨୩।୪(ପ୍ରଭାତ ପାଣିଗ୍ରାହୀ)

### ଭାଜପାରେ ପାଟ୍ଟଶାଣୀ ଯୋଗଦେବା ନେଇ ଚର୍ଚ୍ଚା

- ଶୀର୍ଷ ନେତୃତ୍ୱଙ୍କ ସହ ଆଲୋଚନା
- ଖୋର୍ଦ୍ଧାରୁ ବିଧାୟକ ପ୍ରାର୍ଥୀ ଚର୍ଚ୍ଚା



ପାଖେଇ ଆସୁଛି ସାଧାରଣ ନିର୍ବାଚନ। ଭୁବନେଶ୍ୱର ଲୋକ ସଭା ଆସନ ପାଇଁ ବିଜେଡି ମନ୍ମଥ ରାଉତରାୟ, ଭାଜପା ଅପରାଜିତା ଷଡ଼ଙ୍ଗୀ ଏବଂ କଂଗ୍ରେସ ୟାସିର ନୱାଜଙ୍କୁ ପ୍ରାର୍ଥୀ କରିଛି। ୩ ପ୍ରମୁଖ ଦଳ ପ୍ରାର୍ଥୀ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ବିଜେଡି ଟିକେଟରୁ ଲଗାତର ୫ଥର ସାଂସଦ ହୋଇଥିବା ପ୍ରସନ୍ନ ପାଟ୍ଟଶାଣୀଙ୍କୁ ୨୦୧୯ରେ ପ୍ରାର୍ଥୀ ପରିବର୍ତ୍ତନ କରିଥିଲା। ୨୦୨୪ରେ ଚିଲିକାରୁ ତାଙ୍କୁ ପ୍ରାର୍ଥୀ କରିପାରେ ବୋଲି ପ୍ରଥମରୁ ଚର୍ଚ୍ଚା ହେଉଥିଲା। ମାତ୍ର ଦଳ ଚିଲିକାରୁ ରଘୁନାଥ ସାହୁଙ୍କୁ ପ୍ରାର୍ଥୀ କରିଛି। ଦଳରେ ପ୍ରସନ୍ନଙ୍କୁ ଅଣଦେଖା ନେଇ ସେ ଅସନ୍ତୁଷ୍ଟ ରହିଥିବା ଜଣାପଡ଼ିଛି। ଖୁବ୍‌ଶୀଘ୍ର ସେ ବିଜେଡି ଛାଡ଼ି ଭାଜପାରେ ଯୋଗ ଦେଇପାରନ୍ତି ବୋଲି ଆଲୋଚନା ହେଉଥିବାବେଳେ ଏନେଇ ସେ କୌଣସି ସ୍ପଷ୍ଟ ମତ ରଖିନାହାନ୍ତି। ଏହି ଖବର ପ୍ରଚାରିତ ହେବାପରେ ରାଜଧାନୀ ପାଣିପାଗ ସରଗରମ ହୋଇଉଠିଛି। ସେ ଭାଜପାରେ ଯୋଗଦେବେ କି ବିଜେଡିରେ ରହିବେ ତାହାର କୌଣସି ସ୍ପଷ୍ଟ ଚିତ୍ର ଆସି ନାହିଁ। ତେବେ ସେ ଭାଜପାରେ ଯୋଗଦେଲେ ଦଳ ତାଙ୍କୁ ଖୋର୍ଦ୍ଧାରୁ ପ୍ରାର୍ଥୀ କରିପାରେ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପଟେ ସେ ଓଡ଼ିଶାର ଜଣେ ପ୍ରଭାବଶାଳୀ ଭାଜପା ନେତାଙ୍କ ଜରିଆରେ ଦିଲ୍ଲୀ ଯାଇ ଶୀର୍ଷ ନେତୃତ୍ୱଙ୍କ ସହ କଥାବାର୍ତ୍ତା କରି ଫେରିଥିବା ଆଲୋଚନା ହେଉଛି।

ଅନ୍ୟପଟେ ପାଟ୍ଟଶାଣୀ ଜାରି କରିଥିବା ଏକ ପ୍ରେସ ବିବୃତିରେ କହିଛନ୍ତି, ଦୀର୍ଘ ୫୦ବର୍ଷ ଧରି ସେ ଲୋକଙ୍କ ଦ୍ୱାରା କିପରି ଆଦୃତ ହୋଇପାରିଛନ୍ତି ସେନେଇ ଉଲ୍ଲେଖ କରିଛନ୍ତି। ସେ ୪ଥର ବିଧାୟକ ହୋଇଥିବାବେଳେ ଭୁବନେଶ୍ୱରରୁ ୫ଥର ସାଂସଦ ହେବା ସହ ପ୍ରତିଥର ବିପୁଳ ଭୋଟରେ ବିଜୟ ଲାଭ କରିଛନ୍ତି। ବିଜେଡି ଟିକେଟ ପାଇବା ପରେ ଜିତିବା ସମ୍ଭାବନା ଅଧିକା ରହିଥାଏ। ତେବେ ୨୦୧୯ ନିର୍ବାଚନରେ ଟିକେଟ ପାଇ ମଧ୍ୟ କିଛି ପ୍ରାର୍ଥୀ ନିଜ ଦକ୍ଷତା, ଯୋଗ୍ୟତା, ଗ୍ରହଣୀୟତା କମ୍ ହେବାରୁ ପରାଜିତ ହୋଇଥିଲେ। ମୁଁ ବର୍ଷତମାମ ବିଭିନ୍ନ ସାଂସ୍କୃତିକ, ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, ରାଜନୈତିକ ସମାବେଶରେ ସବୁଠି ସକ୍ରିୟ ସହ ଲୋକଙ୍କ ସାଥିରେ ରହିଛି। ୨୦୨୪ ମୋର ଶେଷ ନିର୍ବାଚନ। ପଦପଦବୀ ଅପେକ୍ଷା ସମ୍ମାନ ଏବଂ ବିଶ୍ୱାସ ବଡ଼। ରାଜନୀତିରେ ସମୟ ବଡ଼ ବଳବାନ। ତେଣୁ କିଏ ରହିବ, ନ ରହିବ, କିଏ ଆସିବ, ଭବିଷ୍ୟତରେ କ'ଣ ହେବ ତାହା ସମୟ ଉପରେ ନିର୍ଭର। ପରବର୍ତ୍ତୀ ଆଭିମୁଖ୍ୟ କ'ଣ ହେବ ତାହା ସମୟ କହିବ ଏବଂ ଆଗାମୀ ଦିନରେ ସ୍ପଷ୍ଟ କରିବି ବୋଲି ପାଟ୍ଟଶାଣୀ କହିଛନ୍ତି।

# ବିନ୍ଦୁ ସାଗର ପାଇଁ ମହାଆଳତି



ପୁରୁଣା ଭୁବନେଶ୍ୱର,୨୩।୪(ସୁବାସ ଚନ୍ଦ୍ର ପ୍ରଧାନ)

ଭୁବନେଶ୍ୱର ଶାନ୍ତି କମିଟି ପକ୍ଷରୁ ୧୩ତମ ବାର୍ଷିକ ବିନ୍ଦୁସାଗର ଆଳତି ରାମନାରାୟଣଜୀ ମହାରାଜଙ୍କ ନେତୃତ୍ୱରେ ମଙ୍ଗଳବାର ପୁରୁଣା ଭୁବନେଶ୍ୱରର ବିନ୍ଦୁସାଗର କୂଳରେ ମହାଆଳତି ହୋଇଯାଇଛି। ପ୍ରଥମେ ଶ୍ରୀଗଣେଶଙ୍କ ପୂଜା କରାଯିବା ସହ ହନୁମାନ ଚାଳିଶା ପଠନ, ହୁଳହୁଳି, ହରିବୋଲ, ଘଣ୍ଟ, ଓ ନାମ ସଙ୍କୀର୍ତ୍ତନରେ ଏହି ମହାଆଳତି କରାଯାଇଥିଲା। ବିନ୍ଦୁସାଗର ପରିଷ୍କାର ପରିଚ୍ଛନ୍ନ ରହିବା ସହିତ ଜଳସ୍ତର ବୃଦ୍ଧି ଏବଂ ପାନୀୟଜଳ ଭାବେ କିପରି ଗ୍ରହଣ କରାଯାଇପାରିବ ସମସ୍ତେ ସହଯୋଗ କରିବାକୁ ଅନୁରୋଧ କରାଯାଇଥିଲା। ଶାନ୍ତି କମିଟି ସଭାପତି ମଧୁମାଧବ ଜେନା, ଉପଦେଷ୍ଟା ଡ.ନାରାୟଣ ମହାପାତ୍ର, ସମ୍ପାଦକ ନବକିଶୋର ବେହେରା, ରାଜେନ୍ଦ୍ର ସାମର୍ଥା, ଆଶାଲତା ରାଉତରାୟ, ମାୟାଧର ନନ୍ଦ, ଚନ୍ଦ୍ରଶେଖର ବେହେରା, ବିଜୟ ପାତ୍ର, ଦିଲୀପ ପଟ୍ଟନାୟକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।




ରାଗମାଳା ପକ୍ଷରୁ ମଙ୍ଗଳବାର ସୂଚନା ଭବନରେ ଆୟୋଜିତ ୧୨ତମ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ।

# ରିନାରାଣୀ, ନର୍ମଦାଙ୍କୁ 'ବୟାଳିଶ ଗୌରବ' ସମ୍ମାନ





ପୁରୁଣା ଭୁବନେଶ୍ୱର,୨୩।୪(ସୁବାସ ଚନ୍ଦ୍ର ପ୍ରଧାନ)

ଭୁବନେଶ୍ୱର ନିକଟବର୍ତ୍ତୀ ଜୟପୁର ମେଳଣ ପଡ଼ିଆରେ ଦ୍ୱିତୀୟ ବୟାଳିଶ ସମାଜ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ଅଭିନେତା ଜୀବନ ପଣ୍ଡା, ଭୁବନେଶ୍ୱର ବ୍ଲକ ଅଧ୍ୟକ୍ଷା ନିରୁପମା ସାହୁ, ସରପଞ୍ଚ ଅନୀତା ସୁବୁଦ୍ଧି, ଜୟନ୍ତୀ ବିଶ୍ୱାଳ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ସାମ୍ବାଦିକର ଡ. ସୌମ୍ୟା ପରିଡା, ମୁକେଶ ପରିଡା, ବିଶ୍ୱଜିତ୍ ଦାଶ, ପ୍ରଶମିତା ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଓଏଏସ୍ ଅଫିସର ରିନାରାଣୀ ସ୍ୱାଇଁ ଏବଂ ଓଜେଏସ୍ ନର୍ମଦା ପ୍ରଧାନଙ୍କୁ 'ଦ୍ୱିତୀୟ ବୟାଳିଶ ଗୌରବ' ସମ୍ମାନ ପ୍ରଦାନ କରାଯାଇଥିଲା। ବୟାଳିଶ ସମାଜର ସଭାପତି ନିରଞ୍ଜନ ରାଉତରାୟଙ୍କ ଅକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ଅକ୍ଷୟ ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମନୋଜ ଖଟୁଆ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଲିଙ୍ଗରାଜ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଗୋଟିପୁଅ, ପାଇକ ଆଖଡ଼ା ଏବଂ ବିଶିଷ୍ଟ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା।

**ସଂକ୍ଷେପରେ**

## ମୁଗ ଅମଳ ଅନୁଧ୍ୟାନ କଲେ କୃଷି ଅଧିକାରୀ

କଟକ ସଦର, ୨୩।୪(ସୁଶାନ୍ତ କୁମାର ଜେନା): କଟକସଦର ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ସରକାରୀ ପ୍ରୋତ୍ସାହନରେ ମୁଗଚାଷ କରାଯାଇଥିଲା । ସୋମବାର କଟକ ଜିଲା କୃଷି ଅଧିକାରୀ ଅଶୋକ କୁମାର କର, ବ୍ଲକ କୃଷି ଅଧିକାରୀ ଜଫନା ରାୟ, ଓଡ଼ିଶା ଫାଉଣ୍ଡେଶନ ପକ୍ଷରୁ ଜିଲା ପ୍ରକଳ୍ପ ଅଧିକାରୀ ଭରତ ସାହୁ, ପ୍ରତାପ ଚନ୍ଦ୍ର ଜେନା ପ୍ରମୁଖ ଧରିଣା ପଞ୍ଚାୟତକୁ ଆସି ମୁଗ ଅମଳର ତଦନ୍ତ କରିଥିଲେ । କୃଷି କର୍ମଚାରୀ ବିଶ୍ୱନାଥ ମୁର୍ମୁ, କୃଷକ ସାଥୀ ସାରଦା ପ୍ରସନ୍ନ ସାହୁ ପ୍ରମୁଖ ସେହି ଗ୍ରାମର ସୁକାନ୍ତ ଦାଶଙ୍କ ବିଲରେ କ୍ରପ କଟିଂ ଅନୁଧ୍ୟାନ କରିଥିଲେ । କୃଷକ ସାଥୀ ପ୍ରତାପ ଦାଶ, ପ୍ରଫୁଲ୍ଲ ଜେନା ଓ ମୁଖ୍ୟ ସଂଯୋଜକ ବିବେକାନନ୍ଦ ରାଉତ ଏହି କାର୍ଯ୍ୟରେ ସହଯୋଗ କରିଥିଲେ ।

## ରଜକ ସଂଘର ବାର୍ଷିକ ଉତ୍ସବ

ଚୌଦ୍ୱାର,୨୩।୪(ଆଶୁତୋଷ ଦାସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ରଜକ ସଂଘର ବାର୍ଷିକ ଉତ୍ସବ ସ୍ଥାନୀୟ ଆଗ୍ରାହାଟସ୍ଥିତ ଉତ୍ତରେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ହୃଦାନନ୍ଦ ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଥାନାଧିକାରୀ ବିଭୁଦାସ ବର୍ଦ୍ଧନ, ସାମାଜିକ କର୍ମୀ ରଘୁନାଥ ସ୍ୱାଇଁ, ଗୌତମବୁଦ୍ଧ ସୀତାରାମ, ପ୍ରଭାକର ଦଳେଇ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସବୁସ୍ଥଳରେ ସଂଘର କର୍ମକର୍ତ୍ତାଙ୍କୁ ମାନ୍ୟତା ପ୍ରଦାନ ଦିଗରେ ସଂଘର କାର୍ଯ୍ୟକ୍ରମକୁ ଆଗକୁ ନେବାପାଇଁ ଉପଦେଶ ଦେଇଥିଲେ । ଏହି ଅବସରରେ ରଜକ ସମାଜର ସଭାପତି ବିଭୂତି କୁମାର ସେଠୀ, ବୈରାଗୀ ଚରଣ ସେଠୀ, ପ୍ରମୋଦ କୁମାର ସେଠୀ, ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ସମ୍ମାନିତ କରାଯାଇଥିଲା । ଉପସଭାପତି ଲକ୍ଷ୍ମୀଧର ସେଠୀ, ସମ୍ପାଦକ ଅକ୍ଷୟ କୁମାର ସେଠୀ, କୋଷାଧ୍ୟକ୍ଷ ବୀରେନ୍ଦ୍ର କୁମାର ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଚଇତି ପର୍ବ ଉଦ୍‌ଘାଟିତ

ଚୌଦ୍ୱାର,୨୩।୪(ଆଶୁତୋଷ ଦାସ): ଚୌଦ୍ୱାର କୈବର୍ତ୍ତ ସଂଘ ପକ୍ଷରୁ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଅଶ୍ୱିନୀ ବାସେଲୀଙ୍କ ପୀଠରେ ଚୈତ୍ର ଉତ୍ସବ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି । ଏହି ଅବସରରେ ସକାଳେ ମଙ୍ଗଳାମନ୍ଦିର, ଲକ୍ଷ୍ମୀନାରାୟଣ ସାହିସ୍ଥିତ ବାସେଲୀ ମନ୍ଦିର, ବେହେରା ସାହିସ୍ଥିତ ମା'ଙ୍କ ପୀଠରେ ଠାକୁରାଣୀଙ୍କ ବିଭିନ୍ନ ନୀତି କରାଯାଇଥିଲା । ବୁଧବାରଠାରୁ ସୁସଜ୍ଜିତ ଘୋଡାଗୁଡିକ ଗ୍ରାମ ପରିକ୍ରମା କରି ଭୋଗ ଖାଇବା ପରେ ଆସନ୍ତା ୨୮ରେ ବଡବଜାରସ୍ଥିତ ସତ୍ୟନାରାୟଣ ପାଲାମଣ୍ଡପରେ ହେବାକୁ ଥିବା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ । ଉକ୍ତ ଦିନ ଏହି ଚୈତ୍ର ମହୋତ୍ସବ ଉଦ୍‌ଯାପିତ ହେବା ସହିତ ମା' ଅଶ୍ୱିନୀ ବାସେଲୀଙ୍କ ଘୋଡାମୁଣ୍ଡଗୁଡିକ ଶୀତଳା ଯିବ ।

## ପାରାବିଲ ଗ୍ରାମ କମିଟି ଗଠିତ

କଟକ ସଦର, ୨୩।୪(ସୁଶାନ୍ତ କୁମାର ଜେନା) କଟକ ସଦର ବ୍ଲକ ଅନ୍ତର୍ଗତ ଧରିଣା ପଞ୍ଚାୟତ ପାରାବିଲ ଗ୍ରାମ କମିଟି ଗଠିତ ହୋଇଛି । ଏଥିରେ ସଭାପତି ଭାବେ ନିରଞ୍ଜନ ରାଉତରାୟ, କାର୍ଯ୍ୟକାରୀ ସଭାପତି ଗୋକୁଳାନନ୍ଦ ବୈଶାଖ, ଉପସଭାପତି ଜୟରାମ ପରିଡା ଓ ରବୀନ୍ଦ୍ରନାଥ ଶତପଥୀ, ସାଧାରଣ ସମ୍ପାଦକ ବିଷ୍ଣୁଚରଣ ବେହେରା, ଯୁଗ୍ମ ସମ୍ପାଦକ ଉମେଶ ଚନ୍ଦ୍ର ବାଡି ଓ ବସନ୍ତ କୁମାର ବାଡି, କୋଷାଧ୍ୟକ୍ଷ ଭାବେ ପ୍ରଭାକର ସାହୁ ମନୋନୀତ ହୋଇଛନ୍ତି । ଏହାଛଡା ୱାର୍ଡମେମ୍ବର ଓ ଅନ୍ୟ ୧୧ ଜଣଙ୍କୁ ନେଇ କାର୍ଯ୍ୟକାରୀ କମିଟି ଗଠିତ ହୋଇଛି । ଏଥିରେ ମୁଖ୍ୟ ଉପଦେଷ୍ଟା ଭାବେ ଧରଣୀଧର ବେହେରା, ଉପଦେଷ୍ଟା ତ୍ରୈଲୋକ୍ୟ ନାଥ ରାଉତରାୟ ଓ ନିରଞ୍ଜନ ଦାଶ ମନୋନୀତ ହୋଇଛନ୍ତି ।

## ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ଫୁଲନଖରା, ୨୩।୪(ସତ୍ୟରଞ୍ଜନ ଦାସମହାପାତ୍ର): କଟକ ସଦର ଥାନା ଅନ୍ତର୍ଗତ ବ୍ରାହ୍ମଣଝରିଲୋ କୁଶକଣ୍ଟାସ୍ଥିତ ସନ୍ଥ ବାହୁଡା ଦାସଙ୍କ ପୀଠରେ ୪ ଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ଶ୍ରୀ ଶ୍ରୀ ସନ୍ଥ ବାହୁଡା ଦାସ ଗୋସ୍ୱାମୀ ଆଞ୍ଚଳିକ ବିକାଶ ପରିଷଦ ଓ କଟକ ସଦର ପ୍ରେସ୍ କ୍ଲବର ମିଳିତ ଆନୁକୂଲ୍ୟରେ ଚାଲିଥିବା କାର୍ଯ୍ୟକ୍ରମର ବିଭିନ୍ନ ଦିବସରେ ଅଙ୍କୁରାରୋପଣ, ସୂର୍ଯ୍ୟପୂଜା, ଗୀତାପାଠ, ଗୋପୂଜା,ଚଣ୍ଡିପାଠ ସହ ଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା । ଏହି ଅବସରରେ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

# ରଘୁନାଥ ଜୀଉଙ୍କ ପ୍ରସିଦ୍ଧ ଦାଣ୍ଡଯାତ୍ରା: ଭକ୍ତ, ଭଗବାନ ଏକାକାର

ନିଶ୍ଚିନ୍ତକୋଇଲି,୨୩।୪
(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱରସ୍ଥିତ ରଘୁନାଥ ଜୀଉଙ୍କ ପୀଠରେ ଓଡ଼ିଶା ପ୍ରସିଦ୍ଧ ଦାଣ୍ଡଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଚୈତ୍ର ପୂର୍ଣ୍ଣମୀ ଅବସରରେ ଆୟୋଜିତ ଏହି ଉତ୍ସବରେ ବହୁ ମାନସିକଧାରୀ ଯୋଗଦେଇ ରଘୁନାଥ ଜୀଉଙ୍କୁ ଦାଣ୍ଡବିଜେ କରାଇଥିଲେ । ଏହା ଦେଖିବାକୁ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଭକ୍ତଙ୍କ ଭିଡ଼ ଜମିଥିଲା ।

ଶ୍ରୀ ଶ୍ରୀ ରଘୁନାଥ ଜୀଉ ଟ୍ରଷ୍ଟବୋର୍ଡ ମ୍ୟାନେଜିଂ ଟ୍ରଷ୍ଟି ପ୍ରକାଶ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ପ୍ରଭାତରୁ ରଘୁନାଥଙ୍କର ଯଥାରୀତି ପୂଜାର୍ଚ୍ଚନା କରାଯାଇ ମଧ୍ୟାହ୍ନରେ ଧୂପ ଓ ସନ୍ଧ୍ୟାରେ ମହା ଆଳତି କରାଯାଇଥିଲା । ପରେ ରଘୁନାଥ ମହାପ୍ରଭୁ ତଥା ରାମଚନ୍ଦ୍ର, ମା'ସୀତା ଓ ଲକ୍ଷ୍ମଣଙ୍କୁ ସେବକମାନେ ସୁସଜ୍ଜିତ କରି ରତ୍ନ ସିଂହାସନରୁ ଏକ ଶୋଭାଯାତ୍ରାରେ ନାଟ ମଣ୍ଡପକୁ ଆଣିଥିଲେ । ସେଠାରେ ଏକ ସୁସଜ୍ଜିତ ବିମାନରେ ୩ ଠାକୁରଙ୍କୁ ଅବସ୍ଥାନ କରାଯିବା ପରେ ମନ୍ଦିରର ମୁଖ୍ୟ ପୂଜକ ମନମୋହନ ପତି ପାରମ୍ପରିକ ରୀତିନୀତି ଅନୁଯାୟୀ ଧୂପ ଦୀପ ନୈବେଦ୍ୟ ଅର୍ପଣ କରିଥିଲେ । ପରେ ବିମାନକୁ ଏକ ଶୋଭାଯାତ୍ରାରେ ପଡ଼ିଆ ଅଭିମୁଖେ ନିଆଯାଇଥିଲା । ସେଠାରେ ମହାପ୍ରଭୁଙ୍କୁ ଦାଣ୍ଡ ଭୋଗ ଲାଗି କରାଇବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା ।


ରଘୁନାଥଜୀଉଙ୍କୁ ଶୋଭାଯାତ୍ରାରେ ନିଆଯାଉଛି ।


ଶୋଭାଯାତ୍ରାରେ ଭକ୍ତଙ୍କ ଭୀଡ଼ ଜମିଛି ।

### ଟ୍ରାଫିକ୍ ନିୟନ୍ତ୍ରଣ କଲେ ହନୁମାନ, କାଳିକା ବେଶଧାରୀ

ମହାପ୍ରଭୁଙ୍କ ଦାଣ୍ଡ ଭୋଗ ସମୟରେ ୧୫୦ରୁ ଊର୍ଦ୍ଧ୍ୱ ହନୁମାନ ଓ କାଳିକା ବେଶଧାରୀ ବ୍ୟକ୍ତି ପଡିଆ ମଧ୍ୟରେ ପ୍ରବେଶ କରି ଟ୍ରାଫିକ ନିୟନ୍ତ୍ରଣ କରି ମହାପ୍ରଭୁଙ୍କୁ ଦଧିବାମନ ମନ୍ଦିର ଅଭିମୁଖେ ନେଇଯାଇଥିଲେ । ଦାଣ୍ଡବିଜେ ସମୟରେ ରାମ ଲକ୍ଷ୍ମଣ ସୀତା ଓ ରାବଣ ପ୍ରମୁଖ ସୁଆଙ୍ଗମାନେ ଅନ୍ୟ ୪ଟି ବିମାନରେ ଦଧିବାମନ ଅଭିମୁଖେ ନେଇଯାଇଥିଲେ ।

### ମାନସିକଧାରୀ ବାଣ ଫୁଟାଇଲେ

ଏହି ଅବସରରେ ମାନସିକଧାରୀମାନେ ମହାପ୍ରଭୁଙ୍କୁ ଦର୍ଶନକରି ମାନସିକ ଦାଣ୍ଡ ଭୋଗ ଲାଗି କରିଥିଲେ । ଏଥିସହ ମାନସିକ କରିଥିବା ବାଣ ଫୁଟାଇଥିଲେ । ଏହା ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା ।

### ରଘୁନାଥ ଓ ଦଧିବାମନଙ୍କ ମହାମିଳନ

ଏହି ଅବସରରେ ଦଧିବାମନ ମହାପ୍ରଭୁ ରଘୁନାଥ ବେଶରେ ସୁସଜ୍ଜିତ ହୋଇ ଶ୍ରଦ୍ଧାଳୁଙ୍କ ଦର୍ଶନ ଦେଇଥିଲେ । ସେଠାରେ ରଘୁନାଥ ଓ ଦଧିବାମନଙ୍କ ମହାମିଳନ ଉତ୍ସବ ହୋଇଥିଲା । ଏହି ସମୟରେ ଶ୍ରଦ୍ଧାଳୁଙ୍କ ହରିବୋଲ, ହୁଳହୁଳୀ ଓ ଜୟଶ୍ରୀରାମ ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା । ପରେ ଦଧିବାମନଙ୍କ ପୀଠରେ ଭୋର ସମୟରେ ନାଗଫାଶ ବନ୍ଧନ ରାମଲୀଳା ସମ୍ପାଦନ କରାଯାଇଥିଲା ।


ବିଭିନ୍ନ ବେଶରେ ସଜ୍ଜିତ ହୋଇଥିବା ସୁଆଙ୍ଗମାନେ ।

### ୩ ପ୍ଲାଟୁନରୁ ଊର୍ଦ୍ଧ୍ୱ ପୋଲିସ ଫୋର୍ସ ମୁତୟନ

ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ୩ ପ୍ଲାଟୁନରୁ ଊର୍ଦ୍ଧ୍ୱ ପୋଲିସ ଫୋର୍ସ, ୧୫ ଜଣ ଅଫିସର ମୁତୟନ କରାଯାଇଥିଲା । ଏହାଛଡ଼ା ତହସିଲଦାର ତଥା ଏଜକ୍ୟୁଟିଭ ମାଜିଷ୍ଟ୍ରେଟ ଅନିତା ନାୟକ, ଅତିରିକ୍ତ ଗ୍ରାମାଞ୍ଚଳ ଏସ୍‌ପି କୃଷ୍ଣଚନ୍ଦ୍ର ପଟ୍ଟନାୟକ, ନିଶ୍ଚିନ୍ତକୋଇଲି ଥାନା ଆଇଆଇସି ଯୁଗଳ କିଶୋର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଅଗ୍ନିଶମ ବାହିନୀ ପକ୍ଷରୁ ୨ଟି ନିଆଁଲିଭା ଗାଡ଼ି, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ସହ ଓଆରଏସ୍ ପ୍ରଦାନ, ପାନୀୟ ଜଳ ପରିମଳ ବିଭାଗ ପକ୍ଷରୁ ପାନୀୟଜଳ ବ୍ୟବସ୍ଥା କରାଯାଇଥିଲା । ଅନୁଷ୍ଠାନ ପକ୍ଷରୁ ସରପଞ୍ଚ ଅନଦା ନାୟକ, ତୃପ୍ତିମୟୀ ନାୟକ, ଗୌତମୀ ଦାସ , କିଶୋର କୁମାର ରାଉତରାୟ, ପୁରୁଷୋତ୍ତମ ଦାସ, ଅନନ୍ତ ଦାସ, ଚିନ୍ମୟ କୁମାର ରାଉତରାୟ, ବିଜୟ କୁମାର ସାହୁ, ପ୍ରଭାତ କୁମାର ରଥ ପ୍ରମୁଖ ବହୁ ଲୋକପ୍ରତିନିଧି ଓ ସ୍ୱେଚ୍ଛାସେବୀ ନିଜ ଦାୟିତ୍ୱ ସମ୍ପାଦନ କରିଥିଲେ ।

# ଅବାଧ, ନିରପେକ୍ଷ ନିର୍ବାଚନ ପରିଚାଳନାକୁ ଗୁରୁତ୍ୱ

## ବାଙ୍କୀ ଉପଖଣ୍ଡରେ ନିର୍ବାଚନ ଅଧିକାରୀଙ୍କ ତାଲିମ ଶିବିର

ବାଙ୍କୀ,୨୩।୪(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଉପଖଣ୍ଡରେ ନିର୍ବାଚନମଣ୍ଡଳୀ ସ୍ତରୀୟ ତାଲିମ ଶିବିର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନିର୍ବାଚନରେ ନିୟୋଜିତ ହେବାକୁ ଥିବା ବିଭିନ୍ନ ପୁଲିଂ ଅଧିକାରୀମାନଙ୍କୁ ତାଲିମ ଦିଆଯାଇଛି । ଶିବିରରେ ୨୦୨୪ ସାଧାରଣ ନିର୍ବାଚନକୁ ଅବାଧ, ନିରପେକ୍ଷ ଓ ନିର୍ଭୁଲ ଭାବେ ପରିଚାଳନା କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା ।




ଏହି ତାଲିମ ଶିବିର ୨୩ ଏପ୍ରିଲ ୨୦୨୪ରୁ ଆରମ୍ଭ ହୋଇ ଆସନ୍ତା ୨୬ ଏପ୍ରିଲ ୨୦୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏଥିରେ ୧୬୧ ଜଣ ପୁଲିଂ ଅଧିକାରୀ ଯୋଗ ଦେଇଛନ୍ତି । ବାଙ୍କୀ ତହସିଲଦାର ଅଶେଷ କୁମାର ନାୟକ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସମ୍ପଦ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ୫୮ଜଣ ଅଧିକାରୀ, ଡମପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ବିଡିଓ ଅଂଶୁମାନ ଦାଶ ଓ ସହକାରୀ ଜିଲାପାଳ ପର୍ଶୁରାମ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ୫୮ଜଣ ଅଧିକାରୀ ଏବଂ ବାଙ୍କୀ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଡମପଡ଼ା ତହସିଲଦାର ସୂଚୀସ୍ମିତା ଦାଶଙ୍କ ତତ୍ତ୍ୱାବଧାନରେ ୪୫ଜଣ ଅଧିକାରୀଙ୍କୁ ତାଲିମ ଦିଆଯାଇଛି ।

## ମା'ତାରିଣୀଙ୍କ ରାଜରାଜେଶ୍ୱରୀ ବେଶ

ନିଶ୍ଚିନ୍ତକୋଇଲି, ୨୩।୪(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ସାପ୍ତାହିକ ହାଟସ୍ଥିତ ମା'ତାରିଣୀଙ୍କ ପୀଠରେ ପବିତ୍ର ଚୈତ୍ର ପୂର୍ଣ୍ଣମୀ ଉପଲକ୍ଷେ ୨୮ତମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମା'ତାରିଣୀ ରାଜରାଜେଶ୍ୱରୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ । ପ୍ରଭାତରୁ ମନ୍ଦିରର ପୂଜକ ଶୁକଦେବ ଷଡ଼ଙ୍ଗୀଙ୍କ ଦ୍ୱାରା ପାରମ୍ପରିକ ରୀତିନୀତି ଅନୁଯାଇ ପୂଜାର୍ଚ୍ଚନା କରାଯିବାପରେ ମା'ଙ୍କୁ ବେଶ କରାଇଥିଲା । ଏହି ଉତ୍ସବ ଉପଲକ୍ଷେ ସୋମବାର ଅଙ୍କୁରାରୋପଣ କରାଯାଇଥିଲା । ଚିତ୍ରୋତ୍ପଳା ନଦୀରୁ ଏକ କଳସ ଶୋଭାଯାତ୍ରା କରାଯାଇ ଯଜ୍ଞସ୍ଥଳରେ ଘଟ ସ୍ଥାପନ କରାଯାଇଥିଲା । ମଙ୍ଗବାର ସକାଳେ ପାରମ୍ପରିକ ରୀତିନୀତି ଅନୁଯାଇ ମା'ଙ୍କର ଘଟଯାତ୍ରା, ମହାସ୍ନାନ, ଷୋଡ଼ଶ ଉପଚାର ପୂଜା କରାଯାଇଥିଲା ।

## ସାପ କାମୁଡ଼ାରେ ୫ ବର୍ଷର ଶିଶୁପୁତ୍ର ମୃତ

ନିଶ୍ଚିନ୍ତକୋଇଲି,୨୩।୪
(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ବ୍ଲକ ବାବୁଜଙ୍ଗ ପଞ୍ଚାୟତ ଅନ୍ତର୍ଗତ ଭୂୟାଁ ସାହିରେ ସାପୁକାମୁଡ଼ାରେ ଜଣେ ୫ ବର୍ଷର ଶିଶୁପୁତ୍ରର ମୃତ୍ୟୁ ଘଟିଛି । ସେ ହେଲେ ଉକ୍ତ ଗ୍ରାମର ଶିବପ୍ରସାଦ ମହାପାତ୍ରଙ୍କ ୫ ବର୍ଷର ଶିଶୁପୁତ୍ର ଶ୍ରୀଭାସୁ । ଏନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ଶିବ ପ୍ରସାଦ ମହାପାତ୍ରଙ୍କ ପରିବାର ଲୋକେ ସୋମବାର ରାତିରେ ଖାଇବା ପରେ ଘରେ ଶୋଇଥିଲେ । ବିଳମ୍ବିତ ରାତିରେ ପୁଅ ଶ୍ରୀଭାସୁଙ୍କୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା । ଚିତ୍କାର ଶୁଣି ପରିବାର ଲୋକେ ତୁରନ୍ତ ତାକୁ ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନାକୁ ନେଇଥିଲେ । ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ । ଶ୍ରୀଭାସୁର ମୃତଦେହ ବ୍ୟବଚ୍ଛେଦ ପରେ ଗ୍ରାମକୁ ଅଣାଯାଇଥିଲା । ଶୋକାକୁଳ ପରିବେଶରେ ତାର ମୃତଦେହ ସଂସ୍କାର ହୋଇଛି । ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସରପଞ୍ଚ ମିଳନ ଭୂୟାଁ, ସମିତି ସଭ୍ୟ ଅଭୟ ଲେଙ୍କା, ସାମାଜିକ କର୍ମୀ ଜମ୍ନେଶ୍ୱର ବେଉରା ପ୍ରମୁଖ ଦାବି କରିଛନ୍ତି ।

# ୩ ସ୍ଥାନରେ ଅଗ୍ନିକାଣ୍ଡ

ବାଙ୍କୀ,୨୩ । ୪(ଜ୍ଞାନେନ୍ଦ୍ର ମୋହନ ମିଶ୍ର )

ବାଙ୍କୀର ୩ଟି ଜାଗାରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି । ବାଙ୍କୀ ଏନଏସି ଅନ୍ତର୍ଗତ ଶ୍ରୀଚନ୍ଦନପୁର ଗ୍ରାମରେ ପୂର୍ବାହ୍ନ ପ୍ରାୟ୧୦ଟା ୩୦ମିନିଟ ସମୟରେ ନିଆଁ ଲାଗି ୨ଟି ପାଳଗଦା, ବାଉଁଶବୁଦା, ଆମ୍ବ ଓ ଶାଗୁଆନ ଗଛ ଥିବା ବଗିଚା କ୍ଷତିଗ୍ରସ୍ତ ହୋଇଛି । ସେହିପରି ଡମପଡ଼ା ବ୍ଲକ ହରିରାଜପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟି ୨ଏକର ଘାସ ଚାଷ ଜମି ଜଳିଯାଇଛି । ଡମପଡ଼ା ବ୍ଲକ ରଗଡି ଗ୍ରାମସ୍ଥିତ ଛକରେ ଥିବା ଏକ ଚା' ଓ ଭେରାଇଟ ଷ୍ଟୋରରେ ଏଲପିଜି ଗ୍ୟାସ ଲିକ୍ ହୋଇ ନିଆଁ ଲାଗିଯାଇଥିଲା । ଫଳରେ ସେଠାରେ ସମସ୍ତ ସାମଗ୍ରୀ ଓ ଆସବାବପତ୍ର ଜଳିଯାଇଛି । ଖବରପାଇ ବାଙ୍କୀ ଦମକଳ ଅଧିକାରୀ ପ୍ରଫୁଲ୍ଲ କୁମାର ଓଝାଙ୍କ ନେତୃତ୍ୱରେ ଦମକଳ କର୍ମଚାରୀ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ।

# ମା' ଶ୍ୟାମାକାଳୀ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ମାଣିଆବନ୍ଧ,୨୩।୪ (ଅଖିଳ କୁମାର ସାହୁ)

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଧୋବଣୀନାଳ ନିକଟ ପାଟ୍ଟଳୀପୁରମସ୍ଥିତ ମା'ଶ୍ୟାମାକାଳୀ ପୀଠରେ ୩ଦିନ ବ୍ୟାପୀ ବିଶ ଶାନ୍ତି ମହାଯଜ୍ଞ ଓ ପ୍ରବଚନ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ରବିବାର ଅଧିବାସ ଓ ଅଗ୍ନିସ୍ଥାପନ କରାଯାଇଥିଲା । ସୋମବାର ନାମ ସଂକୀର୍ତ୍ତନ, ପ୍ରବଚନ ଅନୁଷ୍ଠିତ ହୋଇଥିଲା । ମଙ୍ଗଳବାର ମା'ଶ୍ୟାମାକାଳୀଙ୍କ ପୂଜାନୀତି ସହ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା । ପଣ୍ଡିତ ପବିତ୍ର କୁମାର ଦାଶ, ଚତୁର୍ଭୁଜ ଦାଶଙ୍କ ଦାରା ମହାଯଜ୍ଞ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ପ୍ରଦ୍ୟୁମ୍ନ କୁମାର ରଥ, ଶାନ୍ତିଲତା ମହାପାତ୍ର କର୍ତ୍ତାକର୍ତ୍ତ୍ରୀଭାବେ ଦାୟିତ୍ୱ ତୁଲାଇ ଥିଲେ । ଶ୍ୟାମାକାଳୀ ଯଜ୍ଞ କମିଟି ସଭାପତି ପ୍ରଦ୍ୟୁମ୍ନ କୁମାର ରଥ, ସମ୍ପାଦକ ଜୟାନନ୍ଦ ବେହେରା, କର୍ମକର୍ତ୍ତା ଶ୍ରୀଧର ସାହୁ, ତ୍ରିଲୋଚନ ଖୁଣ୍ଟିଆ, ଅଶୋକ ମହାପାତ୍ର,ମହେଶ୍ୱର ମନ୍ତ୍ରୀ, ଜୟପ୍ରକାଶ ରଥ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଗ୍ଲୋବାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟରେ ବିଜ୍‌ନେସ୍ କୁଇଜ ପ୍ରତିଯୋଗିତା

ଭୁବନେଶ୍ୱର,୨୩।୪(ଅନୁରାଧା ମହାରଣା)

ଗ୍ଲୋବାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଓ ବିଜ୍‌ନେସ ଷ୍ଟାଣ୍ଡାର୍ଡ ପକ୍ଷରୁ ଇନ୍‌ଷ୍ଟିଚ୍ୟୁଟ୍ ପରିସରରେ ଏକ ବିଜ୍‌ନେସ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଏମ୍‌ବିଏ ଓ ଏମ୍‌ସିଏ ପାଠ୍ୟକ୍ରମର ୭୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ବିଜ୍‌ନେସ ଷ୍ଟାଣ୍ଡାର୍ଡ ପକ୍ଷରୁ ପ୍ରସ୍ତୁତ ପ୍ରଶ୍ନଗୁଡିକ ଉଭୟ ବ୍ୟବସାୟିକ ଓ ପ୍ରଦ୍ୟୋଗିକ ବିଷୟ ଉପରେ ଆଧାରିତ ଥିଲା । କାର୍ଯ୍ୟକ୍ରମରେ ବିଜ୍‌ନେସ ଷ୍ଟାଣ୍ଡାର୍ଡର ଗ୍ରୁପ୍ ଅଫିସର ତପନ କୁମାର ଲେଙ୍କା ଓ ଆସିଷ୍ଟାଣ୍ଟ ମ୍ୟାନେଜର ରାଜେଶ ପଟ୍ଟନାୟକ ଉପସ୍ଥିତ ଥିଲେ । ଏମ୍‌ବିଏ ପ୍ରଥମ ବର୍ଷର ଛାତ୍ରୀ ଶୁଭଲକ୍ଷ୍ମୀ ମହାନ୍ତି ପ୍ରଥମ ସ୍ଥାନ ହାସଲ କରିଥବାବେଳେ ଏମ୍‌ବିଏ ପ୍ରଥମ ବର୍ଷର ଛାତ୍ର କିଷାନ ଭଞ୍ଜ ଦ୍ୱିତୀୟ ଓ ଏମ୍‌ବିଏ ପ୍ରଥମ ବର୍ଷର ଛାତ୍ର ପି ବାସୁଦେବ ନାଇଡୁ ତୃତୀୟ ସ୍ଥାନ ଅଧିକାର କରିଥିଲେ । ପୁରସ୍କାର ବିତରଣ ଉତ୍ସବରେ ଅନୁଷ୍ଠାନର ଡିନ୍ ପ୍ରଫେସର ବିପୁଲ କୁମାର, ବରିଷ୍ଠ ଅଧାପକ ଦେବାଶିଷ ନନ୍ଦ ଓ ବିଜ୍‌ନେସ ଷ୍ଟାଣ୍ଡାର୍ଡର ଗ୍ରୁପ୍ ଅଫିସର ତପନ କୁମାର ଲେଙ୍କା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ପ୍ରଫେସର ରାଜାରାମ ରାଉତ ଓ ପ୍ରଫେସର ଡ. ତୁଲିକା ସିଂ ଓ ପ୍ରଫେସର ବିଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଫେସର ଦୀପା ବିଶ୍ୱାଳ ଓ ପ୍ରଫେସର ଡ. ଆଦ୍ୟାଶା ଶୁଭଦର୍ଶିନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।


ବିଜ୍‌ନେସ କୁଇଜ ପ୍ରତିଯୋଗିତାରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ।

# ସୃଷ୍ଟି ହସ୍ପିଟାଲରେ ବିରଳ ଅସ୍ତ୍ରୋପଚାର

## ଲାଳଗ୍ରନ୍ଥିରୁ ବାହାରିଲା ଷ୍ଟୋନ୍

ଭୁବନେଶ୍ୱର,୨୩।୪
(ଅନୁରାଧା ମହାରଣା)

କଟକ ରିଂରୋଡ୍‌ସ୍ଥିତ ସୃଷ୍ଟି ହସ୍ପିଟାଲରେ ଏକ ବିରଳ ଅସ୍ତ୍ରୋପଚାର କରାଯାଇ ଜଣେ ରୋଗୀଙ୍କ ଲାଳଗ୍ରନ୍ଥିରୁ ଷ୍ଟୋନ ବାହାର କରାଯାଇଛି । ସର୍ବନିମ୍ନ ଇନ୍‌ଭାସିଭ୍ ସିଆଲେଣ୍ଡୋସ୍କୋପି ମାଧ୍ୟମରେ ଡାକ୍ତର ଦୀପ୍ତିମାନ ବଳିୟାର ସିଂ ଓ ଟିମ୍ ଏହି ଜଟିଳ ଅସ୍ତ୍ରୋପ୍ରଚାର କରିଥିବାବେଳେ ରୋଗୀ ଏବେ ସୁସ୍ଥ ଥିବା ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି । ସୂଚନା ଥାଉକି, ପୂରା ପାଟିର ସୁସ୍ଥତା ପାଇଁ ସାଲିଭାରି ଗ୍ରନ୍ଥିଗୁଡିକ ଲାଳ ସୃଷ୍ଟି କରିଥାଏ । ଏହା ଚୋବାଇବା, ଗିଳିବା ଏବଂ ସହଜରେ କହିବା ପାଇଁ ପାଟିକୁ ଆର୍ଦ୍ର ରଖିବାରେ ସାହାଯ୍ୟ କରିଥାଏ । ଏଥିସହ ଖାଦ୍ୟ ହଜମ ପ୍ରକ୍ରିୟା ସହଜ କରିବା ସହ ବିଭିନ୍ନ ସଂକ୍ରମଣରୁ ମଧ୍ୟ ସୁରକ୍ଷା ଦେଇଥାଏ । ଲାଳଗ୍ରନ୍ଥିର ସଂକ୍ରମଣ ହେତୁ ସିଆଲାଡେନାଇଟିସ, ଲାଳଗ୍ରନ୍ଥି ଷ୍ଟୋନ୍ (ସିଆଲୋଲିଥିଆସିସ), ସିଷ୍ଟ, ପ୍ଲୋମୋର୍ଫିକ ଆଡେନୋମା, ୱାର୍ଟିନ ଟ୍ୟୁମର୍ ପାରୋଟିଡ ଭଳି ସମସ୍ୟା ଦେଖାଯାଇଥାଏ । ଏହି ସଂକ୍ରମଣ ଦ୍ୱାରା ଗ୍ରନ୍ଥି ଫୁଲା ସହ ଅନ୍ୟାନ୍ୟ ଲକ୍ଷଣ ପ୍ରକାଶ ପାଇଥାଏ । ଗ୍ରନ୍ଥିଗୁଡିକ ଧୀରେ ଧୀରେ ଫୁଲିବା ସହ ବିନା ଯନ୍ତ୍ରଣାରେ ଆକାର ବୃଦ୍ଧି ପାଇଥାଏ ଏବଂ ଗ୍ରନ୍ଥିଗୁଡିକ କ୍ଷତିକାରକ ଟ୍ୟୁମରରେ ପରିଣତ ହୋଇ ଯନ୍ତ୍ରଣାଦାୟକ ହୋଇଥାଏ । ବାରମ୍ବାର ସଂକ୍ରମଣ କ୍ରନିକ ରୋଗର କାରଣ ହୁଏ ଏବଂ ପ୍ରାୟତଃ ଏକ ଲାଳ ଗ୍ରନ୍ଥି ଷ୍ଟୋନ୍ ସୃଷ୍ଟି କରେ । ଏହି ଗ୍ରନ୍ଥିଗୁଡିକରେ ଥିବା ଷ୍ଟୋନ୍‌ଗୁଡିକର ନିରାକରଣ ପାଇଁ ସିଟି ସ୍କାନ କିମ୍ବା କୋନ୍ ବିମ୍ ସିଟି ସ୍କାନ ସହ ସମୟେ ସମୟେ ଏମ୍‌ଆର ସିଆଲୋଗ୍ରାଫିର ଆବଶ୍ୟକତା ପଡ଼ିଥାଏ । ରିମାଟୋଲୋଜିଷ୍ଟଙ୍କ ତତ୍ତ୍ୱାବଧାନରେ ରୋଗର ଚିକିତ୍ସା କରାଯାଉଥିବାବେଳେ ବ୍ୟାକ୍ଟେରିଆ ସଂକ୍ରମଣ ହୋଇଥିଲେ ଆଣ୍ଟିବାୟୋଟିକ, ଆନାଲେଜିକ୍ସ ଏବଂ ସିଆଲାଗୋଗସ ଅଧିକ ଲାଳ ସୃଷ୍ଟି ପାଇଁ ଭିଟାମିନ-ସି ଜନିତ ଖାଦ୍ୟ ଏବଂ ଔଷଧ ସେବନ ପାଇଁ ପରାମର୍ଶ ଦିଆଯାଇଥାଏ । ଏହାଦ୍ୱାରା ସିଆଲେଣ୍ଡୋସ୍କୋପି ଗ୍ରନ୍ଥିକୁ ବଞ୍ଚାଇବାରେ ସାହାଯ୍ୟ କରେ । ଏହି ଅସ୍ତ୍ରୋପଚାର ଓଡ଼ିଶାରେ ପ୍ରଥମଥର ହୋଇଥିବା ବେଳେ ଏପରି ରୋଗରୁ ରକ୍ଷା ପାଇବା ପାଇଁ ଧୂମପାନ, ମଦ୍ୟପାନରୁ ଦୂରେଇ ରହିବାକୁ ଡା. ଦୀପ୍ତିମାନ ପରାମର୍ଶ ଦେଇଛନ୍ତି ।


ଡାକ୍ତର ଦୀପ୍ତିମାନ ବଳିୟାର ସିଂ ଓ ଟିମ୍ ଅସ୍ତ୍ରୋପଚାର କରୁଛନ୍ତି ।

## ସଂକ୍ଷେପରେ

### ଚୈତିପର୍ବ, ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

**କଣାସ, ୨୩।୪(ବିଭୂତି ଭୂଷଣ ତ୍ରିପାଠୀ)**

କଣାସ ବ୍ଲକ କଣାସ ପଞ୍ଚାୟତର ଜଳିଆପଡ଼ା ଠାରେ ମା’ ମଙ୍ଗଳା ମାତୃଶକ୍ତି ପୀଠରେ ଗତ ୨୦ତାରିଖରୁ ଆରମ୍ଭ ହୋଇଥିବା ଚୈତି ପର୍ବ ଏବଂ ଦ୍ୱାବିଂଶତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ମଙ୍ଗଳବାର ଅପରାହ୍ନରେ ସହସ୍ରାଧିକ ଭକ୍ତଙ୍କ ହରିବୋଲ ଓ ହୁଳହୁଳି ଧ୍ୱନି ମଧ୍ୟରେ ପୂର୍ଣ୍ଣାହୂତି ସହ ଉଦ୍‌ଯାପିତ ହୋଇଯାଇଛି। ୪ଦିନ ଧରି ଅଙ୍କୁରାରୋପଣ, ମଣ୍ଡଳକରଣ, ଜଳଯାତ୍ରା, ଅଗ୍ନିସ୍ଥାପନ, ସୂର୍ଯ୍ୟପୂଜା, ଚଣ୍ଡୀପାଠ, ଅଭିଷେକ, ଯଜ୍ଞାହୁତି ଓ ଅଳତାସେବା ସହିତ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା। କଣାସ ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀଙ୍କ ସମେତ ପୋଲିସ୍ ଫୋର୍ସ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ପ୍ରସାଦ ସେବନ ବ୍ୟବସ୍ଥା ସହ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### ହେଙ୍ଗୁଳା ଯାତ୍ରା ଉଦ୍‌ଯାପିତ

**ବ୍ରହ୍ମଗିରି, ୨୩।୪(ସ୍ୱାଧୀନ ଚମ୍ପତିରାୟ)**

ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ମାତଲାପୁରଠାରେ ମା’ ହେଙ୍ଗୁଳାଙ୍କ ଯାତ୍ରା ଓ ବିଶ୍ୱଶାନ୍ତି ମହାଯଜ୍ଞ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। କିମ୍ବଦନ୍ତୀ ଅନୁଯାୟୀ, ପ୍ରାୟ ୨୦୦ ବର୍ଷ ତଳେ ଚିଲିକାରୁ ମା’ଙ୍କ ସ୍ୱପ୍ନାଦେଶ ପାଇ ମାତଲାପୁର ଗ୍ରାମବାସୀ ଶିଳା ରୂପରେ ଉଦ୍ଧାର କରି ଗ୍ରାମ ମଧ୍ୟରେ ସ୍ଥାପନ କରିଥିଲେ। ସେହି ଦିନଠାରୁ ବ୍ରହ୍ମଗିରି ଏବଂ କୃଷ୍ଣପ୍ରସାଦ ଅଞ୍ଚଳରେ ଅଗ୍ନି କୋପରୁ ମା’ ରକ୍ଷା କବଚ ହୋଇ ପୂଜିତ ହୋଇ ଆସୁଛନ୍ତି। ଚଳିତ ବର୍ଷ ଚୈତ୍ର ଦଶମୀଠାରୁ ହେଙ୍ଗୁଳା ଯାତ୍ରା ଆରମ୍ଭ ହୋଇ ୬ଦିନ ଧରି ଚାଲିଥିଲା। ମଙ୍ଗଳବାର ଥିଲା ପୂର୍ଣ୍ଣାହୁତି। ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ପ୍ରସ୍ତୁତି ହୋଇଥିଲା। ଆତସବାଜି ପ୍ରଦର୍ଶନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମନୋରଞ୍ଜନ ରାୟ, କାଶୀନାଥ ନାୟକ, ରାଜେନ୍ଦ୍ର ପଲାଇ ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଭୋଟର ସଚେତନତା କାର୍ଯ୍ୟକ୍ରମ

**ପିପିଲି, ୨୩।୪(ଦୁର୍ଗାମାଧବ ମିଶ୍ର)**

ନିର୍ବାଚନ ପର୍ବ ଦେଶର ଗର୍ବ। ଏହି ବାର୍ତ୍ତା ନେଇ ନିର୍ବାଚନ କମିଶନ ନିର୍ବାଚନ ପରିଚାଳନା କରୁଛନ୍ତି। ଯେପରି କୋଣସି ମତଦାତା ଏହି ପର୍ବରୁ ବଞ୍ଚିତ ରହି ନ ଯାନ୍ତି ସେ ନେଇ ପିପିଲି ମହାବିଦ୍ୟାଳୟରେ ବ୍ଲକ ପ୍ରଶାସନ ତରଫରୁ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଯୁବ ଭୋଟରଙ୍କୁ ଆକୃଷ୍ଟ କରିବା ସହ ଅଧିକ ମତଦାନ ହାର ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ବ୍ଲକ ଉନ୍ନୟନ ଅଧିକାରୀ ସରୋଜ କୁମାର ରାଉତ, ତହସିଲଦାର ଦିଲିପ କୁମାର ମାଝୀ, ଏବିଡିଓ ଶୈଳବାଳା ତ୍ରିପାଠୀ, ଜିପିଇଓ ଗାୟତ୍ରୀ ପଣ୍ଡା ଏବଂ କଲେଜର ଅଧ୍ୟକ୍ଷ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଝୋଟି, ଚିତ୍ରାଙ୍କନ ଓ ସ୍ଲୋଗାନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସୁହାନା ପରୱିନ, ବିଷ୍ଣୁ ପ୍ରସାଦ ଭୁୟାଁ, ପୂର୍ଣ୍ଣିମା ସାହୁ, ସମୀକ୍ଷା ସାହୁ, ସ୍ରୋତସ୍ୱିନୀ ସ୍ୱାଇଁ ପ୍ରମୁଖ ପ୍ରତିଯୋଗିତାରେ ବିଜୟୀ ହୋଇଥିଲେ। ପିପିଲି ନିର୍ବାଚନମଣ୍ଡଳୀର ରିଟର୍ନିଂ ଅଫିସର ନୀଳମାଧବ ମାଝି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ହରିଶ୍ଚନ୍ଦ୍ର ପତି ଉକ୍ତ କାର୍ଯ୍ୟକ୍ରମକୁ ସଂଚାଳିତ କରିଥିଲେ।

# ଅସ୍ଥାୟୀ ସୁରକ୍ଷା ପ୍ରାଚୀର ମରାମତିରେ ଅନିୟମିତତା

■ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ ଅଭିଯୋଗ
■ ଉଚ୍ଚସ୍ତରୀୟ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି

**କୋଣାର୍କ, ୨୩।୪(ଜ୍ୟୋତିରାଜ ମହାନ୍ତି):**



କୋଣାର୍କ-ପୁରୀ ଜାତୀୟ ରାଜପଥର ସାହୁଖଣ୍ଡତାଠାରେ ସମୁଦ୍ର ଜୁଆର ମାଡ଼ରେ ରାସ୍ତା ନଷ୍ଟ ହୋଇଯାଇଥିଲା। ତେବେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏହାର ସୁରକ୍ଷା ପାଇଁ ଟେଣ୍ଡର ବିନା ବହ୍ଲା ଓ ବାଲି ବସ୍ତା ପକାଇ କାମ କରିଥିବାବେଳେ ୫୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆତ୍ମସାତ ହୋଇଥିବା ସାଧାରଣରେ ଅଭିଯୋଗ ହେଉଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି।

ସୂଚନ ଅନୁଯାୟୀ, କିଛିଦିନ ତଳେ ବିନା ଟେଣ୍ଡରରେ ପ୍ରଭାବଶାଳୀ ବ୍ୟକ୍ତି ବିଶେଷଙ୍କ ଚାପରେ ପୁରୀ ଜାତୀୟ ରାଜପଥ ଉପଖଣ୍ଡ କାର୍ଯ୍ୟାଳୟ ପକ୍ଷରୁ କୋଣାର୍କ-ପୁରୀ ଜାତୀୟ ରାଜପଥର ମରାମତି କରାଯାଇଛି। ତେବେ କାମ ନିମ୍ନମାନର ହୋଇଥିବା ଅଭିଯୋଗ ହେବା ସହ ରାସ୍ତା ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଜଣାପଡ଼ିଛି। ଫଳରେ ବର୍ଷାଦିନେ ସାମୁଦ୍ରିକ ଜୁଆର ମାଡ଼ ଓ ବର୍ଷାପାଣିରେ ସାହୁଖଣ୍ଡତାଠାରେ ରାସ୍ତା ବିଚ୍ଛିନ୍ନ ହେବା ସହ କୋଣାର୍କ-ପୁରୀ ଯୋଗାଯୋଗ ବ୍ୟାହତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ବହ୍ଲାପୋତା ଓ ବାଲିବସ୍ତା ପକାଇବା ନାମରେ ବ୍ୟାପକ ଅନିୟମିତତା କରାଯାଇ ଅଧିକାରୀ ଏବଂ ଠିକାଦାର ଅର୍ଥ ଆତ୍ମସାତ୍ କରିଛନ୍ତି ବୋଲି କୋଣାର୍କ ଅଞ୍ଚଳବାସୀ ଅଭିଯୋଗ ଆଣିଛନ୍ତି। ଏହି ରାସ୍ତାର ସ୍ଥାୟୀ ସୁରକ୍ଷା ପାଇଁ ଉଚ୍ଚସ୍ତରୀୟ କମିଟି ଘଟଣାସ୍ଥଳ ପରିଦର୍ଶନ କରିବା ସହ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ପ୍ରଦାନ କରିବା ଏବଂ ଯୁଦ୍ଧକାଳୀନ ଭିତ୍ତିରେ ସିନ୍ଥେଟିକ ପ୍ରାଚୀର ନିର୍ମାଣ କରିବା ପାଇଁ କୋଣାର୍କ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି କରାଯାଇଛି। ପୂର୍ବରୁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅସ୍ଥାୟୀ ସୁରକ୍ଷା ପ୍ରାଚୀର ନିର୍ମାଣ ନାଁରେ ଅନିୟମିତତା କରାଯାଇଥିବା ଅଭିଯୋଗ ରହିଛି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ମୁଖ୍ୟ ଶାସନ ସଚିବ, ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଉଚ୍ଚସ୍ତରୀୟ ଅଧିକାରୀ, ଭିଜିଲାନ୍ସ ନିର୍ଦ୍ଦେଶକ ଏବଂ ପୁରୀ ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି। ଅନ୍ୟପକ୍ଷରେ ଏ ନେଇ ପୁରୀ ଜାତୀୟ ରାଜପଥ ବିଭାଗର ନିର୍ବାହୀ ଯନ୍ତ୍ରୀ ରବୀନ୍ଦ୍ର କୁମାର ଜେନା କହିଛନ୍ତି, ସାହୁଖଣ୍ଡତାଠାରେ ସମୁଦ୍ର ଜୁଆର ଦାଉରୁ ରାଜପଥକୁ ସୁରକ୍ଷା ଦେବା ପାଇଁ ସରକାରୀ ନିୟମ ଅନୁଯାୟୀ ପ୍ରାଚୀର ନିର୍ମାଣ କରାଯାଇଥିଲା। ଯଦି ଏହି କାର୍ଯ୍ୟରେ ଅନିୟମିତତା ହୋଇଥାଏ ତା’ହେଲେ ସମସ୍ତ ପ୍ରକାର ତଦନ୍ତର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ସେ ବୋଲି ଜେନା ପ୍ରକାଶ କରିଛନ୍ତି।

# ଜଳିଗଲା ଗ୍ରାମ୍ୟ ଜଙ୍ଗଲ

**ଅସ୍ତରଙ୍ଗ, ୨୩।୪(ମମତା ଜେନା):**

ଅସ୍ତରଙ୍ଗ ବ୍ଲକ ଆଦିକନ୍ଦପୁର ଶାସନ ଗ୍ରାମ୍ୟ ଜଙ୍ଗଲରେ ମଙ୍ଗଳବାର ଅପରାହ୍ନ ୪ଟାରେ ନିଆଁ ଲାଗିଥିଲା। ଗ୍ରାମବାସୀ ନିଆଁକୁ ଆୟତ୍ତ କରିବାକୁ ପ୍ରୟାସ କରିଥିଲେ ମଧ୍ୟ ପବନ ଯୋଗୁ ତାହା ବ୍ୟାପିଥିଲା। ଫଳରେ ଜଙ୍ଗଲ ଓ ପାଖରେ ଥିବା ଗଛଲତା ପୋଡ଼ିଯାଇଛି। ଖବର ପାଇ ସ୍ଥାନୀୟ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ଏ ନେଇ ଗ୍ରାମବାସୀ ଭୟଭୀତ ହେବା ସହ କେହି ଦୁର୍ବୃତ୍ତ ଏଭଳି କାଣ୍ଡ ଭିଆଇ ଥାଇପାରନ୍ତି ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି। ଶରତ କର, ବାଦଲ କର, ପ୍ରତାପ କର, ଅଜୟ କୁମାର କର ପ୍ରମୁଖ ଏ ନେଇ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ମା’ କୁଞ୍ଜେଶ୍ୱରୀଙ୍କ ଆଶୀର୍ବାଦ ଭିକ୍ଷାକଲେ ମନୋଜ



ମା’ କୁଞ୍ଜେଶ୍ୱରୀଙ୍କ ଦର୍ଶନ ଅବସରରେ କଂଗ୍ରେସ ପ୍ରାର୍ଥୀ ମନୋଜ ରଥ ଏବଂ ଅନ୍ୟମାନେ ।

**କଣାସ, ୨୩।୪(ବିଭୂତି ଭୂଷଣ ତ୍ରିପାଠୀ)**

ପୁରୀ ଜିଲା ସତ୍ୟବାଦୀ ବିଧାନସଭା ଆସନ ପାଇଁ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ମନୋଜ ରଥ ସୋମବାର କଣାସ ଅଞ୍ଚଳର ଆରାଧ୍ୟା ଠାକୁରାଣୀ ମା’ କୁଞ୍ଜେଶ୍ୱରୀଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିଛନ୍ତି। ତାଙ୍କ ସହିତ କଣାସ ବ୍ଲକ କଂଗ୍ରେସ ସଭାପତି ଆଇନଜୀବୀ ସଦାନନ୍ଦ ପ୍ରଧାନ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ସଂଗ୍ରାମ କେଶରୀ ବଳିୟାରସିଂ, ପୁରୁଖା କର୍ମୀ ସୁକାନ୍ତ ଛୁଆଳସିଂ ପ୍ରମୁଖ ଉପସ୍ଥିତ ଥିଲେ।

# କବାଡ଼ି ଟୁର୍ନାମେଣ୍ଟ: ପିପିଲି ଜିଏନ୍‌ଏସ୍‌ଓ ଦଳ ଚାମ୍ପିୟନ



ଟୁର୍ନାମେଣ୍ଟରେ ଟ୍ରଫି ସହ ଉଭୟ ଚାମ୍ପିୟନ ଦଳର ଖେଳାଳି।

**ସାକ୍ଷୀଗୋପାଳ, ୨୩।୪ (ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)**

ସେଭେନ ଷ୍ଟାର କବାଡ଼ି ବଏଜ ଟିମ୍ ସାକ୍ଷୀଗୋପାଳ ପକ୍ଷରୁ ସତ୍ୟବାଦୀର କୋଟଉପର ପଡ଼ିଆରେ ସୋମବାର ଏକ ଦିବାରାତ୍ର କବାଡ଼ି ଟୁର୍ନାମେଣ୍ଟ ଆୟୋଜିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୧୦ଟି ପୁରୁଷ କବାଡ଼ି ଦଳ ଓ ୪ଟି ମହିଳା କବାଡ଼ି ଦଳ ଅଂଶଗ୍ରହଣ କରିଥିଲେ। ପୁରୁଷ ଦଳରୁ ପିପିଲି ଜିଏନ୍‌ଏସ୍‌ଓ ଚାମ୍ପିୟନ ଟ୍ରଫି ହାତେଇଥିବା ବେଳେ ଚିଉଳପୁରର ଜନତା କ୍ଲବ ରନର୍ସ ଅପ୍ ହୋଇଥିଲା। ସେହିଭଳି ମହିଳା ଦଳରୁ ପିପିଲି ଜିଏନ୍‌ଏସ୍‌ଓ ଚାମ୍ପିୟନ ହୋଇଥିବାବେଳେ ସତ୍ୟବାଦୀ ମହିଳା ଦଳ ରନର୍ସ ଅପ୍ ହୋଇଥିଲା। ଖେଳ ଶିକ୍ଷକ ସଂଗ୍ରାମ କେଶରୀ ମହାନ୍ତି, ସୁଚିତ୍ର ଖଟେଇ, ରାମଚନ୍ଦ୍ର ସାହୁ, ହରିହର ଦାଶ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ସତ୍ୟବାଦୀ ବାଳିକା ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଜେନା ସହଯୋଗ କରିଥିଲେ। ଅତିଥି ଭାବେ ସଞ୍ଜୟ ଦାସବର୍ମା, ଦୀପକ ଶତପଥୀ, ମିହିର ସବିର ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ସି-ଭିଜିଲ ଆପ୍ ବ୍ୟବହାର ନେଇ ସଚେତନତା

**ସାକ୍ଷୀଗୋପାଳ, ୨୩।୪ (ଭରତ ରାଉତ)**

ସାଧାରଣ ନିର୍ବାଚନକୁ ଅବାଧ, ନିରପେକ୍ଷ ଏବଂ ଅଧିକ ସ୍ୱଚ୍ଛ କରିବା ପାଇଁ ନାଗରିକମାନଙ୍କୁ ସଚେତନ କରାଯାଉଛି। ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ହେଉଥିଲେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ସି- ଭିଜିଲ ଆପ୍ ସହାୟକ ହେଉଛି। ତେବେ ନିର୍ବାଚନ କମିଶନଙ୍କ ପକ୍ଷରୁ ଏହି ସ୍ୱତନ୍ତ୍ର ବ୍ୟବସ୍ଥା ଭୋଟରମାନେ ଠିକ ଭାବେ ଜାଣିନାହାନ୍ତି। ତେଣୁ ଏହାର ବ୍ୟାପକ ପ୍ରଚାର ପ୍ରସାର କରିବା ପାଇଁ ପୁରୀର ଆସୋସିଏଶନ୍ ଅଫ୍ ଟୁଇଟର ଆକ୍ଟିଭିଷ୍ଟ ଆଗେଇ ଆସିଛି। ଏହି ଅବସରରେ ଆସୋସିଏଶନ୍ ତରଫରୁ ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବରାଳ ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଟୁଇଟର ସଂଘର ସଦସ୍ୟ ବିପିନ କୁମାର ମହାନ୍ତି ଓ ଦୀପକ ପ୍ରଧାନ ଯୋଗଦେଇ ଏହି ଆପ୍ କ’ଣ ଓ ଏହାର ବ୍ୟବହାର ସମ୍ବନ୍ଧରେ ଲୋକଙ୍କୁ ବୁଝାଇଥିଲେ। ସେହିପରି ସାକ୍ଷୀଗୋପାଳ ମନ୍ଦିର ନିକଟରେ ସତ୍ୟବାଦୀ ଟୁଇଟର କ୍ଲବର ସଂଯୋଜକ ବିଶ୍ୱଜିତ ପଟ୍ଟନାୟକଙ୍କ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସତ୍ୟବାଦୀ ଦାସ, ଆଲୋକ ଖୁଣ୍ଟିଆ, କୃପାସିନ୍ଧୁ ପ୍ରଧାନ, ଧୀରେନ୍ଦ୍ର ସେନାପତି, ରାଜକିଶୋର ସେନାପତି ପ୍ରମୁଖ ଯୋଗଦେଇଥିଲେ। ଏନେଇ ବରିଷ୍ଠ ଖବରଦାତା ଦେବଦତ୍ତ ମିଶ୍ର କହିଛନ୍ତି, କୌଣସି ଦଳ ବା କର୍ମୀ ବେଆଇନ କାର୍ଯ୍ୟ କରୁଥିଲେ ଲୋକେ ସି ଭିଜିଲ ଆପ୍ ମାଧ୍ୟମରେ ଅଭିଯୋଗ କରିପାରିବେ। ଏଭଳି ଅଭିଯୋଗ ଆସିବାର ୧୦୦ ମିନିଟ ଭିତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବର୍ତ୍ତମାନ ସୁଦ୍ଧା ବହୁ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

# ପାଚିଲା ଧାନରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ

**କଣାସ, ୨୩।୪(ବିଭୂତି ଭୂଷଣ ତ୍ରିପାଠୀ)**

କଣାସ ବ୍ଲକ କାଦୁଆ ଗ୍ରାମପଞ୍ଚାୟତର ସାହାସପୁର ଗ୍ରାମ ନିକଟସ୍ଥ ଜମିରେ କଟାହୋଇ ପଡ଼ିଥିବା ପାଚିଲା ଧାନରେ ମଙ୍ଗଳବାର ମଧ୍ୟାହ୍ନରେ କୌଣସି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଛନ୍ତି। ଫଳରେ ୧୦ ବସ୍ତାରୁ ଉର୍ଦ୍ଧ୍ୱ ଧାନ ପୋଡ଼ି ପାଉଁଶ ହୋଇଯାଇଛି। ସୂଚନା ଅନୁଯାୟୀ, ସାହାସପୁର ମୌଜାରେ ନିକୁ ପ୍ରଧାନଙ୍କର ଧାନ ଅମଳ ହୋଇ ଜମିରେ ଶୁଖାଯାଇଥିଲା। ସେହିପରି ଗଦାଧର ପ୍ରଧାନଙ୍କ ଦୁଇମାଣ ଜମିରେ ଧାନ ଗଦା କରି ରଖାଯାଇଥିଲା। ଏହି ଧାନରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିଲେ। ଗ୍ରାମବାସୀ ଏହା ଦେଖି ଅକ୍ଳାନ୍ତ ଉଦ୍ୟମ କରି ନିଆଁ ଲିଭାଇଥିଲେ। କଣାସ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀଙ୍କୁ ଗ୍ରାମର କେତେକ ବ୍ୟକ୍ତି ଜଣାଇବାରୁ ସେ ରାଜସ୍ୱ ନିରୀକ୍ଷକଙ୍କୁ ତଦନ୍ତ କରିବାକୁ କହିଥିବା ଜଣାପଡ଼ିଛି।

# ଶିକ୍ଷା ସୌରଭ ପୁସ୍ତକର ଦ୍ୱିତୀୟ ସଂସ୍କରଣ ଉନ୍ମୋଚିତ

**କଣାସ, ୨୩।୪(ବିଭୂତି ଭୂଷଣ ତ୍ରିପାଠୀ):**

କୋମଳମତି ଛାତ୍ରୀଛାତ୍ରୀଙ୍କ ନିମନ୍ତେ ରଚିତ ପୁସ୍ତକ ‘ଶିକ୍ଷା ସୌରଭ’ର ଦ୍ୱିତୀୟ ସଂସ୍କରଣ ମଙ୍ଗଳବାର କଣାସ ବ୍ଲକ ସାନଓରାଠାରେ ଉନ୍ମୋଚିତ ହୋଇଯାଇଛି। କବି ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ଦ୍ୱାରା ଲିଖିତ ଉକ୍ତ ପୁସ୍ତକରେ ଗଣିତ, ସାଧାରଣ ଜ୍ଞାନ, ଭାଷା ଓ ଇଂଲିଶ ଆଧାରିତ ଅନେକ ଉପାଦେୟ ତଥ୍ୟ ରହିଛି। ବାଲେଶ୍ୱର ଶବର, ସଂଗ୍ରାମ କେଶରୀ ପ୍ରତାପସିଂହ, ଭାରତୀ ସାମନ୍ତରାୟ, ଓମ୍‌ପ୍ରକାଶ ସେଠୀ ପ୍ରମୁଖ ଶିକ୍ଷାବିତ୍ ପୁସ୍ତକର ସମୀକ୍ଷା କରିଥିଲେ। ସୂଚନା ଥାଉକି, ଶ୍ରୀଚନ୍ଦନଙ୍କର ଏହି ପୁସ୍ତକକୁ ମିଶାଇ ୨୦ଖଣ୍ଡ ପୁସ୍ତକ ପ୍ରକାଶିତ ହୋଇସାରିଛି।



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

# ସିରେଇ ଗ୍ରାମରେ ଟ୍ୟାଙ୍କର ପାଣି ପାଇଁ ଠେଲାପେଲା

**କଣାସ, ୨୩।୪(ବିଭୂତି ଭୂଷଣ ତ୍ରିପାଠୀ):**

କଣାସ ବ୍ଲକ ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବାରୁ ବର୍ଷସାରା ଏଠାରେ ପାନୀୟ ଜଳ ସମସ୍ୟା ଲାଗିରହୁଥିବାବେଳେ ଗ୍ରୀଷ୍ମଦିନେ ଅଧିକ ଉତ୍କଟ ହୋଇଥାଏ। ଫଳରେ ଏହା ବ୍ଲକ ଓ ଜିଲ୍ଲା ପ୍ରଶାସନର ମୁଣ୍ଡବ୍ୟଥାର କାରଣ ପାଲଟେ। ପ୍ରତ୍ୟେକ ବର୍ଷ ଏପ୍ରିଲ ୨ରୁ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ୩ମାସ ଧରି ସରପଞ୍ଚମାନଙ୍କ ତତ୍ତ୍ୱାବଧାନରେ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଇବାର ବ୍ୟବସ୍ଥା ହୋଇଥାଏ। ଚଳିତ ବର୍ଷ ମଧ୍ୟ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଣ କାର୍ଯ୍ୟକ୍ରମ ଚାଲିଛି। ପ୍ରବଳ ରୌଦ୍ରତାପ ଯୋଗୁ ସମସ୍ତ ପୋଖରୀ ଶୁଖିଯାଇଥିବାବେଳେ କୂପ, ନଳକୂପ ଜଳସ୍ତର ହ୍ରାସ ପାଇଛି। ତେଣୁ ସମସ୍ୟା ସଙ୍ଗିନ ହୋଇପଡ଼ିଛି। ମଙ୍ଗଳବାର ସିରେଇ ଗ୍ରାମରେ ଟ୍ୟାଙ୍କରରୁ ପାନୀୟଜଳ ନେବା ପାଇଁ ଲୋକେ ଠେଲାପେଲା ହେଉଥିବା ଦେଖିବାକୁ ମିଳିଥିଲା। ଦୁଇ-ତିନି ଦିନରେ ଥରେ ଟ୍ୟାଙ୍କରରେ ପାଣି ଆସୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଗ୍ରାମର ସାମାଜିକ କର୍ମୀ ବାବୁ ପରିଡ଼ା କହିଛନ୍ତି, ପ୍ରତ୍ୟେକ ପରିବାର ନିତ୍ୟ ବ୍ୟବହାର କରିବା ପାଇଁ ଡ୍ରମ୍ ଡ୍ରମ୍ ପାଣି ନେଉଥିବାରୁ ଏଭଳି ସମସ୍ୟା ସୃଷ୍ଟି ହେଉଛି। କେବଳ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଉଛି। ଜଳଉତ୍ସ ଶୁଖିଲା ପଡ଼ିଥିବାରୁ ଦୈନନ୍ଦିନ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ସରିଲା ମା’ ମଉନେଇଁଙ୍କ ଚୈତ୍ର ଯଜ୍ଞ ଉତ୍ସବ

**ସାକ୍ଷୀଗୋପାଳ, ୨୩।୪(ପ୍ରଶାନ୍ତ କୁମାର ବାରିକ/ କିଶୋର ମହାପାତ୍ର)**

ସାକ୍ଷୀଗୋପାଳ ବଡ଼ବଜାରରେ ପ୍ରତିଷ୍ଠିତ ଦେବୀ ମା’ ମଉନେଇଁ ଠାକୁରାଣୀଙ୍କ ଚୈତ୍ର ଯଜ୍ଞ ଉତ୍ସବ ମଙ୍ଗଳବାର ଶେଷ ହୋଇଛି। ରବିବାରଠାରୁ ଚାଲିଥିବା ଏହି ଯଜ୍ଞ ଉତ୍ସବରେ ଅଙ୍କୁରାରୋପଣ, କଳସଯାତ୍ରା, ସୂର୍ଯ୍ୟପୂଜା, ପଞ୍ଚକର୍ମ, ଯଜ୍ଞଶାଳା ପୂଜନ, ଚଣ୍ଡୀପାଠ, ପଞ୍ଚଦେବ ଆବାହନ ଓ ଦ୍ୱାରପାଳ ପୂଜା ପରେ ଯଜ୍ଞରେ ଆହୁତି ଦିଆଯାଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତି ଦିଆଯାଇଛି। ମା’ ମଉନେଇଁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଶକ୍ତିପ୍ରସାଦ ରାଓ, ବିଦ୍ୟାଧର ସାହୁ, ସଦାଶିବ ବେହେରାଙ୍କ ସମେତ ଅନ୍ୟ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରସାଦ ସେବନ ବ୍ୟବସ୍ଥା ସହିତ ତିନିଦିନ ଧରି ନାମ ସଂକୀର୍ତ୍ତନ କରାଯାଇଥିଲା। ପ୍ରତି ସନ୍ଧ୍ୟାରେ ସ୍ଥାନୀୟ ଗୋପାଳପୁର ପାଟଣା ଗ୍ରାମରେ ଆୟୋଜକ କମିଟି ପକ୍ଷରୁ ପ୍ରସ୍ତୁତ ସାଂସ୍କୃତିକ ମଞ୍ଚରେ ପ୍ରତିଷ୍ଠିତ କଳାକାରମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସୂଚନାଯୋଗ୍ୟ, ଶିଶୁଙ୍କ ଦୁରାରୋଗ୍ୟ ପୀଡ଼ାରୁ ଉପଶମ ପାଇଁ ରାଜ୍ୟର ଅନେକ ସ୍ଥାନରୁ ଶ୍ରଦ୍ଧାଳୁମାନେ ଦୈନିକ ଏଠାକୁ ଆସି ମା’ଙ୍କ ବେତରେ ଝାଡ଼ିହେବା ସହିତ କାଳିସି ଲୁଣ ମନ୍ତୁରାଇ ରୋଗୀଙ୍କୁ ଦେଇଥାନ୍ତି। ଏହି ଲୁଣ ସେବନ ଦ୍ୱାରା ଛୋଟ ପିଲାମାନେ ରୋଗରୁ ଆରୋଗ୍ୟ ହୋଇଥାନ୍ତି ବୋଲି ବିଶ୍ୱାସ ରହିଛି। ସେହିପରି ଠାକୁରାଣୀଙ୍କ ଗାଧୁଆପାଣି ପିଲା ପିଇଲେ ପୀଡ଼ାରୁ ଉପଶମ ମିଳୁଥିବା କୁହାଯାଏ।



ଯଜ୍ଞର ପୂର୍ଣ୍ଣାହୁତି ଦିଆଯାଉଛି।

# ‘ପ୍ରଯୁକ୍ତି ବିଦ୍ୟାର ବିକାଶ ଉତ୍ପାଦନ ବୃଦ୍ଧିରେ ସାହାଯ୍ୟ କରିଛି’

## ଏନ୍‌ଆର୍‌ଆର୍‌ଆଇର ପ୍ରତିଷ୍ଠା ଦିବସ ଓ ଧାନ ଦିବସ ପାଳିତ

**କଟକ, ୨୩।୪ (କାର୍ତ୍ତିକ ସାହୁ)**

କଟକ ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ (ଏନ୍‌ଆର୍‌ଆର୍‌ଆଇ)ର ୭୯ତମ ପ୍ରତିଷ୍ଠା ଦିବସ ଏବଂ ଧାନ ଦିବସ ପ୍ଲାଟିନମ୍ ଜୁବିଲି ସମ୍ମିଳନୀ କକ୍ଷରେ ମଙ୍ଗଳବାର ପାଳିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ଡ. ଅମରେଶ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୂଆଦିଲ୍ଲୀସ୍ଥିତ ଭାରତ ସରକାରଙ୍କ କୃଷି ଗବେଷଣା ଏବଂ ଶିକ୍ଷା ବିଭାଗର ସଚିବ ତଥା ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ମହାନିର୍ଦ୍ଦେଶକ ଡ. ହିମାଂଶୁ ପାଠକ ଭର୍ଚୁଆଲ୍‌ରେ ଯୋଗଦେଇ କହିଛନ୍ତି, ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ଅନୁସନ୍ଧାନ ଏବଂ ପ୍ରଯୁକ୍ତି ବିଦ୍ୟାର ବିକାଶ ଭାରତକୁ ଖାଦ୍ୟଶସ୍ୟ, ମାଛ, ଉଦ୍ୟାନ କୃଷି ଫସଲ ଏବଂ ଦୁଗ୍ଧ ଉତ୍ପାଦନକୁ ଅନେକ ଗୁଣା ବୃଦ୍ଧି କରିବାରେ ସାହାଯ୍ୟ କରିଛି। ଅନୁଷ୍ଠାନର ପଦକ୍ଷେପ ମଧ୍ୟ ପ୍ରାକୃତିକ ସମ୍ପଦ ପରିଚାଳନା, ଜଳବାୟୁ ସ୍ଥିରତା ଏବଂ ଅର୍ଥନୈତିକ କ୍ଷେତ୍ରରେ ଉନ୍ନତି ଆଣିଛି। ଏହି ଅବସରରେ ଡ. ପାଠକ ଦ୍ୱିତୀୟ ଡ. କେ. ରାମାୟା ଫାଉଣ୍ଡେଶନ୍ ଦିବସର ବ୍ୟାଖ୍ୟାନ ପ୍ରଦାନ କରିଥିଲେ।

ନୂଆଦିଲ୍ଲୀସ୍ଥିତ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଓ ଶିକ୍ଷା ବିଭାଗର ଉପମହାନିର୍ଦ୍ଦେଶକ ଡ. ଆର୍. ସି. ଅଗ୍ରୱାଲ କହିଛନ୍ତି, ଦେଶରେ ଉଦ୍ୟାନ କୃଷି, ମତ୍ସ୍ୟପାଳନ ଏବଂ ପ୍ରାଣୀ ବିଜ୍ଞାନ ସହିତ କୃଷିକ୍ଷେତ୍ରରେ ଅନୁସନ୍ଧାନ ଏବଂ ଶିକ୍ଷାର ସମନ୍ୱୟ, ମାର୍ଗଦର୍ଶନ, ପରିଚାଳନା ପାଇଁ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ହେଉଛି ସର୍ବୋଚ୍ଚ ସଂସ୍ଥା। ଏହା କୃଷି ଶିକ୍ଷାରେ ଉତ୍କର୍ଷତା ବୃଦ୍ଧି କରିବାରେ ଦୀର୍ଘଦିନ ଧରି ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛି। ଭାରତରେ କୃଷି ଶିକ୍ଷା ଏବଂ ଅନୁସନ୍ଧାନକୁ ଅଗ୍ରଗତି କରିବାରେ ଅନ୍ତର୍ଜାତୀୟ ସହଯୋଗ ଓ ସହଭାଗିତାର ଗୁରୁତ୍ୱ ଉପରେ ସେ ଆଲୋକପାତ କରିଥିଲେ।

ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ସହାୟକ ମହାନିର୍ଦ୍ଦେଶକ ଡ. ଏସ୍. କେ. ପ୍ରଧାନ କହିଛନ୍ତି, ଗୋଟିଏ ବର୍ଷରେ ୧୯ଟି ଧାନ କିସମର ବିକାଶ କରିବା ପାଇଁ ଏନ୍‌ଆର୍‌ଆର୍‌ଆଇର ପ୍ରୟାସ ପ୍ରଶଂସନୀୟ। ଜଳବାୟୁ ପରିବର୍ତ୍ତନ, ବିଶ୍ୱ ଜନସଂଖ୍ୟାର ବୃଦ୍ଧି ପରିପ୍ରେକ୍ଷୀରେ ଖାଦ୍ୟ ସୁରକ୍ଷା ଏବଂ କୃଷି ସ୍ଥିରତା ହାସଲ କରିବା ବର୍ତ୍ତମାନର ଆହ୍ୱାନ। ସେହିପରି ଓୟୁଏଟିର କୁଳପତି ଡ. ପି. କେ. ରାଉଳ କହିଛନ୍ତି, କୃଷି ସମସ୍ୟାର ସମାଧାନ, ଫସଲ ଉତ୍ପାଦନ ବୃଦ୍ଧି ଏବଂ ସ୍ଥାୟୀ କୃଷି ପ୍ରଣାଳୀକୁ ପ୍ରୋତ୍ସାହିତ କରିବା ପାଇଁ ଅତ୍ୟାଧୁନିକ ଗବେଷଣା ଚାଲୁରହିଛି। ଏହି ଅନୁଷ୍ଠାନ କୃଷକ ସମ୍ପ୍ରଦାୟ ମଧ୍ୟରେ ଏକ ଦୃଢ଼ ସମ୍ବନ୍ଧ ସ୍ଥାପନ କରିଚାଲିଛି, ଯାହା କୃଷକଙ୍କୁ ଉତ୍ପାଦନ ବୃଦ୍ଧି ତଥା ଅତିରିକ୍ତ ଆୟ ସୃଷ୍ଟି କରିବାରେ ସକ୍ଷମ କରୁଛି। ଏହି କାର୍ଯ୍ୟକ୍ରମରେ କୋଲକାତାସ୍ଥିତ ଅଟାରୀର ନିର୍ଦ୍ଦେଶକ ଡ. ପି. ଦେ, କେନ୍ଦ୍ରୀୟ ମଧୁର ଜଳ ଓ ଜୀବପାଳନ ଅନୁସନ୍ଧାନ ସଂସ୍ଥାର ନିର୍ଦ୍ଦେଶକ ଡ. ପି. କେ. ସାହୁ, ଭାରତୀୟ ଜଳ ପ୍ରବନ୍ଧନ ସଂସ୍ଥାନର ନିର୍ଦ୍ଦେଶକ ଡ. ଏ. ଷଡ଼ଙ୍ଗୀ, ଏଗ୍ରିଇନୋଭେଟ ଇଣ୍ଡିଆ ଲିମିଟେଡ୍‌ର ସିଇଓ ଡ. ପି. ମଲ୍ଲିକ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ୨୦ଟି ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏଥିସହ ୧୬ଜଣ ଅବସରପ୍ରାପ୍ତ କର୍ମଚାରୀ, ଅନୁଷ୍ଠାନର ୧୦ଜଣ ଶ୍ରେଷ୍ଠ କର୍ମୀ ଏବଂ ଦ୍ୱାଦଶ ଶ୍ରେଣୀର ଜଣେ ମେଧାବୀ ଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଡ. ରାହୁଲ ତ୍ରିପାଠୀ ଏବଂ ଡ. ଗୁରୁ ପ୍ରସନ୍ନ ପାଣ୍ଡି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ମା' ମଙ୍ଗଳାଙ୍କ ଝାମୁଯାତ୍ରା ଉଦ୍‌ଯାପିତ

■ମା'ଙ୍କ ରାଜରାଜେଶ୍ୱରୀ ବେଶ ଦର୍ଶନକଲେ ଶ୍ରଦ୍ଧାଳୁ



**କାକଟପୁର,୨୩।୪(ଶୁଭଦର୍ଶନ ମିଶ୍ର):** ଶ୍ରୀଜଗନ୍ନାଥ ସଂସ୍କୃତି ସହ ଜଡ଼ିତ କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ପ୍ରସିଦ୍ଧ ଝାମୁଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଭକ୍ତମାନେ ମା'ଙ୍କ ରାଜରାଜେଶ୍ୱରୀ ବେଶ ଦର୍ଶନ କରିଥିଲେ। ଚଳିତବର୍ଷ ଝାମୁଯାତ୍ରାର ବିଶେଷତ୍ୱ ରହିଛି। ପ୍ରତ୍ୟେକ ବର୍ଷ ବୈଶାଖ ମାସର ପ୍ରଥମ ମଙ୍ଗଳବାରକୁ ପଞ୍ଚମ ପାଳି ଝାମୁଯାତ୍ରା ଭାବେ ପାଳନ କରାଯାଉ ଥିବାବେଳେ ଚଳିତବର୍ଷ ଚୈତ୍ର ମାସରେ ପାଞ୍ଚଟି ଯାକ ମଙ୍ଗଳବାର ପଡ଼ିଛି। ତେଣୁ ଏହି ପାଳିରେ ପ୍ରାୟ ୭୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ ଓ କାକଟପୁର ପୋଲିସ ପକ୍ଷରୁ ବ୍ୟାରିକେଡ ଲଗାଇ ଶୃଙ୍ଖଳିତ ଦର୍ଶନ ଏବଂ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ସୋମବାର ରାତ୍ର ୧ଟା ୩୦ରୁ ଦ୍ୱାରଫିଟା ଓ ମଙ୍ଗଳ ଆଳତି, ସ୍ନାନ, ମାର୍ଜନା, ବେଶ, ଚନ୍ଦନଲାଗି, ସୂର୍ଯ୍ୟପୂଜା, ବଲ୍ଲଭ ଧୂପ ଏବଂ ସକାଳ ଧୂପ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ସକାଳ ୫ଟା ୩୦ରେ ସାହାଣମେଳା ପରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ଅପରାହ୍ନ ୧ଟା ୩୦ରୁ ୨ଟା ମଧ୍ୟରେ ଘଣ୍ଟ ପାଟୁଆ ନୃତ୍ୟ ସହ ଝାମୁ ଶେଷ ହୋଇଥିଲା। ପ୍ରବଳ ରୌଦ୍ରତାପ ସତ୍ତ୍ୱେ ଭକ୍ତଙ୍କ ପ୍ରବଳ ଭିଡ଼ ଜମିଥିଲା। ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ମାଗଣା ଅନ୍ନପ୍ରସାଦ ବଣ୍ଟନ ଏବଂ ଅବଢ଼ା ମିଶ୍ରିତ ଜଳଛତ୍ରର ବ୍ୟବସ୍ଥା କରି ଯାତ୍ରୀମାନଙ୍କୁ ଆପ୍ୟାୟିତ କରିବା ସହିତ ମା'ଙ୍କ ଆଶୀର୍ବାଦ ଭିକ୍ଷା କରୁଥିବା ଦେଖିବାକୁ ମିଳିଥିଲା।

### ନନ୍ଦନକାନନ: ନନ୍ଦନ, କଲରାପତରିଆ ବାଘ ଗୁରୁତର

**ବାରଙ୍ଗ, ୨୩।୪ (ଲିଙ୍ଗରାଜ ରାଉତ):** ପ୍ରାଣୀଉଦ୍ୟାନ ନନ୍ଦନକାନନ ବୁଲିବାକୁ ଆସୁଥିବା ପର୍ଯ୍ୟଟକଙ୍କ ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିବା ଜଙ୍ଗଲିବାଘ ନନ୍ଦନ ଗୁରୁତର ହୋଇପଡିଛି। ଦୀର୍ଘ ୩ ମାସ ଧରି ସ୍ନାୟୁଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ବେଳେ ତା'ର ସ୍ୱାସ୍ଥ୍ୟରେ ଉନ୍ନତି ଆସିପାରିନାହିଁ। ସେ ଏବେ ଗୁରୁତର ହୋଇପଡ଼ିଛି। ଗୋଟିଏ ଜାଗାରେ ପଡ଼ି ରହୁଥିବା ବେଳେ ଠିକ୍‌ରେ ବି ଖାଉନାହିଁ। ମଙ୍ଗଳବାର ଦାୟିତ୍ୱରେ ଥିବା କର୍ମଚାରୀଙ୍କଠାରୁ ଖବରପାଇ ଡାକ୍ତରମାନେ ପହଞ୍ଚିବା ପରେ ନନ୍ଦନକୁ ନିଶ୍ଚେତକ ଦିଆଯାଇ ଚିକିତ୍ସା ଜାରି ରହିଛି। ସେହିପରି ଗତ ମାର୍ଚ୍ଚ ୨୩ରେ ନନ୍ଦନକାନନକୁ ନୟାଗଡ଼ ଜିଲା ବୁଗୁଡ଼ା ଅଞ୍ଚଳରୁ ଉଦ୍ଧାର ହୋଇଆସିଥିବା ଗୋଟିଏ ୩ ବର୍ଷର ଅଣ୍ଡିରା କଲରାପତରିଆ ବାଘ ଅସୁସ୍ଥ ହୋଇପଡ଼ିଛି। ଠିକ୍‌ସେ ଖିଆପିଆ କରୁ ନ ଥିବା ବେଳେ ଅଚେତ ହୋଇ ପଡ଼ିରହୁଛି। ପ୍ରାଣୀଉଦ୍ୟାନରେ ଥିବା ଚିକିତ୍ସକ ଏହି ବାଘର ଚିକିତ୍ସା କରୁଥିବା ସୂଚନା ମିଳିଛି।

# ଚିଲିକା ନଳଘାସରେ ନିଆଁ ଲଗାଉଥିବା ୪ ଧରାପଡ଼ିଲେ

**ବାଲୁଗାଁ,୨୩।୪( ସଂଗ୍ରାମ ପାଇକରାୟ)**

ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଏବଂ ସିଡିଏର ମିଳିତ ଉଦ୍ୟମକ୍ରମେ ଚିଲିକା ନଳଘାସରେ ନିଆଁ ଲଗାଉଥିବା ତିନିଜଣ ଦୁର୍ବୃତ୍ତଙ୍କୁ ଭୂଷଣ୍ଡପୁର-ଚିଲିକା ନାଳୀ ନିକଟରୁ ମଙ୍ଗଳବାର ଅପରାହ୍ନରେ ଗିରଫ କରାଯାଇଛି। ସେମାନେ ହେଲେ ପୁରୀ ଜିଲା ଗଡ଼ିଶାଗୋଦା ଥାନା ଅଧୀନ ନୂଆଗାଁର ଗୋଲଖ ରାଉତ (୬୫), ସହଦେବ ସାହୁ (୩୪) ଏବଂ ଆଳିପଡା ଗ୍ରାମର ରାଜୀବ ପଲେଇ (୨୯)। ଏମାନଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଉଥିବା ବେଳେ ବୁଧବାର କୋର୍ଟଚାଲାଣ କରାଯିବ ବୋଲି ଡିଏଫ୍‌ଓ ଅମ୍ଲାନ୍ ନାୟକ ସୂଚନା ଦେଇଛନ୍ତି। ଅନୁରୂପଭାବେ ଦୁଇଦିନ ପୂର୍ବେ କାଳୁପଡା ନିକଟ ବରୁଣପଡା ଗ୍ରାମର ନିରଞ୍ଜନ ବେହେରା (୫୧)ଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କଠାରୁ ଦିଆସିଲି, କିରୋସିନ ଆଦି ଅଗ୍ନି ସଂଯୋଗକାରୀ ସାମଗ୍ରୀ ଏବଂ ମୋବାଇଲ ଫୋନ ଜବତ କରାଯାଇଛି।



ଧରାପଡ଼ିଥିବା ୪ ଅଭିଯୁକ୍ତ।

ସୂଚନାଥାଉ କି, ଗତ ୧୩ ତାରିଖ ଶନିବାର ମଧ୍ୟାହ୍ନରେ କାଳୁପଡା ଜେଟି ନିକଟ ଚିଲିକା ନଳଘାସରେ ହଠାତ୍ ଅଗ୍ନିକାଣ୍ଡ ଘଟି ଚାରିଆଡ଼େ ବ୍ୟାପୀ ଯାଇଥିଲା। ବହୁ ସଂଖ୍ୟାରେ ଜଳଚର ଜୀବ, ବିଦେଶାଗତ ପକ୍ଷୀ ଏବଂ ମତ୍ସ୍ୟଜୀବୀଙ୍କ ଡଙ୍ଗା, ଜାଲ ଆଦି କ୍ଷତିଗ୍ରସ୍ତ ହୋଇଥିଲା। ବନ କର୍ମଚାରୀ ମୋଟର ପମ୍ପ୍ ସାହାଯ୍ୟରେ ନିଆଁକୁ ଆୟତ୍ତ କରିବାରେ ସକ୍ଷମ ହୋଇଥିଲେ। ତେବେ ନିଆଁ କିପରି ଲାଗିଲା ସେ ଦିଗରେ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଥିଲା। ସିଡିଏ ଏସିଏଫ୍ ରଶ୍ମି ଚୌଧୁରୀ ଏବଂ ବନ୍ୟପ୍ରାଣୀ ବିଭାଗ ଡିଏଫ୍‌ଓ ଅମ୍ଲାନ ନାୟକଙ୍କ ତତ୍ତ୍ୱାବଧାନରେ ଅଗ୍ନି ନିରାପତ୍ତା ଷ୍ଟିଙ୍ଗ୍ ଅପରେଶନ ବାହିନୀ ସଦା ପୋଷାକରେ ଚାରୋଟି ଗ୍ରୁପ୍ ହୋଇ ସ୍ୱତନ୍ତ୍ର ଡଙ୍ଗା ଯୋଗେ ଚିଲିକା ନଳଘାସ ଅଞ୍ଚଳ ତଥା ଭୂଷଣ୍ଡପୁର, କାଳୁପଡା, ନଈରୀ, ମଙ୍ଗଳାଯୋଡ଼ି ଆଦି ସ୍ଥାନରେ ୫ଦିନ ହେବ ପଇଁତରା ମାରୁଥିଲେ। ଏପରିସ୍ଥଳେ ମଙ୍ଗଳବାର ଅପରାହ୍ନରେ ଭୂଷଣ୍ଡପୁର ନିକଟ ଚିଲିକା ନଳଘାସରେ ଅଗ୍ନି ସଂଯୋଗ କରୁଥିବା ତିନି ଦୁର୍ବୃତ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ ନିୟୋଜିତ ଟିମ୍। ତେବେ ସେମାନେ ମୁଖ୍ୟତଃ ନଳଘାସରେ ଆଶ୍ରୟ ନେଇଥିବା ଜଳଚର ଜୀବଜନ୍ତୁଙ୍କୁ ଶିକାର ଉଦ୍ଦେଶ୍ୟରେ ନିଆଁ ଲଗାଉଥିବା ଅନୁମାନ କରାଯାଉଛି। ତେବେ ଏ ସଂକ୍ରାନ୍ତରେ ତଦନ୍ତ ଜାରି ରହିଛି ବୋଲି ଡିଏଫ୍‌ଓ ସୂଚନା ଦେଇଛନ୍ତି।

# ବିଶ୍ୱ ପୁସ୍ତକ ଦିବସ

**ଟାଙ୍ଗୀ,୨୩।୪(ରଘୁନାଥ ସାହୁ)**

ନାଟୁଣୀର ଅଗ୍ରଣୀ ଅନୁଷ୍ଠାନ ଜାଗୃତିକା ପକ୍ଷରୁ ମଙ୍ଗଳବାର ବୃଷଭ ମଣ୍ଡପଠାରେ ବିଶ୍ୱ ପୁସ୍ତକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ଜାଗୃତିକାର ଉପଦେଷ୍ଟା ଦକ୍ଷିଣ କେଶରୀ ରାମଚନ୍ଦ୍ର କର ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ବିରଞ୍ଚି ନାରାୟଣ ପ୍ରସାଦ ନାୟକଙ୍କ ପ୍ରାରମ୍ଭିକ ସୂଚନା ପ୍ରଦାନ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ନାଟୁଣୀ କଲେଜ ଅଧ୍ୟକ୍ଷ ରାଜ କିଶୋର ସାହୁ, ଟାଙ୍ଗୀ ଦୁର୍ଗା ଚରଣ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରସନ୍ନ କୁମାର ଶତପଥୀ, ପର୍ଶୁରାମ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପକ ପ୍ରଦୀପ କୁମାର ଶତପଥୀ, କାଳିଜାଇ କଲେଜ ଅଧ୍ୟକ୍ଷ ଗଙ୍ଗାଧର ପ୍ରଧାନ, ଶିକ୍ଷାବିତ୍ ପଠାଣି ବଳବନ୍ତରାୟ, ସାମ୍ବାଦିକ ଦିଲୀପ କୁମାର ଶତପଥୀ, ଯୁବ ଜ୍ୟୋତି ହାଇସ୍କୁଲର ପ୍ରଧାନ ଶିକ୍ଷକ ଆଶିଷ କୁମାର ପତି, ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଣ୍ଡା, ବଉଳାବନ୍ଧ ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁଦର୍ଶନ ପରିଡା, ଶିକ୍ଷକ ଦୁର୍ଯ୍ୟୋଧନ ପ୍ରଧାନ, ଅଜିତ କୁମାର ମିଶ୍ର, ସୁରେଶ କୁମାର ହୋତା, ପୁରୁଷୋତ୍ତମ ମିଶ୍ର ପ୍ରମୁଖ ଯୋଗଦେଇ ବିଶ୍ୱ ପୁସ୍ତକ ଦିବସ ଉପରେ ଆଲୋକପାତ କରିବା ସହ ସାହିତ୍ୟ ଉପରେ ମଧ୍ୟ କହିଥିଲେ। ଶେଷରେ ଶିବ ପ୍ରସାଦ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# ପୂର୍ଣ୍ଣବିଗ୍ରହଙ୍କ ଦର୍ଶନ ସହ ଐତିହ୍ୟ ସମ୍ପର୍କରେ ପଚାରି ବୁଝିଲେ



**ଖୋର୍ଦ୍ଧା,୨୩।୪(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲା ଜାଗୁଳେଇପାଟଣାସ୍ଥିତ ପୂର୍ଣ୍ଣବିଗ୍ରହଙ୍କ ଦର୍ଶନ କରିଛନ୍ତି ଅଲ୍ ଓଡ଼ିଶା ମନ୍ଦିର ସେବାୟତ ସଂଘ ପ୍ରତିନିଧି ଦଳ। ସଂଘର ଏକ ପ୍ରତିନିଧି ଦଳ ଓଡ଼ିଶାର ବିଭିନ୍ନ ଜିଲା ଗସ୍ତ କରି ପ୍ରସିଦ୍ଧ ମନ୍ଦିର ଦର୍ଶନ ସହ ସେଠାକାର ଦେବଦେବୀ, ମଠ, ମନ୍ଦିରରେ କାର୍ଯ୍ୟରତ ସେବକ, ସେବାୟତମାନଙ୍କ ଆର୍ଥିକ ସ୍ଥିତି, ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରୁଛନ୍ତି। ଏହି କ୍ରମରେ ପ୍ରତିନିଧି ଦଳ ପୂର୍ଣ୍ଣବିଗ୍ରହଙ୍କ ଦର୍ଶନ ସହ ମନ୍ଦିରର ଐତିହ୍ୟ, ପରମ୍ପରା ସମ୍ପର୍କରେ ପଚାରି ବୁଝିଥିଲେ। ଅଲ୍ ଓଡ଼ିଶା ମନ୍ଦିର ସେବାୟତ ସଂଘ ପକ୍ଷରୁ ପ୍ରତିନିଧିମାନଙ୍କ ମଧ୍ୟରେ ସଭାପତି କାମେଶ୍ୱର ତ୍ରିପାଠୀ, ସମ୍ପାଦକ ସିଂହାରୀ ଆଲୋକ ଖୁଣ୍ଟିଆ, ସଦସ୍ୟ ହରିବନ୍ଧୁ କର, ରମେଶ ଚନ୍ଦ୍ର ପ୍ରମୁଖ ଥିଲେ। ସଂଘ ପକ୍ଷରୁ ଓଡ଼ିଶାର ସେବାୟତମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ସହିତ ସଭିଙ୍କୁ ସଙ୍ଗଠିତ କରିବା ପାଇଁ ପ୍ରୟାସ ଜାରି ରହିଛି ବୋଲି ସମ୍ପାଦକ ଖୁଣ୍ଟିଆ କହିଛନ୍ତି।

### ବୟାଳିଶ ସମାଜ ମହୋତ୍ସବ ପାଳିତ

**ପୁରୁଣା ଭୁବନେଶ୍ୱର,୨୩।୪(ସୁବାସ ଚନ୍ଦ୍ର ପ୍ରଧାନ)**

ଭୁବନେଶ୍ୱର ନିକଟବର୍ତ୍ତୀ ଜୟପୁର ମେଳଣ ପଡ଼ିଆରେ ଦ୍ୱିତୀୟ ବୟାଳିଶ ସମାଜ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ଅଭିନେତା ଜୀବନ ପଣ୍ଡା, ଭୁବନେଶ୍ୱର ବ୍ଲକ ଅଧ୍ୟକ୍ଷା ନିରୁପମା ସାହୁ, ସରପଞ୍ଚ ଅନୀତା ସୁବୁଦ୍ଧି, ଜୟନ୍ତୀ ବିଶ୍ୱାଳ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ସାମ୍ବାଦିକର ଡ. ସୌମ୍ୟା ପରିଡା, ମୁକେଶ ପରିଡା, ବିଶ୍ୱଜିତ୍ ଦାଶ, ପ୍ରଶମିତା ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ରିନାରାଣୀ ସ୍ୱାଇଁ (ଓଏଏସ୍) ଏବଂ ନର୍ମଦା ପ୍ରଧାନ (ଓଜେଏସ୍)ଙ୍କୁ 'ଦ୍ୱିତୀୟ ବୟାଳିଶ ଗୌରବ' ସମ୍ମାନ ପ୍ରଦାନ କରାଯାଇଥିଲା। ବୟାଳିଶ ସମାଜର ସଭାପତି ନିରଞ୍ଜନ ରାଉତରାୟଙ୍କ ଅକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ଅକ୍ଷୟ ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମନୋଜ ଖଟୁଆ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଲିଙ୍ଗରାଜ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଗୋଟିପୁଅ, ପାଇକ ଆଖଡ଼ା ଏବଂ ବିଶିଷ୍ଟ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା।

# ବାଦୀପାଲା ଉଦ୍‌ଯାପିତ



**ବେଗୁନିଆ,୨୩।୪(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ଥାନା ଅନ୍ତର୍ଗତ ଗୋପାଳପୁର ପଞ୍ଚାୟତ ନୟାପଲ୍ଲୀ ଗ୍ରାମର ପଲ୍ଲୀ ମଙ୍ଗଳ ଯୁବକ ସଂଘ ପକ୍ଷରୁ ମା' ଭୁଆସୁଣୀଙ୍କ ପୀଠରେ ଚାରିଦିନ ଧରି ଚାଲିଥିବା ବାଦୀପାଲା ଉଦ୍‌ଯାପିତ ହୋଇଛି। ଏଥିରେ ଗାୟିକା ମୀନାରାଣୀ ପୃଷ୍ଟି ଓ ବିଜୟିନୀ ହରିଚନ୍ଦନ ପାଲା ପରିବେଷଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ପ୍ରଦୀପ କୁମାର ସାହୁ ଓ ସରପଞ୍ଚ ପ୍ରଦୀପ କୁମାର ବାରିକ ଯୋଗଦେଇ ଉତ୍ସାହିତ କରିଥିଲେ। ଗ୍ରାମବାସୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ପଦପଦବୀ ଅପେକ୍ଷା ସମ୍ମାନ, ବିଶ୍ୱାସ ବଡ଼

**ଖୋର୍ଦ୍ଧା,୨୩।୪(ପ୍ରଭାତ ପାଣିଗ୍ରାହୀ)**

**ଭାଜପାରେ ପାଟ୍ଟଶାଣୀ ଯୋଗଦେବା ନେଇ ଚର୍ଚ୍ଚା**

■ ଶୀର୍ଷ ନେତୃତ୍ୱଙ୍କ ସହ ଆଲୋଚନା

■ ଖୋର୍ଦ୍ଧାରୁ ବିଧାୟକ ପ୍ରାର୍ଥୀ ଚର୍ଚ୍ଚା

ପାଖେଇ ଆସୁଛି ସାଧାରଣ ନିର୍ବାଚନ। ଭୁବନେଶ୍ୱର ଲୋକ ସଭା ଆସନ ପାଇଁ ବିଜେଡି ମନ୍ମଥ ରାଉତରାୟ, ଭାଜପା ଅପରାଜିତା ଷଡ଼ଙ୍ଗୀ ଏବଂ କଂଗ୍ରେସ ୟାସିର ନୱାଜଙ୍କୁ ପ୍ରାର୍ଥୀ କରିଛି। ୩ ପ୍ରମୁଖ ଦଳ ପ୍ରାର୍ଥୀ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ବିଜେଡି ଟିକେଟରୁ ଲଗାତର ୫ଥର ସାଂସଦ ହୋଇଥିବା ପ୍ରସନ୍ନ ପାଟ୍ଟଶାଣୀଙ୍କୁ ୨୦୧୯ରେ ପ୍ରାର୍ଥୀ ପରିବର୍ତ୍ତନ କରିଥିଲା। ୨୦୨୪ରେ ଚିଲିକାରୁ ତାଙ୍କୁ ପ୍ରାର୍ଥୀ କରିପାରେ ବୋଲି ପ୍ରଥମରୁ ଚର୍ଚ୍ଚା ହେଉଥିଲା। ମାତ୍ର ଦଳ ଚିଲିକାରୁ ରଘୁନାଥ ସାହୁଙ୍କୁ ପ୍ରାର୍ଥୀ କରିଛି। ଦଳରେ ପ୍ରସନ୍ନଙ୍କୁ ଅଣଦେଖା ନେଇ ସେ ଅସନ୍ତୁଷ୍ଟ ରହିଥିବା ଜଣାପଡ଼ିଛି। ଖୁବ୍‌ଶୀଘ୍ର ସେ ବିଜେଡି ଛାଡ଼ି ଭାଜପାରେ ଯୋଗ ଦେଇପାରନ୍ତି ବୋଲି ଆଲୋଚନା ହେଉଥିବାବେଳେ ଏନେଇ ସେ କୌଣସି ସ୍ପଷ୍ଟ ମତ ରଖିନାହାନ୍ତି। ଏହି ଖବର ପ୍ରଚାରିତ ହେବାପରେ ରାଜଧାନୀ ପାଣିପାଗ ସରଗରମ ହୋଇଉଠିଛି। ସେ ଭାଜପାରେ ଯୋଗଦେବେ କି ବିଜେଡିରେ ରହିବେ ତାହାର କୌଣସି ସ୍ପଷ୍ଟ ଚିତ୍ର ଆସି ନାହିଁ। ତେବେ ସେ ଭାଜପାରେ ଯୋଗଦେଲେ ଦଳ ତାଙ୍କୁ ଖୋର୍ଦ୍ଧାରୁ ପ୍ରାର୍ଥୀ କରିପାରେ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପଟେ ସେ ଓଡ଼ିଶାର ଜଣେ ପ୍ରଭାବଶାଳୀ ଭାଜପା ନେତାଙ୍କ ଜରିଆରେ ଦିଲ୍ଲୀ ଯାଇ ଶୀର୍ଷ ନେତୃତ୍ୱଙ୍କ ସହ କଥାବାର୍ତ୍ତା କରି ଫେରିଥିବା ଆଲୋଚନା ହେଉଛି।

ଅନ୍ୟପଟେ ପାଟ୍ଟଶାଣୀ ଜାରି କରିଥିବା ଏକ ପ୍ରେସ ବିବୃତିରେ କହିଛନ୍ତି, ଦୀର୍ଘ ୫୦ବର୍ଷ ଧରି ସେ ଲୋକଙ୍କ ଦ୍ୱାରା କିପରି ଆଦୃତ ହୋଇପାରିଛନ୍ତି ସେନେଇ ଉଲ୍ଲେଖ କରିଛନ୍ତି। ସେ ୪ଥର ବିଧାୟକ ହୋଇଥିବାବେଳେ ଭୁବନେଶ୍ୱରରୁ ୫ଥର ସାଂସଦ ହେବା ସହ ପ୍ରତିଥର ବିପୁଳ ଭୋଟରେ ବିଜୟ ଲାଭ କରିଛନ୍ତି। ବିଜେଡି ଟିକେଟ ପାଇବା ପରେ ଜିତିବା ସମ୍ଭାବନା ଅଧିକା ରହିଥାଏ। ତେବେ ୨୦୧୯ ନିର୍ବାଚନରେ ଟିକେଟ ପାଇ ମଧ୍ୟ କିଛି ପ୍ରାର୍ଥୀ ନିଜ ଦକ୍ଷତା, ଯୋଗ୍ୟତା, ଗ୍ରହଣୀୟତା କମ୍ ହେବାରୁ ପରାଜିତ ହୋଇଥିଲେ। ମୁଁ ବର୍ଷତମାମ ବିଭିନ୍ନ ସାଂସ୍କୃତିକ, ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, ରାଜନୈତିକ ସମାବେଶରେ ସବୁଠି ସକ୍ରିୟ ସହ ଲୋକଙ୍କ ସାଥିରେ ରହିଛି। ୨୦୨୪ ମୋର ଶେଷ ନିର୍ବାଚନ। ପଦପଦବୀ ଅପେକ୍ଷା ସମ୍ମାନ ଏବଂ ବିଶ୍ୱାସ ବଡ଼। ରାଜନୀତିରେ ସମୟ ବଡ଼ ବଳବାନ। ତେଣୁ କିଏ ରହିବ, ନ ରହିବ, କିଏ ଆସିବ, ଭବିଷ୍ୟତରେ କ'ଣ ହେବ ତାହା ସମୟ ଉପରେ ନିର୍ଭର। ପରବର୍ତ୍ତୀ ଆଭିମୁଖ୍ୟ କ'ଣ ହେବ ତାହା ସମୟ କହିବ ଏବଂ ଆଗାମୀ ଦିନରେ ସ୍ପଷ୍ଟ କରିବି ବୋଲି ପାଟ୍ଟଶାଣୀ କହିଛନ୍ତି।

### ମୋବାଇଲ ଚୋରଙ୍କୁ ୩ ବର୍ଷ ଜେଲଦଣ୍ଡ

**ଭୁବନେଶ୍ୱର,୨୩।୪(ସତ୍ୟଜିତ୍ ରାଉତ)**

ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟର ବିଚାରପତି ଶିଶିର କୁମାର ସାହୁ ମଙ୍ଗଳବାର ଜଣେ ମୋବାଇଲ ଚୋର ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେ ହେଲେ ବିଶ୍ୱଜିତ ନାୟକ ଓରଫ ବାଞ୍ଛା। ତାଙ୍କୁ ୩ ବର୍ଷ ଜେଲଦଣ୍ଡ ସହ ୧୫ ହଜାର ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟେ ବିଶ୍ୱଜିତ ଅଧିକ ୪ ମାସ ଜେଲଦଣ୍ଡ ଭୋଗିବେ ବୋଲି କୋର୍ଟ କହିଛନ୍ତି। ୨୦୨୩ ଜୁନ ୬ ଅପରାହ୍ନରେ ଅଭିଯୋଗକାରୀ ଅମିତ ନାୟକ ୟୁନିଟ-୧ କେଦାରପଲ୍ଲୀସ୍ଥିତ ଘରେ ବିଶ୍ରାମ ନେଉଥିବା ସମୟରେ ବିଶ୍ୱଜିତ ତାଙ୍କ ଘରେ ପଶି ମୋବାଇଲ ଚୋରି କରି ନେଇଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୩୫୯/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ବିଜେଡିର ନିର୍ବାଚନମଣ୍ଡଳୀ କାର୍ଯ୍ୟାଳୟ ଉଦ୍‌ଘାଟିତ



**ଜଟଣୀ,୨୩।୪(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ମୁଖ୍ୟ ରାସ୍ତା ରାମଚନ୍ଦ୍ରପୁରସ୍ଥିତ ଥାନା ଛକଠାରେ ବିଜେଡିର ନିର୍ବାଚନମଣ୍ଡଳୀ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଖୋର୍ଦ୍ଧା ଜିଲା ବିଜେଡି ସଭାପତି ତଥା ଜଟଣୀ ବିଜେଡି ବିଧାୟକ ପ୍ରାର୍ଥୀ ବିଭୂତି ଭୂଷଣ ବଳବନ୍ତରାୟ ଅତିଥିଭାବେ ଯୋଗଦେଇ ଏହି କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲା ଉପସଭାପତି ଉମା ପଟ୍ଟନାୟକ, ସୁଦର୍ଶନ ସୁନ୍ଦରାୟ, କୈଳାସ ମହାପାତ୍ର, ଜିଲା ସମ୍ପାଦକ ଅନନ୍ତ ଶତପଥୀ, ମନମୋହନ ରାଉତରାୟ, ଜଟଣୀ ନଗରପାଳ ଅନନ୍ତ ବେହେରା, ଉପାଧ୍ୟକ୍ଷା ଆରତୀ ରାଉତ, ନାରୀନେତ୍ରୀ ସ୍ମିତା ରାୟ, ଶଶାଙ୍କ ରାୟ, ଦୀପକ ମହାକୁଡ଼, ଚିତ୍ତ ସୁବୁଦ୍ଧିଙ୍କ ସମେତ ଜଟଣୀ ନଗର ଏବଂ ବ୍ଲକ ଅଞ୍ଚଳର ବହୁ ସଙ୍ଗଠକ, ନେତା ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ସାଧାରଣ ଭୋଟରଙ୍କୁ ଅବଗତ କରିବା ପାଇଁ କଳାକାରଙ୍କ ଦ୍ୱାରା ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା।

# ବିଦ୍ୟୁତ୍ ବିଭାଗ ଚାମ୍ପିୟନ

**ଜଟଣୀ,୨୩।୪(ରବୀନ୍ଦ୍ରନାଥ ମହାକୁଡ଼)**

ଇଷ୍ଟକୋଷ୍ଟ ରେଲୱେ ସ୍ପୋର୍ଟ୍ସ ଆସୋସିଏଶନ ଖୋର୍ଦ୍ଧାରୋଡ୍ ଦ୍ୱାରା ଆୟୋଜିତ ଅନ୍ତର୍ବିଭାଗୀୟ ଦିବାରାତ୍ର ଟେନିସ ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ବିଦ୍ୟୁତ୍ ବିଭାଗ ଚାମ୍ପିୟନ ହୋଇଛି। ଗତ ୧୦ ତାରିଖରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ଖୋର୍ଦ୍ଧାରୋଡ୍ ମଣ୍ଡଳର ୧୨ଟି ବିଭାଗ ଅଂଶଗ୍ରହଣ କରିଥିଲେ। ସୋମବାର ରାତିରେ ଫାଇନାଲ ମ୍ୟାଚ୍ ବିଦ୍ୟୁତ୍ ବିଭାଗ ଏବଂ ବିଦ୍ୟୁତ୍(ଓପି)ବିଭାଗ ମଧ୍ୟରେ ହୋଇଥିଲା। ଏଥିରେ ୫୯ ରନ୍ ବ୍ୟବଧାନରେ ବିଦ୍ୟୁତ୍ ବିଭାଗ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଖୋର୍ଦ୍ଧାରୋଡ୍ ମଣ୍ଡଳର ରେଳ ପ୍ରବନ୍ଧକ ଏଚ୍.ଏସ୍. ବାଜୱା ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ଏଥିସହ ଶ୍ରେଷ୍ଠ ଖେଳାଳିମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଓପି) କଲ୍ୟାଣ ପଟ୍ଟନାୟକ, ପୂର୍ବତଟ ରେଳ ମହିଳା କଲ୍ୟାଣ ସଙ୍ଗଠନର ସଦସ୍ୟା, ଅନ୍ୟ ଶାଖା ଅଧିକାରୀ ଏବଂ କର୍ମଚାରୀ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବରିଷ୍ଠ ମଣ୍ଡଳ ବିତ୍ତ ପ୍ରବନ୍ଧକ ହିମାଦ୍ରି ଭୂଷଣ ବିଶ୍ୱାଳଙ୍କ ନେତୃତ୍ୱରେ ଟୁର୍ଣ୍ଣାମେଣ୍ଟ ପରିଚାଳିତ ହୋଇଥିବା ବେଳେ କ୍ରୀଡ଼ା ସଚିବ ଏମ୍‌ଡି. ଜାକିରୁଦ୍ଦିନ ଏବଂ ଖୋର୍ଦ୍ଧାରୋଡ୍ କ୍ରୀଡ଼ା ସଙ୍ଗଠନର ସଦସ୍ୟମାନେ ସହଯୋଗ କରିଥିଲେ।




ଟ୍ରଫି ସହ ଚାମ୍ପିୟନ ଟିମ୍‌ର ଖେଳାଳି ଏବଂ ଅନ୍ୟମାନେ।

# ଆମ ସଂସ୍କୃତି ଆମ ଖେଳନା କର୍ମଶାଳା

**ବୋଲଗଡ଼,୨୩।୪(ଦେବବ୍ରତ ହୋତା)**

ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ନୂଆସାହି ଆଞ୍ଚଳିକ ସାଧନକେନ୍ଦ୍ର ଆନୁକୂଲ୍ୟରେ ସଂଯୋଜକ ବିଶ୍ୱରଞ୍ଜନ ସେଠୀଙ୍କ ତତ୍ତ୍ୱାବଧାନରେ ହରିରାଜପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ 'ଆମ ସଂସ୍କୃତି ଆମ ଖେଳନା' କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାକୁ ବୋଲଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ ଉଦ୍‌ଘାଟନ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ବଳବନ୍ତରାୟ, ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ସଂଯୋଜକ ପଦ୍ମଚରଣ ବେହେରା, ସହଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସନାଥ ସ୍ୱାଇଁ, ସହ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଅମିତା ମିଶ୍ର, ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ, ପୀତବାସ ଲେଙ୍କା, ରମେଶ ଚନ୍ଦ୍ର ସେଠୀ, ପ୍ରକାଶ ଚନ୍ଦ୍ର ସେଠୀ, ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁବାଳା ବଳିୟାରସିଂହ, ସବିତା ସୁବୁଦ୍ଧି ପ୍ରମୁଖ ଆମ ସଂସ୍କୃତି, ଖେଳନା ଓ ଶିକ୍ଷଣ ସାମଗ୍ରୀ ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କର୍ମଶାଳାରେ ୯ଟି ବିଦ୍ୟାଳୟର ୪୮ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇ ଖେଳନା ଓ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିଲେ। ସିଆର୍‌ସିସି କାର୍ତ୍ତିକ ଚନ୍ଦ୍ର ଦାସ, ରବୀନ୍ଦ୍ର କୁମାର ନାୟକ, ଚିନ୍ତାମଣି ସାହୁ, ଧୀରେନ ପାତ୍ର, ପ୍ରକାଶ କୁମାର ସାହୁ, ଅଶୋକ କୁମାର ସାହୁ ଓ ଶିକ୍ଷକ ବିଶ୍ୱଜିତ ସରୋଜ କୁମାର ଶିକ୍ଷଣ ସାମଗ୍ରୀ ଓ ଖେଳନା ପ୍ରସ୍ତୁତିରେ ସହଯୋଗ କରିଥିଲେ। ଶିକ୍ଷକ ଚିତ୍ତରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।



କର୍ମଶାଳାରେ ଯୋଗଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକ।

## ସଂକ୍ଷେପରେ

### ମୋବାଇଲ ଚୋରଙ୍କୁ ୩ ବର୍ଷ ଜେଲଦଣ୍ଡ

ଭୁବନେଶ୍ୱର,୨୩।୪(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ବିଚାରପତି ଶିଶିର କୁମାର ସାହୁ ମଙ୍ଗଳବାର ଜଣେ ମୋବାଇଲ ଚୋର ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେ ହେଲେ ବିଶ୍ୱଜିତ ନାୟକ ଓରଫ ବାଞ୍ଛା। ତାଙ୍କୁ ୩ ବର୍ଷ ଜେଲଦଣ୍ଡ ସହ ୧୫ ହଜାର ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟେ ବିଶ୍ୱଜିତ ଅଧିକ ୪ ମାସ ଜେଲଦଣ୍ଡ ଭୋଗିବେ ବୋଲି କୋର୍ଟ କହିଛନ୍ତି। ୨୦୨୩ ଜୁନ ୬ ଅପରାହ୍ନରେ ଅଭିଯୋଗକାରୀ ଅମିତ ନାୟକ ୟୁନିଟ-୧ କେଦାରପଲ୍ଲୀସ୍ଥିତ ଘରେ ବିଶ୍ରାମ ନେଉଥିବା ସମୟରେ ବିଶ୍ୱଜିତ ତାଙ୍କ ଘରେ ପଶି ମୋବାଇଲ ଚୋରି କରି ନେଇଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୩୫୯/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ବିଶ୍ୱଜିତଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସହକାରୀ ପବ୍ଲିକ୍ ପ୍ରସିକ୍ୟୁଟର ରାକେଶ କୁମାର ପୋଥାଳ ପରିଚାଳନା କରିଥିଲେ।

### ଚୋରି ଅଭିଯୁକ୍ତଙ୍କୁ ବର୍ଷେ ଜେଲ

ଭୁବନେଶ୍ୱର,୨୩।୪ (ସୂର୍ଯ୍ୟକାନ୍ତ ବେହେରା)

ଶହୀଦନଗର ଥାନା ଅଞ୍ଚଳରେ ହୋଇଥିବା ଏକ ମୋଟରସାଇକେଲ ଚୋରି ମାମଲାର ରାୟ ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟ-୩ରେ ପ୍ରକାଶ ପାଇଛି। ବିଚାରପତି ପୂଜା ଜୈନ ମାମଲାର ବିଚାର କରି ଅଭିଯୁକ୍ତ ଦିଗବିଜୟ ପଟ୍ଟନାୟକଙ୍କୁ ଦୋଷୀ ସାବ୍ୟସ୍ତ କରି ୧ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଘଟଣାର ବିବରଣୀ ଅନୁଯାୟୀ, ଅଭିଯୋଗକାରୀ ଭବାନୀ ଶଙ୍କର ବେହେରା ତାଙ୍କ ମୋଟରସାଇକେଲଟିକୁ ଇଡ୍‌କୋ ପାର୍କିଂରେ ରଖିଥିବା ବେଳେ ଗତ ୧୭ ଏପ୍ରିଲ ୨୦୨୩ରେ ଅଭିଯୁକ୍ତ ଦିଗବିଜୟ ଏକ ଅଟୋ ଯୋଗେ ଆସି ତାଙ୍କର ଗାଡ଼ିକୁ ଚୋରିକରି ନେଇଥିଲେ। ଏନେଇ ଭବାନୀ ଶହୀଦନଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ-୧୫୬/୨୩) ରୁଜୁ ସହ ଘଟଣାର ତଦନ୍ତ କରି ଦିଗବିଜୟଙ୍କୁ ଗିରଫ କରିଥିଲା। ତାଙ୍କଠାରୁ ୮ ଟି ମୋଟରସାଇକେଲ ଜବତ କରିଥିଲା। ଏହି ମାମଲାକୁ ସହକାରୀ ପବ୍ଲିକ ପ୍ରସିକ୍ୟୁଟର କଳ୍ପତରୁ ସାହୁ, ସରୋଜ କୁମାର ସ୍ୱାଇଁ ଏବଂ ସବିତା କୁମାରୀ ଚୌଧୁରୀ ପରିଚାଳନା କରିଥିଲେ।

### ରେଳଫାଟକରେ ପିଟିହେଲା ଗାଡ଼ି

ନିରାକାରପୁର,୨୩।୪ (ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ନିରାକାରପୁର ଉପର ବଜାରଠାରେ ଥିବା ରେଳଫାଟକରେ ମଙ୍ଗଳବାର ଏକ ବିସ୍କୁଟ୍ ବୋଝେଇ ଗାଡ଼ି ପିଟିହେବା ସହ ଉକ୍ତ ସ୍ଥାନରେ ଅଟକି ଯାଇଥିଲା। ଫଳରେ ଫାଟକର ଉଭୟ ପାର୍ଶ୍ୱରୁ ଆସୁଥିବା ଯାନବାହନ ଯାତାୟାତରେ ସମସ୍ୟା ସୃଷ୍ଟି ହେବା ସହ କିଛି ସମୟ ଗାଡ଼ିଗୁଡ଼ିକ ଅଟକି ରହିଥିଲା। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ପ୍ରକାଶ ଯେ, ବିଭିନ୍ନ ସମୟରେ ଯାନବାହନ ଉକ୍ତ ରେଳଫାଟକକୁ ଧକ୍କା ଦେଉଥିବା ଜଣାପଡ଼ିଛି। ଏହା ଉପରେ ରେଳ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ଘେରାଉ ପରେ କ୍ଷତିପୂରଣ ଘୋଷଣା କଲା ବିଏମ୍‌ସି



ସଫେଇ ମଜଦୁର ସଂଘ ପକ୍ଷରୁ ବିଏମ୍‌ସି ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।



ସଫେଇ ମଜଦୁର ସଂଘର କର୍ମକର୍ତ୍ତା ମେୟର ସୁଲୋଚନା ଦାସଙ୍କୁ ସାକ୍ଷାତ କରୁଛନ୍ତି।

## ଅଂଶୁଘାତରେ ସଫେଇ କର୍ମଚାରୀଙ୍କ ମୃତ୍ୟୁ ଘଟଣା

ଭୁବନେଶ୍ୱର, ୨୩।୪ (ବନ୍ଦନା ସେଠୀ)

ବିଏମ୍‌ସି ୱାର୍ଡ ନଂ. ୬୪ର ସଫେଇ କର୍ମଚାରୀ ଗୋଲାପ ମାହାରା(୪୦)ଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଥିବା ନେଇ ସଫେଇ ମଜଦୁର ସଂଘ ଅଭିଯୋଗ କରିବା ସହ କ୍ଷତିପୂରଣ ଦାବିକରି ଆସୁଛି। ଇତିମଧ୍ୟରେ ଉକ୍ତ ୱାର୍ଡରେ ସଫେଇ ବନ୍ଦ କରି ସଫେଇ କର୍ମଚାରୀମାନେ ଆନ୍ଦୋଳନ ଚଳାଇଥିବାବେଳେ ମଙ୍ଗଳବାର ସଂଘ ପକ୍ଷରୁ ବିଏମ୍‌ସି ମୁଖ୍ୟାଳୟ ଘେରାଉ କରାଯାଇଥିଲା। ଏଥିସହ ଆଗକୁ ସହରର ସମସ୍ତ ୱାର୍ଡରେ ସଫେଇ ବନ୍ଦ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ଏହି ଅବସରରେ ସଂଘର ଏକ ପ୍ରତିନିଧି ଦଳ ମେୟରଙ୍କୁ ଭେଟିଥିଲା। କାମ କରିବା ସମୟରେ ଅଂଶୁଘାତରେ ଗୋଲାପଙ୍କର ମୃତ୍ୟୁ ହୋଇଥିବାରୁ ବିଏମ୍‌ସି ତାଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବି କରାଯାଇଥିଲା। ତେବେ ଏନେଇ କୌଣସି ମେଡିକାଲ ରିପୋର୍ଟ ନ ଥିବାରୁ ବିଏମ୍‌ସି କ୍ଷତିପୂରଣ ବାବଦରେ ସାଢେ ୪ଲକ୍ଷ ଟଙ୍କା ଦେବାକୁ ରାଜି ହୋଇଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ମୃତକଙ୍କ ଶବଦାହ ପାଇଁ ତାଙ୍କ ପରିବାରକୁ ମଙ୍ଗଳବାର ୧୦ହଜାର ଟଙ୍କା ଦିଆଯାଇଛି। ବିଏମ୍‌ସିର ଏହି ଘୋଷଣାକୁ ସଂଘ ପକ୍ଷରୁ ସାଧୁବାଦ୍ ଜଣାଯିବା ସହ ପୂର୍ବଭଳି ସଫେଇ କାମ ଜାରି ରହିବ ବୋଲି କୁହାଯାଇଛି।

ସୂଚନା ଅନୁଯାୟୀ, ଶୁକ୍ରବାର ସକାଳ ୯ଟା ପର୍ଯ୍ୟନ୍ତ ଗୋଲାପ ସଫେଇ କାର୍ଯ୍ୟ କରିଥିଲେ। ଏହାପରେ ସେ ଅସୁସ୍ଥ ଅନୁଭବ କରିବାରୁ ଘରକୁ ଯିବାକୁ ସମ୍ପୃକ୍ତ ସୁପରଭାଇଜରଙ୍କୁ କହିଥିଲେ। ମାତ୍ର ତାଙ୍କ ସମେତ ୨୨ ଜଣ ସଫେଇ କର୍ମଚାରୀଙ୍କୁ ପୂର୍ବାହ୍ନ ୧୦ରୁ ୧୧.୩୦ ପର୍ଯ୍ୟନ୍ତ ଖଣ୍ଡଗିରିରୁ ଯଦୁପୁର ବାଇପାସ ରାସ୍ତାରେ ସାମୂହିକ ସଫେଇ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ସଫେଇବେଳେ ସେମାନଙ୍କୁ ପାଣି ମଧ୍ୟ ଦିଆଯାଇ ନ ଥିଲା। ଘରକୁ ଫେରିବା ପରେ ଗୋଲାପ ଅସୁସ୍ଥ ଅନୁଭବ କରିଥିଲେ। ବିଳମ୍ବିତ ରାତିରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନେବା ବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା।

# ଏମ୍‌ସରେ ଲୋ ଭିଜନ କ୍ଲିନିକ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୨୩।୪(ଅସମାପିକା ସାହୁ)

ଦୃଷ୍ଟି ଶକ୍ତି ଦୁର୍ବଳ ଯୋଗୁ ପ୍ରାୟ ଆଶା ହରାଇଥିବା ରୋଗୀଙ୍କ ଜୀବନକୁ ଆଲୋକିତ କରିବା ଉଦ୍ଦେଶ୍ୟରେ ଏମ୍‌ସ ଭୁବନେଶ୍ୱର ଚକ୍ଷୁ ବିଭାଗରେ ମଙ୍ଗଳବାର 'ଲୋ ଭିଜନ କ୍ଲିନିକ୍' ଉଦ୍‌ଘାଟିତ ହୋଇଛି। ଏହି ଭିଜନ କ୍ଲିନିକ ସାମାଜିକ ଦୃଷ୍ଟିହୀନତା ତଥା ଗ୍ଲୁକୋମା, ବୟସାଧିକ, ମଧୁମେହ, ରେଟିନା ରୋଗ ଏବଂ ବିଭିନ୍ନ କାରଣରୁ ଦୃଷ୍ଟିଶକ୍ତିହୀନତା ଭୋଗୁଥିବା ରୋଗୀମାନଙ୍କୁ ସେମାନଙ୍କର ସାଧାରଣ ଜୀବନଯାପନ ବ୍ୟବସ୍ଥାକୁ ସାହାଯ୍ୟ କରିବ। ଏହି ଦୃଷ୍ଟିବାଧିତ ରୋଗୀମାନେ ଅସ୍ତ୍ରୋପଚାର କିମ୍ବା ଅନ୍ୟାନ୍ୟ ଚିକିତ୍ସା ସେବାରୁ କୌଣସି ଲାଭ ପାଇପାରନ୍ତି ନାହିଁ ଏବଂ ସେମାନଙ୍କର ସାମାଜିକ ଜୀବନ ବିଶେଷ ପ୍ରଭାବିତ ହୋଇଥାଏ। ରାଜ୍ୟରେ ଥିବା ସରକାରୀ ସ୍ୱାସ୍ଥ୍ୟାନୁଷ୍ଠାନ ମଧ୍ୟରେ ଏମ୍‌ସରେ ପ୍ରଥମ କରି ଏହି କ୍ଲିନିକ୍ ଖୋଲାହୋଇଛି। ଏମ୍‌ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଏହି କ୍ଲିନିକକୁ ଉଦ୍‌ଘାଟନ କରିଥିବାବେଳେ ମେଡିକାଲ ଅଧୀକ୍ଷକ ଡା. ଦିଲୀପ କୁମାର ପରିଡ଼ା, ଡିନ୍ ଡା. ପ୍ରଶାନ୍ତ ରାଘବ ମହାପାତ୍ର, ଏମ୍‌ସ ନୂଆଦିଲ୍ଲୀର ଡ. ଆର୍‌ପି ସେଣ୍ଟରର ଡା. ପ୍ରବୀଣ ବଶିଷ୍ଟ ପ୍ରମୁଖ ଉପସ୍ଥିତ ଥିଲେ। ଏମ୍‌ସ ନୂଆଦିଲ୍ଲୀର ଡ. ଆର୍‌ପି ସେଣ୍ଟର ଏବଂ ଜର୍ମାନୀର କ୍ରିଷ୍ଟୋଫେଲ ବ୍ଲିଣ୍ଡେନ ମିଶନ(ସିବିଏମ୍) ସହଯୋଗରେ ସ୍ଥାପିତ ଏହି କ୍ଲିନିକ ରାଜ୍ୟ ତଥା ପଡ଼ୋଶୀ ରାଜ୍ୟର ରୋଗୀଙ୍କ ପାଇଁ କାର୍ଯ୍ୟ କରିବ। ଏମ୍‌ସ ଭୁବନେଶ୍ୱର ଚକ୍ଷୁ ବିଭାଗରେ ଦୈନିକ ଏହି କ୍ଲିନିକ କାର୍ଯ୍ୟକ୍ଷମ ହେବ। ଏହି ଅବସରରେ ଏମ୍‌ସ ଭୁବନେଶ୍ୱର ଚକ୍ଷୁ ବିଭାଗ ମୁଖ୍ୟ ଡା. ସୁଚେତା ପରିଜା କ୍ଲିନିକର କାର୍ଯ୍ୟକ୍ଷମତା ସମ୍ପର୍କରେ ବିସ୍ତୃତ ସୂଚନା ଦେଇ ଥିଲେ। ଆଗାମୀ ଦିନରେ ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କ ଦୃଷ୍ଟି ପୁନର୍ବାସ ନିମନ୍ତେ ବିଭିନ୍ନ ଦୃଷ୍ଟିହୀନ ବିଦ୍ୟାଳୟ ସହିତ ବୁଝାମଣା କରାଯିବ। ସେହିପରି ତୃଣମୂଳସ୍ତରରେ ପ୍ରାଥମିକ ଚକ୍ଷୁ ଚିକିତ୍ସା ପ୍ରଦାନ ନିମନ୍ତେ ଆଶାକର୍ମୀଙ୍କୁ ତାଲିମ ପ୍ରଦାନ ନିମନ୍ତେ ମଧ୍ୟ ଯୋଜନା ରହିଥିବା ଡା. ପରିଜା ସୂଚନା ଦେଇଛନ୍ତି।




ଏମ୍‌ସରେ ଲୋ ଭିଜନ କ୍ଲିନିକ୍ ଉଦ୍‌ଘାଟନ ଅବସରରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସଙ୍କ ସହ ଅନ୍ୟମାନେ।

# ଓଡ଼ିଶୀ ନୃତ୍ୟରେ ବିଭୋର ଦର୍ଶକ

## ସ୍ନେହପ୍ରଭା ସାମନ୍ତରାୟ, ଗୁରୁ ଧନେଶ୍ୱର ସ୍ୱାଇଁଙ୍କୁ 'ନୃତ୍ୟ ସମର୍ପିତା' ସମ୍ମାନ




ରବୀନ୍ଦ୍ର ମଣ୍ଡପରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଭୁବନେଶ୍ୱର, ୨୩।୪(ବନ୍ଦନା ସେଠୀ)

ନୃତ୍ୟ ସଙ୍ଗୀତ ବିଦ୍ୟାଳୟ ସମର୍ପିତା ପକ୍ଷରୁ ମଙ୍ଗଳବାର ରବୀନ୍ଦ୍ର ମଣ୍ଡପରେ ପ୍ରଥମ ନୃତ୍ୟ ସମର୍ପିତା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ୨ଟି ଅଧିବେଶନରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଅନେକ ନୃତ୍ୟ ଓ ସଙ୍ଗୀତ ଶିଳ୍ପୀ ଯୋଗଦେଇ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରଥମ ଅଧିବେଶନକୁ ଓଡ଼ିଶୀ ନୃତ୍ୟଗୁରୁ ଭରତ ଚରଣ ଗିରି, ବିଡିଏ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ନାରାୟଣ ଚନ୍ଦ୍ର ଦାସ, ନାଟ୍ୟ ଅଭିନେତା ପ୍ରମେଶ ସାହୁ, ସଙ୍ଗୀତ ଗୁରୁ ସୁକାନ୍ତ କୁଣ୍ଡୁ ଓ ନିମାକାନ୍ତ ରାଉତରାୟ ଉଦ୍‌ଘାଟନ କରିଥିଲେ। ୫୦ଜଣ ନୃତ୍ୟଶିଳ୍ପୀ ନୃତ୍ୟ ପରିବେଷଣ କରିଥିଲେ। ସନ୍ଧ୍ୟାର ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡିଏଭି ଚନ୍ଦ୍ରଶେଖରପୁର ପ୍ରିନ୍ସିପାଲ ସୁଜାତା ସାହୁ ଏବଂ ଓଡ଼ିଶୀ ନୃତ୍ୟଗୁରୁ ଗୋବିନ୍ଦ ଚନ୍ଦ୍ର ପାଲ, ଦୁର୍ଗାଚରଣ ରଣବୀର ଓ ସ୍ନେହପ୍ରଭା ସାମନ୍ତରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶୀ ନୃତ୍ୟଶିଳ୍ପୀ ସ୍ନେହପ୍ରଭା ସାମନ୍ତରାୟ ଓ ମର୍ଦ୍ଦଳ ଗୁରୁ ଧନେଶ୍ୱର ସ୍ୱାଇଁଙ୍କୁ ଜୀବନବ୍ୟାପୀ ସାଧନା ପାଇଁ 'ନୃତ୍ୟ ସମର୍ପିତା' ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ସଙ୍ଗୀତ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଗୁରୁ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଓ ଗୁରୁ ସୁକାନ୍ତ କୁଣ୍ଡୁଙ୍କୁ 'ସଙ୍ଗୀତ ସମର୍ପିତ ସମ୍ମାନ', ଯୁବ ଓଡ଼ିଶୀ ନୃତ୍ୟଶିଳ୍ପୀ ବିଦିଶା ବସୁ ମଲ୍ଲିକଙ୍କୁ 'ଜମାଲ ସାର୍ ନୃତ୍ୟ ନିର୍ବାଣ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା।

ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗୁରୁ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ସଙ୍ଗୀତ, ଧନେଶ୍ୱର ସ୍ୱାଇଁଙ୍କ ମର୍ଦ୍ଦଳ ବାଦନ, ବଂଶୀରେ ଗୁରୁ ସୌମ୍ୟରଞ୍ଜନ ଯୋଶୀଙ୍କ ତାଳରେ ଅନୁଷ୍ଠାନ ସମ୍ପାଦିକା ଅଙ୍କିତା ସାହୁଙ୍କ ଓଡ଼ିଶୀ ନୃତ୍ୟ ଅଷ୍ଟଶମ୍ଭୁ ବେଶ୍ ମନମୁଗ୍ଧକର ଥିଲା। ଗୁରୁ ପୁଷ୍ପାରଞ୍ଜନ ମଙ୍ଗରାଜ ନୃତ୍ୟ ନିର୍ଦ୍ଦେଶନା, ସୁକାନ୍ତ କୁଣ୍ଡୁଙ୍କ ଗାୟନ ଓ ବେହେଲାରେ ରମେଶ ଦାସ ସହାୟତା କରିଥିଲେ। ଗୁରୁ ମନୋରଞ୍ଜନ ପ୍ରଧାନ ଓ ତାଙ୍କ ସ୍ତ୍ରୀ ମିନତୀ ପ୍ରଧାନଙ୍କ ଯୁଗଳବନ୍ଦୀ ନୃତ୍ୟ ବେଶ୍ ମନମୋହକର ଥିଲା। ଛତିଶଗଡର ନୃତ୍ୟଶିଳ୍ପୀ ପୁନମ ଗୁପ୍ତା, ଭୁବନେଶ୍ୱରର ଶୁଭଶ୍ରୀ ଶୁଭସ୍ମିତା ମହାପାତ୍ର, ବିଦିଶା ବସୁ ମଲ୍ଲିକଙ୍କ ସମେତ ସମର୍ପିତା ଅନୁଷ୍ଠାନର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ଡ. ମୃତ୍ୟୁଞ୍ଜୟ ରଥଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଂଗଠକ ନୃତ୍ୟଶିଳ୍ପୀ ଅଙ୍କିତା ସାହୁ ବିବରଣୀ ପାଠ କରିଥିଲେ। ସୁକାନ୍ତ କୁଣ୍ଡୁ ଧନ୍ୟବାଦ ଅର୍ପଣ କରିଥିଲେ।

### ସ୍ୱଚ୍ଛ ଗଣତନ୍ତ୍ର ରାଷ୍ଟ୍ର ପାଇଁ ବରିଷ୍ଠ ନାଗରିକ ନିର୍ବାଚନରେ ଅଂଶଗ୍ରହଣ କରିବା ଆବଶ୍ୟକ

ଭୁବନେଶ୍ୱର, ୨୩।୪(ବନ୍ଦନା ସେଠୀ)

ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘ ପକ୍ଷରୁ ଶୈଳଶ୍ରୀବିହାର ଦୁର୍ଗା ପଡିଆଠାରେ 'ବରିଷ୍ଠ ନାଗରିକ ଓ ନିର୍ବାଚନ' ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏକ ସ୍ୱଚ୍ଛ ଗଣତନ୍ତ୍ର ଓ ସୁନ୍ଦର ରାଷ୍ଟ୍ର ଗଠନ ପାଇଁ ବରିଷ୍ଠ ନାଗରିକମାନେ ଆଗାମୀ ନିର୍ବାଚନରେ ଅଂଶଗ୍ରହଣ କରିବା ସହ ଅଧିକରୁ ଅଧିକ ସଂଖ୍ୟାରେ ଭୋଟ ଦେବାକୁ ଯାଆନ୍ତୁ ବୋଲି ଆଲୋଚନାଚକ୍ରରେ ମତପ୍ରକାଶ ପାଇଛି। ବରିଷ୍ଠ ବିଜେଡି ନେତା ସୁବାସ ଚନ୍ଦ୍ର ପାତ୍ର ଯୋଗଦେଇ ବରିଷ୍ଠ ନାଗରିକଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଯୋଜନା ସମ୍ବନ୍ଧରେ ଆଲୋଚନା କରିଥିଲେ। ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟ କଂଗ୍ରେସ ସମୟରେ ଓଡ଼ିଶାରେ ହୋଇଥିବା ବିକାଶ ଉପରେ କହିବା ସହ ବରିଷ୍ଠ ନାଗରିକଙ୍କୁ ୧୫ହଜାର ଟଙ୍କା ପେନ୍‌ସନ୍ ପ୍ରଦାନ ପାଇଁ ଗୁରୁତ୍ୱାରୋପ କରିଥିଲେ। ଭାଜପା ବୁଦ୍ଧିଜୀବୀ ସେଲ୍‌ର ଅଧ୍ୟକ୍ଷ ସୁଦର୍ଶନ ନାୟକ ମଦମୁକ୍ତ, ସ୍ୱଚ୍ଛ ଓ ନିରପେକ୍ଷ ରାଷ୍ଟ୍ର ଗଠନ ପାଇଁ ନିର୍ବାଚନ ପ୍ରକ୍ରିୟାରେ ବରିଷ୍ଠ ନାଗରିକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଅଂଶଗ୍ରହଣ କରିବା ଆବଶ୍ୟକ ବୋଲି କହିଥିଲେ। ମହାସଂଘ ସଭାପତି ଡ. ମଧୁମାଧବ ଜେନା ଅଧ୍ୟକ୍ଷତା କରିଥିବାବେଳେ ବରିଷ୍ଠ ନାଗରିକ ସୁରେଶ ରଥ, ବ୍ରଜକିଶୋର ଧୀର, ଝରଣା ସ୍ୱାଇଁ ଯୋଗଦେଇଥିଲେ। ସାଇ ଜରା ନିବାସର ଟ୍ରଷ୍ଟି ବିଜୟ କୁମାର ପାତ୍ର ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସରୋଜକାନ୍ତ ମଲ୍ଲିକ ମଞ୍ଚ ସଂଚାଳନ କରିଥିବାବେଳେ ପ୍ରଭାତ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ଆନ୍ତଃରାଜ୍ୟ ନିଶା ବେପାରୀଙ୍କ ସମେତ ୨ ଜେଲ ଗଲେ

## କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ ଘଟଣା



ଗିରଫ ଦୁଇ ଅଭିଯୁକ୍ତ।

ଭୁବନେଶ୍ୱର,୨୩।୪(ସତ୍ୟଜିତ୍ ରାଉତ)

କୋଟିଏରୁ ଊର୍ଦ୍ଧ୍ୱ ମୂଲ୍ୟର ବ୍ରାଉନସୁଗାର ଡିଲ୍ ବେଳେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଅନୁଗୋଳ ଜିଲା ତାଳଚେରରେ ଚଢ଼ାଉ କରି ଜଣେ ଆନ୍ତଃରାଜ୍ୟ ନିଶା ବେପାରୀଙ୍କ ସମେତ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗ ମୁର୍ଶିଦାବାଦ୍ ଜିଲା ଅର୍ଜୁନପୁର ଅଞ୍ଚଳର ରକିବୁଲ୍ ସେଖ୍ (୪୩) ଓ ଅନୁଗୋଳ ଜିଲା ତାଳଚେର ଥାନା ଅନ୍ତର୍ଗତ ତ୍ରିନାଥ କଲୋନିର ବିଜ ବୀରବର୍ମା (୨୬)। ସେମାନଙ୍କ ନିକଟରୁ ୧ କେଜି ୧୨୦ ଗ୍ରାମର ବ୍ରାଉନସୁଗାର ଜବତ ହୋଇଛି। ଅଭିଯୁକ୍ତଦ୍ୱୟଙ୍କୁ ତାଳଚେର ଅତିରିକ୍ତ ଜିଲା ଜଜ୍‌ଙ୍କ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏ ସଂକ୍ରାନ୍ତରେ ଏସ୍‌ଟିଏଫ୍ ପକ୍ଷରୁ ଏକ ମାମଲା (ନଂ.୧୮/୨୦୨୪) ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ରକିବୁଲ୍ ବାରମ୍ବାର ଓଡ଼ିଶା ଆସି ଏଠାରେ ଥିବା ଡିଲରମାନଙ୍କୁ ବ୍ରାଉନସୁଗାର ଚାଲାଣ କରୁଥିଲେ। ତାଙ୍କୁ ଧରିବାକୁ ଏସ୍‌ଟିଏଫ୍ ଟିମ୍ ଏକାଧିକଥର ପ୍ରୟାସ କରିଥିଲେ ମଧ୍ୟ ସେ ଖସି ପଳାଇବାରେ ସକ୍ଷମ ହେଉଥିଲେ। ସୋମବାର ରକି ତାଳଚେର ଆସି ଜଣେ ସହଯୋଗୀଙ୍କୁ ବଡ଼ ପରିମାଣର ବ୍ରାଉନସୁଗାର ଦେବେ ବୋଲି ଏସ୍‌ଟିଏଫ୍ ସୂଚନା ପାଇଥିଲା। ଏସ୍‌ଟିଏଫ୍ ଟିମ୍ ସ୍ଥାନୀୟ ପୋଲିସ ସହାୟତାରେ ଚଢ଼ାଉ କରି ଦୁଇଜଣଙ୍କୁ କାବୁ କରିଥିଲା। ରକିବୁଲ୍‌ଙ୍କ ସହ ବହୁ ନିଶା ବେପାରୀ ଲିଙ୍କ୍‌ରେ ଅଛନ୍ତି। ତାଙ୍କୁ ରିମାଣ୍ଡରେ ଆଣି ଏସ୍‌ଟିଏଫ୍ ଅଧିକ ଖୋଳତାଡ଼ କରିବାକୁ ଯୋଜନା କରୁଥିବା ସୂଚନା ମିଳିଛି।

# ନନ୍ଦନକାନନ: ନନ୍ଦନ, କଲରାପତରିଆ ବାଘ ଗୁରୁତର

ବାରଙ୍ଗ,୨୩।୪(ଲିଙ୍ଗରାଜ ରାଉତ)

ନନ୍ଦନକାନନ ବୁଲିବାକୁ ଆସୁଥିବା ପର୍ଯ୍ୟଟକଙ୍କ ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିବା ଜଙ୍ଗଲିବାଘ ନନ୍ଦନ ଗୁରୁତର ହୋଇପଡିଛି। ୩ ମାସ ଧରି ସ୍ନାୟୁଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ବେଳେ ତା'ର ସ୍ୱାସ୍ଥ୍ୟରେ ଉନ୍ନତି ଆସିପାରିନାହିଁ। ଗୋଟିଏ ଜାଗାରେ ପଡ଼ି ରହୁଥିବା ବେଳେ ଠିକ୍‌ରେ ବି ଖାଉନାହିଁ। ମଙ୍ଗଳବାର ଦାୟିତ୍ୱରେ ଥିବା କର୍ମଚାରୀଙ୍କଠାରୁ ଖବରପାଇ ଡାକ୍ତରମାନେ ପହଞ୍ଚିବା ପରେ ନନ୍ଦନକୁ ନିଶ୍ଚେତକ ଦିଆଯାଇ ଚିକିତ୍ସା ଜାରି ରହିଛି। ସେହିପରି ଗତ ମାର୍ଚ୍ଚ ୨୩ରେ ନନ୍ଦନକାନନକୁ ନୟାଗଡ଼ ଜିଲା ବୁଗୁଡ଼ା ଅଞ୍ଚଳରୁ ଉଦ୍ଧାର ହୋଇଆସିଥିବା ଗୋଟିଏ ୩ ବର୍ଷର ଅଣ୍ଡିରା କଲରାପତରିଆ ବାଘ ଅସୁସ୍ଥ ହୋଇପଡ଼ିଛି। ଠିକ୍‌ସେ ଖିଆପିଆ କରୁ ନ ଥିବା ବେଳେ ଅଚେତ ହୋଇ ପଡ଼ିରହୁଛି। ପ୍ରାଣୀଉଦ୍ୟାନରେ ଥିବା ଚିକିତ୍ସକ ଏହି ବାଘର ଚିକିତ୍ସା କରୁଥିବା ସୂଚନା ମିଳିଛି।

# ଗ୍ଲୋବାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟରେ ବିଜ୍‌ନେସ କୁଇଜ ପ୍ରତିଯୋଗିତା

ଭୁବନେଶ୍ୱର,୨୩।୪(ଅନୁରାଧା ମହାରଣା)

ଗ୍ଲୋବାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଓ ବିଜ୍‌ନେସ ଷ୍ଟାଣ୍ଡାର୍ଡ ପକ୍ଷରୁ ଇନ୍‌ଷ୍ଟିଚ୍ୟୁଟ୍ ପରିସରରେ ଏକ ବିଜ୍‌ନେସ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମ୍‌ବିଏ ଓ ଏମ୍‌ସିଏ ପାଠ୍ୟକ୍ରମର ୭୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଜ୍‌ନେସ ଷ୍ଟାଣ୍ଡାର୍ଡ ପକ୍ଷରୁ ପ୍ରସ୍ତୁତ ପ୍ରଶ୍ନଗୁଡିକ ଉଭୟ ବ୍ୟବସାୟିକ ଓ ପ୍ରଦ୍ୟୋଗିକ ବିଷୟ ଉପରେ ଆଧାରିତ ଥିଲା। କାର୍ଯ୍ୟକ୍ରମରେ ବିଜ୍‌ନେସ ଷ୍ଟାଣ୍ଡାର୍ଡର ଗ୍ରୁପ୍ ଅଫିସର ତପନ କୁମାର ଲେଙ୍କା ଓ ଆସିଷ୍ଟାଣ୍ଟ ମ୍ୟାନେଜର ରାଜେଶ ପଟ୍ଟନାୟକ ଉପସ୍ଥିତ ଥିଲେ। ଏମ୍‌ବିଏ ପ୍ରଥମ ବର୍ଷର ଛାତ୍ରୀ ଶୁଭଲକ୍ଷ୍ମୀ ମହାନ୍ତି ପ୍ରଥମ ସ୍ଥାନ ହାସଲ କରିଥବାବେଳେ ଏମ୍‌ବିଏ ପ୍ରଥମ ବର୍ଷର ଛାତ୍ର କିଷାନ ଭଞ୍ଜ ଦ୍ୱିତୀୟ ଓ ଏମ୍‌ବିଏ ପ୍ରଥମ ବର୍ଷର ଛାତ୍ର ପି ବାସୁଦେବ ନାଇଡୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅନୁଷ୍ଠାନର ଡିନ୍ ପ୍ରଫେସର ବିପୁଲ କୁମାର, ବରିଷ୍ଠ ଅଧ୍ୟାପକ ଦେବାଶିଷ ନନ୍ଦ ଓ ବିଜ୍‌ନେସ ଷ୍ଟାଣ୍ଡାର୍ଡର ଗ୍ରୁପ୍ ଅଫିସର ତପନ କୁମାର ଲେଙ୍କା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପ୍ରଫେସର ରାଜାରାମ ରାଉତ ଓ ପ୍ରଫେସର ଡ. ତୁଳିକା ସିଂ ଓ ପ୍ରଫେସର ବିଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଫେସର ଦୀପା ବିଶ୍ୱାଳ ଓ ପ୍ରଫେସର ଡ. ଆଦ୍ୟାଶା ଶୁଭଦର୍ଶିନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଗ୍ଲୋବାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ପରିସରରେ ଅନୁଷ୍ଠିତ ବିଜ୍‌ନେସ କୁଇଜ ପ୍ରତିଯୋଗିତାରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

# ସୃଷ୍ଟି ହସ୍ପିଟାଲରେ ବିରଳ ଅସ୍ତ୍ରୋପଚାର

## ଲାଳଗ୍ରନ୍ଥିରୁ ବାହାରିଲା ଷ୍ଟୋନ୍

ଭୁବନେଶ୍ୱର,୨୩।୪ (ଅନୁରାଧା ମହାରଣା)

କଟକ ରିଂରୋଡ୍‌ସ୍ଥିତ ସୃଷ୍ଟି ହସ୍ପିଟାଲରେ ଏକ ବିରଳ ଅସ୍ତ୍ରୋପଚାର କରାଯାଇ ଜଣେ ରୋଗୀଙ୍କ ଲାଳଗ୍ରନ୍ଥିରୁ ଷ୍ଟୋନ ବାହାର କରାଯାଇଛି। ସର୍ବନିମ୍ନ ଇନ୍‌ଭାସିଭ୍ ସିଆଲେଣ୍ଡୋସ୍କୋପି ମାଧ୍ୟମରେ ଡାକ୍ତର ଦୀପ୍ତିମାନ ବଳିୟାର ସିଂ ଓ ଟିମ୍ ଏହି ଜଟିଳ ଅସ୍ତ୍ରୋପ୍ରଚାର କରିଥିବାବେଳେ ରୋଗୀ ଏବେ ସୁସ୍ଥ ଥିବା ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଥାଉକି, ପୂରା ପାଟିର ସୁସ୍ଥତା ପାଇଁ ସାଲିଭାରି ଗ୍ରନ୍ଥିଗୁଡିକ ଲାଳ ସୃଷ୍ଟି କରିଥାଏ। ଏହା ଚୋବାଇବା, ଗିଳିବା ଏବଂ ସହଜରେ କହିବା ପାଇଁ ପାଟିକୁ ଆର୍ଦ୍ର ରଖିବାରେ ସାହାଯ୍ୟ କରିଥାଏ। ଏଥିସହ ଖାଦ୍ୟ ହଜମ ପ୍ରକ୍ରିୟା ସହଜ କରିବା ସହ ବିଭିନ୍ନ ସଂକ୍ରମଣରୁ ମଧ୍ୟ ସୁରକ୍ଷା ଦେଇଥାଏ। ଲାଳଗ୍ରନ୍ଥିର ସଂକ୍ରମଣ ହେତୁ ସିଆଲାଡେନାଇଟିସ, ଲାଳଗ୍ରନ୍ଥି ଷ୍ଟୋନ୍ (ସିଆଲୋଲିଥିଆସିସ), ସିଷ୍ଟ, ପ୍ଲୋମୋର୍ଫିକ ଆଡେନୋମା, ୱାର୍ଟିନ ଟ୍ୟୁମର୍ ପାରୋଟିଡ ଭଳି ସମସ୍ୟା ଦେଖାଯାଇଥାଏ। ଏହି ସଂକ୍ରମଣ ଦ୍ୱାରା ଗ୍ରନ୍ଥି ଫୁଲା ସହ ଅନ୍ୟାନ୍ୟ ଲକ୍ଷଣ ପ୍ରକାଶ ପାଇଥାଏ। ଗ୍ରନ୍ଥିଗୁଡିକ ଧୀରେ ଧୀରେ ଫୁଲିବା ସହ ବିନା ଯନ୍ତ୍ରଣାରେ ଆକାର ବୃଦ୍ଧି ପାଇଥାଏ ଏବଂ ଗ୍ରନ୍ଥିଗୁଡିକ କ୍ଷତିକାରକ ଟ୍ୟୁମରରେ ପରିଣତ ହୋଇ ଯନ୍ତ୍ରଣାଦାୟକ ହୋଇଥାଏ।



ଡାକ୍ତର ଦୀପ୍ତିମାନ ବଳିୟାର ସିଂ ଓ ଟିମ୍ ଅସ୍ତ୍ରୋପଚାର କରୁଛନ୍ତି।

ବାରମ୍ବାର ସଂକ୍ରମଣ କ୍ରନିକ ରୋଗର କାରଣ ହୁଏ ଏବଂ ପ୍ରାୟତଃ ଏକ ଲାଳ ଗ୍ରନ୍ଥି ଷ୍ଟୋନ୍ ସୃଷ୍ଟି କରେ। ଏହି ଗ୍ରନ୍ଥିଗୁଡିକରେ ଥିବା ଷ୍ଟୋନ୍‌ଗୁଡ଼ିକର ନିରାକରଣ ପାଇଁ ସିଟି ସ୍କାନ କିମ୍ବା କୋନ୍ ବିମ୍ ସିଟି ସ୍କାନ ସହ ସମୟେ ସମୟେ ଏମ୍‌ଆର ସିଆଲୋଗ୍ରାଫିର ଆବଶ୍ୟକତା ପଡ଼ିଥାଏ। ରିମାଟୋଲୋଜିଷ୍ଟଙ୍କ ତତ୍ତ୍ୱାବଧାନରେ ରୋଗର ଚିକିତ୍ସା କରାଯାଉଥିବାବେଳେ ବ୍ୟାକ୍ଟେରିଆ ସଂକ୍ରମଣ ହୋଇଥିଲେ ଆଣ୍ଟିବାୟୋଟିକ, ଆନାଲେଜିକ୍ସ ଏବଂ ସିଆଲାଗୋଗସ ଅଧିକ ଲାଳ ସୃଷ୍ଟି ପାଇଁ ଭିଟାମିନ-ସି ଜନିତ ଖାଦ୍ୟ ଏବଂ ଔଷଧ ସେବନ ପାଇଁ ପରାମର୍ଶ ଦିଆଯାଇଥାଏ। ଏହାଦ୍ୱାରା ସିଆଲେଣ୍ଡୋସ୍କୋପି ଗ୍ରନ୍ଥିକୁ ବଞ୍ଚାଇବାରେ ସାହାଯ୍ୟ କରେ। ଏହି ଅସ୍ତ୍ରୋପଚାର ଓଡ଼ିଶାରେ ପ୍ରଥମଥର ହୋଇଥିବା ବେଳେ ଏପରି ରୋଗରୁ ରକ୍ଷା ପାଇବା ପାଇଁ ଧୂମପାନ, ମଦ୍ୟପାନରୁ ଦୂରେଇ ରହିବାକୁ ଡା. ଦୀପ୍ତିମାନ ପରାମର୍ଶ ଦେଇଛନ୍ତି।

# ମା' ମଙ୍ଗଳାଙ୍କ ଝାମୁଯାତ୍ରା ଉଦ୍‌ଯାପିତ

**କାକଟପୁର,୨୩।୪(ଶୁଭଦର୍ଶନ ମିଶ୍ର):**

ଶ୍ରୀଜଗନ୍ନାଥ ସଂସ୍କୃତି ସହ ଜଡ଼ିତ କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ପ୍ରସିଦ୍ଧ ଝାମୁଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଭକ୍ତମାନେ ମା'ଙ୍କ ରାଜରାଜେଶ୍ୱରୀ ବେଶ ଦର୍ଶନ କରିଥିଲେ। ଚଳିତବର୍ଷ ଝାମୁଯାତ୍ରାର ବିଶେଷତ୍ୱ ରହିଛି। ପ୍ରତ୍ୟେକ ବର୍ଷ ବୈଶାଖ ମାସର ପ୍ରଥମ ମଙ୍ଗଳବାରକୁ ପଞ୍ଚମ ପାଳି ଝାମୁଯାତ୍ରା ଭାବେ ପାଳନ କରାଯାଉ ଥିବାବେଳେ ଚଳିତବର୍ଷ ଚୈତ୍ର ମାସରେ ପାଞ୍ଚଟି ଯାକ ମଙ୍ଗଳବାର ପଡ଼ିଛି। ତେଣୁ ଏହି ପାଳିରେ ପ୍ରାୟ ୭୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ ଓ କାକଟପୁର ପୋଲିସ ପକ୍ଷରୁ ବ୍ୟାରିକେଡ ଲଗାଇ ଶୃଙ୍ଖଳିତ ଦର୍ଶନ ଏବଂ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ସୋମବାର ରାତ୍ର ୧ଟା ୩୦ରୁ ଦ୍ୱାରଫିଟା ଓ ମଙ୍ଗଳ ଆଳତି, ସ୍ନାନ, ମାର୍ଜନା, ବେଶ,


ମା'ମଙ୍ଗଳାଙ୍କ ରାଜରାଜେଶ୍ୱରୀ ବେଶ ।


ପାଟୁଆ ନିଆଁରେ ଚାଲୁଛନ୍ତି ।

## ମା'ଙ୍କ ରାଜରାଜେଶ୍ୱରୀ ବେଶ ଦର୍ଶନ କଲେ ଶ୍ରଦ୍ଧାଳୁ

ଚନ୍ଦନଲାଗି, ସୂର୍ଯ୍ୟପୂଜା, ବଲ୍ଲଭ ଧୂପ ଏବଂ ସକାଳ ଧୂପ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ସକାଳ ୫ଟା ୩୦ରେ ସାହାଣମେଲା ପରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ଅପରାହ୍ଣ ୧ଟା ୩୦ରୁ ୨ଟା ମଧ୍ୟରେ ଘଣ୍ଟ ପାଟୁଆ ନୃତ୍ୟ ସହ ଝାମୁ ଶେଷ ହୋଇଥିଲା। ପ୍ରବଳ ରୌଦ୍ରତାପ ସତ୍ତ୍ୱେ ଭକ୍ତଙ୍କ ପ୍ରବଳ ଭିଡ଼ ଜମିଥିଲା। ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ମାଗଣା ଅନ୍ନପ୍ରସାଦ ବଣ୍ଟନ ଏବଂ ଅବଢ଼ା ମିଶ୍ରିତ ଜଳଛତ୍ରର ବ୍ୟବସ୍ଥା କରି ଯାତ୍ରୀମାନଙ୍କୁ ଆପ୍ୟାୟିତ କରିବା ସହିତ ମା'ଙ୍କ ଆଶୀର୍ବାଦ ଭିକ୍ଷା କରୁଥିବା ଦେଖିବାକୁ ମିଳିଥିଲା।

# ସଂକ୍ଷେପରେ

## ଡ୍ରେନ୍ ନିୟମିତ ସଫା କରିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ

**ପୁରୀ,୨୩।୪(ଅଜିତ୍ ମହାନ୍ତି)**

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଆସନ୍ତା ଜୁଲାଇ ୭ ଓ ଜୁନ ୨୨ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀକ୍ଷେତ୍ରରେ ଭକ୍ତଙ୍କ ପ୍ରବଳ ଗହଳି ହେବ। ଭକ୍ତ, ଯାତ୍ରୀ ଏବଂ ପୁରୀବାସିନ୍ଦା ଯେପରି କୌଣସି ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି ସେ ନେଇ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ରଥଯାତ୍ରା ଅବ୍ୟବହିତ ପୂର୍ବରୁ ପୁରୀ ସହରର ସମସ୍ତ ଡ୍ରେନ୍ ପରିଷ୍କାର ପରିଚ୍ଛନ୍ନ କାର୍ଯ୍ୟ ଆରମ୍ଭ ହୋଇଛି। ତେବେ ଡ୍ରେନ୍‌ଗୁଡିକ ସଫା ରହୁ ନ ଥିବା ନେଇ ପ୍ରଥମ ରଥଯାତ୍ରା ସମନ୍ୱୟ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ତେଣୁ ନିୟମିତ ଭାବେ ଡ୍ରେନ୍ ସଫା କରିବା ପାଇଁ ପୌର ପ୍ରଶାସନକୁ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି। ପୁରୀ ଏକ ଧାର୍ମିକ, ଐତିହ୍ୟ ଓ ପର୍ଯ୍ୟଟନ ସହର। ଏଠାରେ ଦୈନିକ ହଜାର ହଜାର ଲୋକଙ୍କ ସମାଗମ ହୋଇଥାଏ। ତେଣୁ ଡ୍ରେନ୍ ଓ ରାସ୍ତାଘାଟ ନିୟମିତ ଭାବେ ପରିଷ୍କାର ପରିଚ୍ଛନ୍ନ ରଖିବା ଉପରେ ଜିଲାପାଳ ଗୁରୁତ୍ୱ ଦେଇଛନ୍ତି। ପୌରପାଳିକା ତତ୍ତ୍ୱାବଧାନରେ ଏଜେନ୍ସି ଜାଗୃତି କଲ୍ୟାଣ ସଙ୍ଗଠନ ଦ୍ୱାରା ପୁରୀ ଗ୍ରାଣ୍ଡରୋଡ୍‌ର ଗ୍ରାଣ୍ଡ ସେଣ୍ଟର ଠାରୁ ମରିଚକୋଟ ଛକ ପର୍ଯ୍ୟନ୍ତ ୨୪୪ ମିଟର ଡ୍ରେନ ନିଷ୍କାସନ ଓ ପରିଷ୍କାର କାର୍ଯ୍ୟ ଆରମ୍ଭ ହୋଇଛି। ପୌରପାଳିକା ନିର୍ବାହୀ ଅଧିକାରୀ ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା ଏବଂ ଅନ୍ୟ କର୍ମଚାରୀମାନେ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି।

## ମଙ୍ଗଳା ପୂଜା ଉଦ୍‌ଯାପିତ

**କଣାସ,୨୩।୪(ବିଭୂତି ଭୂଷଣ ତ୍ରିପାଠୀ):**

କଣାସ ବ୍ଲକର ବିଭିନ୍ନ ଗ୍ରାମରେ ଚୈତ୍ର ଶେଷ ମଙ୍ଗଳବାରରେ ମା' ମଙ୍ଗଳାଙ୍କ ପୂଜା ସହ ପାଳନ କରାଯାଇଛି। ବିବାହିତା ମହିଳାମାନେ ପରିବାର ସଦସ୍ୟଙ୍କ ମଙ୍ଗଳ କାମନା କରି ଘର ସମ୍ମୁଖରେ ମା' ମଙ୍ଗଳାଙ୍କ ଫଟୋ କିମ୍ବା ମୂର୍ତ୍ତି ରଖି ପଣା ଅର୍ପଣ ସହ ପୂଜାର୍ଚ୍ଚନା କରିଥିଲେ। ପରେ ଖିରି, ଖେଚୁଡ଼ି, ପିଠା ଭୋଗ କରି ନିଜ ନିଜର ମାନସିକ ପୂରଣ ପାଇଁ ମା'ଙ୍କୁ ମୁଣ୍ଡିଆ ମାରିଥାନ୍ତି।

## ବିଶ୍ୱଶାନ୍ତି ମହାଯଜ୍ଞ ସରିଲା

**ନିମାପଡ଼ା, ୨୩।୪(ରଞ୍ଜନ ପଟ୍ଟନାୟକ):**

ନିମାପଡ଼ା ବ୍ଲକ ଅଧୀନ ଓଳାଂଶ ଗ୍ରାମର ମା'ବାହୁଡେଇ ଦେବୀଙ୍କ ପୀଠରେ ତ୍ରିଦିବସୀୟ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ପୂର୍ଣ୍ଣାହୂତି ସହିତ ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିଲା। ଗ୍ରାମବାସୀଙ୍କ ସସହଯୋଗରେ ଶାନ୍ତିଶୃଙ୍ଖଳାର ସହିତ ଯଜ୍ଞ ଅନୁଷ୍ଠିତ ହୋଇଥିଲା।

## ନାଳରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ

**ଝାଁଳା,୨୩।୪(ବୁଲା ବାରିକ)**

ଭୁବନେଶ୍ୱର ଉପକଣ୍ଠ ଇନ୍‌ଫୋସିଟି ଥାନା ଅଧୀନ ଝାଁଳା ପଞ୍ଚାୟତ ପେଟ୍ରୋଲ ପମ୍ପ ସମ୍ମୁଖ ନାଳରୁ ମଙ୍ଗଳବାର ପୋଲିସ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ ହୋଇଛି। ତେବେ ତାଙ୍କ ପରିଚୟ ମିଳିପାରି ନାହିଁ। ଉକ୍ତ ନାଳର କିଛି ଅଂଶ ମୁକୁଳା ଥିବାରୁ ବ୍ୟକ୍ତି ଜଣଙ୍କ କୌଣସି କାରଣରୁ ଖସିପଡ଼ି ମୃତ୍ୟୁବରଣ କରିଥିବା ଅନୁମାନ କରାଯାଉଛି। ତେବେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ନଟବର ବେଶରେ ଦର୍ଶନ ଦେଲେ ଶ୍ରୀଚୈତନ୍ୟ


ପ୍ରଭୁ ଶ୍ରୀଚୈତନ୍ୟଙ୍କ ନଟବର ବେଶ ଅବସରରେ ପୂଜାର୍ଚ୍ଚନା ଚାଲିଛି ।

**ନିମାପଡ଼ା, ୨୩।୪(ରଞ୍ଜନ ପଟ୍ଟନାୟକ):**

ଚୈତ୍ର ପୂର୍ଣ୍ଣିମା ଅବସରରେ ମଙ୍ଗଳବାର ନଟବର ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି ପ୍ରଭୁ ଶ୍ରୀଚୈତନ୍ୟ। ନିମାପଡ଼ାସ୍ଥିତ ସର୍ବପୁରାତନ ମଠ ରାସବିହାରୀ ମଠ ପକ୍ଷରୁ ଚୈତ୍ର ଏକାଦଶୀ ତିଥିଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ୫ଦିନ ବ୍ୟାପି ରାହାସ ଉତ୍ସବ ପାଳନ କରାଯାଇଛି। ପ୍ରଭୁ ଶ୍ରୀଚୈତନ୍ୟଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ମଠର ଆରାଧ୍ୟ ହେଉଛନ୍ତି ପ୍ରଭୁ ଶ୍ରୀନୃସିଂହ। ରାହାସ ଉତ୍ସବରେ ଶ୍ରୀମଦନମୋହନ, ରାଧାକୃଷ୍ଣ ଯୁଗଳ ମୂର୍ତ୍ତି ସହିତ ପ୍ରଭୁ ଶ୍ରୀଚୈତନ୍ୟ ରାସସ୍ଥଳୀରେ ସ୍ୱତନ୍ତ୍ର ଭାବେ ଥିବା କୁଞ୍ଜଗୃହକୁ ବିଜେକରି ମାନବୀୟ ଲୀଳା ଖେଳ କରିଥାନ୍ତି। ରାସବିହାରୀ ମଠ ଦ୍ୱାରା ଆୟୋଜିତ ଉତ୍ସବକୁ ବସନ୍ତ ରାହାସ ବା ବସନ୍ତ ଉତ୍ସବ କୁହାଯାଏ। ପ୍ରଭୁ ଶ୍ରୀଚୈତନ୍ୟଙ୍କ ନଟବର ବେଶ ଦର୍ଶନ କରିବା ପାଇଁ ଚୈତନ୍ୟ ସମ୍ପ୍ରଦାୟର ସାଧୁସନ୍ଥମାନଙ୍କ ସହିତ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ପୂର୍ଣ୍ଣିମା ତିଥିରେ କୁଞ୍ଜଗୃହରେ ଠାକୁରମାନଙ୍କୁ ଦର୍ଶନ କଲେ ପୁଣ୍ୟ ମିଳିଥାଏ ବୋଲି ମଠାଧୀଶ ଅନନ୍ତ ନାରାୟଣ ଦାଶ କହିଛନ୍ତି। କୁଞ୍ଜମଣ୍ଡପରେ ପ୍ରତ୍ୟହ ସନ୍ଧ୍ୟାରୁ ବିଳମ୍ବିତ ରାତ୍ରିପର୍ଯ୍ୟନ୍ତ ଭଜନ, ସଂକୀର୍ତ୍ତନ, ରାସ ସଙ୍ଗୀତ ଗାନ ସହିତ ନୃତ୍ୟ ପରିବେଷଣ କରାଯାଇଥାଏ।

# ୪ ମେଗା ପାଇପଜଳ ପ୍ରକଳ୍ପ କାର୍ଯ୍ୟ ଅଧାପନ୍ତରିଆ

## ସମୀକ୍ଷା ବେଳେ ଉଦ୍‌ବେଗ ପ୍ରକାଶ କଲେ ଜିଲାପାଳ

**ପୁରୀ,୨୩।୪(ଅଜିତ ମହାନ୍ତି):**

ପୁରୀ ଜିଲାରେ ମେଗା ପାଇପଜଳ ଯୋଗାଣ ପ୍ରକଳ୍ପ ଗୁଡିକର ସମୀକ୍ଷା କରିବା ସହ ତ୍ୱରାନ୍ୱିତ ପ୍ରକ୍ରିୟାରେ କାର୍ଯ୍ୟ ସମାପ୍ତ କରି ଜନସାଧାରଣଙ୍କୁ ଜଳ ଯୋଗାଣ କରିବାକୁ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ଅପରାହ୍ଣରେ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ମେଗା ପାନୀୟଜଳ ଯୋଗାଣ ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଜିଲାପାଳ ସ୍ୱାଇଁ ପ୍ରକଳ୍ପଗୁଡିକ ଆରମ୍ଭ ହେବାର ଅନେକ ଦିନ ପର୍ଯ୍ୟନ୍ତ ଶେଷ ନ ହେବା ଓ ଲୋକଙ୍କ ସେବାରେ ନ ଲାଗିବା ଦୁଃଖଦାୟକ ବୋଲି କହିଥିଲେ। ଆରମ୍ଭ ହୋଇଥିବା ୮ଟି ମେଗା ପ୍ରକଳ୍ପ ମଧ୍ୟରୁ ୪ ଟିର କାର୍ଯ୍ୟ ୪ ବର୍ଷ ହେଲାଣି ଚାଲୁଥିଲେ ମଧ୍ୟ ଶେଷ ହେଉ ନ ଥିବାରୁ ସଂପୃକ୍ତ ଏଜେନ୍ସି ଉପରେ ଜିଲାପାଳ ବିରକ୍ତି ପ୍ରକାଶ କରିଥିଲେ। ଏଲ୍‌ଆଣ୍ଡଟି ଏଜେନ୍ସି ସତ୍ୟବାଦୀର ପ୍ରକଳ୍ପ କାର୍ଯ୍ୟକୁ ଆସନ୍ତା ୧୫ ଦିନ ମଧ୍ୟରେ ଶେଷ କରି ପ୍ରତ୍ୟେକ ପରିବାରକୁ ଜଳ ଯୋଗାଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜିଭିପିଆର ଏଜେନ୍ସି ଅଧିକ ମାନବ ସମ୍ବଳ ଓ କୌଶଳ ଉପଯୋଗ କରି କୃଷ୍ଣପ୍ରସାଦ ବ୍ଲକର ମେଗା ପ୍ରକଳ୍ପକୁ ମେ ୩୧ ସୁଦ୍ଧା ଓ କଣାସ ବ୍ଲକ ମେଗା ପ୍ରକଳ୍ପକୁ ଜୁନ ୩୦ ତାରିଖ ସୁଦ୍ଧା ପୂର୍ଣ୍ଣାଙ୍ଗ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷରେ ଭୋଲଟାସ ଏଜେନ୍ସିର ପ୍ରକଳ୍ପ ମ୍ୟାନେଜର ଯଥାଶୀଘ୍ର କାର୍ଯ୍ୟ ସମାପ୍ତ କରି ମେ ପ୍ରଥମ ସପ୍ତାହ ସୁଦ୍ଧା ଟ୍ରାଏଲ ରନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। କାକଟପୁର, ଅସ୍ତରଙ୍ଗ, ଗୋପ, ପୁରୀ ସଦର, ସତ୍ୟବାଦୀ ଓ ଡେଲାଙ୍ଗ ବ୍ଲକ ଅଞ୍ଚଳରେ ନୂଆ ମେଗା ପ୍ରକଳ୍ପ ପାଇଁ ୭ମାସ ତଳୁ ମଞ୍ଜୁର ସତ୍ତ୍ୱେ ଅଗ୍ରଗତି ହୋଇ ନ ଥିବାରୁ ଯଦି ଜମି ସମସ୍ୟା ରହୁଛି ତେବେ ସଂପୃକ୍ତ ତହସିଲଦାରମାନଙ୍କ ସହ ଯୋଗାଯୋଗ କରି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଅଭିମନ୍ୟୁ ବାରିକ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ସମସ୍ତ ସହକାରୀ ଯନ୍ତ୍ରୀ, ଏସ୍‌ଡିଓ ଏବଂ କନିଷ୍ଠ ଯନ୍ତ୍ରୀମାନେ ଯୋଗ ଦେଇଥିଲେ।


ପୁରୀଠାରେ ମଙ୍ଗଳବାର ଭାଜପାର ମିଶ୍ରଣ ପର୍ବ ଅବସରରେ ଭାଜପା ଏମ୍‌ପି ପ୍ରାର୍ଥୀ ସମ୍ବିତ ପାତ୍ର ଏବଂ ବିଧାୟକ ପ୍ରାର୍ଥୀ ଜୟନ୍ତ ଷଡଙ୍ଗୀ ।

## କାକଟପୁର ହାଇସ୍କୁଲରେ ଜଳଛତ୍ର ସେବା ଶିବିର

**ଅସ୍ତରଙ୍ଗ,୨୩।୪(ମମତା ଜେନା):**

କାକଟପୁର ବ୍ଲକର ମାଧ୍ୟମିକ ବିଦ୍ୟାଳୟ ସମୂହ ସହଯୋଗରେ ସ୍ଥାନୀୟ କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମା' ମଙ୍ଗଳାଙ୍କ ପବିତ୍ର ଝାମୁ ଯାତ୍ରା ଉପଲକ୍ଷେ ଦୂର ଦୁରାନ୍ତରୁ ଆସୁଥିବା ଭକ୍ତଙ୍କ ପାଇଁ ଜଳଛତ୍ର, ପଥଚାରୀଙ୍କୁ ଦହିପଣା, ଥଣ୍ଡାପାଣି ବଣ୍ଟନର ବ୍ୟବସ୍ଥା କରାଯାଇଥିଲା। ସୂଚନା କେନ୍ଦ୍ରରେ ଚୋରି, ନିରୁଦ୍ଦିଷ୍ଟ ପିଲାଙ୍କ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆଇନ୍ ଶୃଙ୍ଖଳା ରକ୍ଷା, ଟ୍ରାଫିକ୍ ନିୟନ୍ତ୍ରଣ, ସଫେଇ କାର୍ଯ୍ୟକ୍ରମ, ଓଆର୍‌ଏସ୍ ବଣ୍ଟନ କରାଯାଇଥିଲା। ଭକ୍ତମାନେ କିପରି ଅଶୁଂଘାତର ଶିକାର ନ ହେବେ ସେଥିପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁ ସୂଚନା କେନ୍ଦ୍ରକୁ ଉଦଘାଟନ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ଦିଲ୍ଲୀପ କୁମାର ଜେନା, ସହ ଶିକ୍ଷାଧିକାରୀ ମୁଖ୍ୟ ଅତିଥି ରୁପେ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ପ୍ରତାପ କୁମାର ରାଉତ, ଶିକ୍ଷକ ସେକ ସମୁରଦ୍ଦିନ, ଏନ୍‌ସିସି ଶିକ୍ଷକ ସନତ କୁମାର ପ୍ରଧାନ, ପ୍ରିୟଦର୍ଶିନୀ ସ୍ୱାଇଁ, ଜୟଶ୍ରୀ ନାୟକ, ଭଗବତୀ ନୋଡାଲ ସ୍କୁଲର ନିବେଦିତା ପ୍ରଧାନ, କଳ୍ପନା ବିଶ୍ୱାଳ, କଣ୍ଟାପଡ଼ା ହାଇସ୍କୁଲର ସୁଧାଂଶୁ ମୋହନ ବିଶ୍ୱାଳ, ସମ୍ପାଦକ ରାଜକିଶୋର ସେଠ୍ ପ୍ରମୁଖ ପରିଚାଳନା କରିଥିଲେ। କାକଟପୁର ହାଇସ୍କୁଲର ଛାତ୍ରୀ ଅଭିଲିପ୍ସା ସାହାଣୀ ଓ ସୁଶ୍ରୀ ଜସ୍ମିନ ପଣ୍ଡାଙ୍କ କାର୍ଯ୍ୟ ଥିଲା ପ୍ରଶଂସନୀୟ। ପ୍ରଧାନଶିକ୍ଷକ, ଛାତ୍ରଛାତ୍ରୀ ଓ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ରଥଯାତ୍ରାରେ ଖୋଲିବ ପଲ୍ଲିଶ୍ରୀ ମେଳା

**ପୁରୀ, ୨୩।୪(ଅଜିତ୍ ମହାନ୍ତି)**

ବିଗତ ବର୍ଷଗୁଡ଼ିକ ଭଳି ଚଳିତବର୍ଷ ପୁରୀ ରଥଯାତ୍ରାରେ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା ଆୟୋଜନ କରାଯିବ। ଏହି ମେଳା ଶରଧାବାଲି ନିକଟ ଭୋଳାନାଥ ବିଦ୍ୟାପୀଠଠାରେ ଅନୁଷ୍ଠିତ ହେବ ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ମଙ୍ଗଳବାର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟଠାରେ ପଲ୍ଲିଶ୍ରୀ ମେଳା ଆୟୋଜନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଜିଲାପାଳ ସ୍ୱାଇଁ କହିଥିଲେ, ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଦେଶ ବିଦେଶର ଲକ୍ଷ ଲକ୍ଷ ଲୋକଙ୍କ ସମାଗମ ହେଉଥିବାରୁ ପଲ୍ଲିଶ୍ରୀ ମେଳାକୁ ଅଧିକ ଆକର୍ଷଣୀୟ ଓ ସୁନ୍ଦର ଭାବେ ସମ୍ପାଦନ କରିବାର ଆବଶ୍ୟକତା ରହିଛି। ପୂର୍ବ ବର୍ଷର ଅନୁଭବ ଓ ଅଭିଜ୍ଞତା ଆଧାରରେ ଏହାକୁ ଅଧିକ ଶୃଙ୍ଖଳିତ, ଲୋକାଭିମୁଖୀ ଓ ଆକୃଷ୍ଟ କରାଯିବ ବୋଲି ଜିଲାପାଳ ସ୍ୱାଇଁ ମତ ପ୍ରକାଶ କରିଥିଲେ। ଗତବର୍ଷର ୨୭୫ ଷ୍ଟଲକୁ ଚଳିତ ବର୍ଷ ୩୦୦କୁ ବୃଦ୍ଧି ସହ ଆକର୍ଷଣୀୟ କରିବାକୁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ସମସ୍ତଙ୍କୁ ସ୍ୱାଗତ ସହ ପଲ୍ଲିଶ୍ରୀ ମେଳା ସମ୍ପର୍କରେ ବିଗତ ବର୍ଷର ତଥ୍ୟ ଉପସ୍ଥାପନ କରିଥିଲେ। ଚଳିତ ବର୍ଷ ପଲ୍ଲିଶ୍ରୀ ମେଳା ଆୟୋଜନର ବିବିଧ କାର୍ଯ୍ୟକ୍ରମ ସମ୍ପର୍କରେ ସେ ସୂଚନା ଦେଇଥିଲେ। ବିଭିନ୍ନ ବିଭାଗର କାର୍ଯ୍ୟ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଉପରେ ଆଲୋଚନା କରାଯାଇଥିଲା। ଏଡିଏମ୍‌ଓ ଡାକ୍ତର ବିରଜା ଶଙ୍କର ରଥ, ପୌର ନିର୍ବାହୀ ଅଧିକାରୀ ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା, ଡିଆଇସି ଅମୂଲ୍ୟ କୁମାର ପଣ୍ଡା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଏବଂ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ।

# ବକ୍ରେଶ୍ୱର ଦେବଙ୍କ ମନ୍ଦିରରୁ ଚୋରି ଉଦ୍ୟମ: ୩ ଗିରଫ

**ବଳଙ୍ଗା,୨୩।୪(କେଦାରେଶ୍ୱର ନନ୍ଦ):**

ବଳଙ୍ଗା ଗ୍ରାମ ତଥା ବଜାର ନିକଟସ୍ଥ ବକ୍ରେଶ୍ୱର ମହାଦେବଙ୍କ ମନ୍ଦିରରୁ ଚୋରି ଉଦ୍ୟମ ହୋଇଛି। ରବିବାର ବିଳମ୍ବିତ ରାତ୍ରିରେ ୪ଜଣ ଦୁର୍ବୃତ୍ତ ଏକ କାର୍ (ନଂ. ଓଡି-୦୨-କ୍ୟୁ-୯୧୬୮) ଯୋଗେ ଆସି ମନ୍ଦିର ଭିତରେ ଥିବା ଶାଳଗ୍ରାମ, ଦାନ ଟଙ୍କା, ସୁନା ରୁପା ଅଳଙ୍କାର ଚୋରି କରୁଥିବାବେଳେ ସ୍ଥାନୀୟ ଲୋକଙ୍କ ହାତରେ ୩ଜଣ ଧରାପଡ଼ିଛନ୍ତି। ତେବେ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ସମ୍ପୃକ୍ତ ୩ ଅଭିଯୁକ୍ତଙ୍କ ସମେତ କାରକୁ ଲୋକେ ପୋଲିସ ଜିମା ଦେଇଛନ୍ତି। ଏ ସମ୍ପର୍କରେ ନ୍ୟାସୀ ପ୍ରମୋଦ କୁମାର ସାହୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ଦିବ୍ୟରଞ୍ଜନ ପଣ୍ଡା ଏକ କେସ୍ (ନଂ. ୧୧୫/୨୪) ରୁଜୁ କରିଥିବାବେଳେ ଏସ୍‌ଆଇ କେଦାର ଚନ୍ଦ୍ର ଦୋରାଙ୍କୁ ତଦନ୍ତ ଦାୟିତ୍ୱ ଦେଇଛନ୍ତି। ଗିରଫ ୩ ଅଭିଯୁକ୍ତ ହେଲେ ନିମାପଡ଼ା ଥାନା ଅଧୀନ ଝାମ୍ପୁଲାକୁଦ ଗ୍ରାମର ଦୀପ୍ତିରଞ୍ଜନ ଦେବତା, ତଳଅଣ୍ଡିଆର ସନ୍ତୋଷ ଭୋଇ ଓ ସରୋଜ କୁମାର ବେହେରା। ସେହିପରି ଅଭିଯୁକ୍ତ ଲକ୍ଷ୍ମୀଧର ସାମଲ ଫେରାର ଥିବା ଜଣାପଡ଼ିଛି। ଠାକୁରଙ୍କ ସେବକ ଧଡୁ ମହାପାତ୍ର ଶବ୍ଦ ଶୁଣି ମନ୍ଦିର ନ୍ୟାସୀ ପ୍ରମୋଦ କୁମାର ସାହୁଙ୍କୁ ଜଣାଇଥିଲେ। ସେ ଗାଁ ଲୋକଙ୍କୁ ଡାକିବାରୁ ଅଭିଯୁକ୍ତ ଲକ୍ଷ୍ମୀଧର କାରରେ ପଶିଯାଇଥିଲେ। ଗ୍ରାମବାସୀ କାର ଅଟକାଇବାରୁ ସେ ଖସି ପଳାଇଥିଲେ। ୩ ଅଭିଯୁକ୍ତଙ୍କୁ ସୋମବାର ନିମାପଡ଼ା କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍‌କୁ ପଠାଇ ଦିଆଯାଇଛି।

# ସିମେଣ୍ଟ ଗୋଦାମରେ ବୋମାମାଡ଼ ଘଟଣା: ବାପାଙ୍କ ହତ୍ୟାର ପ୍ରତିଶୋଧ ନେବାକୁ ବୋମାମାଡ଼ କରିଥିଲେ ଅଭିଯୁକ୍ତ

**ପୁରୀ,୨୩।୪(ଅଜିତ୍ ମହାନ୍ତି):**

ଚନ୍ଦନପୁର ଅଞ୍ଚଳରେ ଥିବା ଏକ ସିମେଣ୍ଟ ଗୋଦାମ ଉପରେ ହୋଇଥିବା ବୋମାମାଡ଼ ଘଟଣାରେ ଚନ୍ଦନପୁର ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ସରୋଜ କୁମାର ସାହୁ। ବାପାଙ୍କ ହତ୍ୟାର ପ୍ରତିଶୋଧ ନେବା ପାଇଁ ସରୋଜ ସିମେଣ୍ଟ ଦୋକାନ ଉପରେ ବୋମା ମାଡ଼ କରିଥିଲେ ବୋଲି ସ୍ୱୀକାର କରିଥିବା ପୋଲିସ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛି। ମଙ୍ଗଳବାର ସଦର ଏସ୍‌ଡିପିଓ ରବି ନାରାୟଣ ଭଞ୍ଜ ସୂଚନା ଦେଇ କହିଛନ୍ତି, ସୋମବାର ରାତିରେ ଚନ୍ଦନପୁର ଥାନା ଅଞ୍ଚଳରେ ଏକ ବୋମାମାଡ଼ ଘଟିଥିଲା, ଯାହାକୁ ନେଇ ମୌସୁମୀ ସାହୁ ଥାନାରେ ଏକ ମାମଲା ରୁଜୁ କରିଥିଲେ। ଏତଲାକୁ ଭିତ୍ତି କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଘଟଣା ରାତିରେ ସରୋଜ ଏବଂ ପବିତ୍ର ମଲ୍ଲିକ ନାମକ ଜଣେ ଯୁବକ ଏକ ବାଇକ୍ ଯୋଗେ ସିମେଣ୍ଟ ଗୋଦାମକୁ ଯାଇଥିଲେ। ଦାଦାବଟି ମାଗିବା ସହ ବୋମାମାଡ଼ କରିଥିଲେ। ବୋମାମାଡ଼ କରି ଘଟଣା ସ୍ଥଳରୁ ଖସିଯିବାକୁ ଚେଷ୍ଟା କରୁଥିବା ବେଳେ ପବିତ୍ର ଗାଡ଼ିରୁ ପଡି ଆହତ ହୋଇଥିଲେ। ସ୍ଥାନୀୟ ଲୋକ ପବିତ୍ରଙ୍କୁ କାବୁ କରିଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପବିତ୍ରଙ୍କୁ ପୁରୀ ମେଡିକାଲରେ ଭର୍ତ୍ତି କରିଥିବାବେଳେ ସରୋଜ ଖସି ପଳାଇଥିଲେ। ପରେ ପୋଲିସ ଅଭିଯୁକ୍ତ ସରୋଜଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ବ୍ୟବହାର ହୋଇଥିବା ବାଇକ୍ ଓ ଦୁଇଟି ଜୀବନ୍ତ ବୋମା ଜବତ କରିଛି। ତେବେ ବୋମାଗୁଡ଼ିକୁ ଅଭିଯୁକ୍ତମାନେ ନିଜେ ହାତରେ ତିଆରି କରିଥିବା ସୀକାର କରିଛନ୍ତି। ଅଭିଯୁକ୍ତ ସରୋଜଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ସହଯୋଗୀ ପିବତ୍ର ସୁସ୍ଥ ହେବା ପରେ କୋର୍ଟ ଚାଲାଣ କରାଯିବ ବୋଲି ଭଞ୍ଜ ସୂଚନା ଦେଇଛନ୍ତି।

# ନୟାହାଟ ଫାଣ୍ଡିରେ ଲାଞ୍ଚୁଆ ପୋଲିସ

## -ଏସ୍‌ପି କହିଲେ ତଦନ୍ତ ପରେ ହେବ କାର୍ଯ୍ୟାନୁଷ୍ଠାନ

**ଯୋଗେଶ୍ୱରପୁର, ୨୩।୪(ରଶ୍ମିରଞ୍ଜନ ସାହୁ):**

ନୟାହାଟ ଫାଣ୍ଡି ଅବ୍ୟବସ୍ଥାରେ ଚାଲିଛି। ଏଠାରେ ଦୁଇଜଣ ପୋଲିସ କର୍ମଚାରୀ ଥିବାବେଳେ ବିଭିନ୍ନ ସମସ୍ୟା ଲାଗିରହିଛି। ପୋଲିସ କର୍ମଚାରୀ ଲାଞ୍ଚ ମାଗୁଥିବା ସାଧାରଣରେ ଅଭିଯୋଗ ହେଉଛି। ଫଳରେ ଲୋକେ ଫାଣ୍ଡିକୁ ଅଭିଯୋଗ ଜଣାଇବା ପାଇଁ ଯିବାକୁ କୁଣ୍ଠା ପ୍ରକାଶ କରୁଥିବା ଶୁଣିବାକୁ ମିଳୁଛି। ନୟାହାଟ ଫାଣ୍ଡିରେ ଥିବା କର୍ମଚାରୀ ବିଭିନ୍ନ ଅଭିଯୋଗର ରଫାଦଫା କରି ମୋଟା ଅଙ୍କର ଅର୍ଥ ଆଦାୟ କରୁଥିବା ସାଧାରଣରେ ଅଭିଯୋଗ ହୋଇଛି। ପୋଲିସ ପକ୍ଷରୁ ପାଟ୍ରୋଲିଂ ହେଉ ନ ଥିବାବେଳେ ମନଇଚ୍ଛା କାମ କରାଯାଉଛି। ଅଭିଯୋଗ ଅନୁଯାୟୀ, ଜଣେ ମହିଳା ୪ମାସ ତଳେ ଆକ୍ରମଣର ଶିକାର ହୋଇ ଭୁବନେଶ୍ୱରରେ ଚିକିତ୍ସା ହୋଇଥିବାବେଳେ ତାଙ୍କର ଡାକ୍ତରୀ ସାର୍ଟିଫିକେଟ୍ ଆଣିବାକୁ ପୋଲିସ ଯାଉନାହିଁ। ଏ ନେଇ ଫାଣ୍ଡି ଅଧିକାରୀ କୁନାଲ କୁମାରଙ୍କୁ ପଚାରିବାରେ ମୁଁ ଦୁଇଥର ଗଲିଣି କିନ୍ତୁ ଡାକ୍ତରଙ୍କୁ ପାଉନାହିଁ ବୋଲି କହିଛନ୍ତି। ମକଦ୍ଦମା ଏବଂ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ୧୦ ହଜାର ଟଙ୍କା ପୋଲିସ ଲାଞ୍ଚ ନେଇଥିବା ଅଭିଯୋଗ ହେଉଛି। ସେହିପରି ଏକ କ୍ଷୀର ଗାଡ଼ି ଆମ୍ବରରୁ ଅସ୍ତରଙ୍ଗ ଯିବା ବାଟରେ ନୟାହାଟ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଦେହରେ ଘସିହୋଇଯାଇଥିଲା। ତାଙ୍କର କୌଣସି କ୍ଷତ ହୋଇ ନ ଥିଲା କି ସେ ମକଦ୍ଦମା କରିବାକୁ ଚାହୁଁ ନ ଥିଲେ। ହେଲେ ଫାଣ୍ଡିର କନଷ୍ଟେବଳ ସମ୍ପୃକ୍ତ ଡ୍ରାଇଭରଙ୍କଠାରୁ ୩ହଜାର ଟଙ୍କା ନେଇଥିଲେ। ସେହିପରି ଜଣେ ମହିଳାଙ୍କୁ ଚାପୁଡ଼ା ମାରିବା ଘଟଣାରେ ପୋଲିସ ମକଦ୍ଦମା ରୁଜୁ କଲା ସତ ହେଲେ ଅଭିଯୁକ୍ତ ଏବଂ ଅଭିଯୋଗକାରୀଙ୍କଠାରୁ ଟଙ୍କା ନେଲା। କେତେକ ଅଭିଯୋଗକୁ ପୋଲିସକୁ ପରୋକ୍ଷରେ ସ୍ୱୀକାର କରିଥିବାବେଳେ ବିନା ଟଙ୍କାରେ କାମ ହୁଏ ନାହିଁ ବୋଲି କହୁଛି। ତେଣୁ ତୁରନ୍ତ ଏଥିପ୍ରତି ଏସ୍‌ପି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ଏସ୍‌ପି ପିନାକ ମିଶ୍ରଙ୍କୁ ପଚାରିବାରେ ଅଭିଯୋଗର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶ

## ଅଘୋରୀ ବାବାଙ୍କ ସାପ ଧରି ନୃତ୍ୟ ଘଟଣା

**ପୁରୀ,୨୩।୪(ଅଜିତ୍ ମହାନ୍ତି)**

ଗତ ୧୯ତାରିଖରେ ଛଇତନା ମେଳଣରେ ପାଟିରେ ଜୀବନ୍ତ ସାପକୁ ପୁରାଇବା ସହ ବେକରେ ଗୁଡ଼ାଇ ଜଣେ ଅଘୋରି ବାବା ନୃତ୍ୟ କରିବା ଘଟଣା ସୋସିଆଲ ମିଡିଆରେ ଭାଇରାଲ ହେବାପରେ ଏହାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଜୀବନ୍ତ ଜୀବଙ୍କ ସହ ଏଭଳି ଖେଳ ବନ୍ୟପ୍ରାଣୀ ଆଇନର ଉଲ୍ଲଂଘନ କରୁଛି। ତେଣୁ ଘଟଣାର ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ପୁରୀ ଏସ୍‌ପି ପିନାକ ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି।

ଭାଇରାଲ୍ ହୋଇଥିବା ଭିଡିଓରେ ଡିଜେର ତାଳେତାଳେ ଲୋକଙ୍କ ଗହଳି ମଧ୍ୟରେ ଆଘୋରି ବାବା ଜଣଙ୍କ ବିଭିନ୍ନ ରଣ କୌଶଳ ସହ ନୃତ୍ୟ ପରିବେଷଣ କରୁଥିବାର ଦେଖିବାକୁ ମିଳିଥିଲା। ଏପରି କି ଜୀବନ୍ତ ସାପକୁ ଦେହ, ବେକ ଆଦିରେ ଗୁଡ଼େଇ ନୃତ୍ୟ କରିବା ସହ ସାପକୁ ପାଟିରେ ପୁରେଇ କାମୁଡ଼ି ରକ୍ତାକ୍ତ କରି ନୃତ୍ୟ କରୁଥିଲେ। ତେବେ ଅଘୋରିଙ୍କ ସାପ ଖେଳର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ବନ୍ୟଜନ୍ତୁ ସୁରକ୍ଷା ଆଇନ ଉଲ୍ଲଂଘନ କରାଯାଇଥିବା



ବନ୍ୟଜନ୍ତୁ ପ୍ରେମୀ ଅଭିଯୋଗ କରିବା ସହ ବନ ବିଭାଗର ଦୃଷ୍ଟାନ୍ତମୂଳକ କାର୍ଯ୍ୟରେ ଖିଲାପ ଯୋଗୁଁ ଏହା ସମ୍ଭବ ହେଉଛି ବୋଲି ଅଭିଯୋଗ କରିଥିଲେ। ତେବେ ଏନେଇ ଏସ୍‌ପି ପିନାକ ମିଶ୍ର କହିଛନ୍ତି, ଏପରି ଘଟଣା ପୋଲିସ ନଜରକୁ ଆସିଛି। ପୋଲିସ ବିଭାଗ ତରଫରୁ ମଧ୍ୟ ତଦନ୍ତ ଆରମ୍ଭ ହୋଇଛି। ଅଘୋରିମାନେ କିଏ ତାଙ୍କୁ କେଉଁ ଇଭେଣ୍ଟ ତରଫରୁ ଅ ଣା ଯା ଇ ଥି ଲ । । ସେମାନେ ପୂର୍ବରୁ କେଉଁଠି କେଉଁଠି କାର୍ଯ୍ୟକ୍ରମ କରିଛନ୍ତି, ସେନେଇ ତଦନ୍ତ କରି ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ରାମଚଣ୍ଡୀ ଥାନା ଅଧିକାରୀଙ୍କୁ କୁହାଯାଇଛି। ରିପୋର୍ଟ ପରେ କାର୍ଯ୍ୟାନଷ୍ଠାନ ନିଆଯିବ ବୋଲି ଏସ୍‌ପି କହିଛନ୍ତି। ସେହିପରି ଜୀବନ୍ତ ଜୀବଙ୍କୁ ରଖିବା ବନ୍ୟ ଜନ୍ତୁ ନିୟମର ଉଲ୍ଲଂଘନ ଅଟେ। ଏନେଇ ଡିଏଫ୍‌ଓ ଙ୍କ ସହ ଆଲୋଚନା କରାଯାଇ ସମସ୍ତ ସହଯୋଗ କରାଯିବ ବୋଲି ଏସ୍‌ପି ମିଶ୍ର କହିଛନ୍ତି। ସେହିପରି ରାମଚଣ୍ଡୀ ଥାନା ଅଧିକାରୀ ସୁରେଶ ପୃଷ୍ଟି କହିଛନ୍ତି, ଏସ୍‌ପିଙ୍କ ନିର୍ଦ୍ଦେଶ ଆସିଛି। ତଦନ୍ତ କରି ରିପୋର୍ଟ ପ୍ରଦାନ କରାଯିବ ବୋଲି କହିଛନ୍ତି। ଅପରପକ୍ଷରେ ବନ ବିଭାଗ ତରଫରୁ ତଦନ୍ତ ଆରମ୍ଭ କରାଯାଇଛି ଏବଂ ଏଭଳି ସାପ ଖେଳ ବନ୍ୟଜନ୍ତୁ ସୁରକ୍ଷା ଆଇନକୁ ଉଲ୍ଲଂଘନ କରୁଥିବାରୁ ଦୋଷୀଙ୍କ ପ୍ରତି ଦଣ୍ଡନୀୟ ପଦକ୍ଷେପ ନିଆଯିବ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## 'ପୁସ୍ତକ ପ୍ରତି ଆଦର ସୃଷ୍ଟି କରାଯିବା ଉଚିତ'

କଟକ,(କାର୍ତ୍ତିକ ସାହୁ): କଟକ ଶତାବ୍ଦୀ ବିହାରସ୍ଥିତ ନଳିନୀ ଭବନରେ ପୁଣ୍ୟଭୂମି ଅନୁଷ୍ଠାନ ପକ୍ଷରୁ ମଙ୍ଗଳବାର ବିଶ୍ୱ ପୁସ୍ତକ ଦିବସ ପାଳିତ ହୋଇଯାଇଛି। ପୁଣ୍ୟଭୂମିର ସମ୍ପାଦକ ସଞ୍ଜିତ୍ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କବି ନୃସିଂହ ଚରଣ ଜେନା, ପ୍ରକାଶକ ଅଜିତ୍ କୁମାର ମହାପାତ୍ର, ଅଧ୍ୟାପକ ଗୋପୀନାଥ ପଣ୍ଡା, କବି ଦୀନବନ୍ଧୁ ସାହୁ, ପ୍ରତାପ ସାହୁ, ମନୋଜ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ। ପୁସ୍ତକ ପ୍ରତି ଆଦର ସୃଷ୍ଟି କରିବା ପାଇଁ ସମସ୍ତେ ପ୍ରୟାସ କରିବା ଉଚିତ୍ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଆଇନଜୀବୀ ଅଶୋକ ଦାସ ଧନ୍ୟବାଦ ଦେଇଥିଲେ।

**ସଂକ୍ଷେପରେ**

## 'ସାହିତ୍ୟିକଙ୍କର ସମାଜକୁ ପରିବର୍ତ୍ତନ କରିବାର କ୍ଷମତା ରହିଛି'

କଟକ,୨୩।୪ (କାର୍ତ୍ତିକ ସାହୁ)

ଶ୍ରୀଦୁର୍ଗା ସାହିତ୍ୟ ସଂସଦର ବୈଶାଖୀ ଉତ୍ସବ ଖପୁରିଆସ୍ଥିତ ସିଦ୍ଧିଦୁର୍ଗା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ପଣ୍ଡିତ ଚୈତନ୍ୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦର ସଭାପତି କୈଳାସ ଚନ୍ଦ୍ର ଜେନା ଯୋଗଦେଇ ସାହିତ୍ୟିକଙ୍କର ସମାଜକୁ ପରିବର୍ତ୍ତନ କରିବାର କ୍ଷମତା ଅଛି ବୋଲି କହିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଆଇନଜୀବୀ ପତିତପାବନ ମହାପାତ୍ର, ବରେଣ୍ୟ ଅତିଥି ରସଗୁଲାର ସମ୍ପାଦକ ବାବାଜୀ ଚରଣ ଲେଙ୍କା ଓ ସମ୍ମାନିତ ଅତିଥି କବି ମନୋରଞ୍ଜନ ପଣ୍ଡା ଯୋଗଦେଇଥିଲେ। ଏହି ଅବସରରେ ପଣ୍ଡିତ ଚୈତନ୍ୟ କୁମାର ସାହୁଙ୍କ ରଚିତ ପୁସ୍ତକ ପ୍ରବନ୍ଧ ପୌରୁଷ ପ୍ରବାଦ ଉନ୍ମୋଚିତ ହୋଇଥିଲା। ଆଦିତ୍ୟ ରଞ୍ଜନ ଦାଶ ଓ ସୁକାନ୍ତି ମହାନ୍ତିଙ୍କ ସଂଯୋଜନାରେ ବସନ୍ତ କୁମାର ସାହୁ, ସଚ୍ଚିଦାନନ୍ଦ କର, ପ୍ରଭାକର ଦାସ, ଅଭୟ ପାତ୍ର, ସରୋଜିନୀ ସାହୁ, ତ୍ରିଲୋଚନ ମହାକୁଳ, ଡ. ନିରଞ୍ଜନ ଖଟୁଆ କବିତା ପାଠ କରିଥିଲେ। ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ସ୍ୱାଗତ ଭାଷଣ ଓ ସୁରେନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ।

# 'ପ୍ରଯୁକ୍ତି ବିଦ୍ୟାର ବିକାଶ ଉତ୍ପାଦନ ବୃଦ୍ଧିରେ ସାହାଯ୍ୟ କରିଛି'



ଏନ୍‌ଆର୍‌ଆର୍‌ଆଇ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

**ଏନ୍‌ଆର୍‌ଆର୍‌ଆଇର ପ୍ରତିଷ୍ଠା ଦିବସ ପାଳିତ**

କଟକ,୨୩।୪ (କାର୍ତ୍ତିକ ସାହୁ)

କଟକ ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ (ଏନ୍‌ଆର୍‌ଆର୍‌ଆଇ)ର ୭୯ତମ ପ୍ରତିଷ୍ଠା ଦିବସ ଏବଂ ଧାନ ଦିବସ ପ୍ଲାଟିନମ୍ ଜୁବିଲି ସମ୍ମିଳନୀ କକ୍ଷରେ ମଙ୍ଗଳବାର ପାଳିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ଡ. ଅମରେଶ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୂଆଦିଲ୍ଲୀସ୍ଥିତ ଭାରତ ସରକାରଙ୍କ କୃଷି ଗବେଷଣା ଏବଂ ଶିକ୍ଷା ବିଭାଗର ସଚିବ ତଥା ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ମହାନିର୍ଦ୍ଦେଶକ ଡ. ହିମାଂଶୁ ପାଠକ ଭର୍ଚୁଆଲ୍‌ରେ ଯୋଗଦେଇ କହିଛନ୍ତି, ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ଅନୁସନ୍ଧାନ ଏବଂ ପ୍ରଯୁକ୍ତି ବିଦ୍ୟାର ବିକାଶ ଭାରତକୁ ଖାଦ୍ୟଶସ୍ୟ, ମାଛ, ଉଦ୍ୟାନ କୃଷି ଫସଲ ଏବଂ ଦୁଗ୍ଧ ଉତ୍ପାଦନକୁ ଅନେକ ଗୁଣା ବୃଦ୍ଧି କରିବାରେ ସାହାଯ୍ୟ କରିଛି। ଅନୁଷ୍ଠାନର ପଦକ୍ଷେପ ମଧ୍ୟ ପ୍ରାକୃତିକ ସମ୍ପଦ ପରିଚାଳନା, ଜଳବାୟୁ ସ୍ଥିରତା ଏବଂ ଅର୍ଥନୈତିକ କ୍ଷେତ୍ରରେ ଉନ୍ନତି ଆଣିଛି। ଏହି ଅବସରରେ ଡ. ପାଠକ ଦ୍ୱିତୀୟ ଡ. କେ. ରାମାୟା ଫାଉଣ୍ଡେସନ୍ ଦିବସର ବ୍ୟାଖ୍ୟାନ ପ୍ରଦାନ କରିଥିଲେ।

ନୂଆଦିଲ୍ଲୀସ୍ଥିତ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଓ ଶିକ୍ଷା ବିଭାଗର ଉପମହାନିର୍ଦ୍ଦେଶକ ଡ. ଆର୍. ସି. ଅଗ୍ରୱାଲ କହିଛନ୍ତି, ଦେଶରେ ଉଦ୍ୟାନ କୃଷି, ମତ୍ସ୍ୟପାଳନ ଏବଂ ପ୍ରାଣୀ ବିଜ୍ଞାନ ସହିତ କୃଷିକ୍ଷେତ୍ରରେ ଅନୁସନ୍ଧାନ ଏବଂ ଶିକ୍ଷାର ସମନ୍ୱୟ, ମାର୍ଗଦର୍ଶନ, ପରିଚାଳନା ପାଇଁ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ହେଉଛି ସର୍ବୋଚ୍ଚ ସଂସ୍ଥା। ଏହା କୃଷି ଶିକ୍ଷାରେ ଉତ୍କର୍ଷତା ବୃଦ୍ଧି କରିବାରେ ଦୀର୍ଘଦିନ ଧରି ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛି। ଭାରତରେ କୃଷି ଶିକ୍ଷା ଏବଂ ଅନୁସନ୍ଧାନକୁ ଅଗ୍ରଗତି କରିବାରେ ଅନ୍ତର୍ଜାତୀୟ ସହଯୋଗ ଓ ସହଭାଗିତାର ଗୁରୁତ୍ୱ ଉପରେ ସେ ଆଲୋକପାତ କରିଥିଲେ।

ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ସହାୟକ ମହାନିର୍ଦ୍ଦେଶକ ଡ. ଏସ୍. କେ. ପ୍ରଧାନ କହିଛନ୍ତି, ଗୋଟିଏ ବର୍ଷରେ ୧୯ଟି ଧାନ କିସମର ବିକାଶ କରିବା ପାଇଁ ଏନ୍‌ଆର୍‌ଆର୍‌ଆଇର ପ୍ରୟାସ ପ୍ରଶଂସନୀୟ। ଜଳବାୟୁ ପରିବର୍ତ୍ତନ, ବିଶ୍ୱ ଜନସଂଖ୍ୟାର ବୃଦ୍ଧି ପରିପ୍ରେକ୍ଷୀରେ ଖାଦ୍ୟ ସୁରକ୍ଷା ଏବଂ କୃଷି ସ୍ଥିରତା ହାସଲ କରିବା ବର୍ତ୍ତମାନର ଆହ୍ୱାନ। ସେହିପରି ଓୟୁଏଟିର କୁଳପତି ଡ. ପି. କେ. ରାଉଳ କହିଛନ୍ତି, କୃଷି ସମସ୍ୟାର ସମାଧାନ, ଫସଲ ଉତ୍ପାଦନ ବୃଦ୍ଧି ଏବଂ ସ୍ଥାୟୀ କୃଷି ପ୍ରଣାଳୀକୁ ପ୍ରୋତ୍ସାହିତ କରିବା ପାଇଁ ଅତ୍ୟାଧୁନିକ ଗବେଷଣା ଚାଲୁରହିଛି। ଏହି ଅନୁଷ୍ଠାନ କୃଷକ ସମ୍ପ୍ରଦାୟ ମଧ୍ୟରେ ଏକ ଦୃଢ଼ ସମ୍ବନ୍ଧ ସ୍ଥାପନ କରିଚାଲିଛି, ଯାହା କୃଷକଙ୍କୁ ଉତ୍ପାଦନ ବୃଦ୍ଧି ତଥା ଅତିରିକ୍ତ ଆୟ ସୃଷ୍ଟି କରିବାରେ ସକ୍ଷମ କରୁଛି। ଏହି କାର୍ଯ୍ୟକ୍ରମରେ କୋଲକାତାସ୍ଥିତ ଅଟାରୀର ନିର୍ଦ୍ଦେଶକ ଡ. ପି. ଦେ, କେନ୍ଦ୍ରୀୟ ମଧୁର ଜଳ ଓ ଜୀବପାଳନ ଅନୁସନ୍ଧାନ ସଂସ୍ଥାର ନିର୍ଦ୍ଦେଶକ ଡ. ପି. କେ. ସାହୁ, ଭାରତୀୟ ଜଳ ପ୍ରବନ୍ଧନ ସଂସ୍ଥାନର ନିର୍ଦ୍ଦେଶକ ଡ. ଏ. ଷଡ଼ଙ୍ଗୀ, ଏଗ୍ରିଇନୋଭେଟ ଇଣ୍ଡିଆ ଲିମିଟେଡ୍‌ର ସିଇଓ ଡ. ପି. ମଲ୍ଲିକ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ୨୦ଟି ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏଥିସହ ୧୬ଜଣ ଅବସରପ୍ରାପ୍ତ କର୍ମଚାରୀ, ଅନୁଷ୍ଠାନର ୧୦ଜଣ ଶ୍ରେଷ୍ଠ କର୍ମୀ ଏବଂ ଦ୍ୱାଦଶ ଶ୍ରେଣୀର ଜଣେ ମେଧାବୀ ଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଡ. ରାହୁଲ ତ୍ରିପାଠୀ ଏବଂ ଡ. ଗୁରୁ ପ୍ରସନ୍ନ ପାଣ୍ଡି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆଜିଠୁ ମା' ହାଡ଼ବାଇଙ୍କ ଯାତ୍ରା ଉତ୍ସବ

ଫୁଲନଖରା,୨୩।୪(ସତ୍ୟରଞ୍ଜନ ଦାସମହାପାତ୍ର)

କଟକସଦରଥାନା ଅନ୍ତର୍ଗତ ତେଲଙ୍ଗାପେଣ୍ଠ ନିକଟ ନୂଆଗଡ଼ ଗ୍ରାମର ମା' ହାଡ଼ବାଇଙ୍କ ଯାତ୍ରା ଉତ୍ସବ ବୁଧବାରଠାରୁ ଆରମ୍ଭ ହୋଇ ୨୭ ତାରିଖରେ ସରିବ। ଏହାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ନୂଆଗଡ଼ ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ବିକ୍ରମ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ଯାତ୍ରା ଅବସରରେ ୪ ଦିନ ଅପେରା ପରିବେଷଣ କରାଯିବ। ଏହି ଯାତ୍ରାକୁ ଶାନ୍ତିଶୃଙ୍ଖଳାରେ ପରିଚାଳନା କରିବା ପାଇଁ ନୂତନ ଭାବେ କମିଟି ଗଠନ କରାଯାଇଛି। ଯାତ୍ରାରେ ଲୋକଙ୍କ ପାଇଁ କମିଟି ପକ୍ଷରୁ ଥଣ୍ଡା ପାନୀୟଜଳ ବ୍ୟବସ୍ଥା, ଯାତ୍ରା ପଡ଼ିଆ ଏବଂ ଆଖପାଖ ସ୍ଥାନରେ ଆଲୋକୀକରଣ, ବିଶୃଙ୍ଖଳା ସୃଷ୍ଟିକାରୀଙ୍କ ଉପରେ ନଜର ରଖିବା ପାଇଁ ୪୦ଟି ସିସିଟିଭି କ୍ୟାମେରା ବ୍ୟବସ୍ଥା କରାଯାଇଛି। ଏଥିସହ ପ୍ରଥମ ଦିନରେ ଶାସକ ଦଳର ନେତା ଏବଂ ଗତବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା କେତୋଟି ସ୍କୁଲର ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ବିକ୍ରମ ଶତପଥୀ କହିଛନ୍ତି। ଏଥିରେ ଯାତ୍ରା ପରିଚାଳନା କମିଟି ଚେୟାରମ୍ୟାନ ଶିଶିର ରାଉତରାୟ, ସନ୍ତୋଷ ସାମନ୍ତରାୟ, ତ୍ରୈଲୋକ୍ୟ ପ୍ରଧାନ, ଶରତ ଚନ୍ଦ୍ର ସାହୁ, କେଦାର ନାଥ ସିଂ, ଗ୍ରାମ ମୁରବୀ ପୀତବାସ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।



କଟକ ରେଳଷ୍ଟେଶନ ପ୍ଲାଟ୍‌ଫର୍ମରେ ମଙ୍ଗଳବାର ଆର୍‌ପିଏଫ୍ ପକ୍ଷରୁ ଟ୍ରେନ୍ ଯାତ୍ରୀଙ୍କୁ ଥଣ୍ଡା ପାନୀୟ ଜଳ ବଣ୍ଟନ କରାଯାଉଛି।

## ଦୁର୍ଘଟଣାଗ୍ରସ୍ତ ଦମ୍ପତିଙ୍କୁ ମେଡିକାଲ ନେଲେ ତ୍ରିଦେବ

**ମାନବିକତା ଦେଖାଇଲେ**

ମଙ୍ଗୁଳି-ଜଗତପୁର,୨୩।୪(ମାନସ ସାମଲ)

ଦୁର୍ଘଟଣାରେ ଆହତ ଦମ୍ପତିଙ୍କୁ ନିଜ କାରରେ ଚିକିତ୍ସା ପାଇଁ ନେଇ ମାନବିକତା ଦେଖାଇଛନ୍ତି କଟକ ଜିଲା ଟାଙ୍ଗୀସ୍ଥିତ ଟେଟ୍ରାହେଡ୍ରନ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍ସର ଚେୟାରମ୍ୟାନ ତ୍ରିଦେବ ବେହେରା। ବର୍ତ୍ତମାନ ଉକ୍ତ ମହିଳାଙ୍କ ସ୍ୱାସ୍ଥ୍ୟ ଭଲ ଅଛି ବୋଲି ଚେୟାରମ୍ୟାନ ବେହେରା ସୂଚନା ଦେଇଛନ୍ତି। ରବିବାର ସକାଳ ପ୍ରାୟ ୭ଟାରେ ମେଣ୍ଡାଖାଇ ପୋଲ ନିକଟ ରାସ୍ତାରେ ଅତ୍ୟଧିକ ବାଲି ପଡିଥିବା କାରଣରୁ ସ୍କୁଟିରେ ଯାଉଥିବା ଦମ୍ପତି ଭାରସାମ୍ୟ ତଳେ ପଡିଯାଇଥିଲେ। ଫଳରେ ସ୍ୱାମୀ ସାମାନ୍ୟ ଆହତ ହୋଇଥିବାବେଳେ ସ୍ତ୍ରୀଙ୍କ ମୁଣ୍ଡ ଫାଟି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ସେହି ସମୟରେ ବେହେରା ନିଜ କାରରେ ଆସୁଥିବାବେଳେ ଲୋକେ ରୁଣ୍ଡ ହୋଇଥିବା ଦେଖିଥିଲେ। ତୁରନ୍ତ ଉଭୟଙ୍କୁ ଚିକିତ୍ସା ପାଇଁ ନିଜ କାରରେ ମେଡିକାଲ ନେଇଥିଲେ। ବର୍ତ୍ତମାନ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି।

# ରାଷ୍ଟ୍ରୀୟ କବି ସଙ୍ଗମର ପ୍ରାନ୍ତୀୟ ଅଧିବେଶନ




ମାରୱାଡ଼ି କ୍ଲବଠାରେ ଅନୁଷ୍ଠିତ ଚତୁର୍ଥ ପ୍ରାନ୍ତୀୟ ଅଧିବେଶନରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

କଟକ,୨୩।୪ (କାର୍ତ୍ତିକ ସାହୁ)

ରାଷ୍ଟ୍ରୀୟ କବି ସଙ୍ଗମ ପକ୍ଷରୁ ଚତୁର୍ଥ ପ୍ରାନ୍ତୀୟ ଅଧିବେଶନ କଟକ ମାଣିକଘୋଷ ବଜାରସ୍ଥିତ ମାରୱାଡ଼ି କ୍ଲବଠାରେ ୨ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗଦୀଶ ମିତ୍ତଲଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରଦେଶରୁ ଆସିଥିବା କବିଙ୍କୁ ନେଇ ବହୁଭାଷୀ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ରାଜ୍ୟର ବିଭିନ୍ନ ଜିଲାରୁ ନିମନ୍ତ୍ରିତ କବିମାନେ କବିତା ପାଠ କରିଥିଲେ। କବି ମହିଜା ଦଳବେହେରା, ଡ. ଅମୀୟ ରଞ୍ଜନ ମହାପାତ୍ର, ପ୍ରଦୀପ ବେଉରିଆ, ପ୍ରସନ୍ନ ସ୍ୱାଇଁ, ଡ. ବସନ୍ତ କୁମାରୀ ନନ୍ଦ ଓ ବିଜୟ ନାଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ପ୍ରାନ୍ତୀୟ ଅଧ୍ୟକ୍ଷ ନଥମଲ ଚନାନି କଟକ ଜିଲା ସଂଯୋଜିକା ମୀରା ବେଉରାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରିଥିଲେ। ପ୍ରାନ୍ତୀୟ ପ୍ରଭାରୀ ସାକ୍ଷୀଗୋପାଳ ପଣ୍ଡା, ରୋହିତ ଅଗ୍ରୱାଲ, ଆଶିଷ ବିଦ୍ୟାର୍ଥୀ, ଅନୀତା ଭାବସିଂହ, ବ୍ୟଙ୍ଗକବି ଲକ୍ଷ୍ମୀଛଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାଜ୍ୟ ମହାମନ୍ତ୍ରୀ କବିପୁଷ୍ପା ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜେଡିର ୱାର୍ଡସ୍ତରୀୟ କର୍ମୀ ସମ୍ମିଳନୀ

କଟକ, ୨୩।୪(ଶିକ୍ଷା ପ୍ରିୟଦର୍ଶିନୀ)

ବିଜେଡିର ୱାର୍ଡସ୍ତରୀୟ କର୍ମୀ ସମ୍ମିଳନୀ ମଙ୍ଗଳବାରଠାରୁ ଆରମ୍ଭ ହୋଇ ଯାଇଛି। ପ୍ରଥମ ଦିନରେ କଟକ ମହାନଗର ନିଗମର ୩ ଓ ୫ ନମ୍ବର ୱାର୍ଡରେ ଅନୁଷ୍ଠିତ ସମ୍ମିଳନୀରେ ୱାର୍ଡବାସୀଙ୍କୁ ଏକଜୁଟ କରାଯାଇଛି। ଏଥିରେ ମେୟର ସୁବାସ ସିଂ, କଟକ ଜିଲା ସଭାପତି ତଥା ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ, ଲୋକ ସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର, ବିଧାନସଭା ପ୍ରାର୍ଥୀ ପ୍ରକାଶ ବେହେରା ଯୋଗଦେଇଥିଲେ। ଆସନ୍ତା ନିର୍ବାଚନ ପାଇଁ ବିଭିନ୍ନ ପ୍ରସଙ୍ଗକୁ ନେଇ ସମ୍ମିଳନୀରେ ଆଲୋଚନା କରାଯାଇଛି। ଏନେଇ ସଂତୃପ୍ତ କହିଛନ୍ତି, ଲୋକଙ୍କ ସହ ଯୋଡି ହେବା ପାଇଁ ଏହା ଏକ ଉଦ୍ୟମ। ସେହିପରି ପ୍ରକାଶ କହିଛନ୍ତି, ୱାର୍ଡବାସୀଙ୍କ ବହୁତ ସ୍ନେହ ମିଳିଛି। ଏହିକାର୍ଯ୍ୟ ଆଗାମୀ ଦିନରେ ଜାରି ରହିବ। ସମସ୍ତ ୱାର୍ଡବାସୀ ଏଥିରେ ସହଯୋଗ କରିବେ ବୋଲି ଆଶା ରହିଛି। ଏହି ସମ୍ମିଳନୀରେ କର୍ପୋରେଟର, ୱାର୍ଡ ସଭାପତି, ଛାତ୍ରୀ ଓ ମହିଳା କର୍ମୀ ଉପସ୍ଥିତ ଥିଲେ।

## ମା' କଟକ ଚଣ୍ଡୀଙ୍କୁ ଦର୍ଶନ କଲେ ଆପ୍ ପ୍ରାର୍ଥୀ

କଟକ,୨୩।୪(ଶିକ୍ଷା ପ୍ରିୟଦର୍ଶିନୀ)

ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀର ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ପ୍ରାର୍ଥୀ ବିଜୟଲକ୍ଷ୍ମୀ ମହାପାତ୍ର ମଙ୍ଗଳବାର କଟକ ଚଣ୍ଡୀଙ୍କୁ ଦର୍ଶନ କରିଛନ୍ତି। ଏହାପରେ ସେ ନିଜ ସମର୍ଥକଙ୍କ ସହ ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କଟକ ନଗର ସଭାପତି ସଞ୍ଜୀବ ପରିଡା, ବିଭୂତି ବେହେରା, ବିପିନ ବେହେରା, ଡଲି ଜେନା, ସନ୍ତୋଷ ବେହେରା, ଚିନ୍ମୟୀ ମାଝୀ, ଦେବସ୍ମିତା ଦାସଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ପୋଖରୀରେ ବୁଡ଼ି ବୃଦ୍ଧା ମୃତ

ମଙ୍ଗୁଳି-ଜଗତପୁର,୨୩।୪(ମାନସ ସାମଲ)

**ମୃତଦେହ ବ୍ୟବଚ୍ଛେଦ ପାଇଁ ନ ପଠାଇ ଫେରିଗଲା ପୋଲିସ**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଗରୁଡ଼ଗାଁ ପଞ୍ଚାୟତ କାନପୁର ଗ୍ରାମର ଏକ ସରକାରୀ ନୂଆ ପୋଖରୀରେ ମଙ୍ଗଳବାର ବୁଡିଯାଇ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ଖୁଲଣା ନାୟକ। ପ୍ରତିଦିନ ଭଳି ମଙ୍ଗଳବାର ଖୁଲଣା ଭୋରୁ ଉଠି ନିତ୍ୟକର୍ମ ପାଇଁ ପୋଖରୀକୁ ଯାଇଥିଲେ। ସକାଳ ପ୍ରାୟ ୬ଟାରେ ସେହି ଗ୍ରାମର ପ୍ରଭାତ ବେହେରା ପୋଖରୀ ହୁଡ଼ା ଦେଇ ବିଲକୁ ଯାଉଥିବାବେଳେ ପାଣି ଭିତରେ ବୃଦ୍ଧା ଜଣଙ୍କ ପଡିଥିବା ଦେଖିବାକୁ ପାଇଥିଲେ। ପରେ ଗ୍ରାମବାସୀଙ୍କ ସହାୟତାରେ କୂଳକୁ ଆଣିଥିଲେ। ସେତେବେଳକୁ ତାଙ୍କର ମୃତ୍ୟୁ ଘଟି ସାରିଥିଲା। ଖବରପାଇ ଟାଙ୍ଗୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ହେଲେ ମୃତଦେହ ବ୍ୟବଚ୍ଛେଦ ପାଇଁ ନ ପଠାଇ ସେଠାରୁ ଫେରିଯାଇଛି। ପରେ ପରିବାର ଲୋକେ ମୃତଦେହକୁ ସ୍ଥାନୀୟ ଶ୍ମଶାନରେ ସତ୍କାର କରିଥିଲେ। ଏହି ଘଟଣାରେ ପୋଲିସ ମାମଲା ରୁଜୁ କରିନାହିଁ। ଏନେଇ ଥାନାଧିକାରୀ ସମରେନ୍ଦ୍ର ପାଇକରାୟଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# 'ମୋଦି ଗ୍ୟାରେଣ୍ଟିରୁ ସର୍ବାଧିକ ଲାଭ ପାଇବ ଓଡ଼ିଶା'




ଭାଜପା କଟକ ଲୋକ ସଭା ପ୍ରାର୍ଥୀ ଭର୍ତ୍ତୃହରି ମହତାବ ଓ ଅନ୍ୟ ନେତୃବୃନ୍ଦ ସଂକଳ୍ପପତ୍ରର ଓଡ଼ିଆ ସଂସ୍କରଣ ଲୋକାର୍ପଣ କରୁଛନ୍ତି।

କଟକ,୨୩।୪(ଶିକ୍ଷା ପ୍ରିୟଦର୍ଶିନୀ)

**ସଂକଳ୍ପପତ୍ରର ଓଡ଼ିଆ ସଂସ୍କରଣ ଲୋକାର୍ପିତ**

ମୋଦି ଗ୍ୟାରେଣ୍ଟି ସଂକଳ୍ପପତ୍ର-୨୦୨୪ର ଓଡ଼ିଆ ସଂସ୍କରଣକୁ ମଙ୍ଗଳବାର କଟକ ବିହାରୀବାଗସ୍ଥିତ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଲୋକାର୍ପଣ ହୋଇଛି। ଭାଜପା କଟକ ଲୋକ ସଭା ପ୍ରାର୍ଥୀ ଭର୍ତ୍ତୃହରି ମହତାବ ଏହାକୁ ଲୋକାର୍ପିତ କରି କହିଛନ୍ତି, 'ରିଫର୍ମ-ପରଫର୍ମ-ଟ୍ରାନ୍ସଫର୍ମ'କୁ ମୂଳମନ୍ତ୍ର ଏବଂ ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ, ସବ୍‌କା ପ୍ରୟାସକୁ ଆଧାର କରି ମୋଦି ସରକାର ସୁରକ୍ଷିତ ଭାରତ-ସମୃଦ୍ଧ ଭାରତ ଗଠନ ପାଇଁ ସଙ୍କଳ୍ପବଦ୍ଧ। ୨୦୧୪ ଓ ୨୦୧୯ ସାଧାରଣ ନିର୍ବାଚନରେ ଦେଶବାସୀଙ୍କୁ ଦିଆଯାଇଥିବା ୨୩୫ଟି ପ୍ରତିଶ୍ରୁତି ମଧ୍ୟରୁ ୨୨୨ଟି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାଳନ କରିଛନ୍ତି। ଗତ ୧୪ ତାରିଖରେ ପ୍ରଧାନମନ୍ତ୍ରୀ ଏହାକୁ ଉନ୍ମୋଚନ କରିଥିଲେ। ଏହାର ଓଡ଼ିଆ ସଂସ୍କରଣକୁ କଟକ ଜିଲାର ନାଗରିକଙ୍କ ପାଖରେ ପହଞ୍ଚାଇବାର ପ୍ରୟାସ କରିଛୁ। ମହିଳା, ଯୁବକ, କୃଷକ ଓ ଗରିବଙ୍କୁ ମୋଦି ଏହି ସଂକଳ୍ପପତ୍ରରେ ଗୁରୁତ୍ୱ ଦେଇଛନ୍ତି। ଲୋକଙ୍କ ବିଶ୍ୱାସ ଅର୍ଜନ କରିବା, ଦେଶର ବିକାଶରେ ସାମିଲ ହେବା, ସମସ୍ତଙ୍କୁ ଏକଜୁଟ୍ କରି ଚାଲିବା ଓ ସମସ୍ତଙ୍କ ପ୍ରୟାସକୁ ପ୍ରାଧାନ୍ୟ ଦେବା ପ୍ରସଙ୍ଗରେ ଭାଜପା ୧୦ ବର୍ଷ ହେବ କାର୍ଯ୍ୟ କରି ଆସୁଛି। ବିଡମ୍ବନାର ବିଷୟ, ଦେଶ ଯେଉଁଭଳି ଭାବେ ପ୍ରଗତି ପଥରେ ଆଗେଇ ଚାଲିଛି, ସେହି ତୁଳନାରେ ଓଡ଼ିଶାର ପ୍ରଗତୀ ହୋଇପାରିନାହିଁ। ଭାଜପା ସରକାର ଆସିଲେ ଓଡ଼ିଶାରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରାଯିବ। ଦେଶରୁ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ମତାମତ ସଂଗ୍ରହ କରାଯାଇ ପ୍ରସ୍ତୁତ ହୋଇଥିବା ଏହି ସଂକଳ୍ପ ପତ୍ର ତଥା ମୋଦି ଗ୍ୟାରେଣ୍ଟିରୁ ଓଡ଼ିଶା ସର୍ବାଧିକ ଲାଭ ପାଇବ ବୋଲି ମହତାବ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ, ଚୌଦ୍ୱାର-କଟକ ବିଧାୟକ ପ୍ରାର୍ଥୀ ନୟନ କିଶୋର ମହାନ୍ତି, ନଗର ଜିଲା ସଭାପତି ଲଲାଟେନ୍ଦୁ ବଡୁ, ଲୋକ ସଭା ସଂଯୋଜକ ସୁକାନ୍ତ ବିଶ୍ୱାଳ, ଶୁଭେନ୍ଦୁ ମହାନ୍ତି, ଜ୍ୟୋତିରଞ୍ଜନ ରାୟ, ଜୋନାଲ ମିଡିଆ ସଂଯୋଜକ ମାନସ ପାଣି, ଲୋକ ସଭା ମିଡିଆ ସଂଯୋଜକ ସୁବାସ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

**ଜଳଛତ୍ର ନାଁରେ ଭେଲିକି**

# ଟେଣ୍ଟ ଅଛି, ଲୋକ ନାହାନ୍ତି

କଟକ,୨୩।୪(ଦିବାକର ସାହୁ)




ପ୍ରଚଣ୍ଡ ତାତିରେ କଲବଲ ହେଉଛନ୍ତି କଟକ ସହରବାସୀ। ଖରାର ପ୍ରକୋପ ଏଭଳି ରହୁଛି ଯେ, ଆକାଶରୁ ନିଆଁ ବୃଷ୍ଟି ହେଲାଭଳି ଲାଗୁଛି। ପୂର୍ବାହ୍ନ ୧୦ଟା ପରେ ସହରବାସୀ ଘରୁ ବାହାରିବା ମୁସ୍କିଲ ହୋଇପଡୁଛି। ଏପରିସ୍ଥିତିରେ ସହରର ମୁଖ୍ୟ ସ୍ଥାନଗୁଡ଼ିକରେ ଜଳଛତ୍ରର ଉତ୍ତମ ବ୍ୟବସ୍ଥା ହୋଇନାହିଁ। କଟକରେ ୫୯ଟି ୱାର୍ଡ ମଧ୍ୟରୁ ମାତ୍ର ଅଳ୍ପ କିଛି ସ୍ଥାନରେ ଜଳଛତ୍ର ଖୋଲିଛି। ଏପରି କି ଆଉ କେତେକ ସ୍ଥାନରେ ଜଳ ବିତରଣ ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ଟେଣ୍ଟ ବସାଇଥିବାବେଳେ ପାଣି ଦେବା ପାଇଁ ଲୋକ ନ ଥିବା ଦେଖିବାକୁ ମିଳୁଛି। ଗତବର୍ଷ ଅଧିକାଂଶ ୱାର୍ଡରେ ଜଳଛତ୍ର ଖୋଲିଥିବାବେଳେ ଏବର୍ଷ ସେମିତି ଆଖିଦୃଶିଆ ବ୍ୟବସ୍ଥା ସିଏମ୍‌ସି ପକ୍ଷରୁ କରାଯାଇ ନ ଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ବିଶେଷ କରି ନେତାଜୀ ବସ୍ ଟର୍ମିନାଲର ଆଖପାଖରେ ଗୋଟିଏ ବି ଜଳଛତ୍ରର ବ୍ୟବସ୍ଥା ହୋଇନି। ଏଠାରୁ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ବସ୍ ଯୋଗେ ଯାଉଥିବା ଯାତ୍ରୀ ବାହାରେ ପାଣି ଟିକେ ପାଉନାହାନ୍ତି। ଏହାଛଡ଼ା କଟକ-ଭୁବନେଶ୍ୱରକୁ ସଂଯୋଗ କରୁଥିବା ତ୍ରିଶୂଳିଆ ବ୍ରିଜ୍ ନିକଟ ଜୁଡିସିଆଲ୍ ଏକାଡେମୀ ନିକଟରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଛି। ଏଠାରୁ ଶିଶୁ ଭବନ, ହାଇକୋର୍ଟ, ବାଦାମବାଡ଼ି ଆଦି ସ୍ଥାନକୁ ଯିବା ପାଇଁ ଲୋକେ ଅପେକ୍ଷା କରିଥାନ୍ତି। ହେଲେ ଏହି ବାଟରେ ଗୋଟିଏ ବି ଜଳଛତ୍ର ସିଏମ୍‌ସି ପକ୍ଷରୁ ଖୋଲାଯାଇନାହିଁ। ଅନ୍ୟପଟେ ସିଏମ୍‌ସି ବିକାଶ ଭବନ ନିକଟରେ ଖୋଲିଥିବା ଜଳ ବିତରଣ କେନ୍ଦ୍ରରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ସେଠାରେ ଅସ୍ଥାୟୀ ଟେଣ୍ଟ ହୋଇଥିବା ବେଳେ ପାଣି ଦେବାକୁ ଲୋକ ନ ଥିବା ଦେଖିବାକୁ ମିଳିଛି। ସିଏମ୍‌ସିର ଏଭଳି ଅବ୍ୟବସ୍ଥାକୁ ନେଇ ପଥଚାରୀ କ୍ଷୋଭ ପ୍ରକାଶ କରିଛନ୍ତି।



“ଭୁବନେଶ୍ୱରରୁ ସିଧାସଳଖ ଅଲଗା ଜିଲାକୁ ଯାଉଥିବା ବସ୍ ଲିଙ୍କ୍‌ରୋଡ ଦେଇ ଯାଉଛି। ତେଣୁ ଆମେ ନେତାଜୀ ବସ୍ ଟର୍ମିନାଲରେ ଓହ୍ଲାଇ ଲିଙ୍କ୍ ରୋଡ ପର୍ଯ୍ୟନ୍ତ ଚାଲିଚାଲି ଯାଉଛୁ। ହେଲେ ବାଟରେ କୌଣସି ଜଳଛତ୍ରର ବ୍ୟବସ୍ଥା ନାହିଁ। ତେଣୁ ଆମେ ପାଣି ଟିକେ ପାଇଁ ହଇରାଣ ହେଉଛୁ। ସିଏମ୍‌ସି ଏ ଦିଗରେ ପଦକ୍ଷେପ ନେଲେ ମୋ ଭଳି ଅନେକ ଯାତ୍ରୀ ଉପକୃତ ହେବେ।

**ସୁବାସ ମଲ୍ଲିକ, ଯାତ୍ରୀ**



“ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଛି। ଅତ୍ୟଧିକ ଖରା କାରଣରୁ ଲୋକେ ଥଣ୍ଡା ପାଣି ପିଇବାକୁ ଜଳଛତ୍ର ଖୋଜୁଛନ୍ତି। ହେଲେ କଟକ ମହାନଗର ନିଗମ ଅଞ୍ଚଳରେ ଆବଶ୍ୟକ ସଂଖ୍ୟାରେ ଜଳଛତ୍ର ଖୋଲୁନି। ଆମେ କିଛି ଉଠା ଦୋକାନୀ ଟଙ୍କା ଆଦାୟ କରି ଲୋକଙ୍କ ସୁବିଧା ପାଇଁ ଜଳଛତ୍ରର ବ୍ୟବସ୍ଥା କରିଛୁ। ଦହିପାଣି ସହ ସାଦାପାଣି ଲୋକଙ୍କୁ ବଣ୍ଟନ କରୁଛୁ। ପାଖାପାଖି ହଜାରରୁ ଅଧିକ ଲୋକ ପ୍ରତିଦିନ ଏଠାରୁ ପାଣି ପିଇ ଉପକୃତ ହେଉଛନ୍ତି।

**ପ୍ରତାପ କୁମାର ବେହେରା, ତ୍ରିନାଥ କ୍ଷୁଦ୍ର ଉଠା ଦୋକାନୀ ବ୍ୟବସାୟୀ ସଂଘ କର୍ମକର୍ତ୍ତା**



“କଟକରେ ଅନେକ କୋଚିଂ ସେଣ୍ଟର ରହିଛି। ବାଦାମବାଡ଼ି ଅଞ୍ଚଳରେ ଛାତ୍ରୀଛାତ୍ରମାନେ ରହି କମ୍ପିଟେଟିଭ୍ ସହ ବିଭିନ୍ନ ପରୀକ୍ଷା ପାଇଁ କୋଚିଂ ନେଉଛନ୍ତି। ଭଡ଼ାଘରୁ କୋଚିଂ ସେଣ୍ଟରକୁ ଚାଲି ଚାଲି ଯିବାକୁ ପଡୁଛି। ପ୍ରବଳ ଖରା ହେଉଥିବାରୁ ଥକ୍କା ଲାଗୁଛି। ରାସ୍ତାରେ ଜଳଛତ୍ରଟିଏ ନ ଥିବାରୁ ବହୁତ ହଇରାଣ ହେଉଛୁ। ଦୋକାନୀମାନଙ୍କ ସହଯୋଗରୁ ଖରାରେ ଥଣ୍ଡାପାଣି ପିଇବାକୁ ମିଳୁଛି। କୋଚିଂ ସେଣ୍ଟରରେ ପହଞ୍ଚି ଠିକ୍‌ରେ ପାଠ ପଢ଼ି ହେଉଛି।

**ଜୟପ୍ରକାଶ ସାହୁ, ଛାତ୍ର**



“ପ୍ରଚଣ୍ଡ ଖରାକୁ ଖାତିର ନ କରି ଆମେ ଅଟୋଚାଳକ ଯାତ୍ରୀଙ୍କୁ ଗନ୍ତବ୍ୟସ୍ଥଳରେ ପହଞ୍ଚାଉଛୁ। ସବୁ ଛକରେ ସିଏମ୍‌ସି ପକ୍ଷରୁ ଜଳଛତ୍ରର ବ୍ୟବସ୍ଥା କରାଯାଇନାହିଁ। ଫଳରେ ଅଟୋ ଚାଳକମାନେ ଥଣ୍ଡାପାଣି ଟିକେ ପାଇପାରୁନାହାନ୍ତି।। ଖରାରେ ଲୋକେ ଘର ବାହାରକୁ ବାହାରୁ ନ ଥିବାରୁ ବେପାର ପୂର୍ବ ଅପେକ୍ଷା ଅଧା ହୋଇଯାଇଛି। ଥଣ୍ଡାପାଣି ଟିକେ ପାଇଁ ଏବେ ସିଏମ୍‌ସି ନୁହେଁ ଏହି ଦୋକାନୀ ଭାଇମାନେ ଆମର ଭରସା ପାଲଟିଛନ୍ତି।

**ନରସିଂହ, ଅଟୋ ଚାଳକ**



“ଯେଉଁ ସଂସ୍ଥାଗୁଡ଼ିକ ସିଏମ୍‌ସିରୁ ଲାଭ ପାଉଛନ୍ତି ସେମାନଙ୍କ ସହ ମିଳିତ ଭାବରେ ସିଏମ୍‌ସି ଜଳ ବିତରଣ କେନ୍ଦ୍ର ଖୋଲୁଛି। ପ୍ରଥମ ପର୍ଯ୍ୟାୟରେ ୧୦ଟି ସ୍ଥାନରେ ଜଳ ବିତରଣ କେନ୍ଦ୍ର ଖୋଲାଯାଇ ଜଣେ ଜଣେ ଲୋକଙ୍କୁ ନିଯୁକ୍ତ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୧୫ଟି ଖୋଲାଯାଇଛି। ଅଭିଯୋଗ ଆସୁଥିବା ଜନଗହଳି ସ୍ଥାନଗୁଡ଼ିକରେ ତ୍ୱରିତ ପଦକ୍ଷେପ ନିଆଯାଇ ଜଳ ବିତରଣ କେନ୍ଦ୍ର ଖୋଲାଯିବ।

**ସୁବାସ ସିଂହ, ସିଏମ୍‌ସି ମେୟର।**

## ସଂକ୍ଷେପରେ

### ବାଳିକା ସମୃଦ୍ଧି ଓ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ବାଣପୁର,୨୩।୪(ଦିଲୀପ ସ୍ୱାଇଁ)

ସ୍ଥାନୀୟ ନାଚୁଣୀ ଗୋଦାବରୀଶ ସରକାରୀ ହାଇସ୍କୁଲରେ ମଙ୍ଗଳବାର ପ୍ରଧାନଶିକ୍ଷକ ବସନ୍ତ କୁମାର ଶବରଙ୍କ ସହଯୋଗରେ ଏବଂ ଶିକ୍ଷା ପରିଚାଳନା କମିଟି ଅଧ୍ୟକ୍ଷ ପ୍ରଦୋଷ କୁମାର ଦାସଙ୍କ ଅଧ୍ୟକ୍ଷତାରେ ବାଳିକା ସମୃଦ୍ଧି ଓ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷୟିତ୍ରୀ ସ୍ୱାଗତିକା ସ୍ୱାଇଁ, ସବିତା ଦେଈ, ଶିଳଶିଳା ଦାସ, ସୋନାଲି ନାୟକ, ନୀତା ପରିଡ଼ା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ରୀମାନଙ୍କୁ ନେଇ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ବିଶେଷକରି ଅଧ୍ୟୟନରତ ବାଳିକାମାନେ ନିଜର ସମୃଦ୍ଧି ଓ ସୁରକ୍ଷା ପାଇଁ ଆବଶ୍ୟକ ସମୟରେ କିଭଳି ଆତ୍ମସଚେତନ ହୋଇ କର୍ତ୍ତବ୍ୟ ପରାୟଣ ହୋଇ ସାହସିକ ପଦକ୍ଷେପ ନେଇ ନିଜକୁ ଧନ୍ୟ କରିପାରିବେ ବୋଲି ସଚେତନତା ସୃଷ୍ଟି କରାଯାଇଥିଲା। ଛାତ୍ରୀ ସୋନମ ରାଣୀ ଦିବ୍ୟାଭାରତୀ ଓ ସାଥୀ ନିଜର ମତ ରଖିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ପାଣି ପାଇଁ ଗରା, ବାଲ୍ଟି ଧରି ରାସ୍ତା ଅବରୋଧ

ବେଗୁନିଆ,୨୩।୪
(ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ପ୍ରଚଣ୍ଡ ରୌଦ୍ରତାପରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ପୂର୍ବାହ୍ନ ୧୦ଟା ପରେ ଲୋକେ ଘରୁ ବାହାରିବା ପାଇଁ ଡରୁଛନ୍ତି। ଏଥିସହ ଜଳ ଉତ୍ସ କମିବାରେ ଲାଗିଛି। ପାନୀୟଜଳ ଲୋକେ କିଭଳି ସୁବିଧାରେ ପାଇପାରିବେ ସେଥିପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନାଭିତ୍ତିକ ବ୍ୟବସ୍ଥା କରାଯାଇଛି। ଜଳସଙ୍କଟ ଦେଖାଦେଉଥିବା ଗ୍ରାମରେ ତୁରନ୍ତ ପାନୀୟଜଳ ସମସ୍ୟା ସୁଧାରିବା ପାଇଁ ଜରୁରିକାଳୀନ ବ୍ୟବସ୍ଥା କରିବାକୁ ଜିଲା ଓ ବ୍ଲକ ପ୍ରଶାସନକୁ ତାଗିଦା କରାଯାଇଛି। ହେଲେ ବେଗୁନିଆ ବ୍ଲକ ଅଞ୍ଚଳର ଗଡ଼ମାଣତୀର ଗ୍ରାମରେ ବ୍ୟତିକ୍ରମ ଦେଖାଦେଇଛି। ଉକ୍ତ ଗ୍ରାମରେ ପାନୀୟଜଳ ସଙ୍କଟ ଦେଖାଦେଇଥିବା ବେଳେ ଗତ କିଛିଦିନ ହେବ 'ବସୁଧା' ଯୋଜନା ପାନୀୟଜଳ ପ୍ରକଳ୍ପଟି ଅଚଳ ହୋଇପଡ଼ିଛି। ଏଠାରେ ପ୍ରଶାସନ ପକ୍ଷରୁ ସେଭଳି କୌଣସି ପଦକ୍ଷେପ ନିଆଯାଇନାହିଁ। ଫଳରେ ଗ୍ରାମବାସୀ ପାଣି ପାଇଁ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏହାର ପ୍ରତିବାଦରେ ମଙ୍ଗଳବାର ଗ୍ରାମର ବହୁ ମହିଳା ଆମକୁ ଜଳ ଯୋଗାଇଦିଅ ଦାବିରେ ରାସ୍ତାକୁ ଓହ୍ଲାଇଥିଲେ। ଖୋର୍ଦ୍ଧା-ସିକୋ ରାସ୍ତାର ଉପରସାହିଠାରେ ରାସ୍ତା ଅବରୋଧ ଅବରୋଧ କରିଥିଲେ। ଫଳରେ ଉଭୟ ପଟୁ ଆସୁଥିବା ଯାନବାହନ ଅଟକି ରହିଥିଲା। ଖବରପାଇ ପ୍ରଶାସନିକ ଅଧିକାରୀ ଓ ସ୍ଥାନୀୟ ସରପଞ୍ଚ ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା କରିଥିଲେ। ଖୁବ୍‌ଶୀଘ୍ର ପାନୀୟଜଳ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ଏହା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

ସୂଚନାଥାଉ କି, ୪ଟି ୱାର୍ଡକୁ ନେଇ ଗଡ଼ମାଣତୀର ଗ୍ରାମରେ ୧୨ଶହରୁ ଊର୍ଦ୍ଧ୍ୱ ଜନସାଧାରଣ ବସବାସ କରୁଛନ୍ତି।


ଖୋର୍ଦ୍ଧା-ସିକୋ ରାସ୍ତାର ଉପରସାହିଠାରେ ମହିଳାମାନେ ରାସ୍ତା ଅବରୋଧ କରିଛନ୍ତି।

**ଗଡ଼ମାଣତୀର ଗ୍ରାମ**

■ ପ୍ରକଳ୍ପ ଅଚଳ, ହୋଇନି ଟ୍ୟାଙ୍କର ଜଳଯୋଗାଣ ବ୍ୟବସ୍ଥା

ପାନୀୟଜଳ ସୁବିଧା ପାଇଁ ସରକାରଙ୍କ ପକ୍ଷରୁ ପ୍ରାୟ ୧୮ଟି ନଳକୂପ ଏବଂ ୯ଟି ଖୋଲାକୂପର ବ୍ୟବସ୍ଥା କରାଯାଇଛି। ସେହିପରି 'ବସୁଧା' ଯୋଜନାରେ ପାନୀୟଜଳ ପ୍ରକଳ୍ପ ଖୋଲାଯାଇଛି। ଅନେକ ସମୟରେ ପ୍ରକଳ୍ପ ଅଚଳ ରହୁଥିବା ବେଳେ ଏବେ ଉପରଗଡ ଉପରସାହିକୁ ଜଳଯୋଗାଣ ବନ୍ଦ ହୋଇଛି। କେବେ ଜଳସଙ୍କଟ ଦୂର ହେବ ସେ ନେଇ ଅପେକ୍ଷା କରିଛନ୍ତି ବାସିନ୍ଦା। ଏ ସମ୍ପର୍କରେ ବିଡିଓ ଲକ୍ଷ୍ମୀଧର ସାହୁ କହିଛନ୍ତି, ଗ୍ରୀଷ୍ମପ୍ରବାହ ଯୋଗୁ ଜଳ ଉତ୍ସ କମିଯାଇଛି। ଉକ୍ତ ସାହି ଉଚ୍ଚ ସ୍ଥାନରେ ଥିବାରୁ ପାଇପ ଜଳ ଯୋଗାଣରେ ବ୍ୟାଘାତ ହୋଇଛି, ତଥାପି ଖୁବ୍‌ଶୀଘ୍ର ପାନୀୟଜଳ ଯୋଗାଇ ଦିଆଯିବ।

## ଅବହେଳିତ ଶିଶୁଙ୍କ ଶିକ୍ଷା ନିଶ୍ଚିତ କର

ଖୋର୍ଦ୍ଧା,୨୩।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସମଗ୍ର ଶିକ୍ଷା ପ୍ରକଳ୍ପ କାର୍ଯ୍ୟାଳୟରେ ପରିବାରରୁ ଉପେକ୍ଷିତ ଶିଶୁଙ୍କୁ ଉପଯୁକ୍ତ ଥଇଥାନ ଉଦ୍ଦେଶ୍ୟରେ ଆୟୋଜିତ ବୈଠକରେ ଜିଲାପାଳ ଚଞ୍ଚଳ ରାଣା ଅଧ୍ୟକ୍ଷତା କରିଥିଲେ। ସମାଜ ତଥା କୌଣସି କାରଣରୁ ପରିବାରଠାରୁ ଅଲଗା ହୋଇ ଅବହେଳିତ, ନିଷ୍ପେଷିତ ଜୀବନ ବିତାଉଥିବା ୬ରୁ ୧୪ବର୍ଷର ଶିଶୁଙ୍କୁ ଚିହ୍ନଟ କରି ଉପଯୁକ୍ତ ଶିକ୍ଷା ପ୍ରଦାନ ଲାଗି ଭୁବନେଶ୍ୱରରେ ୪ଟି ଆବାସିକ ବିଦ୍ୟାଳୟ କାର୍ଯ୍ୟ କରୁଛି। ଏଥିରେ ୨୦୦ ଛାତ୍ରୀଛାତ୍ର ଅଧ୍ୟୟନର ସୁଯୋଗ ରହିଛି। ଏଥିରେ ଅଦ୍ୟାବଧି ୫୯ଟି ଅନ୍ତେବାସୀ ଖାଲି ପଡ଼ିଛି। ଏହା ପୂରଣ ନିମନ୍ତେ ଜିଲାପାଳ ତାଗିଦା କରିଥିଲେ। ଅବହେଳିତ ଶିଶୁଙ୍କୁ ତୁରନ୍ତ ଚିହ୍ନଟ ଲାଗି ପରାମର୍ଶ ଦେଇଥିଲେ। ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ ଓ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସ୍ନିଗ୍ଧା ମିଶ୍ର ପରିଚାଳନା କରିଥିଲେ। ଜିଲା ଶ୍ରମ ଅଧିକାରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲା ସମାଜ ମଙ୍ଗଳ, ସମାଜ କଲ୍ୟାଣ, ସାମାଜିକ ସୁରକ୍ଷା ଅଧିକାରୀ, ପୋଲିସ ଏବଂ ଅନ୍ୟ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ନାଳରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ

ଯାଁଳା,୨୩।୪(ବୁଲା ବାରିକ)

ଭୁବନେଶ୍ୱର ଉପକଣ୍ଠ ଇନ୍‌ଫୋଭ୍ୟାଲି ଥାନା ଅଧୀନ ଯାଁଳା ପଞ୍ଚାୟତ ପେଟ୍ରୋଲ ପମ୍ପ ସମ୍ମୁଖ ନାଳରୁ ମଙ୍ଗଳବାର ପୋଲିସ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ ହୋଇଛି। ତେବେ ତାଙ୍କ ପରିଚୟ ମିଳିପାରି ନାହିଁ। ଉକ୍ତ ନାଳର କିଛି ଅଂଶ ମୁକୁଳା ଥିବାରୁ ବ୍ୟକ୍ତି ଜଣଙ୍କ କୌଣସି କାରଣରୁ ଖସିପଡ଼ି ମୃତ୍ୟୁବରଣ କରିଥିବା ଅନୁମାନ କରାଯାଉଛି। ତେବେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।


ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠର ଛାତ୍ରୀଛାତ୍ରମାନେ ମଙ୍ଗଳବାର ବାହାରେ ରହୁଥିବା ସମ୍ପର୍କୀୟମାନଙ୍କୁ ପୋଷ୍ଟ କାର୍ଡରେ ଲେଖି ଭୋଟ ଦେବା ପାଇଁ ନିବେଦନ କରିଛନ୍ତି।

### ଭୋଟ ଦେବା ପାଇଁ ସମ୍ପର୍କୀୟଙ୍କୁ ପୋଷ୍ଟ କାର୍ଡ ମାଧ୍ୟମରେ ବିଦ୍ୟାର୍ଥୀଙ୍କ ନିବେଦନ

ଟାଙ୍ଗୀ,୨୩।୪(ରଘୁନାଥ ସାହୁ)

ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠର ଛାତ୍ରୀଛାତ୍ରମାନେ ମଙ୍ଗଳବାର ବାହାରେ ରହୁଥିବା ସମ୍ପର୍କୀୟମାନଙ୍କୁ ପୋଷ୍ଟ କାର୍ଡ ମାଧ୍ୟମରେ ଲେଖି ଭୋଟ ଦେବା ପାଇଁ ନିବେଦନ କରିଛନ୍ତି। ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରଙ୍କୁ ଏନେଇ ସଚେତନତା କରାଯାଇଥିଲା। ସେମାନେ ଘରକୁ ଯାଇ ଘରର ସମସ୍ତ ପରିବାର ସଦସ୍ୟଙ୍କୁ ଭୋଟଦାନ କେନ୍ଦ୍ରକୁ ଯାଇ ଭୋଟ ଦେବା ପାଇଁ ସଚେତନ କରାଇବେ। ପ୍ରଧାନ ଶିକ୍ଷକ ବିଶ୍ୱଜିତ ପଲାଇଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ୬୦ଜଣ ଛାତ୍ରୀଛାତ୍ର ପୋଷ୍ଟକାର୍ଡରେ ଲେଖି ସଚେତନ କରିବା ପାଇଁ ଡାକଘରେ ପକାଇଥିବା ଜଣାପଡିଛି।

## ଟାଙ୍ଗୀରେ କାଳୁଙ୍କ ଶକ୍ତି ପ୍ରଦର୍ଶନ


ଜନସମ୍ପର୍କ ପଦଯାତ୍ରାରେ କାଳୁ ଚରଣ ଖଣ୍ଡାୟତରାୟ ଏବଂ କର୍ମୀମାନେ।

ଟାଙ୍ଗୀ,୨୩।୪(ରଘୁନାଥ ସାହୁ)

ଭାଜପା ବିଧାୟକ ଆଶାୟୀ ପ୍ରାର୍ଥୀ କାଳୁ ଚରଣ ଖଣ୍ଡାୟତରାୟଙ୍କ ନେତୃତ୍ୱରେ ମଙ୍ଗଳବାର ଟାଙ୍ଗୀରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ଭାଜପା ନେତା ଓ କର୍ମୀ ଯୋଗଦେଇଥିଲେ। ଶୋଭାଯାତ୍ରା ମଧୁମଙ୍ଗଳପଡ଼ିଆଠାରୁ ବାହାରି ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି କାଳୁ ଜନସାଧାରଣଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ବିଧାନସଭା ମଣ୍ଡଳୀ ସଂଯୋଜକ କିଶୋର ବରାଳ, ରାଜ୍ୟ ସମବାୟ ସଂଯୋଜକ ଶ୍ରୀରଂଜନ ମଙ୍ଗରାଜ, ଶିବ ପ୍ରସାଦ ମିଶ୍ର, ସ୍ମୃତି ସରିତା ବଡ଼ଜେନା, ରାଜ୍ୟ ପରିଷଦ ସଦସ୍ୟ ରଘୁନାଥ ସାହୁ, ପୂର୍ବତନ ମଣ୍ଡଳ ସଭାପତି ରାମଚନ୍ଦ୍ର ପରିଡ଼ା ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

### ମା'ବାଉତୀ ଦେବୀଙ୍କ ବାର୍ଷିକ ଉତ୍ସବ

ବୋଲଗଡ,୨୩।୪(ଦେବବ୍ରତ ହୋତା)

ବୋଲଗଡ ବ୍ଲକ ଅନ୍ତର୍ଗତ ସାନପଦର ପଞ୍ଚାୟତ ରାସୋଳ ଗ୍ରାମ କୁମ୍ଭାରସାହିରେ ଅବସ୍ଥିତ ମା' ବାଉତୀ ଦେବୀଙ୍କ ଦ୍ୱାଦଶ ବାର୍ଷିକୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମା'ଙ୍କ ସ୍ନାନ ନୀତି ପରେ ପୀଠ ସାମ୍ନାରେ ପ୍ରସ୍ତୁତ ଯଜ୍ଞ କୁଣ୍ଡ ନିକଟରେ ହୋମଯଜ୍ଞ ଓ ଚଣ୍ଡୀ ପାଠ ଆଦି କର୍ମ ପୁରୋହିତଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା। ମନୋଜ କୁମାର ନିଶଙ୍କ ଓ ତାଙ୍କ ସ୍ତ୍ରୀ ମଧୁସ୍ମିତା ନିଶଙ୍କ କର୍ତ୍ତାଭାବେ କାର୍ଯ୍ୟ ସମ୍ପାଦିତ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଯାତ୍ରା ଭବାନୀର 'ଇନ୍ଦ୍ରଜିତ ବଧ' ରାମନାଟକ ପ୍ରଦର୍ଶିତ ହୋଇଛି। ଏହି ଉତ୍ସବକୁ ମା' ବାଉତୀ କମିଟିର ସଭାପତି ମନୋଜ ନିଶଙ୍କ ଓ ସମ୍ପାଦକ ପ୍ରସନ୍ନ ବେହେରା, ଶିକ୍ଷକ ଗଙ୍ଗାଧର ବେହେରା, ବୀରଞ୍ଚି ଦଳାଇ, ମାନସ ବେହେରା, ରବୀନ୍ଦ୍ର ବେହେରା, ଅକ୍ଷୟ ବାରିକ, କାହ୍ନୁ ମୁଦୁଲି, କାହ୍ନୁ ଜୟସିଂଙ୍କ ସମେତ ରାସୋଳ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

# ଚିଲିକାରେ ଯୋଡ଼ି ଶଙ୍ଖକୁ ଜିତେଇବା ପାଇଁ ଆହ୍ୱାନ

**ମା' ଭଗବତୀଙ୍କ ଆଶୀର୍ବାଦ ନେଲେ ଅରୂପ ଓ ରଘୁ**

ଖୋର୍ଦ୍ଧା/ବାଣପୁର,୨୩।୪
(ପ୍ରଭାତ ପାଣିଗ୍ରାହୀ/ଦିଲୀପ ସ୍ୱାଇଁ)

ପୁରୀ ଲୋକ ସଭା ବିଜେଡି ପ୍ରାର୍ଥୀ ଅରୂପ ପଟ୍ଟନାୟକ ଏବଂ ଚିଲିକା ବିଧାୟକ ପ୍ରାର୍ଥୀ ରଘୁନାଥ ସାହୁ ମଙ୍ଗଳବାର ବାଣପୁରର ଆରାଧ୍ୟା ମା'ଭଗବତୀଙ୍କ ଆଶୀର୍ବାଦ ନେଇ ଚିଲିକା ନିର୍ବାଚନ ମଣ୍ଡଳୀରେ ପ୍ରଚାର ଆରମ୍ଭ କରିଛନ୍ତି। ଅରୂପ ଓ ରଘୁଙ୍କ ସହିତ ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ, ପୁରୀ ଲୋକ ସଭା ପ୍ରଭାରୀ ତଥା ସାଂସଦ ଶୁଭାଶିଷ ଖୁଣ୍ଟିଆଙ୍କ ସମେତ ଏହି ନିର୍ବାଚନମଣ୍ଡଳୀର ନେତା ଓ କର୍ମୀ ଉପସ୍ଥିତ ଥିଲେ।

ପୂର୍ବାହ୍ନରେ ଅରୂପ ବାଲୁଗାଁରେ ପହଞ୍ଚିବା ପରେ ଦଳୀୟ କର୍ମୀଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ଏକ ବାଇକ୍ ଶୋଭାଯାତ୍ରାରେ ବାହାରି ବାଲୁଗାଁସ୍ଥିତ ସାହୁଙ୍କ ବିଜେଡି କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରୁ ବାହାରି ବାଣପୁର ବିଷରପାଟଣା ଛକରୁ ପଦଯାତ୍ରାରେ ଯାଇ ମା'ଭଗବତୀଙ୍କ ନିକଟରେ ପୂଜାର୍ଚ୍ଚନା କରିବା ପରେ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ। ଏହି ଶୋଭାଯାତ୍ରାରେ ପୂର୍ବତନ ମନ୍ତ୍ରୀ ଦେବେନ୍ଦ୍ର ନାଥ ମାନସିଂ, ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ବାଣପୁର ଏନ୍‌ଏସି ଅଧ୍ୟକ୍ଷ ମିଟୁ ନାୟକ, ବାଲୁଗାଁ ଅଧ୍ୟକ୍ଷ ସୁକାନ୍ତି ପାଇକରାୟଙ୍କ ସମେତ ଦଳୀୟ କର୍ମକର୍ତ୍ତା, ଜିଲା ପରିଷଦ ସଭ୍ୟାସଭ୍ୟ, ଏନ୍‌ଏସି ଓ ବ୍ଲକର ଜନପ୍ରତିନିଧି, ପୁରୁଷ, ମହିଳା, ଛାତ୍ର ଓ ଯୁବ କର୍ମୀ ପ୍ରମୁଖ ସାମିଲ ହୋଇଥିଲେ। ଲୋକ ସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ଜୟଯୁକ୍ତ କରାଇବା ସହ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ଲାଗି ମୁଖ୍ୟମନ୍ତ୍ରୀ ଆସନରେ ବସାଇବା ପାଇଁ ମଙ୍ଗରାଜ ଆହ୍ୱାନ କରିଥିଲେ। ରାଜ୍ୟର ବିକାଶ ଧାରାରେ ସହଭାଗୀ ହେବାକୁ ନିବେଦନ କରିଥିଲେ। ସେହିପରି ଅରୂପ ଓ ରଘୁ ଶଙ୍ଖ ନାଦ କରି ଚିଲିକାରେ ଯୋଡି ଶଙ୍ଖକୁ ବିପୁଳ ଭୋଟରେ ବିଜୟ ଲାଭ ପାଇଁ ଲୋକଙ୍କୁ ନିବେଦନ କରିଥିଲେ। ସମସ୍ତ କର୍ମୀଙ୍କ ସହଯୋଗ, ଲୋକଙ୍କ ଭଲପାଇବା, ଆତ୍ମବିଶ୍ୱାସକୁ ପାଥେୟ କରି ଚିଲିକାର ବିକାଶଧାରାକୁ ତ୍ୱରାନ୍ୱିତ କରାଯିବ ବୋଲି ରଘୁ କହିଛନ୍ତି। ବିଶ୍ୱ ପର୍ଯ୍ୟଟନରେ ଚିଲିକାର ସ୍ୱତନ୍ତ୍ରତା, ବିକଶିତ ଚିଲିକା, ସବୁବର୍ଗର ଲୋକଙ୍କ ପାଇଁ ଉନ୍ନୟନମୂଳକ କାର୍ଯ୍ୟ ଜାରି ରଖି ନବୀନ ଓଡ଼ିଶାର ବିକାଶପଥକୁ ଆଗେଇ ନେବାରେ ସର୍ବଦା ପ୍ରୟାସ କରିବେ ବୋଲି କହିଥିଲେ ଉଭୟ ପ୍ରାର୍ଥୀ। ରଘୁ ଆହୁରି କହିଛନ୍ତି, ମୁଖ୍ୟମନ୍ତ୍ରୀ ମୋ ଉପରେ ଆସ୍ଥା ପ୍ରକଟ କରିଛନ୍ତି। ଚିଲିକାରେ ବିଜେଡି ହାତମୁଠାକୁ ଦୃଢ଼ ସହ ବିପୁଳ ଭୋଟ ବ୍ୟବଧାନରେ ସେ ବିଜୟ ଲାଭ କରିବେ ବୋଲି ଆଶା ରଖିଛନ୍ତି।


ଶୋଭାଯାତ୍ରାରେ ବିଜେଡି ପ୍ରାର୍ଥୀ ଏବଂ ଅନ୍ୟମାନେ।

## ରେଳ ଫାଟକରେ ପିଟିହେଲା ଗାଡ଼ି


ରେଳ ଫାଟକରେ ଗାଡ଼ି ଲାଗିକି ରହିଛି।

ନିରାକାରପୁର,୨୩।୪(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ନିରାକାରପୁର ଉପର ବଜାରଠାରେ ଥିବା ରେଳଫାଟକରେ ମଙ୍ଗଳବାର ଏକ ବିସ୍କୁଟ୍ ବୋଝେଇ ଗାଡ଼ି ପିଟିହେବା ସହ ଉକ୍ତ ସ୍ଥାନରେ ଅଟକି ଯାଇଥିଲା। ଫଳରେ ଫାଟକର ଉଭୟ ପାର୍ଶ୍ୱରୁ ଆସୁଥିବା ଯାନବାହନ ଯାତାୟାତରେ ସମସ୍ୟା ସୃଷ୍ଟି ହେବା ସହ କିଛି ସମୟ ଗାଡ଼ିଗୁଡ଼ିକ ଅଟକି ରହିଥିଲା। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ପ୍ରକାଶ ଯେ, ବିଭିନ୍ନ ସମୟରେ ଯାନବାହନ ଉକ୍ତ ରେଳଫାଟକକୁ ଧକ୍କା ଦେଉଥିବା ଜଣାପଡ଼ିଛି। ଏହା ଉପରେ ରେଳ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ସମ୍ପର୍କୀୟ ଭୋଟରଙ୍କୁ ସଚେତନ କରିବେ ବିଦ୍ୟାର୍ଥୀ

ଟାଙ୍ଗୀ,୨୩।୪(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠ ଠାରେ ବ୍ଲକସ୍ତରୀୟ ପ୍ରଧାନ ଶିକ୍ଷକଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ମଞ୍ଜରୀ ଦେବୀ, ସାବିତ୍ରୀ ସାହୁ, ବ୍ଲକ ମଙ୍ଗଳ ଅଧିକାରୀ ବିରଞ୍ଚି ନାରାୟଣ ଜେନା, ପ୍ରଧାନ ଶିକ୍ଷକ ବିଶ୍ୱଜିତ୍ ପଲାଇ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତ୍ୟେକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସେମାନଙ୍କର ଛାତ୍ରୀଛାତ୍ରମାନେ ନିଜର ପରିବାରବର୍ଗଙ୍କୁ ଭୋଟଦାନ ପ୍ରକ୍ରିୟାରେ ସାମିଲ ହେବା ପାଇଁ ସଚେତନ କରିବାକୁ ପ୍ରବର୍ତ୍ତାଇବେ ଓ ବାହାରେ ରହୁଥିବା ଭଉଣୀଭାଇ, ବାପା, ବନ୍ଧୁ ପରିଜନମାନଙ୍କ ପାଖକୁ ପୋଷ୍ଟକାର୍ଡ ମାଧ୍ୟମରେ ଭୋଟଦାନରେ ଭାଗ ନେବାପାଇଁ ଅନୁରୋଧ କରିବେ। ଗ୍ରୀଷ୍ମକାଳୀନ ଛୁଟିରେ ଛାତ୍ରୀଛାତ୍ରଙ୍କ ହୋମ୍ ୱାର୍କ, ଗଣତନ୍ତ୍ରର ମୁଖ୍ୟପର୍ବ ଭୋଟଦାନ ପ୍ରକ୍ରିୟା ସମ୍ପର୍କରେ ରଚନା ଲେଖିବା, ଆଭାସୀ ମାଧ୍ୟମରେ ପାଠ ପଢ଼ିବା, ଶିକ୍ଷକମାନଙ୍କର ରୋଷ୍ଟର ଡ୍ୟୁଟି, ବୁଥ ହୋଇଥିବା କେନ୍ଦ୍ରଗୁଡ଼ିକରେ ଉପସ୍ଥିତ ରହି ପୋଲିଂ ଅଧିକାରୀଙ୍କୁ ସମସ୍ତ ସହଯୋଗ କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଟାଙ୍ଗୀ ବ୍ଲକର ୨୫ଟି ଉଚ୍ଚ ବିଦ୍ୟାଳୟ, ୩୨ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୭୫ଟି ପ୍ରାଥମିକ ବିଦ୍ୟାଳୟ ଏବଂ ଆଦର୍ଶ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକ।

# ଆକର୍ଷଣ ସାଜିଲା ଲଙ୍କାପୋଡ଼ି, ଇନ୍ଦ୍ରଜିତ ବଧ

ବେଗୁନିଆ,୨୩।୪(ହର ପ୍ରସନ୍ନ ପଣ୍ଡା)

ରାମାୟଣର କଥାବସ୍ତୁକୁ ନେଇ ମୁକ୍ତ ରଙ୍ଗମଞ୍ଚରେ ଗୀତ ଓ ନୃତ୍ୟ ଆକାରରେ କଢ଼ାମଲ୍ଲ ଗ୍ରାମରେ ପରିବେଷଣ ହେଉଛି ମୁଖାପିନ୍ଧା ରାମଲୀଳା ନାଟକ। ରାମନବମୀଠାରୁ ଆରମ୍ଭ ହୋଇ ୯ଦିନ ଧରି ପୁରାଣରୁ ବର୍ଣ୍ଣିତ ରାମଜନ୍ମଠାରୁ ରାମ ଅଭିଷେକ ପର୍ଯ୍ୟନ୍ତ ସଂଳାପ ପରିବେଷଣ ହେବ। ଗ୍ରାମର ୪୫ଜଣ କଳାକାରଙ୍କୁ ନେଇ ଅନୁଷ୍ଠିତ ହେଉଥିବା ଏହି ନାଟକରେ ସୋମବାର 'ଲଙ୍କାପୋଡ଼ି' ଏବଂ ମଙ୍ଗଳବାର 'ଇନ୍ଦ୍ରଜିତ ବଧ' ସଂଳାପ ପରିବେଷଣ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ରାମାୟଣ କଥାଚିତ୍ର ତାଡ଼କା ବଧ, ଶିବଧନୁ ଭଙ୍ଗ, ସୀତା ବିବାହ, ରାମ ବନବାସ, ସୀତା ଚୋରି, ବାଳୀ ବଧ, ଲଙ୍କାପୋଡ଼ି ଆଦି ସଂଳାପ ଶେଷ ହୋଇଥିବା ବେଳେ ମଙ୍ଗଳବାର ରାତିରେ ଇନ୍ଦ୍ରଜିତ ବଧ ଏବଂ ଲକ୍ଷ୍ମଣ ଶକ୍ତିଭେଦ, ଗୁରୁବାର ରାବଣ ବଧ ପରେ ରାମ ଅଭିଷେକ ଆଦି ନାଟକରେ ରୂପାନ୍ତରିତ ହେବ।

ଗତ ସୋମବାର ରାତିରେ ଲଙ୍କାପୋଡ଼ି ବିଷୟବସ୍ତୁକୁ କଳାକାରମାନେ ଯେଉଁଭଳି ଅଭିନୟ କରିଥିଲେ, ସତେ ଯେପରି ପୁଣି ରାମରାଜ୍ୟ ଫେରିଆସିଛି ବୋଲି ଦର୍ଶକମାନେ ଅନୁଭବ କରିଥିଲେ। ବାନର ସେନାମାନେ ମାତା ସୀତାଙ୍କୁ ଠାବ କରିବା ପାଇଁ ବାହାରିଥିଲେ। ବାଟରେ ସମ୍ପାତି ସଙ୍ଗେ ଭେଟ ହେଲା। ଲଙ୍କାପତି ରାବଣ ସୀତାଙ୍କୁ ଚୋରାଇ ନେଇ ଦକ୍ଷିଣ ଦିଗକୁ ଯାଇଛି ବୋଲି ବାନର ସେନାମାନେ ଜାଣିବାକୁ ପାଇଥିଲେ। ଲଙ୍କାପୁରକୁ ଯିବାକୁ ହେଲେ ସମୁଦ୍ର ପଡ଼ିବ। ସମୁଦ୍ର ଲଙ୍ଘନ କରି କେବଳ ହନୁମାନ ଲଙ୍କାପୁରରେ ପହଞ୍ଚିଥିଲେ। ସେଠାରେ ଅକ୍ଷୟ କୁମାର ଓ ଅନ୍ତମାଳି ନାମକ ଅସୁରଙ୍କୁ ବଧ କରି ହନୁମାନ ଲଙ୍କାପୁରକୁ ଛାରଖାର କରିଥିଲେ। ପରେ ହନୁମାନ ଇନ୍ଦ୍ରଜିତଙ୍କ ଦ୍ୱାରା ବନ୍ଧା ହୋଇଥିଲେ। ଉପାୟରେ ଇନ୍ଦ୍ରଜିତଙ୍କୁ ବଧ କରି ହନୁମାନ ମାତା ସୀତାଙ୍କୁ ଠାବ କରିଥିଲେ। ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ହସ୍ତରେ ଥିବା ମୁଦିକୁ ମାତା ସୀତାଙ୍କୁ ଦେଇ ମଥାମଣି ଆଣି ହନୁମାନ ଲଙ୍କାପୁରରୁ ଫେରି ଆସିଥିଲେ। ସେତିକିରେ ନାଟକର ଦୃଶ୍ୟ ଶେଷ ହୋଇଯାଇଥିଲା। ରାମ, ଲକ୍ଷ୍ମଣ, ସୀତା, ହନୁମାନ, ବାଳୀ, ସୁଗ୍ରୀବ, ଅଙ୍ଗଦ, ଜାମ୍ବବାନ, ରାବଣ, କୁମ୍ଭକର୍ଣ୍ଣ, ବିଭୀଷଣ, ଇନ୍ଦ୍ରଜିତ, ତାଡକା, ସୂର୍ପଣଖା, ମାୟାମୃଗ ଆଦି ବହୁ ବେଶରେ କାଷ୍ଠମୁଖା ପରିଧାନ କରି ନିଖୁଣ ଭାବେ ଅଭିନୟ କରୁଛନ୍ତି। ନାଟକରେ ଅଭିନୟ କରିବାକୁ ହେଲେ କଳାକାରମାନଙ୍କୁ ନୀତି ନିୟମରେ ରହିବାକୁ ପଡ଼ିଥାଏ। ରଘୁନାଥ ମନ୍ଦିର ପରିସରରେ ସଙ୍କଳ୍ପ, ନୂତନ ବସ୍ତ୍ର ପରିଧାନ ସହ ଦୈନିକ ନଅ ଦିନାତ୍ମକ ହବିଷ ପାଳନ କରନ୍ତି। ସେହିପରି ନାଟ୍ୟସ୍ଥଳରେ ହନୁମାନ, ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଙ୍କ ପ୍ରତିମୂର୍ତ୍ତି ପରମ୍ପରା ଅନୁଯାୟୀ ପୂଜାପାଠ କରାଯାଉଛି। ଯଜ୍ଞାଚାର୍ଯ୍ୟ କୁଳମଣି ଦାଶ ଶର୍ମା ଦୈନିକ ସକାଳ ଓ ସନ୍ଧ୍ୟାରେ ଆଳତି ସମାପନ କରୁଛନ୍ତି। ନିର୍ଦ୍ଦେଶକ ବଳରାମ ହୋତା, ପରିଚାଳକ ରମେଶ ଚନ୍ଦ୍ର ପଟ୍ଟନାୟକ, ବାନାମ୍ବର ନାୟକ, ରବୀନ୍ଦ୍ର ନାୟକ, ବୀରେନ୍ଦ୍ର ପ୍ରଧାନ ଓ ପେଣ୍ଟିଂ ମାଷ୍ଟର ଭ୍ରମର ବେହେରା ଦାୟିତ୍ୱ ନିର୍ବାହ କରିଥିଲେ। ଅନଙ୍ଗ ନରେନ୍ଦ୍ର ଦେବଙ୍କ ଲିଖନ ପୋଥିରୁ ସଙ୍ଗୀତ ଆକାରରେ ଗୁରୁ ତାରେଶ୍ୱର ପଣ୍ଡା ପଠନ କରିଥିଲେ। ପାଳିଆ ଓ କଳାକାରମାନେ ପଖଜ, ଗିନି ଓ ଝୁମୁକା ବଜାଇ ନୃତ୍ୟ ସଙ୍ଗୀତ ଚିତ୍ରକଳା ଅଭିନୟ କରିଥିଲେ। ଆଇନଜୀବୀ ରଞ୍ଜିତ କୁମାର ତ୍ରିପାଠୀ ବିଧିବଦ୍ଧଭାବେ ଲଙ୍କାପୋଡ଼ି ଦୃଶ୍ୟକୁ ଅଗ୍ନି ସଂଯୋଗ କରି ହନୁମାନ ଓ କାଳିଶିଙ୍କ ଦ୍ୱାରା ଶୁଭାରମ୍ଭ କରିଥିଲେ।



**କଢ଼ାମଲ୍ଲରେ ମୁଖାପିନ୍ଧା ରାମଲୀଳା ନାଟକ ଉତ୍ସବ**

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୩।୦୪।୨୦୨୪

| | |
|---|---|
| ୩,୫୨, ୫୪୭ ଟଙ୍କା | |
| ସୁନା | ୭୫୦ ମିଲିଗ୍ରାମ୍ |
| ରୁପା | ୮୦୦ ମିଲିଗ୍ରାମ୍ |

# ରାଜ୍ୟରେ ଆଣ୍ଟି ଟିବି ଔଷଧ ଅଭାବ

### ଯୋଗାଣ ପାଇଁ କେନ୍ଦ୍ରକୁ ଚିଠି

**ଭୁବନେଶ୍ୱର, ୨୩।୪(ଅସମାପିକା ସାହୁ)**

ଜାତୀୟ ଯକ୍ଷ୍ମା ବିଲୋପ କାର୍ଯ୍ୟକ୍ରମ(ଏନ୍‌ଟିଇପି) ହେଉଛି ଏକ ଫ୍ଲାଗ୍‌ଶିପ କାର୍ଯ୍ୟକ୍ରମ। ଏଥିରେ ଯକ୍ଷ୍ମା ବା ଟିବି ରୋଗର ଶୀଘ୍ର ଚିହ୍ନଟ, ଚିକିତ୍ସା ଏବଂ ପ୍ରତିରୋଧ ପାଇଁ ଗୁରୁତ୍ୱ ଦିଆଯାଇଛି। ଏ ଦିଗରେ ଓଡ଼ିଶା ଆଖିଦୃଶିଆ କାର୍ଯ୍ୟକ୍ରମ କରି ଯକ୍ଷ୍ମାର ସକ୍ରିୟତାକୁ ହ୍ରାସ କରିପାରିଛି। ତେବେ ୨୦୨୩ ଫେବୃଆରୀ ପରଠାରୁ ଭାରତ ସରକାରଙ୍କ କେନ୍ଦ୍ରୀୟ ଟିବି ଡିଭିଜନରୁ ଓଡ଼ିଶାକୁ ପର୍ଯ୍ୟାପ୍ତ ଆଣ୍ଟି ଟିବି ଔଷଧ ଯୋଗାଣ ହୋଇନାହିଁ। ଫଳରେ ରାଜ୍ୟରେ ଏହି ଔଷଧର ଘୋର ଅଭାବ ଦେଖାଦେଇଛି। ଟିଭି ଚିକିତ୍ସା ଉପରେ ଏହାର ସିଧାସଳଖ ପ୍ରଭାବ ପଡୁଛି। ଆଣ୍ଟି ଟିବି ଔଷଧ ବଜାରରେ ଉପଲବ୍ଧ ହେଉନାହିଁ। ଏହି ଘଟଣାର ଅନୁଧ୍ୟାନ କରିବା ସହ ରାଜ୍ୟକୁ ଯକ୍ଷ୍ମା ଔଷଧ ଯୋଗାଣ ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ରାଜ୍ୟ ସରକାର କେନ୍ଦ୍ରକୁ ଅନୁରୋଧ କରିଛନ୍ତି। ଏ ନେଇ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନିରଞ୍ଜନ ପୂଜାରୀ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଡା. ମନସୁଖ ମାଣ୍ଡବ୍ୟଙ୍କୁ ଚିଠି ଲେଖିଛନ୍ତି।

ବିଶେଷ ଭାବରେ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ସହ ନିରାମୟ ଯୋଜନାରେ ରୋଗୀଙ୍କୁ ମାଗଣାରେ ଔଷଧ ଯୋଗାଇଦେବାକୁ ରାଜ୍ୟ ସରକାର ପ୍ରତି ସ୍ୱାସ୍ଥ୍ୟକେନ୍ଦ୍ରରେ ସୁବିଧା କରୁଛନ୍ତି। ହେଲେ ଯକ୍ଷ୍ମା ଭଳି ସଂକ୍ରାମକ ରୋଗ ପାଇଁ ଅନେକ ଜିଲାର କୌଣସି ସ୍ୱାସ୍ଥ୍ୟକେନ୍ଦ୍ରରେ ଔଷଧ ଉପଲବ୍ଧ ନ ଥିବା ଜଣାପଡ଼ିଛି। ଅନେକ ସମୟରେ ମେଡିକାଲରେ ଛୋଟ ପିଲାଙ୍କ ପାଇଁ ଟିବି ଔଷଧ ଉପଲବ୍ଧ ହେଉନାହିଁ। କେବଳ ବଡ଼ମାନଙ୍କ ପାଇଁ ଔଷଧ ଥିବା କହି ଫେରାଇ ଦେଉଥିବା ଅଭିଯୋଗ ହେଉଛି।

ସୂଚନାନୁଯାୟୀ, ୨୦୨୫ ସୁଦ୍ଧା ରାଜ୍ୟର ସମସ୍ତ ପଞ୍ଚାୟତକୁ ଯକ୍ଷ୍ମାମୁକ୍ତ କରିବା ନେଇ ସରକାର ଲକ୍ଷ୍ୟ ରଖିଛନ୍ତି। ନିରନ୍ତର ବିକାଶ ଲକ୍ଷ୍ୟର ଏକ ଅଂଶବିଶେଷ ଯକ୍ଷ୍ମାମୁକ୍ତ ଓଡ଼ିଶା। ୧୦ ବର୍ଷରେ ସାରା ଦେଶରେ ଓଡ଼ିଶା ୧୨ଟି ର୍‍ୟାଙ୍କ ଉପରକୁ ଉଠି ଏବେ ୨ ନମ୍ବରରେ ରହିଛି।

## ରକ୍ତ ବିକ୍ରି ଅଭିଯୋଗରେ ୪ ଦଲାଲ ଗିରଫ

**କଟକ,୨୩।୪ (କାର୍ତ୍ତିକ ସାହୁ):** ରକ୍ତ ବିକ୍ରି ଅଭିଯୋଗରେ ମଙ୍ଗଳାବାଗ ପୋଲିସ ୪ ଜଣ ଦଲାଲଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବିଡ଼ାନାସୀ ନୂଆସାହିର ନିଖିଳ ସେନାପତି, ଆଠଗଡ଼ କରିକମଳର ନେତାଜୀ ଦାସ, ଢେଙ୍କାନାଳ କାଠଗଡ଼ର ସୁଜିତ୍ କୁମାର ପଣ୍ଡା ଓ ରାଣୀହାଟ ଗୋପାଳସାହିର ଅଜୟ ମହାପାତ୍ର। ସୂଚନା ଅନୁସାରେ, ସୋମବାର ପୋଲିସ ପାଟ୍ରୋଲିଂବେଳେ ଏସ୍‌ସିବି ମେଡିକାଲର କେନ୍ଦ୍ରୀୟ ରକ୍ତଭଣ୍ଡାର ନିକଟରେ ଦଲାଲଙ୍କ ମାଧ୍ୟମରେ ରକ୍ତ ବିକ୍ରି ହେଉଥିବା ଖବର ପାଇଥିଲା। ତୁରନ୍ତ ପୋଲିସ ସେଠାରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ କାବୁ କରିଥିଲା। ଗୋଟିଏ ୟୁନିଟ୍ ରକ୍ତ ପିଛା ୧୫୦୦ରୁ ୨୦୦୦ ଟଙ୍କା ଯାଏ ବିକ୍ରି କରୁଥିବା ସେମାନେ ପୋଲିସ ନିକଟରେ ସ୍ୱୀକାର କରିଥିଲେ। ଏନେଇ ଥାନାରେ ଏକ ମାମଲା(ନଂ. ୧୧୯/୨୪) ରୁଜୁ ହୋଇଛି।

## ଖାଉଟି ଅଦାଲତରେ ଫ୍ଲିପ୍‌କାର୍ଟ ଦଣ୍ଡିତ

### ଖରାପ ଘଣ୍ଟା ଫେରସ୍ତ ନ କରିବାରୁ ୫୦ ହଜାର ଜରିମାନା

**କଟକ,୨୩।୪ (କାର୍ତ୍ତିକ ସାହୁ):** କଟକ ଖାଉଟି ଅଦାଲତରେ ଫ୍ଲିପ୍‌କାର୍ଟ ପୁଣି ଦଣ୍ଡିତ ହୋଇଛି। ଅଦାଲତର ଅଧ୍ୟକ୍ଷ ଦେବାଶିଷ ନାୟକ ଏବଂ ସଦସ୍ୟ ସଦାନନ୍ଦ ମହାନ୍ତି ମାମଲାର ବିଚାର କରି ଆବେଦନକାରୀଙ୍କୁ ୩୬୦୦ ଟଙ୍କା ଘଣ୍ଟା ମୂଲ୍ୟ ୧୨% ସୁଧ ସହ ୫୦ହଜାର ଜରିମାନା ଆଗାମୀ ୩୦ ଦିନ ମଧ୍ୟରେ ପ୍ରଦାନ କରିବା ପାଇଁ ଫ୍ଲିପ୍‌କାର୍ଟକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ସିଡିଏ ଅଞ୍ଚଳର ଆୟେସା ନାମକ ବ୍ୟକ୍ତି ଫ୍ଲିପ୍‌କାର୍ଟରୁ ଏକ ଘଣ୍ଟା ଅର୍ଡର କରିଥିଲେ। ଫ୍ଲିପ୍‌କାର୍ଟ ତରଫରୁ ଦିଆଯାଇଥିବା ଘଣ୍ଟାଟି ୫ ଦିନ ପରେ ଖରାପ ହୋଇଯାଇଥିଲା। ଆବେଦନକାରୀ ଖରାପ ଘଣ୍ଟାଟିକୁ ଫେରସ୍ତ କରିବାକୁ ଅନୁରୋଧ କରିଥିଲେ। ମାତ୍ର ଫ୍ଲିପ୍‌କାର୍ଟ ତାହା ନ କରି ତାଙ୍କ ଆଇଡିକୁ ବ୍ଲକ୍ କରିଦେଇଥିଲେ। ଫଳରେ ସେ ଖାଉଟି ଅଦାଲତରେ ଏକ ମାମଲା ଦାଏର କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଡ. ସୁନୀଲ କୁମାର ରଥ ମାମଲା ପରିଚାଳନା କରୁଥିଲେ।



ମା' ମଙ୍ଗଳା ଭଗବତୀଙ୍କ ଚୈତ୍ରପୂର୍ଣ୍ଣିମା ଝାମୁଯାତ୍ରା ଅବସରରେ ମଙ୍ଗଳବାର କଟକ ଚୌଧୁରୀ ବଜାର ଗୋପାଳଜୀଉ ଲେନ୍ ମଠସାହିଠାରେ ମହିଳାଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଖିରି।

## ମହାପ୍ରଭୁଙ୍କର ହେଲା ବଡ଼ମହାସ୍ନାନ

**ପୁରୀ, ୨୩।୪(ଅଜିତ୍ ମହାନ୍ତି)**

ଶ୍ରୀମନ୍ଦିରରେ ମଙ୍ଗଳବାର ଶ୍ରୀ ବିଗ୍ରହମାନଙ୍କ ବଡ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି। ଭିତରଶୋଧ ହେବା ପରେ ବେହେରଣ ଦ୍ୱାର ନିକଟରେ ରକ୍ତପଡିଥିବା ଦେଖିବାକୁ ମିଳିଥିଲା। ଫଳରେ ଶ୍ରୀମନ୍ଦିର ସ୍ୱତ୍ତଲିପି ଅନୁଯାୟୀ ଡ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି। ସୂଚନାଯୋଗ୍ୟ, ମଙ୍ଗଳବାର ସକାଳ ୬ଟାରେ ଶ୍ରୀମନ୍ଦିର ଦ୍ୱାରଫିଟା ପରେ ଭିତରଶୋଧ କରାଯାଇଥିଲା। ଭିତରଶୋଧ ବାଜା ବନ୍ଦ ହେବା ପରେ ବେହରଣ ଦ୍ୱାର ନିକଟରେ ରକ୍ତଛିଟା ପଡ଼ିଥିବା ଦେଖିବାକୁ ମିଳିଥିଲା। ଫଳରେ ସଙ୍ଗେ ସଙ୍ଗେ ନୀତି ବନ୍ଦ କରାଯାଇଥିଲା। ଭକ୍ତଙ୍କ ଦର୍ଶନ ବନ୍ଦ ରଖାଯିବା ସହ କବାଟ ବନ୍ଦ କରାଯାଇଥିଲା। ପରେ ବଡ ମହାସ୍ନାନ ପାଇଁ ନୀତି ଆରମ୍ଭ ହୋଇଥିଲା। ବଡ଼ ମହାସ୍ନାନ ପରେ ଅନ୍ୟାନ୍ୟ ନୀତି ଆଗେଇଥିଲା। ତେବେ ଏଥିଯୋଗୁ ପ୍ରାୟ ୨ଘଣ୍ଟା ବିଳମ୍ବ ହୋଇଥିଲା।

## ଗାଡ଼ି ତଲାସି ବେଳେ ବନ୍ଧୁକ, ଗୁଳି ଜବତ: ଯୁବକ ଗିରଫ

**ପୁରୀ, ୨୩।୪(ଅଜିତ୍ ମହାନ୍ତି)**

ସମୁଦ୍ରକୂଳ ଥାନା ପୋଲିସ ମଙ୍ଗଳବାର ଗାଡ଼ି ତଲାସି ସମୟରେ ଜଣେ ଯୁବକଙ୍କଠାରୁ ଦେଶୀ ବନ୍ଧୁକ ଜବତ କରିବା ସହ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଲେ ଟାଉନ୍ ଥାନା ଅନ୍ତର୍ଗତ ତିଆଡ଼ି ସାହି ବାଲିଉପରର ସତ୍ୟପ୍ରକାଶ ମଲ୍ଲିକ (୨୪)। ପୋଲିସ ଏ ନେଇ ଏକ କେସ୍ (ନଂ. ୯୨/୨୪) ରୁଜୁ କରି ଅଭିଯୁକ୍ତଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ, ଗୋଟିଏ ଗୁଳି, ମୋବାଇଲ ଫୋନ ଓ ବୁଲେଟ ଜବତ କରିଛି। ସୂଚନା ଅନୁଯାୟୀ, ପୋଲିସ ପକ୍ଷରୁ ସୁଭାଷ ବୋଷ ଛକ ନିକଟରେ ବ୍ଲକିଂ କରାଯାଇଥିବାବେଳେ ଅଭିଯୁକ୍ତ ସତ୍ୟପ୍ରକାଶ ହରିହର ଛକ ଆଡୁ ଦ୍ରୁତବେଗରେ ଗାଡ଼ି ନେଇ ଆସିଥିଲେ। ପୋଲିସ ଗାଡ଼ି ଅଟକାଇ ତଲାସି କରିବା ସମୟରେ ବନ୍ଧୁକ ମିଳିଥିଲା। ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ସହରରେ ବ୍ଲକିଂ ଓ ତଲାସି ଅଭିଯାନ ଜାରି ରହିବ ବୋଲି ପୋଲିସ କହିଛି।

## ଗୋଜିଶିଖ ଜଙ୍ଗଲରେ ନିଆଁ

**ବୋଲଗଡ଼,୨୩।୪(ଦେବବ୍ରତ ହୋତା)**



ସମ୍ପ୍ରତି ପ୍ରଚଣ୍ଡ ରୌଦ୍ରତାପ ସାଙ୍ଗକୁ ମନୁଷ୍ୟକୃତ କାରଣରୁ କେତେକ ସ୍ଥାନରେ ଜଙ୍ଗଲ ଜଳୁଥିବା ଚିତ୍ର ସାମ୍ନାକୁ ଆସୁଛି। ମଙ୍ଗଳବାର ଖୋର୍ଦ୍ଧା ରେଞ୍ଜ ବୋଲଗଡ଼ ବନଖଣ୍ଡ ଅଧୀନ ବ୍ରାହ୍ମଣୀଦେବୀ ସଂରକ୍ଷିତ ଜଙ୍ଗଲରେ ଥିବା ଯୋଡ଼ାପଡ଼ା ଗ୍ରାମ ରାମମନ୍ଦିର ନିକଟ ଗୋଜିଶିଖ ଜଙ୍ଗଲରେ ନିଆଁ ଲାଗିଛି। ପ୍ରାୟ ପାଞ୍ଚ ଏକର ପରିମିତ ଅଞ୍ଚଳରେ ନିଆଁଲାଗି ଶାଗୁଆନ, ଆକାଶିଆ, କେନ୍ଦୁ, ଆମ୍ବ, ବେଲ, ଚାକୁଣ୍ଡା, ବାଉଁଶ ଗଛ ସହିତ ଜଙ୍ଗଲୀ ବୃକ୍ଷ ଜଳି ଯାଇଥିବା ଆଶଙ୍କା କରାଯାଉଛି। ଏହି ଜଙ୍ଗଲରେ ନିଆଁ ଲାଗିବାରୁ ଯୋଡ଼ାପଡ଼ା, ମାଳିସାହି, ଗବଡିହ, ଶାସନ ଓ ସଂପୁର ଗ୍ରାମଗୁଡ଼ିକରେ ତାପମାତ୍ରା ବଢ଼ିବାରେ ଲାଗିଛି। ଏନେଇ ବୋଲଗଡ଼ ବନପାଳ ପ୍ରଦୀପ୍ତ ପଟ୍ଟନାୟକ କହିଛନ୍ତି, ବୋଲଗଡ଼ ବନଖଣ୍ଡ ଅଧୀନ ବ୍ରାହ୍ମଣୀ ଦେବୀ ଡିପିଏଫ୍‌ସମେତ ୫ଟିସ୍ଥାନରେ ନିଆଁ ଲାଗିଛି। କର୍ମଚାରୀ କମ୍ ଥିବାରୁ ପର୍ଯ୍ୟାୟକ୍ରମେ ବନସୁରକ୍ଷା କର୍ମଚାରୀମାନେ ସମ୍ପୃକ୍ତ ଅଞ୍ଚଳକୁ ନିଆଁ ଲିଭାଇବାକୁ ଯାଉଛନ୍ତି। ନିଆଁ ଲିଭାଇବା ପାଇଁ ଆବଶ୍ୟକ ସ୍ପ୍ରେ ମେସିନ ଅଭାବ ଥିବାରୁ ଖୋର୍ଦ୍ଧାରୁ ମଗାଯାଇଛି। ନିଆଁ ଲାଗିଥିବା ଜଙ୍ଗଲକୁ ଖୁବ୍‌ଶୀଘ୍ର ଆୟତ୍ତ କରାଯିବା ପାଇଁ ପ୍ରସ୍ତୁତି ଚାଲିଛି ବୋଲି ସେ ପ୍ରକାଶ କରିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଜୀବନଜ୍ୟୋତି



@ ବିଶ୍ୱଜିତ୍



@ ହୃଷୀକେଶ



@ ମାନସ



@ ବିକାଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ପଢ଼ିବାକୁ ଉତ୍ସାହିତ କଲା 'ରିଡ୍-ଏ-ମାରାଥନ୍'

### ବକୁଳ ଫାଉଣ୍ଡେଶନର ଅଭିନବ ପଦକ୍ଷେପ

**ଭୁବନେଶ୍ୱର, ୨୩।୪ (ବନ୍ଦନା ସେଠୀ)**



ବିଶ୍ୱ ପୁସ୍ତକ ଦିବସ ଅବସରରେ ମଙ୍ଗଳବାର ବକୁଳ ଫାଉଣ୍ଡେଶନ ପକ୍ଷରୁ ମଙ୍ଗଳବାର ରିଡିଂ ମାରାଥନ୍ 'ରିଡ୍-ଏ-ଥନ୍' ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେଶନ ଲାଇବ୍ରେରିରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୩୦ବର୍ଷରୁ କମ୍ ବୟସର ବ୍ୟକ୍ତି ଓ ପିଲା ଅଂଶଗ୍ରହଣ କରିଥିଲେ। ସେମାନଙ୍କୁ ଦୁଇଟି ଭାଗରେ ବିଭକ୍ତ କରାଯାଇଥିଲା। ୧୦ ବର୍ଷରୁ କମ୍ ବୟସ୍କ ପିଲାଙ୍କୁ ଗୋଟିଏ ଶ୍ରେଣୀରେ ରଖାଯାଇଥିବାବେଳେ ୧୧ରୁ ୩୦ବର୍ଷ ବୟସ୍କ ଲୋକଙ୍କୁ ଅନ୍ୟ ଶ୍ରେଣୀରେ ରଖାଯାଇଥିଲା। ସେହିପରି ମାରାଥନ୍‌କୁ ପୂରା କରିବା ପାଇଁ ପ୍ରତ୍ୟେକଙ୍କୁ ୩ଘଣ୍ଟା ପଢିବାକୁ ପଡିଥିଲା କିମ୍ବା ୩୦ ପଏଣ୍ଟ ଆଣିବାକୁ ପଡିଥିଲା। ଅପରପକ୍ଷେ ମାରାଥନ୍ ଜିତିବା ପାଇଁ ଜଣଙ୍କୁ ସର୍ବାଧିକ ସମୟ ପର୍ଯ୍ୟନ୍ତ ପଢିବାକୁ ପଡିଥିବାବେଳେ ସର୍ବାଧିକ ପଏଣ୍ଟ ଆଣିବାକୁ ପଡିଥିଲା। ଏଥିରେ ଶହେରୁ ଊର୍ଦ୍ଧ୍ୱ ପିଲା ଯୋଗଦେଇଥିବାବେଳେ ଯୁବବର୍ଗ ସେମାନଙ୍କ ମାତାପିତାଙ୍କ ସହ ଅଂଶଗ୍ରହଣ କରିଥିଲେ। ପରେ ପିଲାମାନେ ମାରାଥନ୍‌କୁ ନେଇ ସେମାନଙ୍କର ଅଭିଜ୍ଞତା ବଖାଣିଥିଲେ। ଏନେଇ ଫାଉଣ୍ଡେଶନର ପ୍ରତିଷ୍ଠାତା ସୁଜିତ୍ ମହାପାତ୍ର କହିଛନ୍ତି, ଏହି ମାରାଥନ୍ ପିଲାମାନଙ୍କୁ ବହି ପଢିବାକୁ ଆକର୍ଷିତ କରିଛି। ପିଲାମାନେ ଏଥିରେ ଅଂଶଗ୍ରହଣ କରି ନିଜର ଖୁସି ବ୍ୟକ୍ତ କରିଛନ୍ତି।

ସୂଚନାଯୋଗ୍ୟ, ବକୁଳ ଫାଉଣ୍ଡେଶନ ଓଡ଼ିଶାରେ ଲାଇବ୍ରେରି ଆନ୍ଦୋଳନର ନେତୃତ୍ୱ ନେବା ସହ ଅନେକ ଅଭିନବ କାର୍ଯ୍ୟକଳାପ ମାଧ୍ୟମରେ ବହି ପଢାକୁ ପ୍ରୋତ୍ସାହିତ କରୁଛି। ସେହିପରି ଭୂ-ଫେଷ୍ଟୋ ପରି ଷ୍ଟୋରି ଟେଲିଂ କାର୍ଯ୍ୟକ୍ରମ ମଧ୍ୟ କରାଯାଉଛି। ସର୍ବସାଧାରଣ ସ୍ଥାନରେ ପୁସ୍ତକ, ସଂଗ୍ରହାଳୟ, ହାଟ, କାଫେ ଇତ୍ୟାଦିରେ ଫାଉଣ୍ଡେଶନ ପକ୍ଷରୁ ଲାଇବ୍ରେରି ଏବଂ ରିଡିଂ କର୍ନର ସ୍ଥାପନ କରିଛି, ଯାହାକୁ ବିଭିନ୍ନ ବର୍ଗର ଲୋକେ ପସନ୍ଦ କରୁଛନ୍ତି।

## ସାହିଯାତରେ ଲଙ୍କାପୋଡ଼ି ନୀତି

**ପୁରୀ, ୨୩।୪(ଅଜିତ ମହାନ୍ତି)**

ଶ୍ରୀକ୍ଷେତ୍ରର ସାହିଯାତରେ ମଙ୍ଗଳବାର ଲଙ୍କାପୋଡ଼ି ବା ଲଙ୍କା ଦହନ ନୀତି ସମ୍ପନ୍ନ ହୋଇଛି। ଚୈତ୍ର ମାସ ପୂର୍ଣ୍ଣିମା ତିଥି ଅବସରରେ ଦୋଳମଣ୍ଡପ ସାହି ପକ୍ଷରୁ ଲଙ୍କାଦହନ ନୀତି ଆଗତ କରାଯାଇ ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ସମ୍ପନ୍ନ ପରେ ଦକ୍ଷିଣୀଘରୁ ପ୍ରଭୁ ଶ୍ରୀରାମଚନ୍ଦ୍ର ଏବଂ ଲକ୍ଷ୍ମଣଙ୍କ ପ୍ରତିମୂର୍ତ୍ତିକୁ ମହାଜନ ସେବକମାନେ ଭିତରକୁ ବିଜେକରି ରତ୍ନସିଂହାସନ ନିକଟକୁ ନେଇଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆଣି ଚଳନ୍ତି ପ୍ରତିମା ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ପ୍ରଦାନ କରିଥିଲେ। ମହାଜନ ସେବକ ଠାକୁରଙ୍କୁ ନେଇ ମୁକ୍ତିମଣ୍ଡପ ନିକଟ ପାଲିଙ୍କିରେ ବିଜେ କରାଇଥିଲେ। ପରେ ସାହିଯାତ ନୀତି ନିମନ୍ତେ ଠାକୁର ପାଲିଙ୍କିରେ ଶ୍ରୀଜଗନ୍ନାଥ ବଲ୍ଲଭକୁ ବିଜେ କରିଥିଲେ। ସେଠାରେ ଠାକୁରମାନଙ୍କୁ ମଠର ଖଟଶେଜ ଉପରକୁ ବିଜେ କରାଯାଇଥିଲା। ଦୋଳମଣ୍ଡପ ସାହି ପକ୍ଷରୁ ଲଙ୍କାପୋଡ଼ି ନୀତି ପ୍ରସ୍ତାବ ଆଗତ ହୋଇଥିଲା। ଦୋଳମଣ୍ଡପ ସାହି ପକ୍ଷରୁ ହନୁମାନ ଓ ରାବଣବେଶଧାରୀ ଜଗନ୍ନାଥବଲ୍ଲଭକୁ ଯାଇ ନୀତି ସମ୍ପାଦନ କରିଥିଲେ। ଠାକୁରଙ୍କୁ ଶୀତଳ ରୋଗ ମଣୋହି କରାଯିବା ପରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ଅପରପକ୍ଷରେ ଦୋଳମଣ୍ଡପ ସାହି ଆଖଡ଼ା ପକ୍ଷରୁ ସମସ୍ତ ନୀତି ସମ୍ପାଦନ ସହ ଯାତ ବାହାରିଥିଲା। ରାବଣ ସହ ସାହିର ଯୁବକମାନେ ସପ୍ତଶିରା, ତ୍ରିଶାରା, କାଳୀ, ନାଗା ଆଦି ବିଭିନ୍ନ ପ୍ରକାର ମେଢ଼ ସହ ସମରକଳା ପ୍ରଦର୍ଶନ କରି ବାଦିସାହି କୁଣ୍ଡେଇବେଣ୍ଟ ସାହିକୁ ଯାଇଥିଲେ। ସେହିପରି ସକାଳେ ଦୋଳମଣ୍ଡପ ସାହିର ରାବଣ ବାହାରି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରି ବିଭିନ୍ନ ସାହି ପରିକ୍ରମା କରିଥିଲେ। ସୂଚନାଯୋଗ୍ୟ, ରାମନବମୀରେ ରାମଜନ୍ମନୀତିଠାରୁ ଶ୍ରୀକ୍ଷେତ୍ରରେ ଆରମ୍ଭ ହୋଇଥିବା ସାହିଯାତ ରାମ ଅଭିଷେକ ନୀତିରେ ଶେଷ ହେବ।



ଦୋଳମଣ୍ଡପ ସାହି ପକ୍ଷରୁ ରାବଣ ବେଶଧାରୀ ଯୁବକ ଶ୍ରୀମନ୍ଦିର ସମ୍ମୁଖରେ ନୃତ୍ୟ କରୁଛନ୍ତି।



ଲଙ୍କାପୋଡି ନୀତି ପାଇଁ ବେଶଧାରଣ କରିଥିବା ହନୁମାନ ଓ ମର୍କଟ।

# ପ୍ରଦୀପ୍ତଙ୍କୁ ରୋକିବାକୁ ବିଜେଡିର ମହିଳା କାର୍ଡ

ଭବାନୀପାଟଣା,୨୩।୪
(ଉତ୍ତମ କୁମାର ଦାଶ)

## ଭବାନୀପାଟଣା ବିଧାନସଭା ନିର୍ବାଚନମଣ୍ଡଳୀ


ପ୍ରଦୀପ୍ତ କୁମାର ନାଏକ


ଲଳିତା ନାଏକ


ସାଗର ଚରଣ ଦାସ

କଳାହାଣ୍ଡି ଜିଲା ଭବାନୀପାଟଣା ବିଧାନସଭା ଆସନ ପାଇଁ ପ୍ରମୁଖ ରାଜନୈତିକ ଦଳ ଭାଜପା, ବିଜେଡି ଓ କଂଗ୍ରେସ ସେମାନଙ୍କ ପ୍ରାର୍ଥୀ ଘୋଷଣା କରିସାରିଛନ୍ତି। ଭବାନୀପାଟଣା ବିଧାନସଭା ଆସନରୁ ଭାଜପା ତା'ର ସିଟିଂ ବିଧାୟକ ପ୍ରଦୀପ୍ତ କୁମାର ନାଏକଙ୍କୁ ପୁଣି ଟିକେଟ ଦେଇଛି। ସେହିପରି କଂଗ୍ରେସ ମଧ୍ୟ ତା'ର ପୂର୍ବ ପ୍ରାର୍ଥୀଙ୍କୁ ରିପିଟ୍ କରିଛି। ଭକ୍ତଚରଣ ଦାସଙ୍କ ପୁଅ ସାଗର ଚରଣ ଦାସ ପୁଣିଥରେ ଟିକେଟ ପାଇଛନ୍ତି। ହେଲେ ବିଜେଡି ଏଥର ପ୍ରାର୍ଥୀ ବଦଳାଇ ମହିଳା କାର୍ଡ ଖେଳିଛି। ଗତଥର ବିଜେଡି ପ୍ରାର୍ଥୀ ଥିବା ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକଙ୍କୁ ବଦଳାଇ ତାଙ୍କ ସ୍ତ୍ରୀ ଲଳିତାଙ୍କୁ ଟିକେଟ ଦେଇଛି। ବିଜେଡିରୁ ବହୁ ଆଶାୟୀ ଥିଲେ ମଧ୍ୟ ଦଳ ଲଳିତାଙ୍କ ଉପରେ ଭରସା କରିଛି। କୁହାଯାଉଛି, ପ୍ରଦୀପ୍ତଙ୍କ ଗତିରୋଧ ପାଇଁ ବିଜେଡି ମହିଳା କାର୍ଡ ଖେଳିବାକୁ ପସନ୍ଦ କରିଛି।

ଏହି ନିର୍ବାଚନମଣ୍ଡଳୀ ଭବାନୀପାଟଣା ବ୍ଲକର ୨୮ ପଞ୍ଚାୟତ, ପୌରପାଳିକା ସମେତ କେସିଙ୍ଗା ବ୍ଲକର ୧୭ ପଞ୍ଚାୟତ ଓ ଏନ୍ଏସିକୁ ନେଇ ଗଠିତ। ପ୍ରଦୀପ୍ତ ଭବାନୀପାଟଣାରୁ ଭାଜପା ଟିକେଟରେ ୪ଥର ବିଧାନସଭାକୁ ଯାଇଛନ୍ତି। ୧୯୯୫, ୨୦୦୦ ଓ ୨୦୦୪ରେ ଲଗାତର ତିନିଥର ସେହି ଆସନରୁ ବିଜୟୀ ହୋଇଥିଲେ। ସେ ୨୦୦୯ରେ କଂଗ୍ରେସ ପ୍ରାର୍ଥୀ ଦୁଷ୍ମନ୍ତ ନାଏକଙ୍କଠାରୁ ପରାଜିତ ହୋଇଥିଲେ। ୨୦୧୪ରେ ପ୍ରଦୀପ୍ତ ବିଧାନସଭା ନିର୍ବାଚନ ଲଢ଼ି ନ ଥିଲେ। ଭାଜପା ଟିକେଟରେ ସେ କଳାହାଣ୍ଡି ଲୋକ ସଭା ଆସନରୁ ପ୍ରାର୍ଥୀ ହୋଇଥିଲେ ମଧ୍ୟ ପରାସ୍ତ ହୋଇଥିଲେ। ସେହିବର୍ଷ ଭାଜପା ଏଠାରୁ ଦୟାନିଧି ନାଏକଙ୍କୁ ପ୍ରାର୍ଥୀ କରିଥିଲା। ତେବେ ସେ ବି ହାରିଯାଇଥିଲେ। ସେଠାରେ ବିଜେଡି ପ୍ରାର୍ଥୀ ଅନାମ ନାଏକ ଜିତିଥିଲେ। ୨୦୧୯ରେ ଭାଜପା ପୁଣିଥରେ ପ୍ରଦୀପ୍ତଙ୍କୁ ଭବାନୀପାଟଣା ବିଧାନସଭା ଆସନରୁ ପ୍ରାର୍ଥୀ କରିଥିଲା ଓ ସେ ବିଜୟୀ ହୋଇଥିଲେ। ୨୦୦୯, ୨୦୧୪ ଓ ୨୦୧୯ ବିଧାନସଭା ନିର୍ବାଚନ ଫଳାଫଳକୁ ଦେଖିଲେ ଭବାନୀପାଟଣାରୁ ପ୍ରତିଥର ଅଲଗା ଅଲଗା ଦଳର ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ୨୦୦୯ରେ କଂଗ୍ରେସ ପ୍ରାର୍ଥୀ ଦୁଷ୍ମନ୍ତ ନାଏକ ବିଜୟୀ ହୋଇଥିଲେ। ୨୦୧୪ରେ ଏଠାରୁ ବିଜେଡି ପ୍ରାର୍ଥୀ ଅନାମ ନାଏକ ବିଜୟୀ ହୋଇଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ଲୋକେ ପୁଣି ଭାଜପା ପ୍ରାର୍ଥୀ ପ୍ରଦୀପ୍ତ କୁମାର ନାଏକଙ୍କୁ ଜିତାଇଥିଲେ।

ଚଳିତ ନିର୍ବାଚନରେ ଭାଜପା, ବିଜେଡି ଓ କଂଗ୍ରେସ ମଧ୍ୟରେ ତ୍ରିମୁଖୀ ଲଢ଼େଇ ହେବ ବୋଲି ଜଣାପଡ଼ିଛି। ଭାଜପା ପ୍ରାର୍ଥୀ ପ୍ରଦୀପ୍ତ କରୋନାରେ ଚିକିତ୍ସିତ ଥାଇ ମଧ୍ୟ ଲୋକଙ୍କ ସହ ଜଡ଼ିତ ଥିଲେ ବୋଲି କୁହାଯାଉଛି। ସୁସ୍ଥ ହେବାପରେ ନିଜ ମନୋବଳ ଓ ଲୋକଙ୍କ ସେବା କରିବାର ଦୃଢ଼ଇଚ୍ଛା ତାଙ୍କୁ ପୁଣିଥରେ ନିର୍ବାଚନ ମଇଦାନକୁ ଫେରାଇଆଣିଛି। ମୋଦି ସରକାରଙ୍କ ବିକାଶକୁ ନେଇ ସେ ଏବେ ଲୋକଙ୍କ ପାଖରେ ପହଞ୍ଚୁଥିବାବେଳେ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ପାଇଁ ଭାଜପା ସରକାରକୁ ବିଜୟୀ କରିବା ଲାଗି ଭୋଟରଙ୍କୁ ସେ ନିବେଦନ କରୁଥିବା ଦେଖିବାକୁ ମିଳିଛି। ସେହିପରି ବିଜେଡି ପ୍ରାର୍ଥିନୀ ଲଳିତା ନାଏକ ମଧ୍ୟ ନବୀନ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା, ମହିଳା ସଶକ୍ତୀକରଣକୁ ନେଇ ଲୋକଙ୍କ ନିକଟକୁ ଯାଉଛନ୍ତି। କଂଗ୍ରେସ ପ୍ରାର୍ଥୀ ସାଗର ଦଳର ୧୦ ଗ୍ୟାରେଣ୍ଟି ଇସ୍ତାହାର ଉପରେ କହିବା ସହ ଏଥର ଲୋକେ ପରିବର୍ତ୍ତନ ଚାହୁଁଛନ୍ତି ବୋଲି କହୁଥିବା ଦେଖିବାକୁ ମିଳିଛି। ଏଭଳି ସ୍ଥିତିରେ ପ୍ରଦୀପ୍ତଙ୍କୁ ବିଜେଡିର ମହିଳା କାର୍ଡ ରୋକିପାରୁଛି ନା ୨୦୦୯ ଭଳି କଂଗ୍ରେସ ଚକ୍‌ମା ଦେବ, ତାହା ଭୋଟ ଗଣତି ପରେ ଜଣାପଡ଼ିବ।

# ଭାଜପାର ୪୦ ଜଣିଆ ଷ୍ଟାର କ୍ୟାମ୍ପେନର ତାଲିକା ପ୍ରକାଶ

ଭୁବନେଶ୍ୱର, ୨୩।୪(ସୁନିତ୍ ମିଶ୍ର)

**ମୋଦି, ନଡ୍ଡା, ଶାହାଙ୍କ ସମେତ ଯୋଗୀ, ହେମନ୍ତ ବିଶ୍ୱଶର୍ମା ସାମିଲ**

୨୦୨୪ ସାଧାରଣ ନିର୍ବାଚନ ସକାଶେ ବିଜେଡି ପରେ ଏବେ ଭାଜପାର ଷ୍ଟାର ପ୍ରଚାରକ ତାଲିକା ପ୍ରକାଶ ପାଇଛି। ଭାଜପା ଦିଲ୍ଲୀ ମୁଖ୍ୟ କାର୍ଯ୍ୟାଳୟରୁ ପ୍ରକାଶ ପାଇଥିବା ଏହି ତାଲିକାରେ ମୋଟ୍ ୪୦ ଜଣ ଷ୍ଟାର ପ୍ରଚାରକଙ୍କ ନାଁ ପ୍ରକାଶ ପାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାଁ ଏହି ତାଲିକାରେ ପ୍ରଥମ ନମ୍ବରରେ ଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ, ଅମିତ ଶାହା, ନୀତିନ ଗଡକରୀ, ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରମୁଖ ରହିଛନ୍ତି। ସେହିପରି ମୋହନ ଯାଦବ, କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ଏବଂ ଭୂପିନ୍ଦର ଯାଦବ, ଅଶ୍ୱିନୀ ବୈଷ୍ଣବ, ଜ୍ୟୋତିରାଦିତ୍ୟ ସିନ୍ଧିଆ, ହେମନ୍ତ ବିଶ୍ୱଶର୍ମା, ବିଷ୍ଣୁ ଦେଓ ସାଇ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ବୈଜୟନ୍ତ ପଣ୍ଡା, ସୁନୀଲ ବଂଶଲ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଜୟପାଲ ସିଂ ତୋମାର, ସୁଶ୍ରୀ ଲତା ଉସେଣ୍ଡି, ଶାନ୍ତନୁ ଠାକୁର, କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର, ଏମ୍‌ପି ଜୁଏଲ ଓରାମ, ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, କେଦାରନାଥ କଶ୍ୟପ, ଅପରାଜିତା ଷଡ଼ଙ୍ଗୀ, ସମ୍ବିତ ପାତ୍ର, ବସନ୍ତ କୁମାର ପଣ୍ଡା, ସୁରେଶ ପୂଜାରୀ, କନକବର୍ଦ୍ଧନ ସିଂଦେଓ, ସମୀର ମହାନ୍ତି, ମାନସ କୁମାର ମହାନ୍ତି, ଗୋଲକ ମହାପାତ୍ର, ପୂର୍ଣ୍ଣିମା କେର୍‌କେଟା, ସାରଦା ପ୍ରସାଦ ଶତପଥୀ, ରମେଶ ସାହୁ, ଅନୁଭବ ମହାନ୍ତି, ହରିହର ମହାପାତ୍ର, ପିଙ୍କି ପ୍ରଧାନ ଏବଂ ଶ୍ରୀତମ ଦାସ ପ୍ରମୁଖ ତାଲିକାରେ ରହିଛନ୍ତି। ଭାଜପା ନିଜର ଏହି ଷ୍ଟାର ପ୍ରଚାରକ ତାଲିକା ମୁଖ୍ୟ ନିର୍ବାଚନ କମିଶନରଙ୍କୁ ପଠାଇଥିବା ବେଳେ ଏହାର ଗୋଟିଏ ନକଲ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ, ଜାତୀୟ ସାଧାରଣ ସମ୍ପାଦକ ବି.ଏଲ୍. ସନ୍ତୋଷ, ରାଜ୍ୟ ପ୍ରଭାରୀ ଏବଂ ରାଜ୍ୟ ସଭାପତିଙ୍କ ନିକଟକୁ ପଠାଇଥିବା ଜଣାପଡିଛି। ତେବେ ଏହି ତାଲିକାରେ ବିରୋଧୀ ଦଳ ନେତାଙ୍କୁ ଛାଡ଼ିଦେଲେ ୨୦୧୯ ନିର୍ବାଚନରେ ବିଜୟୀ ହୋଇଥିବା ଅନ୍ୟ ବିଧାୟକମାନଙ୍କ ମଧ୍ୟରୁ ଆଉ କାହାରିକୁ ସ୍ଥାନ ମିଳିନାହିଁ।



ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀର ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ପ୍ରାର୍ଥୀ ବିଜୟଲକ୍ଷ୍ମୀ ମହାପାତ୍ର ସମର୍ଥକଙ୍କ ସହ ମଙ୍ଗଳବାର କଟକ ଚଣ୍ଡୀଙ୍କୁ ଦର୍ଶନ କରି ଫେରୁଛନ୍ତି।

# ଛକାପଞ୍ଝାରେ ସରୁନି ବିଜେଡି, ଭାଜପାର ପ୍ରାର୍ଥୀ ଘୋଷଣା

ଭୁବନେଶ୍ୱର,୨୩।୪(ସୁନିତ୍ ମିଶ୍ର)

- ବିଜେଡିର ୬, ଭାଜପାର ୧୫ ଆସନ ବାକି
- କଂଗ୍ରେସ ଏଯାଏ ଦେଇନି ୯ ଆସନରେ ପ୍ରାର୍ଥୀ

ରାଜ୍ୟରେ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଲାଗି ବୁଧବାର ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନ ରହିଛି। ହେଲେ ଏପର୍ଯ୍ୟନ୍ତ ରାଜ୍ୟର ୩ ପ୍ରମୁଖ ଦଳ ବିଜେଡି, ଭାଜପା ଏବଂ କଂଗ୍ରେସ ସମସ୍ତ ୧୪୭ ବିଧାନସଭା ଆସନରେ ପ୍ରାର୍ଥୀ ଘୋଷଣା କରିପାରିନାହାନ୍ତି। ବହୁ ଛକାପଞ୍ଝା ଭିତରେ ରାଜନୈତିକ ଦଳଗୁଡ଼ିକ ନିଜର ପ୍ରାର୍ଥୀ ଘୋଷଣା କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ଗତ ୨୦ ତାରିଖ ସୁଦ୍ଧା ସମସ୍ତ ଆସନରେ ପ୍ରାର୍ଥୀ ଘୋଷଣା କରିଦେବ ବୋଲି ମତ ରଖୁଥିବା ଭାଜପା ନେତୃବୃନ୍ଦ ଏଥିରେ ସଫଳ ହୋଇପାରିନାହାନ୍ତି। ଅନେକ ଆସନରେ ବିଜେଡି ଏବଂ ଭାଜପା ପରସ୍ପରର ପ୍ରାର୍ଥୀ ଘୋଷଣାକୁ ଅପେକ୍ଷା କରି ରହିଛନ୍ତି।

ରାଜ୍ୟରେ ଲଗାତର ୫ଥର ସରକାରରେ ଥିବା ଶାସକ ବିଜେଡି ଏଯାଏ ଆହୁରି ୬ଟି ବିଧାନସଭା ଆସନରେ ପ୍ରାର୍ଥୀ ଘୋଷଣା କରିପାରିନାହିଁ। ସେହି ଆସନଗୁଡିକ ମଧ୍ୟରେ ନୀଳଗିରି, ଭୋଗରାଇ, କୋରେଇ, ଖଣ୍ଡପଡ଼ା, ଖୋର୍ଦ୍ଧା ଏବଂ ବେଗୁନିଆ ରହିଛି। ନୀଳଗିରିରେ ଭାଜପା ଟିକେଟରେ ୨୦୧୯ରେ ବିଧାୟକ ହୋଇଥିବା ସୁକାନ୍ତ ନାଏକ କିଛିଦିନ ତଳୁ ବିଜେଡିରେ ଯୋଗଦେଇସାରିଛନ୍ତି। ହେଲେ ନୀଳଗିରି ଆସନରେ ୨୦୧୯ରେ ବିଜେଡିରୁ ପ୍ରାର୍ଥୀ ହୋଇଥିବା ସନ୍ତୋଷ ଖଟୁଆ ମାତ୍ର ୧୫୭୭ ଖଣ୍ଡ ଭୋଟରେ ସୁକାନ୍ତଙ୍କଠାରୁ ପରାଜିତ ହୋଇଥିଲେ। ତାଙ୍କୁ ବୁଝାଇବାରେ ଦଳ କୁଆଡ଼େ ବିଫଳ ହେଉଥିବା ଚର୍ଚ୍ଚା ହେଉଛି। ଯଦି ବିଜେଡି ସୁକାନ୍ତଙ୍କୁ ଟିକେଟ ଦିଏ ତେବେ ସନ୍ତୋଷ ଭାଜପାରୁ ପ୍ରାର୍ଥୀ ହୋଇପାରନ୍ତି। ତେଣୁ ନୀଳଗିରି ଆସନରେ ଭାଜପା ମଧ୍ୟ ଏପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା କରିନାହିଁ। ସେହିପରି ଭୋଗରାଇ ଆସନରେ ମଧ୍ୟ ବିଜେଡି ଏପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା କରି ନ ଥିବା ବେଳେ ଭାଜପା ମଧ୍ୟ ସମାନ ରାସ୍ତାରେ ଚାଲିଛି। ଭାଜପା ଏହି ଆସନରେ ଏଯାଏ କାହାକୁ ପ୍ରାର୍ଥୀ କରିନାହିଁ। ଏହି ଦୁଇଟି ଯାକ ବିଧାନସଭା ଆସନ(ନୀଳଗିରି, ଭୋଗରାଇ) ବାଲେଶ୍ୱର ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରହିଛି। ତେଣୁ ୨୦୧୯ରେ ବାଲେଶ୍ୱର ଲୋକ ସଭା ଆସନ ଭାଜପା ହାତରେ ଥିବାବେଳେ ଏଥର ବିଜେଡି ଏଠାରୁ ବାଜିମାତ କରିବାକୁ ଚେଷ୍ଟା କରୁଛି। ବିଜେଡି ନିଜ ଦଳରୁ କାହାକୁ ଭରସା କରିବା ପରିବର୍ତ୍ତେ ଭାଜପାରୁ ଆମଦାନୀକରି ଆଣିଥିବା ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ପ୍ରାର୍ଥୀ କରିଛି।

ସେହି କ୍ରମରେ ଦେଖିଲେ ଭୁବନେଶ୍ୱର ଲୋକ ସଭା ଆସନକୁ ନେଇ ମଧ୍ୟ ବିଜେଡି ଓ ଭାଜପା ମଧ୍ୟରେ ପ୍ରବଳ ଛକାପଞ୍ଝା ଜାରି ରହିଛି। ଗତଥର ନିର୍ବାଚନରେ ଏହି ଲୋକ ସଭା ଆସନ ମଧ୍ୟ ଭାଜପା ଖାତାକୁ ଚାଲିଯାଇଥିଲା, ସେଥିଲାଗି ଏଥର ବିଜେଡି ପୁରୁଣା ଭୁଲ୍ ଦୋହରାଇବାକୁ ଚାହୁଁନାହିଁ। ସେଥିପାଇଁ ଖୋର୍ଦ୍ଧା ଏବଂ ବେଗୁନିଆରେ ବିଜେଡି ଏପର୍ଯ୍ୟନ୍ତ କାହାକୁ ପ୍ରାର୍ଥୀ କରିବ ସେହି କାର୍ଡ ଖୋଲିନାହିଁ। ୨୦୧୯ ନିର୍ବାଚନରେ ଭୁବନେଶ୍ୱର ଲୋକ ସଭା ଆସନ ଅନ୍ତର୍ଗତ ଖୋର୍ଦ୍ଧା ଏବଂ ବେଗୁନିଆ ବିଧାନସଭା ଆସନରେ ବିଜେଡି ପ୍ରାର୍ଥୀ ବାଜିମାତ କରିଥିଲେ। ହେଲେ ଏହି ୨ ନିର୍ବାଚନମଣ୍ଡଳୀ ଲୋକେ ଭାଜପା ଏମ୍‌ପି ପ୍ରାର୍ଥୀ ହୋଇଥିବା ଅପରାଜିତାଙ୍କୁ ବିଜେଡି ପ୍ରାର୍ଥୀ ଅରୂପ ପଟ୍ଟନାୟକଙ୍କଠାରୁ ଅଧିକ ଭୋଟ ଦେଇଥିଲେ। ଅର୍ଥାତ୍ ଏହି ୨ ଆସନରୁ ଅପରାଜିତା ଲିଡ୍ କରିବାରେ ସକ୍ଷମ ହୋଇଥିଲେ। ତେଣୁ ଏଥର ସେହି ଭୁଲ୍ ଯେପରି ନ ହେବ ସେହି ଗଣିତ ଶାସକ ଦଳ କଷିବାରେ ଲାଗିଛି। ସମାନଭାବେ ଭାଜପା ମଧ୍ୟ ଏହି ଦୁଇ ଆସନରେ ଏଯାଏଁ ପ୍ରାର୍ଥୀ କାହାକୁ କରିବ ଘୋଷଣା କରିନାହିଁ। ସେହିପରି କୋରେଇ ଏବଂ ଖଣ୍ଡପଡ଼ା ଆସନରେ ବିଜେଡି ଗଣିତ ଛିଣ୍ଡୁନାହିଁ। ଆକାଶ ଦାସ ନାୟକ କୋରେଇ ଆସନରୁ ବିଜେଡିର ଦାବିଦାର ଥିଲେ। ହେଲେ ତାଙ୍କୁ ଟିକେଟ ନ ମିଳିବା ନେଇ ସେ ସ୍ପଷ୍ଟ ହେବାପରେ ଭାଜପାରେ ଯୋଗଦେଇ ସେଠାରୁ ପ୍ରାର୍ଥୀ ହୋଇଛନ୍ତି। ବର୍ତ୍ତମାନ କୋରେଇ ଆସନ ରଖିବା ନେଇ ବିଜେଡିରେ ୨ ହେଭିୱେଟ୍ ନେତା ପ୍ରୀତିରଞ୍ଜନ ଘଡ଼େଇ ଏବଂ ପ୍ରଣବ ପ୍ରକାଶ ଦାସଙ୍କ ମଧ୍ୟରେ ରାଜନୈତିକ ଲଢ଼େଇ ଜାରି ରହିଥିବା ଚର୍ଚ୍ଚା ହେଉଛି। ଉଭୟ ନିଜ ନିଜର ଆତ୍ମୀୟଙ୍କୁ ଏହି ଆସନରୁ ପ୍ରାର୍ଥୀ କରିବା ପାଇଁ ସମସ୍ତ ବଳ ଲଗାଇ ଦେଇଛନ୍ତି। ଖଣ୍ଡପଡ଼ାରେ ଦଳରୁ ଆଶାୟୀ ଅନେକ ଥିବାବେଳେ ବିଜେଡି ଦ୍ୱନ୍ଦ୍ୱ ଏପର୍ଯ୍ୟନ୍ତ ଦୂର କରିପାରି ନ ଥିବା ଚର୍ଚ୍ଚା ହେଉଛି।

ସେହିପରି ଭାଜପା ଏପର୍ଯ୍ୟନ୍ତ ଆହୁରି ୧୫ ବିଧାନସଭା ଆସନରେ ପ୍ରାର୍ଥୀ ଘୋଷଣା କରିପାରିନାହିଁ। ଅନେକ ଆସନରେ ପ୍ରାର୍ଥୀ ପରିବର୍ତ୍ତନ ନେଇ ଦଳର ରାଜ୍ୟ କାର୍ଯ୍ୟାଳୟରେ ଅସନ୍ତୁଷ୍ଟମାନେ ପ୍ରତିବାଦ ଜାରି ରଖିଛନ୍ତି। ଏହାରି ଭିତରେ ଦଳ ବିଜେଡିରୁ ଆସୁଥିବା ନେତାମାନଙ୍କୁ ଅନେକ ସ୍ଥାନରେ ପ୍ରାର୍ଥୀ କରୁଥିବାରୁ ଯେଉଁମାନେ ପୂର୍ବରୁ ଉକ୍ତ ଆସନରେ ନିଜର ସଙ୍ଗଠନ କରିଛନ୍ତି ସେମାନଙ୍କୁ ବୁଝାଇବାରେ ଦଳ ଅସମର୍ଥ ହେଉଥିବା ଚର୍ଚ୍ଚା ହେଉଛି। ତେଣୁ ଅସନ୍ତୁଷ୍ଟ ହୋଇ ପୁରୁଣା ନେତାମାନେ ଯଦି ଦଳ ଛାଡ଼ିବେ ତାହା ବିଜେଡିକୁ ସୁହାଇପାରେ ବୋଲି ଅନୁମାନ କରି ଭାଜପା ପ୍ରାର୍ଥୀ ଦେଇ ନ ଥିବା ଆସନଗୁଡ଼ିକରେ ବହୁ ଉଦ୍ୟମ କରୁଛି। ତେଲକୋଇ, ଘସିପୁରା, ଚମ୍ପୁଆ, ଭୋଗରାଇ, ବସ୍ତା, ନୀଳଗିରି, ଭଣ୍ଡାରିପୋଖରୀ, ବାସୁଦେବପୁର, ବରୀ, ହିନ୍ଦୋଳ, ବାରବାଟୀ-କଟକ, ସାଲେପୁର, କେନ୍ଦ୍ରାପଡ଼ା, ବେଗୁନିଆ ଏବଂ ଖୋର୍ଦ୍ଧା ଆସନରେ ଏ ପର୍ଯ୍ୟନ୍ତ ପ୍ରାର୍ଥୀ ଦେଇପାରିନାହିଁ। ଅନ୍ୟପଟେ କଂଗ୍ରେସ ମଧ୍ୟ ୯ଟି ଆସନରେ ପ୍ରାର୍ଥୀ ଘୋଷଣା କରିପାରି ନ ଥିବାବେଳେ ଅନେକ ଆସନରେ ଭୁଲ୍ ପ୍ରାର୍ଥୀ ଚୟନ ନେଇ ଦଳ ଭିତରେ ଅସନ୍ତୁଷ୍ଟଙ୍କ ହୋହଲ୍ଲା ଥମିବାର ନାଁ ଧରୁନାହିଁ।

# ଭାଜପା ଟି-ଶାର୍ଟରେ ନାହିଁ ମନମୋହନଙ୍କ ଫଟୋ

କାଏମା,୨୩।୪
(ଶିବପ୍ରସାଦ ମହାନ୍ତି)

## ସ୍ମୃତିରେଖା ପହିଙ୍କ ବାଇକ୍ ଶୋଭାଯାତ୍ରା




ଯାଜପୁର ଜିଲାର ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ମଙ୍ଗଳବାର ଆହୂତ ଏକ ବାଇକ୍ ଶୋଭାଯାତ୍ରାରେ କର୍ମୀମାନେ ପିନ୍ଧିଥିବା ଟି-ସାର୍ଟରେ ଭାଜପା ଉଚ୍ଚ ନେତୃବର୍ଗଙ୍କୁ ଉପେକ୍ଷା କରାଯାଇଥିବା ଚର୍ଚ୍ଚା ହେଉଛି। ଉକ୍ତ ଟି-ଶାର୍ଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଧର୍ମେନ୍ଦ୍ର ପ୍ରଧାନଙ୍କ ଫଟୋ ଛୋଟ ଆକାରରେ ଥିବା ସହ ନେତ୍ରୀ ସ୍ମୃତିରେଖା ପହି ନିଜ ଫଟୋକୁ ବଡ଼ କରି ପ୍ରିଣ୍ଟ କରିଛନ୍ତି। କିନ୍ତୁ ବିଡ଼ମ୍ବନା ଯେ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଫଟୋ ଉକ୍ତ ଟି-ଶାର୍ଟରେ ଦେଖିବାକୁ ମିଳିନାହିଁ। ଏଥିରୁ ରାଜ୍ୟ ଭାଜପା ସଭାପତିଙ୍କୁ ଅଣଦେଖା କରାଯାଇଛି ବୋଲି କେତେ ଜଣ ଭାଜପା କର୍ମୀ ମତବ୍ୟକ୍ତ କରିଛନ୍ତି। କିଛିଦିନ ହେବ ଧର୍ମଶାଳା ଭାଜପାରେ ଟିକେଟ୍ କଳି ଲାଗି ରହିଥିଲା। ଗୋଟିଏପକ୍ଷେ ହିମାଂଶୁ ଶେଖର ସାହୁ ଟିକେଟ୍ ପାଇଁ ଦାବିଦାର ଥିବାବେଳେ ଦଳ କିନ୍ତୁ ସ୍ମୃତିରେଖା ପହିଙ୍କ ନାମ ଘୋଷଣା କରିଛି, ଯାହାକୁ ନେଇ ଦଳ ମଧ୍ୟରେ ଅସନ୍ତୋଷ ବଢ଼ିବାକୁ ଲାଗିଥିଲା। ବଡ଼ କଥା ହେଲା ହିମାଂଶୁ ପୂର୍ବରୁ ଯେତେଥର ସାଧାରଣ ସଭାର ଆୟୋଜନ କରୁଥିଲେ ସେଥିରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ପ୍ରାୟ ସାମିଲ ହେଉଥିଲେ। ଏହି କାରଣରୁ ସ୍ମୃତିରେଖା ରାଜ୍ୟ ସଭାପତିଙ୍କ ଫଟୋ ପ୍ରିଣ୍ଟ କରି ନ ଥିବା ଆଲୋଚନାର ବିଷୟ ହୋଇଛି। ଏ ବିଷୟରେ ଭାଜପା ନେତା ଚନ୍ଦ୍ରମଣି ପଣ୍ଡିତ କହିଛନ୍ତି, ଏହା ଅନ୍ଧାରିଆ ଶୋଭାଯାତ୍ରା ଏବଂ ସ୍ଥାନୀୟ ଜଣେ ବିରୋଧୀ ନେତାଙ୍କ ଟଙ୍କାରେ କରାଯାଇଛି । ରାଜ୍ୟ ସଭାପତି ମନମୋହନ ହିମାଂଶୁଙ୍କୁ ସମର୍ଥନ କରୁଥିଲେ । ତେଣୁ ନେତ୍ରୀ ତାଙ୍କ ଫଟୋ କେମିତି ରଖିବେ ବୋଲି ଓଲଟା ପ୍ରଶ୍ନ କରିଛନ୍ତି। ନିର୍ବାଚନ ଯେତେ ପାଖେଇ ଆସୁଛି ଦଳ ଭିତରେ ଥିବା ଗୋଷ୍ଠୀକନ୍ଦଳ ସେତେ ପଦାକୁ ଆସୁଛି। ସୂଚନା ମୁତାବକ, ସ୍ମୃତିରେଖା ନିଜର ଶକ୍ତି ପ୍ରଦର୍ଶନ କରିବା ନିମନ୍ତେ ମଙ୍ଗଳବାର ଏକ ବାଇକ୍ ଶୋଭାଯାତ୍ରା ଆୟୋଜନ କରିଥିଲେ। ଏହା ନାକପୋଲ ହାଟ ପଡ଼ିଆଠାରୁ ବାହାରି ଜାରକା ବଜାର ମଧ୍ୟ ଦେଇ ଉତ୍ତରପ୍ରତାପ ଗ୍ରାମପଞ୍ଚାୟତର ନରସିଂହପୁର ଖେଳପଡ଼ିଆଠାରେ ପହଞ୍ଚିଥିଲା। ଏ ସଂକ୍ରାନ୍ତରେ ସ୍ମୃତିରେଖାଙ୍କ ମତାମତ ନେବାକୁ ତାଙ୍କ ମୋବାଇଲକୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ୍ କଲ୍ ଗ୍ରହଣ କରି ନ ଥିଲେ।

# ରାସେଶ୍ୱରୀଙ୍କ ଇସ୍ତଫା ନେଇ ବିଜେଡିକୁ ଝଟକା ଚର୍ଚ୍ଚା

ସମ୍ବଲପୁର,୨୩।୪(ପ୍ରମୋଦ ବହିଦାର)

**ଦଳୀୟ ନିର୍ବାଚନକୁ ପ୍ରଭାବିତ କରିବନି: ରୋହିତ**

ସମ୍ବଲପୁରର ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ ମଙ୍ଗଳବାର ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସମ୍ବଲପୁର ବିଧାନ ସଭା ଓ ଲୋକ ସଭା କ୍ଷେତ୍ରରେ ବିଗ୍ ଫାଇଟ ହେବାକୁ ଯାଉଥିବା ବେଳେ ତାଙ୍କ ପରି ବରିଷ୍ଠ ନେତ୍ରୀଙ୍କ ଇସ୍ତଫା ବିଜେଡିକୁ ବଡ଼ ଝଟ୍‌କା ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି।

ସମ୍ବଲପୁରର ଏକ ରାଜନୈତିକ ପରିବାରରୁ ଆସିଥିବା ଡା. ପାଣିଗ୍ରାହୀ ଗତ ଏକଦଶନ୍ଧି ଧରି ସମ୍ବଲପୁର ବିଜେଡି ରାଜନୀତିରେ ପ୍ରମୁଖ ଚେହେରା ଥିଲେ। ଭାଜପାର ଆଧିପତ୍ୟକୁ ପରାହତ କରି ୨୦୧୪ସାଧାରଣ ନିର୍ବାଚନରେ ସେ ଏଠାରୁ ହେଭିୱେଟ ଭାଜପାର ଜୟନାରାୟଣ ମିଶ୍ରଙ୍କୁ ହରାଇ ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ। ୨୦୧୯ ନିର୍ବାଚନରେ ସେ ଏଠାରୁ ବିଧାୟିକାଭାବେ ଲଢ଼ି ହାରି ଯାଇଥିଲେ ବି ଦଳୀୟ ସଙ୍ଗଠନକୁ ସୁଦୃଢ଼ କରି ଚାଲିଥିଲେ। ଏତଦ୍‌ଭିନ୍ନ ଜଣେ ବିଶିଷ୍ଟ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ହିସାବରେ ସେ ଘରୋଇ ଭାବେ ଜନତାଙ୍କୁ ଚିକିତ୍ସା ସେବା ଯୋଗାଇ ଆସୁଥିଲେ।

୨୦୨୪ ସାଧାରଣ ନିର୍ବାଚନରେ ଡା. ପାଣିଗ୍ରାହୀ ସମ୍ବଲପୁର ବିଧାନସଭା ପାଇଁ ଆଶାୟୀ ଥିଲେ। ଏଥିପାଇଁ ସେ ବିଭିନ୍ନ ସମୟରେ ସଭାସମିତି ଆଦିରେ ଲୋକଙ୍କ ସହିତ ମିଶି ନିର୍ବାଚନ ପାଇଁ ପ୍ରସ୍ତୁତି ଜାରି ରଖିଥିଲେ। ତାଙ୍କର ସମର୍ଥକମାନେ ଡା. ରାସେଶ୍ୱରୀଙ୍କୁ ଟିକେଟ୍ ଦେବାକୁ ଖୋଲାଖୋଲି ଦାବି କରିଥିଲେ। ଏନେଇ ସେମାନେ ବିଜେଡି ସାଙ୍ଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋଭ ସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏପରିକି ବହୁ ସଂଖ୍ୟାରେ ସମର୍ଥକ ରାସେଶ୍ୱରୀଙ୍କୁ ଟିକେଟ୍ ଦାବିରେ ଶୋଭାଯାତ୍ରା ଆଦି ଆୟୋଜନ କରି ଦଳୀୟ ଶୀର୍ଷ ନେତୃତ୍ୱଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ପ୍ରୟାସ କରିଥିଲେ। ମାତ୍ର ତାଙ୍କୁ ସମ୍ବଲପୁରୁ ପ୍ରାର୍ଥୀ କରା ନଯାଇ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀଙ୍କୁ ସମ୍ବଲପୁର ବିଧାନସଭା ଆସନରୁ ପ୍ରାର୍ଥୀ ଘୋଷଣା କରାଗଲା। ଏହାକୁ ନେଇ ସେ ଅସନ୍ତୁଷ୍ଟ ଥିବାବେଳେ ଦଳର ଏହି ନିଷ୍ପତ୍ତିକୁ ନେଇ ତାଙ୍କ ସମର୍ଥକ ମହଲରେ ମଧ୍ୟ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା।

ତାଙ୍କ ଇସ୍ତଫା ବିଜେଡି ପାଇଁ କେବଳ କ୍ଷତିକାରକ ନୁହେଁ, ବରଂ ଆଗାମୀ ଦିନରେ ଏହା ବିଜେଡି ଭୋଟ୍‌ବ୍ୟାଙ୍କକୁ ମଧ୍ୟ ପ୍ରଭାବିତ କରିବ ବୋଲି ରାଜନୈତିକ ବିଶେଷଜ୍ଞମାନେ କହୁଛନ୍ତି। ଦଳରୁ ଇସ୍ତଫା ଦେବା ସମ୍ପର୍କରେ ସେ କହିଛନ୍ତି ଯେ କେବଳ ସମ୍ବଲପୁର ସ୍ୱାର୍ଥ, ସ୍ୱାଭିମାନ ଓ ଅସ୍ମିତା ପାଇଁ ଦଳରୁ ଇସ୍ତଫା ଦେଇଛନ୍ତି। ଅପରପକ୍ଷରେ ରାସେଶ୍ୱରୀଙ୍କ ଇସ୍ତଫାକୁ ନେଇ ସମ୍ବଲପୁର ବିଧାନସଭା ପ୍ରାର୍ଥୀ ବିଧାୟକ ଇଂ. ରୋହିତ ପୂଜାରୀ କହିଛନ୍ତି ଯେ, ସେ ତାଙ୍କୁ ମା' ଭଳି ମାନନ୍ତି। ପ୍ରାର୍ଥୀ ଘୋଷଣା ହେବା ପରେ ତାଙ୍କ ଘରକୁ ଯାଇ ଆଶୀର୍ବାଦ ଗ୍ରହଣ କରି ସମର୍ଥନ ଲୋଡ଼ିଥିଲେ। ଡା. ପାଣିଗ୍ରାହୀ ସମ୍ବଲପୁରରେ ଦଳର ନେତୃତ୍ୱ ନେଉଥିଲେ। ମାତ୍ର ହଠାତ ସେ ଦଳରୁ ଇସ୍ତଫା ଦେବା ଅତ୍ୟନ୍ତ ଦୁଃଖଦାୟକ। ବିଜେଡି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ନେଇ ଆଗେଇ ଚାଲିଛି। ଏହି ଇସ୍ତଫା ନିର୍ବାଚନକୁ ପ୍ରଭାବତ କରିବ ନାହିଁ।

# ଡବଲ ଇଞ୍ଜିନ ସରକାର କରିବାକୁ ଧର୍ମେନ୍ଦ୍ରଙ୍କ ଆହ୍ୱାନ

## ଲଇକେରାରେ ଭାଜପାର ମିଶ୍ରଣ ପର୍ବ

ଝାରସୁଗୁଡ଼ା,୨୩।୪ (ସଞ୍ଜୟ ମାଲି)


ମିଶ୍ରଣ ପର୍ବରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଅନ୍ୟମାନେ।

ଝାରସୁଗୁଡା ଜିଲା ଲଇକେରା ବ୍ଲକରେ ମଙ୍ଗଳବାର ଭାଜପା ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ଲଇକେରା ବିଜେଡି ମହିଳା ନେତ୍ରୀ ସାହସପୁର ସରପଞ୍ଚ ସୁକାନ୍ତି ଜୟପୁରିଆଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ମିଶ୍ରଣ ପର୍ବରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ସମସ୍ତଙ୍କୁ ଦଳରେ ସ୍ୱାଗତ କରିଥିଲେ। କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କୁ ତୃତୀୟ ଥର ପ୍ରଧାନମନ୍ତ୍ରୀ କରିବା ସହ ରାଜ୍ୟରେ ଭାଜପା ସରକାର କରିବାକୁ ଆହ୍ୱାନ ଦେଇଥିଲେ। କେନ୍ଦ୍ରମନ୍ତ୍ରୀ ତାଙ୍କ ଭାଷଣରେ ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ ଦିଲ୍ଲୀରେ କଂଗ୍ରେସ ଶାସନ ଥିଲା ବେଳେ ଓଡ଼ିଶାକୁ ୩ ଲକ୍ଷ କୋଟି ଟଙ୍କା ମିଳିଥିଲା ବୋଲି କହିଛନ୍ତି। କିନ୍ତୁ ୨୦୧୪ରୁ ମୋଦି କ୍ଷମତାକୁ ଆସିବା ପରେ ୨୦୨୪ ଭିତରେ ୧୮ ଲକ୍ଷ କୋଟି ଟଙ୍କା ଓଡିଶାକୁ ଦେଇଛନ୍ତି। କିନ୍ତୁ ରାଜ୍ୟ ସରକାର ଏହି ଅର୍ଥକୁ ହରିଲୁଟ କରିଛନ୍ତି। ଝାରସୁଗୁଡା ଜିଲାକୁ ୬୫୦ କୋଟି ଟଙ୍କାର ୪୦ ହଜାର ଘର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆସିଛି। ଝାରସୁଗୁଡାରେ ୧ ଲକ୍ଷ ଘରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ଲଗାଇଛୁ। ୪ ହଜାର କୋଟି ଟଙ୍କା ଝାରସୁଗୁଡାକୁ କେନ୍ଦ୍ରରୁ ଆସିଛି, ହେଲେ ଖର୍ଚ୍ଚ କରାଗଲାନି। ଡିଏମ୍ଏଫ୍ ଫଣ୍ଡ ବ୍ୟବହାର ଲଇକେରା ବ୍ଲକରେ ଖର୍ଚ୍ଚ କରାଯାଉ ନାହିଁ। ଡାକ୍ତର ଅଭାବ ଯୋଗୁ ଜିଲା ବାହାରକୁ ଯାଉଛନ୍ତି ଲୋକେ। ଜିଲାର ପଇସା ଅନେକ ଅଛି ହେଲେ ଏଠିକାର ଲୋକେ ତାହା ପାଇପାରୁ ନାହାନ୍ତି। ଓଡ଼ିଶାରେ ଘରେ ଘରେ ପିଇବା ପାଣି ପାଇଁ ୧୦ ହଜାର କୋଟି ଦେଇଛନ୍ତି ମୋଦ। ୮ଶହ କୋଟି ଟଙ୍କା ଖର୍ଚ୍ଚ କରି ବାକି ଟଙ୍କା ଆତ୍ମସାତ କରିଦେଲେ। ଯେଉଁ ରାଜ୍ୟରେ ସରକାରୀ ଦଳର ମନ୍ତ୍ରୀଙ୍କୁ ସରକାରଙ୍କ ପୋଲିସ ହତ୍ୟା କରୁଛି ତାକୁ ଆମେ ଶାସନ କହିବା କି ବୋଲି ପ୍ରଶ୍ନ କରିଛନ୍ତି ପ୍ରଧାନ। ଦେଶର ବିକାଶ ଧାରାରେ ଯୋଡି ହେବାକୁ ହେଲେ ରାଜ୍ୟରେ ଡବଲ ଇଞ୍ଜିନ ସରକାର କରିବାକୁ ପ୍ରଧାନ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଧାୟକ ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ଓ ଏମ୍‌ପି ପ୍ରାର୍ଥୀ ପ୍ରଦୀପ ପୁରୋହିତ ସାଧାରଣ ଜନତାଙ୍କୁ ଉଦ୍‌ବୋଧନ ଦେଇଥିଲେ।

## ବିଧାନସଭା: ବିଜେଡିର ମହିଳା କାର୍ଡ

# ୩୪ରୁ ୧୨ ବିଧାୟକଙ୍କ ସ୍ତ୍ରୀ

ଭୁବନେଶ୍ୱର,୨୩।୪(ଅନିଲ ଦାସ)

ବିଜୁ ଜନତା ଦଳ ସପ୍ତମ ପର୍ଯ୍ୟାୟ ସୁଦ୍ଧା ୧୪୧ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ସେମାନଙ୍କ ମଧ୍ୟରେ ୩୪ ଜଣ ମହିଳାଙ୍କୁ ଦଳ ଟିକେଟ ଦେଇଛି। ବିଧାନସଭା ଓ ପାର୍ଲାମେଣ୍ଟରେ ମହିଳାଙ୍କୁ ସଂରକ୍ଷଣ ଦେବାକୁ ବିଜେଡି ଜାତୀୟ ସ୍ତରରେ ଦାବିକରି ଆସୁଛି। ଚଳିତ ବିଧାନସଭା ନିର୍ବାଚନରେ ଅଧିକ ସଂଖ୍ୟକ ମହିଳାଙ୍କୁ ପ୍ରାର୍ଥୀ କରି ଦଳ ଅନ୍ୟ ରାଜନୈତିକ ଦଳ ପାଇଁ ଉଦାହରଣ ସୃଷ୍ଟି କରିଛି। ତେବେ ମହିଳା ପ୍ରାର୍ଥୀଙ୍କ ମଧ୍ୟରେ ୧୨ ଜଣ ବିଧାୟକ ଓ ପୂର୍ବତନ ବିଧାୟକଙ୍କ ସ୍ତ୍ରୀଙ୍କୁ ଟିକେଟ ମିଳିଛି।

ବାଲେଶ୍ୱର ଜିଲା ବସ୍ତା ବିଧାନସଭା ଆସନ ପାଇଁ ପୂର୍ବତନ ଏମ୍‌ପି ରବି ଜେନାଙ୍କ ସ୍ତ୍ରୀ ସୁବାସିନୀ ଜେନାଙ୍କୁ ବିଜେଡି ଟିକେଟ ଦେଇଥିବା ବେଳେ ଜଗତ୍‌ସିଂହପୁର ଜିଲା ପାରାଦୀପରୁ ବର୍ତ୍ତମାନର ବିଧାୟକ ସମ୍ବିତ ରାଉତରାୟଙ୍କ ସ୍ତ୍ରୀ ଗୀତାଞ୍ଜଳି ରାଉତରାୟ, ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂଙ୍କ ସ୍ତ୍ରୀ ସଂଯୁକ୍ତା ସିଂ, ମୟୂରଭଞ୍ଜ ଜିଲା ମୋରଡ଼ା ବିଧାୟକ ରାଜକିଶୋର ଦାସଙ୍କ ସ୍ତ୍ରୀ ପ୍ରୀତିଲତା କାନୁନ୍‌ଗୋ, ବଡ଼ସାହିରୁ ବିଧାୟକ ଗଣେଶ୍ୱର ପାତ୍ରଙ୍କ ସ୍ତ୍ରୀ ଅନସୂୟା ପାତ୍ର, କୋରାପୁଟ ଜିଲା ଜୟପୁରରୁ ପୂର୍ବତନ ମନ୍ତ୍ରୀ ରବି ନନ୍ଦଙ୍କ ସ୍ତ୍ରୀ ଇନ୍ଦିରା ନନ୍ଦଙ୍କୁ ବିଜେଡି ଟିକେଟ ପ୍ରଦାନ କରିଛି। ସେହିପରି ଗଞ୍ଜାମ ଜିଲା ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ସ୍ତ୍ରୀ ସଂଘମିତ୍ରା ସ୍ୱାଇଁ, କଳାହାଣ୍ଡି ଜିଲା ଭବାନୀପାଟଣାରୁ ଦୁଷ୍ମନ୍ତ ନାୟକଙ୍କ ସ୍ତ୍ରୀ ଲତିକା ନାୟକ, ନବରଙ୍ଗପୁର ବିଧାୟକ ସଦାଶିବ ପଧାନୀଙ୍କ ସ୍ତ୍ରୀ କୌଶଲ୍ୟା ପଧାନୀ, ନବରଙ୍ଗପୁର ଜିଲା ଉମରକୋଟରୁ ସୁବାସ ଗଣ୍ଡଙ୍କ ସ୍ତ୍ରୀ ନବୀନା ନାୟକ ଟିକେଟ ପାଇଛନ୍ତି। ସେହିପରି ପୂର୍ବତନ ମନ୍ତ୍ରୀ ତଥା ମୟୂରଭଞ୍ଜ ଏମ୍‌ପି ପ୍ରାର୍ଥୀ ସୁଦାମ ମାର୍ଣ୍ଡିଙ୍କ ସ୍ତ୍ରୀ ରଞ୍ଜିତା ମାର୍ଣ୍ଡି ଏବଂ ରଘୁନାଥପାଲୀ ବିଧାୟକ ସୁବ୍ରତ ତରାଇଙ୍କ ସ୍ତ୍ରୀ ଅର୍ଚ୍ଚନା ରେଖା ବେହେରାଙ୍କୁ ବିଜେଡି ପ୍ରାର୍ଥୀ କରିଛି।

ସେହିପରି ରାୟଗଡ଼ାରୁ ଅନସୂୟା ମାଝିଙ୍କୁ ବିଜେଡି ପ୍ରାର୍ଥୀ କରିଥିବା ବେଳେ ବିଜେପୁରରୁ ରୀତା ସାହୁ, ଅଠାବିରା ସ୍ନେହାଙ୍ଗିନୀ ଛୁରିଆ, ବିଞ୍ଝାରପୁର ପ୍ରମିଳା ମଲ୍ଲିକ, ଯାଜପୁର ସୁଜାତା ସାହୁ, ଟିଟିଲାଗଡ଼ ଟୁକୁନି ସାହୁ, କବିସୂର୍ଯ୍ୟନଗର ଲତିକା ପ୍ରଧାନ, ଝାରସୁଗୁଡ଼ା ଦୀପାଳି ଦାସ, ବ୍ରଜରାଜନଗର ଅଳକା ମହାନ୍ତ, ଫୁଲବାଣୀ ଜୟଶ୍ରୀ କହଁର, ଆସ୍କା ମଞ୍ଜୁଳା ସ୍ୱାଇଁ, କେନ୍ଦୁଝର ମୀନା ମାଝି, ରାଇରଙ୍ଗପୁର ରାଇସେନ ମୁର୍ମୁ, ଲକ୍ଷ୍ମୀପୁର ପ୍ରଭୁ ଜାନୀ, ନର୍ଲା ମନୋରମା ମହାନ୍ତି, ଚିତ୍ରକୋଣ୍ଡା ଲକ୍ଷ୍ମୀପ୍ରିୟା ନାୟକ, ପଦ୍ମପୁର ବର୍ଷା ସିଂ ବରିହା, ଦେବଗଡ଼ ଅରୁନ୍ଧତୀ କୁମାରୀ ଦେବୀ, କରଞ୍ଜିଆ ବାସନ୍ତୀ ହେମ୍ବ୍ରମ, ସିମୁଳିଆ ସୁଭାଷିନୀ ସାହୁ, ରେମୁଣା ବିଦ୍ୟାସ୍ମିତା ମହାଲିକ, ବଡ଼ଚଣା ପାଇଁ ବର୍ଷା ପ୍ରିୟଦର୍ଶିନୀଙ୍କୁ ପ୍ରାର୍ଥୀ କରାଯାଇଛି।

ଟିକେଟ ପାଇଥିବା ଅଳ୍ପ କେତେଜଣଙ୍କୁ ବାଦ୍ ଦେଲେ ଅନେକ ପ୍ରଥମ ଥର ପାଇଁ ରାଜନୈତିକ ମଇଦାନକୁ ଓହ୍ଲାଇଛନ୍ତି। କୁହାଯାଉଛି ସ୍ଥାନୀୟ ଅଞ୍ଚଳରେ ବିଧାୟକ ଭାବରେ ତୃଣମୂଳସ୍ତରରେ ଥିବା ଅସନ୍ତୋଷକୁ ଏଡ଼ାଇବା ସହ ବିରୋଧୀ ଗୋଷ୍ଠୀଙ୍କୁ ମଧ୍ୟ ଦଳ ମ୍ୟାନେଜ କରି ମହିଳା ଭୋଟ ବ୍ୟାଙ୍କ ହାତେଇବା ପାଇଁ ଦଳ ଏଭଳି ରଣନୀତି ଆପଣାଇଛି।

## ଭାଜପାରେ ମିଶିଲେ ହିନ୍ଦୋଳ ବିଧାୟିକା



ଭାଜପା ରାଜ୍ୟ କାର୍ଯ୍ୟାଳୟରେ ସମର୍ଥକଙ୍କ ସହ ସାମିଲ୍ ହୋଇଥିବା ସୀମାରାଣୀ ନାୟକ।

ଭୁବନେଶ୍ୱର, ୨୩।୪(ସୁନିତ୍ ମିଶ୍ର)

ମୋ ପାଖରେ ଟଙ୍କା ନାହିଁ କି ଖଣି, ଖାଦାନ ଓ ଇଣ୍ଡଷ୍ଟ୍ରି ନାହିଁ। ଏଥିଲାଗି ମୁଁ ନିର୍ବାଚନ ଟିକେଟ୍‌ରୁ ବାଦ୍ ପଡ଼ିଲି। ବିଜେଡି ପାଇଁ ୧୦ ବର୍ଷ କାମ କଲି, କିନ୍ତୁ ମୋର ପରିଶ୍ରମକୁ ସେମାନେ ଟଙ୍କାରେ ତଉଲିଲେ। ଦଳମତ ନିର୍ବିଶେଷରେ ଲୋକଙ୍କ ପାଇଁ କାର୍ଯ୍ୟ କରେ। କିନ୍ତୁ ହିନ୍ଦୋଳ ମାଟିର ସ୍ୱାଭିମାନ, ଅସ୍ମିତାକୁ ବିଜେଡି ଟଙ୍କାରେ ତଉଲିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ବିଧାୟିକା ସୀମାରାଣୀ ନାୟକ କହିଛନ୍ତି। ମଙ୍ଗଳବାର ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ନିଜ ଶତାଧିକ ସମର୍ଥକଙ୍କ ସହ ବିଧିବଦ୍ଧ ଭାବେ ଭାଜପାରେ ଯୋଗ ଦେଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ମିଶ୍ରଣ ପର୍ବରେ ସୀମାରାଣୀଙ୍କ ସହ ହିନ୍ଦୋଳ ଏନଏସି ସଭାପତି ଗୋବିନ୍ଦ ଚନ୍ଦ୍ର ବେହେରା, ହିନ୍ଦୋଳ ବ୍ଲକ ସଭାପତି ତଥା ଉପାଧ୍ୟକ୍ଷ ବରୁଣ କୁମାର ସାରା, ଏନଏସି ଛାତ୍ର ସଭାପତି ଶ୍ୟାମଳ ଚନ୍ଦ୍ର ଜେନା, ଯୁବ ସଭାପତି ଦୁଃଖବନ୍ଧୁ ପ୍ରଧାନ ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ବିଜେଡି ଛାଡି ଭାଜପାରେ ମିଶିଛନ୍ତି। ସୀମାରାଣୀଙ୍କ ଯୋଗଦାନ ଦଳକୁ ଶକ୍ତିଶାଳୀ କରିବ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ମନମୋହନ ସାମଲ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ନିର୍ବାଚନ ପ୍ରଭାରୀ ବିଜୟ ପାଲ ସିଂହ ତୋମାର, ସହପ୍ରଭାରୀ ଲତା ଉସେଣ୍ଡି ପ୍ରମୁଖ ନୂତନ ସଦସ୍ୟଙ୍କୁ ଉତ୍ତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଛନ୍ତି।

## ୨୫ରେ ପାଣ୍ଡିଆନ୍‌ଙ୍କ ବିଷମକଟକ, ଗୁଣପୁର ଗସ୍ତ

### ୨ ସମାବେଶରେ ଜନସାଧାରଣଙ୍କୁ ସମ୍ବୋଧିତ କରିବେ

ରାୟଗଡ଼ା/ବିଷମକଟକ,୨୩।୪ (ଆଶିଷ ରଞ୍ଜନ ପଣ୍ଡା/ ବିଭୂତି ଭୂଷଣ ନାୟକ)

ଆଗାମୀ ସାଧାରଣ ନିର୍ବାଚନରେ ୩ ପ୍ରମୁଖ ଦଳ ନିଜ ନିଜର ହେଭିୱେଟ୍ ନେତାଙ୍କୁ ନେଇ ଅଞ୍ଚଳରେ ପ୍ରଚାର ପାଇଁ ଯୋଜନା ଚଳାଇଛନ୍ତି। ଏହି କ୍ରମରେ ବିଜେଡି ନିର୍ବାଚନ ପ୍ରଚାର ଲାଗି ଆସନ୍ତା ୨୫ରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ରାୟଗଡ଼ା ଜିଲାର ଗୁଣପୁର ଓ ବିଷମକଟକ ଗସ୍ତରେ ଆସୁଛନ୍ତି। ସେଠାରେ ଦୁଇଟି ସଭାକୁ ସମ୍ବୋଧିତ କରିବା କାର୍ଯ୍ୟକ୍ରମ ରହିଛି। ଏ ନେଇ ୫-ଟି ଅଧ୍ୟକ୍ଷଙ୍କ ବ୍ୟକ୍ତିଗତ ସଚିବଙ୍କ ନିକଟରୁ ରାୟଗଡ଼ା ଜିଲାପାଳ ମନୋଜ ସତ୍ୟୱାନ ମହାଜନଙ୍କୁ ଏକ ଚିଠି ଆସିଥିବା ଜଣାପଡ଼ିଛି। ପାଣ୍ଡିଆନ୍ ଗୁରୁବାର ଭୁବନେଶ୍ୱର ବିଜୁ ପଟ୍ଟନାୟକ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟରୁ ସକାଳ ୮ଟା ୨୦ରେ ହେଲିକପ୍ଟରରେ ବାହାରି କୋରାପୁଟ ଜିଲାର ଜୟପୁର, ସେମିଳିଗୁଡ଼ା, ଦଶମନ୍ତପୁର ଆଦି ଗସ୍ତକରି ୧୨ଟା ୧୫ରେ ରାୟଗଡ଼ା ଜିଲାର ବିଷମକଟକ ମିନି ଷ୍ଟାଡିୟମରେ ପହଞ୍ଚିବେ। ସେଠାରେ ପହଞ୍ଚିବା ପରେ ଗୁରୁବାର ଅପରାହ୍ନ ୩ଟା ୩୦ମିନିଟ୍‌ରେ ଏକ ଜନସମାବେଶ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଜଣାପଡ଼ିଛି। ଏହାପରେ ଅପରାହ୍ନ ୪ଟା ୩୦ରେ ଗୁଣପୁର ଗସ୍ତକରି ସେଠାରେ ଏକ ଜନସମାବେଶରେ ଯୋଗଦେବେ ବୋଲି ଉକ୍ତ ଚିଠିରୁ ଜଣାପଡ଼ିଛି।

## ସୁବାସିନୀଙ୍କ ପ୍ରାର୍ଥିତ୍ୱକୁ ବିରୋଧ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ବିଜେଡି ସମର୍ଥକ।

### ସିମୁଳିଆ ବିଧାନସଭା ଆସନ

ଖଇରା, ୨୩।୪(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ସିମୁଳିଆ ବିଧାନସଭା ଆସନ ପାଇଁ ବିଜେଡି ପକ୍ଷରୁ ସୁବାସିନୀ ସାହୁଙ୍କୁ ଟିକେଟ ମିଳିବା ପରେ ବିବାଦ ବଢ଼ିବାରେ ଲାଗିଛି। ଏହି ନିର୍ବାଚନମଣ୍ଡଳୀର ୫ ଜୋନର ଜିଲା ପରିଷଦ ସଭ୍ୟାସଭ୍ୟ, ଜିଲା ପରିଷଦ ପ୍ରାର୍ଥୀ, ଛାମୁଆ ସଙ୍ଗଠନର କର୍ମକର୍ତ୍ତା ତଥା ୫୦ରୁ ଊର୍ଦ୍ଧ୍ୱ ପଞ୍ଚାୟତର ବିଜେଡି ସମର୍ଥକମାନେ ଏନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଖଇରା ବ୍ଲକର ଗଣ୍ଡିବେଡଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ସମର୍ଥକମାନେ ନିଷ୍ପତ୍ତିର ପୁନର୍ବିଚାର ସହ ପ୍ରାର୍ଥୀ ପରିବର୍ତ୍ତନ କରିବାକୁ ଦାବି କରିଛନ୍ତି। ଯଦି ବିଜେଡି ସୁପ୍ରିମୋ ପୁନର୍ବିଚାର ନ କରନ୍ତି ତେବେ ବିଜେଡିର ସିମୁଳିଆ ଦଖଲ ଆଶାରେ ରହିଯିବ ବୋଲି ଏମାନେ ମତ ଦେଇଛନ୍ତି।

ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶ, ରଶ୍ମିତା ମହାପାତ୍ର, ସୁଷମା ମହାପାତ୍ର, ସାବିତ୍ରୀ ପାଢୀ, ଉମାକାନ୍ତ ମହାରଣା, ପ୍ରାକ୍ତନ ବ୍ଲକ ଉପାଧ୍ୟକ୍ଷ ଜୟନ୍ତ କୁମାର ରାଉତ, ୪୦ନମ୍ବର ଜୋନର ପ୍ରାର୍ଥୀ କ୍ଷିତିଶ ମହାନ୍ତି, ସରପଞ୍ଚ ପ୍ରତିନିଧି ସମ୍ପଦ ଘଡେଇ, ଡୁଙ୍ଗୁରା ସରପଞ୍ଚ ପ୍ରକାଶ କୁମାର ଲେଙ୍କା ଓ ଗରସଙ୍ଗ ସରପଞ୍ଚ ରାଜେନ୍ଦ୍ର କୁମାର ଦାସ ପ୍ରମୁଖ ଖବରଦାତାଙ୍କ ସମ୍ମୁଖରେ ପ୍ରତିକ୍ରିୟା ରଖି ୧୫ବର୍ଷ ଧରି ଖଇରା-ସିମୁଳିଆରେ ବିକାଶ ପାଇଁ ବର୍ତ୍ତମାନର ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ କାର୍ଯ୍ୟ କରିବା ସହ ସବୁ ପ୍ରତିକୂଳ ପରିସ୍ଥିତିରେ ବି ସଙ୍ଗଠନକୁ ସମ୍ଭାଳି ଆସୁଥିଲେ। ହେଲେ ୨୦୨୨ ପଞ୍ଚାୟତ ନିର୍ବାଚନରେ ଭାଜପା ସହ ମିଶି ବିଜେଡି ପ୍ରାର୍ଥୀଙ୍କୁ ହରାଇ ଅସ୍ଥିରତା ସୃଷ୍ଟି କରିଥିବା ବ୍ୟକ୍ତିଙ୍କ ସ୍ତ୍ରୀଙ୍କୁ ବିଜେଡି ବିଶ୍ୱାସକୁ ନେଇଥିବାରୁ ତାଙ୍କୁ କୌଣସି ପରିସ୍ଥିତିରେ ଗ୍ରହଣ କରାଯିବ ନାହିଁ ବୋଲି ଖୋଲାଖୋଲି ପ୍ରତିକ୍ରିୟା ଦେବାକୁ ପଛାଇ ନ ଥିଲେ। ଏଭଳି କିଛି ପଞ୍ଚାୟତର ଲୋକପ୍ରତିନିଧି ନିଜର ମତ ରଖିବା ବେଳେ ଭାବବିହ୍ୱଳ ହୋଇପଡୁଥିବା ଦେଖିବାକୁ ମିଳିଥିଲା।

## ଲୋକ ସଭା ପାଇଁ ୨୫, ବିଧାନସଭା ପାଇଁ ୧୦୮ ପ୍ରାର୍ଥୀପତ୍ର ଦାଖଲ

### ପ୍ରଥମ ପର୍ଯ୍ୟାୟ ନିର୍ବାଚନ

ଭୁବନେଶ୍ୱର,୨୩।୪(ଅନିଲ ଦାସ)

ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନ ପ୍ରକ୍ରିୟା ଜାରି ରହିଛି। ଏପ୍ରିଲ ୧୮ରୁ ୨୩ ତାରିଖ ମଧ୍ୟରେ କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର, କୋରାପୁଟ ଲୋକ ସଭା ନିର୍ବାଚନମଣ୍ଡଳୀ ପାଇଁ ୨୫ ଜଣ ପ୍ରାର୍ଥୀ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ଏହି ସଂସଦୀୟ କ୍ଷେତ୍ର ଅଧୀନରେ ଥିବା ୨୮ଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଏ ପର୍ଯ୍ୟନ୍ତ ୧୦୮ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, କଳାହାଣ୍ଡି ଲୋକ ସଭା ଆସନ ପାଇଁ ସର୍ବାଧିକ ୧୧ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ନବରଙ୍ଗପୁର ୩, ବ୍ରହ୍ମପୁର ୫ ଏବଂ କୋରାପୁଟ ଆସନ ପାଇଁ ୬ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେହିପରି ବ୍ରହ୍ମପୁର ବିଧାନସଭା ଆସନରେ ସର୍ବାଧିକ ୧୨ ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ଦିଗପହଣ୍ଡି ୧୨, ପାରଳାଖେମୁଣ୍ଡି ୮, ନୂଆପଡ଼ା ୬, ଖରିଆର ୩, ଉମରକୋଟ ୧, ଝରିଗାଁ ୨, ଡାବୁଗାଁ ୨, ଲାଞ୍ଜିଗଡ଼ ଆସନ ପାଇଁ ୫ ଜଣ ନାମାଙ୍କନ ଦାଖଲ କରିଛନ୍ତି। ସେହିପରି ଅନ୍ୟାନ୍ୟ ବିଧାନସଭା ଆସନରେ ମଧ୍ୟ ପ୍ରାର୍ଥୀପତ୍ର ଦାଖଲ ଜାରି ରହିଛି। ତେବେ ନବରଙ୍ଗପୁର ଏବଂ ବିଷମକଟକରେ ଏ ପର୍ଯ୍ୟନ୍ତ ଜଣେ ହେଲେ ପ୍ରାର୍ଥୀ ନାମାଙ୍କନ ଦାଖଲ କରିନାହାନ୍ତି।

## ବିଜେଡି ଛାଡ଼ିଲେ ବରିଷ୍ଠ ନେତା ଭକ୍ତିପ୍ରସାଦ



ଭକ୍ତି ପ୍ରସାଦ ଦାସ



ମହେଶ ଚନ୍ଦ୍ର ଧଳ



ମୀରା ଗଡ଼ନାୟକ



ପ୍ରକାଶ ଚନ୍ଦ୍ର ଭୋଇ

### ମହେଶ, ମୀରା, ପ୍ରକାଶ ମଧ ଦେଲେ ଇସ୍ତଫା

ଅନୁଗୋଳ,୨୩।୪ (ଅମିତ କୁମାର ସାମଲ)

ଅନୁଗୋଳ ଜିଲାର ବରିଷ୍ଠ ନେତା ଭକ୍ତି ପ୍ରସାଦ ଦାସ ମଙ୍ଗଳବାର ବିଜୁ ଜନତା ଦଳରୁ ଇସ୍ତଫା ଦେଇଛନ୍ତି। ଦଳରେ ତାଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ କରି ସେ ତାଙ୍କର ଇସ୍ତଫା ପତ୍ର ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇ ଦେଇଛନ୍ତି। କେବଳ ଭକ୍ତିପ୍ରସାଦ ନୁହନ୍ତି, ଅନୁଗୋଳ ଜିଲା ବିଜେଡିର ବରିଷ୍ଠ ନେତ୍ରୀ ମୀରା ଗଡ଼ନାୟକ, ଯୁବ ବିଜେଡି ରାଜ୍ୟ ଉପସଭାପତି ପ୍ରକାଶ ଚନ୍ଦ୍ର ଭୋଇ, ମାତ୍ର ସପ୍ତାହେ ତଳେ ବିଜେଡିରେ ଯୋଗ ଦେଇଥିବା ଆଦର୍ଶ ଗ୍ରୁପ୍ ପ୍ରତିଷ୍ଠାତା ମହେଶ ଚନ୍ଦ୍ର ଧଳ, ବିଜେଡି ଡିଜିଟାଲ ସମ୍ପାଦକ ପ୍ରଶାନ୍ତ କୁମାର ଦେହୁରୀ, ବିଜୁ ଛାତ୍ର ଜନତା ଦଳ ଜିଲା ସାଧାରଣ ସମ୍ପାଦକ ରାହୁଲ ମହାପାତ୍ର ଓ ବାଉଳିଗଡ଼ ସରପଞ୍ଚ ଅମରେନ୍ଦ୍ର ଗଡ଼ନାୟକ ମଧ ଦଳ ଛାଡ଼ିଛନ୍ତି। ଏକାବେଳେ ଏତେ ସଂଖ୍ୟକ ନେତା ଦଳ ଛାଡ଼ିବା ଜିଲା ବିଜେଡି କ୍ୟାମ୍ପରେ କମ୍ପନ ସୃଷ୍ଟି କରିଛି। ଏହି ନେତାମାନେ ବୁଧବାର ଭାଜପାରେ ସାମିଲ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି।

ବିଜୁ ଜନତା ଦଳର ପ୍ରାଥମିକ ସଦସ୍ୟ ଓ ଅନୁଗୋଳ ଜିଲା ଉପଦେଷ୍ଟା କମିଟିରୁ ଇସ୍ତଫା ଦେଇଥିବା ଭକ୍ତି ପ୍ରସାଦ ରାଜ୍ୟ ସଭାପତିଙ୍କ ନିକଟକୁ ପଠାଇଥିବା ପତ୍ରରେ ଉଲ୍ଲେଖ କରିଛନ୍ତି, ଦୀର୍ଘବର୍ଷଧରି ବିଜୁଜନତା ଦଳରେ ତାଙ୍କୁ ଅଣଦେଖା କରାଯାଇଛି। ଦଳ ତାଙ୍କୁ କେବେ ବି ଗୁରୁତ୍ୱ ପ୍ରଦାନ କରିନାହିଁ। ବିଶେଷକରି ୨୦୧୯ ପରଠାରୁ ଅଦ୍ୟାବଧି ଏହି ଧାରା ଜାରି ରହିଥିଲା। ତେଣୁ ଦଳରେ ତାଙ୍କର ଆଉ ଆବଶ୍ୟକତା ନ ଥିବାରୁ ସେ ବିଜେଡି ଛାଡ଼ିଥିବା ଜଣାଇ ଦେଇଛନ୍ତି। ଇସ୍ତଫା ଦେଇଥିବା ବରିଷ୍ଠ ନେତ୍ରୀ ମୀରା ଦର୍ଶାଇଛନ୍ତି,ତାଙ୍କର ଗୁରୁତ୍ୱ ଓ ଦାୟିତ୍ୱକୁ ବୁଝିବାରେ ହେଳା କରାଯାଇଛି। ଅନ୍ୟପକ୍ଷରେ ଗତ ୧୭ ତାରିଖରେ ବିଜେଡିରେ ଯୋଗଦାନ କରିଥିବା ଆଦର୍ଶ ଗ୍ରୁପ୍‌ର ପ୍ରତିଷ୍ଠାତା ମହେଶ ଦଳରୁ ଇସ୍ତଫା ଦେବା ବେଶ୍ ଆଲୋଚନାର ବିଷୟ ହୋଇଛି।

## ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଲା ଭାଜପା ପ୍ରତିନିଧି ଦଳ

ଭୁବନେଶ୍ୱର,୨୩।୪(ସୁନିତ୍ ମିଶ୍ର)

ଶାସକ ବିଜେଡି ନିର୍ବାଚନ ସମୟରେ ସମସ୍ତ ପ୍ରକାର ନୀତିନିୟମକୁ ଜଳାଞ୍ଜଳି ଦେଇ ଭୋଟ ହାତେଇବାକୁ ସବୁ ପ୍ରକାର ପନ୍ଥା ଆପଣାଇଛି। ରାଜ୍ୟ ସରକାରଙ୍କ କଲ୍ ସେଣ୍ଟରରୁ ଫୋନ୍ କରି ଧମକଚମକ ଦିଆଯାଇ ଭୋଟରଙ୍କୁ ଭୟଭୀତ କରାଯାଉଥିବା ଭାଜପା ଅଭିଯୋଗ କରିଛି। ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଅଭିଯୋଗ କରିଛି ଯେ, ରାଶନ କାର୍ଡ, ବିଏସ୍‌କେୱାଇ କାର୍ଡ, ଭତ୍ତା କାର୍ଡ ସମେତ ଅନ୍ୟାନ୍ୟ ସରକାରୀ ସୁବିଧା ସୁଯୋଗ ତାଲିକାରୁ ନାମ କାଟି ଦିଆଯିବାର ଧମକ ଦିଆଯାଉଛି। ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟଛନ୍ତି।

## ରଣେନ୍ଦ୍ରଙ୍କ ଭାଇରାଲ ଭିଡିଓକୁ ନେଇ ହଇଚଇ

### ସମୀର ଦାଶ ସମର୍ଥକଙ୍କ ମାନସ ମନ୍ଥନ

ନିମାପଡ଼ା,୨୩।୪(ରଞ୍ଜନ ପଟ୍ଟନାୟକ)

ପୁରୀ ଜିଲା ବିଜେଡି ପର୍ଯ୍ୟବେକ୍ଷକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଭାଇରାଲ ଭିଡିଓକୁ ନେଇ ଏବେ ନିମାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ହଟଚମଟ ସୃଷ୍ଟି ହୋଇଛି। ସମ୍ପ୍ରତି ଏହି ଭିଡିଓଟି ମୋବାଇଲରୁ ମୋବାଇଲକୁ ଘୂରିବୁଲୁଛି। ଭିଡିଓରେ ସ୍ୱାଇଁ କହିଛନ୍ତି ଯେ, 'ବିଧାୟକ ସମୀର ରଞ୍ଜନ ଦାଶଙ୍କ ବିରୋଧରେ ଅନେକ ପ୍ରମାଣ ରହିଛି। ଦଳୀୟ ଟିକେଟ ପ୍ରଦାନ କରାଯାଇଥିଲେ ବିଜେଡିର କ୍ଷତି ହୋଇଥାନ୍ତା। ସେଥିପାଇଁ ଦଳ ଜଣେ ନୂଆମୁହଁ ଦିଲ୍ଲୀପ ନାୟକଙ୍କୁ ସୁଯୋଗ ଦେଇଛି। ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ଉଦ୍ଦେଶ୍ୟରେ ସେ କହିଛନ୍ତି, ତମେ ସମସ୍ତେ ଶଙ୍ଖ ଚିହ୍ନରୁ ଜିତିଛ।' ନିର୍ବାଚନରେ ଶଙ୍ଖ ଚିହ୍ନ ପାଇଁ କର। ଅନ୍ୟପକ୍ଷରେ ସମୀରଙ୍କ ବିରୋଧରେ କ'ଣ ପ୍ରମାଣ ରହିଛି, ଯେଉଁଥିପାଇଁ ସମୀରଙ୍କ ଟିକେଟ କାଟିବାକୁ ଦଳର ସଭାପତି ବାଧ ହେଲେ ବୋଲି ପ୍ରଶ୍ନ ହେବାରୁ ସେ ନେଇ ସ୍ୱାଇଁ କିଛି ପ୍ରକାଶ କରିନାହାନ୍ତି। ଏହି ଭାଇରାଲ ଭିଡିଓକୁ ନେଇ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ବିଧାୟକ ଦାଶଙ୍କ ସମର୍ଥକମାନେ ଏକତ୍ରିତ ହୋଇ ମାନସ ମନ୍ଥନ ଆରମ୍ଭ କରିଛନ୍ତି। ଜିଲାପରିଷଦ ସଦସ୍ୟ ପ୍ରଦୀପ୍ତ ଖଟୋଇଙ୍କ ସଭାପତିତ୍ୱରେ ଆୟୋଜିତ ନିର୍ବାଚନମଣ୍ଡଳୀସ୍ତରୀୟ ବୈଠକରେ ବିଧାୟକ ଦାଶଙ୍କ ସମେତ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସତ୍ୟବ୍ରତ ପାତ୍ର, ନିମାପଡ଼ା ବ୍ଲକ ସଭାପତି ଅଶୋକ ସାହୁ, ନଗର ସଭାପତି ଜୀବନାନନ୍ଦ ମହାପାତ୍ର, ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ବ୍ଲକ ଉପାଧ୍ୟକ୍ଷା ଅନୁସୂୟା ମହାନ୍ତି, ଉପନଗରପାଳ ସନ୍ତୋଷ ଦାଶ, ଗୋପ ବ୍ଲକ ସଭାପତି ମଧୁସୂଦନ ପାଇକରାୟ, ବ୍ଲକ ଅଧ୍ୟକ୍ଷ ଝୁନୁ ମଲ୍ଲିକ, ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ନିମାପଡ଼ା ଏବଂ ଗୋପ ବ୍ଲକର ୨ ଜିଲାପରିଷଦ ସଦସ୍ୟଙ୍କ ସମେତ ନିର୍ବାଚିତ ସମିତି ସଭ୍ୟାସଭ୍ୟ, ସରପଞ୍ଚମାନେ ଯୋଗଦେଇଥିଲେ। ବୈଠକ ପ୍ରାୟ ୩ଘଣ୍ଟା ଧରି ଚାଲିଥିଲା। ଶେଷ ପର୍ଯ୍ୟନ୍ତ ବିଧାୟକଙ୍କ ସହିତ ରହିବା ପାଇଁ କେତେଜଣ କର୍ମୀ ବୈଠକରେ ମତବ୍ୟକ୍ତ କରିଥିଲେ। ତେବେ ଆଉ କେତେଜଣ କର୍ମୀ ଶଙ୍ଖ ଚିହ୍ନ ସହିତ ରହିବେ ବୋଲି ବୈଠକ ପରେ ନାମ ଗୋପନ ରଖିବା ସର୍ତ୍ତରେ ପ୍ରକାଶ କହିଛନ୍ତି।



ବୈଠକରେ ସମୀର ରଞ୍ଜନ ଦାଶ ଏବଂ ଅନ୍ୟମାନେ।



ବିଷମକଟକ ବିଧାନସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ମନ୍ତ୍ରୀ ଜଗନ୍ନାଥ ସାରକା ଅତିରିକ୍ତ ଜିଲାପାଳ ଭାସ୍କର ରଇତଙ୍କ ନିକଟରେ ନାମାଙ୍କନ ଦାଖଲ କରୁଛନ୍ତି।




ରାୟଗଡ଼ା ବିଧାନସଭା ଆସନ ପାଇଁ ବିଜେଡି ପ୍ରାର୍ଥିନୀ ଅନସୂୟା ମାଝି ଜିଲା ସଭାପତି ଏନ୍.ଭାସ୍କର ରାଓଙ୍କ ସହ ମଙ୍ଗଳବାର ରିଟର୍ନିଂ ଅଫିସର ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀଙ୍କ ନିକଟରେ ନାମାଙ୍କନ ଦାଖଲ କରୁଛନ୍ତି।

## ବିଜେଡି, ଭାଜପାରେ ଗୋଷ୍ଠୀ କନ୍ଦଳ

- ରାଜନଗର ନିର୍ବାଚନମଣ୍ଡଳୀରେ ହେବ ତ୍ରିମୁଖୀ ଲଢ଼େଇ
- ଫାଇଦା ଉଠାଇବେ କି ଅଶୋକ

ପଟ୍ଟାମୁଣ୍ଡାଇ,୨୩।୪ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ରାଜନଗର ବିଧାନସଭା ଆସନ ସବୁବେଳେ ରାଜ୍ୟ ରାଜନୀତିରେ ସମ୍ବେଦନଶୀଳ ଓ ଗୁରୁତ୍ୱପୂର୍ଣ୍ଣ ହୋଇଆସିଛି। ସବୁଥର ଏହି ଆସନରେ ବିଜେଡି ଓ କଂଗ୍ରେସ ମଧ୍ୟରେ ଲଢ଼େଇ ଜୋରଦାର ହେଉଥିବାବେଳେ ଏଥର ଏହି ଆସନରେ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ ତ୍ରିମୁଖୀ ଲଢ଼େଇ ହେବ ବୋଲି ପର୍ଯ୍ୟବେକ୍ଷକମାନେ ଅନୁମାନ କରୁଛନ୍ତି। ୩ ପ୍ରମୁଖ ରାଜନୈତିକ ଦଳ ସେମାନଙ୍କ ପ୍ରାର୍ଥୀ ଘୋଷଣା କରି ସାରିଛନ୍ତି। ବିଜେଡି ବର୍ତ୍ତମାନର ବିଧାୟକ ଧ୍ରୁବ ସାହୁଙ୍କ ଉପରେ ଆସ୍ଥା ପ୍ରକଟ କରି ପ୍ରାର୍ଥୀ କରିଥିବାବେଳେ କଂଗ୍ରେସ କେନ୍ଦ୍ରାପଡ଼ା ଜିଲାପରିଷଦ ଉପସଭାପତି ଅଶୋକ କୁମାର ପ୍ରତିହାରୀଙ୍କୁ ଟିକେଟ ଦେଇଛି। ସେହିପରି ଭାଜପା ନବାଗତ ନେତା ଲଳିତ କୁମାର ବେହେରାଙ୍କୁ ପ୍ରାର୍ଥୀ ଘୋଷଣା କରିଥିବାରୁ ଭାଜପା ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବା ସହ ବିରୋଧ ପ୍ରଦର୍ଶନ କରାଯାଉଛି। ଏ ନେଇ ଭାଜପାର ବରିଷ୍ଠ ନେତାମାନେ ଏମାନଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ସମାଧାନର ବାଟ ବାହାରି ପାରିନାହିଁ। ଏଭଳିସ୍ଥିତିରେ ଦଳ ଏମାନଙ୍କୁ ବାଦ୍ ଦେଇ ଅନ୍ୟ ବିକଳ୍ପ ସନ୍ଧାନରେ ଥିବା ଚର୍ଚ୍ଚା ହେଉଛି। ଏ ନେଇ ବିଜେଡିର ଦୁଇ ନେତାଙ୍କ ନାମ ମଧ ଚର୍ଚ୍ଚାର ପରିସରକୁ ଆସିଲାଣି। ସେମାନେ ଭାଜପାରେ ମିଶିପାରନ୍ତି ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଲେଣି।

୨୦୧୪ ଓ ୨୦୧୯ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ହୋଇ ଲଢ଼ିଥିବା ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ବର୍ତ୍ତମାନ ବିଜେଡିର କେନ୍ଦ୍ରାପଡ଼ା ଲୋକ ସଭା ପ୍ରାର୍ଥୀ ହୋଇଛନ୍ତି। ଅଂଶୁମାନଙ୍କ ସହ ରାଜନଗର ଓ ପଟ୍ଟାମୁଣ୍ଡାଇ ବ୍ଲକ କଂଗ୍ରେସରୁ ଅନେକ ପଦାଧିକାରୀ ବି ବିଜେଡିରେ ସାମିଲ ହୋଇଛନ୍ତି। ଅଂଶୁମାନଙ୍କ ସମର୍ଥକମାନେ ଯୋଡି ଶଙ୍ଖରେ ଭୋଟ ଦେବେ ବୋଲି କୁହାଯାଉଥିବା ବେଳେ ଗତ ୨୧ ତାରିଖରେ ସ୍ୱର୍ଗତ ନଳିନୀ ମହାନ୍ତିଙ୍କ ଶ୍ରାଦ୍ଧ ଭୋଜିରେ ସାମିଲ ହୋଇଥିବା ଧ୍ରୁବଙ୍କ ସମର୍ଥକଙ୍କ ସହ ଅଂଶୁମାନଙ୍କ କର୍ମୀ ମଧ୍ୟରେ ରାଜନୈତିକ ଗଣ୍ଡଗୋଳ ହେବା ନେଇ ସୋସିଆଲ ମିଡିଆରେ ପ୍ରଚାର ହେବାରୁ ରାଜନୈତିକ ମହଲରେ ଯୋଡି ଶଙ୍ଖକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅପରପକ୍ଷେ ୨୦୨୪ ବିଧାନସଭା ନିର୍ବାଚନ ଜିତିବା ପାଇଁ ରାଜନଗର ବିଜେଡି ବିଧାୟକ ପ୍ରାର୍ଥୀ ଧ୍ରୁବ ଦିନରାତି ଏକ କରିଦେଇଛନ୍ତି। ଜନସାଧାରଣଙ୍କ ନିକଟତର ହେବା ପାଇଁ ବିଭିନ୍ନ ସମାରୋହରେ ଯୋଗଦେବା ସହ ପଞ୍ଚାୟତ ସ୍ତରୀୟ କର୍ମୀ ସମ୍ମିଳନୀ କରି ଆସୁଛନ୍ତି। ହେଲେ ଚଳିତ ନିର୍ବାଚନ ଜିତିବା ପାଇଁ ଧ୍ରୁବଙ୍କୁ ବଡ଼ ଆହ୍ୱାନ ହେଇଛନ୍ତି ତାଙ୍କର ଏକାନ୍ତ ଅନୁଗତ କଂଗ୍ରେସ ପ୍ରାର୍ଥୀ ଅଶୋକ ବୋଲି ଆଲୋଚନା ହେଉଛି। ଅଶୋକଙ୍କୁ କଂଗ୍ରେସ ଦଳ ବିଧାୟକ ଟିକେଟ ଦେଇଛି। ପୂର୍ବରୁ ଅଶୋକ ଏକଦା ରାଜନଗର ବିଧାୟକ ଧ୍ରୁବଙ୍କ ଡାହାଣ ହାତ ଥିବା ବେଳେ ୩ ଥର ରାଜନଗର ବ୍ଲକ ବିଜେଡି ସଭାପତି ଥିଲେ। କିନ୍ତୁ ରାଜନୈତିକ ବାଦବିବାଦକୁ ନେଇ ବିଧାୟକଙ୍କ ସହ ତାଙ୍କର ନ ପଡିବାରୁ ୨୦୨୩ ଅଗଷ୍ଟ ୨୮ରେ ତାଙ୍କୁ ବ୍ଲକ ବିଜେଡି ସଭାପତି ପଦବୀରୁ ହଟାଇ ଦିଆଯାଇଥଲା। ସେ ଦଳରୁ ଇସ୍ତଫା ଦେଇ କଂଗ୍ରେସରୁ ପ୍ରାର୍ଥୀ ହୋଇ ସଭାସମିତି କରି ଧ୍ରୁବଙ୍କ ଅତୀତ ବଖାଣିଲେଣି। ସାଧାରଣ ଲୋକେ ନିର୍ବାଚନ ସମୟରେ ଏହାର ଜବାବ ଦେବେ ବୋଲି ଗାଁ ଗଣ୍ଡାରେ ଆଲୋଚନା ହେଉଥିବାରୁ ନିର୍ବାଚନରେ ଏହା ଧ୍ରୁବଙ୍କ ପାଇଁ ମହଙ୍ଗା ହୋଇପାରେ ବୋଲି ରାଜନୈତିକ ସମୀକ୍ଷକମାନେ କହୁଛନ୍ତି। ଅନ୍ୟପକ୍ଷରେ ବିରୋଧୀ ଭାଜପା ପ୍ରାର୍ଥୀ ପରିବର୍ତ୍ତନ କରିବା ନେଇ ବିଚାର ବିମର୍ଷ ଚାଲିଛି। ଖୁବ୍‌ଶୀଘ୍ର ବିଜେଡି ଛାମୁଆ କର୍ମୀ ସହ ଆଗଧାଡିର ନେତା ଭାଜପାରେ ଯୋଗଦେଇ ବିଧାୟକ ପ୍ରାର୍ଥୀ ରୂପେ ଘୋଷଣା ହେବେ ବୋଲି ଆଲୋଚନା ହେଉଛି। ସେ ପଟ୍ଟାମୁଣ୍ଡାଇ ମାଟିର ପୁଅ ହୋଇଥିବାରୁ ପଟ୍ଟାମୁଣ୍ଡାଇ ବ୍ଲକ ଓ ମ୍ୟୁନିସିପାଲିଟି ଭୋଟର ତାଙ୍କ ସପକ୍ଷରେ ଯିବ ବୋଲି ସାଧାରଣରେ ଆଲୋଚନା ହେଉଛି।

# ଜୋକୋଭିଚ୍, ବୋନମାଟିଙ୍କୁ ଲୌରିଅସ ପୁରସ୍କାର





ପୁରସ୍କାର ଜିତିବା ପରେ ଖୁସି ମନାଉଛନ୍ତି ନୋଭାକ ଜୋକୋଭିଚ୍ ଓ ଏରିସା ଟ୍ରିଉ।

**ମାଡ୍ରିଡ୍, ୨୩।୪ (ଏପି)**

ସମ୍ମାନଜନକ ଲୌରିଅସ୍ ୱାର୍ଲ୍ଡ ସ୍ପୋର୍ଟ୍ସ ଆୱାର୍ଡ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗତବର୍ଷ ପ୍ରଥମଥର ମହିଳା ବିଶ୍ୱକପ୍ ଜିତିଥିବା ସ୍ପେନ୍ ଦୁଇଟି ପୁରସ୍କାର ଲାଭ କରିପାରିଛି। ସ୍ପେନ୍ ୨୦୨୩ ବର୍ଷ ପାଇଁ ୱାର୍ଲ୍ଡ ଟିମ୍ ଅଫ୍ ଦି ଇୟର ବିବେଚିତ ହୋଇଥିବା ବେଳେ ମିଡ୍ ଫିଲ୍ଡର ଆଇଟାନା ବୋନମାଟି ବେଷ୍ଟ ସ୍ପୋର୍ଟ୍ସ ଓମେନ ଅଫ୍ ଦି ଇୟର ପୁରସ୍କାର ଲାଭ କରିଛନ୍ତି। ମାଡ୍ରିଡଠାରେ ଆୟୋଜିତ ଏହି ଉତ୍ସବରେ ନୋଭାକ ଜୋକୋଭିଚ୍ ସ୍ପୋର୍ଟ୍ସମ୍ୟାନ ଅଫ୍ ଦି ଇୟର ପୁରସ୍କାର ପାଇଛନ୍ତି। ରିୟଲ ମାଡ୍ରିଡ ଫରୱାର୍ଡ ଜୁଡ୍ ବେଲିଙ୍ଗହାମ ବ୍ରେକ୍‌ଥ୍ରୁ ପୁରସ୍କାର ହାସଲ କରିଛନ୍ତି। ରାଫାଲ ନାଡାଲ ତାଙ୍କ ଫାଉଣ୍ଡେଶନ ପାଇଁ ସ୍ପୋର୍ଟ ଫର୍ ଗୁଡ୍ ଆୱାର୍ଡ ପାଇଛନ୍ତି। ଗତବର୍ଷ ଅଗଷ୍ଟରେ ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆରେ ସ୍ପାନିଶ ମହିଳା ଦଳ ଫୁଟ୍‌ବଲ ପ୍ରଥମ ଥର ବିଶ୍ୱକପ୍ ହାସଲ କରିଥିଲା। ଫାଇନାଲ ମ୍ୟାଚ ପରେ ତତ୍‌କାଳୀନ ସ୍ପାନିଶ ଫୁଟ୍‌ବଲ ମହାସଂଘ ସଭାପତି ଫରୱାର୍ଡ ଜେନି ହରମୋସୋଙ୍କୁ ଅବାଞ୍ଛିତ ଚୁମ୍ବନ ଦେବା ସେତେବେଳେ ତାଙ୍କ ଭାବମୂର୍ତ୍ତିରେ ଆଞ୍ଚ ଆଣିଥିଲା। ଲୌରିଅସ ଦ୍ୱାରା ଟିମ୍ ପୁରସ୍କାର ପାଇବାରେ ସ୍ପେନ୍ ପ୍ରଥମ ମହିଳା ଟିମ୍। ବିଶ୍ୱକପ୍ ପୂର୍ବରୁ ବୋନମାଟି ବାର୍ସିଲୋନାକୁ ଦ୍ୱିତୀୟ ମହିଳା ଚାମ୍ପିୟନ୍ସ ଲିଗ୍ ଜିତାଇବାରେ ସହାୟକ ହୋଇଥିଲେ। ବାଲନ ଡି'ଅର ଏବଂ ଫିଫା ବେଷ୍ଟ ପ୍ଲେୟର ଆୱାର୍ଡ ଜିତିବା ପରେ ସେ ପ୍ରଥମ ମହିଳା ଖେଳାଳି ହିସାବରେ ଲୌରିଅସ ପୁରସ୍କାର ଜିତିଛନ୍ତି। ପୁରସ୍କାର ପାଇବା ପରେ ବୋନମାଟି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଏହି ପୁରସ୍କାର ପାଇବା ପଛରେ ଯେଉଁମାନଙ୍କ ସହାୟତା ରହିଛି ଯଥା ତାଙ୍କ କ୍ଲବ ଓ ଜାତୀୟ ଦଳର ସାଥୀ ଖେଳାଳି ଓ ଷ୍ଟାଫ୍‌ଙ୍କୁ ସେ ଧନ୍ୟବାଦ ଦେବାକୁ ଚାହିଁବେ। ୫ମ ଥର ଲୌରିଅସ୍ ପୁରସ୍କାର ଜିତି ଜୋକୋଭିଚ୍ ରୋଜର ଫେଡରରଙ୍କ ସମକକ୍ଷ ହୋଇପାରିଛନ୍ତି। ଜୋକୋଭିଚ୍ ଅଷ୍ଟ୍ରେଲିଆନ ଓପନ ଓ ୟୁଏସ ଓପନ ଟାଇଟଲ ଜିତିବା ପରେ ୨୪ ଗ୍ରାଣ୍ଡସ୍ଲାମ ସିଙ୍ଗଲ୍ସ ସଫଳତା ହାସଲ କରିଛନ୍ତି। ଜୋକୋଭିଚ୍‌ଙ୍କୁ ଏନ୍‌ଏଫ୍‌ଏଲ୍‌ର ପୂର୍ବତନ ମହାନ୍ ଖେଳାଳି ଟମ୍ ବ୍ରାଡି ପୁରସ୍କାର ପ୍ରଦାନ କରିଥିଲେ। ଲୌରିଅସ୍ ୱାର୍ଲ୍ଡ କମ୍‌ବ୍ୟାକ୍ ଅଫ୍ ଦି ଇୟର ପୁରସ୍କାର ପାଇଛନ୍ତି ଜିମ୍ନାଷ୍ଟ ସିମୋନ ବାଇଲ୍ସ। ଗତବର୍ଷ ସେ ପ୍ରତିଯୋଗିତାକୁ ରେକର୍ଡ ଭଙ୍ଗକାରୀ ପ୍ରତ୍ୟାବର୍ତ୍ତନ କରିଥିଲେ। ବିଶ୍ୱ ଚାମ୍ପିୟନଶିପ୍‌ରେ ସେ ୪ ସ୍ୱର୍ଣ୍ଣ ପଦକ ପାଇଥିଲେ। ନାଡାଲଙ୍କ ଫାଉଣ୍ଡେଶନ ସ୍ପେନ୍ ଓ ଭାରତର ୧,୦୦୦ ଯୁବ ଖେଳାଳିଙ୍କୁ ସହାୟକ ହୋଇଥିବା ଲୌରିଅସ ପ୍ରକାଶ କରିଛି। ସ୍ୱଳ୍ପ ବୟସ୍କା ଏରିସା ଟ୍ରିଉଙ୍କୁ ଆକ୍ସନ ସ୍ପୋର୍ଟ୍ସ ପର୍ସନ ଅଫ୍ ଦି ଇୟର ପୁରସ୍କାର ମିଳିଛି। ସେ ପ୍ରଥମ ମହିଳା ସ୍କେଟର ଭାବେ ପ୍ରତିଯୋଗିତାରେ ୭୨୦ ସ୍କୋର କରିପାରିଛନ୍ତି। ଡଚ୍ ହ୍ୱିଲଚେୟାର ଖେଳାଳି ଡାଇଡ୍ ଡି' ଗ୍ରୁଟ୍ ଭିନ୍ନକ୍ଷମ କାଟେଗୋରିରେ ସ୍ପୋର୍ଟ୍ସପର୍ସନ ଅଫ୍ ଦି ଇୟର ପୁରସ୍କାର ଲାଭ କରିଛନ୍ତି। ସେ କ୍ରମାଗତ ତୃତୀୟ କ୍ୟାଲେଣ୍ଡର ଗ୍ରାଣ୍ଡସ୍ଲାମ ଜିତିଛନ୍ତି।

### ପୁରସ୍କାର ବିଜେତାଙ୍କ ତାଲିକା...

- **ୱାର୍ଲ୍ଡ ସ୍ପୋର୍ଟ୍ସମ୍ୟାନ ଅଫ୍ ଦି ଇୟର:** ନୋଭାକ ଜୋକୋଭିଚ୍।
- **ୱାର୍ଲ୍ଡ ସ୍ପୋର୍ଟ୍ସଓମେନ ଅଫ୍ ଦି ଇୟର:** ଆଇଟାନା ବୋନମାଟି।
- **ୱାର୍ଲ୍ଡ ଟିମ୍ ଅଫ୍ ଦି ଇୟର:** ସ୍ପେନ୍ ମହିଳା ଫୁଟ୍‌ବଲ ଦଳ।
- **ବ୍ରେକ୍ ଥ୍ରୁ ଅଫ୍ ଦି ଇୟର :** ଜୁଡ୍ ବେଲିଙ୍ଗହାମ୍।
- **ୱାର୍ଲ୍ଡ କମ୍‌ବ୍ୟାକ୍ ଅଫ୍ ଦି ଇୟର :** ସିମୋନ ବାଇଲ୍ସ।
- **ସ୍ପୋର୍ଟ୍ସ ଫର୍ ଗୁଡ୍ ଆୱାର୍ଡ:** ଫଣ୍ଡାସିଅନ ରାଫା ନାଡାଲ।
- **ୱାର୍ଲ୍ଡ ସ୍ପୋର୍ଟ୍ସପର୍ସନ ଅଫ୍ ଦି ଇୟର ୱିଥ୍ ଏ ଡିଜାବିଲିଟି ଆୱାର୍ଡ:** ଡାଇଡ୍ ଡି' ଗ୍ରୁଟ୍।
- **ୱାର୍ଲ୍ଡ ଆକ୍ସନ ସ୍ପୋର୍ଟ୍ସପର୍ସନ ଅଫ୍ ଦି ଇୟର ଆୱାର୍ଡ:** ଏରିସା ଟ୍ରିଉ।



ଲୌରିଅସ୍ ପୁରସ୍କାର ସହ ଆଇଟାନା ବୋନମାଟି।

## ମନିକାଙ୍କୁ ଟପିଲେ ଶ୍ରୀଜା

**ନୂଆଦିଲ୍ଲୀ, ୨୩।୪ (ପି.ଟି.)**

ରାଜ୍ୟଗୋଷ୍ଠୀ କ୍ରୀଡ଼ା ମିକ୍ସଡ ଡବଲ୍ସ ଚାମ୍ପିୟନ ଶ୍ରୀଜା ଆକୁଲା ସଦ୍ୟ ପ୍ରକାଶିତ ଇଣ୍ଟରନ୍ୟାଶନାଲ ଟେବୁଲ ଟେନିସ ଫେଡେରେଶନ (ଆଇଟିଟିଏଫ୍) ର୍‌ୟାଙ୍କିଙ୍ଗ ତାଲିକାରେ ତାଙ୍କ କ୍ୟାରିୟର ଶ୍ରେଷ୍ଠ ୩୮ତମ ସ୍ଥାନ ଅଧିକାର କରିଛନ୍ତି। ଫଳରେ ସେ ମନିକା ବାତ୍ରାଙ୍କୁ ହଟାଇ ଭାରତର ଶ୍ରେଷ୍ଠ ର୍‌ୟାଙ୍କିଙ୍ଗପ୍ରାପ୍ତ ମହିଳା ଟେବୁଲ ଟେନିସ ଖେଳାଳି ହୋଇପାରିଛନ୍ତି। ଶ୍ରୀଜା ଗୋଟିଏ ସ୍ଥାନ ଉପରକୁ ଉଠିଥିବା ବେଳେ ଭାରତର ନମ୍ବର ୱାନ ଖେଳାଳି ରହି ଆସିଥିବା ମନିକା ଦୁଇଟି ସ୍ଥାନ ତଳକୁ ଖସି ସଦ୍ୟ ପ୍ରକାଶିତ ତାଲିକାରେ ୩୯ତମ ସ୍ଥାନରେ ରହିଛନ୍ତି।

## ଭୁବନେଶ୍ୱର ୟେଲୋ-ବିଜେଇଏମ୍ ଫାଇନାଲ

**ଭୁବନେଶ୍ୱର, ୨୩।୪ (ତପନ ସ୍ୱାଇଁ)**

**ଭୁବନେଶ୍ୱର ଆନ୍ତଃସ୍କୁଲ କ୍ରିକେଟ**

ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଆନ୍ତଃସ୍କୁଲ କ୍ରିକେଟ ଟୁର୍ନାମେଣ୍ଟର ୨ଟି ସେମିଫାଇନାଲ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୟୀ ହୋଇ ଭୁବନେଶ୍ୱର ୟେଲୋ ଓ ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ(ବିଜେଇଏମ୍) ସ୍କୁଲ ଫାଇନାଲରେ ପ୍ରବେଶ କରିଛନ୍ତି। ବୁଧବାର ସକାଳ ୬ଟା ୩୦ରେ ଟାଉନ୍ କ୍ଲବ ପଡ଼ିଆରେ ଫାଇନାଲ ଆରମ୍ଭ ହେବ।

ଟାଉନ୍ କ୍ଲବ ପଡ଼ିଆରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ବିଜେଇଏମ୍ ୩୯ ରନରେ ଭୁବନେଶ୍ୱର ରେଡ୍‌କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ବିଜେଇଏମ୍ ୪ ଉଇକେଟରେ ୧୪୭ ରନ କରିଥିଲା। ଦଳ ପକ୍ଷରୁ ମୃତ୍ୟୁଞ୍ଜୟ ତ୍ରିପାଠୀ ସର୍ବାଧିକ ୫୫ ଓ ସ୍ୱାଗତ ମିଶ୍ର ୨୫ ରନ କରିଥିଲେ। ଜବାବରେ ଭୁବନେଶ୍ୱର ରେଡ୍ ଦଳ ୧୦୮ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ଡି. ଶୋଭନ ସର୍ବାଧିକ ୩୦ ରନ କରିବାକୁ ସକ୍ଷମ ହୋଇଥିଲେ। ଦ୍ୱିତୀୟ ସେମିଫାଇନାଲରେ ଭୁବନେଶ୍ୱର ୟେଲୋ ୮୦ ରନରେ ଭୁବନେଶ୍ୱର ବ୍ଲୁ'କୁ ହରାଇ ଦେଇଥିଲା। ପାରାମାଉଣ୍ଟ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱର ୟେଲୋ ଦଳ ପ୍ରଥମେ ବ୍ୟାଟିଂ କରି ସାହିଲ ନାୟକଙ୍କ ଦ୍ରୁତ ୭୧ ଓ ଅନିମେଶ ପ୍ରଧାନଙ୍କ ୩୩ ରନ ବଳରେ ୬ ଉଇକେଟ ହରାଇ ୧୫୪ ରନ କରିଥିଲା। ବିପକ୍ଷ ଦଳର ଶେଖର ପଣ୍ଡା ୪ଟି ଉଇକେଟ ନେଇଥିଲେ। ୧୫୫ ରନ ବିଜୟ ଲକ୍ଷ୍ୟରେ ଭୁବନେଶ୍ୱର ବ୍ଲୁ ଦଳ ମାତ୍ର ୭୫ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ବିଜୟୀ ଦଳର ଆଦର୍ଶ ପଟ୍ଟନାୟକ ୪ଟି ଏବଂ ସାର୍ଥକ ନନ୍ଦ ଓ ଶୁଭମ୍ ପରିଡ଼ା ୨ଟି ଲେଖାଏ ଉଇକେଟ ନେଇ ବ୍ଲୁ ଦଳର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ।

## ଫର୍ମ ସତ୍ତ୍ୱେ ଅବସରରୁ ଫେରିବେନି ନାରିନ

**କୋଲକାତା, ୨୩।୪ (ପି.ଟି.):** ଚଳିତ ଆଇପିଏଲ ସିଜନରେ ୱେଷ୍ଟଇଣ୍ଡିଜର ପୂର୍ବତନ ବୋଲିଂ ଅଲରାଉଣ୍ଡର ସୁନିଲ ନାରିନଙ୍କ ପ୍ରଦର୍ଶନ ଜବରଦସ୍ତ ରହିଛି। ଜୁନ୍‌ରେ ଆମେରିକା ଓ ୱେଷ୍ଟଇଣ୍ଡିଜରେ ହେବାକୁଥିବା ଟି୨୦ ବିଶ୍ୱକପ୍ ଲାଗି ଅବସରରୁ ପ୍ରତ୍ୟାବର୍ତ୍ତନ କରିବା ଲାଗି ଅନେକ ତାଙ୍କୁ ପ୍ରବର୍ତ୍ତାଉଛନ୍ତି। ସେ କିନ୍ତୁ ତାଙ୍କୁ ଏଥିରେ ରାଜି ନ ଥିବା ପ୍ରକାଶ। ଗତବର୍ଷ ନଭେମ୍ବରରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବା ପୂର୍ବରୁ ନାରିନ ୱେଷ୍ଟଇଣ୍ଡିଜ ତରଫରୁ ୨୦୧୯ ଅଗଷ୍ଟରେ ତାଙ୍କର ଶେଷ ଅନ୍ତର୍ଜାତୀୟ ଟି୨୦ ଖେଳିଥିଲେ। ଏଣିକି ବିଶ୍ୱବ୍ୟାପୀ ଫ୍ରାଞ୍ଚାଇଜ ଟି୨୦ ଲିଗ୍‌ଗୁଡ଼ିକ ଉପରେ ତାଙ୍କର ମନୋନିବେଶ କରିବେ ବୋଲି ମଧ୍ୟ ସେତେବେଳେ ସେ କହିଥିଲେ। ଚଳିତ ଆଇପିଏଲ୍ ସିଜନରେ କୋଲକାତା ନାଇଟ ରାଇଡର୍ସ (କେକେଆର) ପାଇଁ ଖେଳୁଥିବା ନାରିନ ଉଭୟ ବ୍ୟାଟ ଓ ବଲ୍‌ରେ ଚମତ୍କାର ଫର୍ମରେ ଅଛନ୍ତି। ତାହା ଦେଖି ଟି୨୦ ବିଶ୍ୱକପ୍ ପାଇଁ ନାରିନ ଯେପରି ତାଙ୍କ ନିଷ୍ପତ୍ତି ବଦଳାନ୍ତି ସେ ନେଇ ବୁଝାଇବା ଲାଗି ଉଦ୍ୟମ ଚାଲିଥିବା କୁହାଯାଉଛି। କିନ୍ତୁ ୱେଷ୍ଟଇଣ୍ଡିଜର ଏହି ଅଲରାଉଣ୍ଡର କହିଛନ୍ତି ସେ ତାଙ୍କ ନିଷ୍ପତ୍ତିକୁ ବଦଳାଇ ପାରିବେ ନାହିଁ, ତେବେ ଘରେ ରହି ସେ ଦଳକୁ ସମର୍ଥନ ଦେବେ।

## ମ୍ୟାଚ ଫିକ୍ସିଂ ମାମଲାରେ ଭାରତୀୟ ଟିମ୍ ମାଲିକ

**କଲମ୍ବୋ, ୨୩।୪ (ପି.ଟି.)**

ଅଣସ୍ୱୀକୃତିପ୍ରାପ୍ତ ଶ୍ରୀଲଙ୍କାନ ଲିଜେଣ୍ଡ୍ସ କ୍ରିକେଟ ଟ୍ରଫିରେ ଭାରତୀୟ ଟିମ୍ ମାଲିକ ମ୍ୟାଚ୍ ଫିକ୍ସିଂ କାର୍ଯ୍ୟରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ସେମାନେ ହେଲେ ୟୋନି ପଟେଲ ଏବଂ ଅନ୍ୟ ଜଣେ ପି. ଆକାଶ। କଲମ୍ବୋ ମାଜିଷ୍ଟ୍ରେଟ୍ କୋର୍ଟର ଜଣେ ଅଫିସିଆଲ ଏ ବିଷୟରେ ସୂଚନା ଦେଇଛନ୍ତି। ଶୁକ୍ରବାର ପଟେଲଙ୍କ ଜାମିନ ଆବେଦନକୁ କୋର୍ଟ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ଏହି ଦୁଇଜଣଙ୍କ ଲାଗୁ କରାଯାଇଥିବା ଗସ୍ତ କଟକଣା ମିଆଦକୁ ଆଉ ଏକ ମାସ ପାଇଁ ବୃଦ୍ଧି କରାଯାଇଥିବା ଅଫିସିଆଲ ଜଣକ ପ୍ରକାଶ କରିଛନ୍ତି। କାଣ୍ଡି ଜିଲାର ପାଲିକେଲ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ମାର୍ଚ୍ଚ ୮ରୁ ୧୯ ପର୍ଯ୍ୟନ୍ତ ଲିଜେଣ୍ଡ୍ସ କ୍ରିକେଟ ଟ୍ରଫି ଆୟୋଜିତ ହୋଇଥିଲା। ପ୍ରତିଯୋଗିତାର ଫାଇନାଲରେ ନ୍ୟୁୟର୍କ ସୁପର ଷ୍ଟ୍ରାଇକର୍ସକୁ ପରାସ୍ତ କରି ରାଜସ୍ଥାନ କିଙ୍ଗ୍ସ ଚାମ୍ପିୟନ ହୋଇଥିଲା। ଇଭେଣ୍ଟରେ ପଟେଲ କାଣ୍ଡି ସ୍ୱାମ୍ପ ଆର୍ମି ଟିମ୍‌ର ମାଲିକ ଥିଲେ। ଅଫିସିଆଲ ଜଣକ କହିଛନ୍ତି, ମାମଲାରୁ ଅଗ୍ରଗତି କ୍ରମେ ପଞ୍ଜାବ ରୟାଲ୍ସର ମ୍ୟାନେଜର ଆକାଶଙ୍କୁ ଦୋଷୀ ସାବ୍ୟସ୍ତ କରାଯିବ। ବର୍ତ୍ତମାନ ଶ୍ରୀଲଙ୍କା ଜାତୀୟ ଚୟନକମିଟିର ଅଧ୍ୟକ୍ଷ ରହିଥିବା ଶ୍ରୀଲଙ୍କାର ପୂର୍ବତନ ଅନ୍ତର୍ଜାତୀୟ ଦିନିକିଆ ଦଳର ଅଧିନାୟକ ଉପୁଲ ଥରଙ୍ଗା ଏବଂ ନ୍ୟୁଜିଲାଣ୍ଡର ଜଣେ ପୂର୍ବତନ ଖେଳାଳି ନିଲ୍ ବ୍ରୁମ୍ କ୍ରୀଡ଼ା ମନ୍ତ୍ରଣାଳୟର ସ୍ୱତନ୍ତ୍ର ତଦନ୍ତକାରୀ ୟୁନିଟ୍ ନିକଟରେ ଅଭିଯୋଗ କରିଛନ୍ତି ଯେ, ଲିଗ୍‌ରେ ଜାଣିଶୁଣି ଖରାପ ଖେଳିବା ଲାଗି ପଟେଲ ଓ ଆକାଶ ଗେମ୍‌ଗୁଡ଼ିକୁ ଫିକ୍ସ କରିବା କାର୍ଯ୍ୟରେ ଲିପ୍ତ ଥିଲେ। ତଦନ୍ତ କାର୍ଯ୍ୟ ଶେଷ ନ ହେବା ପର୍ଯ୍ୟନ୍ତ ପଟେଲ ଓ ଆକାଶଙ୍କୁ ଦେଶ ଛାଡ଼ି ନ ଯିବା ଲାଗି ମାଜିଷ୍ଟ୍ରେଟଙ୍କ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଲିଗ୍‌କୁ ଆଇସିସି କିମ୍ବା ଶ୍ରୀଲଙ୍କା କ୍ରିକେଟ ସ୍ୱୀକୃତି ଦେଇ ନାହାନ୍ତି। ଶ୍ରୀଲଙ୍କା ଦକ୍ଷିଣ ଏସିଆର ହେଉଛି ପ୍ରଥମ ଦେଶ ଯେଉଁଠାରେ ମ୍ୟାଚ୍ ଫିକ୍ସିଂ ଓ କ୍ରୀଡ଼ାରେ ଦୁର୍ନୀତିକୁ ଅପରାଧ ଭାବେ ବିବେଚନା କରାଯାଇଥାଏ।

## ଇଣ୍ଡିଆନ ୟୁନିଭର୍ସିଟିଜ୍ ରଗ୍‌ବୀ, ଚେସ୍ ଦଳ ଘୋଷିତ

**ଭୁବନେଶ୍ୱର, ୨୩।୪ (ତପନ ସ୍ୱାଇଁ)**



ଅଚ୍ୟୁତ ସାମନ୍ତଙ୍କ ସହ ୱାର୍ଲ୍ଡ ୟୁନିଭର୍ସିଟି ଚାମ୍ପିୟନଶିପ ପାଇଁ ମନୋନୀତ କିଟ୍ ଓ କିସ୍‌ର ଖେଳାଳିମାନେ ।

**ୱାର୍ଲ୍ଡ ୟୁନିଭର୍ସିଟି ଚାମ୍ପିୟନଶିପ୍**

- କିଟ୍/କିସ୍‌ରୁ ୭ ସମେତ ଓଡ଼ିଶାର ୮ ଖେଳାଳି ସାମିଲ
- ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ଖେଳୁଥିବା ଓଡ଼ିଶାର ସାଇନା ସାଲୋନିକା ମଧ୍ୟ ସାମିଲ

ଫ୍ରାନ୍ସର ଏକ୍ସେନ-ପ୍ରୋଭିନ୍ସରେ ୨୦୨୪ ୱାର୍ଲ୍ଡ ୟୁନିଭର୍ସିଟି ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍ ଜୁନ୍ ୧୦ରୁ ୧୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସେହିପରି ଉଗାଣ୍ଡାର ଏଣ୍ଟେବେଠାରେ ୱାର୍ଲ୍ଡ ୟୁନିଭର୍ସିଟି ଚେସ୍ ଚାମ୍ପିୟନଶିପ୍ ଜୁନ୍ ୨୫ରୁ ୩୦ ପର୍ଯ୍ୟନ୍ତ ଆୟୋଜନ ହେବ। ଏହି ଦୁଇଟି ସମ୍ମାନଜନକ ପ୍ରତିଯୋଗିତା ପାଇଁ ମଙ୍ଗଳବାର ଇଣ୍ଡିଆନ ୟୁନିଭର୍ସିଟିଜ୍ ରଗ୍‌ବୀ ଓ ଚେସ୍ ଦଳ ଘୋଷଣା କରାଯାଇଛି। କିଟ୍ ଓ କିସ୍‌ରୁ ୭ ସମେତ ଓଡ଼ିଶାର ୮ ଖେଳାଳି ସାମିଲ ହୋଇଛନ୍ତି। ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ପକ୍ଷରୁ ଉଭୟ ରଗ୍‌ବୀ ୭ଏସ୍ ଓ ଚେସ୍ ଚୟନ ଟ୍ରାଏଲ୍ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା।

ଚେସ୍ ଚୟନ କମିଟିରେ ଅନ୍ତର୍ଜାତୀୟ ମାଷ୍ଟର ତଥା ସିନିୟର ଫିଡେ ଆର୍ବିଟର ଶେଖର ଚନ୍ଦ୍ର ସାହୁ, ଅନ୍ତର୍ଜାତୀୟ ରେଟେଡ୍ ଚେସ୍ ଖେଳାଳି ତଥା ଫିଡେ ଇନ୍‌ଷ୍ଟ୍ରକ୍ଟର ରଞ୍ଜନ ମହାନ୍ତି, କ୍ୟାଣ୍ଡିଡେଟ ମାଷ୍ଟର ତଥା ଫିଡେ ଇନ୍‌ଷ୍ଟ୍ରକ୍ଟର ଅପରାଜିତ ଗୋଚ୍ଛିକାର (୨୦୧୬ ୱାର୍ଲ୍ଡ ଆମେଚର ଓ ୨୦୧୩ ରାଜ୍ୟଗୋଷ୍ଠୀ ଚେସ୍ ଚାମ୍ପିୟନଶିପ୍‌ରେ ପଦକ ବିଜୟିନୀ) ପ୍ରମୁଖ ସଦସ୍ୟ ରହିଥିଲେ। ସେହିପରି ୱାର୍ଲ୍ଡ ରଗ୍‌ବୀ ଲେଭଲ-୨ କ୍ୱାଲିଫାଏଡ୍ କୋଚ୍ ଏବଂ ୱାର୍ଲ୍ଡ ରଗ୍‌ବୀ କ୍ୱାଲିଫାଏଡ୍ କୋଚ୍ ଏଜୁକେଟର ଶେହଜାଦ ରାବାଡି, ୨୦୧୦ ଏସିଆନ ଗେମ୍ସରେ ଅଂଶଗ୍ରହଣକାରୀ ଭାଗ୍ୟଲକ୍ଷ୍ମୀ ବାରିକ ରଗ୍‌ବୀ ଚୟନ କମିଟି ସଦସ୍ୟ ରହିଥିଲେ। ଉଭୟ କ୍ରୀଡ଼ା ପାଇଁ ଚୟନ କମିଟିର ଚେୟାରମ୍ୟାନ ଥିଲେ କିଟ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ଓ ଯୋଗ ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ। ଇଣ୍ଡିଆନ ୟୁନିଭର୍ସିଟି ରଗ୍‌ବୀ ଟିମ୍ ପ୍ରଥମଥର ପାଇଁ ୱାର୍ଲ୍ଡ ରଗ୍‌ବୀ ୭ଏସ ଚାମ୍ପିୟନଶିପ୍‌ରେ ଭାଗ ନେବାକୁ ଯାଉଛି। ଅନ୍ୟପକ୍ଷରେ ଇଣ୍ଡିଆନ ୟୁନିଭର୍ସିଟିଜ୍ ଚେସ୍ ଟିମ୍‌ର ଏହା ଦ୍ୱିତୀୟ ଅଂଶଗ୍ରହଣ। ପୂର୍ବରୁ ୨୦୧୮ରେ ବ୍ରାଜିଲର ଆରାକାଜୁଠାରେ ଭାରତୀୟ ଦଳ ଡେବ୍ୟୁ କରିଥିଲା। ଏଥର ଚେସ୍ ଦଳରେ ଜଣେ ଆଦିବାସୀ ବାଳିକା କିସ୍ ବିଶ୍ୱବିଦ୍ୟାଳୟର ଜୁନି ବିରୁଆ ଓ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ପ୍ରତିନିଧିତ୍ୱ କରୁଥିବା ସାଇନା ସାଲୋନିକା ସ୍ଥାନ ପାଇଛନ୍ତି। ଏଆଇୟୁର କ୍ରୀଡ଼ା ଯୁଗ୍ମ ସମ୍ପାଦକ ବଲଜିତ ସିଂ ସେଖୋନ ଭାରତୀୟ ଦଳ ପାଇଁ ଚୟନ ଟ୍ରାଏଲ୍ସରେ ସନ୍ତୋଷ ପ୍ରକାଶ କରିଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ରଗ୍‌ବୀ ଓ ଚେସ୍ ଦଳରେ ସ୍ଥାନ ପାଇଥିବା ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

**ବାଳିକା ରଗ୍‌ବୀ ଦଳ:** ସନ୍ଧ୍ୟାରାଣୀ ଟୁଡୁ, ଗୋମତୀ, କଲ୍ୟାଣୀ ପତି, ଭୂମିକା ଶୁକ୍ଳା, ସୁନୀତା ହାଁସଦା, ଉଜ୍ଜ୍ୱଳା ଘୁଗେ, ନୈନା, ଆକାଂକ୍ଷା କାଟକାଡେ, ବୈଷ୍ଣବୀ ପତି, ସାକ୍ଷୀ କୁମ୍ଭାର, ନିର୍ମାଲ୍ୟା ରାଉତ, ଦୁମୁନି ମାର୍ଣ୍ଡି। ରିଜର୍ଭ: ଶୁଭାଙ୍ଗୀ ଗାଭାଡେ, ସ୍ୱାତି ମାଲି, ତରୁଲତା ନାଏକ, ରଞ୍ଜିତା ନାଏକ।

**ବାଳକ ରଗ୍‌ବୀ ଦଳ:** ମନୋଜ କୁମାର ସିଂ, ତେଜାସ ପତି, ମୋନୁ, ଆର୍ଯ୍ୟନ ଦୀକ୍ଷିତ, ଯୁଗଳ କିଶୋର ମାଝି, ହାର୍ଦ୍ଦିକ ରାଜେଭୋସାଲେ, ବିନୋଦ ମାରାଣ୍ଡି, ସାଲେ ମାଝି, ପ୍ରଣବ ପତି, ରୋହିତ କଦମ, ରାଜୁ କୁମାର, ଦିବେଶ ଦେଭଡିଗା। ରିଜର୍ଭ: ମକରନ୍ଦ ପ୍ରଧାନ, ରାଜ କୁମାର, ଦିଶାନ୍ତ ଦତ୍ତ, ଫଣୀନ୍ଦ୍ର ଭୋଇ।

**ବାଳିକା ଚେସ୍ ଦଳ:** ଆକାଂକ୍ଷା ହଗ୍‌ୱାନୀ, ମୋକ୍ଷତା ମହାଜନ, ସାଇନା ସାଲୋନିକା, ଜୁନୁ ବିରୁଆ।

## ଭାରତୀୟ ଦଳରେ ୫ ଓଡ଼ିଆ

**ଭୁବନେଶ୍ୱର, ୨୩।୪ (ବିଜୟ ରଣା)**

**ଏସିଆନ୍ ହୁଇଲ ଚେୟାର ଫେନ୍‌ସିଂ**

ବୁଧବାରଠାରୁ ଏପ୍ରିଲ ୨୮ ପର୍ଯ୍ୟନ୍ତ ଥାଇଲାଣ୍ଡ ରେ ହେବାକୁ ଥିବା ଏସିଆନ୍ ହୁଇଲ ଚେୟାର ଫେନ୍‌ସିଂ ଚାମ୍ପିୟନଶିପ୍ ଲାଗି ମନୋନୀତ ଭାରତୀୟ ଦଳରେ ଓଡ଼ିଶାର ୫ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଭି. ରମେଶ ରାଓ, ରାଖାଲ୍ କୁମାର ସେଠୀ, ପବିତ୍ର ସାହୁ, ମାଳତୀ ପାନାଉରେ ଓ ଶିଳା ମନ୍ତ୍ରୀ। ଏମାନେ ସମସ୍ତେ ବ୍ୟକ୍ତିଗତ ଓ ଦଳଗତ ଇଭେଣ୍ଟରେ ଭାଗ ନେବେ। ଓଡ଼ିଶାର ଏହି ଖେଳାଳିମାନେ ନିକଟକରେ ଅନୁଷ୍ଠିତ ୧୬ତମ ଜାତୀୟ ଚାମ୍ପିୟନଶିପ୍‌ରେ ଉନ୍ନତ ପ୍ରଦର୍ଶନ କରି ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ପାରା ସ୍ପୋର୍ଟ୍ସ ଆସୋସିଏଶନ୍ ଓଡ଼ିଶାର ସଭାପତି କମଳାକାନ୍ତ ରଥ ଓ ହୁଇଲ ଚେୟାର ଫେନ୍‌ସିଂ ଓଡିଶାର ଚେୟାରପର୍ସନ ବେଲା ଜୟସ୍ୱାଲଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଶୁଭକାମନା କରିଛନ୍ତି।



ଏସିଆନ୍ ହୁଇଲ ଚେୟାର ଫେନ୍‌ସିଂ ପାଇଁ ମନୋନୀତ ଓଡ଼ିଶା ଖେଳାଳି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ: ..............................

ଜନ୍ମ ତାରିଖ: ..............................



ଶ୍ରୀୟାଂଶୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଇଟି କମ୍ପାନୀରେ କମୁଛି ନିଯୁକ୍ତି

**ଭୁବନେଶ୍ୱର,୨୩।୪ (ଅନୁରାଧା ମହାରଣା)**



ଲୋକଙ୍କୁ ନିଯୁକ୍ତି ପ୍ରଦାନ କ୍ଷେତ୍ରରେ ଶୀର୍ଷରେ ଥିବା ଆଇଟି ସଂସ୍ଥାଗୁଡ଼ିକର ସ୍ଥିତି ଭଲ ନାହିଁ। ବିଶ୍ୱର ବଡ଼ ବଡ଼ ବୈଷୟିକ କମ୍ପାନୀଗୁଡ଼ିକରେ ଛଟେଇ ହେବା ପରେ ବର୍ତ୍ତମାନ ଭାରତରେ ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହେବାରେ ଲାଗିଛି। ପ୍ରଥମ ଥର ପାଇଁ ଦେଶର ସର୍ବୋଚ୍ଚ ଆଇଟି କମ୍ପାନୀଗୁଡ଼ିକ ୧ ହଜାରରୁ ଅଧିକ କର୍ମଚାରୀ ଛଟେଇ କରିଛନ୍ତି। ଦେଶର ତିନୋଟି ବଡ଼ ଆଇଟି କମ୍ପାନୀ ଟିସିଏସ୍, ଇନ୍‌ଫୋସିସ ଏବଂ ୱିପ୍ରୋ ମାର୍ଚ୍ଚ ତ୍ରୈମାସିକ ପାଇଁ ଆର୍ଥିକ ଫଳାଫଳ ପ୍ରକାଶ କରିଛନ୍ତି। ଏଥିରେ ପ୍ରକାଶ ପାଇଛି ଯେ, ୨୦୨୩-୨୪ ଆର୍ଥିକ ବର୍ଷରେ ସେମାନେ ପ୍ରାୟ ୬୪ ହଜାର କର୍ମଚାରୀଙ୍କୁ ଛଟେଇ କରିଛନ୍ତି। ପ୍ରଥମ ଥର ପାଇଁ ବୃହତ୍ ଆଇଟି କମ୍ପାନୀଗୁଡ଼ିକ ଗୋଟିଏ ଆର୍ଥିକ ବର୍ଷରେ ଏତେ ପରିମାଣରେ ସେମାନଙ୍କର କର୍ମଚାରୀ ହ୍ରାସ କରିଛନ୍ତି। ସର୍ବବୃହତ ଆଇଟି ସଂସ୍ଥା ତଥା ଦେଶର ଦ୍ୱିତୀୟ ବୃହତ୍ତମ ତାଲିକାଭୁକ୍ତ କମ୍ପାନୀ ଟିସିଏସ୍ ମାର୍ଚ୍ଚ ତ୍ରୈମାସରେ ୧,୭୫୯ କର୍ମଚାରୀଙ୍କ ସଂଖ୍ୟା ହ୍ରାସ କରିଥିବାବେଳେ ସମଗ୍ର ଆର୍ଥିକ ବର୍ଷରେ ଟିସିଏସ୍ କର୍ମଚାରୀଙ୍କ ସଂଖ୍ୟା ୧୩,୨୪୯ ହ୍ରାସ ପାଇଛି। ସେହିଭଳି ଇନ୍‌ଫୋସିସ୍ ଏହି ଅବଧି ମଧ୍ୟରେ ୫,୪୨୩ କର୍ମଚାରୀ ଏବଂ ସମଗ୍ର ଆର୍ଥିକ ବର୍ଷରେ ୨୫,୯୯୪ କର୍ମଚାରୀଙ୍କୁ ଛଟେଇ କରିଛି। ୱିପ୍ରୋ ତ୍ରୈମାସିକରେ ୬,୧୮୦ ଏବଂ ସମଗ୍ର ଆର୍ଥିକ ବର୍ଷରେ ୨୪,୫୧୬ କର୍ମଚାରୀ ଛଟେଇ କରିଛି। ବିଶେଷଜ୍ଞଙ୍କ ଆକଳନ ଅନୁସାରେ, ୨୦୨୩-୨୪ ଆର୍ଥିକ ବର୍ଷରେ ଏହି ବଡ଼ ବଡ଼ ଆଇଟି କମ୍ପାନୀର କର୍ମଚାରୀଙ୍କ ସଂଖ୍ୟାରେ ଏକ ବଡ଼ ହ୍ରାସ ଘଟିଛି। ଆର୍ଥିକ ବର୍ଷ ଶେଷ ହେବା ପରେ ଟିସିଏସ୍‌ର ମୋଟ କର୍ମଚାରୀଙ୍କ ସଂଖ୍ୟା ୬ ଲକ୍ଷ ୧ ହଜାର ୫୪୬ କୁ ଖସି ଆସିଛି। ସେହିଭଳି ବର୍ତ୍ତମାନ ଇନ୍‌ଫୋସିସରେ ମୋଟ କର୍ମଚାରୀଙ୍କ ସଂଖ୍ୟା ୩ ଲକ୍ଷ ୧୭ ହଜାର ୨୪୦ ଥିବାବେଳେ ୱିପ୍ରୋର ମୋଟ କର୍ମଚାରୀଙ୍କ ସଂଖ୍ୟା ମଧ୍ୟ ହ୍ରାସ ପାଇଛି। କର୍ମଚାରୀଙ୍କ ସଂଖ୍ୟା କମିବା ସହ ଚଳିତ ଆର୍ଥିକ ବର୍ଷର ପ୍ରଦର୍ଶନ ନିରାଶଜନକ ଅଟେ। ଗତ ଆର୍ଥିକ ବର୍ଷରେ ମଧ୍ୟ ଆଇଟି କମ୍ପାନୀଗୁଡ଼ିକ ସମାନ ପରିସ୍ଥିତି ଦେଇ ଗତି କରିଥିବାବେଳେ ଆସନ୍ତା ବର୍ଷ ପାଇଁ କମ୍ପାନୀଗୁଡ଼ିକର ସମାନ ସ୍ଥିତି ଆକଳନ କରାଯାଉଛି।

## ଶେୟାର ବଜାର କାରବାରରେ ଉତ୍ସାହ

**ନୂଆଦିଲ୍ଲୀ,୨୩।୪**

କ୍ରମାଗତ ୩ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷ କରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୯୦(୮୯.୮୩) ପଏଣ୍ଟ ବଢି ୭୩,୭୩୮(୭୩,୭୩୮.୪୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୩୨(୩୧.୬୦) ପଏଣ୍ଟ ବୃଦ୍ଧି ଘଟି ୨୨,୩୬୮(୨୨,୩୬୮.୦୦) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍ଏସ୍ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

## ଆର୍‌ଆଇଏଲ୍‌ର ନେଟ୍ ଲାଭ ୭୯,୦୨୦ କୋଟି

**ନୂଆଦିଲ୍ଲୀ,୨୩।୪**

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ (ଆର୍‌ଆଇଏଲ୍)ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଶେଷ ହୋଇଯାଇଛି। ଉକ୍ତ ବୈଠକରେ କମ୍ପାନୀର କାରବାର ଓ ଆଗାମୀ କାର୍ଯ୍ୟକଳାପ ଉପରେ ବିସ୍ତୃତ ଆଲୋଚନା ସହ ୨୦୨୩-୨୪ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକ ତଥା ସମ୍ପୂର୍ଣ୍ଣ ଆର୍ଥିକ ବର୍ଷର ଆର୍ଥିକ ଫଳାଫଳ ମଧ୍ୟ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୩-୨୪ ଆର୍ଥିକ ବର୍ଷରେ ଆର୍‌ଆଇଏଲ୍‌ର ନେଟ୍ ଲାଭ ୭.୩% ବୃଦ୍ଧି ଘଟି ୭୯,୦୨୦ କୋଟି ଟଙ୍କା ହୋଇଥିବା କମ୍ପାନୀ ପକ୍ଷରୁ ପ୍ରକାଶ କରାଯାଇଛି। ସେହିଭଳି କମ୍ପାନୀର ଉପଭୋକ୍ତା ଏବଂ ଅପଷ୍ଟ୍ରିମ ବ୍ୟବସାୟରେ ଅଭିବୃଦ୍ଧି ଜାରି ରହିଥିବାବେଳେ ଆର୍‌ଆଇଏଲ୍‌ର ମୋଟ ବାର୍ଷିକ ରାଜସ୍ୱ ରେକର୍ଡ ୧୦ଲକ୍ଷ କୋଟିରୁ ଅଧିକ ରହିଥିବା ଜଣାପଡ଼ିଛି। କମ୍ପାନୀ ପକ୍ଷରୁ ୨୦୨୪ ମାର୍ଚ୍ଚ ଶେଷସୁଦ୍ଧା ହୋଇଥିବା ଆର୍ଥିକ ବର୍ଷ ପାଇଁ ସେୟାର ପ୍ରତି ୧୦ ଟଙ୍କା ଡିଭିଡେଣ୍ଡ ଘୋଷଣା କରାଯାଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ରିଲାଏନ୍ସ ରିଟେଲର ମୋଟ ବାର୍ଷିକ ରାଜସ୍ୱ ୩ଲକ୍ଷ କୋଟି ଅତିକ୍ରମ କରିଛି ଏବଂ ନେଟ୍ ଲାଭ ୧୦,୦୦୦ କୋଟି ଅତିକ୍ରମ କରିଛି। ୨୦୨୪ ମାର୍ଚ୍ଚ ଶେଷ ସୁଦ୍ଧା ରିଲାଏନ୍ସ ରିଟେଲର ମୋଟ ଷ୍ଟୋର ସଂଖ୍ୟା ୧୮,୮୩୬ ହୋଇଛି।


### ୩ୟ ଜନ୍ମବାର୍ଷିକ ଶୁଭେଚ୍ଛା



**ଶ୍ରୀୟାଂଶୀ**

ମହାପ୍ରଭୁ ଶ୍ରୀଜଗନ୍ନାଥ ତୋତେ ନିରୋଗ, ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ। ତୋର ଚଲାପଥ କୁସୁମିତ ହେଉ ଓ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ। ଆଜି ଜନ୍ମଦିନରେ ଏତିକି ପ୍ରାର୍ଥନା ।

ଶୁଭେଚ୍ଛା ସହ: ବାପା, ମାମା, ଓ ପରିବାରବର୍ଗ ।

ଧ-୧୫୪


## ଲାଲଚାନ୍ଦ୍ ଜୁଏଲର୍ସର ଗୋଲ୍ଡ ଲକ୍ ଅଫର

**ଭୁବନେଶ୍ୱର,୨୩।୪(ଅଭୟ ଦାଶ)**

LALCHND
Trusted Brand Since 1948

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଅକ୍ଷୟ ତୃତୀୟା ଉପଲକ୍ଷେ ଲାଲ୍‌ଚାନ୍ଦ୍ ଜୁଏଲର୍ସର ଆକର୍ଷଣୀୟ ଅଫର ଓ ଅଗ୍ରିମ ବୁକିଂ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଅନ୍ତର୍ଜାତୀୟ ବଜାର ସହ ଦେଶରେ ଦିନକୁ ଦିନ ସୁନାର ମୂଲ୍ୟ ବୃଦ୍ଧି ପାଉଛି। ଆଗକୁ ଅକ୍ଷୟ ତୃତୀୟା ଆସୁଥିବାରୁ ଗ୍ରାହକମାନେ ସୁନା ଅଳଙ୍କାର କ୍ରୟକୁ ନେଇ ଚିନ୍ତାରେ ରହିଛନ୍ତି। ଏହାକୁ ଦୃଷ୍ଟିରେ ରଖି ପୂର୍ବ ଭାରତର ସର୍ବାଧିକ ଲୋକପ୍ରିୟ ଅଳଙ୍କାର ପ୍ରତିଷ୍ଠାନ ଲାଲ୍‌ଚାନ୍ଦ୍ ନିଜ ପ୍ରିୟ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଅଫର ଆଣିଛି। ପ୍ରତିଦିନ ସୁନାର ଦର ବୃଦ୍ଧି ପାଉଥିବା ଦେଖି ଆଗୁଆ ସୁନା ଦରକୁ ବୁକ୍ କରିବା ପାଇଁ ଲାଲ୍‌ଚାନ୍ଦ୍ 'ଗୋଲ୍ଡ ଲକ୍ ଅଫର'ପ୍ରଦାନ କରୁଛି। ଏହି ଅଫର ଅନୁଯାୟୀ ଅକ୍ଷୟ ତୃତୀୟା ପାଇଁ କ୍ରୟ କରିବାକୁ ଥିବା ଆନୁମାନିକ ଓଜନର ସୁନାଗହଣା ମୂଲ୍ୟର ମାତ୍ର ୧୦% ଅଗ୍ରିମ ଦେଇ ଏଚ୍‌ୟୁଆଇଡି ହଲ୍‌ମାର୍କଯୁକ୍ତ ସୁନା ଦରକୁ ଗ୍ରାହକମାନେ ବୁକ୍ କରିପାରିବେ। ଏହାସହ ଅଗ୍ରିମ ବୁକିଂ ମୂଲ୍ୟ ହେଉ କିମ୍ବା କ୍ରୟ ଦିନର ସୁନା ମୂଲ୍ୟ, ଯେଉଁଟି କମ୍ ହେବ, ସେହି ମୂଲ୍ୟରେ ଗ୍ରାହକମାନେ ସୁନା ଅଳଙ୍କାର କିଣିପାରିବେ। ସେହିଭଳି ଚଳିତ ବର୍ଷର ଅକ୍ଷୟ ତୃତୀୟାକୁ ଦୃଷ୍ଟିରେ ରଖି ଲାଲ୍‌ଚାନ୍ଦ୍‌ର ସମସ୍ତ ଷ୍ଟୋରରେ ସୁନା, ରୁପା, ହୀରା ଓ ପ୍ଲାଟିନମ୍ ଅଳଙ୍କାରର ନୂତନ କଲେକ୍ସନ୍ ଉପଲବ୍ଧ। ଲାଲ୍‌ଚାନ୍ଦ୍ ଜୁଏଲର୍ସ ସର୍ବଦା ଗ୍ରାହକଙ୍କ ହିତ ଓ ସତ୍ୟତାକୁ ଅଗ୍ରାଧିକାର ଦେଇ ବିଭିନ୍ନ ସମୟରେ ମିଡିଆ ଅଭିଯାନ ଚଳାଇ ଆସୁଛି। ସୁନାର ଗୁଣବତ୍ତା ସହ ଲାଲ୍‌ଚାନ୍ଦ୍ ଜୁଏଲର୍ସ ଗ୍ରାହକଙ୍କୁ ଅପ୍ ଟୁ ସ୍କାମ୍ ଏବଂ ସର୍ତ୍ତମୂଳକ ଅଫରରୁ ବିରତ ରହିବା ନେଇ ସଚେତନ କରିଆସୁଛି। ଏଥିସହ ସର୍ବଦା ଫ୍ଲାଟ୍ ଓ ସ୍ୱଚ୍ଛ ଗଢ଼ା ମଜୁରିକୁ ଚୟନ କରିବା ଉପରେ ମଧ୍ୟ ସଚେତନ କରାଇବା ପାଇଁ ମିଡିଆ କ୍ୟାମ୍ପେନ୍ ଜାରି ରଖିଛି।

## ପ୍ରବୀଣ ଟିପିଡବ୍ଲ୍ୟୁଓଡିଏଲ୍‌ର ନୂତନ ସିଇଓ

**ଭୁବନେଶ୍ୱର,୨୩।୪**



ପ୍ରବୀଣ କୁମାର ବର୍ମା

ଟିପି ୱେଷ୍ଟର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ୍) ର ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭାବେ ପ୍ରବୀଣ କୁମାର ବର୍ମା ନିକଟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍‌ର ବ୍ୟବସାୟ ବିଭାଗରେ ମୁଖ୍ୟ ଭାବେ ୨୦୨୦-୨୩ ପର୍ଯ୍ୟନ୍ତ କାର୍ଯ୍ୟ କରୁଥିଲେ। ଏପରିକି ଟିପି ନର୍ଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍‌ରେ ସେ ସ୍ୱଳ୍ପ ସମୟ ପାଇଁ କାର୍ଯ୍ୟ କରିଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୦୪ରେ ବର୍ମା ଟାଟା ପାୱାର ଗ୍ରୁପ୍ ସହ ଜଡିତ ହୋଇଥିଲାବେଳେ ଦୀର୍ଘ ୨୦ ବର୍ଷରୁ ଅଧିକ ସମୟ ଧରି ସେ ବିଦ୍ୟୁତ୍ ବିତରଣ ଓ ବ୍ୟବସାୟ କ୍ଷେତ୍ରରେ କାର୍ଯ୍ୟ କରିବା ସହ ବ୍ୟାପକ ଅଭିଜ୍ଞତା ହାସଲ କରିଛନ୍ତି। ଏ ନେଇ ଟାଟା ପାୱାରର ସଭାପତି (ଟି ଆଣ୍ଡ ଡି) ସଞ୍ଜୟ ବାଙ୍ଗା କହିଛନ୍ତି, ବିଦ୍ୟୁତ୍ ବିତରଣ କ୍ଷେତ୍ରରେ ପ୍ରବୀଣଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ଟିପି ୱେଷ୍ଟର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ ତାଙ୍କ ନେତୃତ୍ୱରେ ଆଗକୁ ବଢିବା ସହିତ ନୂଆ ସଫଳତା ହାସଲ କରିବ। ଏପରିକି ସେ ଏ କ୍ଷେତ୍ରରେ ଅଭିଜ୍ଞ ଓ ଦକ୍ଷ ଭାବେ ବେଶ୍ ଜଣାଶୁଣା। ସେହିଭଳି ପ୍ରବୀଣ କହିଛନ୍ତି, ଟିପି ୱେଷ୍ଟର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍‌ର ସିଇଓ ଭାବେ ଯୋଗଦେଇଥିବାରୁ ମୁଁ ବେଶ୍ ଉତ୍ସାହିତ ଅଛି। ଟିପି ୱେଷ୍ଟର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍‌ର ସଫଳତାର ଯାତ୍ରାରେ ନୂଆ ଫର୍ଦ୍ଦ ଯୋଡ଼ିବା ପାଇଁ ଆବଶ୍ୟକ ପଦକ୍ଷେପ ଓ କାର୍ଯ୍ୟକ୍ରମମାନ ହାତକୁ ନେଇ ଆଶାନୁରୂପ ସଫଳତା ହାସଲ କରିବ ବୋଲି ଆଶା କରୁଛି।

## ଜିଓ ବିଶ୍ୱର ସର୍ବବୃହତ୍ ମୋବାଇଲ ଅପରେଟର

**ନୂଆଦିଲ୍ଲୀ,୨୩।୪**




ରିଲାଏନ୍ସ ଜିଓ ବର୍ତ୍ତମାନ ବିଶ୍ୱର ସର୍ବବୃହତ୍ ଟେଲିକମ୍ ଅପରେଟରଭାବେ ନୂତନ ସ୍ୱୀକୃତି ପାଇଛି। ବିଶେଷକରି ଡାଟା ଟ୍ରାଫିକ ସେବା କ୍ଷେତ୍ରରେ ଜିଓ ବିଶ୍ୱର ୧ ନମ୍ବର ଟେଲିକମ୍ କମ୍ପାନୀ ଭାବେ ମାନ୍ୟତା ଲାଭ କରିଛି। ଭାରତୀୟ ଟେଲିକମ୍ କ୍ଷେତ୍ରରେ ନିଜର ଆଧିପତ୍ୟ ପ୍ରତିଷ୍ଠା କରିବା ସହ ଜିଓ ଡାଟା ବ୍ୟବହାର ଦୃଷ୍ଟିରୁ ଏକ ନୂତନ ବିଶ୍ୱ ରେକର୍ଡ ସୃଷ୍ଟି କରିଛି।

ଉଲ୍ଲେଖଯୋଗ୍ୟ, ଗତ ତ୍ରୈମାସରେ ଜିଓ ନେଟ୍‌ୱର୍କର ମୋଟ ଡାଟା ଟ୍ରାଫିକ୍ ୪୦.୯ ଏକ୍ସାବାଇଟ୍ ରେକର୍ଡ କରାଯାଇଥିଲାବେଳେ ଡାଟା ଟ୍ରାଫିକ କ୍ଷେତ୍ରରେ ୧ ନମ୍ବର କମ୍ପାନୀ ଥିବା ଚାଇନା ମୋବାଇଲ କମ୍ପାନୀ ୨ନମ୍ବର ସ୍ଥାନକୁ ଖସି ଆସିଛି। ଗତ ତ୍ରୈମାସରେ କମ୍ପାନୀର ଡାଟା ବ୍ୟବହାର ୪୦ଏକ୍ସାବାଇଟରୁ ମଧ୍ୟ କମ୍ ରହିଛି। ଡାଟା ବ୍ୟବହାର ଦୃଷ୍ଟିରୁ ଅନ୍ୟ ଏକ ଚାଇନିଜ୍ କମ୍ପାନୀ ଚାଇନା ଟେଲିକମ୍ ୩ୟ ସ୍ଥାନରେ ଥିବାବେଳେ ଭାରତର ଏୟାରଟେଲ୍ ୪ର୍ଥ ସ୍ଥାନରେ ରହିଛି। ବିଶ୍ୱର ଟେଲିକମ୍ କମ୍ପାନୀଗୁଡ଼ିକର ଡାଟା ଟ୍ରାଫିକ୍ ଏବଂ ଗ୍ରାହକଙ୍କ ଆଧାର ଉପରେ ନଜର ରଖୁଥିବା ଟିଏଫିସିଏ ଏହାର ସଦ୍ୟତମ ରିପୋର୍ଟରେ ଏହି ସୂଚନା ଦେଇଛି। ୫ଜି ସେବା ଆରମ୍ଭ ହେବା ପରେ ଡାଟା ବ୍ୟବହାର ବଢ଼ିଛି, ଏପରିକି ରିଲାଏନ୍ସ ଜିଓ ନେଟ୍‌ୱର୍କରେ ଡାଟା ବ୍ୟବହାର ପୂର୍ବବର୍ଷ ତୁଳନାରେ ୩୫.୨% ବୃଦ୍ଧି ପାଇଛି। ଏହି ବୃଦ୍ଧି ପଛରେ ପ୍ରମୁଖ କାରଣ ରହିଛି, ଜିଓର ଟ୍ରୁ ୫ଜି ନେଟ୍‌ୱର୍କ ଏବଂ ଜିଓ ଏୟାର ଫାଇବରର ବ୍ୟାପକ ବିସ୍ତାର ହୋଇଥିବା ବେଳେ ରିଲାଏନ୍ସ ଜିଓର ତ୍ରୈମାସ ଆର୍ଥିକ ଫଳାଫଳ ତଥ୍ୟ ଅନୁଯାୟୀ, ଜିଓ ଟ୍ରୁ ୫ଜି ନେଟ୍‌ୱର୍କରେ ୧୦ କୋଟି ୮୦ ଲକ୍ଷ ଗ୍ରାହକ ଯୋଡ଼ିହୋଇଛନ୍ତି ଏବଂ ଜିଓର ମୋଟ ଡାଟା ଟ୍ରାଫିକର ପ୍ରାୟ ୨୮% ବର୍ତ୍ତମାନ ୫ଜି ନେଟ୍‌ୱର୍କରୁ ଆସୁଛି।


# Classified Everyday
0674-2580101, 2549949



### MATRIMONIAL

### GROOM WANTED

Handsome Brahmin boy 1982 regular State Govt. Service Orissa, 9853366347. D-127

ବୟସ 28, Primary School ଚାକିରି କରୁଥିବା ସୁନ୍ଦରୀ ସୁଶୀଳ ଖଣ୍ଡାୟତ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 8917665209. D-75326

Only Bengali B.Tech/ M.Tech/ MCA girl for M.Tech boy serving in Jermany. Mobile-9437287547. D-125



### REAL ESTATE

### SALE

Homestead plot sale. Nakhara East College,30 ft. Road, Electricity, Boundary @21,00,000/-. 9938603188. D-75948

ଭୁବନେଶ୍ୱର Gita/Gandhi College ପାଖ BDA satellite cityକୁ ଲାଗି 30ft. ରାସ୍ତା ଥାଇ ପ୍ଲଟ୍ ବିକ୍ରିହେବ। 8093712828. D-75944

Land for sale:- (Under BDA), Mouza/RI Office-Brahmanasadangi, Near Tankapani-Bentapur Road from Sai Temple, BBSR, Area- 6 acres, Price 1acre-5 crores for- Housing Project, Educational Institution, Hospital, Industry, Farming, no middle man, Price negotiable, Ph: 9938677366, 8249806871. D-148

ଭୁବନେଶ୍ୱର ଗ୍ୟାରେଜ ଛକରେ ୟେଲୋକୋନ ଘରବାଡ଼ି ପାଚେରି ପ୍ଲଟ୍ ପଚ୍ଛାରୁ ବିକ୍ରି ହେବ। Mob- 9827119799. D-102

**Ready to move 2BHK flat for sale @ 20 lakh near Gudiapokhari, Bhubaneswar. Call- 9437631769.** D-093

Gharabari plots at Uttara, Patrapada. 3/5BHK duplex in Patia. 8270370007. D-120

ନଖରା, ପାହାଳ, ପଟିଆ, ରଘୁନାଥପୁରରେ ୩୦ଫୁଟ ରାସ୍ତା, ଇଲେକ୍ଟ୍ରି, boundarywall ଥାଇ ଘରବାରି ପ୍ଲଟ୍ କିଣନ୍ତୁ। 9439363944. D-75950

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grand Bazar NH-16 ଏବଂ Sum-2 Hospitalଠାରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ। 6371200121. D-75949

ଭୁବନେଶ୍ୱର ପିତାପଲ୍ଲୀ NH-16 କଡ଼ରେ 30' road, ଇଲେକ୍ଟ୍ରିସିଟି ଥାଇ ନଗଦ ଘର କଲାଭଳି ପ୍ଲଟ୍ ମିଳୁଛି। (Owner). 9090963952. D-75946

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price, call-9439856856, 7008982279, 6371097442, 9040116788.** D-082



### CONSTRUCTION

**Construct your Dream home @ 460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-083




3 Storied building with basement parking of 10050sqft. at Jagannath Road, Opp. HDFC Bank, Dhenkanal for rent. Contact: 9437160289. D-149

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Newly opened central SPA full-body massage. Trend Therapist. 8456885600. D-75730

Relax, refresh your body, mind by expert therapist. Contact- 9938843929. D-76114

**Body massage by experience good looking therapist @ 999/- (Bhubaneswar). 9078484455.** D-077

**Relax, Refresh your Body, Mind at Saikrupa Spa with best therapies. 8984068077.** D-094

Newly open Jyoti SPA positively health benefits (Expert therapist). 8458067955. D-76116

Newly open SPA positively health benefits with expert therapist. 8658466886. D-76115

### LOST

We have lost Khatiyan bearing number- 1179, Plot No.-1466, 1473 Namely- Sarbeswar Dalai, S/o- Dola Dalai, Mouza- Kumutisahi, Ts/P.S.- Bolagarh, Dist.- Khurdha, the finder kindly inform UCO Bank, Branch Manager, Dalaisahi, Khurdha. Mob- 8917576515. D-153

### ମନେ ପଡ଼ନ୍ତି

**ସପ୍ତଦଶ ଶ୍ରାଦ୍ଧବାର୍ଷିକୀ**
୨୪।୦୪।୨୦୨୪ (ବୁଧବାର)



**ସ୍ୱ.ଡା. କ୍ଷୀରୋଦ କୁମାର ରଥ**
(କଳାପ୍ରାଣ ସାହିତ୍ୟ-ସଂସ୍କୃତିମନା ସମାଜସେବୀ)
ଏଲ୍.ବି.-୬୧, ଷ୍ଟେଜ୍-୪, ବିଡ଼ିଏ କଲୋନୀ, ଲକ୍ଷ୍ମୀସାଗର, ଭୁବନେଶ୍ୱର

ତୁମେ ଯେଉଁଠି ଥାଅ ସଦା ସୁଖଶାନ୍ତିରେ ଥାଅ ଏବଂ ତୁମର ଅସରନ୍ତି ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମକୁ ପଥ ପ୍ରଦର୍ଶନ କରୁଥାଉ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ଏତିକି ପ୍ରାର୍ଥନା ।

ପତ୍ନୀ- ସରୋଜିନୀ ଓ ଆତ୍ମୀୟସ୍ୱଜନବୃନ୍ଦ

ଧ-୧୪୬

**୧୭ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ଶରଦଶଶୀ ନାୟକ**

ଗୋ ମା', ତୁମେ ଯେଉଁଠି ଥାଅ ସୁଖ ଶାନ୍ତିରେ ଥାଅ ଏବଂ ତୁମର ଅସରନ୍ତି ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମକୁ ପଥ ପ୍ରଦର୍ଶନ କରୁଥାଉ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ଏତିକି ପ୍ରାର୍ଥନା ।

ଶୋକସନ୍ତପ୍ତ: ସମସ୍ତ ନାୟକ ପରିବାର ଓ ସାହିପଡ଼ିଶାବୃନ୍ଦ, ଚୌଧୁରୀ ସାହି, ବାଲେଶ୍ୱର

ଧ-୧୪୦

### CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**SHUBHRA RANJAN**
Always Ahead
Delhi's Best IAS Institute now in Bhubaneswar
GS FOUNDATION COURSE
(ONLINE / OFFLINE MODE)
UPSC (IAS, IPS, IRS..) OPSC (OAS, OPS, ORS..)
GENERAL STUDIES INTEGRATED COURSE
COURSE FEATURES
- Comprehensive Coverage
- Conceptual Clarity
- Weekly Answer Writing
- Doubt Session
- 800+ Hours Classes
- Mentorship

MODULAR COURSES
- Test Series
- Current Affairs
- CSAT
- ESSAY

Head Office
25 PUSA ROAD, KAROL BAGH, NEW DELHI-110005
Mobile/Whatsapp
7008476028
7788807774
9668384085

**ELECTION 2024**



For POSTERS, LEAFLETS PUSHING CARDS, FLEX PRINTING, AUTO BRANDING, FLAGS, T-SHIRT, CAP, BADGE, WRIST BAND, SAREE, CHAIN, BIKE STAND, PEN, MASK, HEAD BAND, MUSIC RECORDING, SLOGANS & ALL CAMPAIGN MATERIALS AVAILABLE HERE
ALL IN ONE ROOF
SPACE SETTER PRESS SINCE 1992
For Best Price
Contact 7008993500 7008994500


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଛେଳିଙ୍କ ପ୍ଲେଗ୍ ରୋଗ


ଡା. ବୀରକିଶୋର ପରିଡ଼ା

ଛେଳିଙ୍କ ପ୍ଲେଗ୍ ରୋଗ ଏକ ମାରାତ୍ମକ ଭୂତାଣୁଜନିତ ରୋଗ । ଛେଳି ଓ ମେଣ୍ଢା ଉଭୟଙ୍କଠାରେ ଏହା ଦେଖାଯାଏ । ଏହି ରୋଗ ହେଲେ ଛେଳି ଓ ମେଣ୍ଢାମାନଙ୍କର ଜ୍ୱର ୧୦୪-୧୦୬ ଡିଗ୍ରୀ ଫାରେନ୍ହିଟ୍ ରହେ । ହଠାତ୍ ଖାଇବା ବନ୍ଦ କରିଦିଅନ୍ତି। ନାକରେ ପ୍ରଥମେ ପତଳା ଓ ତା'ପରେ ବକଳା ମିଶ୍ରିତ ମୋଟା ଶିଙ୍ଘାଣୀ ବାହାରେ। ଉଭୟ ଆଖିର ଚାରିପଟେ ଛେନା ଛିଡ଼ିଲା ଭଳି ଲାଗିରହେ ଏବଂ ଆଖିରୁ ପାଣି ଝରେ। କାଶ ହୁଏ ଓ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବକରେ। ତରଳ ଝାଡ଼ା ସହ ଛେଳି ଓ ମେଣ୍ଢାମାନେ ଦୁର୍ବଳ ହୋଇ ୫-୭ ଦିନ ମଧ୍ୟରେ ମରିଯାଆନ୍ତି । ଏହି ରୋଗ ମୋର୍ବିଲି ଭୂତାଣୁ ଦ୍ୱାରା ହୋଇଥାଏ । ଗୋ-ବସନ୍ତ ଭୂତାଣୁ ସହ ଏହି ଭୂତାଣୁର ସାମଞ୍ଜସ୍ୟ ରହିଅଛି। ଏହା ଏକ ଗୋଟିକିଆ ସୂତା ପରି ବା ଗୋଲାକୃତିର ଭୂତାଣୁ ଏବଂ ପାରାମିକ୍ସୋ ଭିରିଡେ ପରିବାରର ଅନ୍ତର୍ଭୁକ୍ତ।

**କିପରି ବ୍ୟାପେ :** ନିମ୍ନଲିଖିତ ଉପାୟରେ ଏହି ରୋଗ ବ୍ୟାପିଥାଏ।

- ସୁସ୍ଥ ଛେଳି ଓ ମେଣ୍ଢାମାନେ ରୋଗାକ୍ରାନ୍ତ ଛେଳିର ନାକର ବକଳା ବା ଶିଙ୍ଘାଣୀ ଏବଂ ମଳମୂତ୍ର ସଂସ୍ପର୍ଶରେ ଆସିଲେ।
- ବାୟୁ ଦ୍ୱାରା କିମ୍ବା ଆକ୍ରାନ୍ତ ଛେଳି ଓ ମେଣ୍ଢାମାନଙ୍କର ସମସ୍ତ ବ୍ୟବହାର୍ଯ୍ୟ ଖାଦ୍ୟପାତ୍ର, ପାଣିପାତ୍ର, ଅନ୍ୟାନ୍ୟ ଜିନିଷ ବା ସଂସ୍ପର୍ଶରେ ଆସିଲେ ବ୍ୟକ୍ତିମାନଙ୍କ ମଧ୍ୟରେ ଏହି ରୋଗ ବ୍ୟାପିଥାଏ।
- ଛେଳି ଓ ମେଣ୍ଢାମାନେ ସଂକ୍ରମିତ ଗୋଚରରେ ଚରି ବୁଲିଲେ।
- ବିଭିନ୍ନ ଆଡୁ ଆସୁଥିବା ରୋଗାକ୍ରାନ୍ତ ଛେଳି ବା ମେଣ୍ଢା ହାଟରୁ କିଣି ସୁସ୍ଥ ଛେଳି ଦଳରେ ମିଶାଇଲେ।
- କଂସେଇଖାନା ଛେଳି ମେଣ୍ଢା ରଖିବା ସ୍ଥାନ ନିକଟରେ ହୋଇଥିଲେ।
- ହାଟ ରାସ୍ତାର ପାଖାପାଖି ଅଞ୍ଚଳରେ ଛେଳି ରଖିଲେ।
- ଅସୁସ୍ଥ ବା ଆକ୍ରାନ୍ତ ହୋଇଥିବା ଛେଳି ଓ ମେଣ୍ଢାମାନଙ୍କୁ ସୁସ୍ଥ ଛେଳି ମେଣ୍ଢାମାନଙ୍କଠାରୁ ଦୂରେଇ ନ ରଖିଲେ।
- ବୁଚରମାନେ ହାଟର କିଣା ଛେଳି ଓ ମେଣ୍ଢାଙ୍କୁ ଓହ୍ଲାଉଥିବା ସ୍ଥାନରେ ରଖିଲେ।
- ଛେଳି ଓ ମେଣ୍ଢାମାନଙ୍କର ବ୍ୟବହାର୍ଯ୍ୟ ସମସ୍ତ ଜିନିଷପତ୍ର ପରିଚ୍ଛନ୍ନ ନ ଥିଲେ।

**ଲକ୍ଷଣ :** ଏହି ଭୂତାଣୁ ନାସାଗହ୍ୱର ଏବଂ ଆଖି ମାଧ୍ୟମ ଦେଇ ଶରୀର ମଧ୍ୟରେ ପ୍ରବେଶ କରନ୍ତି। ଫୁସ୍‌ଫୁସ୍‌ରେ ନିମୋନିଆ ସୃଷ୍ଟିକରେ । ଭୂତାଣୁ ରସବାହୀ ନାଳୀ ଦେଇ ରକ୍ତରେ ମିଶି ବା ପରେ ଶରୀରର ବିଭିନ୍ନ ଅଂଶ ଆକ୍ରାନ୍ତ କରିଥାଏ। ପାଟିର ଉପର କଠିନ ତାଳୁ କଳାରଙ୍ଗର କ୍ଷତଚିହ୍ନ ସୃଷ୍ଟିକରେ । ତଳ ଓଠର ମାଢ଼ି ତଳକୁ ଏବଂ ଜିଭର ଉପର ଅଂଶରେ କ୍ଷୁଦ୍ର କ୍ଷୁଦ୍ର ବିରିବିରି ପରି ଉଠିଲା ପରି ହୁଏ । ବେକ, ସ୍କାପୁଲା, ବୃହଦନ୍ତ୍ର, କ୍ଷୁଦ୍ରାନ୍ତ୍ରର ଲାସାଗ୍ରନ୍ଥିଗୁଡ଼ିକ ଫୁଲି ବଡ଼ ହୋଇଯାଏ । କ୍ଷୁଦ୍ରାନ୍ତ୍ର ଏବଂ ବୃହଦନ୍ତ୍ର ମଝିରେ ଲାଲ ରଙ୍ଗର ସମାନ୍ତରାଳ ମୋଟା ରେଖା ପରି ସୃଷ୍ଟି ହୁଏ । ଏହାକୁ ଜେବ୍ରା ମାର୍କିଂ କହନ୍ତି । ସମସ୍ତ ଅଂଶ ମୁଖଦ୍ୱାରଠାରୁ ଆରମ୍ଭ କରି ମଳଦ୍ୱାର ପର୍ଯ୍ୟନ୍ତ ଅଧିକାଂଶ ଆକ୍ରାନ୍ତ ହୋଇଥାଏ । ତେଣୁ ଝାଡ଼ା ପତଳା ବା ତରଳ ରୁହେ । ଛେଳି ଓ ମେଣ୍ଢାମାନଙ୍କର ଶରୀର ଉତ୍ତାପ ୧୦୪-୧୦୬ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇଥାଏ । ହଠାତ୍ ଚରିବା ବା ଖାଇବା ବନ୍ଦ କରିଦିଅନ୍ତି । ଦ୍ୱିତୀୟ ଦିନରେ ପତଳା ଶିଙ୍ଘାଣୀ ନାକରୁ ବାହାରେ। କାଶ ହୁଏ। ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରନ୍ତି। ଅଧିକାଂଶ ଆକ୍ରାନ୍ତ ଛେଳି ଓ ମେଣ୍ଢା ବହୁତ ପାଣି ପିଇବାକୁ ଆଗ୍ରହ ପ୍ରକାଶ କରନ୍ତି । ତୃତୀୟ-ଚତୁର୍ଥ ଦିନ ତରଳ ଝାଡ଼ା ହୁଏ । ନାକରେ ବକଳା ସହିତ ମୋଟା ଶିଙ୍ଘାଣୀ ବାହାରେ । ଉଭୟ ଆଖିର ଚାରିପଟେ ଛେନା ଛିଡ଼ିଲା ଭଳି ଲାଗିଥିବାର ଦେଖାଯାଏ । ଆଖିରୁ ପାଣି ଝରେ । ପାଟିର ତଳ ଓଠର ମାଢ଼ି ଓ ତଳ ପାଟିର କୋଣ ଆଡ଼କୁ ରକ୍ତମିଶ୍ରିତ ଲାଲରଙ୍ଗର କ୍ଷତ ପରି ଚିହ୍ନ ଜଣାପଡ଼େ । ଜିଭର ଉପରି ଭାଗରେ ଛତିଆ ଫୁଟିଲା ଭଳି ଲାଗିଥିବାର ଦେଖାଯାଏ ଏବଂ ଏକ ଆବରଣ ସହଜରେ ବାହାରିଆସେ। ଜିଭରେ ରୁଆ ରୁଆ ଭଳି କ୍ଷୁଦ୍ର ଅଂଶ ଉଠିଥାଏ । ଚତୁର୍ଥ-ପଞ୍ଚମ ଦିନ ଛେଳି ଦୁର୍ବଳ ହୋଇଆସେ । ଦେହରେ ଉତ୍ତାପ କମିଯାଏ । ଉଠିପାରେ ନାହିଁ । ମୁହଁ, ପେଟ ଆଡ଼କୁ ଡେରିରଖେ । ଫଳରେ ଛେଳି ଓ ମେଣ୍ଢା ୭ରୁ ୧୦ଦିନ ମଧ୍ୟରେ ମୃତ୍ୟୁବରଣ କରନ୍ତି । ଭୀଷଣ ରୋଗଗ୍ରସ୍ତ ହେଲେ ଛେଳି ଆକ୍ରାନ୍ତ ହେବାର ପ୍ରଥମ ଦିନ ମଧ୍ୟରେ ହଠାତ୍ ମରିଯାଆନ୍ତି । ଗର୍ଭ ଛେଳିମାନଙ୍କର ଗର୍ଭପାତ ହୁଏ । ଛୁଆ ଛେଳିଗୁଡ଼ିକ ଅପେକ୍ଷାକୃତ ବେଶି ମୃତ୍ୟୁମୁଖରେ ପଡ଼ନ୍ତି । ମୃତ୍ୟୁହାର ୧୦-୯୦ ପ୍ରତିଶତ (ହାରାହାରି ୮୫ ପ୍ରତିଶତ) ହୋଇଥାଏ। ରକ୍ତରେ ଲିମ୍ଫୋସାଇଟ୍ ବହୁ ପରିମାଣରେ ନଷ୍ଟ ହେବା ଯୋଗୁ ଶ୍ୱେତ ରକ୍ତକଣିକାର ଅଭାବ ଦେଖାଦିଏ । ଏହାକୁ ଲିଉକୋପେନିଆ କହନ୍ତି ।

**ଲାସ୍‌ମାଇନା ପରୀକ୍ଷା :** ମୃତ ଛେଳି ଓ ମେଣ୍ଢାର ଶରୀର ବା ବାହ୍ୟରୂପ ଦୁର୍ବଳ ଏବଂ ଶୁଷ୍କ ପରି ଦେଖାଯାଏ। ତରଳ ଝାଡ଼ା ମଳଦ୍ୱାର ଓ ଲାଞ୍ଜରେ ଲାଗିଥାଏ। ନାକରେ ବକଳାମିଶ୍ରିତ ଶିଙ୍ଘାଣୀ ଲାଗିଥାଏ। ପାଟିର ଉପର କଠିନ ତାଲୁରେ କଳା ସୂକ୍ଷ୍ମଦାଗ ବା କ୍ଷତ ଚିହ୍ନ ପରିଲକ୍ଷିତ ହୁଏ। ପାଟିର ତଳ ଓଠର ମାଢ଼ି ଓ ତଳ ପାଟିର କୋଣ ଆଡ଼କୁ ରକ୍ତମିଶ୍ରିତ ଲାଲ କ୍ଷତ ଚିହ୍ନ ପରିଥାଏ ଏବଂ ଜିଭରେ ଘା' ସୃଷ୍ଟି ହୋଇ ଏକ ସ୍ତର ଉଠିଆସେ । କ୍ଷୁଦ୍ରାନ୍ତ୍ର ଏବଂ ବୃହଦନ୍ତ୍ରରେ ଖାଦ୍ୟ ବା ଝାଡ଼ା ଲଣ୍ଡି ନ ବାନ୍ଧି ତରଳ ଅବସ୍ଥାରେ ଥାଏ ଏବଂ ବୃହଦନ୍ତ୍ର ଆରମ୍ଭରେ ଓ ସିକମ୍‌ରେ ଛୋଟ ଛୋଟ ପଟା ଲାଲ ରଙ୍ଗର ସମାନ୍ତରାଳ ଦାଗମାନ ଦେଖାଯାଏ । ଫୁସ୍‌ଫୁସ୍‌ରେ ନିମୋନିଆ ଦେଖାଯାଏ ଏବଂ ଶରୀର କାନ୍ଥ ସହିତ ଲାଗି କରିଥାଏ। ଶ୍ୱାସନଳୀରେ ଫେଣ ପରି ଲାଗିଥାଏ । ବୃହଦନ୍ତ୍ର, କ୍ଷୁଦ୍ରାନ୍ତ୍ର, ବେକ, ସ୍କାପୁଲାର ଲାସାଗ୍ରନ୍ଥିଗୁଡ଼ିକ ବଢ଼ିଲା ପରି ଦେଖାଯାଏ।



**ନମୁନା ପଠାଇବା ପ୍ରଣାଳୀ :** ରୋଗାକ୍ରାନ୍ତ ଛେଳିର ଜ୍ୱର ଥିବା ସମୟରେ ୧୦ମି.ଲି. ରକ୍ତ ଏକ ପରୀକ୍ଷା କାଚନଳୀରେ ନେଇ ଅଣାଇ ରଖିବା ପରେ ଉପର ରକ୍ତରସକୁ ଏକ ବିଶୁଦ୍ଧ ଶିଶିରେ କାଢ଼ି ବରଫ ଦ୍ୱାରା ଥର୍ମୋକୁଲ ସୋଲ ବାକ୍ସରେ ସଂରକ୍ଷିତ କରି ପଠାଯାଏ।

ସେହିପରି ଛେଳିର ଅଲଗା ୫ମି.ଲି. ରକ୍ତକୁ ଏକ ଶିଶିରେ ଥିବା ଇଡିଟିଏ ବା ହେପାରିନ୍ ସହିତ ମିଶାଇ ଉପରୋକ୍ତ ପ୍ରଣାଳୀରେ ବରଫରେ ରଖି ପଠାଇବା ଦରକାର । ସଦ୍ୟ ମୃତ ଛେଳିର ପ୍ଲିହା, ମେଜେଣ୍ଟ୍ରିକ୍, ସର୍ଭିକାଲ, ପ୍ରିସ୍କାପୁଲାର ଲାସାଗ୍ରନ୍ଥିଗୁଡ଼ିକ ଶୁଦ୍ଧପାତ୍ରରେ ରଖି ବରଫ ସାହାଯ୍ୟ ପଠାଇବାକୁ ହେବ। ମୃତ ଛେଳିର ଫୁସ୍‌ଫୁସ୍, କଲିଜା, ହୃତ୍‌ପିଣ୍ଡ, କିଡ୍‌ନୀ ପ୍ରଭୃତି ଅଂଶଗୁଡ଼ିକୁ ୧୦ ପ୍ରତିଶତ ଏଫ୍‌ଏସ୍‌ଏସ୍ ମାଧ୍ୟମରେ ଏକ ବୋତଲରେ ପଠାଯାଏ । (କ୍ରମଶଃ..)

-ପ୍ରାକ୍ତନ ଅତିରିକ୍ତ ନିର୍ଦ୍ଦେଶକ
(ପ୍ରାଣୀ ସମ୍ପଦ ବିଭାଗ)
ପ୍ଲଟ ନଂ-୨୭୬, ଲକ୍ଷ୍ମୀପ୍ରିୟା ଭବନ,
ମହାନଦୀ ବିହାର, କଟକ
ମୋ : ୯୪୩୭୬୦୭୩୧

## ମରୁଡ଼ି ସହଣି ଫସଲ ଚାଷ



ଧାନ ବଦଳରେ ଅଣଧାନ ଫସଲ ଯଥା ମକା, ବରଗୁଡ଼ି, ହରଡ଼, ବିରି, ମାଣ୍ଡିଆ, ଚିନାବାଦାମ, ଜଡ଼ା ଓ କନ୍ଦମୂଳ ଇତ୍ୟାଦି ଚାଷକରନ୍ତୁ। ମରୁଡ଼ି ସହଣି ଥିବା ଗଭୀର ଚେର, ଶୀଘ୍ର ବୃଦ୍ଧି ଓ ସ୍ୱଳ୍ପ ଅବଧି କିସମ ନିର୍ବାଚନ କରନ୍ତୁ। ଫସଲର ସଙ୍କଟ ଅବସ୍ଥାରେ ଜଳସେଚନ ପାଇଁ ବର୍ଷା ପାଣିକୁ ସଞ୍ଚୟକରି ରଖନ୍ତୁ। ଗଡ଼ାଣିଆ ଜମିରେ ଗଡ଼ାଣିର ବିପରୀତ ଦିଗରେ ହୁଡ଼ା ଓ ନାଳ ଅଦଳବଦଳରେ କରନ୍ତୁ, ଯଦ୍ୱାରା ମାଟିରେ ଅଧିକ ବର୍ଷାପାଣି ସଞ୍ଚିତ ହୋଇରହିବ। ଖରାଟିଆ ଚାଷ ନିଶ୍ଚିତ ଭାବେ କରନ୍ତୁ। ଏହାଦ୍ୱାରା ରୋଗପୋକ ଓ ଘାସ ଦମନ କରାଯାଇପାରିବ ଏବଂ ଫସଲ ଶୀଘ୍ର ବୁଣାଯାଇପାରିବ। ଅମ୍ଳ ମାଟିରେ ଚୂନ, କାଗଜକଳ ମଇଳା ଇତ୍ୟାଦି ମୃତ୍ତିକା ସଂଶୋଧନ ବ୍ୟବହାର କରନ୍ତୁ। ଫଳତଃ ଜମିରେ ଘାସ କମ୍ ହୋଇଥାଏ। ଅଧିକ ଜଳ ସଞ୍ଚିତ ହୁଏ ଓ ଅମଳ ଅଧିକ ହୋଇଥାଏ। ଏକକ ଫସଲ ପରିବର୍ତ୍ତେ ମିଶ୍ରିତ ବା ଅନ୍ତଃ ଫସଲ ଚାଷ କରନ୍ତୁ। ଢିପଜମିଗୁଡ଼ିକରେ କେବଳ ଧାନ ନ କରି ଅନ୍ୟ ଫସଲ ଯଥା-ମୁଗ, ବିରି, ହରଡ଼, ମାଣ୍ଡିଆ, ମକା ଆଦି ଫସଲ ଅନ୍ତଃ ଫସଲ ହିସାବରେ ନିଆଯାଇପାରେ। ବୁଣିବାବେଳେ ନାଳୀରେ ଖତ ପ୍ରୟୋଗ କରନ୍ତୁ। ମରୁଡ଼ି ସହିପାରୁଥିବା ଧାନ କିସମ ଯଥା-ଅନ୍ନଦା, ପଥରା, ଯୋଗେଶ, ଖଣ୍ଡଗିରି, କଳିଙ୍ଗ-୩, ହୀରା, ବନ୍ଦନା ଇତ୍ୟାଦି ବ୍ୟବହାର କରନ୍ତୁ।

## ଅଧିକ ଅମଳକ୍ଷମ ଭେଣ୍ଡି କିସମ



ବର୍ଷ ସାରା ଭେଣ୍ଡି ଲଗା ଯାଇପାରେ। ଉନ୍ନତ କିସମ ବିହନ ଲଗାନ୍ତୁ। ଯଥା-ଉତ୍କଳ, ଗୌରବ, ଅର୍କ, ଅନାମିକା, ଉପହାର, ପର୍ବାଣୀକ୍ରାନ୍ତି ଏବଂ ହାଇବ୍ରିଡ୍ ଜାତୀୟ ଯଥା-ବର୍ଷା, ବିଜୟ, ବିଶାଳ, ତାରା, ଆଧୁନିକ, ଅତ୍ୟାଧୁନିକ, ସୁପ୍ରିୟ ମଧ୍ୟ ଲଗାଇପାରିବେ। କିସମ ଅନୁସାରେ ଏକର ପ୍ରତି ୫ରୁ ୭ କି.ଗ୍ରା. ବିହନ(ଉନ୍ନତ କିସମ) ଓ ସଙ୍କର ଜାତୀୟ ପାଇଁ ୧୨୫୦ରୁ ୧୫୦୦ଗ୍ରାମ୍ ବିହନ ଦରକାର ହୁଏ। ଶେଷ ଓଡ଼ ଚାଷ ବେଳେ ଏକର ପ୍ରତି ୧୦ ଶଗଡ ଗୋବରଖତ, ୪୫କି.ଗ୍ରା. ଯବକ୍ଷାରଜାନ, ୨୫କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ଏବଂ ସଙ୍କର ଜାତୀୟ ପାଇଁ ୨୦-୨୫ ଶଗଡ଼ ଗୋବରଖତ, ୮୦କି.ଗ୍ରା. ଯବକ୍ଷାରଜାନ, ୪୦କି.ଗ୍ରା. ଫସ୍‌ଫରସ୍ ଓ ୪୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ। ଧାଡ଼ିକୁ ଧାଡ଼ି ୩୦ସେ.ମି. ଓ ଗଛକୁ ଗଛ ୪୫ସେ.ମି. ବ୍ୟବଧାନରେ ମଞ୍ଜି ପୋତନ୍ତୁ।

## ଡାଲିଜାତୀୟ ଫସଲ ଚାଷ



ଜମି ପ୍ରସ୍ତୁତ କରି ନିଗିଡ଼ା ଢିପ ଜମିମାନଙ୍କରେ ହେକ୍ଟର ପ୍ରତି ୨୫ କି.ଗ୍ରା. ମୁଗ ଓ ବିରି, ୧୫-୨୦ କି.ଗ୍ରା. ହରଡ଼ ଅଥବା ୨୦ କି.ଗ୍ରା. ବରଗୁଡ଼ି ବିହନ ଧାଡ଼ିରେ ବୁଣନ୍ତୁ । ହରଡ଼ରେ ଧାଡ଼ିକୁ ଧାଡ଼ି ୪୫-୬୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୨୦ ସେ.ମି., ମୁଗ ଓ ବିରି ଫସଲରେ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ଏବଂ ବରଗୁଡ଼ିରେ ଧାଡ଼ିକୁ ଧାଡ଼ି ୪୫ ସେ.ମି. ଓ ଗଛକୁ ଗଛ ୧୫ ସେ.ମି. ବ୍ୟବଧାନରେ ରଖିବା ଆବଶ୍ୟକ । ବୁଣିବା ପୂର୍ବରୁ ବିହନ ବିଶୋଧନ କରନ୍ତୁ ଓ ବିଶୋଧନର ୭ ଦିନ (ସପ୍ତାହେ) ପରେ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍‌ଚର ଗୋଳାଇ ଛାଇରେ ଶୁଖାଇ ସନ୍ଧ୍ୟା ସମୟରେ ବିହନ ବୁଣନ୍ତୁ । ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ବୁଣିବା ସମୟରେ ପ୍ରୟୋଗ କରନ୍ତୁ । ଅନୁମୋଦିତ କିସମର ବିହନ ବ୍ୟବହାର କରନ୍ତୁ ।

## ଅଂଶୁଘାତ ସମୟରେ ପ୍ରାଣୀଙ୍କ ଯତ୍ନ



ଅଂଶୁଘାତ ପାଇଁ ସତର୍କ ଓ ସାବଧାନ ରୁହନ୍ତୁ । ପ୍ରଚୁର ଥଣ୍ଡା ପାଣି ପିଇବାକୁ ଦିଅନ୍ତୁ। ଗୁହାଳକୁ ଥଣ୍ଡା ରଖିବା ସହ ସଙ୍କର ଜାତୀୟ ଗାଈ ଓ ମଇଁଷିକୁ ଦିନରେ ଥରେ କିମ୍ବା ଦୁଇଥର ଗାଧୋଇ ଦିଅନ୍ତୁ । ଖାଦ୍ୟରେ ୩୦ ଗ୍ରାମ୍ ଖଣିଜ ଲବଣ ମିଶାଇ ପ୍ରତ୍ୟେକ ଦିନ ଖାଇବାକୁ ଦିଅନ୍ତୁ । ଦିନ ୧୦ଟା ପରେ ଗୋରୁଙ୍କୁ ବାହାରକୁ ଚରିବା ପାଇଁ ଛାଡ଼ନ୍ତୁ ନାହିଁ । ଜୁନ୍ ମାସରେ ବର୍ଷା ଆସିଯିବ ଓ ବର୍ଷାଋତୁରେ ସାହାଣ ଓ ବଜବଜିଆ ରୋଗ ଅଧିକ ହୁଏ। ତେଣୁ ବର୍ଷାଋତୁ ପୂର୍ବରୁ ମେ ମାସରେ ସମସ୍ତ ଗାଈ, ବଳଦ ଓ ମଇଁଷିଙ୍କୁ ପ୍ରାଣୀ ଚିକିତ୍ସକଙ୍କ ସହାୟତାରେ ସାହାଣ, ବଜବଜିଆ ଓ ଫାଟୁଆ ରୋଗର ଟିକା ଦିଅନ୍ତୁ । ଦାନାକୁ ଯଥା ସମ୍ଭବ ସନ୍ଧ୍ୟା ସମୟରେ ଦେବାକୁ ଚେଷ୍ଟା କରନ୍ତୁ । ଏହି ସମୟରେ ଛେଳି ଓ ମେଣ୍ଢାଙ୍କୁ ଥଣ୍ଡା ପରିବେଶରେ ରଖନ୍ତୁ । ଦିନ ୧୦ଟା ପରେ ପଡ଼ିଆକୁ ଚରିବାକୁ ଛାଡ଼ନ୍ତୁ ନାହିଁ । ଯଥେଷ୍ଟ ପରିମାଣର ପିଇବା ପାଣି ଯୋଗାଇ ଦିଅନ୍ତୁ । ପିପିଆର୍ ଟିକା, ଏଣ୍ଟାରୋଟକ୍ସେମିଆ ଓ ଛେଳି ବସନ୍ତ ଟିକା ଦିଅନ୍ତୁ । ପ୍ରତ୍ୟେକ ଦିନ ୫ ରୁ ୧୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ଖାଇବାକୁ ଦିଅନ୍ତୁ । ଛେଳି ଓ ମେଣ୍ଢାମାନେ ଦିନସାରା ଚରିଲେ ମଧ୍ୟ ମେ ମାସରେ ଯଥେଷ୍ଟ ଘାସ ପାଆନ୍ତି ନାହିଁ। ତେଣୁ ପ୍ରତି ଛେଳି ବା ମେଣ୍ଢାକୁ ଓଜନ ହିସାବରେ ଏହି ମାସରେ ଦିନକୁ ୧୦୦ ରୁ ୨୦୦ ଗ୍ରାମ୍ ଦାନା ଦେବା ଆବଶ୍ୟକ।

## ପାଳଛତୁ ପାଇଁ କୁଣ୍ଡ ପ୍ରସ୍ତୁତି

ପାଳଛତୁ ଚାଷ ଲାଗି କୌଣସି ଏକ କୁଣ୍ଡ କିମ୍ବା ବଡ଼ ଓସାରିଆ ଟିଣପାତ୍ରରେ (ଆଖୁରସ ରାନ୍ଧିବା ଟିଣ ହେଲେ ଭଲ) ୧୦୦ ଲିଟର ପାଣି ନିଅନ୍ତୁ। ସେଥିରେ ୮ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ଦିଅନ୍ତୁ। ସେହି ପାଣିରେ ନଡ଼ାବିଡ଼ାଗୁଡିକୁ (୩୦ ବିଡ଼ା) ୧୨ ରୁ ୧୬ ଘଣ୍ଟା ପର୍ଯ୍ୟନ୍ତ ବତୁରାଇ ଦିଅନ୍ତୁ। ତା' ପରେ ନଡ଼ା ଛାଣି ନଡ଼ାରୁ ଅଧିକ ପାଣି ନିଗାଡ଼ିଦେବା ପାଇଁ ବିଡ଼ାଗୁଡିକୁ ୨ରୁ ୩ ଘଣ୍ଟା ପର୍ଯ୍ୟନ୍ତ ଛାଇରେ ଛିଡ଼ାକରି ରଖନ୍ତୁ। ବୋତଲ ବା ପ୍ୟାକେଟରୁ ଛତୁ ମଞ୍ଜିକୁ ଅଗବଙ୍କା ହୋଇଥିବା ଲୁହାଖାଡ଼ି ସାହାଯ୍ୟରେ କିମ୍ବା ବୋତଲ ଭାଙ୍ଗି ବାହାରକରି ତାକୁ ଭାଗ କରନ୍ତୁ। ଭାଡ଼ି ଉପରେ ପ୍ରଥମେ ପୂର୍ବ ପଶ୍ଚିମ ଭାବରେ ୯ ଇଞ୍ଚ ବହଳରେ ୯ ଭିଜା ବିଡ଼ା ନଡ଼ାକୁ ଖୋଲି ବିଛାଇ ଦିଅନ୍ତୁ। ଯେପରି ନଡ଼ା ମୂଳ ଭାଗ ବାହାରକୁ ରହିବ। ତା'ପରେ ସେହି ଛତୁ ମଞ୍ଜି ଖଣ୍ଡଗୁଡିକ ଉପରେ ୧ ଭାଗ ବୁଟଗୁଣ୍ଡ ବା ହରଡ଼ ଗୁଣ୍ଡ ବୁଣି ଦିଅନ୍ତୁ। ବର୍ତ୍ତମାନ ଦ୍ୱିତୀୟ ସ୍ତର ନଡା(୯ ବିଡାକୁ) ୯ ଇଞ୍ଚ ବହଳରେ ଉତ୍ତର ଦକ୍ଷିଣ ଭାବେ ବିଛାନ୍ତୁ। ଠିକ୍ ପୂର୍ବ ପରି ଛତୁ ମଞ୍ଜି ଓ ବୁଟଗୁଣ୍ଡ ବା ହରଡ଼ ଗୁଣ୍ଡ ପ୍ରୟୋଗ କରନ୍ତୁ। ତା' ପରେ ତୃତୀୟ ସ୍ତର ନଡ଼ା (୯ ବିଡ଼ାକୁ) ୯ ଇଞ୍ଚ ବହଳରେ ପୂର୍ବ ପଶ୍ଚିମ ଭାବେ ବିଛାନ୍ତୁ। ଏହା ପରେ ଦ୍ୱିତୀୟ ଭାଗ ଛତୁ ମଞ୍ଜିକୁ ପୂର୍ବ ପରି ଚାରିକଡେ ଓ ମଝିରେ ମଧ୍ୟ ରଖନ୍ତୁ। ପୁଣି ବଳକା ଦ୍ୱିତୀୟ ଭାଗ ବୁଟଗୁଣ୍ଡ ବା ହରଡ଼ଗୁଣ୍ଡ ପ୍ରୟୋଗ କରନ୍ତୁ। ଶେଷରେ ରହିଥିବା ୩ ବିଡା ନଡାକୁ ଏହି ତୃତୀୟ ସ୍ତର ଉପରେ ଉତ୍ତର ଦକ୍ଷିଣ ଭାବରେ (ଚତୁର୍ଥ ସ୍ତର)୨ - ୩ ଇଞ୍ଚ ବହଳରେ ବିଛାଇ ଦିଅନ୍ତୁ। ବର୍ତ୍ତମାନ ଏହି ଛତୁ ବେଡ୍ ବା ଛତୁ ପଟିକୁ ପଲିଥିନ୍ ଚାଦର ଦ୍ୱାରା ସମ୍ପୂର୍ଣ୍ଣ ଘୋଡ଼ାଇ ଦିଅନ୍ତୁ। ୭ ରୁ ୮ ଦିନ ପରେ ଏହି ପଲିଥିନ୍ ଚାଦରକୁ କାଢ଼ି ଦିଅନ୍ତୁ। ପଲିଥିନ୍ କାଢ଼ିବାର ଦିନକ ପରେ ପ୍ରତିଦିନ ସ୍ପ୍ରେୟର ଦ୍ୱାରା କିମ୍ବା ଝରା ଦ୍ୱାରା ୩ - ୪ ଥର ପାଣି ସ୍ପ୍ରେ କରନ୍ତୁ।



## ଫଳଚାରା ଲଗାଇବା ସମୟରେ...



ଆମ୍ବ, ଲେମ୍ବୁ, କମଳା, ପିଜୁଳି, ସପେଟା, କଦଳୀ, ନଡ଼ିଆ, ଲିଚୁ ଆଦି ଫଳଗଛ ଲଗାଇବା ପାଇଁ ଏବେଠାରୁ ଜମି ପ୍ରସ୍ତୁତ କରନ୍ତୁ। ଏଥିପାଇଁ ନିମ୍ନ ପରିମାପର ଗାତ ଖୋଳି କିଛିଦିନ ପାଇଁ ଛାଡ଼ି ଦିଅନ୍ତୁ । ବିଭିନ୍ନ ଫଳଗଛ ପାଇଁ ଗାତର ଆକାର ହେଲା:- ଆମ୍ବ ଓ ସପେଟା - ୧ ମି. x ୧ ମି. x ୧ ମି., ନଡ଼ିଆ - ୧ ମି. x ୧ ମି. x୧ ମି. , କଦଳୀ - ୦.୫ ମି. x ୦.୫ ମି.x ୦.୫ ମି. , କମଳା/ଲେମ୍ବୁ - ୦.୬ ମି. x ୦.୬ ମି. x ୦.୬ ମି.। ଗାତ ଖୋଳି ଉପର ୬ ଇଞ୍ଚ ମାଟିକୁ ଏକ ପଟେ ଓ ତଳମାଟିକୁ ବିପରୀତ ଦିଗରେ ରଖନ୍ତୁ । ଅନାବନା କାଠିକୁଟା ଓ ପତ୍ର ପକାଇ ଗାତ ଭିତରେ ନିଆଁ ଲଗାଇ ଦିଅନ୍ତୁ। ଗାତ ପ୍ରତି ୨ ଝୁଡ଼ି ଗୋବରଖତ, ୧୦୦ ଗ୍ରାମ୍ ଫସ୍‌ଫରସ୍ ଓ ୬୦ ଗ୍ରାମ୍ ପଟାସ୍ ସାର ଦିଅନ୍ତୁ। ଏସବୁକୁ ଉପର ମାଟିରେ ଫେଣ୍ଟି ଉପର ମାଟି ତଳେ ଓ ତଳମାଟି ଉପରେ ରଖି ପ୍ରାକୃତିକ ଉପାୟରେ ବିଘଟିତ ହେବା ପାଇଁ ଛାଡ଼ି ଦିଅନ୍ତୁ। ଅନ୍ୟପକ୍ଷରେ ନର୍ସରି ପାଇଁ ଆମ୍ବ ଟାକୁଆ ସଂଗ୍ରହକରି ଚାରା ପକାନ୍ତୁ । ଆମ୍ବ ଚାରାକୁ ପଲିଥିନ୍‌ରେ ଭରନ୍ତୁ। ଅମୃତଭଣ୍ଡା ଚାରାକୁ ପଲିଥିନ୍‌ରେ ଭରି ଛାଇରେ ରଖନ୍ତୁ। ମାଆ ଗଛଗୁଡ଼ିକରେ ପ୍ରଥମ ଦଫା ସାର, ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ନୂତନ ଗଛଗୁଡ଼ିକରେ ଛାଇ ପ୍ରଦାନ ସହିତ ଜଳସେଚନ କରନ୍ତୁ । ମଞ୍ଜି ନଡ଼ିଆକୁ ନର୍ସରିରେ ପୋତନ୍ତୁ । ସପେଟା କଲମୀ କରନ୍ତୁ । ବାତ୍ୟାରେ ଭାଙ୍ଗି ପଡ଼ିଥିବା ଡାଳପତ୍ର ସବୁକୁ ବଗିଚାରୁ ସଫାକରି କମ୍ପୋଷ୍ଟ ଖାତରେ ଭରି ଦିଅନ୍ତୁ।

## ଧାନ ବିହନ ବୁଣିବା ସମୟରେ...

ଧାନଚାଷ କରିବା ପୂର୍ବରୁ ଜମିକୁ ଗଭୀର ଚାଷ କରି ମାଟିକୁ ଗୁଣ୍ଡ କରନ୍ତୁ ଓ ମଇ ଦେଇ ସମତୁଲ କରନ୍ତୁ । ଶେଷ ଓଡ଼ ଚାଷ ବେଳେ ହେକ୍ଟର ପ୍ରତି ୧୦ ଗାଡ଼ି ଶଢ଼ା ଗୋବରଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ଛଟାବୁଣା ନ କରି ବିହନ ବୁଣା ଯନ୍ତ୍ର ସାହାଯ୍ୟରେ ଅଥବା ଲଙ୍ଗଳ ସିଆରରେ ୨-୩ ସେ.ମି. ଗଭୀରରେ ଓ ଧାଡ଼ିରେ ବିହନ ବୁଣନ୍ତୁ। ବୁଣିସାରି ଥରେ ମଇ ଦେଇ ଦିଅନ୍ତୁ । ସହଳ କିସମରେ ଧାଡ଼ିକୁ ଧାଡ଼ି ୧୫ ସେ.ମି. ଓ ବିଳମ୍ବ କିସମରେ ୨୦ ସେ.ମି. ବ୍ୟବଧାନ ରଖନ୍ତୁ । ହେକ୍ଟର ପ୍ରତି ୮୦ କି.ଗ୍ରା. ବିହନ ବିଶୋଧନ କରି ବୁଣନ୍ତୁ। ଯେଉଁଠାରେ ଜଳର ସୁବିଧା ଅଛି ରୋଇବା ନିମନ୍ତେ ତଳିଘରା ପ୍ରସ୍ତୁତ କରନ୍ତୁ । ୧ ହେକ୍ଟର ପାଇଁ ତଳି ଉତାରିବା ନିମନ୍ତେ ଆବଶ୍ୟକ ୨୫ ଡେସିମିଲି ତଳିଘରାରେ ୧ ମିଟର ଚଉଡ଼ାର ପଟି କରି ମଝିରେ ମଝିରେ ୩୦ ସେ.ମି. ଚଉଡ଼ାର ନାଳି ଛାଡ଼ନ୍ତୁ । ତଳି ପଟିଗୁଡ଼ିକରେ ଆବଶ୍ୟକ ହେଉଥିବା ୫୦ କି.ଗ୍ରା. ଅଧିକ ଅମଳକ୍ଷମ ନଚେତ୍ ୧୫ କି.ଗ୍ରା. ସଙ୍କର କିସମ ଓଦା ତଳିଘରାରେ ଗଜା ଫିଟିଥିବା ବିହନ ବୁଣନ୍ତୁ । ଦୋରସା ମାଟି ଥିବା ବର୍ଷାଧାରିତ ଜମିରେ ଶୁଖିଲା ତଳି ପଟି ମଧ୍ୟ କରାଯାଇପାରିବ । ଏଣୁ ଶୁଖିଲା ତଳି ପଟିରେ ଧାଡ଼ିରେ ୧୦ ସେ.ମି. ବ୍ୟବଧାନରେ ବିହନ ବୁଣନ୍ତୁ ଏବଂ ଖତ ଓ ମାଟି ମିଶାଇ ଘୋଡ଼ାଇ ଦିଅନ୍ତୁ । ତଳି ପତ୍ର ଫିଟିଗଲେ ତଳିପଟିରେ ଧୀରେ ଧୀରେ ଜଳର ସ୍ତର ବୃଦ୍ଧି କରନ୍ତୁ । ଗଜାହେବା ପାଇଁ ମାଟିରେ ଯଥେଷ୍ଟ ବତର ଥାଇ ବୁଣିବା ଆବଶ୍ୟକ । ସାଧାରଣତଃ ଖରିଫ୍/ବର୍ଷାଋତୁରେ ମୋଟ ୬୦ ମି.ମି. ବର୍ଷା ହେବାପରେ ହିଁ ବୁଣାବୁଣି କାର୍ଯ୍ୟ କରନ୍ତୁ । ଯେଉଁ ଜମିଗୁଡ଼ିକରେ ଘାସ ଉପଦ୍ରବ ଦେଖାଦେଇଛି ବିଶେଷକରି ଢିପ ଜମିରେ ଘାସମରା ଔଷଧ ବ୍ୟବହାରକରି ଘାସ ଦମନ କରନ୍ତୁ । ଏଥିପାଇଁ ଢିପଜମିରେ ହେକ୍ଟର ପ୍ରତି ବୁଟାକ୍ଲୋର କିମ୍ବା ପ୍ରେଟିଲାକ୍ଲୋର ୧ ଲିଟର (ସକ୍ରିୟ ଉପାଦାନ) ୫୦୦ ଲିଟର ପାଣିରେ ମିଶାଇ ସ୍ପ୍ରେୟରରେ ବୁଣିବାର ୨-୩ ଦିନ ପରେ ମାଟିରେ ବତର ଥିବା ଅବସ୍ଥାରେ ସିଞ୍ଚନ କରନ୍ତୁ । ରୋଇବା ପାଇଁ ଉଦ୍ଦିଷ୍ଟ ଜମିରେ ହେକ୍ଟର ପ୍ରତି ୨୫ କି.ଗ୍ରା. ଧନିଚା ବୁଣନ୍ତୁ । ଜଳସେଚିତ ଜମିଗୁଡ଼ିକରେ ଜଳର ସୁବିଧା ଥିଲେ ସବୁଜ ସାର ନିମିତ୍ତ ଆଜୋଲା ବଢ଼ାନ୍ତୁ । ସାଧାରଣ ଉର୍ବର ଜମିରେ ବୁଣାବେଳେ ହେକ୍ଟର ପ୍ରତି ୧୫ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୧୫ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ ।



ଧରିତ୍ରୀ
DHARITRI
ଧରିତ୍ରୀ 50 Years
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଏପ୍ରିଲ ୨୪/୨୦୨୪ Bhubaneswar, Wednesday, April 24/ 2024


କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ଆଇଏସ୍ଏଲ୍ ମ୍ୟାଚ୍ ଅବସରରେ ଉଲ୍ଲସିତ ଓଡ଼ିଶା ଏଫ୍‌ସି ପ୍ରଶଂସକ।


ଓଏଫ୍‌ସି ମ୍ୟାଚ୍ ଜିତିବା ପରେ ଗୋଲ୍‌କିପର ଅମରିନ୍ଦର ସିଂଙ୍କ ପ୍ରତିକ୍ରିୟା। (ଫଟୋ: ବିକାଶ ନାୟକ)

# ମୋହନ ବାଗାନ ବିପକ୍ଷରେ ଓଏଫ୍‌ସିର ସର୍ବପ୍ରଥମ ବିଜୟ

**ଭୁବନେଶ୍ୱର, ୨୩।୪**
**(ତପନ ସ୍ୱାଇଁ)**

ପ୍ରଥମ ଥରପାଇଁ ଇଣ୍ଡିଆନ ସୁପର ଲିଗ୍ (ଆଇଏସଏଲ୍)ର ସେମିଫାଇନାଲରେ ପ୍ରବେଶ କରିଥିବା ଓଡ଼ିଶା ଏଫ୍‌ସି ସଫଳତା ଧାରାକୁ ଗୋଟିଏ ପାଦ ଆଗେଇ ନେଇଛି। ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ସେମିଫାଇନାଲ-୧ ମ୍ୟାଚରେ ଘରୋଇ ଦଳ ୨-୧ ଗୋଲରେ ଟେବୁଲ ଟପ୍ପର ମୋହନ ବାଗାନ ସୁପର ଜାଏଣ୍ଟକୁ ପରାସ୍ତ କରିଛି। ଆଇଏସ୍ଏଲ୍ ଇତିହାସରେ ମୋହନ ବାଗାନ ବିପକ୍ଷରେ ଓଡ଼ିଶା ଏଫ୍‌ସିର ଏହା ପ୍ରଥମ ବିଜୟ। ପୂର୍ବରୁ ୯ ମ୍ୟାଚ ହୋଇଥିଲେ ହେଁ ଓଡ଼ିଶା ଏଫ୍‌ସି କେବେ ବିଜୟ ସ୍ୱାଦ ଚାଖି ନ ଥିଲା। ଏହି ବିଜୟ ସହ ଚଳିତ ସିଜନରେ ଘରୋଇ ପରିବେଶରେ ଓଡ଼ିଶା ଏଫ୍‌ସି ଏହାର ଅପରାଜେୟ ରେକର୍ଡ ବଜାୟ ରଖିଛି। ଦୁଇ ଦଳ ମଧ୍ୟରେ ସେମିଫାଇନାଲ-୨ ଆସନ୍ତା ୨୮ ତାରିଖରେ କୋଲକାତାର ବିବେକାନନ୍ଦ ଯୁବ ଭାରତୀ କ୍ରୀଡ଼ାଙ୍ଗନରେ ଅନୁଷ୍ଠିତ ହେବ। ୨ଟି ସେମିଫାଇନାଲ ପରେ ଏଗ୍ରିଗେଟ୍‌ରେ ଗୋଲ ବ୍ୟବଧାନ ଯେଉଁ ଦଳ ଆଗରେ ରହିବ ସେ ଫାଇନାଲରେ ପ୍ରବେଶ କରିବ।

ମ୍ୟାଚ ଆରମ୍ଭରୁ ଆକ୍ରମଣ ଆରମ୍ଭ କରି ସଫଳ ହୋଇଥିଲା ମୋହନ ବାଗାନ। ୩ୟ ମିନିଟରେ ଡିମିଟ୍ରି ପେଟ୍ରାଟୋସଙ୍କଠାରୁ ପାଇଥିବା ପାସ୍‌କୁ ହେଡ୍ ଜରିଆରେ ଗୋଲରେ ପରିଣତ କରିଥିଲେ ମନଭିର ସିଂ। ଫଳରେ ଜାଏଣ୍ଟ ୧-୦ରେ ଅଗ୍ରଣୀ ହାସଲ କରିଥିଲା। ମାତ୍ର ମୋହନ ବାଗାନ ଅଗ୍ରଣୀ ମୋମେଣ୍ଟମକୁ ବେଶୀ ସମୟ ରଖିପାରି ନ ଥିଲା। ୧୧ତମ ମିନିଟରେ ଏକ କର୍ନରରୁ ପାଇଥିବା ବଲ୍‌କୁ ଅହମଦ ଜାହୋଉ କ୍ରସ୍ ପାସ୍ ଦେଇଥିବାବେଳେ କାର୍ଲୋସ ଡେଲଗାଡୋ ବାମ ପାଦରେ ବଲ୍‌କୁ ପ୍ରତିପକ୍ଷ ଗୋଲପୋଷ୍ଟରେ ଭର୍ତ୍ତି କରିବାରେ ସକ୍ଷମ ହୋଇଥିଲେ। ଫଳରେ ମ୍ୟାଚ ୧-୧ ସ୍ଥିତିକୁ ଚାଲି ଆସିଥିଲା। ଏହାପରେ ଅଗ୍ରଣୀ ନେବାପାଇଁ ଉଭୟ ଦଳ ଆକ୍ରମଣକୁ ଜୋରଦାର କରିଥିଲେ। ବିପକ୍ଷ ଖେଳାଳିଙ୍କୁ ଫାଉଲ ମାରିବାରୁ ୨୩ତମ ମିନିଟରେ ୟେଲୋ କାର୍ଡ ପାଇଥିଲେ ଓଡ଼ିଶା ଏଫ୍‌ସିର ଅହମଦ ଜାହୋଉ। ସମାନ କାରଣ ଯୋଗୁ ୨୯ତମ ମିନିଟରେ ମୋହନ ବାଗାନର ଅଭିଷେକ ସୂର୍ଯ୍ୟବଂଶୀଙ୍କୁ ମଧ୍ୟ ୟେଲୋ କାର୍ଡ ମିଳିଥିଲା। ପ୍ରଥମାର୍ଦ୍ଧର ଶେଷ ଭାଗରେ ଘରୋଇ ଦର୍ଶକଙ୍କ କୋଳାହଳରେ ଉତ୍ସାହିତ ହୋଇ ଓଡ଼ିଶା ଏଫ୍‌ସି ଚମତ୍କାର ପ୍ରଦର୍ଶନ କରିଥିଲା। ୩୯ତମ ମିନିଟରେ ଦଳପାଇଁ ଶୁଭଲକ୍ଷଣ ଆସିଥିଲା। ରୟ କ୍ରିଷ୍ଣା ବକ୍ସ ଏରିଆରେ ବିପକ୍ଷ ଦଳର ଗୋଲପୋଷ୍ଟ ମଧ୍ୟଭାଗରୁ ଡାହାଣ ପାଦରେ ମାରିଥିବା ଶକ୍ତିଶାଳୀ ଶଟ୍ ପ୍ରତିପକ୍ଷ ଗୋଲକିପରଙ୍କୁ ଚକ୍‌ମା ଦେବାରେ ପର୍ଯ୍ୟାପ୍ତ ହୋଇଥିଲା। ପ୍ରଥମାର୍ଦ୍ଧର ଶେଷ କେତୋଟି ମିନିଟରେ ବଲ୍‌କୁ ନିଜ ସପକ୍ଷକୁ ନେବାପାଇଁ ସଂଘର୍ଷ ବଢ଼ିଥିଲା। ଫଳରେ ୪୫+୬ ମିନିଟରେ ମୋହନ ବାଗାନର ଅର୍ମାଣ୍ଡୋ ସାଦିକୁ ଏବଂ ଓଡ଼ିଶା ଏଫ୍‌ସିର ଆମି ରାନାୱାଡେ ୟେଲୋ କାର୍ଡ ପାଇଥିଲେ।

ଦ୍ୱିତୀୟାର୍ଦ୍ଧରେ ଗୋଲ ପରିଶୋଧ ପାଇଁ ମୋହନ ବାଗାନ ଭରପୂର ଉଦ୍ୟମ କରିଥିଲା। ୫୮ତମ ମିନିଟରେ ହ୍ୟାଣ୍ଡବଲ ପାଇଁ ଓଡ଼ିଶା ଏଫ୍‌ସିର କାର୍ଲୋସ ଡେଲଗାଡୋ ୟେଲୋ କାର୍ଡ ପାଇଥିଲେ। ୬୭ତମ ମିନିଟରେ ବିପଜ୍ଜନକ ଫାଉଲ ପାଇଁ ମୋହନ ବାଗାନର ଅର୍ମାଣ୍ଡୋ ସାଦିକୁଙ୍କୁ ରେଫରି ଦ୍ୱିତୀୟ ୟେଲୋ ସହ ରେଡ୍ କାର୍ଡ ଦେଇଥିଲେ। ଫଳରେ କୋଲକାତା ଦଳ ୧୦ ସଦସ୍ୟ ବିଶିଷ୍ଟ ହୋଇ ଯାଇଥିଲା। ୭୪ତମ ମିନିଟରେ ଓଡ଼ିଶା ଏଫ୍‌ସିର କାର୍ଲୋସ ଡେଲଗାଡୋ ମଧ୍ୟ ସମାନ ଦଶା ଭୋଗିଥିଲେ। ହ୍ୟାଣ୍ଡବଲ ପାଇଁ ଦ୍ୱିତୀୟ ୟେଲୋ ସହ ରେଡ୍ କାର୍ଡ ପାଇବାରୁ ଘରୋଇ ଦଳ ମଧ୍ୟ ୧୦ ଜଣିଆରେ ପରିଣତ ହୋଇଥିଲା। ଶେଷ ୨୫ ମିନିଟରେ ଉଭୟ ଦଳ ଏକାଧିକ ଖେଳାଳି ବଦଳ କରିଥିଲେ ହେଁ ଆଉ ଗୋଲ ହୋଇପାରି ନ ଥିଲା। ୯୦+୪ ମିନିଟରେ ରେଫରିଙ୍କ ହୁଇସିଲ ବାଜିବାକ୍ଷଣି ଓଡ଼ିଶା ଏଫ୍‌ସି ଖେଳାଳିଙ୍କ ଆନନ୍ଦ ଉଲ୍ଲାସ ଆରମ୍ଭ ହୋଇ ଯାଇଥିଲା।


ଓଡ଼ିଶା ଏଫ୍‌ସି ଓ ମୋହନ ବାଗାନ ସୁପର ଜାଏଣ୍ଟ ମଧ୍ୟରେ ଅନୁଷ୍ଠିତ ଆଇଏସ୍ଏଲ୍ ସେମିଫାଇନାଲ-୧ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

**ଇଣ୍ଡିଆନ ସୁପରଲିଗ୍**
- ସେମିଫାଇନାଲ ପ୍ରଥମ ଚରଣରେ ୨-୧ରେ ବିଜୟୀ
- ଚଳିତ ସିଜନରେ କଳିଙ୍ଗରେ ଘରୋଇ ଦଳ ଅପରାଜେୟ

## ଫାଇନାଲ ପାଇଁ ସମ୍ଭାବ୍ୟ ଭେନ୍ୟୁ ତାଲିକା ପ୍ରକାଶିତ

**ମୁମ୍ବାଇ, ୨୩।୪:** ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍) ପକ୍ଷରୁ ଫାଇନାଲ ମ୍ୟାଚ ପାଇଁ ସମ୍ଭାବ୍ୟ ଭେନ୍ୟୁ ତାଲିକା ମଙ୍ଗଳବାର ପ୍ରକାଶିତ ହୋଇଛି। ଫାଇନାଲକୁ ଯେଉଁ ଦୁଇ ଦଳ ଉନ୍ନୀତ ହେବେ ସେମାନଙ୍କ ମଧ୍ୟରୁ ଲିଗ୍ ପର୍ଯ୍ୟାୟରେ ଉଚ୍ଚ ର୍ୟାଙ୍କ୍‌ରେ ଥିବା ଦଳର ହୋମ୍ ଗ୍ରାଉଣ୍ଡରେ ଫାଇନାଲ ହେବ। ଆସନ୍ତା ଶନିବାର ଫାଇନାଲ ଅନୁଷ୍ଠିତ ହେବ। ଗତ ୧୫ ତାରିଖରେ ମୁମ୍ବାଇ ସିଟି ଏଫ୍‌ସିକୁ ହରାଇ ମୋହନ ବାଗାନ ସୁପର ଜାଏଣ୍ଟ ଟେବୁଲର ଶୀର୍ଷରେ ରହିବା ସହ ଲିଗ୍ ଶିଲ୍ଡ ହାସଲ କରିଛି। ମୁମ୍ବାଇ ଏଫ୍‌ସି ଦ୍ୱିତୀୟରେ ରହିଥିବାବେଳେ ଏଫ୍‌ସି ଗୋଆ ତୃତୀୟ ସ୍ଥାନରେ ରହି ଲିଗ୍ ପର୍ଯ୍ୟାୟ ଶେଷ କରିଛି। ଅର୍ଥାତ୍ କୋଲକାତା, ମୁମ୍ବାଇ ଓ ଗୋଆ ଆଇଏସଏଲ୍ ଫାଇନାଲ ଭେନ୍ୟୁ ତାଲିକାରେ ରହିଛନ୍ତି। ଭେନ୍ୟୁ ସ୍ପଷ୍ଟ ହେବା ପରେ ଟିକେଟ ବିକ୍ରି ପ୍ରକ୍ରିୟା ଆରମ୍ଭ ହେବ। ସେମିଫାଇନାଲ ଦୁଇ ପର୍ଯ୍ୟାୟ ବିଶିଷ୍ଟ ହେଉଛି। ଏଥିରେ ମୋହନ ବାଗାନ ସୁପର ଜାଏଣ୍ଟ-ଓଡ଼ିଶା ଏଫ୍‌ସି ଏବଂ ମୁମ୍ବାଇ ସିଟି ଏଫ୍‌ସି-ଏଫ୍‌ସି ଗୋଆ ମଧ୍ୟରେ ମୁକାବିଲା ହେଉଛି। ଦୁଇ ସେମିଫାଇନାଲର ବିଜେତା ମେ' ୪ରେ ଫାଇନାଲରେ ଅବତୀର୍ଣ୍ଣ ହେବେ।

**ଆଇଏସ୍ଏଲ୍**

# ପବିତ୍ର ସାହୁଙ୍କୁ ବ୍ରୋଞ୍ଜ ପଦକ

**ଭୁବନେଶ୍ୱର, ୨୩।୪**
**(ବିଜୟ ରଣା)**

ଚଳିତମାସ ୨୦ରୁ୨୩ ତାରିଖ ପର୍ଯ୍ୟନ୍ତ ଥାଇଲାଣ୍ଡରେ ଅନୁଷ୍ଠିତ ବିଶ୍ୱ ଜୁନିୟର ହୁଇଲ ଚେୟାର ଫେନ୍‌ସିଂ ଚାମ୍ପିୟନଶିପ୍‌ରେ ଓଡ଼ିଶାର ପବିତ୍ର ସାହୁ ଇପି ବ୍ୟକ୍ତିଗତ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ସେ ପ୍ରି-କ୍ୱାଟରଫାଇନାଲରେ ହଂକଂର ଲିସୁଂହୋ କୁ ୧୫ -୪ ପଏଣ୍ଟ ରେ ପରାଜିତ କରିଥିଲେ। ପରେ କ୍ୱାର୍ଟର ଫାଇନାଲରେ ସେ ଇରାକର ଅହମଦ ହାଇଦରଙ୍କୁ ୧୫-୯ରେ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲେ। ସେମିଫାଇନାଲରେ କିନ୍ତୁ ସେ ଥାଇଲାଣ୍ଡ ସାଇ ସିମ ଫୁଫାଙ୍କ ଠାରୁ ୪-୧୫ ପଏଣ୍ଟରେ ହାରି ତାଙ୍କୁ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ସୂଚନାଯୋଗ୍ୟ, ପବିତ୍ର ରୋପ୍ୟ ପଦକ ଜିତି ପ୍ରଥମ ଭାରତୀୟ ଭାବେ ଜୁନିୟର ଚାମ୍ପିୟନଶିପ୍‌ରେ ଏହି ସଫଳତା ପାଇଛନ୍ତି। ପାରା ସ୍ପୋର୍ଟ୍ସ ଆସୋସିଏଶନ, ଓଡ଼ିଶାର ସଭାପତି କମଳାକାନ୍ତ ରଥ ଓ ହୁଇଲ ଚେୟାର ଫେନ୍‌ସିଂ, ଓଡିଶାର ଚେୟାର ପର୍ସନ ବେଲା ଜୟସ୍ୱାଲ ପବିତ୍ର ସାହୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।


ପଦକ ସହ ପବିତ୍ର ସାହୁ।

# ଷ୍ଟୋଇନିସ୍‌ଙ୍କ ଶତକରେ ଲକ୍ଷ୍ନୌ ବିଜୟୀ

**ଚେନ୍ନାଇ, ୨୩।୪**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଦୁଇ ଦଳର ଖେଳାଳି ଶତକ ହାସଲ କରିଥିବାବେଳେ ଋତୁରାଜ ଗାଏକ୍ୱାଡ଼୍‌ଙ୍କ ଉପରେ ଭାରି ପଡ଼ିଛନ୍ତି ମାର୍କୁସ ଷ୍ଟୋଇନିସ। ଗାଏକ୍ୱାଡଙ୍କ ଶତକ ସହାୟତାରେ ଚେନ୍ନାଇ ସୁପର କିଙ୍ଗ୍ସ ୨୦ ଓଭରରେ ୪ ଉଇକେଟ ହରାଇ ୨୧୦ ରନ କରିଥିଲା। ଜବାବରେ ମାର୍କୁସ ଷ୍ଟୋଇନିସଙ୍କ ଅପରାଜିତ ଶତକ ବଳରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୧୯.୩ ଓଭରରେ ୪ ଉଇକେଟ ହରାଇ ୨୧୩ ରନ ସଂଗ୍ରହ କରି ନେଇଥିଲା। ୮ ମ୍ୟାଚରୁ ୫ମ ବିଜୟ ସହ ଲକ୍ଷ୍ନୌ ଦଳ ପଏଣ୍ଟ ଟେବୁଲର ୪ର୍ଥ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ଚେନ୍ନାଇ ୮ ମ୍ୟାଚରୁ ୪ର୍ଥ ପରାଜୟ ସହ ୫ମ ସ୍ଥାନକୁ ଖସିଛି।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଚେନ୍ନାଇ ମାତ୍ର ୪ ରନରେ ଅଜିଙ୍କ୍ୟ ରାହାନେ ଓ ୪୯ ରନରେ ଡାରିଲ ମିଚେଲଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ରାହାନେ ୧ ଓ ମିଚେଲ ୧୧ ରନ କରିଥିଲେ। ରବୀନ୍ଦ୍ର ଜାଡେଜା ମଧ୍ୟ ଅଧିକ ସମୟ ତିଷ୍ଠି ନ ପାରି ୧୬ ରନ କରି ପ୍ୟାଭିଲିୟନ ଫେରିଥିଲେ। ୪ର୍ଥ ଉଇକେଟରେ ଗାଏକ୍ୱାଡ୍ ଓ ଶିବମ୍ ଦୁବେ ମାତ୍ର ୪୬ ବଲ୍‌ରୁ ୧୦୪ ରନ ଯୋଗ କରିବାରୁ ଚେନ୍ନାଇ ସ୍କୋର ୨୦୦ ଅତିକ୍ରମ କରି ଯାଇଥିଲା। ବିସ୍ଫୋରକ ବ୍ୟାଟିଂ କରି ମାତ୍ର ୨୭ ବଲ୍‌ରୁ ଶିବମ୍ ଦୁବେ ୬୬ ରନ କରିଥିବାବେଳେ ଦୁର୍ଭାଗ୍ୟଜନକଭାବେ ରନ୍‌ଆଉଟ ହୋଇ ଯାଇଥିଲେ। ତାଙ୍କ ଇନିଂସରେ ୩ ଚୌକା ଓ ୭ ଛକା ସାମିଲ ଥିଲା। ଏହି ଅବସରରେ ସେ ଚେନ୍ନାଇ ପକ୍ଷରୁ ଆଇପିଏଲ୍‌ରେ ୧୦୦୦ ରନ ପୂରଣ କରିଥିଲେ। ଗାଏକ୍ୱାଡ୍ ୬୦ ବଲ୍‌ରୁ ୧୦୮ (୧୨ ଚୌକା, ୩ ଛକା) ରନରେ ଅପରାଜିତ ରହିଥିଲେ। ମହେନ୍ଦ୍ର ସିଂ ଧୋନୀ ମାତ୍ର ଗୋଟିଏ ବଲ୍‌ର ସମ୍ମୁଖୀନ ହେବାର ସୁଯୋଗ ପାଇଥିଲେ। ଏହାକୁ ସେ ଚୌକାରେ ପରିଣତ କରି ଦର୍ଶକଙ୍କ ମନ ଜିତିଥିଲେ। ଲକ୍ଷ୍ନୌ ପକ୍ଷରୁ ମ୍ୟାଟ ହେନରି ମହସିନ ଖାଁ ଓ ୟଶ୍ ଠାକୁର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଚେନ୍ନାଇପରି ଲକ୍ଷ୍ନୌ ଦଳର ଆରମ୍ଭ ମଧ୍ୟ ଭଲ ହୋଇ ନ ଥିଲା। କ୍ୱିଣ୍ଟନ ଡି'କକ୍ ଡକ୍ (୦) ଓ ଅଧିନାୟକ ଲୋକେଶ ରାହୁଲ ୧୬ ରନକରି ଆଉଟ ହୋଇଥିଲେ। ଇମ୍ପାକ୍ଟ ପ୍ଲେୟର ଦେବଦତ୍ତ ପଡ଼ିକାଲ ମଧ୍ୟ ମାତ୍ର ୧୩ ରନର ଯୋଗଦାନ ଦେଇଥିଲେ। ତେବେ ମାର୍କୁସ ଷ୍ଟୋଇନିସ ଓ ନିକୋଲନ ପୁରନ ୪ର୍ଥ ଉଇକେଟରେ ୩୪ ବଲ୍‌ରୁ ୭୦ ରନ ଯୋଗ କରିବାରୁ ଲକ୍ଷ୍ନୌ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିଥିଲା। ପୁରନ ୧୫ ବଲ୍‌ରୁ ୩୪ (୩ ଚୌକା, ୨ ଛକା) ରନକରି ଆଉଟ ହୋଇଥିବାବେଳେ ଷ୍ଟୋଇନିସ ହାସଲ କରିଥିଲେ ଦମ୍‌ଦାର ଶତକ। ୫୬ ବଲ୍‌ରୁ ଶତକ ପୂରଣ କରିଥିବା ଷ୍ଟୋଇନିସ ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ଦଳକୁ ରୋମାଞ୍ଚକ ବିଜୟ ପ୍ରଦାନ କରିଥିଲେ। ସେ ୬୩ଟି ବଲ୍‌ର ସମ୍ମୁଖୀନ ହୋଇ ୧୩ ଚୌକା ଓ ୬ ଛକା ସହାୟତାରେ ୧୨୪ ରନରେ ଅପରାଜିତ ରହିଥିଲେ। ଦୀପକ ହୁଡା ୬ ବଲ୍‌ରୁ ୧୭* ରନ ସଂଗ୍ରହ କରିଥିଲେ। ଚେନ୍ନାଇ ପକ୍ଷରୁ ମାଥିସା ପଥିରାନା ୨ଟି ଏବଂ ଦୀପକ ଚହର ଓ ମୁସ୍ତାଫିଜୁର ରହମନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପର କିଙ୍ଗ୍ସ ୨୦ ଓଭରରେ ୨୧୦/୪ (ଋତୁରାଜ ଗାଏକ୍ୱାଡ୍-୧୦୮*, ଶିବମ୍ ଦୁବେ-୬୬, ମ୍ୟାଟ ହେନରି-୧/୨୮, ମହସିନ ଖାଁ-୧/୫୦, ୟଶ୍ ଠାକୁର-୧/୪୭)। ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୧୯.୩ ଓଭରରେ ୨୧୩/୪ (ମାର୍କୁସ ଷ୍ଟୋଇନିସ-୧୨୪*, ନିକୋଲସ ପୁରନ-୩୪, ମାଥିସା ପଥିରନା-୨/୩୫, ଦୀପକ ଚହର-୧/୧୧, ମୁସ୍ତାଫିଜୁର ରହମନ-୧/୫୧)।



ବିଜୟସୂଚକ ରନ୍ ସ୍କୋର କରିବା ପରେ ଉଲ୍ଲସିତ ମାର୍କୁସ ଷ୍ଟୋଇନିସ୍।

**ଆଇପିଏଲ୍ କାର୍ଯ୍ୟସୂଚୀ**
(ଆଜିର ମ୍ୟାଚ)
ଦିଲ୍ଲୀ ବନାମ ଗୁଜରାଟ
ସ୍ଥାନ: ନୂଆଦିଲ୍ଲୀ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ଆଇପିଏଲ୍ ପଏଣ୍ଟ ଟେବୁଲ**

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୮ | ୭ | ୧ | ୧୪ | +୦.୬୯୮ |
| କୋଲକାତା ନାଇଟ ରାଇଡର୍ସ | ୭ | ୫ | ୨ | ୧୦ | +୧.୨୦୬ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୭ | ୫ | ୨ | ୧୦ | +୦.୯୧୪ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୮ | ୫ | ୩ | ୧୦ | +୦.୧୪୮ |
| ଚେନ୍ନାଇ ସୁପର କିଙ୍ଗ୍ସ | ୮ | ୪ | ୪ | ୮ | +୦.୪୧୫ |
| ଗୁଜରାଟ ଟାଇଟନ୍ସ | ୮ | ୪ | ୪ | ୮ | -୧.୦୫୫ |
| ମୁମ୍ବାଇ ଇଣ୍ଡିଆନ୍ସ | ୮ | ୩ | ୫ | ୬ | -୦.୨୨୭ |
| ଦିଲ୍ଲୀ କ୍ୟାପିଟାଲ୍ସ | ୮ | ୩ | ୫ | ୬ | -୦.୪୭୭ |
| ପଞ୍ଜାବ କିଙ୍ଗ୍ସ | ୮ | ୨ | ୬ | ୪ | -୦.୨୯୨ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୮ | ୧ | ୭ | ୨ | -୧.୦୪୬ |

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ